ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ମାର୍ଚ୍ଚ ୨୦୧୮ ସଂସ୍କରଣ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍


ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣର ପ୍ରଚ୍ଛଦରେ ସ୍ଥାନ ପାଇଛନ୍ତି ସୁଶ୍ରୀ ଶ୍ରେଷ୍ଠା ଶ୍ରୀ ସାହୁ । ମଡେଲିଂକୁ ନିଜର କ୍ୟାରିୟର ଭାବରେ ଗ୍ରହଣ କରିବାକୁ ଇଚ୍ଛୁକ ସୁଶ୍ରୀ ସାହୁଙ୍କ ଅନୁରୋଧକ୍ରମେ ତାଙ୍କର ଏହି ଛବିକୁ ପତ୍ରିକାର ପ୍ରଚ୍ଛଦରେ ପ୍ରକାଶିତ କରାଯାଇଛି । ଆମେ ତାଙ୍କର ସଫଳତା କାମନା କରୁଛୁ ।

# ସୂଚୀପତ୍ର

ସମ୍ପାଦକଙ୍କ କଲମରୁ ୮

## ଗଳ୍ପ ବିଭାଗ

ଅତୀତରୁ ପୃଷ୍ଠାଏ ୧୬
ଗୁପ୍ତେଶ୍ୱର ମହାପାତ୍ର
ମାତୃତ୍ୱ ୧୮
ଗୁପ୍ତେଶ୍ୱର ମହାପାତ୍ର
ରାଗ ଭୈରବୀ ୨୦
ମମତା ଦାଶ
ବାତାବରଣ ୩୪
ପ୍ରମୋଦ କୁମାର ପଣ୍ଡା
ଟ୍ରାଫିକ୍ ୫୩
ଦୀପାଞ୍ଜଳୀ ସାହୁ
ସ୍ୱାର୍ଥପର ମଣିଷ, ସ୍ୱାର୍ଥପର ପ୍ରେମ ୫୫
ପ୍ରଣତୀ ମହାପାତ୍ର
ନଡ଼ିଆ ନ୍ୟାୟ ୬୬
ପଦ୍ମ ଚରଣ ମିଶ୍ର
ପ୍ରଣୟର ସ୍ୱପ୍ନ ୭୦
ନରେଶ କୁମାର ବେହେରା
ଅବଶୋଷ ୮୨
ନୃସିଂହ ଚରଣ ବେହେରା
ବତକ ୮୭
ଜ୍ୟୋତି ରଞ୍ଜନ ସାହୁ
ବିଧାତାର ଖେଳ ୯୨
ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର
ଟିକିଫୁଲ ୯୬
ନିଳାଦ୍ରୀ ବିହାରୀ ନାୟକ
ଶୂନ୍ୟ ହୃଦୟରେ ୧୦୪
ମନୋରଞ୍ଜନ ମୁଦୁଲି
ଏ କି ପ୍ରକାର ଭକ୍ତି ୧୦୯
ରାଧାକାନ୍ତ ଦାଶ
ଏଡ଼ସ ୧୧୬
ଶୁଭକାନ୍ତ ସାହୁ

## ଅନୁବାଦ ସାହିତ୍ୟ

ଅନ୍ତିମ ସଂସ୍କାର ୧୨୧
ଦୀପକ ଷଡ଼ଙ୍ଗୀ
ସ୍ୱୀକୃତି ୧୨୫
ଦେବସ୍ମିତା ବେହେରା
ଉଫ୍... ଇୟେ ଲୈଲା... ୧୩୩
ମଧୁସ୍ମିତା ପଟ୍ଟନାୟକ
ସରଳତା ୧୩୯
ସୁଧାଂଶୁ କୁମାର ଦ୍ୱିବେଦୀ
ଭଲ ପାଇବାର ଆକୃତି ୧୪୪
ସନାତନ ମହାକୁଡ଼

## କବିତା ବିଭାଗ

ଉଠ ଉଠରେ ବୀର ସନ୍ତାନ ୧୪୬
ସାଗର ପ୍ରଧାନ

ନାରୀ ନାରାୟଣୀ ହୁଅ ତୁ ମହାନ ୧୪୮
ସନ୍ତୋଷ ପଟ୍ଟନାୟକ

ବାପା ୧୫୦
ପବିତ୍ର ଦାସ

ପଚାରନା ୧୫୨
ଅଶୋକ କୁମାର ସେଠୀ

ମୁଁ ମାନଗୋବିନ୍ଦ ୧୫୩
ବିକେଶ କୁମାର ସାହୁ

ମହାନ ୧୫୫
ପ୍ରସନ୍ନ କୁମାର ଭୁଏ

ସ୍ଥବିର ସ୍ପନ୍ଦନ ୧୫୭
ଅଶୋକ ବିଶ୍ୱାଳ

ଆସରେ ଟୁନା ଆସରେ ମୁନା ୧୫୯
ସୁଦାମ ଗୌଡ଼

ମିନି କବିତା ୧୬୧
ରଶ୍ମିତା ମହାନ୍ତ

ଆହ୍ୱାନ ୧୬୩
ଡ: ଅସିତ୍ କୁମାର ସ୍ୱାଇଁ

ମାଆ ପାଇଁ ପଦେ ୧୬୫
ଶ୍ରୀଧର ପଟ୍ଟନାୟକ

ବେନାମୀ କବିତା ୧୬୭
ଶୁଭାଶିଷ ମହାରଣା

ସମୁଦ୍ର କେତେ ଦୂର ୧୭୦
ବିନୟ ମହାପାତ୍ର

ହତାଶ ଶିକ୍ଷକ ୧୭୩
ଶୁଭଶ୍ରୀ ନାୟକ

ମନର କଥା ୧୭୬
ଶ୍ରୀରାଜଶେଖର 'ଚିମା'

ଦାନ ୧୭୭
ଶ୍ରୀ ରମାକାନ୍ତ ମିଶ୍ର

ଅବ୍ୟକ୍ତ ଇଲାକା ୧୮୦
କାର୍ତ୍ତିକ ପାଣିଗ୍ରାହୀ

ଝିଅ ୧୮୨
ଅନୁସୂୟା ମିଶ୍ର

କନ୍ୟାଭୃଣର ବେଦନା ୧୮୪
ଜିତେନ୍ଦ୍ର କୁମାର କହଁର

ହେ ଈଶ୍ୱର ୧୮୬
ସୁମିତ୍ରା ରାଉଳ

ହେ ଆକାଶ ୧୮୮
ମାମାଜିନି ପ୍ରଧାନ

ତୁମେ ୧୯୦
ଶୁଭକାନ୍ତ ସାହୁ

ଦୁବ ୧୯୧
କାମଦେବ ମହାରଣା

ଆସ ପ୍ରେମରେ ଭିଜିବା ୧୯୩
ପ୍ରଶାନ୍ତ କୁମାର ନାଥ

ଅତୀତ ୧୯୫
ବରୁଣ କୁମାର ଦାସ

ଶେଷ ପ୍ରେମିକା ୧୯୬
ନିର୍ମଳ କୁମାର ଦଳାଇ

ପୂଜିବା ତ ଶଙ୍କର ୧୯୮
ଡ: ସତ୍ୟ ନାରାୟଣ ମିଶ୍ର

ଏଇ ବୋଧେ ପ୍ରେମ ୧୯୯
ହିମାଂଶୁ ଭୂଷଣ ଜେନା

ଦୁଇଟି ସମ୍ବଲପୁରୀ ଗୀତ ୨୦୦
ଆଶୁତୋଷ ମେହେର

Download Magazine from www.aahwaan.com


ଆଉ କି ସେଦିନ ଆସିବ ୨୦୧
ପଙ୍କଜ ରଣା

ମୋ ମାଆ ୨୦୪
ସସ୍ମିତା ସାହୁ

ପାହାଡ଼ର ଦୁଃଖ ୨୦୫
ଭାଗୀରଥି ଯାନୀ

ପ୍ରେମ ଓ ପ୍ରତାରଣା ୨୦୭
ଅରୁଣ କୁମାର ପାତ୍ର

ସମୟ ୨୧୦
ନିତ୍ୟରଞ୍ଜନ ନନ୍ଦ

ଗୋଟେ ରାସ୍ତାକଡ଼ର ବୁଢ଼ୀ ୨୧୧
ସଞ୍ଜୟ ଦାସ

ଦକ୍ଷିଣା ଟଙ୍କେ ଆଠଣା ୨୧୨
ମନୋରଞ୍ଜନ ମୁଦୁଲି

ତୁମ କଥା ମନେ ପଡ଼େ ୨୧୪
କାହ୍ନୁଚରଣ ସାହୁ

ଓଙ୍କା ୨୧୬
ଓଁକାର ଦାସ

ଛଳନା ପ୍ରେମ ୨୧୭
ସୁଶାନ୍ତ କୁମାର ଧଳ

ପ୍ରେମ ଓ ବିରହ ୨୧୮
ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ମହାନଦୀ ୨୨୧
ଇଂ ସୌମ୍ୟରଞ୍ଜନ ଲେଙ୍କା

ଫଗୁଣ ଆସେ ୨୨୩
ଡା ସନ୍ଧ୍ୟାରାଣୀ ତ୍ରିପାଠୀ

କେବଳ ତୁମପାଇଁ ୨୨୪
ସୁଶ୍ରୀ ମିନତିରାଣୀ ମେଣ୍ଡିଲି

ରାଜକନ୍ୟା ୨୨୫
ସୌମ୍ୟରଞ୍ଜନ ପାଳ

କିଏ ଜଣେ ଆସୁଛି ୨୨୬
ସୁଧାଂଶୁ ଶେଖର ଦ୍ୱିବେଦୀ

ସୁନାନାକୀ ଝିଅ ମାମୁନି ୨୨୭
କଳ୍ପତରୁ ମିଶ୍ର

ତୁଳନା ୨୨୯
ଡମ୍ବରୁଧର ପଟ୍ଟନାୟକ

ଛବିଟିଏ ୨୩୦
ଉମେଶ କୁମାର ବେହେରା

କଳିଯୁଗେ ନର ୨୩୧
ଦୁର୍ଗା ଚରଣ ପ୍ରଧାନ

କୁହୁଳି କାନ୍ଦୁଛି ୨୩୨
ବି. ପ୍ରକାଶ ଚନ୍ଦ୍ର ପାତ୍ର

ଉଷା ୨୩୪
ପ୍ରୀତିନନ୍ଦା ପାଣିଗ୍ରାହୀ

ଆଖିପତା ଖୋଲେନାହିଁ ୨୩୫
ଶୈବାଳିନୀ ସାହୁ

ହେ ନ୍ୟାୟମୂର୍ତ୍ତି ୨୩୬
ବୈଚନ୍ଦ୍ର ମଲ୍ଲିକ

ପ୍ରେମ ଋତୁରେ ୨୪୦
ସତ୍ୟବ୍ରତ ବାରିକ

ନାରୀ ୨୪୧
ଶଙ୍ଖସିନ୍ଧୁ ପୁରୋହିତ


## ପ୍ରବନ୍ଧ ବିଭାଗ


ବାସନ୍ତୀୟ ନବରାତ୍ରୀ ୨୪୩
ପ୍ରତିଭା ପ୍ରିୟଦର୍ଶିନୀ

Download Magazine from www.aahwaan.com


ଉତ୍କଳରେ ସୋମବଂଶୀୟ ଶାସନ ୨୪୮
ଶ୍ରୀ ରବୀନ୍ଦ୍ରନାଥ ସାମଲ

ଜାତିପ୍ରାଣ ଫକୀରମୋହନ ୨୫୬
ଡ: ଲକ୍ଷ୍ମଣ ସାହୁ

ସିରିଆ ସମସ୍ୟା କଣ ? ୨୫୯
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କବୀର ଦୋହାଗୁଚ୍ଛ - ୩ ୨୬୫
ଡା ସୁବାସ ଚନ୍ଦ୍ର ରାଉତ

ଜାତୀୟ ସୁରକ୍ଷା ଦିବସ ୨୭୦
ଶ୍ରୀ ରମାକାନ୍ତ ମିଶ୍ର

ଟ୍ରାଫିକ୍ ନିୟମ ୨୭୬
ଅନନ୍ତ ବାଗ

ଅଙ୍କ ଓ ଜୀବନ ୨୭୯
ଦୀପାଞ୍ଜଳି ସାହୁ

ଆଉ ସେ ମଜା ନାହିଁ ୨୮୧
ବିପ୍ର ନାରାୟଣ ଦାସ

ଜମିଜମା ଓ ସୀମାସରହଦ ୨୮୩
ଶ୍ରୀ ବୈକୁଣ୍ଠନାଥ ଖଟୁଆ

ପରିତ୍ୟକ୍ତ ପଦ୍ମିନୀ ଓ ସ୍ୱାସ୍ଥ୍ୟସେବା ୨୯୩
ବିଜୟଲକ୍ଷ୍ମୀ ରାଉତରାୟ

ଏଣ୍ଟିରୋମାଣ୍ଟିକରେ ମାନବବାଦ ୩୦୫
ଅଧ୍ୟାପିକା ରଞ୍ଜିତା ପାତ୍ର

ବିଶ୍ୱ ମାତୃଭାଷା ଦିବସ ଅନୁଚିନ୍ତା ୩୦୮
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଶିକ୍ଷାବ୍ୟବସ୍ଥାର ଦୂରାବସ୍ଥା ୩୧୪
ଦମୟନ୍ତୀ ଜେନା

ଓଡ଼ିଶା ଅବହେଳିତ କାହିଁକି ? ୩୧୮
ବନଜ କୁମାର ପାଣିଗ୍ରାହୀ

ଭୟରୁ ଈଶ୍ୱର ସୃଷ୍ଟି ୩୨୭
ବାଲ୍ମୀକି ନାୟକ


## ଗଳ୍ପସ୍ପର୍ଦ୍ଧା ବିଭାଗ


ସଂସାର ୩୩୨
ଶ୍ରଦ୍ଧାଞ୍ଜଳୀ ମିଶ୍ର

ମୋ ସନ୍ଦେହୀ ପ୍ରିୟା ୩୩୫
ସିପ୍ରା ନାମତା

ଚାକିରୀ ୩୪୨
ଅଶୋକ କୁମାର ସେଠୀ

କି ଭୂଲ କଲା ସେ ? ୩୬୯
ବିକେଶ କୁମାର ସାହୁ

ବିଧିର ବିଧାନ ୩୭୩
ସୁବଳ ମହାପାତ୍ର

ଅଭିମାନିନୀ ୩୮୭
ଚମ୍ପେଶ୍ୱର ସନବର୍ଷିଆ

ଯଦି ହୋଇଥାନ୍ତା ସତ ୩୯୩
ଜିତେନ୍ଦ୍ର କୁମାର କହଁର

ନିରବତାର ଅନ୍ତଃସ୍ୱର ୪୦୧
ଭାଗୀରଥି ଯାନୀ

ଦାୟିତ୍ୱ ଓ ପ୍ରେମ ୪୦୬
ପ୍ରଶାନ୍ତ କୁମାର ନାଥ

କର୍ତ୍ତବ୍ୟ ୪୧୦
ଡ: ସଂଘମିତ୍ରା ମହାପାତ୍ର

ସିପୁ ୪୧୫
ଅରବିନ୍ଦ ଆଚାର୍ଯ୍ୟ

ଏକ ଆଦର୍ଶ ସମାଜର ସ୍ୱପ୍ନ ୪୨୧
ଶୁଭକାନ୍ତ ସାହୁ

# ସମ୍ପାଦକଙ୍କ କଲମରୁ...



✍ ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନମସ୍କାର

ଆହ୍ୱାନର ମାର୍ଚ୍ଚ ମାସର ସଂସ୍କରଣ ସହିତ ଉପସ୍ଥିତ ହୋଇଛି । ତ୍ରୟୋଦଶ ବର୍ଷର ତୃତୀୟ ସଂସ୍କରଣ ହୋଇଥିବା ବେଳେ ଏହା ବିଗତ ସଂସ୍କରଣ ଭଳି ଆପଣମାନଙ୍କୁ ଭଲ ଲାଗିବ ବୋଲି ଆଶା ।

ପତ୍ରିକାରେ ପ୍ରବେଶ କରିବାପୂର୍ବରୁ ଆସନ୍ତୁ ଦୃଷ୍ଟି ପକାଇବା ବିଗତ ମାସରେ ଘଟିଥିବା କିଛି ପ୍ରମୁଖ ଘଟଣା ଉପରେ ।

## ତ୍ରିପୁରାରେ ବିଜେପି ସରକାର

ବିଗତ ଦିନରେ ଭାରତର ଉତ୍ତରପୂର୍ବର ତିନୋଟି ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହୋଇଥିଲା । ଏଥିରେ ଦୁଇଟି ରାଜ୍ୟରେ ଭାରତୀୟ ଜନତା ପାର୍ଟି ସଂଖ୍ୟା ଗରିଷ୍ଠତା ପାଇଥିବା ବେଳେ ସେହି ଦୁଇ ରାଜ୍ୟରେ କଂଗ୍ରେସର କୌଣସି ପ୍ରତ୍ୟାଶି ଜିତିବାକୁ ସଫଳ ହୋଇନାହାନ୍ତି । ଆଶ୍ଚର୍ଯ୍ୟଜନକ ଭାବରେ ତ୍ରିପୁରାରେ ଦୀର୍ଘ ତିନିଦଶନ୍ଧି ଧରି ଚାଲୁଥିବା ବାମପନ୍ଥୀ ସରକାରକୁ ଜନତା ସରକାରରୁ ବିତାଡ଼ିତ କରି ବିଜେପିକୁ ସଂଖ୍ୟା ଗରିଷ୍ଠତା ଦେଇଛନ୍ତି ।

ଏହା ସହିତ ଭାରତରେ ବର୍ତ୍ତମାନ କେବଳ କେରଳରେ ହିଁ ବାମପନ୍ଥୀ ସରକାର ରହିଥିବା ବେଳେ ଅନ୍ୟ କୌଣସି ରାଜ୍ୟରେ ସରକାର ଗଠନ କରିନାହାନ୍ତି କିମ୍ବା କରିବା ଭଳି କୌଣସି ସୂଚନା ମିଳୁନାହିଁ ।

ଏହି ବିଧାନସଭା ନିର୍ବାଚନ ଫଳାଫଳରେ ଦୁଇଟି ରାଜ୍ୟର ଜନତା ସମ୍ପୂର୍ଣ୍ଣ ଭାବରେ କଂଗ୍ରେସକୁ ଅନାବଶ୍ୟକ କରିଦେଇଛନ୍ତି ।

ଦିନଥିଲା ଭାରତରେ ଅନ୍ୟୁନ ଷୋହଳଟି ରାଜ୍ୟରେ କଂଗ୍ରେସ ଶାସନ ଥିବା ବେଳେ ବର୍ତ୍ତମାନ ମାତ୍ର ଚାରୋଟି ରାଜ୍ୟରେ କଂଗ୍ରେସ ଶାସନ କରୁଛନ୍ତି । ଏହା ନବ ନିର୍ବାଚିତ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ରାହୁଲ ଗାନ୍ଧୀଙ୍କ କ୍ରମାଗତ ଭାବେ ପରାଜୟ ବରଣ କରିବାର ତାଲିକାକୁ ଲମ୍ବା

 Download Magazine from www.aahwaan.com

କରିଦେଇଛି ଯାହା ।

## ଶ୍ରୀଲଙ୍କାରେ ଗୃହଯୁଦ୍ଧର ଆଶଂକା

ବିଗତ ଦିନରେ ସୋସିଆଲ୍ ନେଟୱର୍କର ବ୍ୟବହାର କରି ଶ୍ରୀଲଙ୍କା ଭଳି ଏକ ଶାନ୍ତିପ୍ରିୟ ଦେଶରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବାର ପ୍ରୟାସ କରାଯାଇଛି । ସୂଚନାଯୋଗ୍ୟ ଯେ ଶ୍ରୀଲଙ୍କାର ପ୍ରମୁଖ କାଣ୍ଡି ସହରାଞ୍ଚଳରେ ସ୍ଥିତ ଦିଗାନା ନାମକ ଅଞ୍ଚଳରେ ଏକ ରାସ୍ତା ଦୁର୍ଘଟଣା ପରେ ସୃଷ୍ଟି ହୋଇଥିବା ଏକ ଗଣ୍ଡଗୋଳରେ କିଛି ଏକତ୍ରିତ ମୁସଲମାନ ଯୁବକଙ୍କ ଆକ୍ରମଣରେ ଜଣେ ସିଂହଳୀ ଯୁବକଙ୍କ ମୃତ୍ୟୁପରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଏବଂ ଏହାର ସୁଯୋଗ ନେଇ କିଛି ରାଜନୈତିକ ଗୋଷ୍ଠୀ ଏକ ଭିଡ଼ିଓରେ ଦେଖାଇଥିଲେ ଯେ ଦିଗାନା ଅଞ୍ଚଳରେ ଥିବା ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ କେବଳ ମୁସଲମାନ ମାନଙ୍କ ଦ୍ୱାରା ହିଁ ପରିଚାଳିତ ତେଣୁ ସେମାନେ ଯଦି ଆଗରୁ ଏହା ବିରୋଧରେ କିଛି ପଦକ୍ଷେପ ନେଇଥାନ୍ତେ ତା ହେଲେ ସେହି ଅଞ୍ଚଳରେ ମୁସଲମାନ ମାନଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇନଥାନ୍ତା ଏବଂ ସେହି ମୁସଲମାନ ମାନେ ସ୍ଥାନୀୟ ସିଂହଳୀ ଲୋକଙ୍କୁ ଆକ୍ରମଣ କରୁଛନ୍ତି ବୋଲି ସେହି ଭିଡ଼ିଓରେ ଦେଖାଯାଇଥିଲା । ଏହି ଭିଡ଼ିଓ ଖୁବ୍ ତୀବ୍ରବେଗରେ ପ୍ରସାରିତ (ଭାଇରାଲ୍) ହେବାପରେ ଦିଗାନାରେ ହିଂସା ବ୍ୟାପୀ ଯାଇଥିଲା ଏବଂ ଏହାଦ୍ୱାରା ସେହି ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ମସଜିଦ୍, ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଆଦିକୁ ନଷ୍ଟ କରିଦେବା ସହ ଦୁଇଜଣ ପ୍ରାଣ ହରାଇଥିଲେ ।

ଏହା ପରେ ଶ୍ରୀଲଙ୍କା ସରକାର ଜରୁରୀକାଳୀନ ଆଇନ ଲାଗୁ କରି ସେହି ଅଞ୍ଚଳରେ ସୈନ୍ୟବାହିନୀ ମୃତୟନ କରିଥିଲେ ଏବଂ ପରେ ପରିସ୍ଥିତି ସାମାନ୍ୟ ହୋଇଥିଲେ ସୁଦ୍ଧା ଏହାକୁ ନେଇ ହିଂସାକାଣ୍ଡ ପୁଣିଥରେ ସଂଘଟିତ ହୋଇପାରେ ବୋଲି ଗୋଇନ୍ଦା ସୂତ୍ରରୁ ପ୍ରକାଶ ପାଇବା ପରେ ଦେଶର ଅନେକ ଧାର୍ମିକ ସଂଗଠନ ଏହାକୁ ନେଇ ଚିନ୍ତା ପ୍ରକାଶ କରିବା ସହ ଏହି ଦ୍ୱୀପରେ ଶାନ୍ତି ପାଇଁ ପ୍ରଚେଷ୍ଟା କରୁଛନ୍ତି ।

## ଇଚ୍ଛାମୃତ୍ୟୁକୁ ସୁପ୍ରିମ କୋର୍ଟଙ୍କ ହଁ

ବିଗତ ଦିନରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ

 Download Magazine from www.aahwaan.com

ମୃତ୍ୟୁର ଦ୍ୱାରଦେଶରେ ଥିବା ଏବଂ ଜୀବନ ପାଇଁ କୌଣସି ଆଶା ନଥିବା ବ୍ୟକ୍ତିଙ୍କୁ ଚାହିଁଲେ ଇଚ୍ଛାମୃତ୍ୟୁ (ୟୁଥାନାସିଆ) ଦିଆଯାଇପାରେ । ଅବଶ୍ୟ ଏଥିପାଇଁ ସରକାରୀ ନୀତିନିୟମ ମାନି ଏବଂ ଅଦାଲତଙ୍କଠାରୁ ଅନୁମତି ଆଣିବାକୁ ପଡ଼ିପାରେ । କିନ୍ତୁ ଇଚ୍ଛାମୃତ୍ୟୁ ଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣି ହୋଇଥିବା ନିଶ୍ଚୟ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅନେକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତରଙ୍କ ମତ ।

ବେଳେ ବେଳେ ଏମିତି କିଛି ରୋଗୀ ଦେଖାଯାଆନ୍ତି, ଯେଉଁମାନଙ୍କୁ ବଞ୍ଚାଇ ରଖିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼େ ଅଥଚ ସେମାନେ ବଞ୍ଚିବାର କୌଣସି ଉପାୟ ନଥାଏ, ଏବଂ ସେମାନେ ବହୁତ କଷ୍ଟ ଭୋଗୁଥାନ୍ତି, ସେହିପରି କର୍କଟ ରୋଗରେ ପୀଡ଼ିତ କିମ୍ବା ରାସ୍ତାଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନେ ବେଳେ ବେଳେ ହତୋତ୍ସାହିତ ହୋଇ ମୃତ୍ୟୁପାଇଁ ଆବେଦନ କରିଥାନ୍ତି । କିନ୍ତୁ ନୈତିକତା ଦାୟରୁ ସେମାନଙ୍କୁ ଆମେ ବଞ୍ଚାଇ ରଖିବାର ସମସ୍ତ ପ୍ରୟାସ କରୁ, ଏଥିରେ ସଫଳତା ମିଳେ ନାହିଁ, ଏବଂ ରୋଗୀଟି ଅଧିକ କଷ୍ଟ ସହି ବଞ୍ଚିରହିବାକୁ ବାଧ୍ୟ ହୁଏ । ସେହିସ୍ଥଳରେ ଏବେ ଲୋକମାନେ ବିଚରାଳୟର ଦ୍ୱାରସ୍ଥ ହୋଇ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିପାରିବେ ।

## ୧୨ ବର୍ଷରୁ କମ କନ୍ୟା ବଳାତ୍କାରରେ ଫାଶୀ ଦଣ୍ଡ

ବିଗତ ଦିନରେ ରାଜସ୍ଥାନ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରୀ କରିଛନ୍ତି ଏବଂ ଏଥିରେ ଉଲ୍ଲେଖ ରହିଛି ଯେ ୧୨ ବର୍ଷରୁ କମ ବୟସର କନ୍ୟା ସହିତ ଯଦି କେହି ଦୁଷ୍କର୍ମ କରନ୍ତି ତା ହେଲେ ତାଙ୍କୁ ଫାଶୀ ଦଣ୍ଡ ଦିଆଯାଇ ପାରେ । ଏହିପରି ଘୃଣ୍ୟ ଅପରାଧୀ ପ୍ରତି କୌଣସି ପ୍ରକାର କୋହଳ ମନୋଭାବ ଦର୍ଶାଇବାକୁ ମନା କରିଦିଆଯାଇଛି ।

## ଶ୍ରୀଦେବୀ ଆଉ ନାହାନ୍ତି

ବଲିଉଡ୍ ଇଣ୍ଡଷ୍ଟ୍ରୀର ପ୍ରମୁଖ ଏବଂ ଅନେକ ସଫଳ ଚଳଚ୍ଚିତ୍ରର ଅଭିନେତ୍ରୀ ଶ୍ରୀଦେବୀଙ୍କ ବିଗତ ମାସ ୨୪ ତାରିଖରେ ଦୁବାଇର ଏକ ହୋଟେଲରେ ଅସ୍ୱାଭାବିକ ଭାବରେ ମୃତ୍ୟ ହୋଇ ଯାଇଛି । ସୂଚନାଯୋଗ୍ୟ ଯେ ୫୪ ବର୍ଷିୟା ଶ୍ରୀଦେବୀ ନିଜ ଜୀବନର ୫୦ ବର୍ଷ ହିନ୍ଦୀ ସିନେମା ଜଗତକୁ ଦେଇଛନ୍ତି । ଅତି ଅଳ୍ପ ବୟସରୁ ସେ ସିନେମାରେ କାମ କରୁଛନ୍ତି । ଅନେକ ହିନ୍ଦୀ ଚଳଚ୍ଚିତ୍ରରେ ସେ ଉଲ୍ଲେଖନୀୟ

 Download Magazine from www.aahwaan.com

ଅଭିନୟ କରିବା ହେତୁ ତାଙ୍କୁ ଲେଡ଼ି ଅମିତାଭ ବୋଲି ମଧ୍ୟ କୁହାଯାଉଥିଲା । ସେ ନିର୍ମାତା ବୋନୀ କପୁରଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ଦୁଇଟି କନ୍ୟା ସନ୍ତାନ ଥିଲେ ।

ଅନେକ ବର୍ଷ ସେ ସିନେମା ଅଭିନୟରୁ ଦୂରରେ ରହିବାପରେ ଇଂଲିଶ୍ ବିଂଲିସ୍ ଚଳଚ୍ଚିତ୍ରରେ ପ୍ରତ୍ୟାବର୍ତ୍ତନ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ ଏବଂ ପରେ ପରେ ମମ୍ ଚଳଚ୍ଚିତ୍ରରେ ନିଜ ଅଭିନୟ ପାଇଁ ବହୁ ପ୍ରଶଂସିତ ହୋଇଥିଲେ । ନିଜକୁ ସବୁବେଳେ ସୁନ୍ଦର କରି ରଖିବାପାଇଁ ପ୍ରଚେଷ୍ଟାରେ ସେ ନିଜ ଉପରେ ୨୯ ଥର ଅସ୍ତ୍ରୋପଚାର କରିଥିଲେ ।

ଜୀବନରେ ଶେଷ ଦିନ ସେ ଦୁବାଇର ଏକ ହୋଟେଲରେ ରହୁଥିବା ବେଳେ ନିଶାଶକ୍ତ ଅବସ୍ଥାରେ ବାଥଟବରେ ଟଳି ପଡ଼ି ଶ୍ବାସ ଅବରୋଧ ହୋଇ ପ୍ରାଣ ହରାଇଥିଲେ । ଏହି ମୃତ୍ୟୁକୁ ପ୍ରଥମେ ହୃଦଘାତ ବୋଲି କୁହାଯାଉଥିବା ବେଳେ ଦିନଟିଏ ପରେ ମୃତ୍ୟୁର ପ୍ରମୁଖ କାରଣ ଜଣାପଡ଼ିଥିଲା । ମୃତ୍ୟୁର ତିନିଦିନ ପରେ ଶ୍ରୀଦେବୀଙ୍କ ମୃତଶରୀରକୁ ବିମାନ ଯୋଗେ ମୁମ୍ବାଇ ଅଣାଯାଇ ରାଷ୍ଟ୍ରୀୟ ସମ୍ମାନର ସହ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

ଶ୍ରୀଦେବୀଙ୍କ କ୍ଷତି ସମୁଦାୟ ଭାରତୀୟ ସିନେମା ଶିଳ୍ପ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

## ଓଡ଼ିଶା ସରକାରଙ୍କ ଦ୍ୱାର ବାଳିକାମାନଙ୍କୁ ମାଗଣାରେ ପ୍ୟାଡ୍

ଓଡ଼ିଶା ସରକାର ଏକ ନିଷ୍ପତ୍ତି ନେଇ ଘୋଷଣା କରିଛନ୍ତି ଯେ ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷା ଗ୍ରହଣ କରୁଥିବା ଛଅ ଶ୍ରେଣୀରୁ ବଡ଼ କନ୍ୟାମାନଙ୍କୁ ସରକାରଙ୍କ ତରଫରୁ ପ୍ରତ୍ୟେକ ମାସରେ ସାନିଟାରୀ ନ୍ୟାପକିନ୍ ମାଗଣାରେ ଯୋଗାଇ ଦିଆଯିବ । 'ଖୁଶି' ନାମକ ଏହି ଯୋଜନା ଅନ୍ତର୍ଭୁକ୍ତ ରାଜ୍ୟର  ଅନ୍ୟୁନ ସତର ଲକ୍ଷ ଛାତ୍ରୀ ସ୍ୱାସ୍ଥ୍ୟକର ଭାବରେ ମାସିକ ଋତୁସ୍ରାବ ସମୟରେ ହେଉଥିବା ଅନେକ ଅସୁବିଧାରୁ ମୁକ୍ତି ପାଇବେ ଏବଂ ସ୍ୱାସ୍ଥ୍ୟରେ ଅବନତି ଘଟିବ ନାହିଁ । ଏଥିପାଇଁ ସରକାର ବାର୍ଷିକ ୭୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ଅଟକଳ ଧାର୍ଯ୍ୟ କରିଛନ୍ତି ।

ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପକୁ ବଲିଉଡ଼ ଅଭିନେତା ଅକ୍ଷୟ କୁମାର ଭୂରି ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ ବିଗତ ମାସରେ ଅକ୍ଷୟକୁମାର ଅଭିନିତ ପ୍ୟାଡ଼ମାନ୍ ବିଭିନ୍ନ ପ୍ରେକ୍ଷାଗୃହରେ

Download Magazine from www.aahwaan.com

ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ଅକ୍ଷୟକୁମାରଙ୍କ ପ୍ରଶଂସା ପାଇଁ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ବିଜେପୁରରେ ଜିତିଲା ବିଜେଡ଼ି

ଓଡ଼ିଶାର ବିଜେପୁରରେ ହୋଇଥିବା ମଧ୍ୟବର୍ତ୍ତିକାଳୀନ ବିଧାନସଭା ନିର୍ବାଚନ ପାଇଁ ରାଜ୍ୟରେ ରାଜନୀତି ପ୍ରବଳ ହୋଇଥିଲା, ଏହି ସମୟରେ ମୁଖ୍ୟମନ୍ତ୍ରୀକୁ ଚପଲ ମାଡ଼, ଅଣ୍ଡା ମାଡ଼ ଇତ୍ୟାଦି ଘଟଣା ବି ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସଚିବ ଶ୍ରୀଯୁକ୍ତ କାର୍ତ୍ତିକେୟନ୍ ପାଣ୍ଡିଆନଙ୍କ ସରକାରୀ ବାସଭବନରେ ବିଜେପି ଦ୍ୱାରା ଭଙ୍ଗାରୁଜା ବି କରାଯାଇଥିଲା । ଏହି ସବୁ ସତ୍ତ୍ୱେ ବିଜେପିର କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ଦ୍ୱାରା ପ୍ରଚାର କରାଯାଇଥିବା ସତ୍ତ୍ୱେ ପ୍ରାୟ ପଚାଶ ହଜାର ଭୋଟର ବ୍ୟବଧାନରେ ବିଜେଡ଼ି ପ୍ରାର୍ଥୀ ରିତା ସାହୁ ବିଜୟୀ ହୋଇଥିଲେ । ଏହାପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଶାନ୍ତି ଓ ପ୍ରଗତିକୁ ପ୍ରାଥମିକତା ଦିଆଯିବ ବୋଲି କହିଥିଲେ ।

## ଅଚ୍ୟୁତ ସାମନ୍ତ ଓ ସୌମ୍ୟରଞ୍ଜନ ପଟ୍ଟନାୟକ ବିଜେଡ଼ିରେ ସାମିଲ

ଆମ ଓଡ଼ିଶା ଏବଂ ସମ୍ବାଦର ସର୍ବେସର୍ବା ତଥା ଏକଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧ କରୁଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ଆଶ୍ଚର୍ଯ୍ୟଜନକ ଭାବରେ ବିଗତ ଦିନରେ ବିଜେଡ଼ିରେ ଯୋଗ ଦେଇଛନ୍ତି । ସବୁବେଳେ ସରକାରଙ୍କ ବିଭିନ୍ନ ପଦକ୍ଷେପକୁ ଆକ୍ଷେପ କରୁଥିବା ଏବଂ ବିରୋଧ କରୁଥିବା ସୌମ୍ୟବାବୁ ଏହିପରି କରିବାର କାରଣ ମଧ୍ୟ ସଙ୍ଗେ ସଙ୍ଗେ ଜଣା ପଡ଼ିଛି । ବିଗତ ଆଠ ତାରିଖ ସକାଳେ ସେ ବିଜେଡ଼ିରେ ଯୋଗ ଦେଲେ ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବାପରେ ସନ୍ଧ୍ୟାରେ ସେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ଭାବରେ ରାଜ୍ୟସଭ ପାଇଁ ମନୋନିତ ହୋଇଛନ୍ତି ।

ସେହିପରି ଭୁବନେଶ୍ୱର ସ୍ଥିତ କିଟ୍, କିସ୍ ଓ ଅନେକ ଶିକ୍ଷାନୁଷ୍ଠାନର ମାଲିକ ଶ୍ରୀ ଅଚ୍ୟୁତ ସାମନ୍ତ ମଧ୍ୟ ବିଜେଡ଼ିରେ ଯୋଗ ଦେଇଛନ୍ତି ଏବଂ ସେ ମଧ୍ୟ ରାଜ୍ୟସଭାପାଇଁ ବିଜେଡ଼ି ତରଫରୁ ମନୋନୀତ ହୋଇଛନ୍ତି ।

ଅନେକ ବର୍ଷ ଧରି ଦଳପ୍ରତି ଆନୁଗତ୍ୟ ଥିବା ଅନେକ କର୍ମୀ ଓ ନେତା ଏଥିରେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ ସୁଦ୍ଧା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିବାକୁ କେହି ସାହାସ କରିନଥିବେ ବୋଲି

Download Magazine from www.aahwaan.com

ଆମେ ମନେ କରୁ ।

## ଚୀନ୍ ବିଦେଶମନ୍ତ୍ରୀ କହିଲେ ଭାରତ ସହ ସମ୍ପର୍କ

ଭାରତର ପାକିସ୍ତାନପ୍ରତି ଥିବା ଆଭିମୁଖ୍ୟକୁ ସର୍ବଦା ସମାଲୋଚନା କରି ଆସୁଥିବା ଚୀନ୍ ବିଗତ ଦିନରେ ନିଜର ମତରେ ପରିବର୍ତ୍ତନ କରିଛି । ସୂଚନାଯୋଗ୍ୟ ଯେ କିଛି ଦିନତଳେ ଚୀନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଚୀନର ବିଦେଶ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ ଦକ୍ଷିଣ ଏସିଆର ଦୁଇ ବୃହତ ଶକ୍ତି ଭାରତ ଓ ଚୀନ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ରହିବା ଅତ୍ୟନ୍ତ ଜରୁରୀ । ଏହା ଦ୍ୱାରା ଉଭୟ ଦେଶର ହିତ ସାଧନ ହେବ ଏବଂ ଉନ୍ନତି ହୋଇପାରିବ । ପ୍ରଥମଥର ପାଇଁ ଚୀନ ସରକାରଙ୍କ କୌଣସି ମନ୍ତ୍ରୀ ଏହିପ୍ରକାରର ମନ୍ତବ୍ୟ ଦେଇଥିବାରୁ ଚୀନର ଆଭିମୁଖ୍ୟରେ ପରିବର୍ତ୍ତନ ଆସୁଥିବା କଥା ବୁଦ୍ଧିଜୀବିମାନେଛ ଦେଉଚନ୍ତି ।

## ଅରବିନ୍ଦ ମୁଦୁଲି ଆଉ ନାହାନ୍ତି

ଓଡ଼ିଆ ଭଜନ ଜଗତର ଜଣେ ପ୍ରମୁଖ ଗାୟକ, ସଂଗୀତଜ୍ଞ ଓ ଭକ୍ତ ଶ୍ରୀ ଅରବିନ୍ଦ ମୁଦୁଲିଙ୍କ ଅକାଳ ମୃତ୍ୟୁରେ ଓଡ଼ିଆ ଭଜନ ଜଗତରେ ଏକ ବିଶାଳ ଅଭାବ ପରିଲକ୍ଷିତ ହୋଇଛି । ସୁଚନାଯୋଗ୍ୟ ଯେ ଶ୍ରୀ ମୁଦୁଲିଙ୍କ ହୃଦଘାତରେ ପ୍ରାଣବାୟୁ ଚାଲି ଯାଇଥିଲା । କିଛିଦିନ ତଳେ ସେ ନିଜ ପୁଅର ବିବାହ ପାଇଁ ଉତ୍ସାହିତ ହୋଇ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟରେ ବ୍ୟସ୍ତ ଥିଲେ କିନ୍ତୁ ତାଙ୍କର ହଠାତ୍ ନିଧନରେ ସମସ୍ତ ଓଡ଼ିଶା ସ୍ତବ୍ଧ ହୋଇଯାଇଥିଲେ । କୌଣସି ପ୍ରକାର ରୋଗବୈରାଗରେ ନ ପଡ଼ି ସେ ମୃତ୍ୟୁବରଣ କରିଥିବା ହେତୁ ସମସ୍ତେ ଦୁଃଖ ଅନୁଭବ କରୁଥିଲେ ।

## ସିଙ୍ଗାପୁରରେ ନାକ କଟାଇଲେ ରାହୁଲ ଗାନ୍ଧୀ

ବିଗତ ଦିନରେ ସିଙ୍ଗାପୁରର ଏକ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ଇଣ୍ଡିଆ ଏଟ୍ ୭୦' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ଜାତୀୟ କଂଗ୍ରେସ ସଭାପତି, ତଥା ସାଂସଦ ଶ୍ରୀ ରାହୁଲ ଗାନ୍ଧୀ ଅପଦସ୍ତ ହୋଇଛନ୍ତି । ଉପସ୍ଥିତ ଶ୍ରୋତା ଏବଂ ଦର୍ଶକ ମାନଙ୍କ ପ୍ରଶ୍ନର ସମୁଚିତ ଉତ୍ତର ନ ଦେଇ ପାରି ସେ ଅପମାନିତ ହେବାପରେ ତାଙ୍କର ଏହି କାର୍ଯ୍ୟକ୍ରମର ଭିଡ଼ିଓକୁ ସମ୍ପାଦନା କରାଯାଇ ଏମିତି ଭାବରେ ପରିବେଷଣ କରାଗଲା ସତେ ଯେମିତି ରାହୁଲ ଗାନ୍ଧୀ ଅତି ଚତୁରତାର ସହ

 Download Magazine from www.aahwaan.com

ସମସ୍ତ ପ୍ରଶ୍ନର ଉତ୍ତର ଦେଇଛନ୍ତି କିନ୍ତୁ ଏହି କାର୍ଯ୍ୟକ୍ରମର ପ୍ରକୃତ ଭିଡ଼ିଓ ପ୍ରସାରଣ ହେବାପରେ କଂଗ୍ରେସ ତରଫରୁ କରାଯାଇଥିବା ଏହି କାର୍ଯ୍ୟକୁ ଗଣମାଧ୍ୟମ ତଥା ସୋସିଆଲ୍ ମିଡ଼ିଆରେ ନିନ୍ଦା କରାଯାଇଛି ।

ସୂଚନାଯୋଗ୍ୟ ଯେ ସିଙ୍ଗାପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଜନୈକ ବ୍ୟକ୍ତି ପ୍ରଶ୍ନ କରିଥିଲେ ଯେ ଗାନ୍ଧୀ ପରିବାରର ସଦସ୍ୟମାନେ ଶାସନରେ ଥିବା ସମୟରେ ଭାରତର ବାଣିଜ୍ୟିକ ଅଭିବୃଦ୍ଧି ସନ୍ତୋଷଜନକ କାହିଁକି ନଥିଲା ଏହାର ଉତ୍ତରରେ ରାହୁଲ ଗାନ୍ଧୀ ପ୍ରଶ୍ନ କରୁଥିବାର ଶୁଣାଯାଉଥିଲା ଯେ ୨୦୦୪ରୁ ରାହୁଲ ଗାନ୍ଧୀଙ୍କର ଦେଶ ପାଇଁ କୌଣସି ଅବଦାନ ଅଛି ନା ନାହିଁ । ଆମେ ମଧ୍ୟ ଚିନ୍ତାରେ ପଡ଼ି ଯାଇଛୁ, ଏହାର ଅର୍ଥ କଣ ହୋଇପାରେ ? ଏବଂ ସେ ଏମିତି କାହିଁକି ଉତ୍ତର ଦେଇଥିଲେ । ସେ ଯାହେଉ କାର୍ଯ୍ୟକ୍ରମକୁ ସଂଚାଳନ କରୁଥିବା ଉଦ୍ୟୋକ୍ତାଙ୍କ ଉପସ୍ଥିତ ବୁଦ୍ଧିଯୋଗୁଁ ରାହୁଲଙ୍କୁ ବିରାଟ ଧରଣର ଅପଦସ୍ଥ ହେବାରୁ ସେ ବଞ୍ଚାଇ ଦେଇଥିଲେ ସତ କିନ୍ତୁ ତାହା ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଗଲା ପରେ ଏବେ ସମସ୍ତେ କହୁଛନ୍ତି ଯେ ବିଦେଶରେ ଯାଇ ରାହୁଲ ଗାନ୍ଧୀ ଅପମାନିତ ହୋଇଛନ୍ତି ।

ଚଳିତ ମାସର ଆହ୍ୱାନ ଆଶା କରୁଛି ଆପଣମାନଙ୍କୁ ଆମୋଦିତ କରିବ । ଏଥିରେ ପ୍ରକାଶିତ ସମସ୍ତ ଆଲେଖ୍ୟ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

**ଆଗାମୀ ସଂସ୍କରଣ ନିମନ୍ତେ ଲେଖା ପଠାଇବାର ଶେଷ ତାରିଖ**

# ଅପ୍ରେଲ ୩ ତାରିଖ (ମଙ୍ଗଳବାର)

# ଗଳ୍ପ ବିଭାଗ

Download Magazine from www.aahwaan.com

# ଅତୀତରୁ ପୃଷ୍ଠାଏ



ଗୁପ୍ତେଶ୍ୱର ମହାପାତ୍ର

ମାନସୀ ତନ୍ଦ୍ରା ତନ୍ଦ୍ରାରେ ହସ୍ପିଟାଲ୍ ମେଇନ ଗେଟରେ ପଶିଲା ବେଳକୁ, ସାମ୍ନାରୁ ଜଣେ ବ୍ୟକ୍ତି ଆସୁଥିଲେ । ବାଳ ନୁଖୁରା, ପୋଷାକ ଅବ୍ୟବସ୍ଥିତ, ଦାଢ଼ୀ ସାମାନ୍ୟ ପାଚି ଯାଇଛି, କଳା ଫ୍ରେମର ଚଷମାଟିଏ ପିନ୍ଧିଛନ୍ତି ବ୍ୟକ୍ତି ଜଣକ । ଲେଖକ ବା ସାମ୍ବାଦିକ ଭଳି ଦେଖାଯାଉଛନ୍ତି । ଗୋଟିଏ କ୍ଷଣ ପାଇଁ ଦୁହିଁଙ୍କ ଆଇ କନ୍‌ଟାକ୍ଟ (eye-contact) ହେଲା । ବ୍ୟକ୍ତି ଜଣକ ସ୍ମିତହାସ୍ୟ ସହିତ ଆଗେଇଗଲେ । ମାନସୀକୁ ଟିକିଏ ଚିହ୍ନା ଚିହ୍ନା ଲାଗିଲା ସେ ମୁହଁଟି । ସେ ପୁଣି ଆଗେଇଗଲା ICU ଆଡ଼େ । ତା'ର ସାତ ବର୍ଷର ଝିଅର ଅପରେସନ ଚାଲିଛି, ତାକୁ ରକ୍ତ ଦରକାର । ହସ୍ପିଟାଲର ରକ୍ତ ଭଣ୍ଡାରରେ ରକ୍ତ ନାହିଁ । ତାର ଚିହ୍ନା ପରିଚୟ ସମସ୍ତେ ରକ୍ତ ଯୋଗାଡ଼ ପାଇଁ ଦୌଡ଼ାଦୌଡ଼ି କରୁଛନ୍ତି । କିନ୍ତୁ କିଛି ଫଳ ମିଳିନି ଏ ଯାଏଁ । ସ୍ୱାମୀ ସିଂଗାପୁରରୁ ଆସୁଛନ୍ତି ଝିଅ ପାଇଁ ।

ମାନସୀ ଯାଇ ପହଂଚିଲା ICU ରେ । ମାନସୀର ବାପା ବାହାରେ ବସିଥାନ୍ତି । ଝିଅକୁ ଦେଖି ଖୁସିରେ ଉଠିଗଲେ ଓ କହିଲେ, "ମା'ରେ ! ରକ୍ତ ମିଳିଗଲା, ଜଣେ ଲୋକ ଆସିଥିଲେ ଓ ରକ୍ତ ଦେଇଗଲେ ।"

ମାନସୀ: କିଏ ରକ୍ତ ଦେଲେ ?

ବାପା : ଜାଣିନି ।

ମାନସୀ ଯାଇ ରେଜିଷ୍ଟ୍ରିରେ ଦେଖିଲା କୌତୁହଳବଶତଃ । ସୁବ୍ରତ ବୋଲି ସ୍ୱାକ୍ଷର କରିଥିଲେ । ସେ ଚିହ୍ନିଛି ଏଇ ନାଆଁକୁ ଓ ଏହି ସ୍ୱାକ୍ଷରକୁ । ସେ ବସିଗଲା ଚୌକି ଉପରେ ।

ଚିନ୍ତାରେ ମଗ୍ନ ସେ । ସିଂଗାପୁରରୁ ଫ୍ଲାଇଟ୍‌ରେ ଆସି ହସ୍ପିଟାଲରେ ପହଞ୍ଚିଲେ ତା' ସ୍ୱାମୀ ଓ ତାକୁ ଝିଅ ବିଷୟରେ ପଚାରିଲେ । ମାନସୀ କିନ୍ତୁ ନିରୁତ୍ତର, ଅନ୍ୟମନସ୍କ, ସତେ ଯେପରି ହଜିଯାଇଛି ଅତୀତର କୌଣସି ପୃଷ୍ଠାରେ ।

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା
ଭ୍ରାମ୍ୟଭାଷ : ୮୯୮୪୬୭୨୧୩୭୦

ଆଗାମୀ ସଂସ୍କରଣ ଏକ ବିଶେଷାଙ୍କ ହେବ । ଉତ୍କଳ ଦିବସ ଏବଂ ବିଷୁବ ସଂକ୍ରାନ୍ତି ଉପଲକ୍ଷେ ଏକ ବିଶାଳ ବିଶେଷ ସଂସ୍କରଣ ପାଇଁ ଲେଖା ଆହ୍ୱାନ କରାଯାଉଛି । ଆଗାମୀ ମାସର ତିନି ତାରିଖ (ମଙ୍ଗଳବାର) ସୁଦ୍ଧା ଲେଖା ଆମର ହସ୍ତଗତ ହେବାକୁ ପଡ଼ିବ ।

Send by e-Mail ONLY to :

aahwaan@gmail.com

# ମାତୃତ୍ୱ



ଗୁପ୍ତେଶ୍ୱର ମହାପାତ୍ର

ଚାରିବର୍ଷର ଛୋଟ ଛୁଆ ଗେଲୁ, କଲୋନୀର ରାସ୍ତାରେ ଚାଲୁଥାଏ । ହାତରେ ବିସ୍କୁଟ ପ୍ୟାକେଟଟିଏ । ହଠାତ୍ କୁକୁର ଗୋଟାଏ ସାମ୍ନାରେ ଆସିଗଲା । ବିସ୍କୁଟ୍ ଦେଖି ଭୋକିବା ଆରମ୍ଭ କଲା । ଗେଲୁ ଡରିଯାଇ ଦୌଡ଼ିବା ଆରମ୍ଭ କଲା; କିନ୍ତୁ ଦୁର୍ଭାଗ୍ୟବଶତଃ ଆଉ ପାଞ୍ଚ ଛଅଟି କୁକୁର ତାକୁ ଘେରିଗଲେ ଓ ଝାମ୍ପିବା ଆରମ୍ଭ କଲେ । କିଛି ସମୟ ମଧ୍ୟରେ ତାକୁ ଚୋବାଇ ଚୋବାଇ ରକ୍ତାକ୍ତ କରିଦେଲେ, ଦେହରୁ ପୁଳାଏ ପୁଳାଏ ମାଂସ କାଢ଼ିନେଲେ । ପିଲାର କାନ୍ଦ ଶୁଣି କଲୋନୀ ଲୋକେ ଦୌଡ଼ି ଆସିଲେ । ଲୋକଙ୍କ ପାଟି ଶୁଣି ଗେଲୁର ମାଁ ମାନସୀ ମଧ୍ୟ ଦୌଡ଼ି ଆସିଲା । ବେକରୁ ଅଜସ୍ର ରକ୍ତସ୍ରାବ ହୋଇସାରିଥିଲା । କିଛି ଲୋକ ସାଙ୍ଗେ ସାଙ୍ଗେ ଗେଲୁକୁ ନେଇ ହସ୍ପିଟାଲ ଗଲେ । କଲୋନୀର ସ୍ତ୍ରୀ ଲୋକମାନେ ମାନସୀକୁ ସାନ୍ତ୍ୱନା ଦେବାକୁ ଚେଷ୍ଟା କରି ବିଫଳ ହେଲେ । ମାନସୀର କାନ୍ଦରେ ସାହି କମ୍ପି ଉଠୁଥିଲା । କିଛି ସମୟ ପରେ ଫୋନ୍ ଆସିଲା ଯେ, ହସ୍ପିଟାଲ୍ ପହଁଚିବା ପୂର୍ବରୁ ......ଗେଲୁ ଶେଷ ନିଶ୍ୱାସ ତ୍ୟାଗ କରିଛି ।

ମାନସୀ ରକ୍ତମୁଖା ହୋଇ ଉଠିଲା । ଅବ୍ୟବସ୍ଥିତ ଚେହେରା, ମୁକୁଳା ବାଳ । ରାସ୍ତା କଡ଼ରୁ ମୋଟା ଲୁହା ଛଡ଼ ଧରି ମାନସୀ ବାହାରିଗଲା ପ୍ରତିଶୋଧ ପରାୟଣା ହୋଇ । ସାକ୍ଷାତ୍ କାଳୀ ମାଁ'ଙ୍କ ରୂପ । କେହି ରୋକିବାକୁ ସାହାସ୍ କରିଲେନି । ଯେଉଁଠି ବୁଲା କୁକୁର ଦେଖାଗଲା, ସେ ପିଟିପିଟି ମାରିଦେଲା । ପ୍ରାୟ ଏକ ଘଣ୍ଟାରେ ସେ ଛ ସାତଟା କୁକୁର ମାରି ସାରିବା ପରେ ଗଳି ଶେଷରେ ଥିବା ବୁଦା ନିକଟରେ ପହଞ୍ଚିଲା । ଦୁଇ-ତିନିଟି କୁକୁର

ଛତ୍ରଭଙ୍ଗ ଦେଇ ପଳେଇଲେ । କିନ୍ତୁ ଗୋଟିଏ କୁକୁର ରହିଗଲା । ମାନସୀ ତୀବ୍ର ଗତିରେ ଆଗେଇ ଯାଇ ଦେଖେ ତ; ଗୋଟିଏ ମାଇ କୁକୁର ତା' ଛୁଆମାନଙ୍କୁ କ୍ଷୀର ଖୁଆଉଛି । ତା'ର ହାତ ଅଟକିଗଲା । ଲୁହା ଛଡ଼ଟି ତଳେ ଫିଙ୍ଗି ବସିପଡ଼ିଲା । କୁକୁର ଛୁଆମାନେ ଆସି ତା ଚାରିପଟେ ଖେଳିବା ଆରମ୍ଭ କରିଦେଲେ । କୋଉ ଯୁଗରେ ପ୍ରଭୂ ଶିବଙ୍କୁ କାଳୀ ମାଁ'ଙ୍କ ପାଦ ତଳେ ପଡ଼ିବାକୁ ପଡ଼ିଥିଲା, ସୃଷ୍ଟିର ସ୍ୱାର୍ଥ ପାଇଁ । ଆଜି ମାତୃତ୍ୱ ଆଉ ଗୋଟେ ରକ୍ତମୁଖା ମାଁ'କୁ ଅଟକାଇଥିଲା ।

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

ଭ୍ରାମ୍ୟଭାଷ : ୮୯୮୪୬୭୨୧୩୭୦

Download Magazine from www.aahwaan.com

# ରାଗ ଭୈରବୀ



ମମତା ଦାଶ

ଦୀର୍ଘ ଚାରିବର୍ଷ ପରେ ମୁଁ ମୋ ଘରକୁ ଫେରୁଛି । ଷ୍ଟେସନରେ ଓହ୍ଲେଇ ଭାବିଲି ଘରକୁ ଯିବା ପୂର୍ବରୁ ମୁଁ ମୋ ମାଉସୀ ଝିଅ ଘର ଦେଇ ତାକୁ ଟିକେ ଦେଖି ଯିବି । ବୋଉକୁ ଫୋନ କରି କହିଲି – ବ୍ୟସ୍ତ ହେବୁନି, ମୁଁ ଆଗ ଇନାକ୍ଷୀ ଘରକୁ ଯାଉଛ । ପରେ ଘରକୁ ଯିବି । ଷ୍ଟେସନ ଆଉ ମୋ ଘର ମଝିରେ ହେଉଛି ଇନାକ୍ଷୀର ଶାଶୁଘର । ଇନାକ୍ଷୀର ବାହାଘର ସାତ ମଙ୍ଗଳା ପରଠାରୁ ତା ସାଙ୍ଗରେ ମୋର ଆଉ ଦେଖା ସାକ୍ଷାତ ହୋଇ ପାରି ନଥିଲା । ବାଟଯାକ ମୁଁ ଭାବି-ଭାବି ଚାଲୁଥାଏ । ଇନାକ୍ଷୀ ମୋତେ ଦେଖି କେତେ ଖୁସି ହେ । ମୋତେ ଆଦରରେ ପାଛୋଟି ନେବ, କେତେ ଖୁସି-ଗପ କରିବ । ଠିକ୍ ବାହାଘରର ପୂର୍ବପରି ଆମେ ଦୁଇଜଣ ମିଶି ବହୁତ ମଉଜ କରିବୁ । ଏମିତି ଅନେକ କଥା ଭାବି-ଭାବି ମୁଁ ଯାଇ ପହଞ୍ଚିଲି ଇନାକ୍ଷୀର ଶାଶୁଘରେ । ଦିନ ୧୧ଟା ସମୟ । ଝାଞ୍ଜି ଖରାରେ ଗରମ ପବନ ବହୁଥାଏ । ମୁଁ ଯାଇ ଦୁଆରମୁହଁ ପାଖରେ ପହଞ୍ଚିଗଲି । କବାଟ ଖୋଲାଥିଲା । ସେଥିପାଇଁ ମୋତେ ଆଉ କଲିଙ୍ଗ୍ ବେଲ୍ ବଜାଇବାକୁ ପଡିଲା ନାହିଁ । ସିଧା ଘର ଭିତରେ ପ୍ରବେଶ କଲି । ସୁନ-ଶାନ୍ ଘରେ ଗୋଡ ରଖୁରଖୁ ମୋତେ ଅନୁଭବ ହେଲା ଯେ ଏ ଘରେ କୌଣସି ଅତୃପ୍ତ ଆତ୍ମା ଘୂରି ବୁଲୁଛି । ମୁହଁ ବୁଲେଇ ଦେଖିଲି ଇନାକ୍ଷୀର ଗୋସେଇଁ ଶାଶୁ ପ୍ରବେଶ ଘରର ଦୁଆର ମୁହଁରେ ପଡିଥିବା ଏକ ପୁରୁଣା ଖଟ ଉପରେ ବସି କ'ଣ କେଜାଣି ଗୁଣୁ-ଗୁଣୁ ହୋଇ କହି ଚାଲିଥାନ୍ତି । ବୟସ ପାଖାପାଖି ୧୦୦ ହୋଇଯିବ । ତାଙ୍କୁ ଦେଖି ମୁଁ ଗୋଟିଏ ଜୁହାର ପକେଇଲି । ସେ ମୋତେ ଚିହ୍ନି ନପାରି ଖାଲି ବଲ-ବଲ କରି ଚାହିଁଲେ । ଆଖି ଦିଇଟା ଭିତରକୁ

 Download Magazine from www.aahwaan.com

ପଶିଯାଇଥାଏ । ଦେହର ଚମଡା ସବୁ ଲୋଚା-କୋଚା ମାରିଗଲାଣି । ଶରୀରର ରଙ୍ଗ କଜ୍ୱଳ ପରି କଳା । ବାଳ ଗୁଡାକ ମଧ୍ୟ ଝୋଟ ପରି ପାଚିଯାଇଛି । କପାଳରେ ବାର୍ଦ୍ଧକ୍ୟର ରେଖା ସ୍ପଷ୍ଟ ଗଣି ହୋଇ ଯାଉଛି । ନାକଟି ଶୁଆ ପରି ତୀକ୍ଷଣ । ଧଳା ଶାଢୀ ପିନ୍ଧି ସେହି ପୁରୁଣା ତେଲ-ଚିକିଟା ଖଟ ଉପରେ ବସିଥାନ୍ତି । ଭୀଷଣ ଗରମରେ ମୁଣ୍ଡ ଉପରେ ବୁଲୁଥିବା ପଙ୍ଖାର ଘରର୍-ଘରର ଶବ୍ଦ ପରି ସୁନଶାନ୍ ଘରଟିର ଆତ୍ମା ମଧ୍ୟ ପଙ୍ଖାର ତିନୋଟି ପଙ୍ଖ ପରି ସେହି ଘର ଭିତରେ ଗୋଲ-ଗୋଲ ଘୁରି ବୁଲୁଥାଏ । ଲାଗୁଥାଏ ସେ ଯେପରି ଦିନ-ରାତି ବୋଧେ ସେଇ ଘଟ ଉପରେ ବସିଥାନ୍ତି । ମୁଁ ଟିକେ ତାଙ୍କ ପାଖକୁ ଲାଗିଯାଇ ପଚାରିଲି-ମାଁ, କେମିତି ଅଛନ୍ତି । ମୁଁ ଇନାକ୍ଷୀର ଭଉଣୀ । ସେ ମୋତେ ବଡ-ବଡ ଆଖିରେ ଚାହିଁ ପୁଣି କଣ ଗୁଣୁ-ଗୁଣୁ କରିବାକୁ ଲାଗିଲେ । ମୋତେ ଅନୁଭବ ହେଲା ଯେମିତି – ସେ ବାର୍ଦ୍ଧକ୍ୟର ଶେଷ ଅବସ୍ଥାରେ ରାଗ ଭୈରବୀର କରୁଣ ରସରେ ନିଜକୁ ହଜାଇ ଦେଇ ଅପେକ୍ଷା କରିଛନ୍ତି ପୂର୍ବାଧ ଏବଂ ଉତ୍ତରାର୍ଧର ମିଳନ ପାଇଁ ।

ଏହା ଭିତରେ ମୋ ପାଟି ଶୁଣି ଇନାକ୍ଷୀ ଭିତରୁ ବାହାରି ଆସିଲା । କାଖରେ ତାର ଗୋଟିଏ ଛୁଆ । ମୋତେ ଦେଖି ତାର ଚେହେରା ବିସ୍ମୟ ଆଉ ଖୁସିରେ କିଛି କ୍ଷଣ ପାଇଁ ଚମକି ଗଲା । ଆରେ ! ଇଏ କଣ ମୁଁ ଦେଖିଲି ! ତା ମୁଖ-ମଣ୍ଡଳର ଚମକ ହଠାତ୍ କର୍ପୂରର ବାସ୍ନା ପରି ଉଡିଗଲା । ଏବଂ ପୁଣି ସେ ତାର ପୂର୍ବାବସ୍ଥାକୁ ଫେରିଆସି କହିଲା-ଭିତରକୁ ଆସ୍ । ମୁଁ ମଧ୍ୟ ତା ପଛେ-ପଛେ ଭିତରକୁ ପ୍ରବେଶ କଲି । ଇନାକ୍ଷୀ ମୋତେ ସୋଫା ଉପରେ ବସେଇ ଦେଇ କହିଲା- "ତୁ ଏଠି ବସିଥା, ମୁଁ ତୋ ପାଇଁ ସର୍ବତ୍ ନେଇଆସେ ।" ଗରମଟା ଜୋରରେ ହେଉଥାଏ । ସର୍ବତଟା ନିହାତି ଦରକାର ଥିଲା । ମୁଁ ମଧ୍ୟ ତା କଥାରେ ହଁ ଭରିଦେଲି । ସେ ଛୁଆଟାକୁ ତଳେ ବସେଇ ଦେଇ ରୋଷେଇଘରକୁ ଗଲା । ଏହା ଭିତରେ

 Download Magazine from www.aahwaan.com

ଛୁଆଟା ଭୋ........ଭୋ....... କରି କାନ୍ଦି ଉଠିଲା । ମୁଁ ଦଉଡି ଯାଇ ଛୁଆଟାକୁ କାଖେଇ ପକେଇଲି । ମୋତେ ଦେଖି ସେ ଆହୁରି ଜୋରରେ କାନ୍ଦିବାକୁ ଲାଗିଲା । ଏହା ଭିତରେ ଇନାକ୍ଷୀ ସର୍ବତ ଆଣି ମୋ ହାତକୁ ବଢାଇ ଦେଲା ।

ମୁଁ ପଚାରିଲି – "ପୁଅର ନାଁ କଣ ?"

ସେ କହିଲା – ସମସ୍ତେ ଆକୁ "ଜୁଜୁ" ବୋଲି ଡାକନ୍ତି ।

ମୁଁ ପଚାରିଲି – ସେ ଏତେ କାନ୍ଦୁଛି କାହିଁକି ?

ଇନାକ୍ଷୀ କହିଲା – ଏଇଟା ନୂଆ କଥା ନୁହେଁ । ସେ ସବୁବେଳେ ଏମିତି କାନ୍ଦେ ।

ମୁଁ କହିଲି – କଣ ଦେହ ଖରାପ ଅଛି କି ? ଡାକ୍ତରଙ୍କୁ ଦେଖଉନୁ କାହିଁକି ?

ସେ କହିଲା – ଦେହ ଠିକ୍ ଅଛି । କିନ୍ତୁ ତା ପାଇଁ କାହା ପାଖରେ ସମୟ ନାହିଁ ।

ପୁଣି ମୁଁ ପଚାରିଲି – କାହିଁକି, ମୁଁ ତ ଶୁଣିଥିଲି ତାର ବୁଢା ବାପା, ମା, କକେଇ ସମସ୍ତେ ଅଛନ୍ତି ।

ହଁ ଅଛନ୍ତି, କିନ୍ତୁ ସେମାନଙ୍କ ପାଖରେ ସମୟ ନାହିଁ । ଏତିକି କହି ଇନାକ୍ଷୀ ବାରମ୍ବାର କାନ୍ଥରେ ଥିବା ଘଣ୍ଟାକୁ ଚାହୁଁଥାଏ !

ଠିକ୍ ଏତିକି ବେଳେ ଅସିତ ବାବୁ (ଇନାକ୍ଷୀର ଦିଅର) ଆସି ପହଞ୍ଚିଗଲେ ଲଞ୍ଚ ପାଇଁ । ଅସିତ ବାବୁ ଅବିବାହିତ । ମୋତେ ଦେଖି ତାଙ୍କ ଖୁସିର ଧାରାରେ ଜୁଆର ଛୁଟିଲା ଭଳି ଲାଗିଲା । ଭାଉଜର ଭଉଣୀ ତ ମୋର ଶାଳୀ । ଏହା ଭାବି ମୋ ସାଙ୍ଗରେ ଗପସପ ଆରମ୍ଭ କରିଦେଲେ । ମୁଁ ମଧ୍ୟ ଭାବିଲି – ଯାହାହେଉ, ଏତେ ସମୟ ପରେ କିଏ ତ ଜଣେ ମିଳିଲା ଯାହାଦ୍ୱାରା ମୁଁ ଇନାକ୍ଷୀ ଅଉ ତାର ପରିବାର ବିଷୟରେ ଜାଣି ପାରିବି । ଏହା ଚିନ୍ତି ମୁଁ ମଧ୍ୟ ଅସିତ ବାବୁଙ୍କୁ କଥା-କଥାରେ ଇନାକ୍ଷୀ କଥା ପଚାରୁଥାଏ । ଠିକ ଏତିକି ବେଳେ ଇନାକ୍ଷୀ

 Download Magazine from www.aahwaan.com

ଆମ ଦୁଇଜଣଙ୍କ ପାଇଁ ଟେବୁଲ ଉପରେ ଖାଇବା ଆଣି ପରୋଷି ଦେଲା । ଭାତ, ଡାଲି, ମାଛ ତରକାରୀ, କଖାରୁଫୁଲ ଭଜା, କଲରା ପତ୍ର ଭଜା, ଶାଗ ଭଜା – "ଛ ତିଅଣ, ନ ଭଜା" କହିଲେ ଅତ୍ୟୁକ୍ତି ହେବ ନାହିଁ । ଏତେ ଆଇଟମ୍ ଦେଖି ମୁଁ ଖୁସିତ ହେଲି, କିନ୍ତୁ ଏହା ପଛରେ ଇନାକ୍ଷୀକୁ କେତେଯେ ପରିଶ୍ରମ କରିବାକୁ ପଡିଥିବ ଭାବି ମୋତେ ଗ୍ଲାନି ଅନୁଭବ ହେଲା । ମୁଁ ଅସିତ ବାବୁଙ୍କୁ ପଚାରିଲି-ଆପଣଙ୍କ ଘରେ କଣ ସବୁଦିନେ ଏତିକି ଆଇଟମ ବନେ ନା ଆଜି ମୁଁ ଆସିଛି ବୋଲି ଏତେ ଆଇଟମ ତିଆରି ହୋଇଛି ? ମୋ କଥା ଶୁଣି ଅସିତ ବାବୁ ଠୋ........ଠୋ କରି ହସି କହିଲେ – ଇନାକ୍ଷୀ ଭାଉଜ ଆମର ସବୁଦିନ ଏତିକି ଆଇଟମ ବନାନ୍ତି । ନହେଲେ ପରା ଆମ ବୋଉର ପାଟିକି ଅରୁଚି ମାରିଯାଏ ।

ମୁଁ ପଚାରିଲି – ଆପଣଙ୍କ ବୋଉ କାହାନ୍ତି ?

ଅସିତ ବାବୁ କହିଲେ – ସେ ପରା ଜଣେ ଶିକ୍ଷକ । ଏବେ ତାଙ୍କର ସ୍କୁଲ ଟାଇମ୍ । ଦିନ ଚାରିଟା ପରେ ବାପା-ବୋଉ ଘରକୁ ଫେରନ୍ତି ।

ପୁନଃ ମୁଁ ପଚାରିଲି- ଆପଣ କେତେବେଳେ ଫେରନ୍ତି ?

ସେ ମୋତେ ହସି କହିଲେ-ମୋର ତ ଓଡିଶା ସରକାରଙ୍କ ଚାକିରୀ । ମୁଁ ଆରାମରେ ପ୍ରାୟ ସାଢେ ଦଶଟା ବେଳକୁ ଘରୁ ଖାଇ-ପିଇ ଅଫିସ୍ ଯାଏ । ପୁନଃ ସାଢେ ଗୋଟେ ବେଳେ ଲଞ୍ଚରେ ଖାଇବାକୁ ଆସେ । ପୁଣି ପାଞ୍ଚଟା ବେଳେ ଫେରି ଘରେ ଜଳଖିଆ ଖାଏ ।

ଆଚ୍ଛା ! ଏତେ ଯତ୍ନ ଆପଣଙ୍କର କିଏ ନିଅନ୍ତି ? ବୋଉ ?

ନାଁ, ନାଁ, ଆମ ଇନାକ୍ଷୀ ଭାଉଜ ।

ଆଚ୍ଛା..................

ମୁଁ ପୁଣି ପଚାରିଲି – ଆପଣଙ୍କ ବଡଭାଇ ଅମିତ ବାବୁ (ଇନାକ୍ଷୀର ସ୍ୱାମୀ) କାହାନ୍ତି ?

Download Magazine from www.aahwaan.com

କଣ ଭାଇ ? ସେ ପରା ନଟାରେ ଘରୁ ବାହାରି ଯାଆନ୍ତି । ରାତି ଦଶଟା ବେଳକୁ ଘରକୁ ଫେରନ୍ତି । ସେ ଏକ ବ୍ୟାଙ୍କରେ ଚାକିରୀ କରନ୍ତି । ସେଥିପାଇଁ ତାଙ୍କୁ କେତେବେଳେ ବେଳ ନଥାଏ । ସବୁବେଳେ ଅଫିସ୍ କାମରେ ବ୍ୟସ୍ତ ଥାଆନ୍ତି ।

ତେବେ ଇନାକ୍ଷୀ କଣ ଏକୁଟିଆ ଦିନଯାକ ଘରେ ଏମିତି କାମ କରୁଥାଏ ?

ହଁ, ଘର କାମ, ଆଉ କରିବ କିଏ ?

ବାଃ ରେ ପରିବାର । ଯେଉଁଠି ପରିବାରର ଏତେ ସଦସ୍ୟଙ୍କ ଦାୟିତ୍ୱ କେବଳ ଜଣେ ସ୍ତ୍ରୀ ଉପରେ ଛାଡିଦିଏ ? ଏବେ ମୁଁ ଇନାକ୍ଷୀର ଦୟନୀୟ ଅବସ୍ଥା ଧିରେଧିରେ ବୁଝିବାକୁ ଲାଗିଲି । ଭାବିଲି ଆଜି ରାତିଟା ଏଇଠି ରହିଯିବି । ଦେଖେ ଆଗକୁ କଣ ହେଉଛି.......

ମୁଁ ଇନାକ୍ଷୀକୁ ପଚାରିଲି – ଏବେତ ଦୁଇଟା ବାଜି ଗଲାଣି । ତୁ କଣ ଖାଇବୁନି କି ? ସେ ବଡ ଜୋରରେ ହୁଁ ମାରି କହିଲା – ମୋ ଖାଇବାରେ କଣ ଅଛି । ଠିକ୍ ଏତିକି ବେଳେ ଜୁଜୁ ଖଟ ଉପରୁ ଦୁମ୍ କରି ପଡିବାର ଶବ୍ଦ ଶୁଣାଗଲା । ଘର ଭିତରକୁ ଦଉଡିଯାଇ ଦେଖୁ ତ ଜୁଜୁ ମୁଣ୍ଡ ଫାଟି ଯାଇଛି ଏବଂ ସେ ବିକଳରେ ଭୋ.....ଭୋ..... କରି କାନ୍ଦିବାରେ ଲାଗିଛି । ମା, ଛୁଆଙ୍କର ଏହି ଦୟନୀୟ ଅବସ୍ଥା ଦେଖି ମୋ ଆତ୍ମାରୁ ଏକ ଶବ୍ଦ ନିଃସୃତ ହେଲା – ହେ ମା, ହେ ଜନ୍ମଦାତ୍ରୀ ମା, ତୁ ତୋ ଛୁଆର ଏହି କରୁଣ ରୋଦନକୁ କିପରି ସହନ କରୁଛୁ । କ'ଣ ପାଇଁ ତୁ ଚୁପ୍ ହୋଇଯାଇଛୁ । ତୁ ଉଠ୍, ତୁ ସେଇ ଇନାକ୍ଷୀ ଯାହା ପାଖରେ ହନୁମାନ ପରି ବିଶାଳ ସମୁଦ୍ର ପାର କରିବାର ସାହସ ଅଛି, ତୁ ଚୁପ୍ କ'ଣ ପାଇଁ, ତୁ ଉଠ୍...............

ଧିରେ ଧିରେ ଇନାକ୍ଷୀ ଜୁଜୁକୁ କୋଳେଇ ନେଇ ପ୍ରଥମଥର ପାଇଁ ମୋ ଆଖିରେ ଆଖି ମିଶେଇବାକୁ ସାହସ କଲା । କିନ୍ତୁ ଏ କ'ଣ ! ପୂର୍ବବତ୍ ଇନାକ୍ଷୀର ଆଖି ପୁନଃ ଅବସାଦରେ ତଳକୁ ହୋଇଗଲା । ତଥାପି ସେହି କିଛିକ୍ଷଣ ଭିତରେ ମୁଁ ଇନାକ୍ଷୀ ଆଖିରେ ଏକ ବିଚିତ୍ର

Download Magazine from www.aahwaan.com

ଭାବ ଦେଖିଥିଲି । ଯେମିତିକି ତା ଭିତରର ଆତ୍ମା ବାରମ୍ବାର ଚେଷ୍ଟା ଚଲାଇଛି ଛିଣ୍ଡି ଯାଇଥିବା ଅନ୍ତରର ତନ୍ତ୍ରକୁ ପୁର୍ନଜୀବିତ କରିବାପାଇଁ । କିନ୍ତୁ ଖୀର୍ଣ୍ଣ ବଳରେ ବାରମ୍ବାର ତାର ଚେଷ୍ଟା ଯେମିତି ଅସଫଳ ହୋଇଯାଉଛି । ଲାଗୁଛି ଯେମିତି ରାଗ ଭୈରବୀର ସ୍ୱରରେ ସମସ୍ତ ଯନ୍ତ୍ରଣା, ହତାଶକୁ ଅନ୍ତ କରିଦେବାର ଶକ୍ତି ମା ଭୈରବୀ ଦେଇ ପୁନଃ ଫେରେଇ ନେଉଛନ୍ତି.......

କିଛି କ୍ଷଣ ପାଇଁ ମୁଁ ଭାବିଲି ଏ ହେଉଛି ସେ ଇନାକ୍ଷୀ ଯିଏକି ବାହାଘରର କିଛି ଦିନ ପୁର୍ବରୁ ସମସ୍ତଙ୍କୁ କହିଆସୁଥାଏ – ମୋତେ କେହି କନ୍ଦେଇବନି, କି ମୋ ଆଗରେ କେହି କାନ୍ଦିବନି । ଆଉ ଯଦି ମୁଁ କାନ୍ଦିବି ତାହେଲେ ମୋର ମେକଅପ୍ ଖରାପ ହୋଇଯିବ, ମୁଁ ଅସୁନ୍ଦର ଦେଖାଯିବି । ଆଖିରେ ଅନେକ ସୁଖଦ ସ୍ୱପ୍ନନେଇ ହସିହସି ମୋ ଆଗରେ ବାପଘରୁ ବିଦାୟ ନେଇଥିଲା ସେଇ ଇନାକ୍ଷୀ । କିନ୍ତୁ ସାତ ମଙ୍ଗଳା ଦିନ ଯେତେବେଳେ ସେ ବାପଘରକୁ ବୁଲିବାକୁ ଆସିଥିଲା, ଫେରନ୍ତା ସମୟରେ କଇଁ-କଇଁ ହୋଇ କାନ୍ଦି-କାନ୍ଦି ଖାଲି ସମସ୍ତଙ୍କୁ କହୁଥାଏ – ମୁଁ ଆଉ ଫେରିବିନି..... କିନ୍ତୁ ତା କଥା କେହି ବୁଝି ନପାରି ପୁନଃ ତାକୁ ତା ଘର ଲୋକ ଶାଶୁଘରକୁ ଫେରାଇ ଦେଇଥିଲେ । ବାହାଘର ଦିନଠାରୁ କ'ଣ ଇନାକ୍ଷୀ ଏଇ ଯନ୍ତ୍ରଣାରେ ଛଟପଟ ହେଉଛି..... ସାତମଙ୍ଗଳା ଦିନ କାନ୍ଦରେ ତାରେ କି ଯନ୍ତ୍ରଣା ଲୁଚି ରହିଥିଲା.......? ଏମିତି ଭାବୁ ଭାବୁ ହଠାତ୍ କବାଟ ବାଡେଇବାର ଖଟ୍-ଖଟ୍ ଶବ୍ଦ ଶୁଣାଗଲା । ସେଇ ଶବ୍ଦରେ ଇନାକ୍ଷୀ ଚମକି ପଡି ଘଣ୍ଟାକୁ ଦେଖି କହିଲା – ଚାରିଟା ବାଜିଗଲା..... । ମୁଁ ଯାଇ କବାଟ ଖୋଲିଲି । ଇନାକ୍ଷୀ ଜୁଜୁକୁ କାନ୍ଧରେ ପକାଇ ରୋଷେଇଘରକୁ ଚାଲିଗଲା ।

ମୁଁ କବାଟ ଖୋଲି ଦେଖେ ତ ଇନାକ୍ଷୀର ଶାଶୁ-ଶ୍ୱଶୁର ବିଦ୍ୟାଳୟରୁ ବାହୁଡିଲେଣି ।

 Download Magazine from www.aahwaan.com

ମୋତେ ଦେଖି ସେମାନେ ବିଶେଷ ଖୁସି ଅନୁଭବ କରି ନଥିଲେ । ମୋ ନମସ୍କାରର ପ୍ରତ୍ୟୁତରରେ ତାର ଶାଶୁ ହୁଁ ମାରି ଚାଲି ଯାଇଥିଲେ । ଶ୍ୱଶୁର ଯଦିଓ କିଛି ଭଲ-ମନ୍ଦ ପଚାରିଥିଲେ, ଲାଗିଲା କେବଳ ସମ୍ବନ୍ଧ ଦୃଷ୍ଟିରୁ ।

ମୁଁ ରୋଷେଇଘରେ ଯାଇ ଦେଖେ ତ ଇନାକ୍ଷୀ ଗୋଟିଏ ହାତରେ ଜୁଜୁକୁ ଧରି ଆଉ ଗୋଟିଏ ହାତରେ ଚା, ଜଳଖିଆ ବନାଇବାରେ ଲାଗିଛି ଆଉ ଜୁଜୁ ଭୋ.....ଭୋ..... କରି କାନ୍ଦିବାରେ ଲାଗିଛି । ଜୁଜୁ ପ୍ରତି ଇନାକ୍ଷୀର ଧ୍ୟାନ ବିଲକୁଲ୍ ନାହିଁ, ଧ୍ୟାନ ତାର ଚା,ଜଳଖିଆ ବନେବାରେ । ଏହା ଦେଖି କିଛି କ୍ଷଣ ପାଇଁ ମୁଁ ସ୍ତବ୍ଧ ହୋଇଗଲି । ମୋ ମନରେ ପୁଣି ବିଦ୍ରୋହର ସ୍ୱର ଉଙ୍କି ମାରି କହିଲା – ହେ ମାଁ, ଦୟାମୟୀ ମା, କରୁଣାମୟୀ ମା, ସ୍ନେହମୟୀ କୋମଳମତୀ ମା, ତୋର ଏ କୋମଳ ହୃଦୟ କ'ଣ ପାଇଁ ପାଷାଣ ପାଲଟି ଯାଇଛି । ଯେଉଁଠି ଏକମାତ୍ର ସନ୍ତାନର କ୍ରନ୍ଦନ ଧ୍ୱନୀରେ ତୁ ଆତୁର ନହୋଇ ତୋର ଆତ୍ମାକୁ ମାରି ପଥର ପାଲଟି ଯାଇଛୁ । ଆଗକୁତ ତୋର ସାରା ଜୀବନ ପଡିଛି........

ଏହା ଭିତରେ ଇନାକ୍ଷୀର ଶାଶୁ ଗୁଡାଖୁ ହାତରେ ଧରିଆସି ସୋଫା ଉପରେ ବସି ଦାନ୍ତ ଘସିବା ସହିତ ଟି.ଭି. ମଧ୍ୟ ଦେଖିବାକୁ ଲାଗିଲେ । କିଛି ସମୟ ପରେ ଶ୍ୱଶୁର ମଧ୍ୟ ଆସି ଯୋଗଦେଲେ । ଏପଟେ ଇନାକ୍ଷୀ ଅପେକ୍ଷା କରିଛି ଯେ କେତେବେଳେ ଚା-ଜଳଖିଆର ପର୍ବ ସରିଲେ ସେ ଜୁଜୁକୁ ଟିକେ ସମୟ ଦେବ । ଏହା ଭିତରେ ଅସିତ ବାବୁ ଆସି ପହଞ୍ଚିଗଲେ । ବାଃ.....ରେ ବାଃ..... ଲଞ୍ଚ ପରେ ହାଇ ଟି । ଏପଟେ ଘରର ବୋହୁ ଖାଇଲାକି ନାହିଁ କେହି ଦେଖିବାକୁ ଅଛି ନା କେହି ପଚାରିବାକୁ । ବୋହୁ ନୁହେଁ ତ, ଚାକରାଣୀ କହିଲେ ଅତ୍ୟୁକ୍ତି ହେବନାହିଁ ।

କିଛି ସମୟ ଅପେକ୍ଷା କଲାପରେ ଇନାକ୍ଷୀର ଶାଶୁ ଦାନ୍ତ ଘସି, ଗରମ ପାଣିରେ କୁଳି

Download Magazine from www.aahwaan.com

କରି ସଫା ହୋଇ ବସିଗଲେ ଚା ପିଇବା ପାଇଁ । ନା ତାଙ୍କର ଜୁଜୁ ପ୍ରତି ଲକ୍ଷ୍ୟ ଥିଲା ନା ଇନାକ୍ଷୀ ପ୍ରତି । ଲକ୍ଷ୍ୟ ଅଛି ତ କେମିତି ନିଜର ସ୍ୱାର୍ଥ ହାସଲ କରି ଅନ୍ୟକୁ କଷ୍ଟ ଦେବି । ସ୍ୱାର୍ଥ ହାସଲ ତାଙ୍କ ପରିବାରର ମୂଳ ଲକ୍ଷ୍ୟ । ବାପା-ମା ପୁଅ-ବୋହୂଙ୍କଠାରୁ, ସାନ ପୁଅ ଭାଇଭାଉଜଙ୍କ ଠାରୁ, ଭଉଣୀମାନେ ଉଭୟଙ୍କଠାରୁ, କେବଳ ଜଣେ ମନୁଷ୍ୟ ଇନାକ୍ଷୀ ତା ନିଜ ସ୍ୱାର୍ଥକୁ ତ୍ୟାଗକରି ପରସେବାରେ ଲାଗିରହିଛି । ଯେମିତି ମାନିନେଇଛି ସେବାହିଁ ପରମ ଧର୍ମ । କିନ୍ତୁ ନିଜକୁ, ନିଜ ପିଲାକୁ କଷ୍ଟ ଦେଇ ସେବା କରିବା କେତେଯେ ନୀତି ପରକ ମୁଁ ଜାଣିବାକୁ ଏମିତି ଭାବିପାରନ୍ତି, କହିବାକୁ ଅକ୍ଷମ ।

ଚା ପର୍ବ ସରିଲା ପରେ ଇନାକ୍ଷୀ ଜୁଜୁକୁ ନେଇ ଚୁପ-ଚାପ୍ ତା ରୁମକୁ ପଶିଗଲା । ମୁଁ ମଧ୍ୟ ତା ପଛେ ପଛେ ଚାଲିଗଲି । ଇନାକ୍ଷୀ ଜୁଜୁକୁ ଗୋଡରେ ପକେଇ ଶୁଆଉଥାଏ । ମୁଁ ଇନାକ୍ଷୀକୁ ପଚାରିଲି ତୁ କ'ଣ ଏକୁଟିଆ ଘରର ସବୁ କାମ କରୁ ? ମୋ ପ୍ରଶ୍ନରେ ଇନାକ୍ଷୀ ଉତ୍ତର ବଦଳରେ ଏକ ଦୀର୍ଘ ଶ୍ୱାସ ସହିତ ଗୋଟିଏ ଲମ୍ବା ହୁଁ ମାରି ପୁନଃ ଶାନ୍ତ ହୋଇଗଲା । ପୁଣି ମୁଁ ପଚାରିଲି ଏଠି କ'ଣ କେହି କାମବାଲି ନହାନ୍ତି ? ଭାଇନାତ ବ୍ୟାଙ୍କରେ ଚାକିରି କରିଛନ୍ତି । ତାଙ୍କୁତ Servant Allowance ମିଳୁଥିବ । ତୁ ଏକ ଚାକରାଣୀ ରଖୁନାହୁଁ କାହିଁକି ? କିଛି ସମୟ ପରେ ମନରେ କ'ଣ କେଜାଣି ଭାବି ମୋତେ ସେ ଉତ୍ତର ଦେଲା – ଚାକରାଣୀତ ମୁଁ ! Allowance ଶାଶୁ-ଶ୍ୱଶୁରଙ୍କର । ଏକଥା ଶୁଣି ମୁଁ ନୀରବ ରହିଗଲି ।

ଦୁଇଜଣ କିଛି ସମୟ ନୀରବ ରହିଲା ପରେ ନୀବତାକୁ ଭାଙ୍ଗିବା ପାଇଁ ମୁଁ ପୁଣି କଥା ଛଳରେ ପଚାରିଲି – ତୁ କ'ଣ ଖାଲି ଘର କାମ କରୁଛୁ ନା କିଛି ପଢା-ପଢି କରୁଛୁ । ତୋର ତ ପିଲାଦିନରୁ ପଢିବା ଆଉ ଲେଖିବାରେ ବହୁତ ଆଗ୍ରହ ଥିଲା । ତୁ କ'ଣ ଲେଖିବା ମଧ୍ୟ ଛାଡିଦେଲୁଣି ? ଶୁଖିଲା ମୁହଁରେ ମୋତେ ସେ କହିଲା ଏଠି କିଛି ପଢିବାକୁ ନାହିଁ । ମୁଁ

 Download Magazine from www.aahwaan.com

ଆଶ୍ଚର୍ଯ୍ୟ ହୋଇ ଭାବିଲି – ଶିକ୍ଷକର ଘର, ପୁଣି କିଛି ପଢିବାକୁ ନାହିଁ । ଶିକ୍ଷକର ଦାୟିତ୍ୱ ଯେଉଁଠି ଛାତ୍ର ମାନଙ୍କର ଉଜ୍ଵଳ ଭବିଷ୍ୟତ ଗଢିବାରେ ସେଠି ସେ ନିଜ ଘରର ଉଚ୍ଚଶିକ୍ଷିତା ବୋହୁର ଭବିଷ୍ୟତକୁ ନିଜ ହାତରେ ଜାଳି ପୋଡି ନଷ୍ଟ କରିଦେଉଛନ୍ତି । ତାଙ୍କର ବିଦ୍ୟାଳୟରେ ଛାତ୍ରମାନଙ୍କୁ ଶିକ୍ଷା ଦେବାର କି ଯୋଗ୍ୟତା ଥିବ ତାହା ମୁଁ ଅନୁମାନ କରିପାରୁଛି ।

ଏତିକି କଥାବାର୍ତା ଭିତରେ ଇନାକ୍ଷୀ ରୁମ୍ ଭିତରକୁ ସମସ୍ତଙ୍କର ଅନାବାଧ୍ୟ ପ୍ରବେଶ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଜବାନ ଦିଅରର କେବୁଲ ତାର ବାହାନାରେ, ଶଶୁରଙ୍କର ଠାକୁରଙ୍କୁ ଧୁପ ଦେବା ବାହାନାରେ, ଶାଶୁଙ୍କରତ ଅଧିକାର ଅଛି ଅର୍ଡର ଦେବାରେ, ସେ କେତେବେଳେବି ପ୍ରବେଶ କରିପାରନ୍ତି । ସବୁ ଆରାମ ତାଙ୍କ ଭାଗରେ, ବୋହୁର କିଛି ଭାଗ ନାହିଁ ଯେମିତି ଆରାମରେ । ଠିକ୍ ଏତିକି ବେଳେ ବାହାରରୁ ଶବ୍ଦ ଶୁଣାଗଲା – ହଇଲୋ, କେତେ ଗପ କରୁଛୁ । ରାତି ପାଇଁ ରୋଷେଇ ହେବ କେତେବେଳେ । ଶିଘ୍ର ଖାଇ ଶୋଇଲେ ପରା ପୁଣି ସକାଳୁ ଉଠି ସ୍କୁଲକୁ ଯିବୁ । ଇନାକ୍ଷୀ ତର-ତର ହୋଇ ଜୁଜୁକୁ ଶୁଆଇଦେଇ ପୁନଃ ରୋଷେଇଶାଳକୁ ବାହାରିଗଲା ଛପନଭୋଗ ରାନ୍ଧିବା ପାଇଁ । ଶାଶୁ, ଶଶୁର, ଦିଅର ଗୋଡ ଉପରେ ଗୋଡ ପକେଇ ବସି, ଟି.ଭି. ଦେଖି ମନୋରଞ୍ଜନ କରିବା ସହିତ ଛପନଭୋଗ ଅପେକ୍ଷାରେ ଥାଆନ୍ତି........... ।

ରାତି ଆଠଟା ବାଜିଗଲା । ଅମିତ ବାବୁ (ଇନାକ୍ଷୀର ସ୍ୱାମୀ) ଘରକୁ ବାହୁଡିଲେ, ଗୋଠରୁ ବାହୁଡିଲା ଗାଇ ପରି । ଗାଇତ ଗୋଠରୁ ସନ୍ଧ୍ୟା ପୂର୍ବରୁ ବାହୁଡେ, ଏଠି କିନ୍ତୁ ରାତି ହୋଇଯାଇଥିଲା । ବାହାଘର ଦିନହିଁ ମୁଁ ଅମିତ ବାବୁଙ୍କୁ ଦେଖିଥିଲି । ତାପରଠାରୁ ଆଉ ଆମର ଦେଖା ସାକ୍ଷାତ ହୋଇପାରି ନଥିଲା । ଭାବିଥିଲି ଭିଣୋଇ ଆସିଲେ ବହୁତ ଖୁସିଗପ

 Download Magazine from www.aahwaan.com

କରିବି । କିନ୍ତୁ ଏ କଣ ! ଭିଣୋଇତ ସିଧା ଯାଇ ବୋଉ କୋଳରେ । "ସକଳ ତୀର୍ଥ ତୋ ଚରଣେ – ବଦ୍ରିକା ଯିବି କି କାରଣେ" । ଆଜ୍ଞା, ଏ ଉକ୍ତି ଟା ଏ ମାଁ କ୍ଷେତ୍ରରେ କେତେଯେ ଯଥାର୍ଥ ମୁଁ ବୁଝି ପାରିଲିନି ତ ଇନାକ୍ଷୀ ଭଳି ସାଧା-ସିଧା ସରଳ ଝିଅ କଣ ବା ବୁଝିଥିବ । ବଡ ପୁଅଙ୍କୁ ଦେଖି ମାତାଙ୍କର ଦୁଇ ନୟନରରୁ ଗଙ୍ଗା-ଯମୁନା ପରି ଅଶ୍ରୁଧାର ବୋହିବାରେ ଲାଗିଲା । ମୁଁ ଜାଣିପାରିଲିନି ଯେ ଏତେ ଆରାମ ପରେ ଏ ଅଶ୍ରୁଧାରର କାରଣ କଣ । ପଚାରୁ ପଚାରୁ ଜଣା ପଡିଲା ଯେ ଅତ୍ୟଧିକ ଆରାମ କରିବାରୁ ବସି-ବସି ମାଙ୍କ ହାତ ଦିଟା ବିନ୍ଧୁଛି । ବଡ ପୁଅ ମାଁଙ୍କୁ ଆଉଁସା-ଆଉଁସି କରି ସାନ୍ତ୍ୱନା ଦେଇ ଫ୍ରେସ୍ ହେବାପାଇଁ ଚାଲିଗଲେ । ସ୍ତ୍ରୀ ଏପଟେ ଦିନଯାକ ରୋଷେଇ ଘରେ, ପଚାରିବାକୁ ଆଗ୍ରହ ହେଲାନି ଭାଇନାଙ୍କର । ସ୍ତ୍ରୀ କଥା ଛାଡନ୍ତୁ, ନିଜ ପୁତ୍ର ପ୍ରତି ମଧ୍ୟ କିଛି ବିଶେଷ ସ୍ନେହ ମୁଁ ଦେଖି ନଥିଲି । ଏହାର ଫାଇଦା ଘରର ଅନ୍ୟ ସଦସ୍ୟ ମାନେ ଯେଣତେଣ ପ୍ରକାରେଣ ହାସିଲ କରି ନେଉଥିଲେ ।

ଏଠି ମୁଁ ମୋ ଅନ୍ତରାତ୍ମାରୁ ଏକ ସମ୍ବାଦ ସଂସାରର ସମସ୍ତ ସ୍ୱାମୀ ମାନଙ୍କୁ ଦେବାକୁ ଚାହେଁ – ହେ ସ୍ୱାମୀ –ଟିକେ ଭାବନ୍ତୁ, ଆପଣମାନେ ନିଜ ସହଧର୍ମଣୀଙ୍କୁ ପଛରେ ରଖି କେମିତି ଆଗକୁ ବଢି ପାରିବେ ? ଧର୍ମଣୀ ସହିତହିଁ ଆପଣଙ୍କର ମଙ୍ଗଳ । ଧର୍ମଣୀ ରହିତ ହୋଇତ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଦ୍ୱାର ଦ୍ୱାର ଭିକ୍ଷା ମାଗିବା ପାଇଁ ବାଧ୍ୟ ହୋଇଥିଲେ । ତାତ୍ପର୍ଯ୍ୟ, ସ୍ତ୍ରୀର ସମ୍ମାନରେ ସ୍ୱାମୀର ସମ୍ମାନ ଲୁଚି ରହିଛି । ଯେଉଁ ସ୍ୱାମୀ ସ୍ତ୍ରୀକୁ ପରିବାର ଆଗରେ ସବୁବେଳେ ଅପମାନିତ କରେ, ଭବିଷ୍ୟତରେ ତାର ଅପମାନ ସୁନିଶ୍ଚିତ, ତାତ୍ପର୍ଯ୍ୟ, ଇନାକ୍ଷୀର ଅବଦାନରେ ଅମିତ ବାବୁ ପରିବାରଠାରୁ ସମ୍ମାନ ପାଉଛନ୍ତି । ଯେଉଁଦିନ ଇନାକ୍ଷୀ ତ୍ୟାଗ କରିବା ଛାଡିଦେବ, ସେହିଦିନଠାରୁ ଅମିତ ବାବୁଙ୍କ ପରିବାର ପ୍ରଥମେ ଅମିତ ବାବୁଙ୍କୁ ହିଁ ଅସମ୍ମାନ କରିବ । ଇନାକ୍ଷୀର ତ୍ୟାଗରେ ହିଁ ଅମିତ ବାବୁଙ୍କର ସମ୍ମାନ । କିନ୍ତୁ ଏହା ସେ

 Download Magazine from www.aahwaan.com

ବୁଝିବାକୁ ଅକ୍ଷମ ବୋଧେ ।

କିଛି ସମୟ ପାଇଁ ମୁଁ ମୌନ ବସିଗଲି । ଏହା ଭିତରେ ଅମିତ ବାବୁଙ୍କର ମନେପଡିଲା ଯେ ଶାଳି ଘରକୁ ଆସିଛି । ସେ ଆସି ମୋ ପାଖରେ ବସିଲେ । ମୁଁ ତାଙ୍କସାଙ୍ଗରେ ପ୍ରଥମଥର ପାଇଁ କଥାହେବାର ସୁଯୋଗ ପାଇଲି । ବାହାଘର ଦିନତ ଏତେ ଭଲରେ କଥାବାର୍ତ୍ତା ହୋଇପାରି ନଥିଲା । ଆମେ ଦୁଇଜଣ ବସି କଥାବାର୍ତ୍ତା ଆରମ୍ଭ କଲୁ । ମୁଁ ତାଙ୍କ ଚାକିରୀ ବିଷୟରେ, ତାଙ୍କ ଜୀବନ ବିଷୟରେ ପଚାରିଲି । ଏମିତି ଅନେକ ବିଷୟରେ ଯାହାକି ପ୍ରଥମ ସାକ୍ଷାତକାରରେ ପଚରାହୁଏ । ଅମିତ ବାବୁ ନିତ୍ୟଦିନ ସକାଳୁ ଉଠି ପାଖାପାଖି ୯ଟା ବେଳକୁ ଅଫିସ ବାହାରିଯାନ୍ତି । ଲଞ୍ଚ ଟାଇମରେ ଘରକୁ ଆସିପାରନ୍ତି ନାହିଁ । କିନ୍ତୁ ବେଳେ ବେଳେ ସମୟ ହେଲେ ଅଫିସରୁ ବାହାରି ଲେଡିଜ୍ ଷ୍ଟାଫଙ୍କ ସାଙ୍ଗରେ ମିଶି ଲଞ୍ଚ ପାଇଁ ବାହାରକୁ ଯାଆନ୍ତି । ସମୟ ମିଳିଲେ ମ୍ୟାଙ୍ଗୋ ଡେ, ବାନାନା ଡେ ମଧ୍ୟ ବନାନ୍ତି । ଆଉ ମଝିରେ ମଝିରେ ଟୁରରେ ବାହାରକୁ ମଧ୍ୟ ଚାଲିଯାଆନ୍ତି । ଇନାକ୍ଷୀ ପାଇଁ ତାଙ୍କପାଖରେ ସମୟ ନଥାଏ । ଘରେ ବାପା-ବୋଉ ତ ଅଛନ୍ତି । ସେଥିପାଇଁ ସେ ନିଶ୍ଚିନ୍ତରେ ଘରୁ ବାହାରିଯାନ୍ତି । ସେ ଜାଣିନାହାନ୍ତି ଯେ ତାଙ୍କ ଜୀବନ ମଧ୍ୟ ଇନାକ୍ଷୀ ପରି ନୀରବ, ନୀରସ, ନିର୍ଜିବ, ନିରୁଦିଷ୍ଟ ଏବଂ ନିରୁପାୟ ହୋଇ ଅମିତ ଶୂନ୍ୟପଥରେ ଘୂରିବୁଲୁଛି ଏବଂ ରାଗ ଭୈରବୀର ମଧୁର ରାଗରେ ନିଜ ଆତ୍ମାକୁ ତୃପ୍ତ କରିବା ପାଇଁ ବାରମ୍ବାର ଚେଷ୍ଟା କରି ଚାଲିଛି....... ।

ଏହା ଭିତରେ ରାତି ୯ଟା ବାଜିସାରିଥାଏ । ରାତ୍ରି ଭୋଜନର ସମୟ । ଇନାକ୍ଷୀ ଛପନ ଭୋଗ ଆଣି ଟେବୁଲ୍ ଉପରେ ସଜେଇଦେଲା । ସମସ୍ତେ ଖାଇବାପାଇଁ ବସିପଡିଲେ । ମୁଁ ଇନାକ୍ଷୀକୁ ପଚାରିଲି – ତୁ ଖାଇବୁନି କି ? ସକାଳେତ ବ୍ୟସ୍ତରେ ଖାଇଲୁକି ନାହିଁ ଜଣାନାହିଁ । ଏବେ ତ ଆସ୍, ମୋ ସାଙ୍ଗରେ ଖାଇବୁ । ହଠାତ୍ ଅମିତ ବାବୁ ବାହାରିପଡି କହିଲେ, ସେ

 Download Magazine from www.aahwaan.com

ସମସ୍ତଙ୍କ ପଛରେ ଖାଏ । ଶାଶୁ ମଧ୍ୟ ତୁରନ୍ତ ବୁଲିପଡି କହିଲେ, ଆମ ଘରର ନିୟମ, ସମସ୍ତ ସଦସ୍ୟ ଖାଇସାରିଲା ପରେହିଁ ବୋହୁର ଖାଇବା ଉଚିତ ଏବଂ ଏହା ତାର କର୍ତ୍ତବ୍ୟ । ମୁଁ ମନେମନେ ଭାବିଲି, ଆପଣତ ମଧ୍ୟ ଜଣେ ବୋହୁ । ଆପଣଙ୍କ ଶାଶୁ ଏବେ ମଧ୍ୟ ବଞ୍ଚିଛନ୍ତି । କାହିଁ, ବୋହୁର କର୍ତ୍ତବ୍ୟ କରିବା ଆପଣଙ୍କୁ କଣ ଜଣାନାହିଁ । ଆପଣଙ୍କର କର୍ତ୍ତବ୍ୟତ ମୁଁ ଏପର୍ଯ୍ୟନ୍ତ ଦେଖି ପାରିଲିନାହିଁ । ରାମ.......ରାମ...... । କହିବାକୁ କାହାର ସାହସ ଅଛି । ଖାଲି ଆମେ ମନରେ ଭାବିବା ! ସମସ୍ତଙ୍କ ଭୋଜନ ସମାପ୍ତି ପରେ ଇନାକ୍ଷୀ ଖାଇବାପାଇଁ ବସିଲା । ଜୁଜୁ କାନ୍ଦୁଥାଏ । ଅମିତ ବାବୁ ଆସି ଜୁଜୁକୁ ଇନାକ୍ଷୀଠାରୁ ନେଇଗଲେ । ଭାବିଲି ଏବେ ଟିକେ ସେ ଶାନ୍ତିରେ ଖାଇପାରିବତ । ମୁଁ ଇନାକ୍ଷୀକୁ ଗଭୀର ଭାବରେ ଦେଖୁଥାଏ । ସେ ବହୁତ ଧିରେ-ଧିରେ ଖାଉଥାଏ । ସେତବେଳକୁ ରାତି ୧୦ଟା ବାଜି ସାରିଥାଏ । ତାର ମୁଖମଣ୍ଡଳର କାନ୍ତି ଆଉ ଶରୀର ଯେମିତି ନିସ୍ତେଜ୍ ହୋଇଯାଇଛି । ଖାଇବାକୁ ଇଛା ନାହିଁ । ବଞ୍ଚିବା ପାଇଁ ବାଧ୍ୟହୋଇ ଖାଉଛି...ବୋଧେ ? ମୁଁ ଅମିତ ବାବୁଙ୍କୁ କହିଲି-ଆପଣ ତ ବହୁତ ଥକି ଯାଇଥିବେ । ଯାଇ ଶୋଇପଡନ୍ତୁ । ସେ ମୋତେ କହିଲେ- ହଁ, ଥକିତ ଯାଇଛି......., ବହୁତ କ୍ଲାନ୍ତ ମଧ୍ୟ ଅନୁଭବ କରୁଛି । ଏହା କହି ସେ ଶୋଇବାକୁ ଚାଲିଗଲେ । ଇନାକ୍ଷୀ ଏହାଭିତରେ ଖାଇସାରି ବାସନ ମାଜିବାପାଇଁ ଚାଲିଗଲା ।

ରାତି ୧୧ଟା ପାଖାପାଖି ହୋଇଯିବ । ସମସ୍ତେ ଯିଏ ଯାହାର ଖାଇପିଇ ଶୋଇବା ପାଇଁ ପଳେଇଲେଣି । ମୁଁ ବାହାର ଅଗଣାରେ ଗୋଟିଏ ଚଉକି ପକେଇ ବସି ଆକାଶକୁ ଚାହିଁ ଦେଖିଲି । ସେ ଦିନ ଥିଲା ପୂର୍ଣ୍ଣିମାର ରାତ୍ରି ଏବଂ ଗଗନ ଥିଲା ଅନଭ୍ର । ମୁଁ ଦେଖିଲି - ସେହି ଶୁଷ୍କ, ନିର୍ଜୀବ ଘରର ଛାତ ପୂର୍ଣ୍ଣିମୀ ରାତ୍ରିରେ ଚନ୍ଦ୍ରମାର ଶୀତଳ ମନ ମୁଗ୍ଧକର ଚାନ୍ଦିନୀରେ ଚନ୍ଦ୍ରକୁ ଚାହିଁ ଚକ୍-ଚକ୍ କରି ଉଠୁଥିଲା ।

Download Magazine from www.aahwaan.com

ମୁଁ ଦେଖିଲି..... ମନ୍ଦ-ମନ୍ଦ ବାୟୁରେ କିଛି ବୃକ୍ଷ ଝୁଲି-ଝୁଲି ଗାଉଛନ୍ତି କିଛି ମଧୁର ରାଗ – ସେ ରାଗରେ ଅଶାନ୍ତି ନାହିଁ.....ଦ୍ୱେଷ ନାହିଁ..... ହିଂସା ନାହିଁ..... ନାହିଁ ମଧ୍ୟ ସ୍ୱାର୍ଥପରତା ।

ମୁଁ ଦେଖିଲି - ଧିରେ-ଧିରେ ରାତ୍ରୀ ଚଢି ଆସୁଥାଏ । ଚନ୍ଦ୍ରମାର ସ୍ୱଚ୍ଛ, ଶୀତଳ, ଶ୍ୱେତ ରଙ୍ଗର ଚାନ୍ଦିନୀରେ ତାରା ସମୁହ ଉତ୍ସବମୁଖରିତ ହୋଇ ଉତ୍ସାହରେ ଉତ୍ସବ ପାଇଁ ସିଙ୍ଗାର କରୁଥାନ୍ତି । ଚତୁର୍ଦ୍ଦିଗେ ନିର୍ମଳ ପ୍ରକାଶ, ଏହି ପ୍ରକାଶରେ ମଗ୍ନ ବୃକ୍ଷମାନେ ଗୁପ୍-ଚୁପ୍ ବାର୍ତାଳପରେ ବ୍ୟସ୍ତଥାନ୍ତି । ସେହି ବୃକ୍ଷ କୋରଡରେ ବାସ କରୁଥିବା କପୋତ ଯୁଗଳ ସ୍ୱଚ୍ଛ ଚାନ୍ଦିନୀରେ ପ୍ରେମ-ପ୍ରଣୟରେ ଥାନ୍ତି ମଗ୍ନ..... ।

ମୁଁ ଦେଖିଲି – ନୀଳ ଆକାଶର ଛାଇରେ କିଛି ଖଗ ଚେଁ.....ଚେଁ..... ଶବ୍ଦ କରି ଚାନ୍ଦିନୀ ରାତ୍ରିର ନିର୍ଜନତାକୁ ଭଙ୍ଗ କରିବାକୁ ଚେଷ୍ଟା କରୁଥାନ୍ତି....... ।

କିନ୍ତୁ ଏହିସବୁ ଦୃଶ୍ୟ ଖାଲି ମୁଁ ଦେଖୁଥିଲି......ଖାଲି......... ମୁଁ.........ଏବଂ ଏହି ନିର୍ଜନତାରେ ଆଉ ଗୋଟିଏ ଶବ୍ଦ ମଧ୍ୟ ମୋ କାନରେ ବାଜୁଥାଏ । ଇନାକ୍ଷୀର ବାସନ ମଜା ଝନ୍....... ଝନ୍......ଝନ୍.........

ଭାବୁଥାଏ କେତେବେଳେ ଇନାକ୍ଷୀ ରାଗ ଭୈରବୀ ଗାଇ ସଭା ସମାପ୍ତ କରିବ । ଭୈରବୀ ଦେବୀଙ୍କୁ କ୍ରିୟା ଶକ୍ତିର ରୂପ ଦିଆ ଯାଇଛି । ଯାହାକୁ ସ୍ମରଣ କଲେ ଶରୀରରୁ ସମସ୍ତ ବ୍ୟାଧୀ ନିସ୍କାସିତ ହୋଇ ଶରୀରକୁ ପୂର୍ଣ୍ଣ ଜୀବିତ କରିଥାଏ । ରାଗ ଭୈରବୀ ଏମିତି ଏକ ରାଗ ଯାହାକୁ ଗାଇ ସଭା ସମାପ୍ତ କରିବାର ପ୍ରଥା ମଧ୍ୟ ପ୍ରଚଳିତ ଅଛି । ଏହି ରାଗ ଭାବ-ଅଭିବ୍ୟକ୍ତି ପାଇଁ ମଧ୍ୟ ବହୁତ ଅନୁକୁଳ ଏବଂ ପ୍ରଭାବକାରୀ ଅଟେ ।

କିନ୍ତୁ ଇନାକ୍ଷୀ ଏଠି ନା ତା ଶରୀରର ବ୍ୟାଧିକୁ ନିଷ୍କାସିତ କରିବାକୁ ଚାହୁଁଛି ନା ତା ନିଜର ଭାବନାକୁ କାହା ଆଗରେ ଅଭିବ୍ୟକ୍ତ କରୁଛି, ନା ରାଗ ଭୈରବୀ ଗାଇ ଦିନଯାକର

Download Magazine from www.aahwaan.com

କାର୍ଯ୍ୟକ୍ରମକୁ ସମାପ୍ତ କରିବାକୁ ଚେଷ୍ଟା କରୁଛି ? କଣ ଚାହୁଁଛି ସେ ?


ସମାଜରେ ଏମିତି ଅନେକ ଇନାକ୍ଷୀ ଥିବେ ଯିଏକି ବୋହୁ ରୂପରେ ଏହି ଅସମାନତା ପ୍ରଥାର ଶିକାର ଘରେ ଘରେ ହୋଇ ଆସୁଛନ୍ତି । ମାଁ ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ରାଗ ଭୈରବୀ ଗାଇ ସମାଜରେ ପ୍ରଚଳିତ ଏହି ଅସମାନତା ପ୍ରଥାକୁ ସମୁଳେ ବିନାଶ କରି ସମାନତାରେ ପରିଣତ କରିବା ପାଇଁ, ମା ଭୈରବୀଙ୍କ ପାଖରେ ମୋର ଏତିକି ବିନତୀ ।

ଲକ୍ଷ୍ନୌ, ଉତ୍ତର ପ୍ରଦେଶ

ଇମେଲ୍ : mamata.dash1234@gmail.com

Download Magazine from www.aahwaan.com

# ବାତାବରଣ



ପ୍ରମୋଦ କୁମାର ପଣ୍ଡା

ଏକ

ଖଳାର ଛତୁ ଭଜା, ତା ସହ ଭଜା ମୁଗର ଡାଲି । ବଗଡା ଚାଉଳର ଭାତ ହେଲେ ବି ତାର ଗରମ ଗରମ ବାଷ୍ପିତ ପେଜୁଆ ବାସ୍ନାରେ ରଞ୍ଜିତାର ଭୋକ ବଢି ଯାଇଥିଲା । ଖୁଡି କଞ୍ଚା ଆମ୍ବର ଚଟଣୀ ଆଣି ଯେତେବେଳେ ପରଶି ଦେଇ ଗଲେ, ସତକୁ ସତ ସେ ଲାଳେଇ ଗଲା । ପ୍ରଥମେ ଆମ୍ବ ଚଟଣୀରୁ ଖାଇବା ଆରମ୍ଭ କରିଥିଲା । ଆଃ, ଅନେକ ସମୟ ଧରି ଅତୃପ୍ତ ରହିଥିବା ଜିହ୍ୱାର ଲାଳ ରନ୍ଧ୍ର ମାନଙ୍କ ଭିତରେ ଚଟଣୀର ସ୍ୱାଦ ଯେମିତି ସୁସ୍ୱାଦୁତାର ରସରେ ପରିପୂର୍ଣ୍ଣ କରି ଦେଇଥିଲା । ଖୁଡି ପାଟି କରି ଉଠିଲେ, "ଭାତ ଖାଅ ମ ମାନି, ଖାଲି ଆମ୍ବ ଚାଟୁଛ ।"

ଜେଜେ ମାଆ ତାଙ୍କ କଥାକୁ କାଟିଲେ, "ତୋର ଅଦ୍ଭୁତ କଥା ବୋହୂ । ଦେଖୁଛୁ, ପୂରା ମଣିଷଟା ।"

ମାନିନୀ ଲାଜେଇ ଯାଇ ଖୁଡିଙ୍କୁ ଚାହିଁଲା । ଖୁଡି ରନ୍ଧାଘର ଦ୍ୱାର ମୁହଁରେ ଠିଆହୋଇ ହସୁଥିଲେ । ହସୁରା ଖୁଡି । ହସିଲେ ଖୁଡି ଖୁବ ସୁନ୍ଦର ଦେଖା ଯାଆନ୍ତି ।

ଭୁବନେଶ୍ୱର ରହଣି ସମୟରେ ନିର୍ମଳ ବସନ୍ତ ଅପରାହ୍ନର ଉତ୍ତରା ପବନର ତାଳେ ତାଳେ ଘଣ୍ଟି ବଜେଇ ବଜେଇ ଠେଲାଗାଡିରେ ବିଭିନ୍ନ ସ୍ୱାଦର ପସରା ଧରି ଆସୁଥିବା ଦୋକାନୀର ନିତି ଦିନିଆ ଗରାଖ ଥିଲା ସେ ।

ଦହି ବରା, ଟମାଟ - ପିଆଜ - ବେସନର ଚକୁଳି ଖାଇସାରିଲା ପରେ ଆଙ୍ଗୁଠି

 Download Magazine from www.aahwaan.com

ଚାଟିଚାଟି ଅଧା ମେଲା ମୁଖ୍ୟ ଫାଟକକୁ ବନ୍ଦ କରି ପଛକୁ ଫେରି ଚାହିଁ ମାନିନୀ ଦେଖୁଥିଲା, ବୋଉ ଦ୍ୱାର ମୁହଁରେ ଠିଆ ହୋଇଛନ୍ତି କି ନାହିଁ । ଯଦି ଠିଆ ହୋଇଥିବାର ଦେଖେ, ପାଟିକୁ ହସ ଟାଣି ଆଣି କହେ, "କିଛି ଖାଇନି ବୋଉ, ସେ କିଣିବାକୁ କହୁଥିଲା । ମୁଁ ନାହିଁ କରିଦେଲି । କହିଲି, ମୋ ବୋଉ ଗାଳି କରିବେ । ମୁଁ କିଣିବିନି । ଭଲ କଲି ନା ବୋଉ ?"

ହସିହସି ମିଛ କହିଲେ ବି ତାଙ୍କ ଆଗରେ ମାନିନୀ କେବେ ହେଲେ ପାରିନି । ତା ବୋଉ ହସନ୍ତି । କହନ୍ତି, "ତୁ କହିଲୁ, ଆଉ ସେ ବିଶ୍ୱାସ କରିଦେଲା !"

ମାନିନୀ ବୋଉଙ୍କ ବେକ ଧରି ଓହଳି ପଡି କହେ, "ମୋ ବୋଉଙ୍କ ନା ଧରିଛି । ସେ ବିଶ୍ୱାସ କରିବନି ? ଏତେ ସାହାସ ତାର ?"

ଝିଅର ଚିବୁକ ଧରି ବୋଉ ଟିକେ ହଲେଇ ଦିଅନ୍ତି, "ହଁ ସତ କଥା । ତୋର ଇଏ ସବୁ ଦେଖିଥିବ । ନାଇଁ ?"

ବୋଉ ତା ବଢନ୍ତା ପେଟ ଆଡେ ଆଙ୍ଗୁଠି ଦେଖେଇ କହନ୍ତି । ମାନିନୀ ସତକୁ ସତ ପ୍ରକୃତିସ୍ଥ ହୋଇଯାଏ । ପାଟିରୁ ତାର ହସ ଉଭେଇ ଯାଏ ।

ସତ କଥା । ସେ ଯାହା କିଛି ବି କରୁଥିଲା, ତା ପେଟର ଛୁଆ ପାଇଁ ହିଁ ଥିଲା । ଆଜି କାଲିର ଦୁନିଆରେ ଭଲ ମଣିଷଟିଏ କରି ଗଢି ତୋଳିବା ଯେ କେତେ କଷ୍ଟକର, ବୋଉଙ୍କୁ ଦେଖି ସେ ବୁଝି ପାରୁଥିଲା । ପିଲାଙ୍କ ପାଇଁ ତାଙ୍କର ଅବିରତ ପରିଶ୍ରମ ପାଖରେ କାହାରି ଆକଟ କିମ୍ବା ହସ୍ତକ୍ଷେପ ମଧ୍ୟ ବାଧା ସୃଷ୍ଟି କରି ପାରୁ ନ ଥିଲା ।

ଗାଁ ଘରେ ରନ୍ଧା ଘରକୁ ଲାଗି ରହିଥିବା ଲମ୍ବା ଓସାରିଆ ସିମେଣ୍ଟ ଚଟାଣରେ ସେ ଖାଇବାକୁ ବସିଥିଲା । ପାଖରେ ଅଶୀ ବର୍ଷ ବୟସୀ ଜେଜେ ମାଆ ଗୋଡ ଲମ୍ବେଇ ବସିଥିଲେ । କୋଟରଗତ ଚକ୍ଷୁ, ଶୁଖିଲା-ରକ୍ତଶୂନ୍ୟ-ଚର୍ମ-ଜର୍ଜରିତ ଆଣ୍ଠୁ ଉପରେ ପଡିଥିବା

 Download Magazine from www.aahwaan.com

ଶୀତ-ପାଉଁଶିଆ ଦୁଇ ହାତରେ ଦୁଇ ପଟ ସରୁସରୁ ସୁନା ଚୁଡି ଥିଲା । ପାକୁଆ ପାଟି, ଓହଳା ଗାଲର ଦୁଇ ପାଖରୁ ସେ ଯେତେବେଳେ ହସିବା ପାଇଁ ଓଠ ଦୁଇଟିକୁ ସଂପ୍ରସାରିତ କରୁଥିଲେ, ଅତି ଦୟନୀୟ ଦେଖା ଯାଉଥିଲେ ।

ବାବା ଅନେକ ଥର ଡାକିଲେଣି, "ବୋଉ, ଏଇଠିକୁ ଆସେ । ତୋ ପାଇଁ ପାଣି ପବନ କିଛି ବଦଳିବ ।"

କିନ୍ତୁ ଜେଜେ ମାଆଙ୍କ ଚିନ୍ତାଧାରା ଭିନ୍ନ ଥିଲା । ଶାଶୁ ଘର ବଂଶ ପରମ୍ପରାକୁ ଆପଣେଇ ଧରି ରଖି ସେ ଆଜି ବି ଗାଁରେ ପ୍ରଶଂସିତ ହେଉଛନ୍ତି । ବଡ ପୁଅ ପାଖରେ ତାଙ୍କ କ'ଣ ସେ ସମ୍ମାନ ମିଳି ପାରିବ ? ଷାଠିଏ ବର୍ଷ କାଳ ଯାହାର ପାଣି ପବନର ବାତାବରଣରେ ସମସ୍ତଙ୍କୁ ଏଡିଟିରୁ ଏଡିଟିଏ କରିଛନ୍ତି, ମରଣ କାଳରେ ସେହି ବାତାବରଣକୁ ସିଏ କ'ଣ ହତାଦର କରି ପାରିବେ ? ବରଂ ନିଜ ଘର ବାରଣ୍ଡାରେ ଗୋଡ ଲମ୍ବାଇ ବସି ଘର ସମ୍ମୁଖରେ ଥିବା ମନ୍ଦିରକୁ ସକାଳୁ ସଞ୍ଜରେ ଯିବା ଆସିବା କରୁଥିବା ଚିହ୍ନା ପରିଚୟଙ୍କ ଖବର-ଅନ୍ତର ବୁଝୁବୁଝୁ ତାଙ୍କର ସମୟ କଟି ଯାଉଥିଲା ।

ଆଈ ଘର ଗାଁ ଧାଇ ହାତରେ ମାନିନୀର ଜନ୍ମ, ପାଳନ ପୋଷଣ ହେଲା ଭୁବନେଶ୍ୱରରେ । ବାହା ହେଲା ମୁମ୍ବାଇରେ । ବାସିନ୍ଦା ହେଲା ମଧୁମୟଙ୍କ ଚାକିରୀ କ୍ଷେତ୍ର ଝରିଆର । ସହରର ପାଣି ପବନରେ ପ୍ରତି ପାଳିତ ହେଲେ ବି ଗାଁର ଆକର୍ଷଣ ମାନିନୀ ପାଇଁ ଅଧିକ ଥିଲା । ଗାଁ ମାଟିର ସୁଗନ୍ଧରେ ସେ ଆତ୍ମହରା ହୋଇ ଉଠୁଥିଲା ।

ଆଗରୁ ଅନେକ ଥର, ବାହା ହେବା ଆଗରୁ ବାବା ମାମା ସହ, ବାହା ହେଲା ପରେ ମଧୁମୟ ସହ ମାନିନୀ ଗାଁ କୁ ଆସିଛି । କିନ୍ତୁ ଏ ଥର ଆସିବା ଭିନ୍ନ ଥିଲା । ସେ ଗର୍ଭବତୀ ଥିଲା । ମା ହେବାକୁ ଯାଉଥିଲା । ପ୍ରସବ ସମୟ ନିକଟ ଥିବାରୁ ସେ ଆସି ମାମା ପାଖରେ

Download Magazine from www.aahwaan.com

ରହିଥିଲା । କାଲି ଯେତେବେଳେ କକା ଭୁବନେଶ୍ୱର ରେ ପହଞ୍ଚି ମାନିନୀକୁ ଗାଁକୁ ନେବାପାଇଁ ଜିଦ୍ ଧରିଥିଲେ, ତାଙ୍କୁ ଦେଖୁଦେଖୁ ସେ ମନେମନେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲା- ହେ ଭଗବାନ, ମାମା ନାହିଁ କହନ୍ତୁ ନାହିଁ ।

ତା ପ୍ରାର୍ଥନା ଈଶ୍ୱର ଶୁଣିଥିଲେ । ମାମା ହଁ କହିଥିଲେ ।

ସକାଳୁ ମାନିନୀ ଓ କକାଙ୍କୁ ନେଇ ଜାତୀୟ ରାଜପଥରୁ ଖସି ଭିତରକୁ କେନାଲ କଡେ କଡେ ପନ୍ଦର କିଲୋମିଟରର ବିଲ ମାଳ ଭିତରେ ଅଙ୍କା-ବଙ୍କା ଧୂଳି-ଧୂସରିତ ପିଚୁ-ମାଟି-ପଥୁରିଆ ରାସ୍ତାରେ ଯାଇ କାର ଗାଁ ଘର ଦାଣ୍ଡ ଦୁଆର ପାଖରେ କାର ଯେତେବେଳେ ଯାଇ ଅଟକି ଥିଲା, କାର  ପଛରେ ବଡ ପାଟିରେ ଅହେତୁକ ଚିତ୍କାର ଛାଡି ଦୌଡି ଦୌଡି ଆସୁଥିବା ପଂଝାଏ ପିଲାଙ୍କ ଗତି ବି ତା ସହ ବନ୍ଦ ହୋଇଯାଇଥିଲା । ସେମିତି ଚିତ୍କାର କରିକରି ପଛକୁ ଫେରି ଯାଇଥିଲେ ସେମାନେ । କାରରୁ  ଓହ୍ଲେଇ ସିଧା ଯାଇ ମାନିନୀ ଦାଣ୍ଡ ଘରେ ଗୋଡ ଲମ୍ବେଇ ବସିଥିବା ଜେଜେ ମାଆଙ୍କ ପାଖରେ ପହଞ୍ଚିଥିଲା । ଜେଜେ ମା ଦେଖୁଦେଖୁ କୋଳକୁ ଟାଣି ନେଇଥିଲେ । ପିଲାଟି ଦିନୁ କକା ଖୁଡି ଜେଜେ ମାଆଙ୍କ ଆପଣା ପଣିଆର ପାଗଳ ଥିଲା ସେ ।

## ଦୁଇ

ଗଣ୍ଡମୁଣ୍ଡା ଘର ବାହାର ବଗିଚାରେ ଥିବା ଶେଫାଳି, କଦମ୍ବ ଓ ବେଲ ଗଛର ନୁଆଁଣିଆ ଛାଇ ତଳେ ଭୁବନେଶ୍ୱରର ନିତିଦିନିଆ ଅପରାହ୍ନ ପବନକୁ ଉପଭୋଗ କରିବାକୁ ଚୌକି ପକେଇ ବସୁଥିଲା ।

ବୈଠକ ଭିତରର ପଙ୍ଖା ତଳେ ବସି ଟିଭି ଦେଖିବାକୁ ତାର ସ୍ପୃହା ନ ଥିଲା । ପୁରୁଣା ଓଡିଆ ଉପନ୍ୟାସ ପଢିବାକୁ ଭାରୀ ସଉକ ତାର । ସେଥିପାଇଁ ବାବା ବାଛିବାଛି ପୁରୁଣା

Download Magazine from www.aahwaan.com

ଓଡିଆ ବହିର ସମ୍ଭାର ଆଣି ତା' ପାଇଁ ରଖିଛନ୍ତି । ମୁମ୍ବାଇର ଡାକ୍ତର ପଦ୍ମନାଭ କହିଥିଲେ – ଟିଭି ଦେଖିବା ଅପେକ୍ଷା ବହି ପଢିବା ଭଲ । ପେଟର ଛୁଆ ପାଇଁ ।

ଗାଁକୁ ଆସିଲେ ଦିପହରର ଖରା ଲେଉଟାଣି ବେଳେ ମାନିନୀ ର ଅଭ୍ୟାସ ଥିଲା, ତୋଟା ଆଡେ ଯାଇ ବୁଲି ଆସିବା । ଘର ପଛ ପାଖେ ଗୁହାଳ । ଗୁହାଳରୁ ବାହାରି ଆଗକୁ ଗଲେ ସେଠାରୁ ଚାରି ଧାଡି ନଡିଆ ଗଛ । ପରେ ଆମ୍ବ, ବେଲ ପଣସ ତୋଟାର ଆରମ୍ଭ । ତୋଟା ଅତିକ୍ରମ କଲେ ନଦୀ ପଠାରେ ପହଞ୍ଚି ହୁଏ । ଗହମିଆ ରଙ୍ଗ ସରୁ ବାଲିର ନଦୀ ପଠା । ଈଷତ୍ ରୂପେଲି ଦେଖା ଯାଉଥିବା ନଦୀ ପାଣି ଉପର ଦେଇ ଭାସି ଆସୁଥିବା ବସନ୍ତିଆ ପବନର ଭିଜା ଭିଜା ସୁଗନ୍ଧ ମାନିନୀକୁ ବେଶ୍‌ଭଲ ଲାଗେ ।

ନଦୀକୂଳରୁ ଆସି ଗହଳିଆ ଆମ୍ବ ତୋଟାରେ ବୁଲୁବୁଲୁ ତଳକୁ ଓହଳି ପଡିଥିବା ପେନ୍ଥା କାର କଞ୍ଚା ଆମ୍ବ ରଞ୍ଜିତାର ଦୃଷ୍ଟିଗୋଚର ହୋଇଥିଲା । ପାଦ ଟିକେ ଉଠେଇ ତୋଳିବାକୁ ଚେଷ୍ଟା କଲା । ସଫଳ ହୋଇ ପାରିଲାନି ସେ । ଅନ୍ୟ ଦିନ ହୋଇଥିଲେ ଡେଇଁ ପଡି ତୋଳି ଦେଇଥାନ୍ତା । କିନ୍ତୁ ଆଜିର ପରିସ୍ଥିତି ଭିନ୍ନ । ସାହାସ ହେଲାନି । ନିରାଶରେ ମୁହଁ ବୁଲେଇ ଅନ୍ୟ ଏକ ଗଛ ଉପରକୁ ନଜର ଦେଉଥିଲା, ପାଖରେ ତଳେ ଭାରି ଜିନିଷ ପଡିବା ଶବ୍ଦ ଶୁଣି ଫେରି ଚାହିଁଲା । ପ୍ରଥମେ ଚାହୁଁଥିବା ଆମ୍ବ ପେନ୍ଥାଟି ତଳେ ପଡିଛି । କିଛି ଦୂରରେ ନଅ-ଦଶ ବର୍ଷର ଜଣେ ବାଳକ ହାତରେ ବାଟୁଳି ଧରି ଠିଆ ହୋଇଛି । ତଳୁ ସେ ଆମ୍ବକୁ ଉଠେଇଲା । ଇସାରାରେ ବାଳକଟିକୁ ଡାକି ପଚାରିଲା, "ଏ ଆମ୍ବ ତୁ ବାହାର କଲୁ ?"

ମୁଣ୍ଡ ହଲେଇ ମନା କରିବା ସୂଚାଇ ବାଳକଟି କହିଲା, "ମୁଁ ନୁହଁ । ଏ ବାଟୁଳି ବାହାର କଲା ।"

ଉତ୍ତରର ବିଚକ୍ଷଣତା ମାନିନୀକୁ ହସିବା ପାଇଁ ବିବଶ କରିଥିଲା । ପେନ୍ଥାରୁ ଛୋଟ

 Download Magazine from www.aahwaan.com

ଆମ୍ବଟିଏ ଛିଣ୍ଡାଇ ମାନିନୀ ତାକୁ ପାଖରେ ପଡିଥିବା ବଡ ପଥରରେ ଛେଚିଲା । କେତେଟା ଚିହ୍ନ ଛଡା ଆମ୍ବରେ ଅନ୍ୟ କିଛି ପରିବର୍ତ୍ତନ ଦେଖାଗଲାନି । ହାତରେ ଲାଗିଥିବା ଆମ୍ବ ଲସାର ଭଣ ଭଣ ବଉଳିଆ-ସୁଗନ୍ଧ ବାରି ହୋଇ ପଡୁଥିଲା ।

ବାଟୁଳି ଧରିଥିବା ବାଳକଟି ପାଖକୁ ଆସିଲା । ତା ହାତରୁ ଆମ୍ବଟିକୁ ନେଇ ପଥର ଉପରେ ରଖି ତା ଉପରେ ହାତକୁ ମୁଠା କରି ଛେଚିଲା । ଆମ୍ବ ଦୁଇ ଫାଳ ହୋଇଗଲା । ଭିତରୁ ଧଳା ସରସର କୋଇଲି ବାହାରି ତଳେ ପଡିଗଲା ।

ଆମ୍ବ ଦୁଇ ଫାଳ ମଧ୍ୟରୁ କୋଇଲିଟିର ବାହାରିଯିବା ଦୃଶ୍ୟ ମାନିନୀକୁ ସ୍ତବଧ କରିଦେଲା । ଗୋଟିଏ ମୁହୁର୍ତ୍ତ ପାଇଁ ବିଦ୍ୟୁତ୍ ତରଙ୍ଗର ଶିହରଣ ତା ଦେହରେ ଖେଳିଗଲା । ତାର ବୋଧ ହେଲା, ଆମ୍ବ ଭିତରୁ କୋଇଲି  ନୁହେଁ, ତାର ଛୁଆ ବାହାରି ଆସିଛି ।

"ନିଅ, ଆମ୍ବ ଖାଇବ ।" - ବାଳକଟିର ସମ୍ବୋଧନରେ ସେ ସଚେତ ହେଲା  ।

ଦେଖିଲା, ବାଳକଟି ସବୁତକ ଆମ୍ବ ନିଜେ ରଖି ଖଣ୍ଡେ ତାକୁ ଦେଉଛି । ପଥରଟି ଉପରେ ମାନିନୀ ବସିଲା । ପାଟିରେ ଆମ୍ବକୁ ଦେଉଦେଉ ତାକୁ ପଚାରିଲା, "ତୋ ନାଁ କ'ଣ ?"

- ବିଚିତ୍ରା ।

- ମୋତେ ଚିହ୍ନୁ ?

ମୁଣ୍ଡ ହଲେଇ ଅସମ୍ମତି ସୂଚାଇଲା ସେ ।

- ମୋ ନାଁ ମାନିନୀ । ତୁ କୋ କ୍ଲାସରେ ପଢୁ ?

- ପଞ୍ଚମରେ ।

- ଆଜି ସ୍କୁଲ ଯାଇନୁ ?

Download Magazine from www.aahwaan.com

- ଯାଇଥିଲି । ସ୍କୁଲ ଛୁଟି ହୋଇସାରିଲାଣି ।

ସତେ ତ । ମାନିନୀର ମନେ ପଡିଲା । ସେ ଆସିଲା ବେଳେ ସତ୍ୟ ଘରେ ନ ଥିଲା । ସତ୍ୟ କକାଙ୍କ ଦଶ ବର୍ଷର ପୁଅ । ଖୁଡି କହୁଥିଲେ, ସତ୍ୟ ସ୍କୁଲକୁ ଯାଇଛି ।

- ତୁ ସତ୍ୟକାମକୁ ଚିହ୍ନୁ ?

ସେ ମୁଣ୍ଡ ଟୁଙ୍ଗାରି ହଁ କଲା, "ହଁ, ସେ ମୋ ସାଙ୍ଗ । ତମେ କ'ଣ ଆମ ସ୍କୁଲର ନୂଆ ମାଷ୍ଟ୍ରାଣୀ ?"

ରଞ୍ଜିତା ହସିଲା, "ଆରେ ନାଇଁ, ମୁଁ ସତ୍ୟକାମର ଭଉଣୀ । ମାଷ୍ଟ୍ରାଣୀ କାହିଁକି ହେବି ?"

"ସତ୍ୟକାମର ଭଉଣୀ ? କାହିଁ, ମୁଁ ତ ତାଙ୍କ ଘରେ ତମକୁ କେବେ ଦେଖିନି ।"

"ମୁଁ ଭୁବନେଶ୍ୱରରେ ରହୁଛି ତ', ସେଥିପାଇଁ ମୋତେ ଦେଖିନୁ ।"

"ଓଃହୋ ।" ସେ ବୁଝିଲା ପରି ସ୍ୱଗତୋକ୍ତି କଲା । ବିଚିତ୍ରାର ବ୍ୟବହାରରେ ରଞ୍ଜିତା ହସିଲା । ଆମ୍ବ ଗଛର ଡାଳ-ପତ୍ର ଦେଇ ସୂର୍ଯ୍ୟଙ୍କର କ୍ଷୀଣ ରଶ୍ମି ବିଚିତ୍ରାର ମୁହଁରେ ପଡି ସେଠାରେ ଚିତ୍ର ବିଚିତ୍ର ସୃଷ୍ଟି କରୁଥିଲା । ମୁହଁ ଉପରେ ପଡୁଥିବା ଆଲୋକ ପାଇଁ ସେ ବ୍ୟସ୍ତ ନ ଥିଲା । ରଞ୍ଜିତା କୁ ଏକ ଲୟରେ ଚାହିଁ ରହିଥିଲା ।

"ବିଚିତ୍ରା !!!"

ତା ନାଁ ଧରି ଅନେକ କଣ୍ଠରେ ଡାକିବାର ଶୁଣାଗଲା । ତିଳେ ବି ବିଳମ୍ବ ନ କରି ପଛକୁ ବୁଲି ସେ ଦୌଡି ଦୌଡି ପଛରେ ତାକୁ ଡାକୁଥିବା ସାଙ୍ଗମାନଙ୍କ ମେଳରେ ହଜିଗଲା । ତୋଟାଠାରୁ ଦୂରକୁ ଦୂରକୁ ଚାଲି ଯାଉଥିବା ପିଲାମାନଙ୍କ କମି ଯାଉଥିବା କୋଳାହଳ ମଧ୍ୟରେ ସେମାନଙ୍କ ଯିବା ପଥକୁ ଚାହିଁ ପଥର ଉପରେ ବସି ରଞ୍ଜିତା ନିଜ ବିଚାର ଭିତରେ ନିମଗ୍ନ ହୋଇ ଯାଇଥିଲା । ବିଚିତ୍ରାକୁ ଦେଖି ତା ଗର୍ଭରେ ଥିବା ସନ୍ତାନ ବିଷୟ ତା ମନକୁ

Download Magazine from www.aahwaan.com

ଆସିଲା । ସେ କ'ଣ ବିଚିତ୍ରା ପରି ହେବ ? ଗୋଟିଏ ମୁହୂର୍ତ୍ତ ପାଇଁ ଶିହିରି ଉଠିଲା ସେ ।

## ତିନି

ଯେଉଁ ଦିନ ସେ ଜାଣିଲା ଯେ ସେ ଗର୍ଭବତୀ ହୋଇଛି, ଅଜଣା ଆନନ୍ଦରେ ପୁଲକିତ ହୋଇ ଉଠିଥିଲା ସେ ।

ଶରତ ଶେଷରେ ପ୍ରାକ୍ ଶୀତ-ହେମନ୍ତର ବାସ୍ନାକୁ ଶୁଙ୍ଘି ପାରୁଥିଲା, ମାନିନୀ । ସକାଳୁ ସକାଳୁ ମଧୁମୟଙ୍କ କ୍ୱାର୍ଟର ବାହାର ବୃକ୍ଷ ପଲ୍ଲବରେ ଦୃଶ୍ୟମାନ ଟୋପା ଟୋପା କାକର ବିନ୍ଦୁ ହେମନ୍ତ ଉପସ୍ଥିତିର ସୂଚନା ଦେଇ ପାରୁଥିଲେ ।

ଅତି ସଙ୍କୋଚରେ ଏ ବିଷୟ ମଧୁମୟଙ୍କୁ କହି ପାରି ନଥିଲା । ମୋବାଇଲରେ ମାମାଙ୍କ ସହ ସବୁ ଦିନେ କଥା ହେଉଥିଲା ବେଳେ ତାର ସନ୍ଦେହ ବିଷୟ କହିଥିଲା । ଶୁଣୁଶୁଣୁ ମାମା ଆନନ୍ଦରେ ବିହ୍ୱଳ ହୋଇ ଯାଇଥିଲେ । ପରୀକ୍ଷା କରେଇ ନେବାକୁ କହିଥିଲେ । ଶାଶୁ ଶୁଣୁ ଶୁଣୁ ପୁଲକି ଉଠିଥିଲେ । ଯେହେତୁ ତାଙ୍କର ତିନି ପୂର୍ବପୁରୁଷଙ୍କ ଝିଅ ଜନ୍ମ ହୋଇ ନ ଥିଲେ, ତାର ଝିଅ ନିଶ୍ଚୟ ହେବ, ଏ କଥା ମଧ୍ୟ କହିଥିଲେ । କିନ୍ତୁ ମାନିନୀର ପୁଅ ଇଛା ଥିଲା । ସନ୍ଧ୍ୟାରେ ଯେତେବେଳେ ଖଣି ଭିତରୁ ମଧୁମୟ ଘରକୁ ଫେରିଥିଲେ, ତା ସନ୍ଦେହ ବିଷୟରେ କହିଥିଲା ।

ପରୀକ୍ଷା କଲା ପରେ ଜଣା ପଡିଥିଲା, ତା ସନ୍ଦେହ ସତ ଥିଲା ।

ଶୁଣୁ ଶୁଣୁ ତା ଭିତରେ ମାତୃତ୍ୱ ସ୍ପର୍ଶର ତରଙ୍ଗାୟିତ ଶିହରଣ ଖେଳି ଯାଇଥିଲା । ଗୋଟିଏ ମୁହୂର୍ତ୍ତ ପାଇଁ ସେ ଅନୁଭବ କରିଥିଲା, ତା ଚାରିପଟର ଆକାଶରୁ ଅନବରତ ବରଫ ଗୁଣ୍ଡ ଝଡୁଛି, ତା ଚାରିପାଖେ ଖେଳେଇ ହେଇ ଯାଇଛି, ଗଦା ଗଦା ବରଫର ଧଳା ସ୍ତୁପ ଉପରେ ଠିଆ ହୋଇ ସେ ଆନନ୍ଦରେ ଆତ୍ମହରା ହୋଇ ପଡିଛି । ଚତୁର୍ଦ୍ଦିଗରୁ ବରଫ

Download Magazine from www.aahwaan.com

ଆଚ୍ଛାଦିତ କୁହୁଡିଆ ବାତାବରଣ ଭିତରେ ସେ ନିଜେ ତା ଚେହେରା ଅତି ପରିଷ୍କାର ରୂପେ ଦେଖି ପାରୁଥିଲା ।

ଶାଶୁଙ୍କ ଆଶା, ତାର ଇଚ୍ଛା ବିଷୟ ମଧୁମୟଙ୍କ ଆଗରେ ବ୍ୟକ୍ତ କରିଥିଲା । ମଧୁମୟ କିଛି ନ କହି ଚୁପ୍‌ରହିଥିଲେ । ସେ କିନ୍ତୁ ପୁଅ ଝିଅ ଗଠନ ପ୍ରକ୍ରିୟା ଜାଣି ମଧ୍ୟ ପ୍ରାର୍ଥନା କରିଥିଲା, ତାର ପୁଅ ହେଉ ।

ହଁ, ତାର ପୁଅ ହିଁ ହେବ ।

ଆମ୍ବ ଗଛ ତୋଟା ତଳେ ଲାଲ ରଜ୍ଜୁରେ ବନ୍ଧା ସୂର୍ଯ୍ୟଙ୍କ ବାହୁଡା-ବିଜୟ ରୂପକ ରଶ୍ମି-ରଥର ମ୍ଳାନ କିରଣରେ ବାସନ୍ତିକ ସନ୍ଧ୍ୟାର ଶୀତଳତା ଅନୁଭୂତ ହେବାରେ ଲାଗିଥିଲା ।

ମୁମ୍ବାଇରୁ ଆସିଲା ବେଳେ ଡଃ ପଦ୍ମନାଭ ସତର୍କ କରେଇ ଛାଡିଥିଲେ – ବେଶି ଅସୁବିଧା ବସନ୍ତ ପବନ ।

ବସିବା ସ୍ଥାନରୁ ମାନିନୀ ଉଠିଲା । ଆଉ ବେଶି ସମୟ ଏହି ସମୟରେ ବାହାରେ ରହିବା ଠିକ୍ ନାହିଁ । ଆମ୍ବ ତୋଟା ଭିତରୁ ବାହାରି ଆସିଲା ।

ବାଡ଼ି ପାଖେ ନ ଯାଇ ସେ ଦାଣ୍ଡ ପାଖେ ଯିବାକୁ ଚାହିଁଲା । ସ୍ୱସ୍ଥ, ସୁନ୍ଦର, ପରିଷ୍କାର ଗାଁ । ସହର ଅପେକ୍ଷା ଗାଁ ଗୁଡିକ ଅଧିକ ସ୍ୱଚ୍ଛ ଓ ପରିଷ୍କୃତ । ରାସ୍ତା ମଝିରେ ଥିବା ବଡ କୂଅରୁ କାଖରେ ପାଣି ମାଠିଆ ନେଇ ନିଜନିଜ ଘରକୁ ଫେରୁଥିବା ଗାଁ ମାଇପି, ସ୍ଥାନେ ସ୍ଥାନେ ଟୋକାମାନଙ୍କ ସମାବେଶ, ଗାଁ ଦାଣ୍ଡରେ ଖେଳୁଥିବା ପିଲାମାନଙ୍କ ପାଟିତୁଣ୍ଡ ଭିତରେ ମାନିନୀକୁ ମନ୍ଦିରର ଶଙ୍ଖ ଧ୍ୱନି ଶୁଣାଗଲା ।

"ଏ ବଗ ନଖ ଦେ, ଏ ବଗ ନଖ ଦେ ।"

ଦଳେ ପିଲାଙ୍କ ପାଟି ଶୁଣି ଉପରକୁ ଚାହିଁଲା ମାନିନୀ । ମେଘ ଶୂନ୍ୟ ଆକାଶ ବକ୍ଷରେ

Download Magazine from www.aahwaan.com

ଦଳେ ବଗ ନୀଡ ଅଭିମୁଖେ ଉଡୁଥିଲେ । ସାଙ୍ଗରେ ଆହାର ନିଶ୍ଚୟ ନେଉଥିବେ । ଗଛ ବସାରେ ଚିଁ ଚିଁ କରି ତାଙ୍କ ଫେରିବା ରାସ୍ତାକୁ ଚାହିଁ ବସିଥିବା ଛୁଆମାନଙ୍କର ରାବ ସେମାନଙ୍କ କାନରେ ପଡୁ ନ ଥିବ ?

ଚଞ୍ଚଳ ପାଦରେ ସେ ଘର ଅଭିମୁଖେ ଆଗେଇଲା ।

ଦାଣ୍ଡ ଦୁଆର ମୁହଁରେ ମାନିନୀକୁ ଦେଖି ଖୁଡିଙ୍କ ସହ କଥା ହେଉଥିବା ସ୍ତ୍ରୀ ଲୋକ ଜଣକ ପଚାରିଲେ, "ବଡର ଝିଅ କିଲୋ ମନି ?"

"ହଁ ।" ତାଙ୍କ ପ୍ରଶ୍ନର ଉତ୍ତର ଦେଇ ସାରି ମାନିନୀକୁ ଚାହିଁ ଖୁଡି ପଚାରିଲେ, "ଏ ଯାଏଁ କୁଆଡେ ଥିଲ ମାନି । ତମ ମା ମୋତେ କେତେ ଥର ପଚାରି ସାରିଲେଣି । ଏବେ କକା ତମକୁ ଖୋଜିବାକୁ ବାହାରୁ ଥିଲେ ।"

"ତୋଟା ଆଡେ ଚାଲି ଯାଇଥିଲି ଖୁଡି ।" କହୁକହୁ ମାନିନୀ ଘର ଭିତରେ ପଶିଲା । ଗାଁରେ ଅଭାବ-ଅନାଟନ ମାଇପି-ରାଜନୀତିର ଜଟିଳତା ଭିତରେ ଯାହା ହେଲେ ବି ଜଣେ ପଡୋଶୀ ଅନ୍ୟ ଜଣେ ପଡୋଶୀଙ୍କର ଅଣିକଣିର ଖବର ରଖୁଥିଲେ । ସ୍ତ୍ରୀ ଜଣଙ୍କର ଜିଜ୍ଞାସାରେ ମାନିନୀ ବିରକ୍ତ ହୋଇ ନ ଥିଲା । ବରଂ ଖୁସି ଅନୁଭବ କରିଥିଲା । ସେ ଚିହ୍ନି ନ ଥିବା ଲୋକମାନେ ବି ତାକୁ ଚିହ୍ନିଛନ୍ତି ।

ଦାଣ୍ଡ ଘରେ ଚଟାଣ ଉପରେ ଗୋଡ ଲମ୍ବାଇ ବସି ଜେଜେ ମା ଲଣ୍ଠନର କାଚ ପୋଛୁଥିଲେ । ଲମ୍ପ ବାରି ଯାଏଁ ଘର ଭିତରେ ଅନ୍ଧକାର ବ୍ୟାପି ରହିଥିଲା । ମାନିନୀ ଅନୁମାନ କଲା, ବିଦ୍ୟୁତ-ଯୋଗାଣ ବିରତି ଜେଜେ ମା ତାକୁ ଦେଖୁଦେଖୁ ପଚାରିଥିଲେ, "ଏକୁଟିଆରେ ଏମିତି ଗାଁଆ ଭିତରେ ଯାଇ କାହିଁକି ବୁଲୁଛୁ ?"

"ତୋଟା ଭିତରେ ଥିଲି । ଇସ୍, କେତେ ଆମ୍ବ ଆସିଛି ମାଆ ଏ ବର୍ଷ, ଦେଖିଛ ?"

Download Magazine from www.aahwaan.com

"ତୋ କକା କହୁଥିଲା, ଏ ବର୍ଷ ଭଲ ଆମ୍ବ ଆସିଛି । ଦେଖିଲୁ ?"

ମୁଣ୍ଡ ଟୁଙ୍ଗାରି ମାନିନୀ ହଁ କଲା । ଖୁଡି ଘର ଭିତରକୁ କହିକହି ଆସିଲେ, "ସବୁ ଦିନେ ଆଠ ଘଣ୍ଟାରୁ ଦଶ ଘଣ୍ଟା କରେଣ୍ଟ ରହୁନି । କେତେ ଥର ତମ କକାଙ୍କୁ କହିଲିଣି, ଏମାରଜେନସି ଲାଇଟ୍ ଆଣ । ସତ୍ୟର ପାଠ ପଢା ନଷ୍ଟ ହେଉଛି । ଶୁଣିଥାନ୍ତେ ଭଲା ମୋ କଥା । ତମେ ଟିକେ କୁହ ମାନି ।"

ତାଙ୍କ ପାଟିରୁ କଥା ଛଡେଇ ଆଣି ଜେଜେ ମା କହିଲେ, "ହଁ, ଆଉ ଟଙ୍କା ଖର୍ଚ୍ଚ ନ କଲେ ହେବ କି ? ଦିନରେ ପଢୁନି ତୋ ପୁଅ !"

ମାନିନୀ କହିଲା, "ଆଉ ସେ ଦିନ କାଳ ଅଛି ମା ? ପାଠ ନ ହେଲେ କିଛି କାମର ନାଇଁ, ବୁଝିଲ ?" ପୁଣି ଖୁଡି ଙ୍କୁ ଚାହିଁ ପଚାରିଲା, "ସତ୍ୟ କୁଆଡେ ଗଲା ଖୁଡି ? ମୁଁ ତାକୁ ସକାଳୁ ଦେଖିନି ।"

"ସେ ସ୍କୁଲରୁ ଆସିଲା ବେଳେ ତମେ ନ ଥିଲ । ପାୱାର-କଟ୍ ସମୟ ଜାଣିଛି । ମନ୍ଦିର ଭିତରେ ଯାଇ ଖେଳୁଥିବ ।"

## ଚାରି

ଘର ସାମନାର ମନ୍ଦିରରୁ ଶଙ୍ଖ ଓ ଘଣ୍ଟା ଧ୍ୱନି ଶୁଣା ଯାଉଥିଲା । ରାତ୍ରର ପ୍ରଥମ ପ୍ରହର ପ୍ରାରମ୍ଭରେ ଆରମ୍ଭ ହୋଇଥିବା ଥଳ-ମୃଦଙ୍ଗ ତାଳର ତାଳେ ତାଳେ ସୁଲଳିତ କଣ୍ଠରେ ଭଜନ ଶାନ୍ତ ସୌମ୍ୟ ଗ୍ରାମ୍ୟ ପରିବେଶ ଝଙ୍କୃତ ହୋଇ ଯାଇଥିଲା । ମାନିନୀ ଅନୁମାନ କଲା ସତ୍ୟକାମ କକାଙ୍କ ସହ ତାଳରେ ତାଳ, କଣ୍ଠରେ କଣ୍ଠ ମିଳେଇ ମନ୍ଦିରର ଭଜନରେ ମାତି ଯାଇଥିବ । ଜେଜେ ମା ଉଠିଲେ । ଲଣ୍ଠନରେ ନିଆଁ ଧରେଇ ଦେଇ ସାରିଥିଲେ । ହାତରେ ଖଣ୍ଡେ ସଳିତା ଧରି ମନ୍ଦିର ଯିବାକୁ ବାହାରିଲେ, "ତୁ ମନ୍ଦିର ଯିବୁ ମାନି ?"

Download Magazine from www.aahwaan.com

- ନା, ତମେ ଯାଅ ।

ଜେଜେ ମା ମନ୍ଦିରକୁ ଚାଲିଗଲେ । ସଞ୍ଜ ସଳିତା ଆଣି ଖୁଡି ଦୁଆର ମୁହଁରେ ଗୋଟିଏ କୋଣେ ଜଳିଲା ଭଳି ରଖିଦେଇ ମୁଣ୍ଡରେ ଓଢଣା ଦେଇ ଓଳଗି ହେଲେ । ଭାରତୀୟ ସଂସ୍କୃତିର ଏହି କ୍ଷଣ ଗୁଡିକୁ ମାନିନୀର ପ୍ରିୟ ଥିଲା ଏବଂ ସେ ତାକୁ ଆଦରି ନେଇଥିଲା । ତା ମାମା ଭୁବନେଶ୍ୱରରେ ସବୁ ଦିନ ସନ୍ଧ୍ୟାରେ ଦ୍ୱାର-ମୁହଁରେ ସଳିତା-ଦାନ କଲାବେଳେ ମାମାଙ୍କ ସହ ସେ ବି ଓଳଗି ହେବା ପାଇଁ ଜଗି ବସୁଥିଲା । ଖୁଡିଙ୍କୁ ଦେଖି ଆଜି ବି ତା ହାତ ଓଢଣା ପାଖକୁ ଚାଲିଗଲା । ମୁଣ୍ଡରେ ଓଢଣା ଦେଇ ମନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା କଲା- ହେ ପ୍ରଭୁ, ମୋ ଛୁଆକୁ ଘଣ୍ଟ ଘୋଡେଇ ଥ ।

ରୋଷେଇ ଘର ପିଢା ଉପରେ ବସି ଖୁଡି ଗ୍ୟାସ୍‌ଚୁଲ୍ଲୀରେ ଅଗ୍ନି ସଂଯୋଗ କଲେ । ମାନିନୀ ଦିଗେ ଚାହିଁ ପଚାରିଲେ, “ମାନି, ଚାହା ପିଇବ ?”

ମୁଣ୍ଡ ହଲେଇ ମନା କରି ମାନିନୀ ପାଟି ଖୋଲି କହିଥିଲା, “ନା ।”

ବିଜୁଳି ଶକ୍ତି ବିରତ ସମୟରେ ଜଳୁଥିବା ଲଣ୍ଠନର ମିଞ୍ଜି-ମିଞ୍ଜି  ଆଲୁଅ ସହ ସେ ଭୁବନେଶ୍ୱରରେ ବାବାଙ୍କ କିମ୍ବା ମଧୁମୟଙ୍କ ମୁମ୍ବାଇ କୋଠରୀ ଭିତରର ଏକ ରୁ ଅଧିକ ଏଲ୍ ଇ ଡି ବଲ୍‌ବ ର ତୀବ୍ର ତୋଫା ଆଲୁଅ କୁ ତୁଳନା କରୁଥିଲା । ଯେଉଁଠି ଭୋଲ୍‌ଟେଜ୍‌ହିଁ ରହୁନି, ସେଇଠି ଲଣ୍ଠନ, ଲମ୍ବା-ବାଡି ଆଲୁଅ, ସି ଏଫ୍ ଏଲ୍‌କିମ୍ବା ଏଲ୍ ଇ ଡି ସମସ୍ତେ ଏକା ଭଳି ।

ବାବାଙ୍କୁ କହି ଅନ୍ତତଃ ପକ୍ଷେ ସତ୍ୟକାମକୁ ଭୁବନେଶ୍ୱର ନେଇ ଯିବାକୁ ପଡିବ । କକା ଏମାରଜେନସି ଲାଇଟ୍ ଆଣିଲେ ବି ସତ୍ୟକାମର ଭୁବନେଶ୍ୱର ଯିବା କଥାକୁ ସେ ଗମ୍ଭୀରତାରେ ନେବ । ନ ହେଲେ ଗାଁର ଉପେକ୍ଷିତ ଉନ୍ନତିରେ ସତ୍ୟକାମର ଭବିଷ୍ୟତ

Download Magazine from www.aahwaan.com

ଅନ୍ଧାର ହୋଇଯିବ ।

ସାନ ପୁଅକୁ ଖୁଡି ଦାଣ୍ଡଘରେ ମସିଣା ଉପରେ ଲଙ୍ଗଳା କରି ଶୁଆଇ ଦେଇଥିଲେ । ବିଦ୍ୟୁତ-ଯୋଗାଣ ବିରତି ସମୟରେ ତା ଜଂଜାଳରୁ ମୁକ୍ତି ପାଇବା ପାଇଁ ଖୁଡି ସହଜ ଉପାୟଟି ବାଛିଥିଲେ । ମଶା ଯଦି ତାକୁ କାମୁଡି ଦିଏ ? ଅଲାଗୁଣୀରୁ ଲୁଗାଟିଏ ବାହାର କରି ମାନିନୀ ତା ଉପରେ ପକାଇଦେଲା । ଗୋଟିଏ କଡେ ହାତ ଉପରେ ହାତ, ଗୋଡ ଉପରେ ଗୋଡ ପକେଇ ସେ ଗଭୀର ନିଦରେ ଶୋଇଥିଲା । ତା ଉପରେ ଧ୍ୟାନ ଯାଉଯାଉ ନିଜ ପେଟ ଉପରେ ମାନିନୀର ଦୃଷ୍ଟି ଗଲା ।

କ'ଣ କରୁଥିବ ସାତ ମାସର ଛୁଆଟା ତା ପେଟ ଭିତରେ ? ମା ଉପରେ ଦୃଷ୍ଟି ରଖିଥିବ ? ମା କ'ଣ ଖାଉଛି, କ'ଣ ପିଉଛି, କ'ଣ ଦେଖୁଛି, କାହା ସହ କଥା ହେଉଛି ? ଉତ୍ତରାଙ୍କ ଗର୍ଭରେ ଅଭିମନ୍ୟୁ ଭଳି !

କାହା ଭଳି ହେବ ତା ଛୁଆ ? ମଧୁମୟଙ୍କ ଭଳି ନା ତା ଭଳି ?

କେଲେଣ୍ଡରରେ ଛପା ଯାଇଥିବା କଅଁଳା ଛୁଆ ଅଥବା ଟିଭି ବିଜ୍ଞାପନ ଆସୁଥିବା ହ୍ୱାଟସ୍-ଅପ୍ କିମ୍ବା ୟୁ-ଟ୍ୟୁବରେ ଛଡାଯାଉଥିବା ଭିଡିଓରେ ଥିବା ଅଦ୍ଭୁତ କ୍ରିୟା ପ୍ରଦର୍ଶନକାରୀ ଛୋଟ, ଗୁଲୁଗୁଲିଆ, ଠୁକୁ ଠୁକୁ ଚାଲୁଥିବା ଛୁଆମାନଙ୍କ ଭଳି !

କିମ୍ବା ସାଙ୍ଗ ସାଥୀ ମେଳରେ ବୁଲିବୁଲି ରାତି ଅଧରେ ଘରକୁ ଫେରିବ ଏବଂ କହିବ, "ଭୋକ ନାହିଁ ମା, ଶୋଇ ପଡୁଛି ।"

କିମ୍ବା ହସିବ, ଖେଳିବ, ବୁଲିବ । ଗାଁ ପିଲାଙ୍କ ଭଳି ତୋଟାରେ ବାଟୁଳି ମାରି ମାଙ୍କଡ ହୁରୁଡଉ ହୁରୁଡଉ ଥକିଯାଇ ମା କୋଳରେ ଶୋଇ ପଡିବ ।

ନା, ତା ପୁଅ ତା ଭଳି ହେବ । ତାର ଅବାଧ୍ୟ କେବେ ହେବନି ।

 Download Magazine from www.aahwaan.com

ରାତି ଆଠଟା ବେଳେ ବିଜୁଳି ଆଲୁଅ ଆସିଥିଲା । ତା ସଙ୍ଗେସଙ୍ଗେ ପୁରା ଘର ଚଳ ଚଞ୍ଚଳ ହୋଇ ଉଠିଥିଲା । କକା, ସତ୍ୟକାମ ଜେଜେ ମା ସହ ମନ୍ଦିରରୁ ଫେରି ସାରିଥିଲେ । ସତ୍ୟକାମ ଆସୁଆସୁ ମାନିନୀର ପିଠିରେ ଓହଳି ପଡିଥିଲା । ଖୁଡି ତାକୁ ଆକଟ କରିଥିଲେ, "ଦେଖେ, ଦେଖେ, ଦିଦିର ବେକ ଭାଙ୍ଗିଯିବ ।"

ସତ୍ୟକାମକୁ ସେ ଆଗକୁ ଟାଣି ଆଣିଲା । ମହେନ୍ଦ୍ର ଭଳି ସତ୍ୟକାମ ହୃଷ୍ଟପୃଷ୍ଟ ନ ଥିଲା । ପତଳା, ଗୋରା ଦେହରେ ହାଫ୍‌ପେଣ୍ଟ ଓ ଗଞ୍ଜି ଥିଲା । ସାଙ୍ଗସାଥୀ ମେଳରେ ଖେଳି ବୁଲି ମୁହଁ କଳା ପଡି ଯାଇଥିଲା ।

"ସକାଳୁ ତୋର ଦେଖା ନାହିଁ । କୁଆଡେ ଯାଇଥିଲୁ କିରେ ? ଏମିତି କାଳିଆ କରିଛୁ ମୁହଁକୁ । ତୋ ସାଙ୍ଗ ବିଚିତ୍ରା ସହ ଦେଖା ହୋଇଥିଲା ।"

ସଙ୍ଗେସଙ୍ଗେ ତା ମୁହଁରେ ପରିବର୍ତ୍ତନ ଦେଖାଗଲା । ଦିଦି ଆଗରେ ଚକା ମାରି ବସି ପଡି ପଚାରିଲା, "କଉଠି ଦେଖିଲ ଦିଦି ?"

"ଆମ ତୋଟାରେ । ଦଳବଳ ମିଶି ଆମ୍ବ ତୋଳୁଥିଲେ ।"

ଚିନ୍ତା କଲା ଭଳି ଆଖି ନଚେଇ ନଚେଇ ସତ୍ୟକାମ କହିଲା, "ହଁ, ସେଥିପାଇଁ । ମୁଁ ଭାବୁଛି ମୋତେ ଛାଡି ଦେଇ ଏମାନେ ସବୁ ସଞ୍ଜରେ କୁଆଡେ ବୁଲୁଥିଲେ । ଆମ ତୋଟାକୁ ଯାଇଥିଲେ ତ, ମୋତେ ସେଥିପାଇଁ ସାଙ୍ଗରେ ନେଇ ନ ଥିଲେ । ମୁଁ ବୁଝିବି ତାଙ୍କ କଥା କାଲିକୁ ।"

## ପାଞ୍ଚ

ସତ୍ୟକାମ ଘଣ୍ଟାଏ କାଳ ପଢିଲା ପରେ କକା ତାକୁ ଧରି ଖାଇବାକୁ ଆସିଲେ । ଦାଣ୍ଡ ଘର ଖଟ ଉପରେ ଗଡ ତଡ ହେଉଥିବା ଜେଜେ ମା ଉଠି ଆସିଲେ । ରାତ୍ର ଭୋଜନକୁ ଖୁଡି

 Download Magazine from www.aahwaan.com

ପରଶୁଥିବା ବେଳେ ଜେଜେ ମା କକାଙ୍କୁ କହିଲେ, "କାଲି ସକାଳୁ ମାଗା ତେଲିକୁ କହିବୁ ସେରେ ଖାଣ୍ଟି ରାଶିତେଲ ଆଣି ଦେଇଯିବ ।"

"ରାଶିତେଲ, ସେ ପୁଣି ସେରେ ! କ'ଣ କରିବୁ ?" କକା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

ମାନିଙ୍କୁ ପିଆଇବେ । ଖୁଡି କକାଙ୍କୁ ଚାହିଁ କହିଲେ ।

ମାନିନୀର ହାତର ଭାତ ପାଟି ପାଖରେ ଅଟକି ଗଲା । ପ୍ରସାରିତ ଦୁଇ ନୟନରେ ସେ ଜେଜେ ମାଆଙ୍କୁ ଚାହିଁଲା, "ମୁଁ ପିଇବି ମା ? ରାଶିତେଲ ? କ'ଣ ପାଇଁ ?"

"ପୋଖତି ମାନଙ୍କ ପାଇଁ ରାଶିତେଲ ଭଲ । ତୋ ବାପା ଜନ୍ମ ବେଳକୁ ମୁଁ ଦି ସେର ପିଇଥିଲି ।"

କକା ହସିଲେ । କହିଲେ, "ବୋଉ, ପ୍ରଥମ କଥା ମାଗା ତେଲି ବୁଢା ହୋଇଗଲାଣି । ତେଲଘଣା କେବେଠୁଁ ବନ୍ଦ ହୋଇଗଲାଣି । ଆଜିକାଲି ଖାଣ୍ଟି ରାଶି ମିଳିବା କଠିନ । ଆଉ ଖାଣ୍ଟି ରାଶିତେଲ କଉଠି ମିଳିବ ? ଦ୍ୱିତୀୟରେ ମାନିର ଡାକ୍ତର କ'ଣ ରାଜି ହେବେ ?"

"ହଁ, ଆମ କଥା ଆଉ କିଏ ଶୁଣିବ ? ବୁଢୀ ହେଲିଣି ତ ।"

ଜେଜେ ମାଆଙ୍କ ସ୍ୱଗତୋକ୍ତିରେ ଖୁଡି ସାଙ୍ଗେ ସାଙ୍ଗେ କହିଲେ, "ନା ନା, ସକାଳୁ ଆଣିଦେବେ । ତମେ ବ୍ୟସ୍ତ ହୁଅନି ।"

ଖାଇ ବସିଲା ବେଳେ ବି ଜେଜେ ମା ଗୋଡ ଲମ୍ବାଇ ବସି ଖାଉଥିଲେ । ଖାଇବା ହାତର ଖୋଲା ପାପୁଲିକୁ ଟିକେ ଓଲଟାଇ ପୁଣି ସିଧା କରି ଜେଜେ ମା ଚୁପ୍‌ଚାପ୍ ଖାଇବାରେ ଲାଗିଥିଲେ । ମାନିନୀକୁ ଚାହିଁ ଖୁଡି ଓଠରେ ଆଙ୍ଗୁଠି ଦେଇ ଚୁପ୍ ରହିବାକୁ କହିଲେ ।

ମାନିନୀ ବୁଝିଲା, ପ୍ରକାରାନ୍ତରେ ଜେଜେ ମାଆଙ୍କୁ ଦୁଃଖିତ ନ କରେଇବା ପାଇଁ କକାଙ୍କୁ ସୂଚିତ କରାଯାଉଛି ।

Download Magazine from www.aahwaan.com

ଗାଁ ଗହଳିର ପୁରୁଣା କାଳିଆ ସହଜ ପ୍ରସବ ବ୍ୟବସ୍ଥାର ଏହି ସ୍ମୃତି ଜେଜେ ମାଆଙ୍କ ମନରୁ ଆହୁରି ଯାଇନି । ତାଙ୍କ ବୋହୂମାନଙ୍କୁ ମଧ୍ୟ କଣ ସେ ଏହି ପରାମର୍ଶ ଦେଇଥିବେ ? କାହିଁ, ମାମା ତ' ତାକୁ ଏ ବିଷୟରେ କେବେ କିଛି କହି ନାହାନ୍ତି । ତେଲ ପିଇବା ଶୁଣି ଏମିତି ବି ମାନିନୀ ର ମନରେ ବିରକ୍ତି ଭାବ ଆସି ଯାଇଥିଲା । ସେ ପୁଣି ଦି ସେର, ମାନେ ଦି କିଲୋରୁ କିଛି କମ୍ ! ହେ ଭଗବାନ !

ରାତିରେ ଖୁଡିଙ୍କ ପାଖରେ ଚଟାଣରେ ମସିଣା-ଗଣ୍ଠା ଉପରେ ଯେତେବେଳେ ସେ ଶୋଇଥିଲା, ଖୁଡି ବୁଝେଇଥିଲେ, "ସତ୍ୟ ଜନ୍ମ ବେଳକୁ ଅପା ମୋ ପାଇଁ ଯାହା ବି କରିଥିଲେ ତମ ଜେଜେ ମାଆ ଜଁ ଚୁଁ କିଛି କହି ନ ଥିଲେ । ଏବେ ଏଇ ମହେନ୍ଦ୍ର ବେଳକୁ ମୋ ପଛରେ ବି ଲାଗିଥିଲେ ରାଶିତେଲ ପିଆଇବା ପାଇଁ । ଇଆଡୁ ସିଆଡୁ କହିକହି କାମ ଚଳେଇ ଦେଇଥିଲି । ଏବେ ତମ ପଛରେ ପଡିଛନ୍ତି । କିଏ ଜାଣେ ସକାଳୁ ଏ ବିଷୟ ମନେ ରହିବ କି ନାହିଁ । ବୟସ ବଢିଲା ବେଳକୁ ପୁରୁଣା କଥା ବେଶି ଇଛା ହେଉଥିବ ପରା । ସେଥିପାଇଁ ସେ ବିଷୟକୁ ବେଶି ନ ବଢେଇବା ପାଇଁ ମୁଁ କଥାକୁ ସେଇଠି ହିଁ ବନ୍ଦ କରିଦେଇଥିଲି ।"

ଘର କରଣା ବୁଦ୍ଧି ଖୁଡିଙ୍କର ଥିଲା । ନ ହେଲେ କି ଖାଲି ଚାଷ ଜମିରୁ ଆଦାୟ ରୋଜଗାରରେ ଘର ଚଳାଇ ପାରିଥାନ୍ତେ । ପ୍ରଥମେ କକା କେତେ ଦିନ ଯାଏଁ ବାବାଙ୍କ ପାଖରେ ଭୁବନେଶ୍ୱରରେ ରହି ଭିନ୍ନ ଭିନ୍ନ ଚାକିରୀ ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଜେଜେ ବାବାଙ୍କ ମୃତ୍ୟୁ ପରେ ଗାଁରେ ଆସି ରହି ଗଲେ । ଚାକିରୀ ପାଇଁ ପୁନର୍ବାର ଚେଷ୍ଟା କରିବାକୁ ଇଛା ହିଁ କରି ନ ଥିଲେ । ବାବା ବୋଉଙ୍କ ଆଗ୍ରହ ଜେଜେ ମାଆଙ୍କ ନିଃସଙ୍ଗତା ପାଖରେ ହାର ମାନିଥିଲା । ଜମି, ତୋଟାର ତତ୍ତ୍ୱ ନେବା ପାଇଁ କକା ବାହା ହୋଇ ଗାଁର ହୋଇ ରହିଗଲେ । ଜମି-ବାଡି ବିଷୟ ବୁଝାସୁଝା ସରିଲେ ଗାଁ ଚଉଁରା-ମୂଳ, ଜଗନ୍ନାଥ ମନ୍ଦିର, ଘର

 Download Magazine from www.aahwaan.com

ବ୍ୟତୀତ କକାଙ୍କ ଆଉ କିଛି କାମ ନ ଥିଲା ।

ପଚାଶ ଭରଣ କେନାଲ ତଳ ଚାଷ ଜମି । ତା ଉପରେ ବିରାଟକାୟ ଆମ୍ବ ତୋଟା । ଗୁହାଳରେ ଦି ଯୋଡା ବଳଦ, ଗୋଟିଏ ଗାଈ । ଗୁହାଳରୁ ବାହାରେ ଥୁଆ ହୋଇଥିବା ଶଗଡ, ଲୁଦର ଓ ଜମି ଚାଷ ପାଇଁ ଥିବା ପାୱାର-ଟ୍ରିଲର । ଧାନ ରଖିବା ପାଇଁ ବାରି ବାରଣ୍ଡାକୁ ଲାଗି ମାଟି ଗୋବର ଲିପା ଯାଇଥିବା ଦି'ଟା ବଡବଡ ବାଉଁଶର ପୁଡୁଗ, କକାଙ୍କ ନିତିଦିନିଆ ଆବଶ୍ୟକ ଓ ମହତ୍ୱପୂର୍ଣ୍ଣ ସମ୍ପତ୍ତି ଥିଲା ।

ଏ ସବୁ ଆଗରେ ବାବାଙ୍କର କାର, ମାମାଙ୍କର ସାଜସଜ୍ଜା ପୂର୍ଣ୍ଣ ବୈଠକଖାନାର ଆକର୍ଷଣ କକାଙ୍କୁ ଭୁବନେଶ୍ୱରରେ ବାନ୍ଧି ରଖି ପାରିବାର ଅନୁଭବ କେବେ ମାନିନୀ କରିନି । ବରଂ ଖୁଡି ସହରର ଆକର୍ଷଣରେ କେତେଦିନ ତାଙ୍କ ଘରେ ରହିବାକୁ ଚାହିଁ ଥାଆନ୍ତି । ସେଥିପାଇଁ ଜେଜେ ମାଆଙ୍କୁ ମଧ୍ୟ ତାଙ୍କ ସହ ରହିବାକୁ ବାଧ୍ୟ କରିଥାଆନ୍ତି ।

ପର ଦିନ ସନ୍ଧ୍ୟାରେ କକାଙ୍କ ସହ ବାବା ବୋଉ ପାଖକୁ ସେ ଫେରି ଯାଉଥିଲା ।

ଖୁଡିଙ୍କ କହିବା ଅନୁସାରେ ମାନିନୀକୁ ତେଲ ପିଆଇବା କଥା ସତରେ ଜେଜେ ମାଆଙ୍କ ମନେ ନ ଥିଲା । ଖୁଡିଙ୍କ ଉତ୍କୃଷ୍ଟ ଉପସ୍ଥିତ ବୁଦ୍ଧିକୁ ସେ ମନେମନେ ପ୍ରଶଂସା ନ କରି ରହି ପାରିଲା ନାହିଁ ।

ମାନିନୀ ମନେମନେ ବୋଉଙ୍କୁ ଖୁଡିଙ୍କ ସହ ତୁଳନା କରେ । କେଜାଣି କାହିଁକି ବୋଉ ଉପରେ ଦୟା ଆସିଥାଏ, ଯେତେବେଳେ କି ଖୁଡିଙ୍କ ଉପରେ ଅଧିକାର ଆସିଯାଏ । ବୋଧହୁଏ ତାର ଓ ଖୁଡିଙ୍କର ବୟସର ତାରତମ୍ୟ ବେଶି ନ ଥିବା ହେତୁ ଏହା ହୋଇପାରେ ।

ସିମେଣ୍ଟ ରାସ୍ତା ଛାଡି ଗାଁ ଉପକଣ୍ଠରୁ ଆରମ୍ଭ ହୋଇଥିବା ଗୋଡି-ମାଟି ରାସ୍ତା ଉପରେ

Download Magazine from www.aahwaan.com

କାର ଯେତେବେଳେ ଗତି ଧରିଥିଲା, ମାନିନୀ ଦେଖିଲା, ରାସ୍ତା କଡେ ଥିବା ଧାଡି ଧାଡି ଧାନଖଳା ଆଗରେ ଦଳେ ପିଲା ଗୋଡା ଗୋଡି ଖେଳୁଛନ୍ତି ।

ବିଚିତ୍ରା ସେମାନଙ୍କ ସହ ଥିଲା । କାର ଭିତରେ ମାନିନୀର କିଞ୍ଚିତମାତ୍ରର ଆଭାସରେ ଠିଆ ହୋଇପଡି ସେ ଭିତରକୁ ଦେଖିବାକୁ ଚେଷ୍ଟା କରିଥିଲା । କାର ତା ପାଖରେ ରହି ନ ଥିଲା । ପଛକୁ ବୁଲି ମାନିନୀ କାର ପଛ ପାଖେ ଉଡୁଥିବା ଧୂଳି ଭିତରେ ବିଚିତ୍ରାର ଚେହେରାର ଅସ୍ପଷ୍ଟ ଆକୃତିକୁ ଦେଖିଥିଲା । ଖେଳ ବନ୍ଦ କରି ଧୂଳି ଦାଉରୁ ବଞ୍ଚିବା ପାଇଁ ଅର୍ଦ୍ଧ-ନିମୀଳିତ ଚକ୍ଷୁ ନେଇ ସେ କାର ଦିଗକୁ ଚାହିଁ ରହିଥିଲା । କାରରୁ ଉଡୁଥିବା ଧୂଳିରୁ ନିଜ ଆଖିକୁ ବଞ୍ଚେଇବା ପାଇଁ ସେ କେତେ ଚେଷ୍ଟିତ ନ ଥିଲା ସତେ !

ବିଚିତ୍ରାର ସରଳ ବ୍ୟବହାର ତା ମନରେ ଲିପିବଦ୍ଧ ହୋଇ ରହି ଯାଇଥିଲା । ମନରେ ତାର ଦୁଃଖ ଥିଲା । ଆସିଲା ବେଳେ ସେ ବିଚିତ୍ରା ସହ ଚାହିଁ ବି ମିଶି ଆସି ପାରିଲା ନାହିଁ ।

ସତ୍ୟ କହୁଥିଲା, "ବିଚିତ୍ରା ଏଇଠି ତା ମାଉସୀ ଘରେ ରହି ପଢୁଛି । ସେ ବାହାର ଗାଁ ପିଲା । ତା ବାପା ବାହାରେ ରହି କାମ କରୁଛନ୍ତି । ତା ଘରେ ପାଠ ପଢା କିଏ ବୁଝୁ ନାହାନ୍ତି ତ, ସେଥିପାଇଁ ।"

ମାନିନୀର ମନ ହୋଇଥିଲା କାରକୁ ଅଟକେଇ ତା ସହ ଦି ପଦ କଥା ହେବ । ମା ଠୁଁ ଦୂରରେ ସେ କେମିତି ରହି ପାରିଛି ? ନିଜ ଇଚ୍ଛାକୁ କକାଙ୍କ ଆଗରେ ପ୍ରକାଶ କରି ପାରି ନ ଥିଲା । ଇଚ୍ଛା ଶକ୍ତି ନିକଟରେ ଅପ୍ରକାଶିତ ଭାବର ଦୁର୍ବଳତା ମୁଣ୍ଡ ଟେକି ଉଠିଥିଲା । କାରକୁ ଅଟକାଇ ପାରି ନ ଥିଲା । କାର ତା ଗନ୍ତବ୍ୟ ପଥରେ ଆଗକୁ ଗଡୁଥିଲା ।

ନଦୀ ପଠାର ତୋଟା ମାଳ, ଗହମିଆ ରଙ୍ଗର ବାଲି କଡେ କଡେ ଦୁଧ ଅଳତା ରଙ୍ଗର ପାଣି, ମନ୍ଦିରର ଶଂଖ-ଘଣ୍ଟା ଧ୍ୱନି, ଜେଜେ ମାଙ୍କ ବିଚାର, ଖୁଡିଙ୍କ ଛୁଆର ଲାଳନ ପାଳନ,

Download Magazine from www.aahwaan.com

ସତ୍ୟକାମ ଏବଂ ସର୍ବୋପରି ବିଚିତ୍ରା – ଏମାନଙ୍କ ଚଳନ୍ତି ଚିତ୍ର-ଲିପି ତା ହୃଦୟ କନ୍ଦରରୁ ଫୁଲି ଫୁଲି ବାହାରକୁ ଆସୁଥିଲେ । ଏକ ଆତ୍ମସନ୍ତୋଷର ପରିପାଟୀରେ ସଜ୍ଜିତ ତା ମନ-ମୟୁର ମେଘ ଶୂନ୍ୟ ନିଦାଘର ଅବେଳରେ ନାଚିବା ପାଇଁ ପ୍ରସ୍ତୁତ ହେଉଥିଲା ।

ଘର ନଂ ୧୦୦୦, ଦ୍ୱିତୀୟ ତୋଟା ସାହି,

ବିଜିପୁର, ବ୍ରହ୍ମପୁର, ଓଡିଶା । (୭୬୦୦୦୫)

ବିଷୁବ ସଂକ୍ରାନ୍ତି ବିଶେଷାଙ୍କ ପାଇଁ ଲେଖା ଆହ୍ୱାନ କରାଯାଉଛି ।

ପବିତ୍ର ବିଷୁବ ସଂକ୍ରାନ୍ତି, ଉତ୍କଳୀୟ ନବବର୍ଷ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ ଏକ ବିଶାଳ ବିଶେଷାଙ୍କ ଭାବରେ ପ୍ରକାଶିତ ହେବ । ଏଥିପାଇଁ ଗଳ୍ପ, କବିତା, ପ୍ରବନ୍ଧ, ଅନୁବାଦ, ଶିଶୁ କବିତା, ଗଳ୍ପସ୍ପର୍ଦ୍ଧା ଆଦି ବିଭାଗରେ ଲେଖା ଆହ୍ୱାନ କରାଯାଉଛି ।

ଆପଣଙ୍କ ନିଜସ୍ୱ ଲେଖା (ଟାଇପ୍ କରାଯାଇଥିବା ସ୍ୱାଗତଯୋଗ୍ୟ) ଆମ ନିକଟକୁ ଇମେଲ୍ ଦ୍ୱାରା ପଠାନ୍ତୁ ।

ଲେଖା ପଠାଇବାର ଶେଷ ତାରିଖ ଅପ୍ରେଲ ମାସ ତିନି (ମଙ୍ଗଳବାର) ।

aahwaan@gmail.com

Download Magazine from www.aahwaan.com

# ଟ୍ରାଫିକ୍



ଦୀପାଞ୍ଜଳି ସାହୁ

ମୁଁ ଟ୍ରାଫିକ୍ । ସୃଷ୍ଟିର ଶ୍ରେଷ୍ଠ ଜୀବ ମନୁଷ୍ୟ ପାଇଁ ହିଁ ମୁଁ ଉଦ୍ଭିଷ୍ଟ । ଅନ୍ୟାନ୍ୟ ଜୀବଜନ୍ତୁ ମୋତେ ବୁଝି ପାରନ୍ତି ନାହିଁ । ପୁଣି ମଣିଷଙ୍କ ଭିତରେ ବଛା ବଛା ମଣିଷ ଯାହାଙ୍କର ଡ୍ରାଇଭିଂ ଲାଇସେନ୍ସ୍ ଥିବ ସେମାନେ ହିଁ ଯାନବାହାନ ଚଲେଇ ପାରିବେ ଟ୍ରାଫିକରେ । ତେଣୁ ମୁଁ ଭାରି ଗର୍ବିତ ।

ହୋଲି ତ ବର୍ଷକୁ ଥରେ ଆସେ । ମାତ୍ର ମୋର ନାଲି, ହଳଦିଆ ଓ ସବୁଜ ରଙ୍ଗ ସହ ସବୁଦିନ ମୁଁ ହୋଲି ଖେଳେ ।

ସବୁଜ ରଙ୍ଗକୁ ସମସ୍ତଙ୍କର ଅପେକ୍ଷା । ଭାରି ଭଲ ପାଆନ୍ତି ସମସ୍ତେ । କୌଣସି ଟ୍ରାଫିକ ପୋଷ୍ଟରେ ସବୁଜ ରଙ୍ଗ ଥିଲେ, ଦୂରରୁ ଆସୁଥିବା ଗାଡ଼ିଚାଳକଙ୍କ ଗାଡ଼ିର ଗତି ତୀବ୍ର ହୋଇଯାଏ, କାଳେ ପହଞ୍ଚିବା ଆଗରୁ ନାଲି ପଡ଼ିଯିବକି ? ଚଞ୍ଚଳ ଖସିଯିବାକୁ ସମସ୍ତଙ୍କର ଇଚ୍ଛା । ମାତ୍ର ସବୁବେଳେ ତ ମୁଁ ସବୁଜ ହୋଇ ରହିପାରିବିନି । ତେଣୁ ହଳଦିଆ ଓ ପରେ ରକ୍ତିମ ପଡ଼ିଯାଏ । ଏଥର ଅଳ୍ପକେ ପାର ହୋଇ ପାରି ନଥିବା ବ୍ୟକ୍ତିଙ୍କ ମନରେ ସାମାନ୍ୟ ବିରକ୍ତିମିଶା ଭାବ ଦେଖିବାକୁ ମିଳେ । ପୁଣି ଯାହାର ବିଳମ୍ବ ହୋଇଯାଉଥିବ ନାଲିବତୀ ପ୍ରତି ଅସନ୍ତୋଷ ଅଧିକ ଦେଖାଯାଏ । ପୁଣି ସବୁଜକୁ ଅପେକ୍ଷା ।

ଚାରିଛକ ରାସ୍ତାରେ ସବୁଜ ହେବାକୁ ଥିବା ପାର୍ଶ୍ୱରେ ମଣିଷଙ୍କୁ ଦେଖିଲେ କିପରି ମନେ ହୁଏ ? ସତେ ଅବା ମୃଗ ଶୀକାରକୁ ଜଗିଥିବା ଚିତା ବାଘଙ୍କ ଭିଡ଼, ମୃଗ ଦଳଆଡ଼କୁ ଆକ୍ରମଣ ନିମନ୍ତେ ବୁଦା ଉହାଡ଼ରୁ ଧିରେ ଧିରେ ଆଗେଇ ଯାଉଛନ୍ତି ! ଆକ୍ସିଲେଟର ମୋଡ଼ିବାର ଗାଡ଼ି

Download Magazine from www.aahwaan.com

ଷ୍ଟାର୍ଟ କରିବାର ଘାଉଁ ଘାଉଁ ଶବ୍ଦ କେତେ ଶୁଣିବାକୁ ମିଳେ । ଏହି ସମୟରେ ବତୀ ସବୁଜ ହୋଇଗଲେ, ରେସିଂରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ପରି ସମସ୍ତେ ଘୁର ଘାର... କରି ଯିବାର ଦୃଶ୍ୟ ବେଶ ଉପଭୋଗ୍ୟ । ଯାହାର ଗାଡ଼ି ଏହି ସମୟରେ ଷ୍ଟାର୍ଟ ବନ୍ଦ ହୋଇ ଯାଇଥିବ, ପଛ ପଟ ଗାଡ଼ି ମାନ ହର୍ଣ୍ଣ ବଜାଇ ବଜାଇ ଅତିଷ୍ଠ ହୋଇ ଯାଉଥିବେ, ଆଉ ଯାହାର ଷ୍ଟାର୍ଟ ହେଉନଥିବ, ତା କଥା ନ କହିବା ଭଲ । ଏପରି ପରିସ୍ଥିତିରେ ସତରେ ଭାରି ହସ ମାଡ଼େ ।

ମୋ ଆଗରେ ସମସ୍ତେ ସର୍ବଦା ଚଳଚଞ୍ଚଳ, ମାତ୍ର ମୁଁ ସ୍ଥାଣୁ । ଛୋଟ ଯାନ - ବଡ଼ ଯାନ, ରଙ୍ଗୀନ ପୁଣି ଧଳା ଯାନ, ଶବ୍ଦ ପ୍ରଦୂଷଣ କରୁଥିବା ଯାନକୁ ଧୁଆଁ ଛାଡୁଥିବା ଯାନ । ଆମ୍ବୁଲାନ୍ସ, ଦମକଳ ଓ ବାବୁଙ୍କ ନାଲି ବତୀ ଗାଡ଼ି ପାଇଁ ମୋ ନିୟମ କୋହଳ ।

ନିୟମ ତ ମୋର ଅନେକ ଅଛି । ଯଦି ସମସ୍ତେ ଏ ଗୁଡ଼ିକର ପାଳନ କରନ୍ତେ ତେବେ କ୍ୱଚିତ ଦୁର୍ଘଟଣା ହୁଅନ୍ତା ବା ହୁଏତ ଏହି ଶବ୍ଦ ଶବ୍ଦକୋଷରୁ ବାହାରି ଯାଆନ୍ତା । ଦୁର୍ଘଟଣାରେ ରାସ୍ତା ଉପରେ ରକ୍ତର ହୋଲି ଖେଳ ଦେଖିବାକୁ ମୋତେ ଜମାରୁ ଭଲ ଲାଗେନି ।

ଓଡ଼ିଶା ସଚିବାଳୟ ସେବା ସଂଘ

ଭୁବନେଶ୍ୱର

 Download Magazine from www.aahwaan.com

# ସ୍ୱାର୍ଥପର ମଣିଷ, ସ୍ୱାର୍ଥପର ପ୍ରେମ



ପ୍ରଣତୀ ମହାପାତ୍ର

ଏକାଠି ରହିବାର ପରିକଳ୍ପନା ଓ ଏକାଠି ଘରସଂସାର କରିବାର ସ୍ୱପ୍ନରେ ମସଗୁଲ ଦୁଇ ଚକୋର ଚକୋରୀ । କାହାର ଛିଗୁଲେଇବା କଥା ପ୍ରବେଶ କରି ପାରୁନଥିଲା, ଏମାନଙ୍କ କଳ୍ପନାର ଇଲାକାରେ । ଦୁହେଁ ଖୁବ୍ ସାଙ୍ଗସାଥି ହୋଇ ମିଳିମଶି ସମୟ ଅତିବାହିତ କରୁଥିଲେ । ଝିଅଟି ଖୁବ୍ ଅନ୍ତର ସହ ପୁଅଟିକୁ ଭଲପାଉଥିଲା । ଦୁହେଁ ଦୁହିଁଙ୍କୁ ଦଣ୍ଡେ ଛାଡ଼ି ରହିପାରୁ ନ ଥିଲେ । ଏମିତି ଏମିତି ବାଲ୍ୟଜୀବନ ଅତିବାହିତ କରିଦେଲେ ।

ବାଲ୍ୟ ଜୀବନ ଅତିବାହିତ ଅନ୍ତେ ବିଚ୍ଛେଦ ମୂହୁର୍ତ୍ତ ଆସିଥିଲା, ଯାହା ଝିଅଟି ବଡ଼ ଆଘାତ ପାଇଥିଲା । କାରଣ ପୁଅଟି ଅନ୍ୟ ସହରରୁ ଆସିଥିଲା । ତେଣୁ ଉଚ୍ଚଶିକ୍ଷା ପାଇଁ ନିଜ ଘରକୁ ଚାଲିଗଲା, ଅନେକ କୋହଭରା କଣ୍ଠରେ ବିଦାୟ ଦେଇଥିଲା ବାଲ୍ୟ ତଥା ହୃଦୟବନ୍ଧୁଙ୍କୁ ।

ସେହି ବିଦାୟ ହିଁ ସେମାନଙ୍କର ହୋଇଥିଲା ଚିରବିଦାୟ, ପବିତ୍ର ସଂପର୍କର ।

କାରଣ, ତା'ପରେ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ୟା ମଧ୍ୟରେ କାହା ସହିତ କାହାର ନା ଦେଖାହୋଇଥିଲା, ନା କାହାର ଯୋଗାଯୋଗର କିଛି ମାଧ୍ୟମ କାହା ପାଖରେ ଥିଲା ।

ଇତିମଧ୍ୟରେ ଦିନେ ହଠାତ୍ ରାସ୍ତାରେ ମିଲି ସହ ମଣ୍ଟୁର ଦେଖା ହୋଇଗଲା । ମିଲି ତ ହୃଦୟ ଦେଇ ମଣ୍ଟୁକୁ ଭଲପାଉଥିଲା । କିନ୍ତୁ ମଣ୍ଟୁ ହୁଏତ ପରିବେଶ ଓ ପରିସ୍ଥିତିର ଚାପରେ ପଡ଼ି ମିଲିକୁ ଭୁଲିଯାଇ ଆଉ କାହା ପ୍ରେମଫାଶରେ ବନ୍ଧା ପଡ଼ି ଯାଇଥିଲା । ହେଲେ ମିଲି

Download Magazine from www.aahwaan.com

ବହୁତ ଖୁସି ହୋଇଗଲା ମଣ୍ଟୁକୁ ଦେଖି । କିନ୍ତୁ ମଣ୍ଟୁ ଯେ ବର୍ତ୍ତମାନ ଯାହା ପ୍ରେମରେ ଉବୁଟୁବୁ, ତା ପିଲାର ବାପା ହୋଇଯାଇଛି । ଏଇଟା ସୁବର୍ଣ୍ଣ ସୁଯୋଗ ଭାବି ମଣ୍ଟୁ ମିଲି ସହ ଅତ୍ୟନ୍ତ ଅନ୍ତରଙ୍ଗ ସାଥୀ ଭଳି, ବିଗତ ଦିନର ବିଛେଦର ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଅନେକ ଦୁଖଃ ପାଇବାର ଉଭୟେ କଲେ ।

ଅନେକ କିଛି ହରାଇବାର ଦୁଃଖ ଅନୁମାନ କଲା ମିଲି ଓ ମଣ୍ଟୁର ଅସହାୟତା ଲକ୍ଷ୍ୟ କଲା ଓ କାରଣ ବି ବୁଝି ପାରିଲା । ମିଲି କହିଲା-

ମଣ୍ଟୁ, ଆଜି ଆଉ ସେସବୁ ଆଲୋଚନାର କିଛି ମୂଲ୍ୟ ନାହିଁ ।

କାରଣ ମୁଁ ଏବେ ଆଉ କାହାର ସ୍ତ୍ରୀ ଓ ଆଉ କାହାର ବୋହୁ । ତେଣୁ ଏବେ ଏସବୁ ଆଲୋଚନା ହୁଏତ ଆଉ କାହାର ଚକ୍ଷୁଶୀଳ ହୋଇପାରେ ସେସବୁ ଭୁଲିଯାଇ ତୁମେ ଏବେ ବିବାହ କରି ସୁଖରେ ଘରସଂସାର କରିରୁହ ।

ଅଭିନୟରେ ମଣ୍ଟୁ କିଛି କମ୍ ନୁହେଁ । ଏବେ ଭଲ ପାଉଥିବା ଆଉ ଗୋଟିଏ ଝିଅକୁ ଯେ ମାଆ କରିଦେଇଥିବା କଥା କହିଥିଲା ମଣ୍ଟୁ । କେହି ଜଣେ ଯଦି  ସହଯୋଗ କଲେ ଖାସ୍ କରି ତୁମର ସହଯୋଗ ରହିଲେ ମୁଁ ନିଶ୍ଚୟ ସେ ଝିଅକୁ ବିବାହ କରିପାରିବି ବୋଲି ମଣ୍ଟୁ ପ୍ରକାଶ କଲା ଆଉ କହିଲା-

“ମିଲି, ତୁମେ ଯଦି ସେ ପିଲାଟିକୁ କିଛିଦିନ ତୁମ ପାଖରେ ରଖନ୍ତ, ତେବେ ମୋ ବିବାହର କିଛି ପ୍ରତିବନ୍ଧକ ଆସନ୍ତା ନାହିଁ । ସମୟ ସୁବିଧା ଦେଖି ତୁମ ପାଖରୁ ମୁଁ ପୁଣି ପିଲାଟିକୁ ନେଇ ଆସନ୍ତି । ମୁଁ ତୁମ ହାତ ଧରୁଛି, ନେହୁରା ହେଉଛି । ମୋତେ କିଛି ସାହାଯ୍ୟ କର ମିଲି । ତୁମ ଗୋଡ଼ ବି ଧରୁଛି । ଦୟାକର । ତୁମେ କିଛି ଦିନ ପିଲାଟିକୁ ତୁମ ପାଖରେ ରଖ । ଏତିକି ସାହାଯ୍ୟ କର  ।”

Download Magazine from www.aahwaan.com

ମିଲି - "ଦେଖ ଏତେ ଅନୁରୋଧ କରି ମୋତେ ଛୋଟ କରି ଦିଅନାହିଁ । ମୁଁ ତ ଆଉ ଏବେ ଏକା ନାହିଁ, ମୋ ପାଖରେ ମୋ ସ୍ୱାମୀ ଅଛନ୍ତି । ମୁଁ ତାଙ୍କ ସହିତ ଏ ବିଷୟରେ ପରାମର୍ଶ କରି ଚେଷ୍ଟା କରିବି ତୁମକୁ ନିଶ୍ଚୟ କିଛି ସାହାଯ୍ୟ କରିବାକୁ । ବ୍ୟସ୍ତ ହୁଅନି । ମୋ ସ୍ୱାମୀ ଖୁବ୍ ଭଲ ଲୋକ । ସେ ନିଶ୍ଚିତ ମୋ କଥା ରଖିବେ ବୋଲି ଭାବୁଛି । ମୋତେ ତୁମ ଫୋନ୍ ନମ୍ବର ଦିଅ । ବୁଝି ଖୁବ୍ ଶୀଘ୍ର ଜଣେଇବି ।" ଦୁହେଁ ଦୁହିଁଙ୍କ ଫୋନ୍ ନମ୍ବର ନେଇ ନିଜ ନିଜର ଗନ୍ତବ୍ୟ ପଥରେ ଚାଲିଗଲେ ।

ମିଲି ଘରେ ପହଞ୍ଚି ସ୍ୱାମୀଙ୍କୁ ମଣ୍ଟୁ ସହିତ ଭେଟ ଓ ସବୁକଥାଯାକ କହିଲା । ଏହାର ଉପାୟ କଣ କରାଯିବ ପଚାରିଲା । ପୂର୍ବତନ ପ୍ରେମିକର କଳଙ୍କର କାଳିମାକୁ ଚନ୍ଦନ କରି ନିଜ ଦେହରେ ବୋଳିବାକୁ ଚାହୁଁଥିବା ପତ୍ନୀକୁ ଚାହିଁ ସ୍ୱାମୀ ମନେ ମନେ ଖୁବ୍ ତାରିଫ୍ କରିଥିଲେ ମିଲିକୁ ।

ଏ କଳିଯୁଗରେ ବି ଏମିତି ପ୍ରେମିକା ଥାଆନ୍ତି ଭାବି ଖୁବ୍ ଖୁସି ମଧ୍ୟ ହେଲେ ଏବଂ ସହମତି ପ୍ରକାଶ କରିଥିଲେ ସହଯୋଗ ର ହାତ ବଢାଇବାକୁ ।

ଯାହାହେଉ । ଗୋଟିଏ ଆତ୍ମତୃପ୍ତି ମିଳିଲା ମିଲିକୁ, ସ୍ୱାମୀଙ୍କ ସହଯୋଗ ପାଇଁ । ହେଲେ ମିଲି ଚିନ୍ତିତ ଯେ, ବର୍ତ୍ତମାନ ତା କୋଳରେ ୭/୮ମାସର ପୁଅଟିଏ । ଭାରି ରୋଗିଣା । ତା'ରି ସେବା ଶୁଶ୍ରୃଷାରେ ମିଲିର ସବୁ ସମୟ ଚାଲିଯାଏ । ଏପରିକି ଖାଇବା ପିଇବା କି ଟିକେ ବିଶ୍ରାମ ନେବାକୁ ମିଲିକୁ ସମୟ ହୁଏନାହିଁ । ତା ପରେ ପୁଣି ମଣ୍ଟୁର ପିଲାର ସୁରକ୍ଷା । କିପରି ଯେ ଏସବୁ କରିବ; ମନକୁ ଦୃଢ କରି ମନେ ମନେ କହିଲା, ନିଜକୁ ଯେତେ କଷ୍ଟ ହେଉ ପଛେ ପ୍ରେମିକକୁ ସ୍ୱାମୀ ଭାବରେ ନ ପାଇପାରେ ପଛେ ତାଙ୍କ ଔରସର ସନ୍ତାନ ତଥା ତାଙ୍କ ସୁଖ ଦାମ୍ପତ୍ୟଜୀବନ ପାଇଁ, ଯେତେ କଷ୍ଟ ହେଉ ପଛେ ସବୁ ସହିବାକୁ ମିଲି ପ୍ରସ୍ତୁତ ହୋଇ

 Download Magazine from www.aahwaan.com

ଉଠେଇଲା ଫୋନ୍-"ହାଲୋ, ମଣ୍ଟୁ ଏବେ କେଉଁଠି ?"

ମଣ୍ଟୁ - ବଡ ଦୁଃଖ ଆଉ ଚିନ୍ତାରେ ପାର୍କରେ ବସିଛି ।

ମିଲି - ଏକା ନା ଆଉ କେହି ...

ମଣ୍ଟୁ - ନାହିଁ ମ, ମୁଁ ଏକା ଏକା ବସି ଭାବୁଛି । ମୋ ଭାଗ୍ୟରେ ବୋଧହୁଏ ବିବାହ ଯୋଗନାହିଁ ।

କିଏ ବା ମୋତେ ସାହାଯ୍ୟର ହାତ ବଢ଼ାଇବ ଯେ ...

ମିଲି - ସେମିତି କାହିଁକି ଭାବୁଛ ?

ମଣ୍ଟୁ - ଆଉ କେମିତି ଭାବିବି କହିଲ, ଯାହାକୁ ବାହାହେବି, ତା କୋଳରେ ୬ ମାସର ପିଲା । ସମାଜ କଣ ସ୍ୱୀକୃତି ଦେବ ନା ଏ ପରିସ୍ଥିତିର ସମାଧାନ ହେବ । ଧିକ୍କାର ଲାଗୁଛି ମୋତେ । ଆତ୍ମହତ୍ୟା କରିଦେବି ମିଲି ।

ମିଲି - ଛି, ଛି, ତୁମକୁ ମୋ ରାଣ । ଆମ ଭଲପାଇବାର ରାଣ । ସେମିତି କାଳତୁଣ୍ଡିଆ କଥା କେବେ ବି କହିବନି । ଶୁଣ- କିଛି ଚିନ୍ତା କରନି । ଆଜି, ଆଜି ଆଣି ସେ ପିଲାଟିକୁ ମୋତେ ଦେଇଦିଅ । ଆଉ ବାପା ବୋଉଙ୍କ ସହ କଥା ହୋଇ ବାହାଘର ତାରିଖ ଠିକ୍ କର ।

ମଣ୍ଟୁ - ସତ କହୁଛ; ଆଉ ... ତୁମ ସ୍ୱାମୀ..

ମିଲି - ହଁ, ମୋ ସ୍ୱାମୀ ଖୁବ୍ ଭଲ ଲୋକ । ଆଉ ମୋତେ ବହୁତ ଭଲ ପାଆନ୍ତି । ସେ ତ ମୋ ପାଇଁ ଭଗବାନଙ୍କ ଠାରୁ ବି ଆହୁରି ଅଧିକ । ଛାଡ଼... ପିଲାକୁ ଏଠାରେ ଆଣି ପହଞ୍ଚାଇବାର ବ୍ୟବସ୍ଥା କର । ଦେଖ, ମୁଁ ଏବେବି ତୁମ ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ । ଆମ ଭଲପାଇବା ପାଖରେ ମୁଁ କଣ ଏତିକି କରିପାରିବି ନାହିଁ? ନିଶ୍ଚିତ ଭାବରେ ପାରିବି । ଆଉ ଏସବୁ ମୋ ସ୍ୱାମୀ ପୂର୍ଣ୍ଣ ସମର୍ଥନ କରିଛନ୍ତି ।

Download Magazine from www.aahwaan.com

ମଣ୍ଟୁ - ତୁମ ଋଣ ମୁଁ କେବେବି ଶୁଝି ପାରିବିନି ମିଲି । ତୁମେ ମହାନ ।

ମିଲି - ସେସବୁ କିଛି ଦରକାର ନାହିଁ । ମୋ ସହ ଖାଲି ଖୁସିରେ ଟିକେ କଥା ହୁଅ, ଆଉ ତୁମେ ସୁଖଶାନ୍ତିରେ ଘରସଂସାର କର । ଏଇଟା ମୋର ଇଚ୍ଛା ।

ମଣ୍ଟୁ - ଠିକ୍ ଅଛି । ଆଜି ମୁଁ ପିଲାକୁ ନେଇ ତୁମ ପାଖରେ ପହଞ୍ଚି ଯାଉଛି ।

ଅନେକ ଆତ୍ମତୃପ୍ତି ପାଇ ମଣ୍ଟୁ ପିଲାଟିକୁ ଆଣି ମିଲି ପାଖରେ ପହଞ୍ଚାଇ ଦେଇଛି । ଖୁବ୍ ଆନନ୍ଦ ଓ ଆବେଗଭରା ହୃଦୟରେ ପ୍ରେମିକର ବହୁ ମୂଲ୍ୟବାନ ରତ୍ନକୁ ଗ୍ରହଣ କରିଛି ମିଲି । ଅତ୍ୟନ୍ତ ଦୁର୍ବଳ ଚେହେରାର ପିଲାଟିର ଯତ୍ନ ପାଇଁ ମଣ୍ଟୁ ଅନୁରୋଧ କରିଛନ୍ତି ।

ସେ ଯାହା ବି ହେଉ ୬ ମାସର ଶିଶୁ ମଧ୍ୟ ମିଲିକୁ ମା' ରୂପେ ଆପଣେଇ ନେଇଛି ।

ଏଣେ ନିଜ କୋଳରେ ସ୍ୱାମୀଙ୍କ ମୂଲ୍ୟବାନ ସନ୍ତକ ସ୍ୱରୁପ ୮ ମାସର ରୋଗିଣା ପୁଅ, ସେପଟେ ବାଲ୍ୟବନ୍ଧୁ ତଥା ପୂର୍ବତନ ପ୍ରେମିକର ବହୁମୂଲ୍ୟ ସନ୍ତକ ୬ମାସର ଶିଶୁ ପୁତ୍ର । ଛୋଟ ଛୋଟ ଦୁଇ ଶିଶୁଙ୍କ ଏକସମୟରେ ଲାଳନପାଳନ କରିବା କେତେ ଯେ କଷ୍ଟ ତାହା କେବଳ ଜଣେ ଅନୁଭବି ମା ହିଁ ଜାଣେ ।

ବଡ଼ କଷ୍ଟ ପାଉଥାଏ ମିଲି, ସବୁବେଳେ ଦୁଇ ଶିଶୁପୁତ୍ରଙ୍କର ସ୍ୱାସ୍ଥ୍ୟ ଖରାପ ହେଉଥାଏ । ଏଣେ ୬ମାସର ଶିଶୁଟିକୁ ଯାହା ବି ଖାଦ୍ୟ ଦେଲେ ତା ଦେହ ଖରାପ ହୁଏ । ଅନନ୍ୟୋପାୟ ହୋଇ ଡାକ୍ତରଙ୍କ ସହ ପରାମର୍ଶ କଲା । ତାଙ୍କ କହିବାକଥା ଏୟା ଯେ, ଇଞ୍ଜେକସନ ଗୋଟିଏ ମିଲିକୁ ଦିଆଗଲେ ଯାଇ ତାର କ୍ଷୀର ଶିଶୁଟି ପିଇ ପାରିବ । ଯାହା ଦ୍ୱାରା ପିଲାଟି ଧୀରେ ଧୀରେ ସୁସ୍ଥ ସବଳହେବା ସହ ସ୍ୱାସ୍ଥ୍ୟର ଉନ୍ନତି ହୋଇପାରିବ । କିନ୍ତୁ ଡାକ୍ତର ଚେତାବନୀ ଦେଇଥିଲେ ଯେ ହୁଏତ ଇଞ୍ଜେକସନର ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ ଏବଂ ମିଲିର ଅନ୍ୟାନ୍ୟ ଶାରୀରିକ ଅସୁସ୍ଥତା ବଢ଼ି ଯାଇପାରେ । ସେସବୁକୁ ଭ୍ରୂକ୍ଷେପ ନ କରି

 Download Magazine from www.aahwaan.com

ଇଞ୍ଜେକସନ ନେଇଗଲା । ହେଲେ ଏକ ବିରାଟ ବଡ଼ ଅଘଟଣ ଘଟିଥିଲା, ଯାହା ମିଲିର ସ୍ୱାମୀ ବିଜୟ କେବେ କଳ୍ପନା କରି ନ ଥିଲେ । ମିଲି ଇଞ୍ଜେକସନ ନେବାର ମାତ୍ର ୩୫ମିନିଟ୍ ମଧ୍ୟରେ ମିଲି ପୁରା ଅଚେତ ହୋଇଗଲା । ଶରୀରଟା ସ୍ଥାଣୁ ପାଲଟି ଯାଇଥିଲା । ସତେ ଯେମିତି ମୃତବତ୍ ଶରୀରଟା ପଡ଼ିଥାଏ । ଡାକ୍ତରମାନେ ଅକ୍ଳାନ୍ତ ଚେଷ୍ଟା କରୁଥାନ୍ତି । ହେଲେ ସବୁ ଯେମିତି ବେକାର । ସମସ୍ତେ ଏକରକମ ଆଶା ଛାଡ଼ି ଦେଲେ । କାରଣ ମିଲିର ହାର୍ଟ କିଛି ସମୟ ପାଇଁ ବନ୍ଦ ହୋଇଗଲା । ଏହି ସମୟରେ ସେହି ଶିଶୁ ଦୁଇଜଣ ଯାକ ଖୁବ୍ ଜୋରରେ କାନ୍ଦି ଉଠିଲେ । ଭଗବାନଙ୍କ ଅଶେଷ କରୁଣାରୁ ଦୀର୍ଘ ୭ଦିନ ପରେ ମିଲି ସୁସ୍ଥ ହେଲା ।

ସୁସ୍ଥ ହେଲା ସତ, ହେଲେ ଶାରୀରିକ ମାନସିକ ଅସୁସ୍ଥତା ଲାଗି ସର୍ବଦା ଦୁର୍ବଳ ଅନୁଭବ କଲା । ଏଣେ ଦୁଇ ଦୁଇଟି ଶିଶୁଙ୍କୁ ନିଜର ଅମୃତ ପିଆଇ ଖୁବ୍ ସୁସ୍ଥ ସବଳ କଲା । ପରମାନନ୍ଦ ଲାଭକରୁଥାଏ । ଏତେ ପରେ ବି କେବେ ପ୍ରତିକ୍ରିୟା କି ପ୍ରତିବାଦ କାହାକୁ କରେନାହିଁ । କାରଣ ଦୁଇଟି ଅମୂଲ୍ୟ ପ୍ରେମର ହୀରାଙ୍କୁ ସାଇତି ରଖିବାର ଦୁର୍ବାର ଶପଥ ନେଇଥାଏ । ନିଜକୁ ତିଳ ତିଳ କରି ଜାଳି ଆଶାର ଆଲୋକ ଜାଳି ଦେଇଥାଏ ସେମାନଙ୍କ ମଧ୍ୟରେ ।

ମିଲିର ପ୍ରତିଦାନ ପାଖରେ ସବୁକିଛି ତୁଚ୍ଛ ହୋଇଯାଇଛି ।

ଇତିମଧ୍ୟରେ ଅନେକ ବର୍ଷ ବିତିଯାଇଛି । ମଣ୍ଟୁ ବିବାହ କରି ସୁଖରେ ଘରସଂସାର କରିଛି । ହେଲେ କେବେ ବି ମିଲିର ଭଲମନ୍ଦ କଥା ବୁଝିବାକୁ ଚେଷ୍ଟା କରିନାହିଁ । ମିଲିକୁ ଦେଇଥିବା ପୁଅକୁ ୮ବର୍ଷ ହୋଇଗଲାଣି । ପୁଅଟି ମିଲିକୁ ଦଣ୍ଡେ ନ ଦେଖିଲେ ବାଇଆ ବାତୁଳ ପରି ହୋଇଯାଉଛି । ମିଲିର ଦେହପା' କିଛି ହେଲେ କୁନି କୁନି ହାତ ଯୋଡ଼ି ମାଆର ମଙ୍ଗଳ

Download Magazine from www.aahwaan.com

କାମନା କରୁଛି ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ।

ଦୀର୍ଘ ୮ ବର୍ଷ ପରେ ଆଜି ମଣ୍ଟୁ ଆସିଛି ତା ପୁଅକୁ ନିଜ ପାଖକୁ ନେଇ ଯିବାକୁ । କିନ୍ତୁ ନା ମିଲି ନା ତା ପୁଅ କେହି କାହାକୁ ଛାଡ଼ିବାକୁ ରାଜି ହେଉ ନ'ଥାନ୍ତି । ମଣ୍ଟୁ ଯୋର କରି ନେଇଯାଇଛି । ଗଲା ବେଳେ ଟିକେ ଧନ୍ୟବାଦ ମଧ୍ୟ ଦେଲାନାହିଁ ମିଲିକୁ । ବହୁତ ବାଧିଥିଲା ଏକଥା ମିଲିର ଅନ୍ତର୍ ଆତ୍ମାକୁ । କିନ୍ତୁ ସେ ମୁହଁଖୋଲି କିଛି ବି ପ୍ରତ୍ୟୁତ୍ତର କରି ନ ଥିଲା । କେବଳ ପୁତ୍ର ବିୟୋଗର ଦୁଃଖରେ ଆଖିରୁ ଅବାରିତ ଅଶୃଧାରା ବୁହାଇ ଚାଲିଥିଲା ।

ଏଡ଼େଟିରୁ ଏଡ଼େ ବଡ଼ କରିଥିବା, ମାଆ ମାଆ ଡାକରେ ଘର ଉଚ୍ଛୁଳାଇ ଦେଉଥିବା ପୁଅ ଯେ ପାଖରୁ ଚାଲି ଯାଇଛି ଭାବି ମିଲିର ଛାତି ଫାଟି ଯାଉଥାଏ ।

ଘରଟା ଯେମିତି ନୀରବି ଯାଇଛି, କେତେ ଅଳିଅଝଟ, କେତେ ଲୁଗାକାନି ଟାଣି ଟାଣି ଏଟା ଦିଅ, ସେଟା ଦିଅ କହୁଥିଲା । ଖାଇବା ବେଳେ ମୁଁ ହାତେ ଖାଇବିନି, ମୋତେ ତୁମେ ଖୋଇଦିଅ, ଏମିତି କେତେ କଣ ଅଝଟ ଥିଲା, ଭାବି ଭାବି ମିଲି ଖାଲି କାନ୍ଦୁଛି, କେହି ନ ଦେଖି ପାରିବା ଭଳି । ମାଆ ମନ ତ । ଛାତିରୁ ଅମୃତ ଖୋଇ ମମତାର ବାରିଧାରା ଅଜାଡ଼ି ଦେଇଥିଲା । କିଏ ବା ବୁଝିବ ସେ ମମତାର ମୂଲ, କିଏ ବା ଶୁଝି ପାରିବ ସେ ଅମୃତର ମୂଲ୍ୟ । କେବଳ ଜଣେ ଅନୁଭବି ମାଆ ହିଁ ବୁଝିବ ।

ପୁଅର ଯିବା ଦୁଃଖରେ ମିଲିର ଶାରୀରିକ, ମାନସିକ ଅସୁସ୍ଥତା ବଢିଯାଇଛି । ଖାଇବା ପିଇବା ଖୁବ୍ କମ୍, ସେପଟେ ମଣ୍ଟୁ ପୁଅକୁ ପାଇ ବେଶ୍ ଖୁସି ହେଲେ, ପିଲାଟି ସବୁବେଳେ ତା ମାଆକୁ ଖୋଜୁଛି । ତୁହାଇ ତୁହାଇ ପଚାରୁ ଥାଏ, ମୋ ମାଆ କାହିଁକି ଏଠାକୁ ଆସୁନି, ସେ କୁଆଡ଼େ ରହିଛି, କେବେ ଆସିବ । ମୋତେ କିଏ ଖୋଇଦେବ, ଗେଲ କରିବ, ପରୀରାଇଜର କାହାଣୀ କହିବ । କୁହ ନା ବାପା । ତୁମେ କେବେ ମୋ ମାଆକୁ ମୋ ପାଖକୁ ଆଣିବ ।

Download Magazine from www.aahwaan.com

ନହେଲେ ମୋ ମୋ ମାଆ ପାଖକୁ ନେଇ ଚାଲ । ସେ ମୋତେ ବହୁତ ଖୋଜୁଥିବ । ତା ଦେହ ତ ସବୁବେଳେ ଖରାପ ହୁଏ । କିଏ ତାକୁ ଗେଲକରି ତା ଦେହ ଭଲ କରିଦେବ । ଯାଡୁ ସାଡୁ କହି ମଣ୍ଟୁ ଭୁଲାଇ ଦିଏ ।

ଧୀରେ ଧୀରେ ପିଲାଟି ମିଲିକୁ ଭୁଲିଯାଇଛି ଏବେ ବଡ଼ହୋଇ କଲେଜ ଗଲାଣି । ମିଲି ମନ ବୁଝୁ ନ ଥାଏ, ସବୁବେଳେ ଫୋନ୍ କରି ମଣ୍ଟୁ ସହ କଥା ହୁଏ, ପୁଅର ଭଲମନ୍ଦ ବୁଝେ, ତାକୁ ଖୋଜୁଛି କି ନାହିଁ ପଚାରେ ।

ଦିନେ ମିଲି ଫୋନ୍ କରିଛି । ମଣ୍ଟୁ ତାକୁ କହିଛି, ଶୁଣ ମୋର ଗୋଟିଏ ସର୍ତ୍ତ ଅଛି, ଯଦି ମାନିବ ତେବେ ମୁଁ ତୁମ ସହ କଥାହେବି । ମିଲି ମଣ୍ଟୁର ସବୁ ସର୍ତ୍ତ ମାନିନେଇଛି । ମଣ୍ଟୁର ସର୍ତ୍ତ ଏୟା ଯେ, ତୁମେ କେବେବି ମୋ ପୁଅ ସହ କଥା ହେବନାହିଁ, ତୁମକୁ ଆମ ଭଲପାଇବା ରାଣ ରହିଲା । ରାଣ ନିୟମ ପକେଇ ସ୍ନେହ ଶ୍ରଦ୍ଧା ସବୁ କୁ ଆବଦ୍ଧକରି ଦେଇଛି ମିଲିର ।

ତୁମର ତ ସବୁ ସର୍ତ୍ତ ମୁଁ ମାନିନେଇଛି । କିନ୍ତୁ ମୋର ମଧ୍ୟ ଗୋଟିଏ ଛୋଟ କଥା ତୁମେ ରଖିବବୋଲି ଭାବୁଛି । ତୁମେ ମୋ ସହ ସବୁଦିନ ଟିକେ ଫୋନରେ କଥା ହେବ । ବାସ୍ ଆଉ କିଛି ଚାହୁଁ ନାହିଁ ତୁମଠୁ । ମୋ ସୁଖଦୁଃଖରେ ମୋ ପାଖରେ ଟିକିଏ ଠିଆ ହେବ, ଆଉ ମୋ ଶେଷ ସମୟରେ ବି ... ।

ଏଥର ମଣ୍ଟୁ ସଂପୂର୍ଣ୍ଣ ନିରୁତ୍ତର । କାରଣ ସ୍ୱାର୍ଥପର, ଅବିବେକୀ ପାଖରେ ସବୁ ମୂଲ୍ୟହୀନ । ମିଲିର କଥାକୁ ସବୁବେଳେ ମଣ୍ଟୁ ଆଡ଼େଇ ଯାଏ । ମିଲିର ଭଲପାଇବା ଓ ପ୍ରକୃତ ପ୍ରେମକୁ ଉପହାସ କରେ । ଭାବେ ମିଲି ଏ ବୟସରେ ବି ପ୍ରେମ ପାଗେଳି ହୋଇ ଯାଇଛି । ବୋଧହୁଏ ସେ ତା ସ୍ୱାମୀ ପାଖରେ ଶାନ୍ତିରେ ନାହିଁ । ସେଥିପାଇଁ ଏଭଳି ବୟସରେ ମଣ୍ଟୁକୁ ଖୋଜୁଛି ।

 Download Magazine from www.aahwaan.com

ଏମିତି ଏମିତି ସବୁଦିନ ମିଲି ମଣ୍ଟୁ ସହ କଥା ହୁଏ । ହେଲେ ମଣ୍ଟୁ ଧିରେ ଧିରେ ତା ସହ ସଂପର୍କ କାଟିବାକୁ ଚେଷ୍ଟା କରୁଛି । କଥାବାର୍ତ୍ତା କରିବା କମ୍ କରିଦେଇଛି ଓ ବିରକ୍ତ ହେଉଛି ମଧ୍ୟ । ଦିନେ ମିଲି ମଣ୍ଟୁ ସହ କଥା ହେବା ସମୟରେ ମଣ୍ଟୁ ବିରକ୍ତ ହେଲା, ଆଉ କହିଲା ତୁମର ଘରସଂସାର, ସ୍ୱାମୀ ପିଲା ଏସବୁ ଥାଇ ବି ୪୦/୪୧ବର୍ଷ ବୟସରେ ପ୍ରେମପାଗେଳି ହେବା ଭଲ ନୁହେଁ । ସବୁବେଳେ ମୋତେ ଫୋନ୍ କରି ମୋ ପରିବାରରେ ଅଶାନ୍ତି ସୃଷ୍ଟି କରନାହିଁ । ମୋତେ ଯେତେବେଳେ ଫାଙ୍କା ହେବ ମୁଁ ଫୋନ୍ କରିବି । ତୁମେ ମୋତେ ଫୋନ୍ କରିବ ନାହିଁ ।

ହେଲେ ମିଲି କହେ, ତୁମେ ମୋତେ ଭୁଲ୍ ବୁଝନି, ମୁଁ ସେମିତି ନୁହେଁ, କି ତୁମ ପାଖରୁ କିଛି ବି ଚାହୁଁ ନାହିଁ । କେବଳ ତୁମ ସହିତ କଥା ହୋଇ ଟିକିଏ ଶାନ୍ତି ପାଉଛି । ଆଉ ଆର ଜନମକୁ ସାଥୀ ହେବା ପାଇଁ କାଳିଆକୁ ଗୁହାରୀ କରିବି । ଅନେକ ଦିନ ବିତିଯାଇଛି । ମଣ୍ଟୁ ଆଉ ଫୋନ୍ କରୁନାହିଁ, କି ମିଲି ଫୋନ୍ କଲେ ଧରୁନାହିଁ ।

ଏସବୁ ମିଲିକୁ ବହୁତ କଷ୍ଟ ଲାଗେ । ତା ସ୍ୱାମୀ ଯେତେ ବି ବୁଝାଇଲେ କିଛି ବୁଝେ ନାହିଁ । ଦିନକୁ ଦିନ ଦେହ ଖରାପ ହେବାରେ ଲାଗିଛି, ଶରୀର ପାରାଲିସିସ୍ ହୋଇଗଲା । ବିଛଣାରେ ଖାଲି ଶୋଇରହିଛି । ଉଠିବସି ପାରୁ ନ ଥାଏ, ତା ନିଜ ପୁଅ ଏବେ ବାହାରେ ରହି ପାଠ ପଢୁଛି, ସ୍ୱାମୀ ସକାଳ ୭ରୁ ମିଲିକୁ ଖୋଇଦେଇ ଅଫିସ ଯାଆନ୍ତି, ପୁଣି ଦିନ ୨ଟାରେ ଆସି ଖୋଇଦେଇ ଅଫିସ୍ ଯାଆନ୍ତି ଓ ସନ୍ଧ୍ୟା ୫ଟାରେ ଫେରନ୍ତି । ଏକା ଏକା ବିଛଣାରେ ପଡ଼ିଥାଏ ମିଲି । ଏ ସମୟରେ ମଣ୍ଟୁ ଓ ତା' ପୁଅକୁ ବହୁତ ଖୋଜେ । ହେଲେ ସବୁ ବ୍ୟର୍ଥ । ସ୍ୱାମୀ ଅଫିସରୁ ଫେରିଲେ ଅନୁରୋଧ କରେ ଫୋନ୍ କରିବାକୁ, ଟିକେ ମଣ୍ଟୁ ସହ କଥା ହେବାକୁ । ମିଲିର ଅନୁରୋଧ ଏଡାଇ ନପାରି ସ୍ୱାମୀ ଫୋନ୍ କରନ୍ତି । ସେପଟରୁ ମଣ୍ଟୁ

 Download Magazine from www.aahwaan.com

ଆଦୌ ଫୋନ୍ ଉଠାଏ ନାହିଁ । ମିଲି ଭାରି ବ୍ୟସ୍ତ ହୋଇ ଯାଏ, ତା ସ୍ୱାମୀ ବହୁତ ରାଗି ଯାଆନ୍ତି ମଣ୍ଟୁ ଉପରେ । କିଂକର୍ତ୍ତବ୍ୟବିମୁଢ଼ ମିଲି ମନକୁ ବୁଝାଇବାକୁ ଯାଇ ତା ମୋବାଇଲରେ ମଣ୍ଟୁର ଓ ତା ପୁଅର ଫଟୋ ଦେଖି ଚୁପ୍ ରହେ ।

ସେ ଫଟୋକୁ ଚାହିଁ ମିଲି ବହୁତ କାନ୍ଦେ, ଆଖିରୁ ଲୁହ ଗଡ଼ାଏ, ପୁରୁଣା ଦିନର କଥାକୁ ମନେ ପକାଏ, ଫଟୋକୁ ବହୁତ ଗେଲ ବି କରେ । ମନେ ମନେ ଗୁଣୁଗୁଣୁ ହୋଇ କେତେ କଣ କହେ । ଦୀର୍ଘ ୩ ବର୍ଷ ହେଲା ମିଲି ବିଛଣାରେ ଆଉ ବଞ୍ଚିବାର ଆଶା ନ ଥାଏ, ଡାକ୍ତର ମାନେ ନିରାଶ ବାଣୀ ଶୁଣାଇ ଦେଇଥିଲେ ଯେ ମିଲି କିଛି ବର୍ଷ ତଳେ ଯେଉଁ ଇଞ୍ଜେକସନ ନେଇଥିଲା ଏହା ଏବେ ସଂପୂର୍ଣ୍ଣ ଶରୀରକୁ ଅଚଳ କରିବାସହ ଶରୀରର ସମସ୍ତ ରୋଗ ପ୍ରତିରୋଧକଶକ୍ତି ନଷ୍ଟକରି ଦେଇଛି । ତେଣୁ କିଛି କରିହେବ ନାହିଁ ।

ଏପଟେ ମଣ୍ଟୁକୁ ଯେତେ ବି ଫୋନ୍ କଲେ ସେ ଫୋନ୍ ଉଠାଏ ନାହିଁ । ମିଲିର ଶେଷ ସମୟର ଅନୁରୋଧ ରଖିପାରୁ ନ ଥିବାରୁ ମନେ ମନେ ବଡ଼ ଦୁଃଖ ପାଉଥିଲେ ତା ସ୍ୱାମୀ । ଦିନେ ଅଫିସରୁ ଅନ୍ୟ ଜଣକ ଫୋନରୁ ମଣ୍ଟୁକୁ ଫୋନ୍ କଲେ ।

ଏଥର ମଣ୍ଟୁ ଫୋନ୍ ଧରିଲା, ବଡ଼ କାକୁତି ମିନତୀ ହୋଇ ସବୁକଥାଯାକ ଏକା ନିଶ୍ୱାସେ କହିଲେ ମିଲିର ସ୍ୱାମୀ, ଆଉ ଆସିବାକୁ ଅନୁରୋଧ କଲେ । ସବୁ ଶୁଣିସାରି ରଙ୍ଗ୍ ନମ୍ବର କହି ମଣ୍ଟୁ ସେପଟରୁ ଫୋନ୍ ଟା କାଟିଦେଲା ।

ଭାରାକ୍ରାନ୍ତ ମନ ନେଇ ଘରକୁ ଫେରିଲେ ଓ ମିଲି ପାଖରେ ବସି ମୁଣ୍ଡକୁ ଆଉଁସି ଦେଇ ଟିକେ ଗେଲକଲେ । ଭଲମନ୍ଦ କଥା ବୁଝିଲେ । ଏହି ସମୟରେ ମିଲି ଜିଦ୍ କଲା ମଣ୍ଟୁକୁ ଫୋନ୍ କରିବାକୁ । ମିଲିର ଜିଦ୍ ରେ ବାଧ୍ୟ ହୋଇ ତା ସ୍ୱାମୀ ସବୁ ସତକଥା କହିଦେଲେ । ସବୁକଥାଯାକ ମିଲି ଶୁଣିଲା, ହେଲେ କିଛି କହିଲାନି । ଖାଲି କହିଲା ମୋ ଭଲପାଇବା ଆଉ

Download Magazine from www.aahwaan.com

ସ୍ନେହ ଶ୍ରଦ୍ଧାରେ କେଉଁଠି କମି ରହିଯାଇଛି ବୋଧେ ।

ଲିଭିବା ଆଗରୁ ଦୀପ ଖୁବ୍ ଜୋରରେ ଜଳିଉଠେ, ଏକଥା ପ୍ରାୟ ସମସ୍ତେ ଜାଣନ୍ତି । ସେମିତି ସେଦିନ ହଠାତ୍ ରାତିରେ ମିଲିର ହାତଦୁଇଟି ଚଳପ୍ରଚଳ ହେଲା । ମିଲି ପାଖରେ ଥିବା ଥାକରୁ କାଗଜ କଲମ ଆଣି କଣ ସବୁ ଲେଖି ପକାଇଲା ଆଉ ଶାନ୍ତିରେ ସବୁଦିନ ପାଇଁ ଶୋଇଗଲା ।

ରାତି ପାହି ସକାଳ ହେଲା । ମିଲିକୁ ତା ସ୍ୱାମୀ ଡାକିଲେ, ମେଡ଼ିସିନ ଖାଇବାପାଇଁ । କିନ୍ତୁ ଏ କଣ, ଯେତେ ଡାକିଲେ ବି ଏ ଉଠୁନାହିଁ କାହିଁକି ?କିଛି କହୁନାହିଁ । ହଲେଇ ଦେଲେ ସ୍ୱାମୀ । ଏ କଣ ? ଦେହ ପୁରା ଥଣ୍ଡା । ସବୁ ଶେଷ ହୋଇଯାଇଛି । ବହୁତ କାନ୍ଦିଲେ । ଅସମୟରେ ହରାଇ ଦେଇଥିବା ଜୀବନସାଥୀର ବିୟୋଗରେ ମର୍ମାହତ ହେଲେ । ଆତ୍ମାର ସଦଗତି ନିମନ୍ତେ ହାତଯୋଡ଼ି ଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ଏହି ସମୟରେ ତାଙ୍କ ନଜର ପଡ଼ିଲା ମିଲିର ହାତ ଉପରେ । ଦେଖିଲେ ମିଲି ହାତରେ ଗୋଟାଏ କଣ ଧରିଛି । ଧାଇଁ ଯାଇ ଦେଖିଲେ । ଚାରିଚଉତା କାଗଜଟିଏ । ନେଇ ଆସିଲେ, ଦେଖିଲେ । ଖୋଲିଲେ । ଖୁବ୍ ସୁନ୍ଦର ଅକ୍ଷରରେ ଲେଖାହୋଇଛି-


*ପ୍ରାଣର ବନ୍ଧୁ ମଣ୍ଟୁ,*

*ପ୍ରାଣପକ୍ଷୀ ମୋର ସର୍ବଦା ତୁମକୁ ଅନେକ ଖୋଜିଲା, ମୋ ହୃଦୟ ଈଶ୍ୱର ସ୍ୱାମୀ ତୁମକୁ ଅନେକ ଥର ଫୋନ୍ କଲେ । ଫୋନ୍ ଧରିଲ ନାହିଁ, ଭାବିଥିଲି ଶେଷ ସମୟରେ ଟିକେ ତୁମ ଦେଖାପାଇବି । ହେଲେ ଏଡ଼େ ନିଷ୍ଠୁର ବାକ୍ୟ ତୁମଠୁ ଶୁଣିଲି ଯେ ମୋ ଛାତି ବିଦାରି ହୋଇଗଲା । ବାଃ ବହୁତ ଭଲ କଲ । ଯେଉଁଠି ବି ଥାଅ ଭଲରେ ଥାଅ । ସମସ୍ତଙ୍କୁ କାଳିଆ ଘଣ୍ଟ ଘୋଡ଼ାଇ ରଖୁ । ତୁମର ଫଟୋ ମୋ ଆଖିରେ । ଆଉ ପାରୁ ନାହିଁ । ଦେହ କଣ*

*ହୋଇଯାଉଛି । ତୁମର ମି....*

Download Magazine from www.aahwaan.com

# ନଡ଼ିଆ ନ୍ୟାୟ



ପଦ୍ମ ଚରଣ ମିଶ୍ର

ଢପ୍...... ଢପ୍....... ହେଇ ଯୋଡ଼େ ଶବ୍ଦ ଶୁଣାଗଲା । 'ଭଗିଆ' ଦୌଡ଼ିଲା ନିଜ ଅଗଣାକୁ । ଦେଖିଲା ବେଳକୁ ଦୁଇ ଦୁଇଟା ନଡ଼ିଆ ପଡ଼ିଚି ତା' ଅଗଣାରେ । ଦାନ୍ତ ନିଫଡ଼େଇ ଦୁଇଟାଯାକ ହାତରେ ଧରି ବୀର ଦର୍ପରେ ଘରକୁ ପଶିଲା । ପଡୋଶୀ ମାଧବ ହତାଶିଆ ହେଇ ଅନେଇ ରହିଥାଏ । ହେଲେ କରିବାକୁ କିଛି ଉପାୟ ନଥିଲା ।

ଗଛଟାକୁ ମାଧବ ୨୦ ବର୍ଷ ତଳେ ନିଜ ଅଗଣା ବାଡ଼ କଡ଼ରେ ଲଗେଇ ଥିଲା । ତା' ମୂଳରେ ପାଣି ଢାଳି ଢାଳି ବଡ଼ କରିଥିଲା । ୧୦ ବର୍ଷ ଉତ୍ତାରୁ ଫଳ ଆସିଥିଲା । ହେଲେ ତା'ପରେ କଣ ହେଲା କେଜାଣି, ଗଛଟା ବାଙ୍କିଆ ହେଇ ଭଗିଆ ଘର ଆଡ଼େ ମୋଡ଼ ନେଲା । ସେବେଠାରୁ ଭଗିଆ ଗଛର ମାଲିକ ହେଇ ଯାଇଚି । ମୂଲିଆ ଲଗେଇ ଆଗରୁ ନଡ଼ିଆ ତୋଳା ହେଉଥିଲା । ଭଗିଆଘରକୁ ବି ଗୋଟେ ଦୁଇଟା ମାଧବ ପଠେଇ ଦେଉଥିଲା । ଲୋକଟା ଏଡ଼େ କୁଟିଳ ପ୍ରକୃତି ବୋଲି କିଏ ବା ଜାଣିଥିଲା ? ଏବେ ତୋଳିବାକୁ ମୂଲିଆ ଚଢ଼େଇଲେ ପଥର ଟେକା ମାରୁଛି । କହୁଚି, "ମୋ ଜାଗା ଉପରେ ଚଢ଼ି କଣ ତୋଳୁଚୁ କିରେ ?" ଗଛଟା ବଡ଼ ଛନଛନିଆ ହେଇ ଫଳୁଥିଲା । ମନରେ କେତେଥର କ୍ରୋଧ ଆସିଚି, ଗଛଟାକୁ କାଟି ଦେବାକୁ । କାଟିଦେଲେ ଗଛଟା ଯାଇ ପଡ଼ିବ ଭଗିଆ ଘରେ, ମହାଭାରତ ଆରମ୍ଭ ହେବାର ଭୟ ଥିଲା । ପୁଣି ମନକୁ ଆସେ, ଗଛର ବା ଦୋଷ କଣ ? ଫଳ ଦେବା କଥା ଦେଉଚି, ବାୟୁ ସଫା କରୁଚି । କିଛି ନହେଲେ ଶୁଦ୍ଧ ବାୟୁ ଟିକେ ତ ମିଳୁଚି । ଏମିତି କେତେ କଣ ଚିନ୍ତା କରି ମାଧବ ମଉନା ସାଜେ । ପାଣି ଦିଆ କିନ୍ତୁ କେବେ ବନ୍ଦ କରେନା ।

 Download Magazine from www.aahwaan.com

ତୁଣ୍ଡ ବାଇଦ ସହସ୍ର କୋଶ । ଏଇ ସାମାନ୍ୟ କଥାଟା ଗାଁ ଯାକ ଲୋକେ ସମସ୍ତେ ଜାଣି ଗଲେଣି । ଗାଁ ପଞ୍ଚାୟତରେ କଥା ଉଠେଇବାକୁ କେତେ ଥର ମାଧବ ଭାବିଚି । କାଳେ ନ୍ୟାୟଟା ବୁଲି ଓଲଟା ପଡ଼ିବ, ସେ ଭୟରେ କଥାଟା ଉଠାଏନି । ମନଟା ଖାଲି ଭିତରେ ଭିତରେ ଡହଳ ବିକଳ ହୁଏ । ସାହି ପଡ଼ିଶା ଲୋକେ ଫୁସରଫାସର୍ ହୁଅନ୍ତି, ହେଲେ ନ୍ୟାୟଟା କଣ ହେବ, କାହା ମୁଣ୍ଡରେ ପଶେନା । ଗାଁ ପଞ୍ଚାୟତରେ ଯେଉଁମାନେ କେତେ ଜଣ ମୁଖିଆ ଅଛନ୍ତି ତାଙ୍କ ମୁଣ୍ଡ ବି ସେମିତି । ଗୁହାରୀ କାହା ଆଗରେ ବା କରାଯିବ ?

ଦିନ ପରେ ଦିନ ଗଡ଼ିଯାଏ । ଗାଁ ସ୍କୁଲକୁ ରାଧୁ ମିଶ୍ରେ ଅବଧାନ ହେଇ ଆସନ୍ତି । ଭାରି ଭଦ୍ର ଲୋକ । ସସ୍କୃତ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ପରି ମନେ ହୁଏ । ସେ ଆସିବା ପରଠୁ ଗାଁ ପିଲାଏ ସ୍କୁଲ ସମୟଟା ପୁରା ସ୍କୁଲରେ ହିଁ କାଟନ୍ତି । ତାଙ୍କ ଦେଖାଶିଖା ବାକି ଅବଧାନେ ବି ପରିବର୍ତ୍ତନର ରାହା ଧରିଲେ । ସ୍କୁଲ ପିଲାଏ ପାଠ ପଢ଼ାକୁ ଆୟୁଧ କରିବା ଆରମ୍ଭ କଲେ । ଗାଁରେ ଗଣ୍ଡଗୋଳ ଧିରେ ଧିରେ କମିଲାଣି । ଲୋକେ ମିଶ୍ର ଅବଧାନଙ୍କ ପରାମର୍ଶ ନେବା ଆରମ୍ଭ କରି ଦେଇଥିଲେ । ଗାଁ ଚାଷୀମାନେ ବ୍ୟାଙ୍କରୁ ଋଣ ନେଇ ଚାଷରେ ମାତିବା ଆରମ୍ଭ କରି ଦେଲେ । ଧିରେ ଧିରେ ଗାଁରେ ସଭ୍ୟତାର ଝଲକ ଦେଖିବାକୁ ମିଳିଲାଣି । ପର୍ବପର୍ବାଣୀ ଗୁଡ଼ିକୁ ଜାକଜକମରେ ପାଳନ ହେଲାଣି । ଗାଁ ଲୋକେ ସୁଖ ସ୍ୱଛନ୍ଦରେ ଚଳିବା ଆରମ୍ଭ କରି ଦେଇଥିଲେ ।

ଦିନେ ମାଧବ ଆଗ ପଛ ଚିନ୍ତା କରି ନିଜ ନଡ଼ିଆ ଗଛର କାହାଣୀ ମିଶ୍ର ଅବଧାନଙ୍କୁ କହିଲା । ଅବଧାନେ ସବୁ ମନଧ୍ୟାନ ଦେଇ ଶୁଣିଲେ । ହେଲେ, ଭଗିଆର ଚରିତ୍ର ଉପରେ ମିଶ୍ରେ ସେତେବେଳକୁ ଅବଗତ ହେଇ ସାରିଥିଲେ । ଉପାୟ ଚିନ୍ତା କରିବାରେ ଲାଗି ପଡ଼ିଲେ । ମାଧବକୁ କହିଲେ, "ଦେଖିବା, ଆଗ ପଞ୍ଚାୟତ ବୈଠକରେ ତୁମେ କଥାଟା ନିଶ୍ଚେ

Download Magazine from www.aahwaan.com

ଉଠେଇବ; ମୁଁ କିଛି ନା କିଛି ଉପାୟ ଗୋଟେ କାଢ଼ିଦେବି ।” ମିଶ୍ର ଅବଧାନଙ୍କ ଉପରେ ମାଧବର ଭରଷା ଥାଏ । କଥାଟା ଓଲଟା ପଡ଼ିଗଲେ ବି ଲୋକହସା ଯେ ହେବନି, ସେ କଥାଟା ନିଶ୍ଚିତ ଥିଲା ।

ପରବର୍ତ୍ତୀ ପଞ୍ଚାୟତ ବୈଠକରେ ମାଧବ କଥାଟା ଉଠେଇଲା । ଲୋକଙ୍କ ଭିତରେ ହାସ୍ୟରୋଳ ହେଲା, ଫୁସୁରଫାସର୍ ଚାଲିଲା । ଭଗିଆ ବସି ଖୁବ୍ ମଜା ନେଉଥିଲା । ତା ପାଖରେ ତାର ବଳିଷ୍ଠ ଯୁକ୍ତି ଥିଲା, “କାହିଁକି ମାଧବେ ଗଛଟା ତା’ ବାଡ଼ିକୁ ମୁହେଁଇଚି ।” ମୁଖିଆ ଉଚିତ୍ ସମାଧାନ ପାଇଁ ମିଶ୍ର ଅବଧାନଙ୍କ ଆଡ଼େ ଚାହିଁଲେ । ଏଥର ଅବଧାନେ ଭଗିଆକୁ ପଚାରିଲେ, “ଭଗିଆ ବାବୁ, ଏଥର ତୁମ ଫସଲ କେମିତି ହେଇଚି ?” ଭଗିଆ କହିଲା, “ଅବଧାନେ, ଆପଣ ଗାଁକୁ ଆସିଲା ପରେ ଆମେ ଜାଣିଲୁ ବ୍ୟାଙ୍କର ଋଣ କଣ, କେମିତି ଋଣ କରିବୁ, କେମିତି ସୁଧ ସହିତ ଫେରେଇବୁ; ନହେଲେ ଆମେ କେଡ଼େ ଲୋକ ଯେ ପଇସା କାହୁଁ ପାଇଥାନ୍ତୁ ଆଉ ଚାଷ ବଢ଼େଇଥାନ୍ତୁ । ଏଥର ଅବଧାନେ କହିଲେ, “ବ୍ୟାଙ୍କ ତୁମକୁ କାହା ପଇସା ଦେଲା, ତୁମେ ଜାଣିଚ ?” ଭଗିଆ ମୁଣ୍ଡ ହଲେଇ ଲୋକେ ଜମା କରିଥିବା ଟଙ୍କା ବୋଲି କହିଲା । ଅବଧାନେ କହିଲେ, “ଯେମିତି ତୁମ ଟଙ୍କାର ମୂଳଟା ଲୋକେ ଜମା କରିଥିବା ପଇସା; ଯାହାକୁ ତୁମେ ନେଇ ନିଜ ଚାଷ କାମ କଲ ଆଉ ପରେ ସୁଧ ସହିତ ବ୍ୟାଙ୍କକୁ ଫେରେଇଲ, ସେମିତି ସେ ନଡ଼ିଆ ଗଛର ମୂଳଟା ମାଧବର; ତେଣୁ ତୁମେ ଯେତେ ଖାଇଚ, ସୁଧ ସହିତ ଫେରେଇ ଦିଅ । ନଡ଼ିଆ ତୁମେ ଖାଇପାର, ହେଲେ ସୁଧ ସହିତ ଫେରେଇବାକୁ ପଡ଼ିବ ।” ସମବେତ ଗାଁ ଲୋକେ ମିଶ୍ର ଅବଧାନେଙ୍କ ନ୍ୟାୟରେ ସହମତ ହେଇଗଲେ । ଲୋକେ କରତାଳି ଦେଇ ନ୍ୟାୟକୁ ସ୍ୱାଗତ କଲେ । ଭଗିଆ ଆଉ କିଛି କରିବା ବା କହିବାର ଅବସ୍ଥାରେ ନଥିଲା । ଏଥର ମାଧବ ଉଠି ପଡ଼ି ଭଗିଆକୁ କୋଳାଗ୍ରତ କରି କହି

 Download Magazine from www.aahwaan.com

ପକେଇଲା, "ଗାଁ ଭାଇଟା ମୋର, ନଡ଼ିଆ କେତେଟା ଖାଇଦେଲା ଯେ ମୁଁ କଣ ତା'ପାଇଁ ସୁଧ ନେବି ?" ଭଗିଆ ଏଥର ଆତ୍ମଗ୍ଲାନିରେ ଭରିଗଲା । ପଶ୍ଚାତାପରେ ତା'ର ଆଖି ଦୁଇଟା ଲୁହରେ ଭିଜିଗଲା । ବୁଝିପାରିଲା, ମାଧବ ପଡ଼ୋଶୀ କେଡ଼େ ଉଦାର । ସେ ଦିନଠୁ ଦୁହେଁ ଅନ୍ତରଙ୍ଗ ପଡ଼ୋଶୀ ପାଲଟିଗଲେ । ଗାଁର ଭାଇଚାରାରେ ଏକ ନୂତନ ଅଧ୍ୟାୟର ଅୟମାରମ୍ଭ ହେଉଥିଲା ।

ବି.ଏମ୍-୭, ବନମୁଣ୍ଡା,

ବିରମିତ୍ରପୁର, ସୁନ୍ଦରଗଡ,

ଓଡିଶା-୭୭୦୦୩୩

ଇମେଲ୍: pcmishra71@gmail.com

 Download Magazine from www.aahwaan.com

# ପ୍ରଣୟର ସ୍ୱପ୍ନ



ନରେଶ କୁମାର ବେହେରା

ମୋ ମତରେ ତୀର୍ଥ ତାହାକୁ ହିଁ କୁହାଯାଇପାରେ, ଯେଉଁଠିକୁ ଗଲେ ମନର ଗ୍ରନ୍ଥିର ମୋଚନ ବା ସମାଧାନ ହୁଏ । ଆଉ ଏହି ତୀର୍ଥଟିଏ କରିବାକୁ ଆଜିର ସାମାଜିକ ସାଂସାରିକ ପ୍ରପୀଡ଼ିତ ମାନବ କେଉଁ କେଉଁ ସ୍ଥାନକୁ ନ ଯାଏ ! ଶେଷରେ ସାରା ଜୀବନର ଇତିହାସକୁ ପରିକଳ୍ପିତ କରି, ନିଜକୁ ଗୋଟେ ଭୀତତ୍ରସ୍ତ ମନେକରି ହୃଦୟରେ ଏକ ବିରାଟ ଆଲୋଡ଼ନ ସୃଷ୍ଟି କରେ, ଯାହାକୁ ସେ ଅସମ୍ଭାଳ ହୋଇ ନିଜ ହୃଦୟରୁ ବାହାର କରିଦିଏ । ଆଉ ଏକ ନିଶ୍ଚଳ, ନିଥର ପଥର ସଦୃଶ ପଡ଼ିରହେ । ଭାବିପାରେନା, କାହିଁକି ଏ ସବୁ ମୋ ମୁଣ୍ଡକୁ ଜୁଟୁଛି । ମନରେ ଏକ ବିରାଟ ଧୂଳିଝଡ଼ । ହୃଦୟରେ ସେହିପରି ରକ୍ତର ଉତ୍ତପ୍ତ ଲାଭା, ଉଥଳ ପୁଥୁଳ ହେଉଥାଏ । ଆଉ ଶରୀରର ଶିରାପ୍ରଶିରା ଗୁଡ଼ିକ ଭୂଲବଶତଃ କେତେବେଳେ ଦୁଇପାଖିଆ (ଟୁ ୱେ) ହୋଇଯାଇଛି, ଆଉ କିଛି କ୍ଷଣରେ ହିଁ ଯେପରି ଏକ ବିସ୍ଫୋରଣ ଘଟିବ । ହଠାତ୍ ପୋଖରୀଟା ସାମନାକୁ ଆସିଗଲା । ଏଇଟା ହିଁ ବୋଧେ ମୋର ସେଇ ତୀର୍ଥ । ଉତ୍ତରପଟେ ଥାଏ ଏକ ବିରାଟ ବଟ ବୃକ୍ଷ । ମୁଁ ଆପେ ଆପେ ଚାଲିଗଲି ତାଙ୍କ ସମୀପକୁ ।

ସୂର୍ଯ୍ୟ ଅସ୍ତାଚଳଗାମୀ । ଦୀର୍ଘ ଶତାବ୍ଦୀବ୍ୟାପୀ ଅଗ୍ନିପିଣ୍ଡଟାଏ, ଜଳୁଥାଏ, କିଛି ଗୋଟାଏ ଜଣାଇବାକୁ ଚାହୁଁଛି, କିନ୍ତୁ ତାକୁ ଆଖି ମିଶାଇ ଦେଖିପାରନ୍ତିନି, ଜଳି ଯାଆନ୍ତି ଯେପରି, ବୁଝିପାରନ୍ତି ନାହିଁ କଣ ଯେ ଜଳୁଛି, ତା ଦେହେ, ଜଳି ଜଳି ଦିନକୁ ଦିନ ଆହୁରି ଉତ୍ତପ୍ତ ଓ ଦଗ୍ଧ ହୋଇ ଉଠୁଥାଏ, କିନ୍ତୁ କେହି ଜାଣିବାକୁ ଚେଷ୍ଟା କରନ୍ତିନି । ଏପରି ଏକ ମନର

 Download Magazine from www.aahwaan.com

ଅବକ୍ଷୟରେ, ଅସ୍ଥିରତାରେ ଠିଆ ହୋଇ ମୁଁ ପାପପୂଣ୍ୟର ବିଚାର କରୁଥାଏ । ବୋଧେ ଏହା କରିବା ଦ୍ୱାରା ଅସ୍ତିତ୍ୱକୁ ରକ୍ଷା କରିହୁଏ । ତାହା ହିଁ ପୂଣ୍ୟ । ଆଉ ଯାହା କରିଲେ ରକ୍ଷା ପାଇବାରୁ ପତିତ ହୁଏ, ତାହା ହିଁ ପାପ ।

ବଟବୃକ୍ଷ ତଳେ ଠିଆ ହୋଇ ମୁଁ ଗାଁଟିକୁ ଏକବାରେ ଚାହୁଁଥାଏ । ଦୂରରୁ ଗାଁଟି ସମ୍ପୂର୍ଣ୍ଣ ଶାନ୍ତ ଓ ନିଶ୍ଚଳ ଲାଗୁଥିଲା । ପୁରାପୁରି ଶୁନଶାନ୍ । ଗାଁର ଝଡ଼ ତ ଶାନ୍ତ ହୋଇଯାଏ, କିନ୍ତୁ ମୋ ହୃଦୟରେ ଛୁଟୁଥିବା ବନ୍ୟାର କୋଳାହଳ କାହାକୁ ବି ଶୁଭୁନଥିଲା । ସମସ୍ତେ ଜାଣି ବି ଅଜଣା । ସେ ସବୁକୁ ତ ମୋତେ ହିଁ ସହନ କରିବାକୁ ହେବ । ଏହି ବନ୍ୟାର ସ୍ରୋତରେ ମୁଁ ଯେପରି ସଂପୂର୍ଣ୍ଣ ଅଜ୍ଞାନ ଓ ପାଗଳ ହୋଇ ଯାଇଥିଲି ।

ଟିକେ ବସିପଡ଼ି, ମୁଁ ଡାହାଣ ହାତଟିକୁ ବଢ଼ାଇ ପାଣିକୁ ଛୁଇଁଲି । ଆଗ ଅପେକ୍ଷା ଏ ପାଣି କାହିଁକି ଅଧିକା ଥଣ୍ଡା ଲାଗୁଛି । ଏବଂ ସେଥିରେ ଗୋଡ଼ା ଗୋଡ଼ି ହୋଇ ଖେଳୁଥାନ୍ତି ଛୋଟ ଛୋଟ ମାଛ ଗୁଡ଼ିକ । ଚୁଞ୍ଚି ଚୁଞ୍ଚି କଣ ସବୁ ଖାଆନ୍ତି ଏବଂ ନିଜ ନିଜ ମଧ୍ୟେ କଥା ହୋଇଯାଆନ୍ତି । ପୁଣି ବେଳେ ବେଳେ ଜୁଳୁଜୁଳୁ ଆଖି କରି ମୋ ମୁହଁକୁ ବି ଦେଖନ୍ତି । ବହୁତ ଖୁସି ଲାଗେ, ଇଚ୍ଛା ହୁଏ ତାଙ୍କ ସହ କିଛି ଗପ ମାରିବାକୁ, ଧରି ସେମାନଙ୍କୁ ଗେଲ କରିବାକୁ । ପିଲାବେଳେ ବହୁତ ଖେଳିଛି ଏମାନଙ୍କ ପୂର୍ବପୁରୁଷଙ୍କ ସହ । ଆଉ ବହୁତ ହଇରାଣ ବି କରୁଥାଏ । ନିଜ ସାଙ୍ଗପିଲାଙ୍କ ସହ ଖରାବେଳେ ଆସି ସେମାନଙ୍କୁ ଧରେ, ସେମାନଙ୍କ ସହ କଥା ହୁଏ, ତାଙ୍କୁ ଟିକିଏ କଷ୍ଟ ହେଲେ ପୁଣି ଛାଡ଼ିଦିଏ ପାଣିରେ । ଏଥିରେ ମୋତେ ବହୁତ ଆନନ୍ଦ ଲାଗେ । ବହୁତ ସମୟ ଧରି, ଖିଆପିଆ ଭୁଲି ମୁଁ ଏଠି ବସୁଥାଏ । କିନ୍ତୁ ମୋର ଏହି ଖେଳରେ ବାଧା ଦେବାପାଇଁ ଜଣେ ମାତ୍ର ଶତୃଥାଏ, 'ସ୍ମିତା' । ଖୁବ୍ ସୁନ୍ଦର, ସୁଶୀଳା ଝିଅଟିଏ । ବୟସରେ ମୋଠୁଁ ଦୁଇ ବର୍ଷ ବଡ଼ । କିନ୍ତୁ ସାଙ୍ଗଠୁ ଅଧିକ । ଏକାଠି ପଢୁ, ଏକାଠି

Download Magazine from www.aahwaan.com

ଖେଳୁ, ବୁଲୁ ଆଉ ଖୁବ୍ ଝଗଡ଼ା କରୁ । ବାପାଙ୍କ ଘନିଷ୍ଠ ମିତ୍ର ଏବଂ ଗାଁର ଜଣାଶୁଣା ବ୍ୟକ୍ତି ପଣ୍ଡିତ ରାମକୃଷ୍ଣ ମିଶ୍ରଙ୍କ ଝିଅ ସେ । ସେ ଜଣେ ମଧ୍ୟମ ଧନିବର୍ଗର ଲୋକ ।

ସ୍ମିତା ପାଟିକରେ, "ରେ ମୂର୍ଖ, ଏଠି କଣ କରୁଛୁ । ଏମାନଙ୍କ ସହ ମାଛ ଧରୁଛୁ ? ରହ ରହ ମୁଁ ଏଇନା ଯାଇ ମଉସାଙ୍କୁ କହେ ।"

ମୁଁ ତା ପଛେ ପଛେ ଦୌଡ଼ି ଯାଇ ହାତ ଯୋଡ଼ି କହେ, "ନାଇଁ ମିତା, ବାପାଙ୍କୁ କିଛି କହନା, ତୁ କ'ଣ ଜାଣିନୁ, ସେ କେମିତି ରାଗନ୍ତି... ଆଉ ତୁ ପରା ମୋର ସାଙ୍ଗ, ସବୁଠୁ ଭଲ ସାଙ୍ଗ, ହଁ କି ନାଇଁ କହିଲୁ ?"

"ହଉ ଠିକ୍ ଅଛି ।" ସ୍ମିତା ଏକ ଦୁଷ୍ଟାମୀ ହସଟିଏ ହସିଦେଇ, ଅଧିକାର ପୂର୍ବକ କହେ, "ତୁ ମୋ ସାଙ୍ଗେ ଆ ।" ସେ ମୋତେ ପଛେ ପଛେ ନିଜ ଘରକୁ ନେଇଯାଏ । ପଚାରିବାକୁ ସାହାସ ବି କରି ପାରୁନଥାଏ । ସେ ମୋ ସାମ୍ନାରେ ଦୁଇଟି ଖାତା ରଖିଦିଏ, ଗୋଟାଏ ତା'ର, ଆଉ ଗୋଟାଏ ତା' ସାଙ୍ଗର । ସେଥିରୁ ତା ଖାତାକୁ ଉତାରିବାକୁ କହେ । ସେତେବେଳେ ସ୍ମିତା ସପ୍ତମରେ, ଆଉ ମୁଁ ପଞ୍ଚମରେ । ସେ ଭଲ ଭାବେ ଜାଣେ, ଯେ ନକଲ କରିବାରେ ମୁଁ କୌଣସି ଭୁଲ ଭୁଲ କରିବି ନାହିଁ । କାରଣ, ଆଜି ପର୍ଯ୍ୟନ୍ତ କୌଣସି ଭୂଲ ଯେ ହୋଇନାହିଁ । ସ୍ମିତା କିନ୍ତୁ, ମୋର ଏହି ସମୟ, ସୁଯୋଗ ଦେଖି, ମୋତେ ସବୁବେଳେ ବ୍ଲାକ୍-ମେଲ୍ କରୁଥାଏ । ମୁଁ ତା'ର ଆହୁରି ମଧ୍ୟ ବହୁତ କାମ କରିଦିଏ । ସେ ମୋ ଦ୍ୱାରା କାମ ତ କରାଏ, କିନ୍ତୁ ସେତିକି ସ୍ନେହ ମଧ୍ୟ ଦିଏ ।

### କିଛି ବର୍ଷ ପରେ...

ସ୍ମିତା ହାଇସ୍କୁଲ ପାସ କରିଥାଏ । ଝିଅଟିଏ ହୋଇଥିବାରୁ, ଗାଁର ତୁଳନାରେ ବହୁତ ପାଠ ପଢ଼ି ସାରିଥିଲା ସେ । ବାପା ତା'ର ବରଟିଏ ଖୋଜିବାରେ ଲାଗିପଡ଼ିଲେ । ଆମର

Download Magazine from www.aahwaan.com

ଏଭଳି ଦୁର୍ନୀତିଭରା ସମାଜରେ ଭଲ ବରଟିଏ ମିଳିବାଟା କଷ୍ଟକର ଥିଲା । ବାପା ରାମକୃଷ୍ଣଙ୍କ ଅର୍ଥର ଅଭାବ ନଥିଲା । ନିଜର ଏକମାତ୍ର କନ୍ୟାର ବିବାହ ସକାଶେ ସେ କେତେ ବି ଖର୍ଚ୍ଚ କରିବାକୁ ଏବଂ ଦେବାକୁ ପ୍ରସ୍ତୁତ ଥିଲେ, କିନ୍ତୁ ସେଇଥିପାଇଁ ସେ କୌଣସି ଛୋଟିଆ ବର ମଧ୍ୟ ଖୋଜୁନଥିଲା ।

ଦିନେ ସ୍ମିତା ଓ ମୁଁ ଦୁହେଁ ତା ରୁମରେ ବସିଥିଲୁ । ସେ ଠିକ୍ ମୋ ସାମ୍ନାରେ ବସିଥାଏ, ଆଉ ମୁଁ ଅପଲକ ଦୃଷ୍ଟିରେ ତା'କୁ ଚାହିଁ ରହିଥିଲି । ପ୍ରଥମଥର ପାଇଁ ମୁଁ ଯେପରି କିଛି ଗୋଟାଏ ଅଲଗା ଅନୁଭବ କରୁଥିଲି, ତା'ର ସେହି ସୁନ୍ଦର ଚେହେରାଟିରୁ କେତେ ଯେ ଅଜ୍ଞାନତା ଝରି ପଡୁଥିଲା, ତା'ଆଖି ଓ ଆଖିର ଚାହାଣୀ... ଓଠ ଏବଂ ତା'ଭିତରେ ଲୁଚି ଚମକୁ ଥିବା ମୁକ୍ତା ଗୁଡ଼ିକ ସବୁ ଯେପରି ଚୁମ୍ବକ ଭଳି ତା'କୁ କିଛିଟା କହିବା ପାଇଁ ଟାଣୁଥାଏ । ମୁଁ ହଠାତ୍ ପଚାରିଦେଲି, "ସ୍ମିତା, ତୁ ମୋତେ ବାହାହେବୁ ?"

ହୃଦୟରେ ଏକ ଭିନ୍ନ ପ୍ରକାରର ଆଲୋଡ଼ନ ସୃଷ୍ଟି ହେଉଥାଏ, ଅଜଣା ଚିନ୍ତାଧାରା ସବୁ ମୋ ମନରେ ଖେଳୁଥିଲା, ପ୍ରକୃତରେ ମୁଁ ତାକୁ ଠିକ୍ ରୂପେ ପ୍ରକାଶ କରି ପାରିନଥିଲି । ବୋଧେ ତାକୁ ଖରାପ ଲାଗିଥିବ ।

ସେ ହସିବାରେ ଲାଗିଲା । ବହୁ ଜୋରରେ ହସୁଥାଏ ସେ । "ତୁ... ?" ସେ ଆଶ୍ଚର୍ଯ୍ୟରେ ବଡ଼ ବଡ଼ ଆଖି ଦେଖାଇ କହୁଥାଏ, "ତୁ ପୁଣି ବାହା ହେବୁ ? ... ତୁ କଣ ଜାଣିନୁ ? ମୁଁ ତୋ ଠୁ କେତେ ବଡ଼ ? ସବୁଠୁ ବଡ଼ କଥା ହେଲା ତୁ ଜଣେ ଗରିବ ସ୍କୁଲ୍ ମାଷ୍ଟରର ପୁଅ, ତୋତେ ବାହା ହେଲେ ମୋତେ କଣ ମିଳିବ ଯେ ?... ମୁଁ ତ କେଉଁ ଦେଶର ରାଜକୁମାରକୁ ବାହାହେବି । ସେ ତା ସୁନ୍ଦର ରଥରେ ଆସି ମୋତେ ବସାଇ, ତା ରାଜମହଲକୁ ନେଇଯିବ... ।" ଉପରକୁ ଚାହିଁ କେଉଁ ଅଜଣା ରାଇଜରେ ହଜି ବୁଲୁଥିଲା । ଆଉ, ସେହି

Download Magazine from www.aahwaan.com

ବାଦଲ ଗୁଡ଼ିକୁ ଧରିବାକୁ ପ୍ରୟାସ କରୁଥିଲା ସ୍ମିତା, ସତରେ ! ସେ ଯଦି ଧରି ପାରିଥାନ୍ତା । ସ୍ମିତା ବାହାହେଲା । ପୁଅଟି ସମ୍ବଲପୁରରେ ଡାକ୍ତରୀ ପଢୁଥାଏ । ସେ କେଉଁ ଦେଶର ରାଜକୁମାର ତ ନଥିଲା, କିନ୍ତୁ ସମାଜର ଜଣେ ଉଚ୍ଚ ସମ୍ମାନିତ ବର୍ଗର ଥିଲା । ସେ ବେଶୀ ଧନୀ ତ ନଥିଲା, କିନ୍ତୁ ସ୍ମିତାର ସ୍ୱପ୍ନର ରାଜକୁମାର ଥିଲା, ଏପରି ମୁଁ ବି କହି ପାରୁନଥାଏ ।

କିଛି ଦିନଗଲା । କେତେ ମାସ ଗଲା । ମନଟା ସବୁବେଳେ ଖରାପ ଲାଗୁଥାଏ । ସ୍ମିତା ଚାଲିଗଲା ପରେ ମୋର ସେମିତି ଆଉ କେହି ସାଙ୍ଗ ନଥିଲେ, ଯାହା ସହ କି ମୁଁ ମନ ଖୋଲି କଥା ହୋଇଥାନ୍ତି । ଯୁକ୍ତ ଦୁଇ ପାସ୍ କରି ନିକଟ ଏକ କଲେଜରେ ଭର୍ତ୍ତି ହୋଇଥାଏ । ସବୁ ନୂଆ ନୂଆ ଚେହେରା, ନୂଆ ନୂଆ ଢଙ୍ଗୀ । କାହାକୁ ମିଶିବାକୁ ବି ଇଚ୍ଛା ହେଉନଥାଏ, କିନ୍ତୁ କିଛି ଗୋଟାଏ ଖୋଜୁଥାଏ, ତା ଭଳି ସାଥିଟିଏ । ଏଭଳି ମୋତେ ଲାଗେ ।

ଦିନେ କଲେଜରୁ ଫେରି, ଜଳଖିଆ କରୁଥାଏ । ସେତିକି ବେଳେ ମୋ ସାନ ଭଉଣୀ ଦଉଡ଼ି ଆସି କହିଲା, "ଭାଇ, ଶୁଣିଲୁ ? ସ୍ମିତା ଅପା ଆସିଛି, ଆଉ ସେ କେବେ ସେଠିକି ଯିବ ନାହିଁ ।" ଏତିକି ଶୁଣିବା ପରେ ଲାଗିଲା ମୋ ପାଦତଳୁ ଭୂମିଟା ଯେପରି ଖସି ଯାଇଛି । ମୁଁ ଆଶ୍ଚର୍ଯ୍ୟରେ ଚାହିଁ ପ୍ରଶ୍ନକଲି, "କଣ... କଣ କହିଲୁ ?"

- ହଁ, ତା ସ୍ୱାମୀ ତାକୁ ଛାଡ଼ପତ୍ର ଦେଇଛନ୍ତି ।

ମୁଁ ଅତ୍ୟନ୍ତ ଆବେଗର ସହକାରେ ଠିଆ ହେଲି, "ଛାଡ଼ପତ୍ର ? କିନ୍ତୁ କାହିଁକି ?"

- ତା ସ୍ୱାମୀ ସମ୍ବଲପୁରରେ ନିଜ ସାଥିରେ ପଢୁଥିବା ଝିଅ ସହ ବାହା ହେଉଛି ।

କ୍ଷଣିକ ପାଇଁ ମୁଁ ଅବାକ୍ ରହିଗଲି । କିଛି ଚିନ୍ତା କରି ପାରୁନଥାଏ, ଏଭଳି ଅନିନ୍ଦ୍ୟ ସୁନ୍ଦରୀ ଝିଅଟିକୁ କିଏ ବା ଛାଡ଼ି ଦେଇପାରେ ? ସେ ଗୋଟାଏ ଅନ୍ଧ ନା କଣ ?

ସ୍ମିତାର ଶାନ୍ତ, ସରଳ, ସୁନ୍ଦର ଚେହେରାଟି ମୋ ଆଖି ଆଗରେ ନାଚିବାକୁ ଲାଗିଲା ।

କ'ଣ ନ ଘଟୁଥିବ ତା ଉପରେ, କ'ଣ ସେ ଏ ସବୁ ସହି ପାରୁଥିବ ? ତା'ହେଲେ କ'ଣ ଏଇ ତିନିବର୍ଷ କାଳ, କାହାକୁ କିଛି ବା ନ ଜଣାଇ... ହେ ପ୍ରଭୁ !

ପରେ ଜାଣିବାକୁ ପାଇଲି, ଯେ ସ୍ମିତାର ସ୍ୱାମୀ ପୂର୍ବରୁ ହିଁ କେଉଁ ଝିଅ ସହ ସମ୍ପର୍କ ରଖିଥିଲା । ସ୍ମିତାକୁ ବାହା ହୋଇ ସେ କେବଳ ନିଜ ବାପାମା'ଙ୍କୁ ଦେଇଥିବା କଥାକୁ ପୂର୍ଣ୍ଣ କରିଥିଲା । ମୁଖ୍ୟ ବିଷୟଟା, ତ ବୋଧେ ଯୌତୁକ ହୋଇଥିବ, ଯାହାକି ପଣ୍ଡିତେ ରାମକୃଷ୍ଣ ଭରପୁର ଦେଇଥିଲେ । ଆଜିର ଏ ପରିସ୍ଥିତି ତା' ବାପାଙ୍କ ଆଗେ ଏକ ପ୍ରଶ୍ନଚିହ୍ନ ଭଳି ଛିଡ଼ା ହୋଇ ରହିଛି । ସ୍ମିତା ପାଇଁ ସେ ବାଛି ବାଛି ବରଟିଏ ଖୋଜିଥିଲେ, ପୁଣି ଏକ ସମ୍ମାନିତ ପରିବାର ଦେଖି, ତେବେ ଏପରି କାହିଁକି, ସ୍ମିତାକୁ ଏକ ପରିତ୍ୟକ୍ତାର ଜୀବନ ବିତାଇବାକୁ ବାଧ୍ୟ ହୋଇପଡ଼ିଲା ।

ମୁଁ ଯେବେ ସ୍ମିତାକୁ ଦେଖିଲି, ବିଶ୍ୱାସ କରି ପାରିଲି ନାହିଁ । ତା'ର ସୁନ୍ଦର, ସୁଗଠିତ ଶରୀରରେ ହାଡ଼ର ଢାଞ୍ଚ ମାତ୍ର ହିଁ ଶେଷ ରହିଯାଇଥିଲା । ମୁହଁରୁ ତେଜ ଚାଲି ଯାଇଥିଲା । ଗାଲରୁ ବାହାରି ଆସିଥିବା ଅସ୍ଥିଗୁଡ଼ିକ ଦୂରରୁ ଫୁଟି ଦିଶୁଥିଲା । ତା ଆଖିର ଔଜଲ୍ୟ କେଉଁଠି ହଜି ଯାଇଥିଲା, ଯେଉଁଥିରେ କି ତା ସ୍ୱପ୍ନର ଏକ ଛୋଟିଆ ଚିହ୍ନଟିଏ ବି ନଥିଲା । ଭାଗ୍ୟ - ଏତେ ଭୟଙ୍କର ଉପହାସ ତା' ସହ କଣ ପାଇଁ କରିଲା । ସେ ତ କାହାର ଅନିଷ୍ଟ କରିନଥିଲା, ତେବେ ତା ଜୀବନଟା ଏଭଳି ଜଳନ୍ତା ଅଙ୍ଗାର କାହିଁକି ପାଲଟିଗଲା ?

ସେ ଆଜିକୁ ପ୍ରାୟ କୋଡ଼ିଏ ଦିନ ହେବ । ଏ ପର୍ଯ୍ୟନ୍ତ ସେ ଘରୁ ପଦାକୁ ଆସୁନଥାଏ । ମୁଁ ବ୍ୟାକୁଳ ହୋଇ ବାରମ୍ବାର ତା ଘରକୁ ଯାଏ, କିନ୍ତୁ ଏକୁଟିଆ ଭେଟିବାର ସୁଯୋଗ ନ ପାଇ ଫେରିଆସେ । ଆଜି ସେ କୌଣସି କାମରେ ପ୍ରଥମଥର ଆମ ଘରକୁ ଆସିଥାଏ । ଯେତେ ସମୟ ସେ ଆମ ଘରେ ରହିଲା, ମୁଁ ବାହାର ବାରଣ୍ଡାରେ ଛିଡ଼ା ହୋଇ ଅପେକ୍ଷା କରୁଥାଏ ।

 Download Magazine from www.aahwaan.com

ପ୍ରାୟ ପନ୍ଦର ମିନିଟ୍ ପରେ ସେ ଘରୁ ଆସିଲା । ମୋତେ ଦେଖି, ମୋ ପାଖକୁ ଆସି କିଛି ନ କହି ମୁଣ୍ଡ ତଳକୁ ପୋତି ଛିଡ଼ା ହେଲା । ମୁଁ ବିଲକୁଲ୍ ତା ପାଖେ ଛିଡ଼ା ହୋଇଥିଲି । ସେ ବି ଚୁପ୍ ଥିଲା । ସେ ବା କଣ କହିଥାନ୍ତା ? ଆଉ ମୁଁ ବି କଣ କହିଥାନ୍ତି ? ଭାବୁଥିଲି ମୁଁ କହିଦେବି, ମୋ ହୃଦୟରେ ସାଇତି ରଖିଥିବା କଥାସବୁ ।

"ସ୍ମିତା, ମୁଁ ବହୁତ ଦୁଃଖୀ । ଜାଣେନା, ଭଗବାନ ତୋତେ କେଉଁ ଜନ୍ମର ଦଣ୍ଡ ଦେଉଛନ୍ତି । ହେଲେ ଭଗବାନଙ୍କୁ ବି କେଉଁ ଅଧିକାର ଅଛି ଯେ ସଂସାରର ପ୍ରତି ସୁନ୍ଦର ବସ୍ତୁଟିକୁ ସେ ନଷ୍ଟ କରିଦେବେ ? କିନ୍ତୁ, ସେହି ମନୁଷ୍ୟ ହିଁ କଣ ଯେ ନିଜ ଦୁଃଖକୁ ହୃଦୟରେ ବାନ୍ଧି ବସିରହେ । ଦୁଃଖ ଆଉ ସୁଖ ଏ ଜୀବନରେ ଲାଗି ରହିଥାଏ । ଆମକୁ ଭାଗ୍ୟର ଫଳରେ ବି କାହିଁକି କାନ୍ଦିବାକୁ ହେବ ? ମନୁଷ୍ୟ ଯଦି ସାହାସରେ କାର୍ଯ୍ୟକରେ ତେବେ ସବୁ ଦୁଃଖକୁ ସେ ଆରାମରେ ମୁକାବିଲା କରି ପାରିବ । ପୁଣି ଖୁସିରେ ତା ଜୀବନ ପୁନର୍ଗଠିତ ହେବ ।"

ସେ ମୋତେ ଦେଖିଲା । ଆଖିରେ କେବଳ ଶୋକର ହତାଶ ଏବଂ ଏକକ ଝଲସି ଉଠୁଥାଏ । ଜୀବନର ଏପରି ଏକ ଅଯୌକ୍ତିକ, ଅତିଶୟ ବ୍ୟଥାତୁର ଘଟଣାରେ ସେ ନିଜ ଚିନ୍ତା ଶକ୍ତି ହରାଇ ବସିଥିଲା । ମୁଁ ତାକୁ ବୁଝାଇବାର ଅନ୍ଦାଜରେ କହିଲି, "ଦେଖେ, ତୋର ବାହାଘରର ସେହି ବ୍ୟକ୍ତି ସହ ହେଲା, ଯାହା ବିଷୟରେ ତୁ ବା' କଣ, ତୋ ଘର ଲୋକ ବି ଠିକ୍ ସେ ଜାଣିନଥିଲେ । ତୋର ବାହାଘର ତ କେବଳ ତୁମ ଜାତି - ଘର ଦେଖି କରାଗଲା । କିନ୍ତୁ, କଣ ସବୁ ଦେଇଗଲା ଏଇ ଜାତି-ସମାଜ ? କେବଳ ଦୁଃଖ ଓ ମାନସିକ ବ୍ୟଥା ।... ଯେଉଁ ଗଣ୍ଡରେ ଏଇ ସମାଜ ତୋତେ ଠେଲି ଦେଇଛି, ସେ ଏତେ ଗଭୀର ଯେ ତୁ ବାହାରକୁ ଆସି ପାରିବୁନି । ଯେଉଁ ପୂର୍ବ କର୍ମର ଫଳ ତୁ ଆଜି ଭୋଗ କରୁଛୁ, ସେଥିପାଇଁ ସାରା ଜୀବନ

Download Magazine from www.aahwaan.com

କାନ୍ଦିବାଟା ମୋ ମତରେ ବ୍ୟର୍ଥ । କାରଣ, କାନ୍ଦିବା ଆମର ଧର୍ମ ନୁହେଁ । ତୁ ଚାହିଁଲେ ତୋ ଲୁହ ନିଜେ ପୋଛି ଦେଇ ପାରିବୁ ।”

ସ୍ମିତା ଆଖିରେ ଦୁଇଧାର ଲୁହ । ଆଉ ମୁଁ ଯେପରି ତା' ଜଖମରେ ନମକ୍ ମାରୁଥାଏ । ମୁଁ ପୁଣି କହିଲି, “ତୁ ଜଣେ ରାଜକୁମାରକୁ ବାହା ହେବାପାଇଁ ଇଚ୍ଛା କରିଥିଲୁ । କିନ୍ତୁ ତାହା ହେଲାନାହିଁ । ଏବେ କିନ୍ତୁ ଯଥାର୍ଥ କଠୋର ଭୂମି ଉପରେ ଓହ୍ଲାଇ ଆସି କାହିଁକି ନା ତୁ ବାସ୍ତବିକତାକୁ ସ୍ୱୀକାର କରି ପୁଣି ଏକ ସୁଖୀ ଜୀବନ ବ୍ୟତୀତ କରିବୁ ।”

“କିପରି ।” ଲୁହ ପୋଛି ପୋଛି, ସେ ମୁହଁ ଟିକେ ଖୋଲିଲା ।

“ଏବେ ଯାହା କିଛି ହେଲା, ଭୁଲିବାକୁ ଚେଷ୍ଟା କର । ଜୀବନଟା ବହୁତ ଲମ୍ବା । ତୋର ଏକ ଉଜ୍ଜ୍ୱଳ ଭବିଷ୍ୟତ ବି ଆଗକୁ ଥାଇପାରେ ।... ତୋର ମନେ ଥାଇ ପାରେ, ଦିନେ ମୁଁ ତୋତେ ପଚାରିଥିଲି, ତୁ ମୋତେ ବାହା ହେବୁ କି ? ତୁ ମନା କରିଥିଲୁ । ମୁଁ ମଧ୍ୟ ସେତେବେଳେ ଅଜ୍ଞାନ ଥିଲି । କିନ୍ତୁ ଆଜି, ଯେଉଁ ରାସ୍ତାରେ ତୁ ଛିଡ଼ା ହୋଇଛୁ, ସେଠାକୁ ଫେରି ତୁ କାହିଁକି ନା ସ୍ୱୀକାର କରିବୁ, ଯାହା ତୁ ବହୁତ ପଛରେ ଛାଡ଼ି ଦେଇ ଆସିଥିଲୁ ।... ମୁଁ ଜାଣେ ତାହା ସୁନା ହୋଇନପାରେ, ତା ବୋଲି ସେ ରାସ୍ତାର ପଥରଟାଏ ତ ନୁହେଁ, ଯାହାକୁ ପୂଜା ନ କରାଯାଏ,... ଆଉ ତୁ ତାକୁ ଛୁଇଁ ଦେଲେ, ବୋଧେ ତାହା ସୁନା ବି ପାଲଟି ଯାଇପାରେ ।”

ସ୍ମିତା ଆଗରେ ବହୁତ ଗୁଡ଼ିଏ ପ୍ରଶ୍ନର ପ୍ରସ୍ତାବ ବାଢ଼ି ନେଇଗଲି, ଯାହାର ଉତ୍ତର ସ୍ୱୟଂ ମୋ ପାଖେ ବି ନଥିଲା । ଆମ୍ଭେ ଦୁହେଁ ବହୁ ସମୟବ୍ୟାପୀ କଥା ହେଲୁ । ଜାଣେନା, କେତେଦୂର ସେ ମୋତେ ବୁଝିବାରେ ସମର୍ଥ ହେଲା । କିନ୍ତୁ ତା ଆଖିରେ ଏକ ନୂତନ ପ୍ରକାର ଜାଗରଣ ଦେଖିବାକୁ ପାଇଲି । ସେ ପୁଣି କିଛି ସମୟ ଚୁପ୍ ରହି ଭାବିବାରେ ଲାଗିଲା । ଆଉ

ଯାଉ ଯାଉ କହିଲା, "ମୁଁ ସବୁକିଛି ଭଲଭାବେ ଚିନ୍ତା କରି... କାଲି କହିବି ।"

ତା ପରଦିନ ପୁଣି ଆମେ ସେହି ସ୍ଥାନରେ, ସେହି ସମୟରେ ଭେଟ ହେଲୁ । କିନ୍ତୁ, ମୁଁ ପୂର୍ବପରି ତା ଆଖିରେ ଖୁସିର କୌଣସି ଚିହ୍ନ ଦେଖିବାକୁ ପାଇଲି ନାହିଁ ।

ମୁଁ ଆଗେଇ ପଚାରିଲି, "କଣ ଠିକ୍ କରିଲୁ, ତୁ ?"

"ସାଗର... ମୁଁ ଏ ପର୍ଯ୍ୟନ୍ତ କିଛି ଠିକ୍ ନିର୍ଣ୍ଣୟ ନେଇ ପାରିନାହିଁ ।" ସେ ଧିର କଣ୍ଠରେ କହିଲା, "ମୋର ଆଉ ସେତେଟା ଶକ୍ତିନାହିଁ, ଯେ କିଛିଟା ଚିନ୍ତା କରିବି, ବା ନିର୍ଣ୍ଣୟ ନେବି ।"

"ତୁ କଣ କହୁଛୁ, ମୁଁ କିଛି ବୁଝିପାରୁନାହିଁ ।" ମୁଁ ଅତ୍ୟନ୍ତ ଆବେଗପୂର୍ଣ୍ଣ ସ୍ୱରରେ କହିଲି, "ଏଥିରେ ଚିନ୍ତା କରିବାର ବା କଣ ଅଛି ? ତତେ ତ ଜଣା ଆମକୁ ଯାହା କରିବାକୁ ହେବ । କଣ ତୋ ଭଲମନ୍ଦ ତୁ ନିଜେ ଚିନ୍ତା କରି ପାରୁନାହୁଁ ? ସବୁକିଛି ତ ଆଇନା ଭଳି ତୋ ଆଗରେ ନିର୍ମଳ ଦିଶୁଛି ।"

କିଛି ସମୟ ପରେ ସେ କହିଲା, "ଆମର ଏପରି ପାଦ ବଢ଼େଇବା, କଣ ଭୁଲ୍ ହେବନି ସାଗର ? ସମାଜରେ ଏହାର କ'ଣ ପ୍ରତିକ୍ରିୟା ହେବ ? ସାମାଜିକ ମାନ୍ୟତାକୁ ଉଲ୍ଲଂଘନ କରିବା କଣ ଉଚିତ୍ ହେବ ? ଆମର ଏହି ବିବାହକୁ କିଏ ବା ଗ୍ରହଣ କରିବ ? ସାମାଜିକ ଉପେକ୍ଷାର ଶିକାର ହୋଇ ଆମେ କଣ ସାମାନ୍ୟ ଜୀବନ ବ୍ୟତୀତ କରିପାରିବା ?"

"ହୁଁ..." ଘୃଣାରେ ମୁଁ ମୁହଁଟି ବୁଲେଇ ଦେଲି, "କି ସମାଜ, କି ପରିବାର ? ଏହି ସମାଜ ତୋତେ ଯାହା କିଛି ଦେଲା, କଣ ତୁ ସ୍ୱପ୍ନରେ ସୁଧା ଭାବିଥିଲୁ ? ଯଦି, ତୁ ସମାଜ ବିଷୟରେ ଏପରି ଭାବିବୁ ତେବେ ତୋ ଆଖିର ଲୁହ କେବେ ବି ଶୁଖିବ ନାହିଁ । ସାମାଜିକ ମାନ୍ୟତା ସେ ପର୍ଯ୍ୟନ୍ତ ଠିକ୍ ଅଛି, ଯେଉଁ ପର୍ଯ୍ୟନ୍ତ ଆମ ବ୍ୟକ୍ତିଗତ ଜୀବନରେ କାହାର କୌଣସି ପ୍ରଭାବ ନ ପଡ଼େ । ଆମେ ଭୋକରେ ମରିଲା ବେଳେ ଏଇ ସମାଜର ଲୋକେ, କେବେ ଖଣ୍ଡେ ରୁଟି

Download Magazine from www.aahwaan.com

ମଧ୍ୟ ଦିଅନ୍ତି ନାହିଁ; ତେବେ ତାର ଏତେ ଚିନ୍ତା କରିବା ଆମର କଣ ବା ଆବଶ୍ୟକ ?"

"ମୋର କହିବାର ଅର୍ଥ ଏହା ନଥିଲା, ତୁ ବୁଝିବାକୁ ଚେଷ୍ଟା କରୁନୁ କାହିଁକି ? ମୁଁ ଜଣେ ବିବାହିତା, ଉଚ୍ଚକୂଳର, ସ୍ୱାମୀ ଛାଡ଼ିଦେଲେ କଣ ହେଲା, ଆମ ଧର୍ମରେ ଦ୍ୱିତୀୟ ବିବାହ ବର୍ଜିତ ଅଟେ । କେହି ଏହାକୁ ସ୍ୱୀକାର କରିବେ ନାହିଁ, କଣ ଆମ ପରିବାର, ଆଉ ଏ ସମାଜର ବିରୋଧର ସାମନା କରିବାର କ୍ଷମତା ତୋ ପାଖେ ଅଛି ?"

"ଯଦି ତୁ ସାଥି ହେବୁ" ମୋ ସ୍ୱର ଟିକେ ଧିମେଇ ହୋଇପଡ଼ିଲା ।

"ତୁ କଣ ଭାବୁଛୁ ? ଏହା ଏତେ ସହଜ ?"

"ମୁଁ ତ ଏହା ଭାବୁଛି, କାରଣ ନିଜଠୁ ମୋତେ ତୋ ଉପରେ ଅଧିକ ଭରସା ଅଛି ।"

ସ୍ମିତା ଏବେ ବି ସନ୍ତୁଷ୍ଟ ନଥାଏ, "କିନ୍ତୁ ଆମ ବୟସରେ କେତେ ଯେ ପାର୍ଥକ୍ୟ ଅଛି ? ମୁଁ ଥରେ ବାହା ହୋଇ ସାରିଛି, ଏବେ ମୁଁ ଆଗ ଭଳି ସେଇ ସ୍ମିତା ନୁହେଁ ।... ହଁ, ଏହା ସତ ଯେ ମୋ ସ୍ୱାମୀ ମୋତେ ଥରେ ବି ସ୍ପର୍ଶ କରିନାହାନ୍ତି, ତା ବୋଲି ସେ ମୋ ମଥାରେ ସିନ୍ଦୁର ଟିକକ ତ ଲଗାଇଛନ୍ତି । ଆଉ, ତୁ ଜଣେ ଯୁବକ, ଅବିବାହିତ । କେତେ ଯେ ଝିଅ ତୋତେ ପାଇବାପାଇଁ ପାଗଳ, ପୁଣି ତୁ ମୋ ପାଇଁ କାହିଁକି ଏମିତି..."

"ସେ ସବୁ ମୁଁ ଜାଣେନା ସ୍ମିତା; ଯାହା କିଛି ହୃଦୟରେ ମୁଁ ଆଜି ପର୍ଯ୍ୟନ୍ତ ସାଇତି ବାନ୍ଧି ରଖିଥିଲି, ସେ ସବୁକୁ ମୁଁ ମୁହଁଖୋଲି ତୋ ଆଗେ ପସରା କରିଦେଇଛି । ଆଉ ଝିଅ ମାମଲାରେ ମୁଁ କଣ କହିବି ? ବହୁତ ଝିଅ ମିଳିବେ ସତ, କିନ୍ତୁ କଣ ସେଥିରେ ସ୍ମିତା ଭଳି କେଇ ଥିବ ?"

"କଣ, ତୁ ମୋତେ ଏତେ ଭଲ ପାଉଛୁ ?" ଏକ ତୀକ୍ଷ୍ଣ ଦୃଷ୍ଟିରେ ସେ ମୋତେ ଦେଖି କହିଲା, ପ୍ରଥମ ପାଇଁ ତା ଓଠରେ ଏକ ସ୍ମିତ ହସର ପତଳା ରେଖାଟାଏ ଟାଣି ହୋଇ ପୁଣି

Download Magazine from www.aahwaan.com

ହଜିଗଲା ।

"ମୁଁ ନିଜେ ଜାଣେନା, ମୁଁ କେତେ ଭଲ ପାଏ" ମୁଁ ତା ପାଖକୁ ଚାଲିଗଲି । ତାର ପ୍ରଶ୍ବାସ ମୋ ଛାତିରେ ବାଜୁଥାଏ, କିନ୍ତୁ ତାକୁ ଛୁଇଁବାକୁ ମୋର ସାହସ ହେଉନଥାଏ । ସେ ମୋ ହାତଟିକୁ ନିଜ ହାତରେ ଜାବୁଡ଼ି ଧରିନେଲା । ତା ହାତର କୋମଳ ସ୍ପର୍ଶରେ ମୋତେ ଅସୀମ ସୁଖ ପ୍ରାପ୍ତ ହେଉଥାଏ । ତା ଆଖିରେ ପୁଲକର ଫଗୁ, ଶ୍ରାବଣର ଉଦ୍ଦାମତା । ଏକ ସଫଳ ପ୍ରେମିକାର ଅହମିକା ନେଇ, ଦୁହେଁ ପରସ୍ପରର ଆଖିର ଭାଷା ପଢ଼ିବାରେ ବ୍ୟସ୍ତ ରହିଲୁ ।

"ସାଗର୍... ସାଗର୍..." କିଏ ଜଣେ ଯେପରି ମୋତେ ହଲାଇ ଦେଲା । "ଏତେ ରାତିରେ ଏଠି କଣ କରୁଛୁ ? ଘରେ ବାପା ବ୍ୟସ୍ତ ହେଉଛନ୍ତି, ଚାଲ୍ ଜଲଦି ଚାଲ ।"

"ଓଃ ସରି, ବିନୟ । ମୁଁ ଜାଣେନା କେତେବେଳେ ଆଖି ଲାଗିଗଲା, ସମୟ କେତେଟା ହେଲାଣି ?"

"ସାଢ଼େ ଏଗାର, ତୁ ଏଠି କଣ କରୁଥିଲୁ ?"

"କିଛି ନାହିଁ, ଆଉ କରିବାକୁ କଣ ବା ଅଛି ? ବସି ଭାବୁଭାବୁ କେତେବେଳେ ଶୋଇ ପଡ଼ିଥିଲି... ବାପା କଣ ତୋତେ ଡାକି ପଠେଇଲେ ?"

"ହଁ..." ସେ କଣ କଣ ସବୁ କହୁଥାଏ, କିଛି ମୋତେ ଶୁଭୁନଥାଏ, ସବୁ ଏପଟରୁ ସେପଟ ।

ଜହ୍ନର ଶୀତଳ ଆଲୋକ, ଏହି ବିରାଟ ପୋଖରୀ, ତା ପାଖରେ ଥିବା ବରଗଛଟା, ଆଉ ପାଣିରେ ଖେଳୁଥିବା କୁନି କୁନି ମାଛ ଗୁଡ଼ିକର କୋଳାହଳ, କେଉଁ ଏକ ନାଟକର ମନ ମୁଗ୍ଧକାରୀ ଦୃଶ୍ୟର ପାର୍ଶ୍ବଧ୍ୱନୀ ଭଳି ପରିଲକ୍ଷିତ ହେଉଥାଏ । ମୋ ସ୍ୱପ୍ନଟି କିନ୍ତୁ ଏତେ ସରଳ ନଥିଲା, ଯାହାକି ମୁଁ ଭାବୁଥିଲି, କିଛି ନ ହୋଇ ମଧ୍ୟ ବହୁତ କିଛି ଘଟିଗଲା । ଆମ

 Download Magazine from www.aahwaan.com

ଦୁଇ ପରିବାରରେ ଆମ ନିର୍ଣ୍ଣୟର ବିଷୟ ଜାଣିବାପରେ । ଗାଁରେ ତ ଏକ ବନ୍ୟା ଯେମିତି କି ମାଡ଼ି ଆସିଗଲା । ସେହି ବନ୍ୟା ସୁଅରେ ଭାସିବା ଅପେକ୍ଷା ଜୀବନଠୁ ମୃତ୍ୟୁ ହିଁ ଅଧିକ ଉଚିତ୍ ମନେ ହେଉଥିଲା । ଆମ ବାପାମା'ଙ୍କ ଠୁଁ ବେଶୀ ଚିନ୍ତା ତ ଗାଁ ଲୋକଙ୍କର ଥିଲା । ସତେ, ଯେପରି ଏ ସମାଜକୁ ସୁଧାରିବାର କାନୁନର ଦଣ୍ଡଟା ତାଙ୍କ ହାତରେ ଅଛି । ବାପା ତ କିଛି କହିଲେନି, କିନ୍ତୁ ମା ଚୁପ୍ ରହିଲେନି, ବହୁତ କିଛି କହିଲେ ସେ ମୋତେ । ଆଉ ସ୍ମିତା ? ସେ କିପରି ଥିବ ମୁଁ ଜାଣେନା । ତା'ର କୌଣସି ଖବର ମୁଁ ପାଇ ପାରୁନଥାଏ । ସେ ତା ଘରୁ ବାହାରୁ ନଥାଏ । ବୋଧହୁଏ ତାକୁ ବାହାରିବାକୁ ମନା ଥିଲା । ମୋତେ ବି ତାଙ୍କ ଘରକୁ ଯିବା ମନା ହୋଇଗଲା । ଦୁହିଁଙ୍କ ଘରର ବନ୍ୟା ସୁଅରେ ମୁଁ ମୁହଁର ପତର ହୋଇ ଭାସୁଥାଏ । ମୋର କୌଣସି କୂଳ କି କିନାରା ନ ଥାଏ ।

ସମ୍ପାଦକ, ଗଞ୍ଜାମର କବିତା ଘର, ବ୍ରହ୍ମପୁର

Download Magazine from www.aahwaan.com

# ଅବଶୋଷ



ନୃସିଂହ ଚରଣ ବେହେରା

ଜୀବନର ଅପରାହ୍ଣରେ ହାତରେ ବାଡି ଖଣ୍ଡେ ଧରେ଼ି ଚାଲୁ ଚାଲୁ ଥକ୍କା ମେଣ୍ଟେଇବା ପାଇଁ ପାଖ ପାର୍କରେ ଯାଇ ପହଞ୍ଚିଲେ ସୋମନାଥ ବାବୁ । ଅତୀତର ସ୍ମୃତି ଆଉ ଅନୁଭୂତି ଅଧିକାଂଶ ଆଉ ମନେ ନାହିଁ । ସ୍ମୃତି ପଟରୁ ପ୍ରାୟ ବିଲୁପ୍ତ । ଦୀର୍ଘଦିନର ଅବ୍ୟବହୃତ ଦର୍ପଣରେ ଧୂଳି ଜମି ଯାଇଥିଲେ ପ୍ରତିଛବି ଯେପରି ଦେଖାଯାଏ ନାହିଁ । ଏବେ ତାଙ୍କ ଅବସ୍ଥା ସେହିପରି । ତଥାପି କିଛି ସମୟ ଚିନ୍ତା କଲେ ଯାଇ କିଛି କିଛି ମନେ ପଡ଼େ । ଅତୀତର ସ୍ମୃତି ଜାଗିଉଠେ ପୁଣି ମାନସ ପଟରେ । ଆଣ୍ଠୁରେ ଯନ୍ତ୍ରଣା, ଅଣ୍ଟାର ଯନ୍ତ୍ରଣା, ଦୃଷ୍ଟିଶକ୍ତି କ୍ଷୀଣ ହେବା ସହିତ ଶ୍ରବଣ ଶକ୍ତି ବି କମିଗଲାଣି । ଏ ପରିଣତ ବୟସରେ ଚଲାବୁଲା ନ କଲେ ଅସୁବିଧା ହେବ ବୋଲି ଡ଼ାକ୍ତର କହିବା ଦିନୁ ପ୍ରତିଦିନ ସେ ସକାଳେ ସନ୍ଧ୍ୟାରେ କିଛି ବାଟ ଚାଲି ଚାଲି ଯାଉଛନ୍ତି । ଯଦି କେତେବେଳେ କଷ୍ଟ ଟିକେ ଅଧିକ ହୁଏ କିମ୍ବା ଥକ୍କା ମେଣ୍ଟାଇବାକୁ ପଡେ ସେତେବେଳେ ରାସ୍ତା ପାଖ ଚା ଦୋକାନ ନ ହେଲେ ଏଇ ପାର୍କ ହୁଏ ତାଙ୍କର ଆଶ୍ରୟସ୍ଥଳ । ଟିକେ ସୁସ୍ଥ ଅନୁଭବ କଲାପରେ ସେ ଫେରନ୍ତି ଘରକୁ । ହାତରେ ଏଇ ବାଡ଼ିଟା ହିଁ ତାଙ୍କର ସାହାରା । ତାକୁ ହାତରେ ଧରିବାକୁ ସେ କେବେ ଭୁଲନ୍ତି ନାହିଁ । ତାଙ୍କର ବୁଲା କୁକୁରଙ୍କୁ ଭୟ । ଦୁଇବର୍ଷ ତଳେ ତାଙ୍କୁ ଗୋଟେ କୁକୁର କାମୁଡି ଦେଇଥିଲା । ଓଃ ସେ କଷ୍ଟ ! ଯେତେବେଳେ ସେ ଏକୁଟିଆ ବସିଥାନ୍ତି ତାଙ୍କ ଅତୀତକୁ ଖୋଜନ୍ତି । ଅତୀତର କିଛିଟା ସ୍ମୃତି ତାଙ୍କୁ ଏବା ବି ରୋମାଞ୍ଚିତ କରେ ।

ସେଦିନ ବୋଧହୁଏ ଛୁଟି ଦିନ ଥିଲା । ତାଙ୍କର ତ ସବୁଦିନ ଛୁଟି ଦିନ । ଦଶବର୍ଷ

Download Magazine from www.aahwaan.com

ହେଲା ଅବସର ନେଲାପରେ ତାଙ୍କ ଜୀବନ ଏକ ନୂଆ ରୂପ ନେଇଛି । ପାଖରେ କେହି ନାହାନ୍ତି । ପୁଅଝିଅ ଦୁଇଜଣ ନିଜ ନିଜ କାମରେ ବ୍ୟସ୍ତ । ଘରେ କେବଳ ବୁଢ଼ା ବୁଢ଼ୀ ଦି ଜଣ । ଘର କହିଲେ ଦୁଇ ମହଲା ଘରଟିଏ । ସେମାନେ ତଳ ମହଲାରେ ରହୁଛନ୍ତି ଆଉ ଉପର ମହଲାରେ ଭଡ଼ାରେ ଜଣେ ଭଦ୍ରଲୋକ ତାଙ୍କ ପରିବାର ସହିତ ରୁହନ୍ତି । ତାଙ୍କ ଗାଁରେ ଘର, ଜମି ସବୁ ଅଛି । ହେଲେ ଗାଁକୁ ସେ କେବେ ଯାଆନ୍ତି ନାହିଁ । ଏକରେ ତ ସେ ମଧୁମେହ ରୋଗୀ । ଖାଇବା ପିଇବାରେ ଅନେକ କଟକଣା । ତା'ଛଡ଼ା ଗାଁରେ ଚିକିତ୍ସାର କୌଣସି ସୁବିଧା ନାହିଁ । ଆଉ ତାଙ୍କ ବୟସର ଯେଉଁମାନେ ବି ଗାଁରେ ଅଛନ୍ତି ସେମାନେ ତାଙ୍କ ନିଜ ନିଜ କାମରେ ବ୍ୟସ୍ତ । କାହା ପାଖରେ ସମୟ ନାହିଁ ତାଙ୍କ ସହିତ ବିତେଇବା ପାଇଁ । ବରଂ ଏଇ ସହରରେ ବେଳେବେଳେ କେହି କେହି ଜୁଟି ଯାଆନ୍ତି । ଏଇ ପାର୍କଟା ସବୁଠୁ ଭଲ ଯାଗା । କିଛି ନହେଲେ ବି ଛୋଟ ଛୋଟ ପିଲାମାନଙ୍କୁ ଖେଳୁଥିବାର ଦେଖିଲେ ଭାରୀ ଖୁସି ଲାଗେ ।

ପ୍ରାୟ ପାଞ୍ଚଟା ବେଳକୁ ମାନେ ଅପରାହ୍ନ ସମୟ, ସୋମନାଥ ବାବୁ ବସି ଭାବନା ରାଜ୍ୟରେ ବୁଲୁଥିଲା ବେଳେ ଜନୈକ ଅପରିଚିତ ବ୍ୟକ୍ତି ସାଥିରେ ଆଠ ଦଶବର୍ଷର ଝିଅଟିଏ ସହିତ ପାର୍କକୁ ଆସିଲେ । ତା'ପରେ ତାଙ୍କୁ ଦେଖି ତାଙ୍କ ପାଖକୁ ଆସି ନମସ୍କାର କଲେ । ବିସ୍ମିତ ହୋଇ ସୋମନାଥ ବାବୁ ଅପରିଚିତ ବ୍ୟକ୍ତିଙ୍କୁ ଚାହିଁବାରୁ ସେ କହିଲେ, ସାର୍ କ'ଣ ମୋତେ ଚିହ୍ନି ପାରୁନାହାନ୍ତି ? ମୁଁ ସାର୍ ମହେଶ୍ୱର, ମହେଶ୍ୱର ଦେବତା ଆପଣଙ୍କ ପାଖରେ କାମ କରୁଥିଲି । ଅବଶ୍ୟ ଅଳ୍ପ ସମୟ ପାଇଁ । ତା'ପରେ ରାଜ୍ୟ ସରକାରଙ୍କର ପ୍ରଶାସନିକ ସେବାରେ ଯୋଗ ଦେବାରୁ ସେ ଚାକିରୀ ଛାଡି ଦେଇଥିଲେ । ହଁ, ହଁ ମନେ ପଡିଲା । ତୁମେ ବୋଧେ ଛ'ମାସ କାମ କରି ଚାକିରୀ ଛାଡ଼ି ଦେଇଥିଲ । ବୋଧହୁଏ ଆଉ ପାନ ଖାଉ

ନଥିବେ । ହଁ ସାର୍, ଆପଣଙ୍କ ଅନୁମାନ ବିଲକୁଲ୍ ଠିକ୍ । ଆପଣଙ୍କ ଉପଦେଶ ସବୁ ମୁଁ ଅକ୍ଷରେ ଅକ୍ଷରେ ପାଳୁଛି । ସେବା ହେଉଚି ମୋ ଜୀବନର ସର୍ବଶ୍ରେଷ୍ଠ ବ୍ରତ । ଦରିଦ୍ର ଅସହାୟ ଲୋକଙ୍କର ସେବା କଲାବେଳେ ମୋତେ ବହୁତ ଆନନ୍ଦ ମିଳୁଛି ।

ବର୍ତ୍ତମାନ ମୁଁ କେ.ବି.କେ ଅଞ୍ଚଳରେ ଅନେକ ଦିନ ଧରି କାମ କରୁଛି । ପ୍ରଥମେ ସେ ଅଞ୍ଚଳକୁ ଯିବାକୁ ଇଛା ହେଉ ନଥିଲା । ମାତ୍ର ସେଠିକି ଗଲାପରେ ଆଉ ସେ ସ୍ଥାନ ଛାଡ଼ି ଆସିବାକୁ ଇଛା ହେଉନାହିଁ । ସେଠାକାର ସବୁଜିମା ଭରା ପରିବେଶ ସତରେ ବହୁତ ସୁନ୍ଦର ସାର୍ । ଆଉ ସେଠାକାର ଲୋକମାନେ ବି ବହୁତ ସରଳ । ମୁଁ ସମାଜର ନିମ୍ନସ୍ତରର ଲୋକଙ୍କୁ ଦେଖୁଛି । ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଦିଓଳି ଦିମୁଠା ଖାଇବାକୁ ପାଉନାହାନ୍ତି । ଅନେକ ପ୍ରକାରର ରୋଗବ୍ୟାଧିରେ ବହୁତ ଲୋକ ସଢୁଛନ୍ତି ସଚେତନତା ଅଭାବରୁ । ଔଷଧତ ସେମାନଙ୍କଠୁ ଅପହଞ୍ଚ ଦୂରରେ । ରହିବାକୁ ଭଲ ଘର ଖଣ୍ଡିଏ ନାହିଁ କିମ୍ବା ପିନ୍ଧିବାକୁ ଭଲଲୁଗା ଖଣ୍ଡେ ନାହିଁ । ସେମାନଙ୍କ ପାଇଁ ଯାହା କରାଯାଇ ପାରିବ ସେଥିପାଇଁ ମୁଁ ସର୍ବଦା ଚେଷ୍ଟିତ । ନିଜ ଜୀବନକାଳରେ ଯଦି କିଛି ଲୋକଙ୍କ ମୁହଁରେ ହସ ଫୁଟାଇ ପାରିବି ତେବେ ତାହା ହେବ ମୋ ପାଇଁ ଅମୂଲ୍ୟ ସମ୍ପଦ । ସେଥିପାଇଁ ଦିନ ନାହିଁ ରାତି ନାହିଁ ମୁଁ ମୋର କାମ କରିଚାଲିଛି ।

ତୁମ କଥା ଶୁଣି ମୁଁ ବହୁତ ଖୁସି ମହେଶ୍ୱର । ମୁଁ ତ ଦଶବର୍ଷ ହେଲା ଅବସର ନେଇ ଏଇଠି ରହୁଛି । ଘରେ ମୋ ସ୍ତ୍ରୀ ବ୍ୟତୀତ ଆଉ କେହି ନାହାନ୍ତି । ପୁଅଝିଅ ଦିଜଣ ତାଙ୍କ କର୍ମସ୍ଥଳରେ । ସେମାନେ ତାଙ୍କ ସଂସାରରେ ଭଲରେ ଅଛନ୍ତି । ଏବେ ତୁମେ ତୁମ ପରିବାର ବିଷୟରେ କିଛି କୁହ । ଆଉ ଆଗ କୁହ ତୁମେ କିପରି ସୋମା ସହିତ ଏଇ ପାର୍କକୁ ଆସିଛ ।

"ଆପଣ କ'ଣ ସୋମାକୁ ଚିହ୍ନିଛନ୍ତି ?"

 Download Magazine from www.aahwaan.com

ହଁ ତାକୁ ଏଇ ପାର୍କରେ ତା ସାଙ୍ଗମାନଙ୍କ ସହିତ ଖେଳୁଥିବାର ଦେଖେ । ବେଳେବେଳେ ତାକୁ ତା' ପାଠ ପଢ଼ା ବିଷୟରେ ପଚାରେ ।

ସୋମା ମୋ ନାତୁଣୀ, ବଡ ଝିଅର ଝିଅ । ମୁଁ ଦୁଇଦିନ ଛୁଟି ନେଇ ଆସିଛି । ତା'ସାଥିରେ ଏଇ ପାର୍କକୁ ବୁଲି ଆସିବାରୁ ସିନା ଆପଣଙ୍କ ସହିତ ଭେଟ ହୋଇଗଲା । ମୋର ଦୁଇଝିଅ ଆଉ ପୁଅଟିଏ । ପୁଅଟି ଇଞ୍ଜିନିୟର ଏବଂ ନୋଇଡ଼ାରେ ଅଛି । ଝିଅ ଦୁଇଜଣଙ୍କ ବିବାହ ପରେ ମୁଁ ବି ଆପଣଙ୍କ ପରି ପୁରା ଫାଙ୍କା । କେବଳ ତଫାତ୍ ଏତିକି ମୁଁ ଏ ବୟସରେ ବି ଚାକିରୀ କରି ମୋ ସମୟର ସଦୁପଯୋଗ କରୁଛି । ସେ ଅଞ୍ଚଳରେ ମନୋହରପୁର ବୋଲି ଗୋଟିଏ ବଡ ଗାଁ ଅଛି । ସେ ଗାଁକୁ ମୁଁ କେବେ ଭୁଲି ପାରିବିନି ।

"କାହିଁକି ? ସେ ଗାଁର ଏପରି କି ଆକର୍ଷଣ ଅଛି ?" ପଚାରିଲେ ସୋମନାଥ ବାବୁ ।

ମୁଁ ଯେତେବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିସାବରେ ସେ ଅଞ୍ଚଳରେ କାମ କଲି, ଦେଖିଲି କି ସେ ଗାଁରେ ଗୋଟିଏ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଅଛି । ସେ ଗାଁରୁ ପ୍ରାୟ କୋଡ଼ିଏ କିଲୋମିଟର ଭିତରେ ମଧ୍ୟ ଇଂରାଜୀ ବିଦ୍ୟାଳୟଟିଏ ନାହିଁ । ତେଣୁ ଗାଁର ପିଲାମାନଙ୍କ ପାଇଁ ଆଉ ଆଗକୁ ପଢ଼ିବାର ସୁଯୋଗ ନାହିଁ । ଲୋକମାନଙ୍କର ଅବସ୍ଥା ଏତେ ସ୍ୱଚ୍ଛଳ ନୁହେଁ ଯେ ଦୂର ସ୍କୁଲରେ ନେଇ ପିଲାଙ୍କୁ ପାଠ ପଢ଼ାଇ ପାରିବେ । ତେଣୁ ମୁଁ ପ୍ରଥମେ ସେ ଗାଁର ମୁଖିଆଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହେଲି । ତାଙ୍କ ସହମତିରେ ଗାଁରେ ଗୋଟିଏ ସଭାର ବ୍ୟବସ୍ଥା ହେଲା । ଫଳରେ ଗାଁର କେତକ ଉତ୍ସାହୀ ଯୁବକଙ୍କ ଉଦ୍ୟମରେ ସେ ଗାଁରେ ମଧ୍ୟ ଇଂରାଜୀ ବିଦ୍ୟାଳୟଟିଏ ପ୍ରତିଷ୍ଠା କରାଗଲା । ଗାଁ ଲୋକଙ୍କର ମିଳିତ ଉଦ୍ୟମରେ ସ୍କୁଲଟିର ପରିଚାଳନା ସୂଚାରୁ ରୂପେ ଚାଲିଛି । ସ୍କୁଲ୍ ଘର ଯେଉଁ ଜମିରେ ତିଆରି ହୋଇଥିଲା ତାହାଥିଲା ସରକାରୀ ଜମି, ଆଉ ତା ପାଖରେ ଗୋଚର ଏବଂ ଅନାବାଦୀ ପ୍ରାୟ ଦଶ ଏକର ଜମି ଥିଲା । ସେଥିରେ ଗାଁର ପରିଚାଳନା କମିଟି ସହଯୋଗରେ ଫଳଗଛ ଲାଗାଗଲା । ଆମ୍ବ, ପଣସ, ପିଜୁଳି ଇତ୍ୟାଦି ନାନା ପ୍ରକାରର ଫଳ ଗଛ ଲଗାଗଲା । ଏହି ଫଳଗଛର ଫଳକୁ ବିକ୍ରି କରି ସ୍କୁଲର ଡେଭଲପମେଣ୍ଟ କାମ କରାଯାଉଛି । ଏବେ ଏ ସବୁ

 Download Magazine from www.aahwaan.com

ଦେଖିଲେ ମନେ ହୁଏ, "ସତରେ ଏକତା ହିଁ ପ୍ରକୃତ ବଳ", ଏବଂ ସମସ୍ତଙ୍କର ସହଯୋଗରେ ମରୁଭୂମି ବି ଶସ୍ୟ ଶ୍ୟାମଳା ହୋଇ ହସି ଉଠିବ । ମୁଁ କେବଳ ସେମାନଙ୍କୁ ପଥ ଦେଖାଇଥିଲି । ସେମାନଙ୍କର ପରିଶ୍ରମର ଫଳ ସ୍ୱରୂପ ଏବେ ସେଠି ହାଇସ୍କୁଲଟିଏ ପ୍ରତିଷ୍ଠା ହୋଇଛି । ମୁଁ ଯେତେବେଳେ ସୁଯୋଗ ପାଏ ସେ ଗାଁକୁ ଯାଇ ବୁଲି ଆସେ । ମୁଁ ଗାଁରେ ପହଞ୍ଚିଗଲେ ମୋତେ ଯେଉଁ ଆଦର ସ୍ନେହ ମିଳେ ତାହା ମୁଁ ଭୂଲି ପାରିବି ନାହିଁ ।

ସବୁଠାରୁ ବଡ କଥା ହେଲା, ସେ ଗାଁର ଲୋକମାନଙ୍କର ଉଦାର ହୃଦୟ ଓ ବନ୍ଧୁଭାବ । ଗାଁରେ କୌଣସି ଉତ୍ସବ ପାଳନ ହେଲେ, ସେମାନେ ମୋତେ ନିମନ୍ତ୍ରଣ କରିବାକୁ ଭୁଲନ୍ତି ନାହିଁ । ମୁଁ ମଧ୍ୟ ସେମାନଙ୍କୁ କେବେ ନିରାଶ କରେନାହିଁ । ମୁଁ ଯେତେବେଳେ ଯାଏ, ମୋତେ ଭୁରି ଭୋଜନରେ ଆପ୍ୟାୟିତ କରନ୍ତି । କାଲି ସକାଳେ ମୁଁ ଏଠାରୁ ଫେରିଯିବି । ପୁଣି କେବେ ଆସିଲେ ଘରକୁ ଆସିବାର ପ୍ରତିଶ୍ରୁତି ଦେଇ ସେ ବିଦାୟ ନେଲେ ।

ମହେଶ୍ୱର ସେଠାରୁ ଗଲାପରେ ସୋମନାଥ ବାବୁ ନିଜ ମାନସ ପଟରେ ଏକ ଅପୂର୍ବ ଆନନ୍ଦ ଅନୁଭବ କଲେ । ସେ ଭାବିଲେ, ଯଦି ଏ ସମାଜରେ ପ୍ରତ୍ୟେକ କର୍ମଚାରୀ ସଚ୍ଚୋଟତାର ସହିତ ନିଜ କାମ କରନ୍ତେ ତେବେ ଆମ ରାଜ୍ୟ ଏକ ସୁନାର ରାଜ୍ୟରେ ପରିଣତ ହୁଅନ୍ତା । ସମସ୍ତେ ଯଦି ଏଇ ମହେଶ୍ୱର ଭଳି ନିଜ ଜୀବନ ଆଉ ସମୟକୁ ରାଜ୍ୟର ଉନ୍ନତି ପାଇଁ ଲଗାନ୍ତି ତେବେ ରାଜ୍ୟର ପ୍ରଗତିକୁ ଦେଖି ଆଉ କାହା ମନରେ ଅବଶୋଷ ରହନ୍ତା ନାହିଁ । ଆମ ରାଜ୍ୟରେ କ'ଣ ନାହିଁ ? ଜମି, ଜଙ୍ଗଲ, ଜଳ, ଖଣିଜ ପଦାର୍ଥ କେଉଁଥିରେ ଅଭାବ ନାହିଁ । ଅଭାବ ରହିଛି କେବଳ ସଚେତନତା, ମାନସିକତା ଆଉ ସୁଦୃଢ଼ ଦିଗଦର୍ଶନର ।

୨୧୭, ଭୋଇ ନଗର, ବାୟାବାବା ମଠ ଲେନ

ଭୁବନେଶ୍ୱର - ୨୨, ଫୋନ ନଂ- ୯୦୯୦୪୫୯୭୪୫

Download Magazine from www.aahwaan.com

# ବତକ



ଜ୍ୟୋତି ରଞ୍ଜନ ସାହୁ

ମୁଁ ବି ଜଣେ ବିଜ୍ଞାନର ଛାତ୍ର । ଘରୁ ୧୦୦କି.ମି. ଦୂରରେ ରହିଥିବା ମୋର କର୍ମକ୍ଷେତ୍ରଟା ବି ବିଜ୍ଞାନର ଚାରିପାଖରେ ଛନ୍ଦାଛନ୍ଦି । ସେଥିପାଇଁ ମୁଁ ଭାବେ କଳାସଂସ୍କୃତି ଆସ୍ଥା ଆଉ ପରମ୍ପରାକୁ ଭଲ ପାଇବାଟା ବୋଧହୁଏ ମୋର କୌଣସି ଜିନ୍‌ଗତ ତ୍ରୁଟି । ଆଉ ଏହି ତ୍ରୁଟିପାଇଁ ମୁଁ ସବୁବେଳେ ପରୀକ୍ଷିତ ହୁଏ ହୃଦୟର ବିଶ୍ୱାସ ଆଉ ଅର୍ଜିତ ଜ୍ଞାନର ଶୀତଳ ଯୁଦ୍ଧରେ । କେତେବେଳେ ହୃଦୟର ବିଶ୍ୱାସ ତ ଆଉ କେତେବେଳେ ଅର୍ଜିତ ଜ୍ଞାନର ବିଜୟ ହୁଏ । ଏଇ ଯେମିତି ବିଲେଇ ରାସ୍ତା କାଟି ଚାଲିଗଲେ ମନେ ପଡ଼ିଯାଏ ମୋର ବୁଢ଼ୀ ମା’ କଥା । ସେତେବେଳେ ହୃଦୟଟା ଟିକେ ବିଚଳିତ ହୋଇପଡ଼େ ଆଉ ମନ କହେ ଟିକିଏ ଦେଖି ଚାହିଁ ଗାଡ଼ି ଚଲା ଆଗରେ ବିପଦ ଥାଇପାରେ । ଜ୍ଞାନଟା କିନ୍ତୁ ମସ୍ତିଷ୍କକୁ କହେ, “ଆରେ ସେଇଟା ଗୋଟିଏ ପ୍ରାଣୀ । ଏ ଘର ସେ ଘର ଖାଦ୍ୟପାଇଁ ଦୌଡ଼ି ବୁଲିବା ତା’ର କାମ । ତା’ପରେ ବି କେତେ କେତେ ଜୀବ ରାସ୍ତାରେ ଦୌଡ଼ି ବୁଲୁଛନ୍ତି । ସେତେବେଳେ ଏ ବିଲେଇଟା କଣ ଦୋଷ କଲା ?” ହୃଦୟର ବିଶ୍ୱାସ ଆଉ ଜ୍ଞାନର ଏହି ଦ୍ୱନ୍ଦ୍ୱ ଭିତରେ ମୁଁ ମସ୍ତିଷ୍କକୁ ଟିକିଏ ସାବଧାନ ଆଉ ହୃଦୟକୁ ଟିକିଏ ଦୃଢ଼ କରିଦିଏ । ପରେ ନିଜକୁ ନିଜେ ତାଚ୍ଛଲ୍ୟ ଭରା ହସଟେ ହସି ପ୍ରଶ୍ନକରେ ଗୋଟିଏ ବିଜ୍ଞାନ ଷ୍ଟୁଡେଣ୍ଟ ହୋଇ ମୁଁ କେମିତି ଏଭଳି ଭିତ୍ତିହୀନ କଥାଗୁଡ଼ାକରେ ବିଶ୍ୱାସ କରିପାରେ ! ତେବେ ଛାଡ଼ନ୍ତୁ ସେସବୁ କଥା ।

ଆଜି ସଂଧ୍ୟାବେଳେ ମୁଁ ବାଲକୋନିରେ ବସି ଘର ଚାରିପାଖରେ ବସନ୍ତର ମୃଦୁ ମଳୟ ସ୍ପର୍ଶରେ ପରିବର୍ତ୍ତିତ ପ୍ରକୃତିକୁ ଉପଭୋଗ କରୁ କରୁ ମନେ ପଡ଼ିଗଲା ବିଗତ ଦିନର

Download Magazine from www.aahwaan.com

ଘଟଣାଟିଏ ।

ଏଇ କିଛିଦିନ ପୂର୍ବରୁ ଆମର ଜଣେ ପରିଚିତ ଗୋଟିଏ ବଡ଼ ଅଣ୍ଡିରା ବତକଟିଏ ଆମ ଘରକୁ ଆଣିଦେଲେ ମାରି ଖାଇବାପାଇଁ । ବାପାଙ୍କର ଭାରି ଇଚ୍ଛା ଥାଏ ଶୀତଦିନେ ବତକ ମାଂସ ଟିକିଏ ଖାଆନ୍ତେ । ହେଲେ ଏତେ ସୁନ୍ଦର ବତକଟିକୁ ଦେଖି ପାଞ୍ଚବର୍ଷର ପୁଅ ମୋର କହିଲା, "ବାପା ବାପା ! ଏ ବତକଟା ଆମର କେତେ ସୁନ୍ଦର ହୋଇଛି ଗୋ ! ମିସ୍ କହୁଥିଲେ ବତକକୁ ଡକ୍ କହନ୍ତି । ଆଉ ଜାଣିଛ ମୋର ସାଙ୍ଗ କହୁଥିଲା ନା ତାଙ୍କ ବତକଟା ଅଣ୍ଡା ଦିଏ । ସିଏ ସବୁଦିନ ବତକ ଅଣ୍ଡା ଖାଏ । ମୁଁ ବି ନା ଏବେ ବତକ ଅଣ୍ଡା ଖାଇବି ।" ତା କଥା ଶୁଣି ମୁଁ ଜୋରରେ ହସି ଦେଇ କହିଲି, "ଆରେ ଏଇ ବତକଟା ଅଣ୍ଡା ଦେବନି ।" ମୋର ହସଟା ବୋଧହୁଏ ମୋ ପୁଅକୁ ଭଲ ଲାଗିଲାନି । ଅଭିମାନ ଭରା ସ୍ୱରରେ ସିଏ କହିଲା, "କିଏ କହିଲା ଅଣ୍ଡା ଦେବନି ? ଏ ବତକ ! ଅଣ୍ଡା ଦେବୁନା ।" ଏତିକି ବେଳେ ବତକଟା ଜୋରରେ ବୋବାଇବାକୁ ଲାଗିଲା । ପୁଅ ମୋର ଏଥର ଖୁସି ହୋଇଯାଇ କହିଲା, "ଦେଖିଲ ବାପା ! ବତକଟା ହଁ କହୁଛି । ଅଣ୍ଡା ଦେବ ସିଏ । ଆଉ ମୁଁ ଖାଇବି ।"ତା କଥା ଶୁଣି ମୁଁ ଜାଣିଦେଲି ଇଏ ଆଉ ବାପାଙ୍କୁ ଖୁଆଇ ଦେବନି । ଆଉ ସତକୁ ସତ ତାହା ହିଁ ହେଲା । ବତକଟା ଆଉ ମରା ହୋଇପାରିଲା ନାହିଁ । ଯେଉଁ ଦିନ ବି ମୋ ପୁଅର ଅଜାଣତରେ ମାରିବାକୁ ଯୋଜନା ହୁଏ ସେଦିନ ପୂଜା କିମ୍ବା ସଂକ୍ରାନ୍ତି ପଡ଼ିଯାଏ । ଏହି ଭଳି ବିତି ଚାଲିଲା ଦିନ ପରେ ଦିନ ।

ବତକଟା ଆସିବାର କିଛିଦିନ ପରେ ମୁଁ ଲକ୍ଷ୍ୟକଲି ଅଥବା ମୋତେ ସେହିଭଳି ମନେ ହେଲା ଯେମିତି ତାର ଚିରାଚରିତ ଜଳକ୍ରୀଡା ନ କରିପାରି ସେ ନିରାଶ । ସେଥିପାଇଁ ମୁଁ ସେ ବତକଟିକୁ ଧରି ଚାଲିଲି ଘରପାଖରେ ଥିବା ଗୋଟିଏ ଛୋଟ ଗଡ଼ିଆ ପାଖକୁ । ମୋ ସହିତ ତାଳ ଦେଇ ଚାଲିଥାଏ ମୋ ପୁଅ । ସିଏ ଆଗେ ଆଗେ ଆଉ ବତକ ଧରି ମୁଁ ତା ପଛେ

Download Magazine from www.aahwaan.com

ପଛେ । ବାଟ ଗଲା ଲୋକ ଦେଖୁଥାନ୍ତି ଆମ ବାପପୁଅଙ୍କ କାର୍ଯ୍ୟ କଳାପ ।

ଆଉ ଏହା ପରେ ସେ ବତକ ଗୋଡରେ ଲମ୍ବା ଦଉଡିଟେ ବାନ୍ଧି ଦେଇ ଛାଡ଼ି ଦେଲି ତା'ର ପ୍ରାକୃତିକ ବାସସ୍ଥଳୀରେ । ଆନନ୍ଦରେ ସିଏ ଦୌଡ଼ିଗଲା ଗଡ଼ିଆ ଭିତରକୁ । ଉଚ୍ଚସ୍ୱରରେ ଶବ୍ଦ କରି ସତେ ଯେପରି ସିଏ ଜଣାଇ ଦେଉଥିଲା ତା ଉପସ୍ଥିତିକୁ ସେହି ଗଡ଼ିଆ ଚାରିପଟର ମୂକସାକ୍ଷୀମାନଙ୍କୁ । ପୁଅ ମୋର ତାଳି ମାରି କହୁଥାଏ, "ବାପା ବାପା ! ଦେଖ ବତକଟା କେତେ ଖୁସିରେ ପହଁରୁଛି । ଆମେ ଟିକେ ଡେରୀରେ ଘରକୁ ଯିବା । ସିଏ ଆଉ ଟିକିଏ ପାଣିରେ ଖେଳୁ । ନହେଲେ ସିଏ କାନ୍ଦିବ ଯେ ! ଆଉ ଅଣ୍ଡା ଦେବନି ।" ମୋ ପୁଅ ମୁହଁରୁ ଏଇ କେଇ ପଦ କଥା ଶୁଣି ମୁଁ ନିଶ୍ଚିନ୍ତ ହୋଇ ନିଶ୍ୱାସଟିଏ ଛାଡ଼ିଲି । ଭାବୁଥିଲି, "ଯା'ହେଉ ପୁଅଟା ଏ ବୟସରେ ଅକୁହା ଅବୁଝା ଭାଷାଟା ଠିକ୍ ବୁଝି ପାରୁଛି । ଯେଉଁ ଭାଷାଟା ମଣିଷ ବୁଝିବାକୁ ଯୁଗ ବିତିଯାଏ ।"ଏହାପରେ କିଛି ସମୟ ସେହି ଗଡ଼ିଆ ତୁଠରେ ବତକଟିକୁ ଜଗି ତାକୁ ସାଙ୍ଗରେ ନେଇ ଆମେ ବାପପୁଅ ଘରକୁ ଆସିଲୁ । ଆମର ଏହି କାମଟି ପାଇଁ ଆମେ ଘରେ ହୋଇପଡ଼ିଲୁ ଉପହାସର ପାତ୍ର । ହେଲେ କିଏ ବୁଝୁଥିଲା ଯେ ଏହା ଭିତରେ ମୋର ପୁଅଟା ଜୀବନର ଗୋଟିଏ ବିରାଟ ଅବୁଝା ଅଧ୍ୟାୟ ବୁଝି ଶେଷ କରି ସାରିଲାଣି ବୋଲି । ତେବେ ଏ ସବୁ ଭିତରେ ବତକଟିକୁ ଗଡ଼ିଆକୁ ନେବା କାମଟା ଚାଲିଥାଏ ଆମ ବାପପୁଅଙ୍କର । କିଛି ନ ହେଲେ ବି ଅନ୍ତତଃ ସପ୍ତାହରେ ଯେଉଁ ଦୁଇଦିନ ମୁଁ କର୍ମକ୍ଷେତ୍ରରୁ ଘରକୁ ଆସେ ସେହି ଦୁଇଦିନ ନିଶ୍ଚିତ ବତକଟିକୁ ବାନ୍ଧି ଗଡ଼ିଆ ନେଇଯାଏ ଆଉ ସାଥୀରେ ଥାଏ ମୋର ଚିରାଚରିତ ପାର୍ଟନର ମୋ ପୁଅ ।

ସେଦିନ ଦ୍ୱିପ୍ରହରରେ ଭାତ ଖାଉଥିବା ସମୟରେ ଖାଇବା ତାଳୁରେଲାଗି ମୋର ଖୁବ୍ କାଶ ହେଲା । ସାଙ୍ଗେ ସାଙ୍ଗେ ମୋ ବୁଢ଼ୀ ମା' କହିଲା, "ଧିରେ ଧିରେ ଖାଉନୁ ! କିଏରେ ସିଏ ଯିଏ ତୋତେ ଏତେ ମନେ ପକାଉଛି ?" ପଛରେ ଥାଇ ମୋର ମା' ହସି ହସି କହିଲେ, "କିଏ

Download Magazine from www.aahwaan.com

ଆଉ ? ସେହି ବତକଟା ହୋଇଥିବ । ମାଲିକକୁ ଆଜି ଦେଖି ଦେଇଛିନା । ତେଣୁ ମନେ ପକାଇ ଦେଉଛି ଯେ ଗଡ଼ିଆ ବୁଲିବା ସମୟ ହୋଇଗଲାଣି ।” ମା ମୁହଁରୁ ଏ କଥା ଦିପଦ ଶୁଣି ମୋ ବୁଢ଼ୀମା’ କହିଲା, “ଆରେ ଆରେ ଦେଖିବୁ ଏ ବତକଟା ମଲା ବେଳକୁ ବି ତୋ ନାଁ’ଟା ଭଜୁଥିବ । ମାଲିକ ତ ଖଣ୍ଡେ ପାଇଛି ସିଏ ।” ଏ ସବୁ କଥା ଶୁଣି ମୁଁ କହିଲି, “ତୁମ୍ଭେମାନେ ସବୁ କେଉଁ ଯୁଗରେ ଅଛ ? ତାଳୁରେ ଲାଗିଲେ ମନେ ପଡ଼େ ! ମଲା ବେଳକୁ ମୋ ନାଁ ଭଜୁଥିବ । ହାଃ ହାଃ ହାଃ । ପୁଣି ମୋତେ ମନେ କରୁଛି କିଏ ! ଗୋଟେ ବତକ ।” ମୋ କଥା ନ ସରୁଣୁ ବୁଢ଼ୀମା’ ମୋର ମିଛ ରାଗମିଶା କଣ୍ଠରେ କହିଲେ, “ହେଉ ହେଉ । ମୋ କଥା ତୋତେ ମିଛ ମୋତେ ସତ । ବିଜ୍ଞାନ ଯୁଗର ପିଲାତ ତୁ । ତୁ କାହୁଁ ଜାଣିବୁ ଏ ସବୁ ।” ମୋ ମୁହଁରେ କିନ୍ତୁ ଖେଳୁଥିଲା ତା କହୁଥିବା କଥା ପ୍ରତି ଅବିଶ୍ୱାସର ଦାମ୍ଭିକ ହସଟିଏ । ଏହି ସବୁ ଭିତରେ କିନ୍ତୁ ଗୋଟିଏ କଥା ସତ ଥିଲା ଯେ ସେ ବତକଟା ସହ ମୋର ଗଢ଼ି ଉଠିଥିଲା ଗୋଟିଏ ଅଦୃଶ୍ୟ ସମ୍ପର୍କ । ଏହିପରି ବିତିଯାଇଛି ତିନି ସପ୍ତାହ ।

ଚତୁର୍ଥ ସପ୍ତାହରେ ଘରୁ ଆସିବାର ଦୁଇଦିନ ହୋଇଥାଏ । ମୁଁ ନିତ୍ୟକର୍ମ ସାରି ଅଫିସ୍ ବାହାରୁଥାଏ ଯିବାପାଇଁ । ମିରର୍ ଦେଖି ଲାଗିଲା ଯେମିତି ଦାଢ଼ୀଗୁଡ଼ା ଅମାନିଆ ହୋଇ ବଢ଼ି ଚାଲିଛନ୍ତି । ସାଙ୍ଗେ ସାଙ୍ଗେ  ଆଗପଛ ଚିନ୍ତା ନକରି ସେଭିଂ ପାଇଁ ପ୍ରସ୍ତୁତ ହୋଇଗଲି । ହେଲେ ବୋଧହୁଏ ମୋର ଟିକିଏ ଅସାବଧାନତା ପାଇଁ ବ୍ଲେଡଟା ମୋ ଆଙ୍ଗୁଳିରେ ସୃଷ୍ଟି କରିଦେଲା ଏକ ଗଭୀର କ୍ଷତ । ଧାର ଧାର ରକ୍ତ ବହିଗଲା । ଯନ୍ତ୍ରଣାରେ ଶିହରୀ ଉଠିଲା ମୋର ସମ୍ପୂର୍ଣ୍ଣ ଶରୀରଟା । ନିଜର ଅସାବଧାନତା ପାଇଁ ମନେ ମନେ ନିଜକୁ ଖୁବ୍ ଗାଳି କରି ଚାଲିଥାଏ । ଠିକ୍ ସେତିକି ବେଳେ ଘରୁ ଫୋନ ଆସିଲା । ଫୋନରେ ଶୁଭୁଥାଏ ମୋ ପୁଅର କାନ୍ଦ । ମୁଁ କିଛି କହିବା ଆଗରୁ ସିଏ କାନ୍ଦି କାନ୍ଦି କହିଲା, “ବାପା ! ଜେଜେବାପା ନା ଏବେ ବତକଟା ମାରିଦେଲେ । କେତେ କାନ୍ଦୁଥିଲା ସିଏ । କେତେ ପାଟି କରୁଥିଲା । ବହୁତ

 Download Magazine from www.aahwaan.com

କାଟୁଥିଲା ତାକୁ । ତୁମେ ଆସିଲେ ନା ଜେଜେବାପାଙ୍କୁ ପିଟିବ ।” ତା କଥା ନ ସରୁଣୁ ବାପା ମୋର ଫୋନ ତା ପାଖରୁ ନେଇ କହିଲେ, “ଆରେ ଆଜି ତୋ ଶଳାମାନେ ଆସିଛନ୍ତି । ହେଉ ହେଉ ଆମ ବାବା ପାଇଁ ଆଉ ଗୋଟିଏ ବଡ଼ ବତକ ଆଣିଦେବୁ ତ ।” ମୋତେ ଆଉ କିଛି ଶୁଣା ଯାଉନଥାଏ ମୋ ବାପାଙ୍କ କଥା । ମୋ କାନରେ ବାଜୁଥାଏ ମୋ ପୁଅର ସେହି ଛଳନାବିହୀନ ବିକଳ କାନ୍ଦ ଆଉ ମୋବୁଢ଼ୀମା’ର ସେହି କଥା, “ଏ ବତକଟା ମଲା ବେଳକୁ ବି ତୋ ନାଁଟା ଭଜୁଥିବ ।” ସବୁଥର ପରି ସେଥର ମଧ୍ୟ ମୁଁ ଛିଡ଼ା ହୋଇଥାଏ ବିଶ୍ୱାସ ଆଉ ଜ୍ଞାନର ଦୋଛକିରେ ନିର୍ବିକାର ଚିତ୍ତରେ । ହୃଦୟର ବିଶ୍ୱାସଟା ଯାହା କିଛି ବି କହୁନା କାହିଁକି ଅର୍ଜିତ ଜ୍ଞାନଟା କିନ୍ତୁ କହୁଥାଏ, “ଏ ସବୁ ହୋଇଛି କେବଳ ଅସାବଧାନତା କାରଣରୁ । ସାବଧାନ ହୋଇ କାମଟା କରିଥିଲେ ଏଭଳି ହୁଅନ୍ତା ନାହିଁ । ଆଉ ଡେରି ନକରି ଟ୍ରିଟମେଣ୍ଟ କର ।” ଏହା ପରେ ମଧ୍ୟ କାହିଁକି କେଜାଣି ମୋ ଆଖି ଦୁଇଟି ଯନ୍ତ୍ରଣାଶୂନ୍ୟ ହୋଇ ଚାହିଁ ରହିଥାନ୍ତି ସେହି କଟି ଯାଇଥିବା ଆଙ୍ଗୁଳିରୁ ବହି ପଡୁଥିବା ଧାର ଧାର ରକ୍ତକୁ ଆଉ ମୋ ମନ ଭାବୁଥାଏ, “ସତରେ ଆଜି କିଏ ଜିତିଛି ? ହୃଦୟରୁ ଆସୁଥିବା ବିଶ୍ୱାସ ନା ମୋର ଅର୍ଜିତ ଜ୍ଞାନ ।” ଆଜି କିନ୍ତୁ ବାଲକୋନି ଉପରେ ଛିଡ଼ାହୋଇ ସଂଧ୍ୟା ସମୟର ମନ୍ଦ ମନ୍ଦ ମଳୟ ସ୍ପର୍ଶରେ ମୋତେ କେଉଁଠି ନା କେଉଁଠି ଅନୁଭବ ହେଉଛି ସତେ ଯେପରି ମୋର ଅର୍ଜିତ ଜ୍ଞାନର ଦାମ୍ଭିକତା ଉପରେ ସେହି ଗଡ଼ିଆ ତୁଠର ଖଜୁରୀଗଛ ମୂଳରେ ଛିଡ଼ା ହୋଇଥିବା ବିଶ୍ୱାସଟା ଅଭିମାନ ଭରା ହସଟେ ହସି ଦେଉଛି । ସବୁ ଥର ତ ଏହିପରି ହିଁ ହୁଏ । ଜ୍ଞାନଟା ପ୍ରମାଣ ଦେଇ ନିଜର ଉପସ୍ଥିତି ସାବ୍ୟସ୍ତ କଲା ବେଳକୁ ଉପେକ୍ଷିତ ବିଶ୍ୱାସଟା ମୋତେ ଉପହାସ କରି ଦଉଡ଼ି ଯାଉଥାଏ ଦୂର ଦିଗବଳୟର ସେପାରିକୁ ।

Download Magazine from www.aahwaan.com

# ବିଧାତାର ଖେଳ



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ସ୍ୱରୂପ ବାବୁ ନିଜ ହିରୋହୋଣ୍ଡାର ବ୍ରେକ କଷିଲେ । ନିଛାଟିଆ ରାସ୍ତା ମଝିରେ କିଏ ସେଇ ଯୁବକ ? ଗାଡ଼ି ଗୁଡ଼ିକ କ୍ଷୀପ୍ରବେଗରେ ଗତି କରୁଥାନ୍ତି । ରାସ୍ତାର ଗୋଟିଏ ପାର୍ଶ୍ୱରେ ଠିଆ ହୋଇ ଲିଫ୍ଟ ମାଗୁଥାଏ ଯୁବକଟି । ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷା, ପବନ ଘୁ ଘୁ ଶବ୍ଦ କରି ବୋହୁଥାଏ, କୋହୋଲା ପାଗ । ପ୍ରବଳ ଥଣ୍ଡାରେ ଥରି ଯାଉଥାଏ ସାରା ଶରୀର । ସେଇ ଅଚିହ୍ନା ଯୁବକ କରୁଣ ଓ କାତର କଣ୍ଠରେ ସାହାଯ୍ୟ ମାଗୁଥିଲେ ସ୍ୱରୂପବାବୁଙ୍କୁ । ରାସ୍ତାର ଟିକେ ଦୂରରେ ଏକ ମାରୁତି କାର ଭିତରେ ଜଣେ ସୁନ୍ଦରୀ ଯୁବତୀ ଯାଆଁଳା ଶିଶୁ କନ୍ୟା ଦୁଇଟିକୁ ଧରି ବସିଥାନ୍ତି । ସେଇ କାରର ଆଗ ଚକା ପଙ୍କଚର ହୋଇ ଯାଇଥାଏ । ସେଠାରୁ ପ୍ରାୟ ୩୦ କି. ମି. ଦୂରରେ ଯାଇ କଟକ ସହର । ବହୁ ଦୂରରୁ ଢେଙ୍କାନାଳରୁ ଲକ୍ଷ୍ମୀ ପୂଜା ଦେଖି ଫେରୁ ଫେରୁ ଅଭିଜିତ ବାବୁଙ୍କର ଏଇ ଅବସ୍ଥା ସେଇଦିନ । କେମିତି କଣ ସାହାଯ୍ୟ କରିବେ ବୋଲି ଭାବୁଥିଲେ ସ୍ୱରୂପ ବାବୁ । ଏତିକି ବେଳେ ଅଭିଜିତ ବାବୁ କହିଲେ ଆପଣଙ୍କ ମୋଟର ସାଇକେଲ ଟିକେ ଦିଅନ୍ତୁ ମୁଁ କଟକକୁ ଯାଇ ଜଣେ ମେକାନିକକୁ ଧରି ଆସେ । ଆପଣ କିଛି ମାଇଣ୍ଡ କରିବେନି ଯଦି ଟିକେ ମୋ ଗାଡ଼ିକୁ ନଜର କରୁଥାନ୍ତୁ । ଗାଡ଼ିରେ ମୋ ସ୍ତ୍ରୀ ଓ ଝିଅମାନେ ବସିଛନ୍ତି । ଅଭିଜିତ ବାବୁ, ସ୍ୱରୂପ ବାବୁଙ୍କ ମୋଟର ସାଇକେଲ ଧରି ସହର ଅଭିମୁଖେ ବାହାରିଗଲେ ।

ସ୍ୱରୂପ ବାବୁ ଛିଡ଼ା ହୋଇଥାନ୍ତି ଗାଡ଼ି ଠାରୁ ଅଳ୍ପ ଦୂରରେ । ହଠାତ ଝିପ ଝିପ ବର୍ଷା ହେବାକୁ ଲାଗିଲା, ଏତିକି ବେଳେ ଗାଡ଼ି ଭିତରୁ ମହିଳା ଜଣଙ୍କ ଗାଡ଼ି ଆଗ ସିଟରେ ଆସି

 Download Magazine from www.aahwaan.com

ବସିବାକୁ ସ୍ୱରୂପ ବାବୁଙ୍କୁ କହିଲେ । ମନରେ ମାଡ଼ି ବସୁଥିଲା ଅଜଣା ଭୟ ଓ ଅନ୍ୟମନସ୍କତା । ତଥାପି ଅନୁରୋଧକୁ ଉପେକ୍ଷା ନ କରି ଗାଡ଼ି ଭିତରେ ଯାଇ ବସିଲେ । ସାମ୍ନା ମିରର୍‌ରେ ସେହି ମହିଳଙ୍କୁ ଦେଖି ପାଦତଳୁ ମାଟି ଖସି ଯାଇଥିଲା ସ୍ୱରୂପ ବାବୁଙ୍କର । ସେ ଥିଲେ ତାଙ୍କର ମନର ମାନସୀ ଓ ପତ୍ନୀ ଶାଶ୍ୱତୀ । ଦୁହିଁଙ୍କ ପୁନଃ ମିଳନରେ ଦୁହେଁ ଆତ୍ମହରା ହୋଇ ଉଠିଥିଲେ । ତୁମେ ଏଠି, ଏଇ ପରିସ୍ଥିତିରେ, ସେ ବାବୁଙ୍କ ସାଙ୍ଗରେ... କେମିତି ଶାଶ୍ୱତୀ । କୋହ ମିଶା କଣ୍ଠରେ ଶାଶ୍ୱତୀ କହି ଚାଲିଲେ ଗୋଟି ଗୋଟି ସବୁ କଥା । ବହି ଯାଉଥିଲା ତାଙ୍କ ଆଖିରୁ ଲୁହର ଯମୁନା । ତୁମର ମୋ ପାଇଁ ତ ସମୟ ନାହିଁ ନା, ଟିକେ ବି ଫୋନ କଲନି । ମିସ୍ କଲ୍ ଟିଏ ବି ଦବାକୁ ସମୟ ନଥିଲା ତୁମ ପାଖରେ । ଫୋନରେ ସବୁ କଥା ଜଣେଇଲ । ପରେ ବି... । ଏଇ ଦେଖ ରାକ୍ଷୀ ଆଉ ରାନୀ କେମିତି ତୁମକୁ ଏକ ଲୟରେ ଚାହିଁଛନ୍ତି । ଯୋଡ଼ି ହୋଇ ଯାଉଥିଲା ଅତୀତ ଅଧ୍ୟାୟର ଫର୍ଦ୍ଦ ପରେ ଫର୍ଦ୍ଦ । ଦୀର୍ଘ ବିଚ୍ଛେଦର ଅନ୍ତର ବେଦନା । ଅନେକ ଦିନର ଅକୁହା ସେ, ଅନେକ କଥା । ସ୍ୱରୂପ ବାବୁଙ୍କର ଅଞ୍ଚଳର ଝିଅ ଥିଲେ ଶାଶ୍ୱତୀ । ଢେଙ୍କାନାଳ ଛାଡ଼ି ଉଚ୍ଚଶିକ୍ଷା ପାଇଁ ଉଭୟ ବାଣୀବିହାରରେ ଭର୍ତ୍ତି ହୋଇଥାନ୍ତି । ଶାଶ୍ୱତୀଙ୍କ ବାପା ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ମହାଦେବଙ୍କ ଉପାସକ । ଏଇ ଚନ୍ଦ୍ରଶେଖର ଶିବ ମନ୍ଦିରରେ ପୂଜାପାଠ କରନ୍ତି । ଏଇ ଫାଷ୍ଟ ପାସେଞ୍ଜରରେ ପ୍ରଥମ ଦେଖାହୁଏ ସ୍ୱରୂପ ଆଉ ଶାଶ୍ୱତୀଙ୍କ ମଧ୍ୟରେ । ସ୍ୱରୂପ ମଧ୍ୟ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହଉଥାନ୍ତି ଶିକ୍ଷା ସମାପ୍ତ ପରେ । ଏଇ ଦେଖା ଚାହାଁ ଭିତରେ ପରସ୍ପରଙ୍କ ମଧ୍ୟରେ ଧିରେ ଧିରେ ଗଢ଼ିଉଠେ ପ୍ରେମର ସମ୍ପର୍କ । ଭୁବନେଶ୍ୱରର ଏକ ମହିଳା ମହାବିଦ୍ୟାଳୟରେ ନିଯୁକ୍ତି ପାଇଥାନ୍ତି ଶାଶ୍ୱତୀ ଅଧ୍ୟାପିକା ଭାବରେ । ଠିକ ଛଅ ମାସ ପରେ ସ୍ୱରୂପ ଷ୍ଟେଟ୍ ବ୍ୟାଙ୍କରେ ପୋଷ୍ଟିଂ ହୁଅନ୍ତି । ଏଥର ଦୁହିଁଙ୍କ

Download Magazine from www.aahwaan.com

ମନରେ ଅସୁମାରୀ ସ୍ୱପ୍ନ । କଳ୍ପନା କରି ବସନ୍ତି ନିଜର ହୃଦୟର ତାଜମହଲକୁ । ପରସ୍ପର ହୋଇଉଠିଥାନ୍ତି ଆହୁରି ନିକଟତର । ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ଶହୀଦନଗରରେ ଘର ଭଡ଼ା ନେଇ ରୁହନ୍ତି । ଉଭୟଙ୍କ ନିବିଡ଼ତାରୁ ଜନ୍ମ ନିଅନ୍ତି ରାକ୍ଷୀ ଓ ରାନୀ । ବେଦିରେ ବସି ବାହା ହେବା ଆଗରୁ ମାଁ ହୋଇ ଯାଇଥିଲେ ଶାଶ୍ୱତୀ । ଯଦିଓ ଉଭୟ ଏକାଠି ରହିବାର ସଂକଳ୍ପ ନେଇଥିଲେ କେଦାର ଗୌରୀ ମନ୍ଦିରରେ । ସ୍ୱରୂପ ଏତେ ଶୀଘ୍ର ବାପା ହେବାକୁ ଚାହୁଁ ନଥିବା ବେଳେ ଶାଶ୍ୱତୀ ପ୍ରଥମ ମାତୃତ୍ୱକୁ ହାତଛଡ଼ା କରିବାକୁ ଚାହୁଁ ନଥିଲେ । ଏ ସବୁ କିଛି ଘଟି ଯାଉଥିଲା ଚଳଚିତ୍ରର କାହାଣୀ ପରି, ଉଭୟ ପରିବାରର କେହିବି ଏହାର ସୁରାକ ପାଇ ପାରିନଥିଲେ । ଅଚାନକ ସ୍ୱରୂପ ବାବୁଙ୍କର ଆଠମଲ୍ଲିକ ବଦଳି ହୁଏ ମ୍ୟାନେଜର ଭାବେ । କେମିତି କଣ ମ୍ୟାନେଜ୍ କରିବେ ଉଭୟ ବୁଝି ପାରୁନଥାନ୍ତି । ଶେଷରେ ଏକ ଆୟାକୁ ଘରେ ରାକ୍ଷୀ ରାନୀଙ୍କ ଯତ୍ନ ପାଇଁ ନିଯୁକ୍ତ କରି ଆଠମଲ୍ଲିକ ଚାଲି ଯାଇଥିଲେ ସ୍ୱରୂପ । ଶାଶ୍ୱତୀଙ୍କୁ ଆଲିଙ୍ଗନ କରି ଦୁଇ ଝିଅଙ୍କ କପାଳରେ ଚୁମ୍ବନ ... ଧ୍ୟାନ ନେବ, ଭଲରେ ଥିବ କହି ବସଷ୍ଟାଣ୍ଡ ଅଭିମୁଖେ ବାହାରିଗଲେ । ହଠାତ ଦିନେ ଶାଶ୍ୱତୀଙ୍କ ବାପା ଅଭିଜିତ ନାମକ ଜଣେ ବ୍ୟବସାୟୀଙ୍କ ସହ ଶାଶ୍ୱତୀଙ୍କ ବାହାଘର ପ୍ରସ୍ତାବ ଠିକ କରି ଆସିଥିଲେ ଝିଅକୁ ସାଙ୍ଗରେ ନେଇଯିବା ପାଇଁ । ଏ କଥା ନିଜ ଆଖିରେ ଦେଖି ତାଙ୍କ ମୁଣ୍ଡ ଉପରେ ଚଡ଼କ ମାରିବା ପରି ଲାଗିଲା । ସତେ ଅବା ପାଦତଳୁ ପୃଥିବୀ ଖସିଯାଇଛି । କିନ୍ତୁ ଶାଶ୍ୱତୀଙ୍କ ମା ଏସବୁ ସହି ପାରିବେନି । ମା' ତାଙ୍କର ହାର୍ଟ ପେସେଣ୍ଟ । ସେ ପଟେ ବୋହୁ ମୁହଁ ଦେଖିବାକୁ ଚାହୁଁଥିବା ଅଭିଜିତ ବାବୁଙ୍କ ବାପା ରୋଗ ଶଯ୍ୟାରେ ପଡ଼ିଥାନ୍ତି । ସ୍ୱରୂପ ବାବୁଙ୍କୁ ସବୁ କଥା ଫୋନ କରି ଜଣାଇଲେ ଶାଶ୍ୱତୀ ଓ ଶୀଘ୍ର ଆସି ପହଞ୍ଚିବାକୁ ମଧ୍ୟ କହିଲେ । ସ୍ୱରୂପ ମଧ୍ୟ ନୂଆଁ କରି ଯୋଗ ଦେଇଥିବାରୁ ହଠାତ ଛୁଟି ନେଇ ଆସି ପାରିନଥିଲେ । ଅନ୍ତର୍ଦାହର

 Download Magazine from www.aahwaan.com

ଅନ୍ତର୍ଦ୍ୱନ୍ଦ ମଧ୍ୟରେ ରାକ୍ଷୀ ରାନୀଙ୍କ ସବୁ ଦାୟିତ୍ୱ ନିଜ ଆୟାଙ୍କୁ ଦେଇ ଶାଶ୍ୱତୀ ଚୁପ ଚାପ ଚାଲିଯାଇଥିଲେ ବାପାଙ୍କ ସହିତ । ଶାଶ୍ୱତୀଙ୍କ ସହ ଅଭିଜିତଙ୍କର ଶୁଭପରିଣୟ ଅନୁଷ୍ଠିତ ହେଲା । ବାପଘରୁ ବିଦା ହେଇ ଶାଶୁ ଘରକୁ ଗଲେ । ସେଇଦିନ ଥାଏ ତାଙ୍କର ପ୍ରଥମ ରାତି । ଅଭିଜିତ ତାଙ୍କୁ ଆଲିଙ୍ଗନ କରିବାକୁ ଉଦ୍ୟତ ହୁଅନ୍ତେ କିଛି ଦୂରକୁ ଘୁଞ୍ଚିଗଲେ ଶାଶ୍ୱତୀ ଓ ନିଜ ଅତୀତକୁ ବଖାଣି ଚାଲିଲେ ଅଭିଜିତଙ୍କ ଆଗରେ । ସ୍ୱରୂପଙ୍କ ସହ ପ୍ରେମ ସମ୍ପର୍କ, ଝିଅ ରାକ୍ଷୀ ଓ ରାନୀ, ବାପାଙ୍କ ବାଧ୍ୟ ବାଧକତା, ମା' ହାର୍ଟ ପେସେଣ୍ଟ.... । ସବୁ ଶୁଣିସାରି ଅଭିଜିତ ବହୁତ ଖୁସି ହୋଇଥିଲେ ଶାଶ୍ୱତୀଙ୍କ ଉପରେ ତାଙ୍କର ଏଇ ସତକଥା ପାଇଁ । ଦୀର୍ଘ ଦୁଇ ଘଣ୍ଟା ପରେ କଟକରୁ କାମ ସାରି ଫେରିଥିଲେ ଅଭିଜିତ । ଶାଶ୍ୱତୀ ତାଙ୍କୁ ଚିହ୍ନେଇ ଦେଇଥିଲେ ଏଇ ହେଉଛନ୍ତି ତାଙ୍କର ପ୍ରଥମ ପ୍ରେମ ଓ ଏଇ ରାକ୍ଷୀ ରାନୀଙ୍କ ବାପା । ଖୁସିରେ ଅଭିଜିତ ଆଲିଙ୍ଗନ କରିଥିଲେ ସ୍ୱରୂପଙ୍କୁ । ହଠାତ ଗାଡ଼ି ଷ୍ଟାର୍ଟ କଲାବେଳକୁ ଛାତିରେ ଯନ୍ତ୍ରଣା ଅନୁଭବ କର ଅଚେତ ହୋଇ ଟଳି ପଡ଼ନ୍ତି ସେଠାରେ । ଚୁପ ହୋଇଯାଇଥିଲେ ସବୁଦିନ ପାଇଁ ଅଭିଜିତ । ଶୋକାକୁଳ ପରିବେଶ । ଏ ସବୁ ଦେଖି ଅଭିଜିତଙ୍କ ରୋଗଗ୍ରସ୍ତ ପିତା ମଧ୍ୟ ଶେଷ ନିଶ୍ୱାସ ତ୍ୟାଗ କଲେ । ମୃତ୍ୟୁପୂର୍ବରୁ ଅଭିଜିତବାବୁ ନିଜର ସମସ୍ତ ସମ୍ପତି ରାକ୍ଷୀ ଓ ରାନୀଙ୍କ ନାଁରେ ଉଇଲ୍ କରିଦେଇଥିଲେ । ଏ ପାଖେ ଶେଷ ଶୋଭାଯାତ୍ରାରେ ଅଭିଜିତବାବୁ ଓ ତାଙ୍କ ପିତାଙ୍କୁ ଶ୍ମଶାନ ଅଭିମୁଖେ ନେବାବେଳେ ସେ ପାଖେ ଜଣେ ଯୋଗୀ ଗାଉଥାନ୍ତି ଭଜୁ କିନା ରାମ ନାମରେ କୁମର ......□

ଗୁଡ଼ିଆନାଳି, ଢେଙ୍କାନାଳ, ୭୫୯୦୦୧,

ଇମେଲ୍ : sambitsm1987@gmail.com

Download Magazine from www.aahwaan.com

# ଟିକି ଫୁଲ



ନୀଳାଦ୍ରି ବିହାରୀ ନାୟକ




ସୌଜନ୍ୟ : LITLABS

ଆଜିକୁ ୨୨ ବର୍ଷ ତଳେ....

୮ ଫେବୃଆରୀ ୧୯୯୭, ଏମ୍ କେ ସି ଜି ମେଡ଼ିକାଲ୍ କ୍ୟାମ୍ପସ୍ ହାଇସ୍କୁଲ୍, ବ୍ରହ୍ମପୁର, ଓଡ଼ିଶା

*"ଆମେ ଟିକି ଫୁଲ ଏଇ ବଗିଚାର*

*ଆମେ ଟିକି ତାରା ଏଇ ଆକାଶର..."*

ଏମିତି ଏକ ସୁନ୍ଦର ମନମତାଣିଆ ଶିଶୁଗୀତର ତାଳେ ତଳେ ନିକ୍ୱଣ (Nikon) ନାଚ କରୁଥାଏ । ଆସନ୍ତା 'ଉତ୍କଳଦିବସ'ରେ ସେ ମେଡ଼ିକାଲ୍ କ୍ୟାମ୍ପସ୍ ହାଇସ୍କୁଲ୍‌ବାର୍ଷିକ ଉତ୍ସବରେ

 Download Magazine from www.aahwaan.com

ନାଚିବ ତା'ର ସାଙ୍ଗସାଥୀଙ୍କ ସହ । ପ୍ରଥମ ଥର ପାଇଁ ଷ୍ଟେଜ୍ ଉପରେ । କେତେ ଯେ ଉତ୍ସାହ... ଖୁସି କହିଲେ ନ ସରେ ! ବାପା ନବଯୋଦ୍ଧ ଓ ମା' ନମିତା ବି ଖୁବ୍ ଉତ୍ସାହିତ ।

ତାଙ୍କ ପୁଅ ନିକ୍ୱଣ ସ୍କୁଲ ବାର୍ଷିକ ଉତ୍ସବରେ ନାଚିବ ବୋଲି ... । ହେଲେ ଜେଜେମା'ଙ୍କୁ କିଏ ବୁଝାଇବ ସେ ନେଇ ଚିନ୍ତା ।

ନିକ୍ୱଣର ଜେଜେମା ଥିଲେ ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପର ବୁଢ଼ୀ ପରି ଅପାଠୋଇ ଓ ଅଶିକ୍ଷିତା । ତାଙ୍କୁ ପିଲାଙ୍କ ନାଚ, ଗୀତ, ଅଭିନୟ ଆଦୌ ଭଲ ଲାଗେନି । ତାଙ୍କ ମତରେ ଏସବୁ ବେକାର । ଏତେଟା ଆଖିଦୃଶିଆ ହେବା ଆଦୌ ଭଲ ନୁହେଁ । ପାଠପଢ଼... ଭଲ ମଣିଷ ହୁଅ.. ଖାଲି ସବୁବେଳେ ସେଇ କଥା । ବଡ଼ଭଉଣୀ କାନନ (Canon)ର ନାଚଗୀତରେ ଭାଗନେବାକୁ ସେ ରୋକ୍‌ଠୋକ୍ ମନା କରି ଦେଇ କହିଥିଲେ ।

"କ'ଣ ନାଚବାଲି ହେବୁ ? ମାନସିଂହ ଖାନଦାନରେ କଳଙ୍କ ହେବୁ !!" ସେଥିପାଇଁ କାନନ ମନରେ ଜେଜେ ମା ପ୍ରତି ବଡ଼ ରାଗ ଓ ଅଭିମାନ ।

ସେତେବେଳେ ତ ଆଜିକାଲି ପରି ନାଚଗୀତର ରିଏଲିଟି ସୋ ଶହ ଟିଭି ଚ୍ୟାନେଲରେ ଆସୁନଥିଲା । ଦେଖ ନ ଦେଖ ସେଇ ଓଡ଼ିଆ ଦୂରଦର୍ଶନ ଡ଼ି.ଡ଼ି. ୬, ଡ଼ି.ଡ଼ି. ୧ର ଯୁଗଳବନ୍ଦୀ । ଓଡ଼ିଆ ସିନେମାଟିଏ ଦେଖିବା ପାଇଁ ରବିବାର ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା । ନବେ ଦଶକରେ ଅଭିଭାବକଙ୍କ ମଧ୍ୟରେ ବି ପିଲାଙ୍କୁ ନାଚ, ଗୀତ, ଅଭିନୟରେ ଭାଗ ନେବାକୁ ଆଜିକାଲି ପରି ଆଗ୍ରହ ନଥିଲା । କିନ୍ତୁ ନିକ୍ୱଣର ନନା ବୋଉ ଥିଲେ ଟିକେ ଅଲଗା ।

ଜେଜେମାଙ୍କୁ କୋଉ କଥା ବି ଲୁଚାଇବା ଏତେ ସହଜ ନଥିଲା । ଏକାଦଶୀ ବ୍ରତ ପାଇଁ ଜେଜେ ମା' ଆମ ବ୍ରହ୍ମପୁର କୋର୍ଟପେଟା ଜଗନ୍ନାଥ ମନ୍ଦିରକୁ ଯାଇଥାନ୍ତି । ହଠାତ୍ ଦେଖା

ହେଇଗଲେ ନାଥ ସାର୍ । ନାଥ ସାର୍ ନିକ୍ୱଣର ଦାଦାଙ୍କ ବି ଶିକ୍ଷକ ଥିଲେ ଦିଗପହଣ୍ଡି ହାଇସ୍କୁଲ୍‌ରେ । ଏବେ ସେ ମେଡ଼ିକାଲ୍ କ୍ୟାମ୍ପସ୍ ହାଇସ୍କୁଲ୍‌ରେ ଭୂଗୋଳ ଶିକ୍ଷକ । କଥା ପ୍ରସଙ୍ଗରେ ଜେଜେମା ଜାଣିବାକୁ ପାଇଥିଲେ ନିକ୍ୱଣର ସ୍କୁଲ୍‌ଡ୍ରାମାରେ ଅଭିନୟ କରିବା ବିଷୟ ।

**ଜେଜେ ମା' (ମନେ ଭାବୁଥାନ୍ତି)** : କଣ ହେଲା ! ମତେ ନ ପଚାରି ସେମାନେ ନିକ୍ୱଣକୁ ନାଚ, ଗୀତ, ଅଭିନୟରେ ଛାଡ଼ିଦେଲେ । ମନ୍ଦିରରୁ ଫେରି ଆସି ସେ ଚୁପ୍‌ଚାପ୍ କାହାରିକୁ କିଛି କହିଲେ ନାହିଁ ।

୨୪ଫେବୃଆରୀ ୧୯୯୬, ଜ୍ୟୋତିନଗର, ବ୍ରହ୍ମପୁର, ଓଡ଼ିଶା

+==================================+

ସେଦିନ ଥିଲା କାନନର ଜନ୍ମଦିନ । ଜେଜେମା ତ କହି ଆସୁଥିଲେ, "ଆମ ଘରେ ଜନ୍ମଦିନ ନାହିଁ ! ଖାଲି ବର୍ଷପୂରାଣି ଅଛି ।" କେବଳ ପ୍ରଥମ ବର୍ଷଟି (ବର୍ଷପୂରାଣି) ଘରଇଷ୍ଟଙ୍କ ପାଖରେ ପାଳନ କରାଯାଏ । ତା'ପରେ ନୁହେଁ । ଯଦି ପାଳନ କରିବ କେବଳ ମନ୍ଦିରରେ ଦୀପଟିଏ ଜାଳି ସାଙ୍କେତିକ ଭାବେ । କେକ୍ କାଟିବା, ମହମ ବତୀକୁ ଫୁଙ୍କି ତାକୁ ଲିଭାଇଦେଇ ପାଶ୍ଚାତ୍ୟ ଢାଞ୍ଚାରେ ଜନ୍ମଦିନ ପାଳନ କରିବାକୁ ସେ ଖୁବ ବିରୋଧୀ । ଅବଶ୍ୟ ସେ ବି କିଛି କଥା ଠିକ କହୁଥିଲା ବୋଲି ମନେହୁଏ ନିକ୍ୱଣର । ନିହାରିକା ଖୁଡ଼ି ଥଟ୍ଟାରେ କହନ୍ତି ଖର୍ଚ୍ଚକାଟ ପାଇଁ କୁଆଡେ ଏ ସବୁ ଜେଜେମା'ର ସୁନ୍ଦର ଯୋଜନା । ପାଠ ନ ପଢ଼ିଲେ କ'ଣ ହେଲା ହାର୍ବାର୍ଡ କି ଅକ୍ସଫୋର୍ଡ଼ର ଅର୍ଥନୀତିଜ୍ଞ ବି ତାଙ୍କ ଯୁକ୍ତି ଆଗରେ ହାର ମାନିବେ ।

କାନନର କିଛି ସାଙ୍ଗ ଉପହାର ନେଇ ଆସିଥିଲେ ତାର ଜନ୍ମଦିନ ପାଇଁ ।

**ନନ୍ଦିନୀ (କାନନର ସାଙ୍ଗ):** ଜେଜେ ମା' ନମସ୍କାର !

 Download Magazine from www.aahwaan.com

**ମା'** : ବୁଢ଼ୀଟେ ହେଇଥା.. ତୋର ନାଁ କି ନାଁ ଯେ ମୋ ତୁଣ୍ଡରେ ପଡୁନି !! ତୁ ଆମ କାନେଇର ସାଙ୍ଗ (ଜେଜେ ମା' କାନନକୁ କାନେଇ ବୋଲି ଡାକନ୍ତି)

**ନନ୍ଦିନୀ** : ହଁ, ମୁଁ କାନନର ସାଙ୍ଗ - ନନ୍ଦିନୀ, ଆମେ ମିଶି ଗିରି ରୋଡ଼ ଗାର୍ଲସ୍ ହାଇସ୍କୁଲ୍‌ରେ ନବମ ଶ୍ରେଣୀରେ ପଢୁ ।

**ଜେଜେ ମା'**: ହଁ.. ସେଇ ଇସ୍କୁଲ୍‌ରେ ଆମ ବିନଦିନୀ (ବିନୋଦିନୀ ପ୍ରଧାନ ଥିଲେ କାନନର ବଡ ଗୁରୁମା) ବଡଦିଦି ଅଛି ପରା !!! ବଡ ପାଠୋଇ ଝୁଅଟେ ସେ... ସେ ଯୁଗରେ ଆମ ସାନଖେମୁଣ୍ଡିରେ କିଏ ଏତେ ପାଠ ପଢୁଥିଲା ।

**ନନ୍ଦିନୀ** : ହଁ ମା' ସେ ଖୁବ୍‌ସୁନ୍ଦର ଇଂରାଜୀ ପଢ଼ାନ୍ତି... ନିକ୍ୱଣ କ'ଣ କରୁଛି କି ମା'? ସେ ଦେଖାଯାଉନି ! ଜାଣିଛ ମା' ସେ 'ଟିକି ଫୁଲ' ଗୀତର ତାଳରେ ଖୁବ ସୁନ୍ଦର ନାଚ କରେ ବୋଲି ଆମ ନାଚ ଗୁରୁମା କହୁଥିଲେ । ମେଡ଼ିକାଲ୍‌କ୍ୟାମ୍ପସ୍ ହାଇସ୍କୁଲ୍‌ରେ ସଂଗୀତ, ନାଚ ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀ ନଥିବାରୁ ତାଙ୍କ ପାଇଁ ଆମ ସ୍କୁଲର ନିରୂପମା ଗୁରୁମା ସପ୍ତାହକୁ ଦୁଇଥର ଯାଆନ୍ତି ଶିଖାଇବା ପାଇଁ । ମେଡ଼ିକାଲ୍ କ୍ୟାମ୍ପସ ସ୍କୁଲର ପ୍ରଧାନ ଗୁରୁମା ନିର୍ମଳାପଣ୍ଡାଙ୍କ ଅନୁରୋଧରେ।  କି ସ୍କୁଲ କେଜାଣି - ନା ବସିବାକୁ ଚେୟାର୍ ଟେବୁଲ୍ ଅଛି, ନା ଖେଳିବା ପାଇଁ ଖେଳପଡିଆ ଅଛି - ଆଜିକାଲି ଶିକ୍ଷକ ଶିକ୍ଷୟିତ୍ରୀ ସ୍ଥାନାନ୍ତର / ଅବସର ପରେ ସରକାର ନୂଆ ନିଯୁକ୍ତି ଦେଉ ନାହାନ୍ତି । ତଥାପି ୯୫-୧୦୦% ସଫଳତା ହାର । ପ୍ରତିବର୍ଷ କେହି ନା କେହି ମ୍ୟାଟ୍ରିକ୍‌ପରୀକ୍ଷାରେ ରାଜ୍ୟ ସ୍ତରରେ ଶୀର୍ଷ ଦଶଜଣଙ୍କ ମଧ୍ୟରେ !! ଓଡିଶାର ଶ୍ରେଷ୍ଠ ସରକାରୀ ହାଇସ୍କୁଲ୍ – ଝିଅ ମାନଙ୍କ ପାଇଁ ଅଷ୍ଟମରୁ ଦଶମ ପଢ଼ିବାର ବ୍ୟବସ୍ଥା ଥିଲେ ମୁଁ ଓ କାନନ ବି ସେଠି ପଢ଼ିଥାନ୍ତୁ ସପ୍ତମ ପରେ ।

**ଜେଜେ ମା'**: ମୋ ନିକ୍ୱଣ ବି ସେମିତି ମୋ ନାଁ ରଖିବ । ତା'ର ଏବେ ଆଗକୁ ବାର୍ଷିକ

 Download Magazine from www.aahwaan.com

ପରୀକ୍ଷା ଅଛି । ସେ ପଢ଼ାପଢ଼ି କରୁଛି ।

ମନେ ମନେ ଜେଜେମା  ରାଗରେ ବେଦମ୍ବା ତା'କୁ ତା'ର ପୁଅ, ବୋହୁ, ନାତି, ନାତୁଣୀ ସମସ୍ତେ ଲୁଚାଇଛନ୍ତି - ନିକ୍ୱଣର ନାଚ କରିବା ବିଷୟ ।

୫ମାର୍ଚ୍ଚ ୧୯୯୬, ଜ୍ୟୋତିନଗର , ବ୍ରହ୍ମପୁର ,ଓଡିଶା

+================================+

ରାତି ପ୍ରାୟ ୧୦ଟା । ମଶାରି ନ ଟାଣି ଶୋଇଥିଲେ ଜେଜେ ମା' । ତେଣୁ ବୋଧେ ନିଦ ଭାଙ୍ଗିଗଲା । ସେ ଉପରକୁ ଆସି ଦେଖନ୍ତି –

ନିକ୍ୱଣ ପାଠ ନ ପଢ଼ି 'ଟିକି ଫୁଲ' ଧୁନରେ ନାଚ କରୁଛି । ସେ ଆଉ ନିଜକୁ ସମ୍ଭାଳି ନ ପାରି ଚିଲ୍ଲେଇ ଉଠିଲେ, "କ'ଣ ହେଲା ? ଓଡ଼ିଆ କ୍ଷତ୍ରିୟ ମାନସିଂହ ଘରର ପିଲା ହୋଇ ନାଚ ଗୀତ ଅଭିନୟ । ଆମ ସବୁ ସମ୍ମାନ ବଂଶ ପରମ୍ପରାକୁ ମାଟିରେ ମିଶାଇ ଦେଲେ ଏମାନେ ।"

ନନା, ବୋଉ ଜେଜେ ମା'ର ପାଟି ଶୁଣି ଆସି ଦେଖନ୍ତି ସେ ପୁରା ରାଗରେ ପଞ୍ଚମ ।

**ଜେଜେ ମା'** : କାନନ ପରି ଆଜି ଠାରୁ ନିକ୍ୱଣର ବି ନାଚ ଗୀତ ଅଭିନୟ ଶିଖିବା ବନ୍ଦ । ମୋତେ ତୁମେମାନେ ଏସବୁ କଥା ଲୁଚାଇଥିଲ । ଭାବୁଥିଲ ଅପାଠୋଇ ବୁଢ଼ୀଟା କିଛି ଜାଣିପାରିବନି । ମୁଁ ତ କଂସାରୀ ଘରର ପାରା ।

ନାଥମାଷ୍ଟ୍ରେ, କାନନର ସାଙ୍ଗ କି ନାଁ ଯେ... (ନନ୍ଦିନୀ) ତା'ଠୁ ସବୁକଥା ଶୁଣି ମୁଁ ଚୁପ ଥିଲି... ଖାଲି ନିଜ ଆଖିରେ ଦେଖି ନଥିଲି ବୋଲି କିଛି କହୁନଥିଲି ।

**ନମିତା** : ନାଁ ବୋଉ ! ଛୋଟ ପିଲାଟା, ପ୍ରଥମ ଶ୍ରେଣୀରେ ତ ପଢୁଛି । ପାଠ ପଢ଼ିବା ସାଙ୍ଗକୁ ନାଚ, ଗୀତ, ଅଭିନୟରେ ଭାଗ ନେଲେ କ୍ଷତି କ'ଣ ? ପୁଣି ତା ବୟସର ସାଙ୍ଗସାଥୀମାନେ ବି ତ ଭାଗ ନେଉଛନ୍ତି ।

Download Magazine from www.aahwaan.com

**ଜେଜେ ମା'** : ବୋହୂ, ତୁ ପିଲାଲୋକ ବୁଝିପାରିବୁନି । ଏସବୁ ନାଚ, ଗୀତ ପିଲାଙ୍କୁ ବିଗାଡିଦିଏ । କାଲି ସକାଳୁ କହିବ ସେ କ'ଣ ଯେ କହନ୍ତି...

**କାନନ** : ମଡେଲିଂ ଆଉ ଫ୍ୟାସନ ସୋ

**ଜେଜେ ମା** : ହଁ ସେଇୟା, ସେଥିରେ ଭାଗ ନେବ । ସେସବୁ ତ ଛତରା ବାତରାଙ୍କ କାମ । ସବୁ ପାଠପଢ଼ା ଯିବ ଚୁଲିକୁ ଜେଜେ ମା'ର ରାଗ ଦେଖି ନନା ବୋଉ ପୁରା ଚୁପ୍‌ଚାପ୍ । କାନନ ମନେ ମନେ ଖୁସି ହୋଉଥାଏ – "ଇଏ ତୋ ହୋନା ହି ଥା" ବୋଲି କହି ନିକ୍ୱଣକୁ ଚିଡ଼ଉଥାଏ । ତା' ପରଦିନ 'ଟିକି ଫୁଲ'ରେ ଅଭିନୟ ପାଇଁ ଦରଜିକୁ ଦିଆଯାଇଥିବା ପୋଷାକ ଆସିଯାଇଥାଏ । ନିକ୍ୱଣ ତାକୁ ଦେଖି ସେଦିନ ଭାବିନେଲା - ଆଉ ସମ୍ଭବ ନୁହେଁ 'ଟିକି ଫୁଲ' ମନେମନେ ଭାବିନେଲା ଜେଜେ ମା' ତାକୁ କରିଦେଲା 'ଏପ୍ରିଲ ଫୁଲ୍' ।

*"ଫୁଟିଲା ଫୁଲ କି ଫୁଟେ ଆଉ ଥରେ,*

*ଫୁଟେ ସିନା ଫୁଲ କଢ଼ି..."*

ନାରୀ କବି କୁନ୍ତଳା କୁମାରୀ ସାବତଙ୍କ ଏହି କବିତା ପଢୁ ପଢୁ କାନନ ନାନୀ ବୁଝାଇ କହୁଥାଏ – "ନିକ୍ୱଣ, ତୁ ଏତିକିରେ ଭାଙ୍ଗି ପଡ଼ିଲୁ କି ? ତୁ ତ ଏବେ ଫୁଲ କଢ଼ି ପରି... ଟିକି ଫୁଲ ହେବା ପାଇଁ ଆହୁରି ସମୟ ଅଛି... ।"

************** ୨୨ ବର୍ଷ ପରେ **************

୫ ମାର୍ଚ୍ଚ ୨୦୧୮, ଗୁଗୁଲ , ଗୁରୁଗ୍ରାମ , ହରିୟାନା

ଜେଜେ ମା' ଆଜି ଆମକୁ ଛାଡ଼ି ଆର ପାରିରେ... ନିକ୍ୱଣ ଆଜି ଗୁଗୁଲ୍, ଗୁରୁଗ୍ରାମରେ ମାନବ ସମ୍ବଳ ସଂସାଧନ ବିଭାଗରେ ମୁଖ୍ୟ ପ୍ରବନ୍ଧକ ଓ କାନନ ଏସ୍.ଏ.ପି ଲାବ୍(SAP

 Download Magazine from www.aahwaan.com

LABS), ଜର୍ମାନୀରେ ବରିଷ୍ଠ ଆର୍କିଟେକ୍ଟ ଭାବରେ କାର୍ଯ୍ୟରତ । ଆସନ୍ତା ଉତ୍କଳ ଦିବସରେ 'ପ୍ରବାସୀ ଓଡ଼ିଆ ପରିବାର' ତରଫରୁ ଦିଲ୍ଲୀରେ ପାଳିତ ହେବାକୁ ଯାଉଛି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ । ପ୍ରିତମ ଭାଇ, ସତ୍ୟ ଭାଇ, ରାଜା ଭାଇ, ରିତା ଅପା, ଅମୁଲ୍ୟ ଭାଇ, ସୁଧାଂଶୁ ଭାଇ ସମସ୍ତେ ମିଶି ଏହାର ପରିଚାଳନା ଦାୟିତ୍ୱରେ ଅଛନ୍ତି । ନିକ୍ୱଣ ଏହି ସୁଯୋଗକୁ ହାତ ଛଡା କରିବନି ।

"ତୁ ପରା ବୋଲାଉ ଉତ୍କଳ ସନ୍ତାନ" ନାଟକରେ ସେ ଅଭିନୟ କରିବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଭୂମିକାରେ । ତା' ସହ ଦିଲ୍ଲୀ, ଗୁରୁଗ୍ରାମ, ନୋଇଡ଼ା, ଫରିଦାବାଦ, ଗାଜିଆବାଦରେ ରହୁଥିବା କୁନି କୁନି ଓଡ଼ିଆ ପୁଅଝିଅ ନାଚ କରିବେ ବୋଲି ସ୍ଥିର ହୋଇଛି । ଏଥିପାଇଁ ପ୍ରସ୍ତୁତି ବି ଜୋର୍ ସୋରରେ ଚାଲିଛି । କେବଳ ନିହାରିକା ଖୁଡିଙ୍କୁ କହିଛି ନିକ୍ୱଣ ।

**କାନନ (SAP LABS , ଜର୍ମାନୀ ):** ହାଲୋ ନିକ୍ୱଣ ... କ'ଣ ଖବର ?

**ନିକ୍ୱଣ (ଗୁଗୁଲ , ଗୁରୁଗ୍ରାମ)** : (ଗୁଗୁଲ କ୍ରୋମ୍‌କାଷ୍ଟ ଦ୍ୱାରା ଟିଭିରେ ବାଜୁ ଥାଏ ସୁସ୍ମିତା ଦାସଙ୍କ କଣ୍ଠରେ "ସିଏ ଝଡ ...ସିଏ ଝଡ.. ଜିଣେ ଗଡ ପରେ ଗଡ" ବିଜୁ ପଟ୍ଟନାୟକଙ୍କ ଉପରେ ଆଧାରିତ ସୁନ୍ଦର ଗୀତଟିଏ)

ନାନୀ ନମସ୍କାର... ଆଜି ଗୁରୁଗ୍ରାମରେ ବିଜୁ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ସରିଛି, ଏଥି ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ମୋର ଆଜି 'Work from Home' ।

**କାନନ** : ନିହାରିକା ଖୁଡିଙ୍କଠୁ ଶୁଣିଲି ତୁ ମଧୁବାବୁ ଭୂମିକାରେ ଅଭିନୟ କରୁଛୁ ଆସନ୍ତା ଉତ୍କଳ ଦିବସରେ.. ଯାହା ହେଉ ଏତେ ଦିନ ପରେ ତୋର ଅଭିଳାଷ ପୂରଣ

Download Magazine from www.aahwaan.com

ହେବାକୁ ଯାଉଛି । ତୁ ଏବେ ପୁରା ସ୍ୱାଧୀନ । ଆକଟ କରିବାକୁ ଜେଜେ ମା' ନାହିଁ ।

**ନିକ୍ୱଣ**: ସତ କଥା ନାନୀ । ହେଲେ ଜେଜେ ମା' ଥିଲେ ଆଜି ଆକଟ କରି ନଥାନ୍ତା । ମୁଁ  ପାଠ ପଢ଼ି ଚାକିରୀ କରିଲିଣି । ଆଉ କେତେ ପଢ଼ିବି ଯେ । ମୁଁ ଆଉ ଫୁଲ କଢି ନୁହେଁ... ମୁଁ ପରା ଆଜି ଫୁଟି 'ଟିକି ଫୁଲ'... ମୋ ଜେଜେ ମା'ର ଟିକି ଫୁଲ... ସତରେ ସେ ଆଜି ବହୁତ ଖୁସି ହୋଇଥାନ୍ତା । ମୋତେ ମଧୁ ବାବୁଙ୍କ ବେଶରେ ଦେଖି .... ସେ ପରା ମୋତେ ଶିଖାଇଥିଲା -

*"ପାଠ ପଢିବି,*

*ଘୋଡା ଚଢ଼ିବି,*

*ମଧୁ ବାରିଷ୍ଟର ସଙ୍ଗେ ଲଢ଼ିବି ।"*

**ସ୍ଥାୟୀ ଠିକଣା:** ଜ୍ୟୋତିନଗର – ଚତୁର୍ଥ ସରଣୀ, ବ୍ରହ୍ମପୁର, ଗଞ୍ଜାମ, ଓଡିଶା– ୭୬୦୦୦୧ **ବର୍ତ୍ତମାନ ଠିକଣା (କର୍ମଭୂମି)**: ୟୁବ୍ଲକ୍  - ତ୍ରୟୋଦଶ ସରଣୀ, ଡି.ଏଲ୍.ଏଫ୍. ଫେଜ୍ ୩, ଗୁରୁଗ୍ରାମ, ହରିଆଣା - ୧୨୨୦୦୨

**ଦୂରଭାଷ** : ୯୯୯୯୨୦୧୭୪୧ (ହ୍ୱାଟ୍ସଅପ )/ ୯୯୯୯୨୩୭୬୯୧

Web: https://about.me/nbnayak.88 /

https://people.sap.com/nirnayak

Email : nbnayak.88@gmail.com /

nirnayak@outlook.com

# ଶୂନ୍ୟ ହୃଦୟରେ



ମନୋରଞ୍ଜନ ମୁଦୁଲି

ଭାବର ଠାକୁର ସେ... ଅନ୍ତରରେ ଟିକିଏ ଭାବିଲେ ଖୋଜି ଖୋଜି ଚାଲି ଆସନ୍ତି ଭାବଗ୍ରାହୀ । ଲୀଳାମୟସେ... ସବୁ ଲୀଳା ତ ତାଙ୍କର । ଏପ୍ରିଲ ମାସ ଶେଷ, ମେ ମାସ ଏକ ତାରିଖ ଦୁଇହଜାର ପନ୍ଦର ମସିହା । ଲୀଳାମୟଙ୍କର ବଡ଼ ବିଚିତ୍ର ସେହି ନବକଳେବରର ଲୀଳାର ସମୟ । ସାରା ଓଡ଼ିଶା କାହିଁକି, ପୁରା ବିଶ୍ୱର ପ୍ରମୁଖ ଖବର ଚାଲିଥାଏ ଜଗତ ଠାକୁର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ପ୍ରଭୁ ସୁଦର୍ଶନଙ୍କର ପବିତ୍ର ନବକଳେବର । ପୁରୀ କେନାଲ ହଂସପାଳ ଜାତୀୟ ରାଜପଥ ଅନତି ଦୂରରେ ମୋର ଘରକାମ ପ୍ରାୟ ଶେଷ ହୋଇ ଆସିଥାଏ । ଘର ଓ ପାଚେରୀ କାମ ତଦାରଖ କରିବାକୁ ମୁଁ ରାଉରକେଲାରୁ ଭୁବନେଶ୍ୱର ଯାଏ । କିଛିଦିନ ଆଗରୁ ଭୁବନେଶ୍ୱରର ଅନତି ଦୂରରୁ ମା ସୁଭଦ୍ରାଙ୍କର ଦାରୁ ସଂଗ୍ରହ ହେଇ ଶଗଡରେ ପୁରୀ ପହଞ୍ଚି ସାରିଥିଲା । ଶାରଳା ପୀଠ ନିକଟରୁ ବଡ଼ଠାକୁର ବଳଭଦ୍ରଙ୍କର ଦାରୁ ପୂଜା ଯଥା ବିଧି ପୂଜାଅର୍ଚ୍ଚନା ହୋଇ ଦାରୁ ଛେଦନ ପରେ ଶଗଡରେ ଶ୍ରୀକ୍ଷେତ୍ର ଅଭିମୁଖେ ଅଗ୍ରସର । ଗ୍ରୀଷ୍ମର ପ୍ରକୋପରୁ ବନଯାଗ ସେବାୟତମାନେ ଦାରୁ ଶଗଡ଼କୁ ଦିବାସମୟରେ ଦେବାଳୟ ନିକଟରେ ରଖି ବିଶ୍ରାମ ନିଅନ୍ତି । ସନ୍ଧ୍ୟାପରେ ପୁଣି ଦାରୁ ଶଗଡ ନେଇ ଯାତ୍ରା ଆରମ୍ଭ କରିଛନ୍ତି ଶ୍ରୀକ୍ଷେତ୍ର ଅଭିମୁଖେ ।

ମେ ମାସ ଆରମ୍ଭ, ସନ୍ଧ୍ୟାପରେ ପରେ ପାହାଳ ଜଗନ୍ନାଥ ମନ୍ଦିର ପାଖରୁ ଆରମ୍ଭ ସେ ଦିନର ବଳଭଦ୍ରଙ୍କର ଦାରୁ ଶୋଭାଯାତ୍ରା । ସକାଳୁ ସକାଳୁ ମୁଁ ଭୁବନେଶ୍ୱର ଘରେ ପହଞ୍ଚିବା ପରେ ମୋ ସ୍ତ୍ରୀ କହିଲେ ଆଜି ଏଇ ଆମ ହଂସପାଳ ଛକ ଦେଇ ବଡଠାକୁର ବଳଭଦ୍ରଙ୍କର

Download Magazine from www.aahwaan.com

ଦାରୁଶଗଡ ଯିବ । ସେହି ସୌଭାଗ୍ୟ ଆଜି ଦେଖିବାକୁ ମିଳିବ ଭାବି ଖୁସି ହୋଇଥିଲି । ସନ୍ଧ୍ୟା ଯେମିତି ପାଖେଇ ଆସୁଥିଲା ମନ ମଧ୍ୟ ସେତିକି ଛଟପଟ ହେଉଥାଏ । କେତେବେଳେ ସେ ଦାରୁଦର୍ଶନ ମିଳିବ । ସନ୍ଧ୍ୟା ପ୍ରାୟ ସାଢ଼େ ସାତଟା କିଏ ହଠାତ କହିଲା ଆଉ ଅଳ୍ପ ସମୟରେ ଦାରୁଶଗଡ଼ କେନାଲ ଛକରେ ପହଞ୍ଚିବ । ସଙ୍ଗେ ସଙ୍ଗେ ଦୌଡ଼ି ଆସିଲୁ କେନାଲ ଛକ ପାଖକୁ । ଆମ ପରି ଅନେକ ମଧ୍ୟ ଦାରୁଦର୍ଶନ ପାଇଁ ଆସିଥିଲେ । ପହଞ୍ଚିଲା ପରେ ଶୁଣିଲୁ ଦାରୁ କେନାଲ ଛକରେ ପହଞ୍ଚିବାକୁ ଅନେକ ଡେରି ହେବ । ପ୍ରାୟ ରାତିବାରଟା ହୋଇପାରେ । ମୋ ସ୍ତ୍ରୀ କହିଲେ ଏତେ ଡେରି ଯଦି ହେବ ତା'ହେଲେ ଖିଆପିଆ ଶେଷକରି ସେ ସମୟକୁ ଆସିବା । ଉଭୟ ଘରକୁ ଫେରିଲୁ । ରାତ୍ରିଭୋଜନ ଶେଷକରି ପ୍ରାୟ ସାଢ଼େ ନଅଟା ସମୟରେ ମୋ ସ୍ତ୍ରୀର ମୋବାଇଲରେ ଏକ କଲ୍ଆସିଲା ତାଙ୍କ ମହିଳା ପଡୋଶୀବନ୍ଧୁଙ୍କ ଠାରୁ । ସେ କହିଲେ ଦାରୁଶଗଡ଼ ଅଳ୍ପ ସମୟ ଭିତରେ କେନାଲ ଛକରେ ପହଞ୍ଚିବ । ଧଡ଼ପଡ଼ ହୋଇ ଦୁହେଁ ବାହାରି ଆସିଲୁ । ଅନ୍ଧାରରେ ପ୍ରାୟ ଏକ କିଲୋମିଟର ରାସ୍ତା କେନାଲ ଛକ ଜାତୀୟ ରାଜପଥ ମୋ ଘରଠାରୁ । ପହଞ୍ଚି ଦେଖିଲୁ ପ୍ରାୟ ଆହୁରି ଏକ କିଲୋମିଟର ଦୂରରେ ଦାରୁଶଗଡର ଶୋଭାଯାତ୍ରା କେନାଲଛକରେ ପହଞ୍ଚିବା ପାଇଁ ବାକି । ଅଦ୍ଭୁତ ଅବର୍ଣ୍ଣନୀୟ ଦୃଶ୍ୟ । ନିଜେ ନ ଦେଖିଲେ ସେ ଦେବଦୁର୍ଲଭ ଦୃଶ୍ୟକୁ ଅନୁଭବ ଛଡ଼ା ଭାଷାରେ ପ୍ରକାଶ କରିବା ସହଜ ନୁହେଁ । ପ୍ରାୟ ଏକ କିଲୋମିଟର ଦୂରରେ ରାଜପଥ ସେ ଦୃଶ୍ୟ ରାତିରେ ଦେଖିବାକୁ ମୁଁ ରାସ୍ତାର ଧାରରେ ଏକ ନାଲି ଗୋଡି ମୋରମ ଗଦା ଉପରେ ଠିଆ ହୋଇ ଚାହିଁ ରହିଲି । ଦାରୁ ଶୋଭାଯାତ୍ରା ଯେତେ ପାଖେଇ ଆସୁଥାଏ ମନରେ ଏକ ଅଦ୍ଭୁତ ପୁଲକ ଘନୀଭୂତ ହେଉଥିଲା । ରାଜପଥ ମଝିରେ ଦାରୁଶଗଡ । ସୁସଜ୍ଜିତ ପାଟବସ୍ତ୍ରରେ ପୁଷ୍ପ ବିମଣ୍ଡିତ ସୁଗନ୍ଧିତ ଧୂପର ମହକ । ପବିତ୍ର ଜାଗତୀକ ବ୍ରତରେ ବନଯାଗ

 Download Magazine from www.aahwaan.com

ସେବାୟତ ଶଗଡକୁ ଟାଣି ଟାଣି ନେଉ ଥିଲେ । ଆଗରେ ପଛରେ ନୀଳ ଓ ଶୁଭ୍ର ବିଜୁଳି ଆଲୋକର ଏକ ଅପୂର୍ବ ମିଶ୍ରଣ । ସତେ ଯେମିତି ଚନ୍ଦ୍ର ସୂର୍ଯ୍ୟ ମିଳିତ ହୋଇ ଅମାବାସ୍ୟାରେ ଜ୍ୟୋତ୍ସ୍ନା ଆଉ ରଶ୍ମି ପ୍ରକାଶ ଅକୁଣ୍ଠିତ ଚିତ୍ତରେ ଢାଳି ଦେଉଛନ୍ତି । ଆକାଶରେ ଏକ ବିଚିତ୍ର ଅବର୍ଣ୍ଣନୀୟ ଦୃଶ୍ୟ । କୋଟି କୋଟି ତାରାଫୁଲରେ ସମ୍ପୂର୍ଣ୍ଣ ଆକାଶ ଆଚ୍ଛାଦିତ । ମନେହୁଏ ସତେ ଯେମିତି ଦେବଗଣ ଆକାଶମାର୍ଗରୁ ପୁଷ୍ପ ବୃଷ୍ଟି କରିବାପାଇଁ ପ୍ରସ୍ତୁତ ଅଛନ୍ତି । ହଜାର ହଜାର ସଂଖ୍ୟାରେ ପକ୍ଷୀମାନଙ୍କର କଳରବ ରାତି ଏଗାରଟା ସମୟରେ । ଶହ ଶହ ଧବଳରଙ୍ଗର ବଗପକ୍ଷୀ ଆକାଶରେ ଧାଡ଼ି ଧାଡ଼ି ହୋଇ ସୁନ୍ଦର ତାଳରେ ପକ୍ଷବିସ୍ତାର କରି ଉଡ଼ି ବୁଲୁଥାନ୍ତି । ଶୁଭ୍ରନୀଳ ଆଲୋକରେ ସେହି ପକ୍ଷୀମାନଙ୍କ ଶୋଭା ଦ୍ୱିଗୁଣିତ ହୋଇ ଯାଇଥିଲା । ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ନିଃସ୍ତବ୍ଧ ରାତିରେ ଏତେ ପକ୍ଷୀଙ୍କ କଳରବ ଆଉ ଏତେ ସଂଖ୍ୟାରେ ଧଳା ବଗ ଆସିଲେ କୁଆଡୁ । ଶଙ୍ଖ ଘଣ୍ଟା ମୃଦଙ୍ଗ ହରିବୋଲ ହୁଳହୁଳି ଶବ୍ଦରେ ଆକାଶ ବତାସ ପ୍ରକମ୍ପିତ । ଆଗରେ ଓ ପଛରେ ପୋଲିସ ଗାଡି । ଶହ ଶହ ପୋଲିସ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ । ଆକଶବାଜି ଶବ୍ଦରେ ମେଦିନୀ ପ୍ରକମ୍ପିତ । ଜେନେରେଟର ଗାଡି ଆଗ ଓ ପଛରେ ସମ ବ୍ୟବଧାନରେ ଚାଲିଥାଏ । ଦାରୁ ଶୋଭାଯାତ୍ରା ଯେତେ ପାଖକୁ ମାଡ଼ି ଆସୁଥିଲା ମନରେ ଦର୍ଶନ ଆବେଗ ସେତେ ବଢି ଯାଉଥାଏ । ଭକ୍ତ, ଭକ୍ତି, ଭାବ ଓ ଭଗବାନଙ୍କର ଅପୂର୍ବ ମିଳନ । ଦାରୁଶଗଡର ଆଗରେ କିଏ ଆବେଗରେ ଅଧୀର ହୋଇ ନୃତ୍ୟକରୁଛି ତ କିଏ ଚିତ୍ରଶିଳ୍ପୀ ଶଙ୍ଖ, ଚକ୍ର, ଗଦା, ପଦ୍ମ, ହଳ, ମୂଷଳ ଆଙ୍କି ଦେଉଛି ତ କିଏ ପଞ୍ଚରଙ୍ଗ ମୁରୁଜରେ ଶଗଡ଼ର ପଥରେ ଅନନ୍ୟ କଳା ନମୁନା ପ୍ରଦର୍ଶନ କରି ଚାଲିଛି । ଦାରୁଶଗଡ଼ ସ୍ପର୍ଶ ନିଃଷେଧ ହେତୁ ଶହ ଶହ ସଂଖ୍ୟାରେ ନାରୀ ପୁରୁଷ ନୂତନ ପାଟବସ୍ତ୍ର ରାଜରାସ୍ତାର ପଥରରେ ପାତି ଦେଉଥିଲେ ସେ ଶଙ୍କର୍ଷଣଙ୍କ ଉଦ୍ଦେଶ୍ୟରେ ।

Download Magazine from www.aahwaan.com

ଦାରୁଶଗଡ ପାଖେଇ ଆସିଲା ଠିକ୍ ମୁଁ ଯେଉଁ ମୋରମ ଗଦା ଉପରେ ଥିଲି, ସେଠାରେ ରାଜରାସ୍ତାର କେନାଲ ପୋଲ ପାଖରେ କିଛିକ୍ଷଣ ପାଇଁ ଅଟକିଲା । ଅପୂର୍ବ ଦେବଦୁର୍ଲଭ ଦୃଶ୍ୟ, ଦେହରେ ନବ ଶିହରଣ ଅନୁଭବ ହେଉଥିଲା । ହୃଦୟରେ ଏକ ପୁର୍ଣ୍ଣତା ଅନୁଭବ ହେଉଥିଲା । ଆଖିରେ ଆନନ୍ଦ ଅଶ୍ରୁ ଆସି ଯାଇଥିଲା । ନିର୍ବାକ ହୋଇ ଚାହିଁ ରହିଥାଏ । ଚତୁର୍ଦ୍ଦିଗ ଏକ ନୂତନ ଦିବ୍ୟ ହରିହର ପରିବେଶ ମନେହେଉଥିଲା । କିଛିକ୍ଷଣ ପାଇଁ ଦାରୁଶଗଡ ରହି ପୁଣି ଶଗଡ ଟାଣିଲେ । କେତେ ସମୟ ଶଗଡ ଅଟକିଲା ମୋର କିଛି ଧାରଣା ନଥିଲା । ଜଳ ଜଳ ହୋଇ ଚାହିଁ ରହିଥିଲି ସେ ଅପୂର୍ବ ଲୀଳାମୟଙ୍କର ଯାଗତିକ ଦୃଶ୍ୟକୁ । ସୁସଜ୍ଜିତ ସେ ଦାରୁଶଗଡ ଯେତେ ଆଗକୁ ଗଡି ଚାଲିଥାଏ ମୋର ଆନନ୍ଦ ଅଶ୍ରୁଳ ଚକ୍ଷୁ ଦୁଇଟାର ଗତି ପ୍ରସାରିତ ହୋଇ ଯାଉଥାଏ ।

କିଛିକ୍ଷଣ ପରେ ମୋ ସ୍ତ୍ରୀର ହାତସ୍ପର୍ଶରେ ମୋ ଭାବ ସମାଧିର ଅନ୍ତଘଟିଲା । ସେ କହିଲା ଚାଲ ଘରକୁ ଯିବା । ମୁଁ ସାମାନ୍ୟ ଇତସ୍ତତଃ ହୋଇ ଆଗକୁ ବଢିଲି । ଦୁଇପାଦ ଆଗକୁ ବଢୁ ନ ବଢୁଣୁ ମୋ ସ୍ତ୍ରୀ ହଠାତ ଅଟକିଗଲା, କହିଲା ଏ କଣ ତୁମ ଦେହରୁ ଚନ୍ଦନର ବାସ୍ନା ଆସୁଛି । ପୁଣି ମୋର ବାମପଟକୁ ଘୁରି ବାମବାହୁକୁ ଶୁଙ୍ଘିଲା.... ହଁ... ସାରା ଦେହରୁ ତୁମର ଚନ୍ଦନର ବାସ୍ନା ଆସୁଛି । ମୋତେ ମଜାରେ କହୁଛି ଭାବିଲି । ବାରମ୍ବାର କହିବାରୁ ମୁଁ ମୋର ଡାହାଣ ଓ ବାମବାହୁକୁ ଶୁଙ୍ଘି ପରୀକ୍ଷା କଲି । ସତେତ.... !ଚନ୍ଦନର ଅଦ୍ଭୁତ ବାସ୍ନା । ଏତେ ସୁନ୍ଦର ହୃଦୟସ୍ପର୍ଶୀ ସେ ମଧୂର ବାସ୍ନା ଜୀବନରେ ପ୍ରଥମ ଅନୁଭବ କରିଥିଲି । ଚାଲି ଚାଲି ଦୁଇଜଣ ଘରକୁ ଫେରିଲୁ । ଶଯ୍ୟାରେ ଶୋଇବା ପର୍ଯ୍ୟନ୍ତ ମୋ ସ୍ତ୍ରୀ ପ୍ରାୟ ତିନିଚାରିଥର ପରଖୁଥିଲା ସେ ଅପୂର୍ବ ସୁଗନ୍ଧକୁ । ସାରାରାତି ସେଇ ଅପୂର୍ବ ସୁଗନ୍ଧ ହୃଦୟରେ ତଥା ଶରୀରରେ ଅନୁଭବ କରୁଥିଲି । ସକାଳୁ ଯଦିଓ ସାମାନ୍ୟ ଚନ୍ଦନର ବାସ୍ନା ଥାଏ କିନ୍ତୁ

 Download Magazine from www.aahwaan.com

ହୃଦୟରେ ଭର୍ତ୍ତି ହୋଇ ରହିଥିଲା ସେ ଦେବଦୁର୍ଲଭ ଅପୂର୍ବ ଅନୁଭୂତି । ମନେମନେ ଶତକୋଟି ପ୍ରଣାମ କରୁଥିଲି ସେ ବଡ଼ଠାକୁର ବଳିଆର ଭୁଜକୁ । ହେ ମହାବାହୁ ପାଦ ପାଣି ନାହିଁ କିଏ କହେ । କେମିତି ଆସିଲ... କେମିତି ଆସି ତୁମେ ଶ୍ରୀଅଙ୍ଗରେ ଜାବୁଡ଼ି ଧରିଲ । ମୋ ହୃଦୟର ଭରିଦେଲ ସେ ଐଶ୍ବରୀୟ ତୃପ୍ତିର ଅମୃତଧାରା । କେତେ ଦୟା ତୁମର । ଏ ଶୂନ୍ୟ ହୃଦୟକୁ ପୂର୍ଣ୍ଣ କରି ଚାଲିଗଲ ।

Download Magazine from www.aahwaan.com

# ଏ କି ପ୍ରକାର ଭକ୍ତି



ରାଧାକାନ୍ତ ଦାଶ

ସମୟ ଦିନ ସାଢ଼େ ବାରଟା । ଯଦୁପୁର ଯଦୁପୁର ବୋଲି ବସ ହେଲ୍ପର୍ ଜୋରରେ ଡାକିଲା । ବସ ପଛ ସିଟରେ ବସିଥିବା ବିକାଶ ତରବର ହୋଇ ଆଗେଇଲା ବସ ଡୋର ଆଡକୁ । ବସରେ ବହୁତ ଗହଳି । ଦୁଇଟା ବଡ଼ ବଡ଼ ବ୍ୟାଗ ଭିଡ଼ ଭିତରେ ହାତରେ ଧରିଯିବା ଯେଉଁ କଷ୍ଟ ସେ କଷ୍ଟ ବିକାଶ ପାଇଁ ନୂଆ ଥିଲା । ହେଲେ ମୁଁ ବସରେ ବେଶି ଯିବା ଆସିବା କରେ । ଗାଁ ବସରେ ଭୁବନେଶ୍ୱରରୁ ଗାଁକୁ ଗଲା ବେଳେ ବସ ସବୁବେଳେ ଭିଡ଼ ଥାଏ । ଦୁଇଟା ବ୍ୟାଗ ଧରି ଓହ୍ଲେଇବା ଏତେ କଷ୍ଟ ଓହଃ... ମୋର ଏବେ ବି ମନେଅଛି । ବିକାଶ ବସର ଗେଟ ପାଖରେ ଠିଆହୋଇ ଦେଖୁଥିଲା ବାହାର ରାସ୍ତାକୁ । ଯଦୁପୁର ବସଷ୍ଟପରେ ଓହ୍ଲେଇଲା ବିକାଶ ।

ଯଦୁପୁର ଆସିବାର କାରଣ ତା ଚାକିରୀରେ ପରିବର୍ତ୍ତନ । ନୂଆକରି ପୋଷ୍ଟମାଷ୍ଟର ଚାକିରୀ ପାଇବା ପରେ ଭୁବନେଶ୍ୱର ସହିଦ ନଗର ପୋଷ୍ଟ ଅଫିସରେ କାମ ଆରମ୍ଭ ହୁଏ । କିଛି ଦିନ ପରେ ତା'ର ବଦଳି ହୁଏ ଯଦୁପୁରକୁ । ଯଦୁପୁର ଗୋଟେ ସବ ପୋଷ୍ଟଅଫିସ । ବିକାଶ ଏ ଜାଗାରେ ନୂଆ । ବସ ଷ୍ଟାଣ୍ଡରୁ ଓହ୍ଲେଇ କେମିତି ଓ କୁଆଡ଼େ ଯିବାକୁ ହୁଏ ସେ ଜାଣିନଥିଲା । ଅନତି ଦୂରରେ ଥିବା ପାନ ଦୋକାନକୁ ଯାଇ ସେ ପଚାରିଲା, "ଆଚ୍ଛା ! ଭାଇ ଯଦୁପୁର ପୋଷ୍ଟ ଅଫିସ ଏଇଠୁ କେତେବାଟ ? ଆଉ କେମିତି ଯିବି ?" କ୍ୟାବିନ ଭିତରେ ଗୁଣଗୁଣୁ ହୋଇ ପାନରେ ଚୂନ ମାରୁଥିବା ଦୋକାନୀ କହିଲେ, "ପୋଷ୍ଟ ଅଫିସ ? ତିନି କିଲୋମିଟର ହେବ ।" ତା'ପରେ ମୁଣ୍ଡ ଟେକି ଚାହିଁଲେ ଓ ପୁଣି କହିଲେ, "ଆପଣ ଏଠି ନୂଆ

Download Magazine from www.aahwaan.com

କି ?" ବିକାଶ 'ହଁ' କହି ଆଗେଇଛି ଅଟୋଷ୍ଟାଣ୍ଡ ଆଡ଼େ । ଅଟୋଷ୍ଟାଣ୍ଡରେ ଠିଆହୋଇ ଥିବା କିଛି ଅଟୋବାଲାଙ୍କ ଭିତରୁ ବିକାଶ ପାଖକୁ ଜଣେ ଆସି ପଚାରିଲା, "ସାର, କୁଆଡ଼େ ଯିବେ ?" ବିକାଶ କହିଲା, "ପୋଷ୍ଟ ଅଫିସ, କେତେ ନେବ ?" ଅଟୋ ଡ୍ରାଇଭର କହିଲା, "ସତୁରି, ଯିବେ ?" ବିକାଶ ପାଖେ ଆଉ ଚାରା ନଥିବାରୁ ସେ ବସିଗଲା ଅଟୋରେ ।

ଅଟୋରେ ବସି ସେ ଗାଁର କିଛି ଦୃଶ୍ୟକୁ ଦେଖୁଥିଲା । ଗାଁରେ ଚଳି ନଥିବା ବିକାଶ ଗାଁର ତାଳ ଗଛ, ଖାଲ ଢିପ ରାସ୍ତା ଓ ବିଲ ବଣକୁ ଭଲ ଭାବରେ ଆଖି ପୁରେଇ ଦେଖୁଥିଲା । କିଛି ସମୟ ପରେ ମାଟି ରାସ୍ତା ଅତିକ୍ରମ କରି ଅଟୋ ଆସି ପହଁଚିଲା ଗୋଟେ ଛୋଟ ବଜାରରେ । କିଛି ଦୋକାନକୁ ଅତିକ୍ରମ କଲାପରେ ବିକାଶ କହିଲା, "ଭାଇ ଏଠି ଟିକେ ରଖିବ ।" ଅଟୋ ରହିଲା ମୁଁ ଯାଇ ପାଖ ଦୋକାନରୁ ବିସ୍କୁଟ, ମିକ୍ସଚର କିଣି ଆଣିଲି । ଅଟୋ ପୁଣି ଷ୍ଟାର୍ଟ ହେଲା । ଅଟୋ ଡ୍ରାଇଭର ଅଟୋକୁ କିଛି ବାଟ ଆଗେଇ ନେଇ ବିକାଶକୁ ପ୍ରଶ୍ନ କଲେ, "କୁଣିଆଙ୍କ ଘରକୁ ଆସିଛନ୍ତି ବୋଧେ ?" ବିକାଶ କହିଲା, "ନାଇଁ ନାଇଁ ଏ ପୋଷ୍ଟ ଅଫିସକୁ ଆସିଛି ପୋଷ୍ଟ ମାଷ୍ଟର ହୋଇ ।" ବିକାଶ କଥା ଶୁଣି ଅଟୋ ଡ୍ରାଇଭର କାହିଁକି କେଜାଣି ଅଟୋରେ ଲାଗିଥିବା ଦର୍ପଣରେ ବିକାଶକୁ ଦେଖିଲା ସେକଥା ବିକାଶ ବୁଝିପାରିଲା ନାହିଁ ।

ବଜାର ସରିଗଲା । ଦଶମିନିଟ ପରେ ଅଟୋ ଯାଇ ପହଁଚିଲା ପୋଷ୍ଟ ଅଫିସ ଆଗରେ । ଅଟୋ ଡ୍ରାଇଭରକୁ ଟଙ୍କା ଦେଇ ବିକାଶ ଆଗେଇଲା ପୋଷ୍ଟ ଅଫିସ ଆଡକୁ । ଭଲ ସୁନ୍ଦର ଘର । ଯଦୁପୁର ସବ୍ ପୋଷ୍ଟ ଅଫିସ  ପିନ- ୭୫୨୪୩୫ । ବିକାଶ ଭିତରକୁ ଗଲା । କିଛି ବୁଢା ଲୋକ ଡାକ ସଂଚ୍ଚୟ ଖାତା ଧରି ବସିଥାନ୍ତି । ଜଣେ ଲୋକ ଚିଡ଼ି ଚିଡ଼ି ହୋଇ କରୁଥାଏ କାମ । କିଛି ଲୋକଙ୍କୁ କହୁଥାଏ ଲିଙ୍କ ନାହିଁ ପରେ ଆସ । ସେପଟେ

 Download Magazine from www.aahwaan.com

ପାର୍ସଲ ହୋଇ ଆସିଥିବା କିଛି ଜିନିଷକୁ ଦେଖୁଥାଏ । ବିକାଶକୁ ବସିଥିବା ବୁଢ଼ାମାନେ ଦେଖୁଥାନ୍ତି । ସେ ଲୋକଟି ବିକାଶକୁ ଦେଖି ପଚାରିଲା, "ଯଦି ପାସ ବୁକରେ ଟଙ୍କା ବାନ୍ଧିବାର ଅଛି ତେବେ ଟିକେ ପରେ ଆସନ୍ତୁ ଏବେ ଲିଙ୍କ ନାହିଁ ।" ବିକାଶ କଂପ୍ୟୁଟର ପାଖରେ ଥିବା ମୋଡ଼େମକୁ ଦେଖିଲା । ସେଠି ଲିଙ୍କ ଅଛି, ହେଲେ ଏ ଲୋକଟି ଲୋକମାନଙ୍କୁ ମିଛ କାହିଁକି କହୁଛି । ହଁ ଯଦି ମିଛ କହିଛି ତେବେ ସେ ବସି ରେଷ୍ଟ ନେବା କଥା ହେଲେ, ସେ ଏପଟ ସେପଟ ହେଇ କାମ କରୁଛି । ବିକାଶ ଠାରୁ କିଛି ଉତ୍ତର ନପାଇ ସେ ଯାଇ ପୁଣି କିଛି ଚିଠିକୁ ସଜେଇବାରେ ଲାଗିଲା । "ମୁଁ, ବିକାଶ ପ୍ରଧାନ । ଏ ପୋଷ୍ଟ ଅଫିସକୁ ପୋଷ୍ଟମାଷ୍ଟର ହୋଇ ଆସିଛି ।" ବିକାଶ ଜଣେଇଲା ସେ ଲୋକକୁ । ବିକାଶର କଥା ନସରୁଣୁ ସେ ହଠାତ ଠିଆ ହୋଇ କହିଲା, "ସାର, ନମସ୍କାର । ମୁଁ ଜାଣି ପାରିଲି ନାହିଁ ।" ପୋଷ୍ଟ ଅଫିସରେ ଲାଗିଥିବା କାଠ ବ୍ୟାରିକେଡରୁ ବାହାରି ବିକାଶର ବ୍ୟାଗକୁ ନେଇ ରଖିଦେଲା ଟେବୁଲ ଉପରେ । ବିକାଶ ତା ସିଟରେ ବସି ପ୍ରଥମେ କିଛି ଡାଟା ଚେକ୍ କଲା । ତା'ପରେ ଠିଆ ହୋଇଥିବା ଲୋକଙ୍କ କାମ କରିବାରେ ଲାଗିଲା । ସେ ବିକାଶ ପାଇଁ ପାଣି ଗ୍ଲାସ୍ ନେଇ ଆସି ସାରିଥିଲା । ବିକାଶ ମଧ୍ୟ ଶୋଷିଲା ଥିଲା ।

ଗ୍ଲାସ୍‌ଟେ ଥଣ୍ଡା ପାଣି ଜଣେ ଶୋଷିଲା ଲୋକପାଇଁ ଅମୃତ ଠାରୁ ବଡ । ପାଣି ପିଇ ସାରି ବିକାଶ ପୁଣି ବ୍ୟସ୍ତ ହୋଇଗଲା କାମରେ । ସେ ଲୋକଟି ବିକାଶ ପାଖେ ଠିଆ ହୋଇ କହିଲା, "ସାର ମୁଁ ଟୁକୁନା । ଏ ପୋଷ୍ଟ ଅଫିସର ପିଅନ । ଆଉ ଜଣେ ବି ପିଅନ ଅଛି ସେ ଚିଠି ବାଣ୍ଟିବାକୁ ଯାଇଛି । ଆଛା ସାର ଆଜି ଆପଣ ଏଠି ରହିବେ ତ ?" ବିକାଶ କହିଲା, "ଆଜି ନୁହେଁ ଟୁକୁନା ମୁଁ ଯେତେ ଦିନ ଯାଏଁ ଏ ପୋଷ୍ଟ ଅଫିସରେ କାମ କରିବି ଏଇଠି ହିଁ ରହିବି ।" ପ୍ରଥମ ଦିନ ବହୁତ କାମ ବ୍ୟସ୍ତରେ କଟିଲା । ଧୀରେ ଧୀରେ ପୋଷ୍ଟ ଅଫିସକୁ

Download Magazine from www.aahwaan.com

ଆସୁଥିବା ଏଜେଣ୍ଟ, ନିୟମିତ ବ୍ୟକ୍ତିଙ୍କ ସହିତ ଚିହ୍ନା ହେଲା ।

ବିକାଶ ଯଦୁପୁର ପୋଷ୍ଟ ଅଫିସ ଆସିବାର ଚାରିଦିନ ହେଲାଣି । କାଲି ଅଫିସ ଛୁଟି । ବିକାଶ ଟୁକୁନାକୁ କହିଲା, "ଆଚ୍ଛା ଟୁକୁନା ! ଏଠି କିଛି ବୁଲିବା ଜାଗା ଅଛି କି ? ଅଫିସ ଆଉ କ୍ୱାର୍ଟରରେ ରହି ରହି ମୁଁ ଅଣନିଶ୍ୱାସୀ ହେଇଗଲିଣି । କାଲି ଆମେ କୁଆଡେ ଯାଆନ୍ତେ ବୁଲିବାକୁ ? କଣ କହୁଛ ?" ଟୁକୁନା କିଛି ସମୟ ନିରବ ରହି କହିଲା, "ସାର ବୁଲିବାକୁ ଯିବେ ତ ? କାଲି କାହିଁକି ଆଜି ଯିବା । ମହେନ୍ଦ୍ରପୁର ଯଦୁପୁରକୁ ଲାଗିଛି ସେଠି ଏବେ ଦାସକାଠିଆ ଚାଲିଛି । ଆଜି ଯିବା ଦେଖି ଆସିବା ।" ଟୁକୁନାର କଥା ବିକାଶକୁ ଭଲ ଲାଗି ନଥିଲା । ଦାସକାଠିଆ ସେଟା ପୁଣି କଣ । ପିଲା ବେଳୁ ସହରରେ ବଢ଼ିଥିବା ବିକାଶ ପାଲା, ଦାସକାଠିଆ ଛାଡ଼ନ୍ତୁ ଓଡ଼ିଆ ଫିଲ୍ମ ଦେଖିନି । ଏମିତି ଭାବୁ ଭାବୁ ଟୁକୁନା ପୁଣି ପ୍ରଶ୍ନ କଲା, "କଣ ସାର ଯିବେନି ?" ବିକାଶ କହିଲା, "ଦାସକାଠିଆ ମୁଁ ଆଗରୁ କେବେ ଦେଖିନି ଭଲ ଲାଗିବ ?" ଟୁକୁନା କହିଲା, "ହଁ ସାର ଭଲ ଗାୟକ ଆସିଛନ୍ତି ଭଲ ଲାଗିବ । ତା'ପରେ ଏ ସୁଯୋଗ ସବୁବେଳେ ମିଳେନି ।" ବିକାଶର ଇଚ୍ଛା ନଥିଲେ ମଧ୍ୟ ବାଧ୍ୟ ହୋଇ ହଁ କରିଥିଲା ଟୁକୁନା କଥାରେ ।

ସଂଧ୍ୟା ଛଅଟା । ବିକାଶ ପାଖେ ବାଇକ ନାହିଁ କେମିତି ଯିବି । ଟୁକୁନାକୁ ଅପେକ୍ଷା କରିଥାଏ । ଟୁକୁନା ଆସିଲା । ବିକାଶ ଟୁକୁନାକୁ ପଚାରିଲା, "ଆଚ୍ଛା ଆମେ କେମିତି ଯିବା ? କେତେ ବାଟ ଏଠୁ ? ଅଟୋ ମିଳିବ କି ?" ଟୁକୁନା କହିଲା, "ସାର ଅଟୋ ମିଳିବନି । ଅଟୋ ପାଇଁ ବସଷ୍ଟାଣ୍ଡ ଯିବାକୁ ହେବ । ଆପଣ ମୋ ସାଇକେଲରେ ବସନ୍ତୁ ।" ବିକାଶ କହିଲା, "ସାଇକେଲ ! ମୁଁ ପିଲାଦିନେ ବସିଥିଲି ।" ସେ କହିଲା, "ସାର କେତେ ଡାକ ପାର୍ସଲ ବୋହିଛି ଏ ସାଇକେଲରେ । କେତେ ଲୋକଙ୍କୁ ନେଇଛି ଏ ସାଇକେଲ, କିଛି ହେବନି ଆପଣ

Download Magazine from www.aahwaan.com

ବସନ୍ତ ।”

ବିକାଶ ଡରୁଥିଲେ ମଧ୍ୟ ସାଇକେଲରେ ବସିଲା । ଟୁକୁନାର ବଡ଼ ହିରୋ ସାଇକେଲର ପଛପଟ କ୍ୟାରିୟରରେ ବସିଲା । ସାଇକେଲ ଗୋଟେ ଅପ୍ରୀତିକର ଶବ୍ଦ କରି ଗଡ଼ି ଚାଲିଲା ମାଟି ଖାଲ ଢିପ୍ ରାସ୍ତାରେ । ପ୍ରାୟ ପନ୍ଦର ମିନିଟ ପରେ ସେମାନେ ପହଞ୍ଚିଲେ ମହେନ୍ଦ୍ରପୁର ଗାଁରେ । ସେମାନେ ପହଁଚିବା ପୂର୍ବରୁ ଦାସକାଠିଆ ଆରମ୍ଭ ହୋଇଯାଇଥିଲା । ଲୋକମାନେ ରୁଣ୍ଡ ହୋଇଥିଲେ ।

ଗୋଟେ ଛୋଟ ମଞ୍ଚ ଉପରେ ଦୁଇଜଣ ବ୍ୟକ୍ତି ଦାସକାଠିଆ ପରିବେଷଣ କରୁଥିଲେ । ବିକାଶ ପାଇଁ ଚେୟାର ବ୍ୟବସ୍ଥା କରିଦେଇଥିଲା ଟୁକୁନା । ଦୁଇଜଣ ବ୍ୟକ୍ତି ପାରମ୍ପରିକ ବସ୍ତ୍ରରେ ବିମଣ୍ଡିତ । ବେକରେ କିଛି ମାଳା ଝୁଲୁଛି । ମୁଣ୍ଡରେ ପଗଡ଼ି ସାଙ୍ଗକୁ ଗୋଡ଼ରେ ଘୁଙ୍ଘୁର । ବଡ଼ ବଡ଼ ମେଡ଼ାଲ ଦୁଇଟା ପଡ଼ିଛି ବେକରେ । ଗାୟକ ଗାଇଉଠିଲେ, “ବନ୍ଦ ଥରେ ମୁଢ଼ ମାନସରେ, ବୀଣାପାଣି କୋ....... ବନ୍ଦ ଥରେ । ପାଳିଆ ମଧ୍ୟ ପାଳି ଧରୁଥାନ୍ତି । ଦାସକାଠିଆର ଆବାଜ ବିକାଶକୁ ଭଲ ଲାଗୁନଥିଲା । ସେ ନିରୁପାୟ ହୋଇ ଦେଖୁଥିଲା । କିଛି ସମୟ ପରେ ସେ ମୋବାଇଲ ବାହାର କରି ସେଥିରେ ଗେମ ଖେଳିବାକୁ ଲାଗିଲା । ବହୁତ କଷ୍ଟରେ ସେଦିନ ପୋଗ୍ରାମ ସରିଲା । ବିକାଶ ଫେରି ଆସିଲା କ୍ୱାର୍ଟରକୁ । କାହିଁକି କେଜାଣି ତାକୁ ଲାଗୁଥିଲା ସେ ଦାସକାଠିଆ ଗାୟକ ଏବେ ବି ତା କାନ ପାଖେ ଗୀତ ଗାଉଛନ୍ତି । କାଲି ଅଫିସ ଛୁଟି । ଖଟଉପରେ କିଛି ସମୟ ଏପଟ ସେପଟ ହେବା ପରେ ତାକୁ ନିଦ ଆସି ସାରିଥିଲା । ଅଫିସରେ ବହୁତ କାମ ବ୍ୟସ୍ତ ଟିକିଏ ସମୟ ମିଳେନି କିଛି ସମୟ ବସି ଶାନ୍ତିରେ ବିତେଇବାକୁ । ବିକାଶକୁ ମଝିରେ ମଝିରେ ଲାଗେ କିଛି ଚାକିରୀ ମିଳୁନଥିଲା ବୋଲି ସେ ଟେନସନରେ ଥିଲା । ଆଉ ଆଜି ତା ପାଖେ ଟେନସନ ଅଛି ଆଉ ଚାକିରୀ ବି । ଏମିତି କିଛି ଦିନ କଟି ଗଲାଣି । ଧିରେ ଧିରେ ସହରକୁ ଭୁଲି ଗାଁର ଚାଲିଚଳଣିରେ ତାକୁ

 Download Magazine from www.aahwaan.com

ଚଳିବାକୁ ପଡୁଛି । ସେଦିନ, ସେ ସକାଳ ସାଢ଼େ ୯ଟାରେ ଅଫିସ ଆସୁଥାଏ । ଗୋଟେ ଜାଗାରେ ବହୁତ ଭିଡ଼ । ସେ ମଧ୍ୟ ସେ ଭିଡ଼ ଆଡ଼େ ମୁହାଁଇଲା । ଜଣେ ମଧ୍ୟବୟସ୍କ ବ୍ୟକ୍ତି ଶେଷ ନିଶ୍ୱାସ ତ୍ୟାଗ କରି ପଡ଼ି ରହିଥିଲେ । କିଛି ରକ୍ତ ମାଂସ କଳା ପିଚୁ ରୋଡ଼ ଉପରେ ପଡ଼ିଛି । ଲୋକମାନେ କହୁଛନ୍ତି ରାତିରେ ଚୋରା ଚାଲାଣ ହେଉଥିବା ପଥର ଗାଡ଼ି ଧକ୍କାରେ ସେ ବ୍ୟକ୍ତିଙ୍କର ମୃତ୍ୟୁ । ସେ ବ୍ୟକ୍ତିଙ୍କୁ ଅବଶ୍ୟ ସେ କେତେଥର ଦେଖିଛି । ମନକୁ ବହୁତ କଷ୍ଟ ହେଲା ।

ଏ ଭିତରେ ଚାରିମାସ ବିତିଗଲାଣି । ଧୀରେ ଧୀରେ ଦାସକାଠିଆ, ପାଲା ଓ ରାତି ଅନିଦ୍ରା ହୋଇ ଅପେରା ଦେଖିବା ଏମିତି କିଛି ଅଭ୍ୟାସ ତାର ହେଇଗଲାଣି । ଟୁକୁନାକୁ ସାଙ୍ଗରେ ନେଇ ବିକାଶ ବାହାରି ଯାଏ ପାଖ ଗାଁକୁ । ସେଠି ଦେଖେ ଦଣ୍ଡନାଚ, ଧୂଡୁକି ଇତ୍ୟାଦି । ବିକାଶର ଦେହ ଟିକେ ଖରାପ ଅଛି । ଚାରିଦିନ ହେଲାଣି ଥଣ୍ଡା ଛାଡୁନି । ପାଖରେ ଥିବା ମେଡିସିନ ଷ୍ଟୋରରୁ ଯେତେ ମେଡିସିନ ଖାଇଲେବି ଦେହ ଭଲ ହେବାର ନାଁ ନାହିଁ । ବିକାଶ ଭାବିଛି କିଛି ଦିନ ପାଇଁ ଭୁବନେଶ୍ୱର ଯିବ । ଟୁକୁନା ଆସି ପହଁଚିଛି କହିଛି, "ସାର ଦେହ କେମିତି ଅଛି ?" ବିକାଶଠୁ କିଛି ଉତ୍ତର ନପାଇ ସେ ପୁଣି କହିଲା, "ସାର ଚାଲନ୍ତୁ, ଆମେ ଗୋଟେ ଜାଗାକୁ ଯିବା । ସେଠିକି ଗଲେ ଆପଣଙ୍କ ଦେହ ଭଲ ହେଇଯିବ ।" ଗାଁଠୁ ଟିକେ ଦୂରରେ ଥିବା ଗୋଟେ ଭଙ୍ଗାମନ୍ଦିର ପାଖକୁ ସେମାନେ ଗଲେ । କିଛି ଲୋକ ଜମା ହୋଇଥାନ୍ତି । ସେଠି କୁଆଡ଼େ ଗୋଟେ ଲୋକ ପାଖକୁ ମା ଭୂଆଶୁଣି ଆସୁଛନ୍ତି । କେତେ ଲୋକଙ୍କ ଦେହ ଭଲ ହେଉଛି, କେତେ ସମସ୍ୟାରୁ ମୁକ୍ତି ମିଳୁଛି ଇତ୍ୟାଦି । ବେକରେ ମନ୍ଦାରମାଳ ପକାଇ ମୁଣ୍ଡରେ ସିନ୍ଦୁର ଓ ଶାଢ଼ୀ ପିନ୍ଧି ଜଣେ ବ୍ୟକ୍ତି ଡେଉଁ ଥିଲେ । ଢୋଲ, ଘଣ୍ଟ ଓ ହୁଳୁହୁଳି ଶବ୍ଦରେ ସେ ଜାଗା ଫାଟି ପଡୁଥିଲା । ବିକାଶକୁ ଭଲ ଲାଗୁନଥିଲେ ମଧ୍ୟ ସେ ଯାଇ ମୁଣ୍ଡିଆ ମାରିଲା ମାଆ ଭୂଆଶୁଣିଙ୍କୁ । ବିକାଶକୁ କିଛି ଫୁଲ ଓ କଦଳୀ ଖାଇବାକୁ

Download Magazine from www.aahwaan.com

ଦେଲେ କାଳସୀ । ପଚା କଦଳୀ ଓ ଫୁଲକୁ ଖାଇବାକୁ ମନାକରିଥିଲା ବିକାଶ । ଲୋକମାନେ ବାଧ୍ୟ କରିବାରୁ ସେ କଦଳୀ ଖାଇଲା । ସେଦିନ ସେଠାରୁ ଫେରିଆସିଥିଲା ବିକାଶ । କିଛି ଦିନ ପରେ ତା'ଦେହ ଭଲ ହେଇ ଯାଇଥିଲା । ପୋଷ୍ଟ ଅଫିସ ପାଖରେ ଗୋଟେ ମାଛ ଦୋକାନ ଥିଲା ଶ୍ରୀ ଜଗନ୍ନାଥ ମାଛ ଦୋକାନ । ଆଉ ସେ ଏବେ ସେଠି ଗୋଟେ ବ୍ରୟଲର ଦୋକାନ ଖୋଲିଲା । ଦୋକାନ ନାଁ ଟା ଭଲ ଲାଗୁନଥିଲା ବିକାଶକୁ । ଠାକୁରଙ୍କୁ ବିଶ୍ୱାସ କରୁନଥିବା ବିକାଶ ଏବେ ଠାକୁରଙ୍କୁ ଭକ୍ତି କରେ, ମୁଣ୍ଡିଆମାରେ ।

ପାଲା ଦାସକାଠିଆ ଶୁଣି ଓ ଦେଖିକି ତାର ଠାକୁରଙ୍କ ଉପରେ ଜ୍ଞାନ ହେଲାଣି । ସେ ପାଲାରୁ ଶୁଣିଛି ଯେ ଠାକୁର ସାତ୍ତ୍ୱିକ, ନିରାମିଷ ଏବଂ ସତ୍ୟରେ ଦେଖା ଦିଅନ୍ତି । ହେଲେଁ ପାଖରେ ଥିବା ବ୍ରୟଲର ଦୋକାନୀ ସେ ବିତ ଜଗନ୍ନାଥକୁ ଡାକେ । ତା ଦୋକାନରେ ସିଏ ଜଗନ୍ନାଥଙ୍କ ଫୋଟୋ ମଧ୍ୟ ରଖିଚି । ଆଉ ସେଇଠି କୁକୁଡ଼ା କଟିକି ବିକୁଛି । କାହିଁକି କେଜାଣି ଗୋଟେ ଦିନ ବିକାଶ ଗଲା ସେ ବ୍ରୟଲର ଦୋକାନକୁ  । କାନ୍ଥରେ ଝୁଲୁଥିବା ଜଗନ୍ନାଥଙ୍କ ଫୋଟୋରେ ଜଗନ୍ନାଥଙ୍କ ମୁହଁ ଆଉ ଦେଖା ଯାଉ ନଥିଲା । ଦେଖା ଯାଉଥିଲା କୁକୁଡ଼ା ରକ୍ତର ଛିଟା । କୁକୁଡ଼ା କାଟିବା ସମୟରେ ଛିଟିକୁ ଥିବା ରକ୍ତ ଜଗନ୍ନାଥଙ୍କ ଫୋଟୋ ଉପରେ ପଡୁଛି । ବିକାଶ ବୁଜି ପାରୁନଥିଲା ଏ କି ପ୍ରକାର ଭକ୍ତି । ଗୋଟେ ପଟେ କାଳସୀ ହୁକୁମ ଦେଉଥିବା କଥାକୁ ଲୋକମାନେ ମାନି ତାକୁ ପୂଜା କରୁଛନ୍ତି । ଆଉ ଗୋଟେ ପଟେ ଜଗନ୍ନାଥଙ୍କ ଫୋଟୋରେ ରକ୍ତର ଛିଟା । ଗୋଟେ ବଡ଼ ଗୋଲକ ଧନ୍ଦାରେ ପଡି ଯାଇଥିଲା ବିକାଶ  ।

ଟୁକୁନା ଆସି ଡାକୁ ଥିଲା, "ସାର ଆଜି ସଂକ୍ରାନ୍ତି ମନ୍ଦିର ଯିବେନି  ?"

ରତନପୁର ଶାସନ , କୁହୁଡ଼ି ଖୋର୍ଦ୍ଧା  ମୋ - ୭୦୦୮୬୫୮୭୭୦

ଇମେଲ - rkdash1996@gmai.com

Download Magazine from www.aahwaan.com

# ଏଡ୍‌ସ



ଶୁଭକାନ୍ତ ସାହୁ

ଲଭ୍ ଲଭ୍ ଲଭ ! ହେ ଭଗବାନ୍ ଏଇ ଶବ୍ଦଟା ଏତେ ଭୟଙ୍କର ହେଲାଣି ! ବଳିଗଲାଣି ଆତଙ୍କିତ ଏଡ୍‌ସ୍ ଠାରୁ । କହିଲେ କହିବେ ପାଗଳର ପ୍ରଳାପ କରୁଛି । ତୁମେ କୁହତ ବିଶ୍ୱ ଆତଙ୍କ ସୃଷ୍ଟିକାରୀ ଏଡ୍‌ସ୍ ଦ୍ୱାରା ଆକ୍ରାନ୍ତ ହୋଇ ମରଣକୁ ହାତ ଠାରି ଡାକୁଥିବା ବ୍ୟକ୍ତିବିଶେଷ ମାନେ କ'ଣ ଜାଣି ନଥିଲେ ବହୁଜନ ସଂଗେ ଯୌନ ସଂଗମରୁ ଏଡ୍‌ସ୍ ହୁଏ ବୋଲି ? ତେବେ ! ତଥାପି ସେମାନେ ଯାଉଥିଲେ କାହିଁକି ? ଏଡ୍‌ସ୍ ଆକ୍ରାନ୍ତ ସମସ୍ତ ବ୍ୟକ୍ତିବିଶେଷ ଯେ କେବଳ ନିହାତି ମୁର୍ଖ ଅମଣିଷ, ତା'ନୁହେଁ; ସବୁ ସୁଖ ସ୍ୱଚ୍ଛନ୍ଦରେ ବୁଡ଼ି ରହିଥିବା ଧନୀକ ବ୍ୟକ୍ତି ଓ ଉଚ୍ଚ ପଦସ୍ଥ ଅଫିସରମାନେ ମଧ୍ୟ ଏହାର କବଳରୁ ମୁକ୍ତ ନୁହନ୍ତି । ସ୍ୱଳ୍ପ ସମୟ ପାଇଁ ହେଉ ପଛେ, ସେଥିରେ ରହିଛି ଯୌନ କ୍ଷୁଧା ନିର୍ବାପନର ନିଶ୍ଚିତ ପ୍ରତିଶ୍ରୁତି । ସେଇ ସାମୟିକ ସୁଖକୁ ପାଇ ଭୁଲିଯାଆନ୍ତି ଭବିଷ୍ୟତ ଜୀବନ । ସବୁ ଜାଣି ପାଲଟି ଯାଆନ୍ତି ଅଜଣା ।

ଲଭ୍ ବା ପ୍ରେମ ମଧ୍ୟ ଏଇ ଜାତିର ଅନ୍ୟ ଏକ ରୋଗ । ଏଇ ଦେଖୁ ନାହାନ୍ତି ତ'ର ମୌଳିକ ଗୁଣ ସହିତ ଏହାର ମୌଳିକ ଗୁଣର ଅନେକ ସାମଞ୍ଜସ୍ୟ ଅଛି । ତୁମେ କୁହ ତ ପ୍ରେମ କରୁଥିବା ଯୁବକଯୁବତୀ ମଧ୍ୟରୁ କେତେ ପ୍ରତିଶତ ପାଆନ୍ତି ସୁଖ ? କେତେ ପ୍ରତିଶତ ଦୁଃଖ ? କେତେ ହତାଶ ଆଉ କେତେ ନିରାଶ ? ପ୍ରେମରେ ସାଫଲ୍ୟ ହାସଲ କରୁଥିବ ବ୍ୟକ୍ତିଙ୍କ ସଂଖ୍ୟା ବହୁତ୍ କମ୍ । ସମସ୍ତେ ଜାଣନ୍ତି ପ୍ରେମ ଏକ ଅଜଣା ରାଇଜର ଫଳ; ପାଇବା ପୂର୍ବରୁ ମରଣ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ । ତଥାପି କ'ଣ କମୁଛି ଗରୀବ ପୁଅ ଧନୀ ଝିଅକୁ, ଗରୀବ ଝିଅ ଧନୀ ପୁଅକୁ, ଗୋଟିଏ ଜାତିର ପୁଅ ଅନ୍ୟ ଜାତିର ଝିଅକୁ ଭଲ

ପାଇବାର ଦୁଃସାହାସିକତା ? ହେ ଭଗବାନ୍ ! ତୁମେ କୁହତ କାହିଁକି ମଣିଷ ମନରେ ଏମିତି ଏକ ଭାବନା ଦେଇଛ ? ଯେଉଁଥି ପାଇଁ ସବୁ ସୁଖ ସ୍ୱଚ୍ଛନ୍ଦକୁ ଭୁଲି ମଣିଷ ଭାସିଯାଏ ପ୍ରେମ ନଈରେ ? ସତରେ ପ୍ରେମରେ କ'ଣ ଏତେ ସୁଖ ମହଜୁଦ୍ ହୋଇ ରହିଛି !

ନଈକୂଳେ, ପାହାଡ଼ ଉପରେ, ଛାତ ଉପରେ, ବଗିଚାରେ, ବେଡ୍ ରୁମରେ ଏକାନ୍ତରେ ଅନେକ ଚିନ୍ତା କରିଛି । ହେଲେ ମୁଁ ଖୋଜି ପାଉନି ଏହାର ପ୍ରତିକାର । ଏ ମଧ୍ୟ ତ ଏଡସ୍ ପରି ଔଷଧ ବିହୀନ ରୋଗ । ତୁମକୁ ଏତେ ଡାକୁଛି ଏତେ ପୂଜାର୍ଚ୍ଚନା କରୁଛି, ତଥାପି ମୋତେ ଏ ରୋଗରୁ ତ୍ରାହି ମିଳୁନି । ସର୍ପ ଦଂଶନଠୁଁ ଆହୁରି ଅଧିକ ଜ୍ୱାଳାମୟ ପ୍ରେମ ଦଂଶନ । ସେ ଗରଳରେ ଜଳିଯାଉଛି ଦେହ ଆଉ ମନ । ଜାଣିଗଲିଣି ପ୍ରେମପଥ କଣ୍ଟକମୟ । ତଥାପି ମୁଁ ଏ ପଥର ନୀରବ ପଥିକ । ତା'ପ୍ରତି ମୋ ମନରେ ରହିଛି ଅହେତୁକ ଦୁର୍ବଳତା । ମୁଁ ଭୁଲି ପାରୁନି ସେଇ ଷୋହଳ ବର୍ଷିୟା ଝିଅଟିକୁ । ଯେଉଁ ଡ୍ରେସ୍ ପିନ୍ଧୁ, ଯେଉଁ ଅବସ୍ଥାରେ ଥାଉ ସେ ମୋତେ ଖୁବ୍ ସୁନ୍ଦର ଦିଶେ । ନ ଦେଖିଲେ ନାଇଁ, ଦେଖି ଦେଲେ ସୃଷ୍ଟି ହୁଏ ଅସମ୍ଭବ ଦୁର୍ବଳତା । ସେଇ ଚାରି ଫୁଟ୍ ଛଅ ଇଞ୍ଚ ଉଚ୍ଚତା ମଧ୍ୟମ ଚେହେରାର ଗୋରୀ ଝିଅଟି ଠାରେ ମୋର ସମସ୍ତ ଶକ୍ତି ସାହସ ହାର୍ ମାନେ । ତା' ନାଁ କହିବାକୁ ଇଚ୍ଛା ହୁଏ କିନ୍ତୁ ବଡ଼ ପାଟିରେ କହି ପାରେନି । କାଳେ କିଏ ଶୁଣିନେବ । ଏ ପାଖେ ସେ ପାଖେ ଚାହିଁ ଖୁବ୍ ଧୀରେ କୁହେ 'ଲିପି' କିଏ ଶୁଣିନେବ ବୋଲି ଡର ମାଡେ । ତଥାପି ମୁଁ ତା'ପାଇଁ ପାଗଳ । ସେ ସ୍ୱପ୍ନରେ ଆସେ ବାରମ୍ବାର । ଗତ କେଇ ମାସ ହେବ ଚିନ୍ତା କରିଛି ତା'ଠୁଁ ଦୂରେଇ ଯିବାକୁ । ହେଲେ ପାରୁଛି କେଉଁଠି ? ତାକୁ ଦେଖିଲେ ହୃତ୍ ସ୍ପନ୍ଦନ ବଢ଼ିଯାଏ । ଲୋମ ଟାଙ୍କୁରି ଉଠେ । ତଥାପି ମୁଁ ନିରୁପାୟ । ଏଇ କାଲି ସ୍ୱପ୍ନରେ ମୋତେ କାଲି ଯେମିତି କିଏ କହିଲା, "ପ୍ରେମ ମଣିଷ ଠାରୁ ହରିନିଏ ମଣିଷ ପଣିଆ । Loveର ଆକ୍ଷରିକ ଅର୍ଥ ହେଲା "loss of laugh, omit of aim, vanish of ownship, elusive dream" ଅର୍ଥାତ୍ ଖୁସିର ପତନ, ଲକ୍ଷ୍ୟ

Download Magazine from www.aahwaan.com

ପଥରୁ ବିଚ୍ୟୁତ, ନିଜତ୍ୱ ଉଭେଇଯିବା ଏବଂ ଅପହଞ୍ଚ ସ୍ୱପ୍ନ । ଆଉ ପ୍ରେମର ଅର୍ଥ ହେଲା ପ୍ରେତ ମହଲ । ଯେଉଁଠି ଥରେ ପାଦ ଦେଲେ ଆଉ ଫେରି ହୁଏନା । ନିଜକୁ ମୁକ୍ତି ଦେଇ ହୁଏନା । ଜୀବନ ପାଲଟିଯାଏ ହା-ହୁତାଶ । ସବୁ ବେଳେ ଡରକୁଳା ହେବାକୁ ହୁଏ । ପ୍ରେମ ଏକ ମରୀଚିକା । ପୁଣି ସେଇ ଚିନ୍ତା ପ୍ରେମ, ଭଲ ପାଇବା ଭିତରକୁ ମୁଁ କାହିଁକି ପଶିଲି ? କେମିତି ପଶିଲି ? ? ଏଥିରୁ ମୁକ୍ତିର ଉପାୟ କ'ଣ ? ? ?

ମୁଁ ତାକୁ ଭୁଲି ଯାଆନ୍ତିଣି । ହେଲେ ମୁଁ ଯେତେବେଳେ ଦେଖେ ସେ ମୋତେ କେମିତି ଏକ ବଙ୍କିମ ଚାହଣିରେ ଚାହିଁ ରହିଥାଏ । ମୋତେ ଲାଗେ ତା' ଆଖିର ମୋ ଠାରେ କିଛି ଦାବି ଅଛି । ଆଉ ମୁଁ ଯେତେବେଳେ ତାକୁ ଏକ ପ୍ରେମାତ୍ମକ ଦୃଷ୍ଟି ନିକ୍ଷେପ କରେ ସାନ୍ତ୍ୱନା ପାଇବା ପରି ଫେରିଯାଏ ତା' ଦାବି ଉପସ୍ଥାପନକାରୀ ନୀଳକଇଁ ଆଖି ଦୁଇଟି । ମୋତେ ଲାଗେ ସତେ ଯେମିତି ସେ ତା' ଆଖିରେ କହେ ମୁଁ ତାକୁ ସବୁବେଳେ ଏମିତି ଚାହିଁ ରହିଥାଏ ।

ନାଁ ଆଉ ନୁହେଁ । ମୋତେ ନିଶ୍ଚୟ କିଛି ଗୋଟେ କରିବାକୁ ପଡିବ । ମୁଁ ଯେମିତି ହେଉ ଏ ପ୍ରେମ ରୋଗରୁ ମୁକ୍ତି ପାଇବି । ଏଇ ସାଙ୍ଗମାନେ ଶୋଇଛନ୍ତି । ମୁଁ ଏବେ ତା ପାଖକୁ ଚିଠି ଲେଖିବି । ହୋଇଯାଉ ମୋ ଆତ୍ମ ସମ୍ମାନ ନଷ୍ଟ । ତଥାପି ମୁଁ ତାକୁ ଲେଖି ଜଣାଇ ଦେବି, "ତୁ ମୋତେ ଆଉ ଏମିତି କିମିଆଁ ଚାହାଁଣିରେ ଚାହିଁବୁନି । ଯଦି ବି ମୋତେ ଭଲ ପାଉଥିବୁ ଭୁଲିଯିବୁ, ଘୃଣା କରିବୁ । ତୁ ଘୃଣା କଲେ ହୁଏତ ତୋ ପ୍ରତି ଥିବା ମୋର ଦୁର୍ବଳତା କମିଯିବ ।" ଏମିତି ଭାବି ମୁଁ ଚିଠିଲେଖା ଆରମ୍ଭ କରିଦେଲି ।

କିଛି ସମୟ ପରେ ହଠାତ୍ ଚିନୁର ନିଦ ଭାଙ୍ଗିଲା । ସେ ମୋତେ ଏ ଯାଏଁ ପଢ଼ା ଟେବୁଲ୍ ପାଖେ ଦେଖି ଆଶ୍ଚର୍ଯ୍ୟ ହେଲା । ସେ କହିଲା, "ଆରେ ଯେଉଁ ଟୋକା ଦଶଟାରୁ ସାଢ଼େ ଦଶଟା ଯାଏଁ ପଢ଼ା ଟେବୁଲ୍ ପାଖରେ ବସି ପାରନାହିଁ, ଢୁଳେଇ ଢୁଳେଇ ବାରମ୍ବାର ଟେବୁଲ୍ ଉପରେ ମୁଣ୍ଡ ପିଟୁଥାଏ, ସେ ରାତି ଗୋଟାଏ ଯାଏଁ ଲେଖାପଢ଼ା କରୁଛି ! ଆରେ କ'ଣ

 Download Magazine from www.aahwaan.com

ଲେଖୁଛୁ ଦେଖି ?" ମୁଁ କହିଲି, "ନା, ଏ କିଛି ନୁହେଁ ।" ସେ ମୋଠାରୁ ଛଡାଇ ନେଇ ଦେଖିଲା ଚିଠିଟି । ଏତେ ବେଳକୁ ସବୁ ସାଙ୍ଗ ଉଠି ସାରିଥିଲେ । ସମସ୍ତେ ଏକ ସ୍ୱରରେ କହିଲେ, "ଆରେ ତୁ ବି ଶେଷରେ ଏ ରୋଗର ଶିକାର ? ଆମେ ଭାବିଥିଲୁ ଆମେ ସିନା ଛତେରା ବାତେରା ଟୋକା, ଝିଅମାନଙ୍କ ପଛରେ ଗୋଡାଇ ଗୋଡାଇ ଏ ରୋଗର ଶିକାର ହେଉ । ହେଲେ ତୋ ଭଳି ଶାନ୍ତ ସୁଧାର ପିଲା ହେଲେ...... ଆରେ ଭାଇ ଆଉ ମୁକ୍ତି ନାହିଁ ଏ ରୋଗରୁ । ବୟସ ହେଲେ ସମସ୍ତଙ୍କୁ ସଂକ୍ରମିତ ହୋଇଯାଏ ପ୍ରେମର ଏଇ ଏଡସ୍ ।"

ଗୋପବନ୍ଧୁ ହାଇସ୍କୁଲ,

ପୋଲସରା, ଗଞ୍ଜାମ  ପିନ୍-୭୬୧୧୦

ମୋବାଇଲ୍-୯୮୬୧୭୩୨୨୫୬,

E-mail- subhakantasahu@rocketmail.com

# ଅନୁବାଦ ବିଭାଗ

Download Magazine from www.aahwaan.com

# ଅନ୍ତିମ ସଂସ୍କାର



ଦୀପକ ଷଡ଼ଙ୍ଗୀ

ମୂଳ ହିନ୍ଦୀ ରଚନା : ମୁନସୀ ପ୍ରେମଚନ୍ଦ୍

ଓଡ଼ିଆ ଭାବାନୁବାଦ : ଦୀପକ ଷଡଙ୍ଗୀ

*[ଲେଖକ ପରିଚୟ : ମୁନସୀ ପ୍ରେମଚନ୍ଦ୍ (୧୮୮୦ -୧୯୩୬) ହେଉଛନ୍ତି ଜଣେ ବିଖ୍ୟାତ ହିନ୍ଦୀ ଏବଂ ଉର୍ଦ୍ଦୁ ସାହିତ୍ୟର ଯୁଗ ସ୍ରଷ୍ଟା ଗାଳ୍ପିକ ଓ ଔପନ୍ୟାସିକ । ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସ ଗୋଦାନ୍, ନିର୍ମଳା, ରଙ୍ଗଭୂମି, କାୟାକଳ୍ପ, ଗବନ୍ ଇତ୍ୟାଦି ହିନ୍ଦୀ ଓ ଉର୍ଦ୍ଦୁ ସାହିତ୍ୟର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ । ଉପନ୍ୟାସ ବ୍ୟତୀତ ସେ ବହୁତ ଗୁଡିଏ କ୍ଷୁଦ୍ରଗଳ୍ପ ମଧ୍ୟ ରଚନା କରିଥିଲେ ଯେପରି ପଞ୍ଚ ପରମେଶ୍ୱର, ବଡେ ଭାଇ ସାହାବ୍, ଦୁର୍ଗା କୀ ମନ୍ଦିର୍ ଆଦି । ପ୍ରଦତ୍ତ ଗଳ୍ପଟି ୧୯୩୬ ମସିହାରେ ତାଙ୍କ ଦ୍ୱାରା ରଚିତ ଶେଷ ଗଳ୍ପ "କଫନ୍"ର ଏକ ଭାବାନୁବାଦ । ]*

ଘିଶୁ ଚମାର ଆଉ ତା ପୁଅ ମାଧିଆ ବାପା ପୁଅ ଦୁଇ ଜଣ ଯାକ ପକା ଅଳସୁଆ । କିଛି କାମ କରନ୍ତି ନାହିଁ ଘରେ ବସି ଖାଲି ଖାଇବେ ଓ ଶୋଇବେ । ମାଧିଆ ସ୍ତ୍ରୀ ଚମ୍ପା ଘର ଭିତରେ ପ୍ରସବ ବେଦନାରେ ଛଟପଟ ହଉଥାଏ । ଏପଟେ ଘିଶୁ ଆଉ ତା ପୁଅ ମାଧିଆ କଥାବାର୍ତ୍ତା ହଉଥାଆନ୍ତି । ଘିଶୁ କହିଲା "ଆରେ ଯାଉନୁ ଦେଖିବୁ ସେ ଛୁଆ ଜନ୍ମ କଲା କି ନାଇଁ ? ଏତେ ଜୋରରେ ଚିତ୍କାର କରୁଛି ଯେ ଲାଗୁଛି ଯେ ଆଉ ଟିକେ ପରେ ମରିଯିବ । ତୁ ଯାଉନୁ ଦେଖିବୁ କଣ ହେଲା ତା'ର ?" ମାଧିଆ ମୁଣ୍ଡଟାକୁ ଟୁଙ୍ଗାରି ଦେଇ କହିଲା "ମରିଯାଉ ସେ ତା' କଷ୍ଟ ଆଉ ମୁଁ ଦେଖି ପାରୁନି ।" ଏତିକି କହିଦେଇ ମାଧିଆ ଚୂଲିରେ ଆଳୁ

Download Magazine from www.aahwaan.com

ପୋଡ଼ିବାକୁ ଲାଗିଲା ।

ବାପପୁଅ ଦୁଇଜଣ ଦିନେ କାମକୁ ଗଲେ ତିନିଦିନ ସେଇ ପଇସାରେ ଚଳିଯାଆନ୍ତି । ସବୁଆଡୁ ଧାରକରଜରେ ବୁଡିକି ରହି ଥାଆନ୍ତି । ଲୋକମାନେ ବି ବହୁତ ଗାଳି ଗୁଲଜ କରନ୍ତି; କିନ୍ତୁ ଲୋକଙ୍କ କଥାରେ ବାପପୁଅଙ୍କର କିଛି ଖାତିର ନ ଥାଏ । ଯେବେ ଠାରୁ ଚମ୍ପା ବୋହୁ ହୋଇ କି ଆସିଲାଣି ସେବେ ଠାରୁ ଝଗଡାଝାଣ୍ଟି କରାଇ ବାପପୁଅ ଦୁଇଜଣଙ୍କୁ ବଡ କଷ୍ଟରେ କାମକୁ ପଠାଏ । ଘିଶୁର ସ୍ତ୍ରୀ ଏ ବାପପୁଅଙ୍କ ଜାଳା ସହିନପାରି ଦଶବର୍ଷ ହେଲାଣି ଆରପାରିକୁ ଚାଲିଗଲାଣି ।

ଚମ୍ପାର ପ୍ରସବ ବେଦନା ସେମିତି ହେଉଥାଏ । ଏପଟେ ବାପପୁଅ ଦୁଇଜଣ ଚୁଲିରେ ଆଳୁକୁ ପୋଡି ଭାତ ସହ ଲଗେଇ ଖାଇଦେଇ ଆରାମରେ ଘର ବାରଣ୍ଡାରେ ଶୋଇ ପଡିଲେ । ସକାଳୁ ଉଠି ଦେଖନ୍ତି ତ ଚମ୍ପା ଗର୍ଭଯନ୍ତ୍ରଣା ସହି ନ ପାରି ମରିଯାଇଛି ଏବଂ ପେଟ ଭିତରେ ଥିବା ତା ପିଲାଟା ବି ନଷ୍ଟ ହୋଇଯାଇଛି ।

ଏବେ ବାପପୁଅ କରିବେ କ'ଣ ? ଦୁଇଜଣଙ୍କ ମୁଣ୍ଡରେ ଚଡକ ପଡିଲା । ସଂସ୍କାର କରିବା ପାଇଁ ତ ପାଖରେ କାଣୀକଉଡିଟିଏ ବି ନାହିଁ । ଏମିତି ଚିନ୍ତା କରି କରି ଯାଇ ସେମାନେ ଗାଁ ମହାଜନ ପାଖରେ ପହଞ୍ଚିଲେ । ଗାଁ ମହାଜନ ଏ ବାପପୁଅ ଦୁଇ ଜଣଙ୍କୁ ଠିକ୍ ଚିହ୍ନିଛି । ବାପପୁଅ ଦୁଇଜଣଙ୍କୁ ଦେଖି ମହାଜନ ପଚାରିଲେ "କିରେ ଘିଶୁ କଣ ହେଲା ? ଏତେ ସକାଳୁ ସକାଳୁ ମାଧିଆକୁ ଧରି କୁଆଡେ ଆସିଛୁ ? ଘିଶୁ ଚମାର କାନମୁଣ୍ଡା ଆଉଁସି ଆଉଁସି ବଡ କାକୁତିମିନତି ହେଇ କହିଲା, "ଆଜ୍ଞା ! କାଲି ରାତିରେ ବୋହୁଟା ପିଲା ଜନ୍ମ କରି ନ ପାରି କଷ୍ଟ ସହି ମରିଗଲା । ଆମ ପାଖରେ ତ ଖାଇବା ପାଇଁ ପଇସା ନାହିଁ, ଆଉ ତା'କୁ ପୋଡିବୁ କେମିତି ? ଆପଣ ଯଦି କିଛି ପଇସା ସାହାଯ୍ୟ କରନ୍ତେ ତେବେ ବଡ ଧର୍ମ

Download Magazine from www.aahwaan.com

ହୁଅନ୍ତା ଆପଣଙ୍କର ।” ମହାଜନ ବାପପୁଅ ଦୁଇଜଣଙ୍କୁ ଟିକେ ସନ୍ଦେହ ଦୃଷ୍ଟିରେ ଦେଖିଲା ବେଳକୁ ଏତିକି ବେଳେ ମାଧିଆ ବିକଳ ହେଇ କାନ୍ଦି କାନ୍ଦି ମହାଜନଙ୍କ ଗୋଡ ଧରି ପକେଇଲା ଆଉ କହିଲା “ସାଆନ୍ତେ ! ଆମକୁ କିଛି ପଇସା ସାହାଯ୍ୟ କରନ୍ତୁ, ନ ହେଲେ ମୋ ସ୍ତ୍ରୀର ଶବ ସତ୍କାର ବି ହେଇ ପାରିବନି ।” ମହାଜନ କହିଲେ “ହଉ ହଉ ଉଠ୍ ଏଇ ନେ ଦଶ ଟଙ୍କା ।” ଘିଶୁ ହାତକୁ ଟଙ୍କା ବଢେଇ ଦେଇ କହିଲେ, “ଯା ବୋହୁର ସଂସ୍କାର କାମଟା ଶୀଘ୍ର ସାରି ଦେ ।” ବାପପୁଅ ମହାଜନଙ୍କ ଠାରୁ ଦଶ ଟଙ୍କା ପାଇଗଲେ, ସେମିତି ଘର ଘର ବୁଲି ବୋହୁ ମରିବା କଥା କହି ଗାଁ ବାଲାଙ୍କ ଠାରୁ ମଧ୍ୟ ଆହୁରି ଦଶ ଟଙ୍କା ସେମାନେ ସଂଗ୍ରହ କରି ନେଲେ । କିଛି ଗାଁ ଲୋକ ଶବ ସତ୍କାର ପାଇଁ କାଠ, ଘିଅ, ବାଉଁଶ ଇତ୍ୟାଦି ଅବଶ୍ୟକୀୟ ସାମଗ୍ରୀ ଯୋଗାଡ ବି କରିଦେଲେ । ତା’ପରେ ଗାଁ ବାଲା ବାପପୁଅଙ୍କୁ କହିଲେ “ତୁମେ ମାନେ ଏବେ ଯାଅ ଗାଁ ହାଟରୁ ଶବକୁ ଘୋଡେଇବା ପାଇଁ ନୂଆ ଧଳାଲୁଗା ଗୋଟେ ନେଇ ଆସିବ । ତମେମାନେ ଆସିବା ପରେ ଶବକୁ ସେଥିରେ ଘୋଡେଇ କି ନେଇ ଗାଁ ମସାଣିରେ ପୋଡି ଦେବା ।” ଗାଁ ବାଲାଙ୍କ କଥା ମାନି ବାପପୁଅ ଚାଲିଲେ ସେଇ ପଇସାକୁ ଧରି ଗାଁ ହାଟକୁ ନୂଆ ଲୁଗା କିଣିବା ପାଇଁ । ହାଟ ବୁଲୁବୁଲୁ ବାପପୁଅଙ୍କ ନଜର ପଡିଲା ମଦ ଦୋକାନ ଉପରେ; ଘିଶୁ ମାଧିଆକୁ କହିଲା “ଆରେ ଆମ ପାଖରେ ତ କୋଡିଏ ଟଙ୍କା ଅଛି । ଚାଲ୍ ପାଞ୍ଚଟଙ୍କାର ଟିକେ ମାରିଦେବା, ଅବଶିଷ୍ଟ ପଇସାରେ ଆମେ ଲୁଗା କିଣିବା ।” ବାପା କଥାରେ ରାଜି ହୋଇଗଲା ମାଧିଆ । ଦୁଇଜଣ ଯାକ ପାଞ୍ଚଟଙ୍କାର ମଦ ପିଇ ସାରିବା ପରେ ମାଧିଆ ଆଖି ପଡିଲା ପାଖ ମିକ୍ସଚର ଦୋକାନ ଉପରେ ସେ ତା ବାପାକୁ କହିଲା “ବାପା ! ଖାଲି ମଦ ପିଇଲେ ଜମା ଭଲ ଲାଗିଲାନି, ଚାଲ ମଦ ସହ ଟିକେ ମିକ୍ସଚର ମିଶେଇକି ଖାଇବା ଓ ପିଇବା ।” ଘିଶୁ ସଙ୍ଗେସଙ୍ଗେ ଆଉ ପାଞ୍ଚ ଟଙ୍କାର ମଦ ଓ ମିକ୍ସଚର ନେଇ ଆସି

 Download Magazine from www.aahwaan.com

ପିଇକି ଚୁର୍ ହେଇଗଲେ ବାପପୁଅ ଦୁଇଜଣ । ମଦ ନିଶା ଟିକେ ଖସିବାରୁ ମାଧିଆ କହିଲା "ଚମ୍ପାପାଇଁ ଲୁଗା ନବାପରା, ସେପଟେ ଗାଁ ବାଲା ଆମକୁ ଅପେକ୍ଷା କରି ବସି ଥିବେ ଯେ, ଆମେ ଲୁଗା ନେଇ କି ଗଲେ ଚମ୍ପାର ଶବ ପୋଡା ହବ ।" ଘିଶୁ ଚମାର ମଦ ନିଶାରେ ଚୁର୍ ହେଇ କହିଲା, "ହେ ଛାଡ୍ ସେ ଲୁଗାଫୁଗା କଥା, ଲୁଗା ନେଇ କି ଗଲେ ଚମ୍ପା କ'ଣ ତାକୁ ପିନ୍ଧିବ ? ତା ଉପରେ ଖାଲି ଘୋଡା ହବ ଆଉ ଶେଷରେ ଗାଁ ବାଲା ତା ସହ ସେ ଲୁଗାକୁ ବି ପୋଡି ଦେବେ । ତେଣୁ ତା ପାଇଁ ଆଉ ଲୁଗା ନବା ଦରକାର ନାହିଁ । ଆଉ ଯୋଉ ବଳକା ଟଙ୍କା ରହିଲା ଚାଲ୍ ଆମେ ଆଉ ଟିକେ ପିଇ ଦବା ଓ ପେଟ ଭରି କି ଖାଇ ଦେବା । ଚମ୍ପାର ଇଛା ଥିଲା ଯେ ଆମେ ସବୁବେଳେ ଭଲରେ ଖାଇପିଇ କି ରହୁ, ତେଣୁ ସେ ମଲା ପରେ ଆମକୁ ତା'ର ଶେଷ ଇଛାକୁ ପୂରଣ କରିବାକୁ ପଡିବ କି ନାହିଁ ?" ମାଧିଆ ସବୁ ବୁଝିଗଲା ପରି ମୁଣ୍ଡ ଟୁଙ୍ଗାରି ହଁ ଭରିଲା ଓ ବଡ ବିବ୍ରତ ହେଇ ପଚାରିଲା, "କିନ୍ତୁ ଆମେ ନ ଗଲେ ଚମ୍ପାର ଶବକୁ ପୋଡିବ କିଏ ?" ଘିଶୁ ହସିହସି କହିଲା, "ତୁ ଜମା ବ୍ୟସ୍ତ ହଅନା, ଯୋଉ ଲୋକମାନେ ଏତେ ପଇସା ଓ ସବୁ ସାମଗ୍ରୀ ଯୋଗେଇ ସାରିଲେଣି ସେମାନେ କଣ ଏତେବେଳ ଯାଏଁ ଆମ ଲୁଗା ଆଣିବାକୁ ଅପେକ୍ଷା କରି ଶବକୁ ରଖି ବସିଥିବେ । ସେମାନେ ସବୁ କାମ ସାରି ଦେବେଣି ।" ତା'ପରେ ଘିଶୁ ଓ ମାଧିଆ ଅବଶିଷ୍ଟ ପଇସାରେ ଆଉ ଦୁଇ ବୋତଲ ମଦ କିଣି ପିଇକି ନିଶାରେ ଟଳମଳ ହେଇ ସେଇ ମଦ ଦୋକାନ ଆଗରେ ଥିବା ନର୍ଦ୍ଦମା ଭିତରେ ଗଳି ପଡିଲେ ।

ସହକାରୀ ଅଧ୍ୟାପକ

ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ

ଖୋଡାସିଙ୍ଗି, ବ୍ରହ୍ମପୁର-୧୦

Download Magazine from www.aahwaan.com

# ସ୍ୱୀକୃତି



ଦେବସ୍ମିତା ବେହେରା

ମୂଳ ହିନ୍ଦୀ-ଡଃ ନରେନ୍ଦ୍ର ଚର୍ତୁବେଦୀ

ଅନୁବାଦ-ଦେବସ୍ମିତା ବେହେରା

ସୁଲଭା କଲେଜରେ ହିନ୍ଦୀ ପଢାଏ । ଶିକ୍ଷାଗତ ଯୋଗ୍ୟତା ପି.ଏଚ.ଡି । କଲେଜରେ ପଢେଇବା ବ୍ୟତୀତ ସେ ଜଣେ ଲେଖିକା । ବିଭିନ୍ନ ପତ୍ର ପତ୍ରିକାରେ ନିୟମିତ ସୁଲଭାର ଲେଖା ପ୍ରକାଶିତ ହୁଏ । ସ୍ୱାମୀ ବଞ୍ଚିଥିବା ବେଳେ, ପିଲାଙ୍କର ପାଠପଢ଼ା ସେ ହିଁ ଦେଖୁଥିଲେ । ହେଲେ ତାଙ୍କ ମୃତ୍ୟୁ ପରେ ଘର ଆଉ ବାହାରର ସବୁ ଦାୟିତ୍ୱ ସୁଲଭାକୁ ହିଁ ଉଠେଇବାକୁ ପଡୁଥିଲା । ବଡପୁଅ ନାନୁ ଇଞ୍ଜିନିୟରିଂ ପଢା ଶେଷ କରି ଏବେ ବାଙ୍ଗାଲୋରରେ ଚାକିରୀ କରୁଛି ଆଉ ସାନ ପୁଅ ଛୋଟୁ ଇଞ୍ଜିନିୟରିଂର ଶେଷ ବର୍ଷରେ ଅଛି ।

ନାନୁର ଫୋନ୍ ଆସିଥିଲା ବାଙ୍ଗାଲୋରରୁ । ସେ କିଛି ଦିନ ପାଇଁ ଛୁଟି ନେଇ ଆସୁଥିଲା ଘରକୁ ।

ନାନୁର ଆସିବା ଖବରରେ ବହୁତ ଖୁସିଥିଲା ସୁଲଭା । ସେ ନାନୁର ମନ ପସନ୍ଦର ଜିନିଷ ସବୁ କିଣି ଆଣୁଥିଲା କଲେଜରୁ ଫେରିବା ବେଳେ । ତା'ର ମନେ ଅଛି ତା'ର ହାତ ରନ୍ଧା ଖାଇବା ଖାଇବାକୁ ପସନ୍ଦ କରେ ନାନୁ । ଯଦି କୈଣସି ପାର୍ଟିକୁ ଯିବାକୁ ପଡୁଥିଲା, ସେଠୁ ଫେରିବା ପରେ ସେ ଜିଦ୍ କରି କିଛି ନା କିଛି ଖାଇବା ସୁଲଭା ଦ୍ୱାରା ତିଆରି କରେଇ ଖାଉଥିଲା । ଆଉ କହୁଥିଲା, "ମମି ସେଠି ପେଟ ପୁରିଲାନି ।"

ତା'ର ଏହି ପଦକ କଥାରେ ଖୁସିରେ ଗଦ୍ ଗଦ୍ ହୋଇ ଯାଉଥିଲା ସୁଲଭା ।

ସମୟ କେତେ ଶୀଘ୍ର ବିତିଗଲା । ଦିନେ ନାନୁ ସୁଚନା ଦେଲା, "ମମି କମ୍ପାନୀ ତରଫରୁ ଆମ ସହରରେ ଅଫିସ୍‌ଟେ ଖୋଲିବାକୁ ଯାଉଛି, ବୋଧହୁଏ ମୋର ଟ୍ରାନ୍‌ସଫର ହୋଇଯାଇପାରେ ।"

"ସତରେ.. !" ଖୁସିରେ କିଛି ସମୟ ପାଇଁ ନାଚି ଉଠିଲା ସୁଲଭା ।

"କଣ ଭାଇ.. ତମେ ସତରେ ଘର ପାଖକୁ ଆସୁଛ.. ?" ସୁଲଭା ଭଳି ଛୋଟୁ ମଧ୍ୟ ଖୁସିରେ ନାଚି ଉଠିଲା ।

"ହଁ..", ନାନୁ କହିଲା, "ଦରମା ପ୍ୟାକେଜ୍ ଯାହା ଅଛି ସେଇଆ ରହିବ ।"

"ତୁମେ ତା'ହେଲେ କେବେ ଆସିବ.. ?" ଛୋଟୁ ପଚାରିଲା ।

"ମାସେ ନ ନେଲେ ଦୁଇମାସ ଲାଗିଯିବ ।" କହିଲା ନାନୁ ।

"ସୁଲଭା କହିଲା, ଠିକ୍ ଅଛି, ତୋ ରୁମ୍ ଆଉ ଡ୍ରଇଂରୁମ୍‌କୁ ତା'ହେଲେ ନୂଆ ରଙ୍ଗ କରେଇଦେବି ।"

"ସେ ସବୁ ହୋଇଯିବ ମମ୍ମି... ଏତେ ଜଲ୍‌ଦି କ'ଣ ପାଇଁ ?" କହିଲା ନାନୁ ।

"ଛୁଟିରେ ଘରକୁ ଆସିଲା ନାନୁ । ଦିନେ ନାନୁ କହିଲା, ମମ୍ମି ଆଜି ସନ୍ଧ୍ୟାରେ ମୋର ଜଣେ ସାଙ୍ଗ ଆମ ଘରକୁ ଆସିବ ବୁଲିବାକୁ । ତା' ନାଁ ହେଲା ଛାୟା ।

"କ'ଣ.. ?" ସୁଲଭା ଟିକିଏ ଚମକି ପଡିଲା ।

"ହଁ..ସେ ମୋ ସହିତ କାମ କରେ । ସେ ମୋ ସହିତ ଏମ୍.ବି.ଏ କରୁଥିଲା । ତା' ବାପା ବମ୍ବେରେ ପୋଲିସ୍ ଅଫିସର ଅଛନ୍ତି । ଛାୟା ଏହି ସହରକୁ ଆସିଛି ବୋଲି ଫୋନ୍ କରିଥିଲା । ତେଣୁ ମୁଁ ଆଜି ତାକୁ ଆମ ଘରକୁ ଡାକିଛି ।"

 Download Magazine from www.aahwaan.com

"ଠିକ୍ ଅଛି !" ସୁଲଭା କଲେଜ୍ ବାହାରିଲା ବେଳକୁ କହିଲା, "ମୁଁ ଫେରିବା ସମୟରେ ରୋଷେଇ ସାମଗ୍ରୀ ସାଙ୍ଗରେ ନେଇ ଆସିବି । ହଁ.., ଆଉ କାହାକୁ ଡାକିନୁ ତ ?"

"ଆଉ କାହାକୁ.. ?"

"ତୋର ଦାଦାଙ୍କୁ ?"

"ନା.. ନା.. ଏବେ ତାଙ୍କୁ ଏ ବିଷୟରେ କିଛି କହିନି ।"

"ଠିକ୍ ଅଛି.." କହି ସୁଲଭା ଚାଲିଗଲା । ଯେଉଁ ନାନୁ ଆସିବା ମାତ୍ରେ ପ୍ରଥମେ ଦାଦାଙ୍କ ଘରକୁ ଦଉଡି ଯାଉଥିଲା, ସେ ଆଜି ଦାଦଙ୍କ ନାଁ ଶୁଣି ଚୁପ୍ ହୋଇଗଲା ! ଟିକିଏ ହସିଦେଲା ମନେ ମନେ ସୁଲଭା ।

କଲେଜରେ କୌଣସି କାମରେ ତା'ର ମନ ଲାଗିଲା ନାହିଁ । ତାକୁ ପ୍ରିନ୍ସିପାଲ୍ ଡକେଇଥିଲେ, ହେଲେ ପଛରେ ଯିବ ବୋଲି କହି ସେ ଆଉ ତାଙ୍କ ଚାମ୍ବରକୁ ଗଲାନି । କଲେଜରୁ ଫେରିବା ବେଳେ ପାଠକ ମିଠା ଦୋକାନ ପାଖରେ ଗାଡ଼ିକୁ ପାର୍କ କରି ନାନୁର ପସନ୍ଦର ନମ୍‌କିନ୍ ଆଉ କିଛି ମିଠା କିଣିଲା । ପାଖ ଦୋକାନରୁ କିଛି ତରକାରୀ ମଧ୍ୟ କିଣି ନେଲା ସେ । ଜଲ୍‌ଦି ଜଲ୍‌ଦି ଘରକୁ ଆସି ଦେଖିଲା ବେଳକୁ ଯେଉଁ ନାନୁ ଅଳସୁଆଙ୍କ ପରି ସବୁବେଳେ ଦିୱାନରେ ଶୋଇଥାଏ, ଆଜି ସେ ପୁରା ଡ୍ରଇଂରୁମ୍, ଡାଇନିଙ୍ଗ୍, କିଚେନ୍‌କୁ ସଫା କରି ସଜେଇ ଦେଇଥିଲା । ଏହା ପୂର୍ବରୁ ତ କେବେ ହେଲେ ଘରକୁ ସଫା କରି ନଥିଲା ନାନୁ ! ତା' ଓଠରେ ଅନାୟାସର ହସ ଖେଳିଗଲା ।

"ଲାଗୁଛି ଏବେ ନାନୁ ଦାୟିତ୍ୱବାନ ହୋଇଗଲାଣି ।" ଗୁଣୁଗୁଣୁ ହୋଇ କହିଲା ସୁଲଭା । ତା'ର ଠିକ୍ ସେତିକି ବେଳେ ତା' ସାଙ୍ଗ ଶିବାଙ୍ଗୀର କଥା ମନେ ପଡିଗଲା । ସେ କହିଥିଲା, "ଶୁଣ ଯେତେବେଳେ ପୁଅ ନିଜେ ରୋଷେଇ ଘରେ ପଶି ରୋଷେଇ କରିବାରେ ଆନନ୍ଦ

 Download Magazine from www.aahwaan.com

ଅନୁଭବ କରିବାକୁ ଲାଗିବ, ସେତେବେଳେ ବୁଝିଯିବୁ ଯେ ତା'ର କୌଣସି ଝିଅ ସହିତ ଚକ୍କର ଅଛି । ଆଜିକାଲି ପୁଅମାନେ ରୋଷେଇ ଘରକୁ ଯାଇ ଝିଅମାନଙ୍କୁ ସରପ୍ରାଇଜ୍ ଦେବାକୁ ଚାହାନ୍ତି ।"

ତା'ହେଲେ କ'ଣ.. ନାନୁ କୌଣସି ଝିଅକୁ ପସନ୍ଦ କରି ସାରିଛି ? ମନେ ମନେ ଭାବି ସେ ବାଥରୁମ୍ ଯାଇ ଶାଢୀ ଚେଞ୍ଜକଲା । ଆଜି ବହୁତ ଦିନ ପରେ ତା'ର ଅଙ୍କିତ ମନେ ପଡିଗଲେ ।

ଏହି ବାଥରୁମରେ ନିଜର ଶେଷ ନିଃଶ୍ୱାସ ତ୍ୟାଗ କରଥିଲେ ଅଙ୍କିତ ।

ବାଥରୁମରେ ତାଙ୍କର ଷ୍ଟ୍ରୋକ୍ ହୋଇଥିଲା । "ନାନୁ.. ବାସ୍ କେବଳ ଏତିକି କଥା ସେ ଶୁଣି ପାରିଥିଲା ।" କବାଟକୁ ଧକ୍କା ଦେଇ ଖୋଲିବାକୁ ପଡିଥିଲା । କବାଟ ଖୋଲିବା ପରେ ଜଣା ପଡିଲା ହାର୍ଟଆଟାକ୍ ବୋଲି । ହସ୍ପିଟାଲକୁ ନେଲା ବେଳେ ନିଜର ଶେଷ ନିଃଶ୍ୱାସ ତ୍ୟାଗ କରି ସାରିଥିଲେ ଅଙ୍କିତ ।

ସେତେବେଳେ ନାନୁ ଆଉ ଛୋଟୁ ସ୍କୁଲରେ ପଢୁଥିଲେ ।

ଅଙ୍କିତଙ୍କ ମୃତ୍ୟୁ ପରେ ଯନ୍ତ୍ରବତ୍ ଚାଲୁଥିଲା ସେ । ଶାଶୁ-ଶ୍ୱଶୁର ତା' ସହିତ ରହୁଥିଲେ । ଦିଅର-ଦିଅରଙ୍କ ସ୍ତ୍ରୀ, ତାଙ୍କ ପିଲାମାନେ, ଆଉ ଅନ୍ୟମାନେ । ଯେତେବେଳେ ଆସନ୍ତି ଏଇଠି ତା' ପାଖରେ ରୁହନ୍ତି । ଅଙ୍କିତ ମଧ୍ୟ ଏହା ହିଁ ଚାହୁଁଥିଲେ । ନିଜର ବାପା-ମାଙ୍କୁ ବହୁତ ଭଲ ପାଉଥିଲେ ଅଙ୍କିତ । କେବେ ବି ଅଙ୍କିତଙ୍କ ଇଚ୍ଛାର ଅନାଦର କରିନଥିଲା ସୁଲଭା । ଏହି ଛୋଟ ଘରେ ନିଜ ଶାଶୁ-ଶ୍ୱଶୁର ଆଉ ପିଲାମାନଙ୍କ ସହିତ ରହୁଥିଲା ସେ ଅଙ୍କିତଙ୍କ ମୃତ୍ୟୁ ପରେ । ସକାଳୁ ସକାଳୁ ଘରର ସବୁ କାମ ସାରିଦେଇ ସେ କଲେଜ ଯାଏ,

 Download Magazine from www.aahwaan.com

ଆଉ ଫେରିବା ବେଳକୁ ଘର ପାଇଁ ଜରୁରୀ ଜିନିଷ ସବୁ କିଣି ନେଇ ଆସେ । ସନ୍ଧ୍ୟାରେ ପୁଣି ରୋଷେଇ କାମରେ ବ୍ୟସ୍ତ ହୋଇଯାଏ ।

ନାନୁ କେତେବେଳେ ବଡ ହୋଇଗଲା, ଜଣା ପଡିଲାନି ତାକୁ । ସେ ବମ୍ବେର ଆଇ.ଆଇ.ଟିରୁ ଇଞ୍ଜିନିୟରିଂ କରି ସାରିବା ପରେ ସେଇଠି ଏମ.ବି.ଏ କରି ଚାକିରୀ ପାଇଁ ବାଙ୍ଗାଲୋର୍ ଚାଲିଗଲା, ସତେ ଯେମିତି ତାର ସାଧନା ପୂରା ହୋଇଗଲା । ଅଙ୍କିତ ଯେଉଁ କାମକୁ ଅଧାରୁ ଛାଡି ଚାଲି ଯାଇଥିଲେ, ଆଜି ତାକୁ ସେ ପୁରା କରିଦେଲା । ଶାଶୁ-ଶ୍ୱଶୁରଙ୍କର ଦେହାନ୍ତ ଯେତେବେଳେ ହେଲା ସବୁ କାମ ଏକୁଟିଆ କରିଥିଲା ସୁଲଭା । ଏଇ ଛୋଟ ଘର ତାକୁ ବଡ ଲାଗୁଥିଲା । ବେଳେ ବେଳେ ଛୁଟିରେ ନାନୁ ଘରକୁ ଆସିଲେ ଗହଳି ଚହଳିରେ ପୁରି ଉଠୁଥିଲା ଘରଟା ।

ଆଜି ଏତେ ଦିନପରେ, ସୁଲଭାକୁ ଲାଗୁଥିଲା ସତେ ଯେମିତି କୌଣସି ଅଜଣା ବାସ୍ନାର ମହକରେ ପୁଣିଥରେ ତା' ଘର ମହକୁଛି । ସେ ଆଜି ବହୁତ ଦିନ ପରେ ନିଜ ପସନ୍ଦର ଶାଢୀ ପିନ୍ଧିଲା, ଆଉ ମୁହଁରେ ହାଲ୍କା ମେକଅପ୍ ଟିକିଏ କଲା । ଛୋଟୁ ନିଜର ନୂଆ ଜିନ୍ସ୍ ଆଉ ସାର୍ଟ ପିନ୍ଧିଲା ।

ସନ୍ଧ୍ୟା ହେଉ ହେଉ ହଠାତ୍ ଘର ସାମନାରେ ଗୋଟିଏ କାର୍ ଆସି ଅଟକିଲା । ନାନୁ ଥିଲା ବାହାରେ । ସେ ଛାୟାକୁ ଭିତରକୁ ପାଛୋଟି ଆଣିଲା ।

ସତରେ ବହୁତ ସୁନ୍ଦର ଥିଲା ଛାୟା । ତାକୁ ଦେଖିଲା ମାତ୍ରେ ତା'ରୂପରେ ମୁଗ୍ଧ ହୋଇଗଲା ସୁଲଭା । ଲମ୍ବା, ପତଳା ଶରୀର, ଗୌର ବର୍ଣ୍ଣ ଆଉ ଟଣା ଟଣା ଗାଢ଼ କଳା ଆଖି । ହାଲୁକା ମେକ୍ ଅପରେ ମଧ୍ୟ ସୁନ୍ଦର ଲାଗୁଥିଲା ଛାୟା ।

 Download Magazine from www.aahwaan.com

ନାନୁ ସମସ୍ତଙ୍କ ସହିତ ଛାୟାର ପରିଚୟ କରେଇଦେଲା । ଛାୟା ନଇଁ ପଡି ସୁଲଭାର ପାଦ ଛୁଇଁବାକୁ ଚାହୁଁଥିଲା । ହେଲେ ସୁଲଭା ତାକୁ କୁଣ୍ଢେଇ ପକାଇ ମନା କରି କହିଲା, ଆମ ଘରେ ଝିଅମାନେ ପାଦଛୁଇଁ ମୁଣ୍ଡିଆ ମାରନ୍ତି ନାହିଁ ।

"ଆଉ ଛୋଟୁ.. କେମିତି ଅଛ ?" ସେ କହିଲା ।

ଛୋଟୁ ନିଜ ନାଁ ଶୁଣି ଟିକିଏ ଚମକି ପଡିଲା ।

"ମୋତେ ତୁମ ନାଁ ଜଣା ଅଛି, ଏହାକୁ ନିଅ..ଅ ।" ସେ ଆଇପଡ୍ ଦେଇ କହିଲା ।

"ଏହା କ'ଣ.. ?"

"ଗିଫ୍ଟ ।"

ଛୋଟୁ ନିଜ ଗିଫ୍ଟ ଦେଖି ଖୁସି ହୋଇଗଲା ।

ଛାୟା ସହିତ କଥାବାର୍ତ୍ତାରୁ ଜଣା ପଡିଲା ଯେ, ତା' ବାପାଙ୍କର ପ୍ରମୋଶନ ହେବାର ଅଛି । ବହୁତ ଶୀଘ୍ର ସେ ଆଇ.ପି.ଏସ. ହୋଇଯିବେ । ତା ମା' ଟିଚର ଅଛନ୍ତି, ଗୋଟିଏ ଭାଇ ଅଛି, ଯିଏ ଏବେ କଲେଜରେ ପଢୁଛି । ସେ ବମ୍ବେରୁ ଇଞ୍ଜିନିୟରିଂ କରିଛି, କିନ୍ତୁ ଏମ.ବି.ଏ. ସେ ନାନୁ ସହିତ କରିଛି । ନାନୁ ଆଉ ସେ ଏକା କମ୍ପାନୀରେ ଚାକିରୀ କରୁଛନ୍ତି ।

ଶାନ୍ତ ଥିଲା ସୁଲଭା । ମନେ ମନେ ଭାବିଲା, ଭଲ ହେଲା ଏବେ ପିଲାମାନେ ନିଜେ ସବୁ କିଛି ଠିକ୍ କରିନେଉଛନ୍ତି । ଏହି କାମରୁ ତାକୁ ମୁକ୍ତି ମିଳିଗଲା । ହେଲେ.. ସେତିକିବେଳେ ଛାୟା ନାନୁର ରୁମରେ ଡ୍ରେସ୍ ଚେଞ୍ଜ କରିବା ପାଇଁ ଯାଇ ସେଇଠି ଅଟକି ଗଲା । ନାନୁର ରୁମରୁ କିଚେନକୁ ଆସିବା ବାଟରେ ଗୋଟିଏ ବାଥରୁମ୍ ଥିଲା, ଯାହାର କବାଟ ନାନୁ ରୁମରେ ଖୋଲୁଥିଲା । ଆଉ ଦ୍ୱିତୀୟ କବାଟଟା କିଚେନ୍ ପଟେ । ଡାଇନିଙ୍ଗ୍

Download Magazine from www.aahwaan.com

ଟେବୁଲରୁ କପ୍ ପ୍ଲେଟ୍ ଉଠେଇଲା ବେଳେ ସୁଲଭା ଶାଢୀରେ କିଛି ସସ୍ ଢଳିଗଲା । ଏହା ଦେଖି ସେ ଚମକି ପଡି ତୁରନ୍ତ ବାଥରୁମ ଯାଇ ଶାଢୀକୁ ସଫା କରିବାକୁ ଲାଗିଲା ।

କିଛି ଶବ୍ଦ ଶୁଭିଲା ତାକୁ । ଧ୍ୟାନ ଦେଇ ଶୁଣିବାରୁ ଜାଣିପାରିଲା ଯେ ଏହା ଛାୟାର ସ୍ୱର ବୋଲି ।

"ନାନୁ, ଏହି ଛୋଟ ଘରେ ଆମେ କେମିତି ରହିପାରିବା ?"

"ନାନୁଁ ଚୁପ୍‌ଥିଲା ।"

ଶୁଣ, ଆମକୁ ବଡ ଫ୍ଲାଟ୍ ମିଳିବ କମ୍ପାନୀ ତରଫରୁ । ତୁମେ ଏବେ ଫ୍ଲାଟ୍ ପାଇଁ ଆପ୍ଲାଇ କରିଦିଅ । ଫ୍ଲାଟ୍ ମିଳିବାକୁ ଦୁଇ-ତିନ ମାସ ଲାଗିଯିବ । ମୁଁ ବାପାଙ୍କ ସହିତ କଥା ହୋଇଯିବି । ସେ ସେହି ଫ୍ଲାଟ୍‌କୁ ଠିକ୍‌ଠାକ୍ କରିଦେବେ । ଫର୍ନିଚର ସବୁ ସେହି ଫ୍ଲାଟ୍‌କୁ ଆସିଯିବ । ମା' କହୁଥିଲେ "ଆଜିକାଲି ବିଲଡର୍ସମାନେ ଘରକୁ ସଜା-ସଜ୍ଜି କରି ଦେଉଛନ୍ତି ବୋଲି ।"

"ହୁଁ, ହେଲେ ଛାୟା.."

"ଦେଖ, ଆମେ ଏତେ ଦିନ ହେଲାଣି ଏକାଠି ରହୁଛେ । ଆଉ ରହିଲା ବାହାଘର କଥା, ସେ ବିଷୟରେ ବାପା ଆସି ତୁମ ମା'ଙ୍କ ସହିତ କଥା ହୋଇଯିବେ । ଅକ୍ଟୋବର ମାସର ତାରିଖ ଅଛି । ତୁମ ମା' ଆଉ ଭାଇକୁ ବେଶୀ କିଛି କରିବାକୁ ପଡିବ ନାହିଁ । ବାପା କହିଛନ୍ତି, ସେ ସବୁ କିଛି କରିଦେବେ ।"

ସୁଲଭା ଆଉ ବାଥରୁମର ନଳକୁ ଖୋଲି ପାରିଲା ନାହିଁ । କିଛିକ୍ଷଣ ପାଇଁ ତା' ମୁଣ୍ଡ ବୁଲେଇଦେଲା ପରି ଲାଗିଲା । ଏଇଠି.. ଏଇଠି ଅଙ୍କିତ ପଡି ଯାଇଥିଲେ, ଆଉ ତା' ପରେ ନିଜକୁ ସମ୍ଭାଳି ପାରି ନଥିଲେ । ସେ କ'ଣ ଏତେ ବଡ ଝଡକୁ ଏକା ସମ୍ଭାଳି ପାରିବ ! ତାକୁ

Download Magazine from www.aahwaan.com

ଲାଗିଲା, ସତେ ଯେମିତି ଅଙ୍କିତ ସାମ୍ନାରେ ଥିବା ଦର୍ପଣରୁ ତାକୁ ଦେଖୁଛନ୍ତି, "ନା.. ସୁଲଭା.. ନା.., ହୋଶରେ ଆସ, ତୁମକୁ ଏବେ ବହୁତ କିଛି କରିବାକୁ ଅଛି ।"

ସୁଲଭା ଚୁପ୍‌ଚାପ୍ ମୁହଁ ଧୋଇ ବାଥରୁମରୁ ବାହାରି ଆସିଲା ।

ସାମ୍ନାରେ ଦିୱାନ ଥିଲା, ଛୋଟୁ ଆଉ ଛାୟା ସେଠି ବସି ଟି.ଭି. ଦେଖୁଥିଲେ । ନାନୁ ନିଜ ରୁମରେ ଥିଲା । ସୁଲଭା ସିଧା ତା'ରୁମ୍ ଆଡକୁ ଚାଲିଲା ଆଉ କହିଲା, ନାନୁ ତୁ ଏବେ ବଡ ହୋଇଗଲୁଣି । କାଲିକି ତୋ ବାହାଘର ହେବ । ମାନୁଛି ଏଇ ରୁମ୍‌ଟା ତୋର, ହେଲେ ଛୋଟୁ ଏବେ ଏଇଠି ପଢୁଛି । ଯଦି କିଛି ଖରାପ ନ ଭାବୁ, ତତେ ଗୋଟେ କଥା କହିବି । ତୁ ନିଜ କମ୍ପାନୀରେ କଥାବାର୍ତ୍ତା କରିଦେଖ । ଯଦି ସେମାନେ ଫ୍ଲାଟ୍ ଦେଉଚନ୍ତି, ତା'ହେଲେ ନେଇଯା । ଯେମିତି ଏ ଘର ତୋର, ସେମିତି ସେ ଘର ମଧ୍ୟ ତୋର ହେବ । ଆମେ ମଝିରେ ମଝିରେ ତୁମକୁ ଦେଖା କରିବାକୁ ସେଠିକି ଯିବୁ ଆଉ ତୁମେ ମାନେ ଦେଖା କରିବାକୁ ଏଠିକି ଆସିପାରିବ ।

କ'ଣ.. ? ଆଶ୍ଚର୍ଯ୍ୟ ହୋଇଗଲା ନାନୁ । କ'ଣ ମମ୍ମି ଛାୟାର କଥା ଶୁଣି ଦେଲେ କି ? ସେ ସୁଲଭାକୁ ଧ୍ୟାନର ସହିତ ଦେଖିଲା । ହେଲେ ସେହି ଶାନ୍ତ ସରୋବରରେ କୌଣସି ପ୍ରକାରର ହଲଚଲ୍ ନଥିଲା । ଅଙ୍କିତଙ୍କୁ ମୌନ ସ୍ୱୀକୃତି ଦେଇ ସମ୍ପୂର୍ଣ୍ଣ ଭାବରେ ଜୀବନ ସଂଗ୍ରାମରେ ଯୋଦ୍ଧାଟିଏ ହୋଇ ଲଢିବାକୁ ସ୍ଥିର କରିସାରିଥିଲା ସୁଲଭା ।

୨୧୭, ଭୋଇ ନଗର, ବାୟାବାବା ମଠ ଲେନ

ଭୁବନେଶ୍ୱର-୨୨

 Download Magazine from www.aahwaan.com

# ଉଫ୍... ଇୟେ ଲୈଲା..



ମଧୁସ୍ମିତା ପଟ୍ଟନାୟକ

ମୂଳ ରଚନା - ରେଣୁ ଶ୍ରୀବାସ୍ତବ

ଅନୁବାଦ - ମଧୁସ୍ମିତା ପଟ୍ଟନାୟକ

ଏମିତି କିଛି ଲୈଲା ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥ ହାସଲ କରିବା କଳାରେ ବେଶ୍ ପାରଙ୍ଗମ । ଆଲିଶାନ୍ କୋଠାର ଅପାର ସମ୍ପତ୍ତିକୁ କିମ୍ବା କୌଣସି ବୁଦ୍ଧିମାନ ସୁନ୍ଦର ଯୁବକକୁ ଦେଖି ଯଦି ସେମାନଙ୍କ ମନ ଲାଳାୟିତ ହୁଏ, ତା'ହେଲେ ସେମାନେ ସେହି ଗେଲ ବସରିଆଙ୍କ ପଛରେ ସେ ପର୍ଯ୍ୟନ୍ତ ଘୁରି ବୁଲନ୍ତି, ଯେ ପର୍ଯ୍ୟନ୍ତ ସେମାନେ ତାଙ୍କ ଜାଲରେ ଛନ୍ଦି ହୋଇ ବିବାହ ବନ୍ଧନରେ ବାନ୍ଧି ନ ହେଇଛନ୍ତି ।

ଦ୍ରୁତ ଗତିରେ ଦୌଡିଥିବା ମନୁର ସାଇକେଲ୍ ଶେଷରେ ଗୋଟେ ଲୈଲା ସହିତ ପିଟି ହୋଇଗଲା । ଲୈଲା ଏଇଥିପାଇଁ କୁହାଯାଇଛି କାହିଁକି ନା' ମନୁ ଚାହିଁଥିଲେ ସେଠୁ ଚୁପ୍‌ଚାପ୍ ପଳେଇ ଯାଇପାରିଥାନ୍ତା, ହେଲେ ସେ ଲୈଲାଟା ଜାଣିଶୁଣି ନିଜ ସାଇକେଲକୁ ତା' ସାଇକେଲ୍ ସହ ବାଡେଇଥିଲା ।

"ହୋଶରେ ନାହିଁ କି ?" ମନୁ କହିବାରୁ ଝିଅଟି କହିଲା, "ହୋଶରେ ଅଛି, ବୋଲି ତ ଟକ୍କର ମାରିଛି ?" ମନୁ ଯଦି ଚାଲାକ୍ ଥିଲା, ସେ ଝିଅଟି ଅତି ଚାଲାକ୍ ଥିଲା । ମନୁ ଡ଼ାଳେ ଡ଼ାଳେ ଗଲା ବେଳକୁ ଝିଅଟି ପତରେ ପତରେ ଯାଉଥିଲା ।

ଦୁହେଁ ନିଜେ ନିଜେ ଉଠି ଠିଆ ହେଲେ । ମନୁ ନିଜର ତଳେ ପଡିଥିବା ବହିପତ୍ରକୁ ଉଠେଇଲା ବେଳକୁ ଝିଅଟି ଅଚାନକ ବନ୍ଧୁକରୁ ଗୁଳି ଛାଡ଼ିଲା, "ମତେ ତୁମେ ପସନ୍ଦ କରୁଛ

 Download Magazine from www.aahwaan.com

କି ?”

ଏହି ଗୁଳି ଗୁଳି ରୂପି ତୀର ମାଡ଼ରେ ଘାଇଲା ହୋଇ ମନୁ ଖନେଇ ଖନେଇ କହିଲା, “ମୁଁ ପୁଣି ତୁମକୁ ? ମୁଁ ତ ତୁମକୁ ଚିହ୍ନିନି କି ଜାଣିନି ?”

“ଜାଣିନ କେମିତି ? ମୁଁ ନୀଲୁ.. ସେହି ନୀଲୁ, ଯାହାକୁ ତୁମେ ସବୁଦିନ ଝରକା ବାଟେ ଦେଖ । ଆଉ ଏବେ ଅଜଣାଙ୍କ ପରି ହେଉଛ !” ଝିଅଟି ଆଖି ନଚେଇ କହିଲା ।

“ମୁଁ ଆଉ ତୁମକୁ ଦେଖେ ? ପାଗଳ ହୋଇଯାଇଛ କି ? ମୁଁ ତ ତୁମକୁ ଜମାରୁ ଜାଣିନି, ଆଉ ତୁମକୁ ସବୁବେଳେ ଦେଖିବି କେମିତି ? ଆଚ୍ଛା ଠିକ୍ ଅଛି । ଏବେ କୁହ, ତୁମେ ରହୁଛ କେଉଁଠି ?” ମାମଲାକୁ ରଫାଦଫା କରିବା ଚକ୍କରରେ ମନୁ ଟିକିଏ ନରମ ହେଲା ।

“ସାମ୍ନା ଘରେ !” ନୀଲୁ ବହୁତ ଜୋର ଦେଇ କହିଲା ।

“ମୋ ଘର ସାମ୍ନାରେ ! ହେଲେ ସେଠି ତ ସାମ୍ନାଘରର ପଛପଟ ଦେଖାଯାଏ । ଆମକୁ ତ କେବଳ ସେ ଘରର ସ୍କାଇଲାଇଟ୍ ହିଁ ଦେଖାଯାଏ ।” ମନୁ କହିଲା ।

“ହଁ.. ହଁ.. ସେଇ ଘର, ମୁଁ ସେଇ ଘରର ଦ୍ୱିତୀୟ ମହଲାରେ ରହେ । ଯେତେବେଳେ ମୁଁ ଟେବୁଲ ଉପରେ ଷ୍ଟୁଲ ରଖି ବାହାରକୁ ଦେଖେ, ସଦାବେଳେ ତୁମକୁ ମୋତେ ଦେଖୁଥିବା ଅବସ୍ଥାରେ ପାଏ ।” ନିଲୁ ଆଖିକୁ ନଚେଇ ନଚେଇ କହିଲା ।

ମିଛି ମିଛିକା ଦୋଷାରୋପଣ ହେବାର ଦେଖି ମନୁ ଟିକିଏ ରୁକ୍ଷ ସ୍ୱରରେ କହିଲା, “ମୁଁ ? ଅସମ୍ଭବ !”

“ସବୁବେଳେ ତ ମୋତେ ଦେଖୁଛ । ଏବେ ସତ ସତ କହିବ, ମିଛ ଜମାରୁ କହିବନି । ତୁମେ କ'ଣ ସତରେ ମୋତ ଭଲ ପାଉଛ ?” ଝିଅଟି ପଚାରିଲା ।

ମନୁ ରାଗିଯାଇ କହିଲା, “ଆରେ ମୋତେ ତ ତୁମର ମୁଣ୍ଡ ମଧ୍ୟ ଦେଖାଯାଏନି, ତେବେ

 Download Magazine from www.aahwaan.com

ମୁଁ ତୁମକୁ ଭଲ ପାଇବି କେମିତି ?”

“ମୁଣ୍ଡ ଦେଖା ନଗଲେ କ’ଣ ହେଲା ? ଆଖି ତ ଦେଖାଯାଉଥିଲା ନା ! ପ୍ରେମ ଆଖିରେ ଆଖିରେ ହିଁ ତ ହୁଏ, ମୁଣ୍ଡ ସହିତ ନୁହେଁ । ପ୍ରେମ ତ ଗୋଟିଏ ନଜରରେ ହୋଇଯାଏ । ତମେ ଏହି ପ୍ରେମକୁ ମିଛ ବୋଲି କହି ପାରିବନି । ମାନୁଛି ଦୂରରୁ ତୁମ ଆଖି ମୋତେ ଚିହ୍ନି ପାରିନଥିବ, ହେଲେ ଏବେ ତ ମୁଁ ତୁମ ସାମ୍ନାରେ ଅଛି ନା ! ତୁମ ନଜର ମୋ ନଜର ସହ ଟକ୍କର ଦେଇସାରିଛି । ମୁଁ ତୁମକୁ ଭଲପାଏ । ତୁମକୁ ଏଇ ସାଙ୍ଗେ ସାଙ୍ଗେ ମୋ ସହ ପ୍ରେମ ହୋଇଯିବ, ତଥାପି ତମେ କେମିତି ମନା କରୁଛ ।” ନୀଲୁ ତାର ବକ୍ ବକ୍ ଜାରି ରଖିଥିଲା ।

ଗୋଟେ ଢୋଲ ଭଳି ନୀଲୁ(ଲୈଲା) ଜବରଦସ୍ତି ତା’ ବେକରେ ଝୁଲିବାକୁ ଚେଷ୍ଟା କରୁଥାଏ । ମନୁ ଟିକେ ଡରିଗଲା । ସେ କୌଣସି ପ୍ରକାରେ ଏଇ ବୁଢ଼ିଆଣି ଜାଲରେ ଫସିବାକୁ ଚାହୁଁନଥାଏ । ତେଣୁ ତା’ର ପିଛା ଛଡେଇବାକୁ ଯାଇ କହିଲା, ତୁମ କଥା ତୁମେ ଜାଣ । ମୋର ସେଥିରେ କିଛି ଦେବା ନେବା ନାହିଁ କି, ମା’ଙ୍କ ଠୁ ମାଡ଼ ଖାଇବାର ନାହିଁ । ମୁଁ ତ ଚାଲିଲି ! ଏତିକି କହି ମନୁ ସାଇକେଲ୍ ଉପରେ ବସି ପଡିଲା ।

“ମା’ଙ୍କ ଚାମାଚା !” ନୀଲୁ(ଲୈଲା) ଶେଷ ଗୁଳିକୁ ଫୁଟେଇଦେଲା ।

ନୀଲୁର କଥାରେ ଧ୍ୟାନ ନ ଦେଇ ମନୁ ସେ ଯାଗାରୁ ଏମିତି ଖସିଲା ଯେ ସିଧା ଆସି ନିଜ ଘରେ ନିଃଶ୍ୱାସ ମାରିଲା । ଗଳାରୁ ଖିଙ୍କାରି ସଫା କଲା । କିଛି ସମୟ ଅଟକି ଭାବିଲା, କେମିତିକିଆ ମୂର୍ଖ ଝିଅର ଚକ୍କରରେ ମଣିଷ ପଡ଼ିଯାଇଥିଲା । ଭଲ ହେଇଛି ପିଛା ଛଡେଇ ନେଲି, ନ ହେଲେ ଜଣା ନାହିଁ କେଉଁ ଜାଲରେ ଫସେଇ ଦେଇଥାନ୍ତା ।

ଝିଅଙ୍କ ପରି ଆଫତ୍ ଠୁ ଦୂରରେ ରହୁଥିବା ମନୁର ଧ୍ୟାନ ସବୁବେଳେ ନିଜ ପାଠପଢ଼ା ଉପରେ ରହିଥାଏ । ସେ ଗୋଟେ ହୁସିଆର ତଥା ବୁଦ୍ଧିମାନ ପିଲା ହେବା ସହ କଲେଜରେ

Download Magazine from www.aahwaan.com

ସବୁବେଳେ ଟପ୍‌ରେ ରହୁଥିଲା । ଗୋଲ୍ଡ ମେଡ଼ାଲିଷ୍ଟ ମନୁର ଏପରି ଲଫଡ଼ାରେ କିଛି ନେବାର କି ଦେବାର ନଥିଲା । ମନୁ ରୁମରେ ଟହଲ ମାରି ପଡ଼େ । ପ୍ରାୟ ସେ ଝରକା ସାମ୍ନାରେ ଠିଆ ହୋଇ ପଢ଼ିଥିବା ପାଠକୁ ମନେ ପକାଇବାକୁ ଚେଷ୍ଟା କରେ । ଏଭଳି ନିଃସ୍ୱାର୍ଥ ଆଉ ସ୍ୱଚ୍ଛଳ ଭାବନା ଉପରେ ଯେ ଗ୍ରହଣ ଲାଗିପାରିବ ! ଏହା ମନୁ ଭାବନାଠୁ ବହୁତ ଦୂରରେ ଥିଲା । ଏହି ଘଟଣା ପରେ ମନୁ ବିଚଳିତ ହୋଇ ପଡୁଥିଲା । ଏବେତ ଝରକା ପାଖରେ ପହଞ୍ଚିବା ମାତ୍ରେ ତା' ଆଖି ଆପେ ଆପେ ସାମନାରେ ଥିବା ସ୍କାଇଲାଇଟ୍ ଉପରକୁ ଚାଲିଯାଏ । ଆଉ ସେଠି.. ! ସେଠି ତାକୁ ଦୁଇଟି ଆଖି ଏକ ଲୟରେ ଚାହିଁଥିବାର ଦେଖିବାକୁ ମିଳେ ।

"ଏହି ଝିଅର ମୁଣ୍ଡ ଖରାପ, ନା ସେ ଦିୱାନୀ, ନା ସେ ପାଗଳୀ ? ତା ପାଖରେ କ'ଣ ଆଉ କିଛି କାମ ଧନ୍ଦା ନାହିଁ କି ? ସବୁବେଳେ କ'ଣ ସେ ଏଇ ସ୍କାଇଲାଇଟ୍ ପାଖରେ ଝୁଲିକି ରହୁଛି ।"

ମନ ଭିତରେ ବହୁତ ରାଗ ମାଡୁଥାଏ ମନୁକୁ । ହେଲେ ନୀଲୁର ପିଲାଳିଆମି ହରକତ ସବୁ ମନେ ପଡ଼ି, ନୀଲୁ ଉପରେ ତା'ର ଦୟା ଆସୁଥାଏ । ସେ ନିଜେ ମଧ୍ୟ ବେଳେ ବେଳେ ସ୍କାଇଲାଇଟ୍ ଆଡ଼କୁ ଲୁଚି ଲୁଚି ଟିକେ ଆଖି ବୁଲେଇ ଆଣେ ।

ଦିନେ ଅଚାନକ ନୀଲୁ ପୁଣି ଥରେ ଟକରେଇ ଗଲା । ଟକରେଇ ସାରିବା ପରେ.. ସେ ବେଲୁନ୍ ଭଳି ଫାଟି ପଡ଼ିଲା, "ଭାବିଲ କିଛି ? କ'ଣ ତୁମ ହୃଦୟରେ ବି କିଛି କିଛି ହେଉଛି ? ଦେଖନା ! ମୋର ଛାତି କେମିତି ଜୋର୍ ଜୋରରେ ଧଡକୁଛି ! ନିଃଶ୍ୱାସ ମଧ୍ୟ ଠିକରେ ମୁଁ ନେଇ ପାରୁନି । ଜଲ୍‌ଦି ଚାଲ, କେଉଁଠି ଟିକେ ବସି ଚାହା ପିଇବା ।"

ମନୁ କିଛି କହିବା ପୂର୍ବରୁ ସେ ହାତକୁ ଧରି ଟାଣି ଟାଣି ନେଇଗଲା ।

ନିଜ ଚେତା ହରେଇଥିବା ମନୁ ଚୁପ୍‌ଚାପ୍ ତା ପଛରେ ଚାଲିବାକୁ ଲାଗିଲା । କଫି ପିଇଲା ବେଳେ, ନୀଲୁର ବକ୍ ବକ୍ ଜାରି ରହିଥିବା ବେଳେ ମୂକ ପାଲଟି ଯାଇଥିଲା ମନୁ ।

ଫେରିବା ସମୟରେ ନୀଲୁ କହିଲା, "ପୁଣି କେବେ ଦେଖାହେବ ?" ପ୍ରତି ଉତ୍ତରର ଅପେକ୍ଷା ନକରି ସେ ତୁରନ୍ତ କହି ପକେଇଲା, ଠିକ୍ ଅଛି, କାଲି ସନ୍ଧ୍ୟାରେ ଠିକ୍ ପାଞ୍ଚଟା ବେଳକୁ ଏଇ ରେଷ୍ଟୁରାଣ୍ଟକୁ ଆସିବ । ମୁଁ ଏଠି ତୁମକୁ ଅପେକ୍ଷା କରିଥିବି ।

"ମନୁ ମନେ ମନେ ତାକୁ ଆଙ୍ଗୁଠି ଦେଖାଇ କହିଲା.. ହୁଁ ! ମୋ ଆସିବ ବାଟକୁ ଚାହିଁଥିବ ! ! ମୁଁ କେବେ ହେଲେ ଆସିବିନି । ମୋତେ ମୂର୍ଖ ବୋଲି ଭାବିଛି ନା କ'ଣ ?" ମନୁ ଏମିତି ଭାବି ଭାବି ଆସି ଘରେ ପହଞ୍ଚିଗଲା ।

ହେଲେ ତା'ପରଦିନ ଚାରିଟା ବାଜିଲା ବେଳକୁ ମନୁର ମନ ବ୍ୟାବୁଳ ହେବାକୁ ଲାଗିଲା, କେମିତି କା ଯାଦୁଗରନୀ କେଜାଣି ? ମନର ଶାନ୍ତିକୁ ଚୋରେଇ ନେଲାଣି । "ମୁଁ ଯିବିନି, ଦେଖିବା ସେ କଣ କରିବ ?"

ଚାରିଟା ପଇଁଚାଳିଶ ବାଜିଲା ବେଳକୁ ସେ ଦେଇଥିବା ଧମକ ମନୁର ମନେ ପଡିଗଲା.., "ଦେଖ ଠିକ୍ ସମୟରେ ଆସି ପହଞ୍ଚିଯିବ, ନ ହେଲେ.. ମୁଁ ତୁମ ଘରେ ପହଞ୍ଚିଯିବି ।"

ମନୁକୁ ତା'ର ସବୁ ଅଙ୍ଗ ଯେମିତି ମାଟିରେ ମିଶିଗଲା ପରି ଲାଗୁଥାଏ । ଶେଷରେ ଯାଇ ସେ ପହଞ୍ଚିଗଲା ରେଷ୍ଟୁରାଣ୍ଟରେ । ମନୁର ବୁଦ୍ଧି ଭ୍ରଷ୍ଟ ହୋଇ ସାରିଥାଏ । ପାଠପଢ଼ାରୁ ମନ ମଧ୍ୟ ଉଠି ସାରିଥିଲା । ସେ ପ୍ରେମରେ ଦୁଇଧାରୀ ଖଣ୍ଡା ଉପରେ ଲଟକି ଥିଲା ଯେମିତି । ତା'ର ସବୁ ବୁଦ୍ଧି ବାଟବଣା ହୋଇଯାଇଥିବା ନୀଲୁ ଆଗରେ ।

ଦିନେ ମନୁ ଦେଖିଲା ନୀଲୁ ତା ମା'ଙ୍କର ପରିବା ବ୍ୟାଗକୁ ଧରି ଘର ପର୍ଯ୍ୟନ୍ତ ପଳେଇ

Download Magazine from www.aahwaan.com

ଆସିଛି ଆଉ ମା'ଙ୍କ ସହିତ ହସି ହସି କଥା ହେଉଛି । ମା' ବି ତା ସହିତ କଥାବାର୍ତ୍ତାରେ ମଗ୍ନ ଥିଲା ଯେମିତି । ଏହା ଦେଖି ମନୁ ଭାବିଲା, ଏବେ ଆଉ କଣ ନୂଆ ଘଟଣା ଘଟେଇବ କି ଏଇ ପାଖଣ୍ଡୀ ନୀଲୁ ?

ଏପଟେ ମନୁର ଜୀବନ ନାଟିକା ଅଟକି ଯାଇଥିବା ବେଳେ ତେଣେ ନୀଲୁ ପୁଣି ଗୋଟେ ଫୁଲ ଫୁଟେଇ ସାରିଲାଣି । ମା' କିଛି ନବୁଝି ନସୁଝି ନୀଲୁକୁ ଏ ଘରର ବୋହୁ କରି ଆଣିବ ବୋଲି ଘୋଷଣା କରିଦେଲା । ବୁଦ୍ଧିଆ ମନୁର ସବୁ ପାରିବା ପଣିଆ ଫୁସ୍ ହୋଇଗଲା ଗୋଟେ ଝିଅ ପାଖରେ । ଗୋଲ୍ଡ ମେଡାଲିଷ୍ଟ ମନୁ.. ପ୍ରଶାସନିକ ଅଧିକାରୀ ହେବାର ସ୍ୱପ୍ନ ଦେଖୁଥିବା ମନୁ.. ଶେଷରେ ରହିଗଲା ଗୋଟେ ଅଫିସର ବାବୁ ହୋଇ ।

ମା - ପୁଅଙ୍କୁ ଫସେଇ ଲୈଲା ଏବେ ବଡ କୋଠାର ମାଲିକାଣୀ । ଏବେ ମା - ପୁଅ ଦୁଇଜଣଙ୍କ ଜୀବନ କଟୁଛି ନୀଲୁର ସେବା ହୁକୁମ୍‌କୁ ପାଳନ କରି କରି । ତେଣୁ ଆପଣ ମାନଙ୍କ ସହିତ ଯେମିତି ଏପରି କିଛି ନ ଘଟିବ ସେଥିପାଇଁ କହୁଛି, ଯେତେବେଳେ ଏମିତି ଲୈଲା ସହିତ ଯଦି ସାମ୍ନା ହୋଇଯିବ, ଆପଣ ଟିକେ ସାବଧାନ ହୋଇଯାଇ ତୌବା ତୌବା କରିନେବେ, ନହେଲେ ଆପଣଙ୍କର ସବୁ ଯୋଗ୍ୟତା ମାଟିରେ ମିଶିଯିବ ଆଉ ଆପଣଙ୍କୁ ବଳି ପଡ଼ିବାକୁ ଥିବା ଛେଳିଟେ ହେବାକୁ ବେଶୀ ସମୟ ଲାଗିବନି ।

୨୭,ବ୍ରହ୍ମେଶ୍ୱର ବାଗ, ଟଙ୍କପାଣି ରୋଡ
ଭୁବନେଶ୍ୱର - ୧୮

Download Magazine from www.aahwaan.com

# ସରଳତା



ସୁଧାଂଶୁ ଦ୍ୱିବେଦୀ

ମୂଳ ବ୍ରାଜିଲ : ପାଉଲୋ କାର୍ବଲହୋ

ଓଡ଼ିଆ ଭାଷାନୁବାଦ : ସୁଧାଂଶୁ ଦ୍ୱିବେଦୀ

କେବେ କେବେ ଆମ୍ଭମାନଙ୍କୁ ଏଭଳି ସରଳ କାହାଣୀଟିଏ ଦରକାର ହୁଏ, ଯାହାକି ଭୀଷଣ ଗ୍ରୀଷ୍ମ ଦିନରେ ବି ଶୀତଳ ପବନ ପରି ଆତ୍ମପ୍ରକାଶ କରିବାକୁ ପଡ଼ିଥାଏ । ବୀଣାର ତାର ଭଳି ସୁନ୍ଦର ପଂକ୍ତି ସଦୃଶ ଝଙ୍କୃତ ହେବାକୁ ଇଚ୍ଛା ହୁଏ । ସେଇ ସବୁ ମୁହୂର୍ତ୍ତଗୁଡ଼ିକ ଆମ ଭିତରେ ମାନବୀୟ ଭାବର ସଂଚାର ଆଣିଥାଏ ।

ଏଇଭଳି ପରିସ୍ଥିତିରେ ମୋ ସ୍ମୃତିର ଇଲାକାରେ ଅନେକ ସମୟରେ ଧାଡ଼ିଏ ହସ ଦୃଶ୍ୟମାନ ହୁଏ । ସେହି ହସକୁ ବାରମ୍ବାର ଭୁଲିବା ପାଇଁ ଚେଷ୍ଟା କରିବା ସତ୍ତ୍ୱେ ବି ସରଳ-ନିଷ୍କପଟ-ନିଶ୍ଚଳ ହସ ଧାଡ଼ିଏ ଆହୁରି ଝଲସି ଉଠେ ।

ଯେତେବେଳେ ମୋତେ ବାରବର୍ଷ ହୋଇଥିଲା ସେତେବେଳେ ମୁଁ ସାଇକେଲରୁ ପଡ଼ି ଯାଇଥିଲି । ଦେହ ଓ ମୁଣ୍ଡର ଅନେକ ସ୍ଥାନରେ ଭୀଷଣ କ୍ଷତ ହେଲା । ଏଇମିତି ଖୁସି ଖୁସିରେ ସାଇକେଲ ଚଳାଇବାକୁ ବାହାରିଥିଲି, ଶେଷରେ ହାତ-ଗୋଡ଼ ଭାଙ୍ଗିଲି । ଆଉ ସେଇ ସାଇକେଲଟା ତଳେ ପଡ଼ି ଆଗ ଚକ ଘୁରୁଥାଏ । ଜଣା ଯାଉଥାଏ ସେ ଯେମିତି ମୋତେ ଲକ୍ଷ୍ୟକରି ଡେଭିଲ୍ ପରି ହସୁଛି ।

ମୁଁ ସାଇକେଲରୁ ପଡ଼ିଯିବାପରେ ଏଲିସ୍ ମଧ୍ୟ ଜୋରରେ ହସି ଉଠିଲା । ସେ ଯେତେ ଜୋରରେ ଖିଲି ଖିଲି ହୋଇ ହସୁଥାଏ, ମୋ ମନରେ ତା'ପ୍ରତି ସେତେ ଘୃଣା ଓ ହିଂସାର

Download Magazine from www.aahwaan.com

ପରିମାଣ ବଢ଼ି ଯାଉଥାଏ । ହସି ହସି ତା ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ ବି ତା ହସ ବନ୍ଦ ହେଉନଥାଏ ।

"ଏଥର ହସ ବନ୍ଦ କରିବୁ ନା ଦେଖିବୁ ଏବେ... ?" ମୋ ଭଏସକୁ ଶେଷ ସ୍କେଲରେ ରଖି ତାକୁ ଧମକାଇଲି ।

ମୋ ଧମକ ଶୁଣି ଅଳ୍ପ ସମୟ ପାଇଁ ସେ ସ୍ତମ୍ଭିତ ହେଲା, ଆଗରୁ କେବେ ମୋତେ ଦେଖି ନଥିବା ପରି ପୁଣିଥରେ ସଂଯମତା ହରେଇ ପୂର୍ବପରି ହସିବାକୁ ଲାଗିଲା ।

"ଏମିତି ହସ କଂସେଇ ଘର ଝିଅ ମାନଙ୍କୁ ଶୋଭା ପାଏ । ତା'ଛଡ଼ା ତୋ ଭଳି ଝିଅର ଆଉ କଣ କାମ ଅଛି ଯେ.. ! ଢଙ୍ଗର କାମଟିଏ ତ କରି ପାରିବୁନି । ଅସହାୟତା ସମୟରେ ଫେଁ ଫେଁ ହୋଇ ହସିବୁ ।" ତା ଉଦ୍ଦେଶ୍ୟରେ କହିବାପରେ ପୁଣି ମୁଁ ମନେ ମନେ ଭାବିଲି, "ଝିଅମାନଙ୍କର କଣ ଅଛି ? ଅପଦାର୍ଥ ଜାତି... କୂଅବେଙ୍ଗପରି... । ଆଉ ଯାହା ଥାଉନା କାହିଁକି, ମୁଣ୍ଡରେ ବୁଦ୍ଧି ଦେବାପାଇଁ ଭଗବାନ କଞ୍ଜୁସି କରିଦେଇଛନ୍ତି ।"

ତାପରେ ଆଉ କଣ ହୋଇପାରେ ? ତା' ମୋ ସହିତ ଆରୋପ ପ୍ରତ୍ୟାରୋପର ତର୍କ-ବିତର୍କ ଆରମ୍ଭ ହୋଇଗଲା । "ତୁମେ ଏମିତି... ସେମିତି... ସାହସ ଅଛି ତ କରି ଦେଖାଇଦିଅ । ଏମିତି କେତେ ତୁ... ତୁ... ମୁଁ... ମୁଁ... ର ଝଗଡ଼ା ଚାଲିଲା ।"

"ଆଚ୍ଛା, ତା ହେଲେ ଦେଖିବା ଏଇ ଚଟାଣର ଶୀର୍ଷକୁ ଯାଇ କିଏ ପ୍ରଥମେ ତଳେ ଆସି ପହଞ୍ଚୁଛି ?" ମୁଁ ଦମ୍ଭ ଦେଖାଇଲି ।

ଦୁହେଁ ନିଜ ନିଜ ସାଇକେଲ୍ ଧରି ଚଟାଣ ଉପରକୁ ଚଢ଼ିବା ଆରମ୍ଭ କଲୁ । କ୍ଷତର ଯନ୍ତ୍ରଣାରେ ଚଟାଣର ଶୀର୍ଷ ସ୍ଥାନକୁ ଯିବାପାଇଁ ଇଚ୍ଛା ନଥିଲେ ବି ଏଲିସର ଚ୍ୟାଲେଞ୍ଜକୁ ସ୍ୱୀକାର କରିବାକୁ ହେଲା ।

Download Magazine from www.aahwaan.com

ଯେମିତି ହେଉ ଦୁହେଁ ଚଟାଣର ଶୀର୍ଷରେ ପହଞ୍ଚି ସାରିବା ପରେ ତଳକୁ ଆସିବା ପାଇଁ ପ୍ରସ୍ତୁତ ହେଲୁ ।

"ଦେଖିବା କାହା ସାଇକେଲ୍ ପ୍ରଥମେ ତଳେ ପହଞ୍ଚୁଛି ?" ମୁଁ ପ୍ରସ୍ତାବ ଆଗତ କଲି ।

ଅବସାଦ, ଭାବନା, ଆବେଗ ଓ ଦୁହିଁଙ୍କ ମନରେ ଜିଦ୍ କରିବାର ସଂଘର୍ଷ । ବିଲକୁଲ୍ ସାଥିହୋଇ ଅପାତତଃ ଜଣେ ଅନ୍ୟଜଣଙ୍କର ସ୍ପର୍ଶରେ ଆମେ ଦୁହେଁ ତଳକୁ ଓହ୍ଲାଇଲୁ ।

"ଆରେ ଏ ଝିଅଟା ତ ସତରେ ବଡ଼ ହୁସିଆର୍ ।" ମୁଁ ମନେ ମନେ ଭାବୁଥାଏ । ହେଲେ ତଳେ ପହଞ୍ଚୁ ପହଞ୍ଚୁ ସାଇକେଲର ଅସନ୍ତୁଳନ ହେତୁ ଧକ୍କା ଲାଗିଗଲା । ସାଇକେଲ୍ ଗୋଟେ ଜାଗାରେ ଆଉ ଆମେ ଦୁହେଁ ଛିଟିକି ହୋଇ ସଡ଼କ ଉପରେ ପଡ଼ିଲୁ ।

"ଆଉ ନୁହେଁ । କେବେ ଆଉ ସାଇକେଲ୍ ଚଳାଇବିନି । ଥରେ ନୁହେଁ ଦେଖୁ ଦେଖୁ ଦି'ଥର ପଡ଼ିଲିଣି ।" ଦେହକୁ ଝାଡ଼ି ହୋଇ ତଳୁ ଉଠି ଭାବିଲି । "ତେବେ ଧକ୍କା ହେଲା କେମିତି ?" ସଠିକ୍ କାରଣ କଣ ବୁଝି ପାରୁନଥିଲେ ବି ମୋର କିଛି ଦୋଷ ନଥିଲା, ସବୁ ଦୋଷ ଏଲିସ ର । ରାଗରେ ତା ନିକଟରେ ପହଞ୍ଚିବାରୁ ସେ ପଦେ ବି ଉଚ୍ଚାରଣ ନ କରି ଭୋ ଭୋ ହୋଇ କାନ୍ଦି ଉଠିଲା ।

ଯଦ୍ୟପି ଚତୁରା ଝିଅଙ୍କ ଭଳି ଅନ୍ୟକୁ ବୋକା କରିଦେବାପାଇଁ ନକଲି କାନ୍ଦ କାନ୍ଦୁନଥିଲା, ହେଲେ କୌଣସି ସିନରେ ଅଭିନୟ କରୁନଥିଲା ସେ । ମୋତେ ଜଣାଗଲା ବୋଧହୁଏ ସେ ଗମ୍ଭୀର ଭାବରେ କ୍ଷତାକ୍ତ ହୋଇଛି ।

ତା'ପରେ ଆଖିରେ ଆଖିଏ ଲୁହ ଭରି ମୋତେ ଥରେ ଦେଖିନେଲା ସେ । ତା' ଆହି ଭିତରେ ଯେଉଳି ଭାବଥିଲା ମୋତେ ତାହା ବୁଝିବାକୁ ବିଳମ୍ବ ହେଲାନି । ହୁଏତ ସେ ସନ୍ଦେହ କରୁଛି ମୁଁ ତାକୁ ଏକାକୀ ପାଇ କୌଣସି ଦୁଷ୍ଟାମୀ କରିବି, ତା' ଅସହାୟତାର ଫାଇଦା

ଉଠେଇବି । ହେଲେ ବାସ୍ତବିକ୍ ଏଇୟା ଯେ ମୁଁ ତାକୁ କେବଳ ସାହାଯ୍ୟ କରିବା ବ୍ୟତୀତ ମୋ ମନ ମଧ୍ୟରେ ଆଉ କିଛି ବି ଅଭିଳାଷ ନଥିଲା ।

"ଜୋର୍ ଆଘାତ ଲାଗିଲାକି ?" ରୁଦ୍ଧକଣ୍ଠରେ ପଚାରିଲି ।

ଏବେ ସେ କାନ୍ଦୁନଥାଏ । ହେଲେ ମୋ ମନ ମଧ୍ୟରେ ତା ପାଇଁ ଅନେକ ଚିନ୍ତା ଘାରୁଥିଲା । ଅଚାନକ ମୋ ଦୃଷ୍ଟି ସଡ଼କ ଉପରେ ପଡିଥିବା ସାଇକେଲ ଦୁଇଟା ଉପରେ ନିବଦ୍ଧ ହେଲା । ଅସାମଞ୍ଜସ୍ୟ ଭାବରେ ଯୋଡ଼ି ହୋଇ ପଡ଼ିଥାଏ ସାଇକେଲ୍ ଦୁଇଟି ।

'ଦେଖ୍, ଆମ ସାଇକେଲ କେମିତି ଜଣେ ଜଣକୁ ଚୁମ୍ବନ ଦେଉଛନ୍ତି ।" ବାତାବରଣ କୁ ସତେଜ କରିବା ପାଇଁ ସ୍ୱତଃ କହିଦେଲି । ମୋ କଥା ଶୁଣି ସେ ଖିଲି ଖିଲି ହସି ଉଠିଲା । ପୁଣି ମୁଁ ହାତବଢ଼ାଇ ତାକୁ ତଳୁ ଉଠେଇବା ବେଳେ ସେ ଆହୁରି ଅଧିକ ହସି ଉଠିଲା ।

"ଚାଲ, ମୁଁ ତତେ ଘରେ ପହଞ୍ଚାଇ ଦେବି । ତୋତେ ଛାଡ଼ି ଆସିଲେ ତୋ ସାଇକେଲକୁ ନେଇ ପହଞ୍ଚାଇଦେବି ।"

ଜଣେ ଜଣକୁ ସାହାରା ଦେଇ ହସି ହସି ଚଟାଣରୁ ତଳକୁ ଆସିଲୁ । କ୍ଷତପାଇଁ ସେ ଛୋଟେଇ ଛୋଟେଇ ଚାଲୁଥାଏ ।

ତା'ଘରେ ପହଞ୍ଚିବାମାତ୍ରେ ତା ମା ଘର ଭିତରୁ ଦୌଡ଼ି ବାହାରକୁ ଆସିଗଲେ ।

"ଡରି ଯାଅନି ମାମା ! ମୁଁ ବିଲକୁଲ୍ ଠିକ୍ ଅଛି ।" ସେ ତା ମାଙ୍କୁ ଆଶ୍ୱାସନା ଦେଉଥାଏ ।

"ତା ହେଲେ ମୁଁ ଏବେ ଯାଉଛି । ପୁଣି ଆସି ତୋ ସାଇକେଲ୍ ଦେଇଯିବି ।"

ମୋତେ ସମ୍ମତିର ମୁଣ୍ଡ ହଲାଇଲା ସେ । ଫେରିବା ବେଳେ ତା କ୍ଷତାକ୍ତ ଶରୀର ଭିତରୁ ମୋନାଲିସାର ହସ ଦେଖିପାରୁଥିଲି ମୁଁ ।

Download Magazine from www.aahwaan.com

ମୋ ଗୋଡ଼ରେ କମ୍ପନ ହେଉଥାଏ । ମୋ କ୍ଷତରୁ ରକ୍ତ ଝରି ଶୁଖି ଯାଇଥାଏ ତଥାପି ମନ ହେଉଥାଏ ଆଉଥରେ ଏଲିସ୍ ସହ ସାଇକେଲରେ ଧକ୍କା ଖାଇବାକୁ ।

କ୍ଷତ-ବିକ୍ଷତ ସତ୍ତ୍ୱେ ଶୀଘ୍ର ଯାଇ ଚଟାଣ ଉପରକୁ ଚଢ଼ିଲି । ତା ସାଇକେଲକୁ ଉଠେଇଲି ଓ ତା ଘରେ ପହଞ୍ଚାଇ ଫେରି ଆସିଲି ।

ଆଜି ବି ଯେବେ ମୋତେ ହସିବାକୁ ମନ ହୁଏ ତା ସହ ଘଟିଥିବା ସାଇକେଲ ଏକ୍ସିଡେଣ୍ଟ ଘଟଣାଟି ମସ୍ତିଷ୍କରେ ବାରମ୍ବାର ଉଦୟ ହୋଇଯାଏ । ଦୁଇଟି ସାଇକେଲ ନିଜ ଭିତରେ ଯୋଡ଼ି ହୋଇ ତଳେ ପଡ଼ି ଦୁହେଁ ଦୁହିଁଙ୍କୁ ଚୁମ୍ବନ ଦେଉଥାନ୍ତି । ଆଃ - ଏମିତି ଅନେକ ଘଟଣା ଘଟେ ଦିନଚର୍ଯ୍ୟାରେ । ତେବେ ଏଇ ସାମାନ୍ୟ ଘଟଣାଟି ମୋତେ ବୁଝେଇଦିଏ ବାସ୍ତବିକ୍ ପ୍ରେମ ତା ହେଲେ କଣ ହୋଇପାରେ.... ! ! !

ଯୋଗ ଫର ଲାଇଫ୍
ବିଚି-୭୪, ସେକ୍ଟର-୧, ସଲ୍ଟଲେକ୍, କଲିକତା-୬୪
ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

Download Magazine from www.aahwaan.com

# ଭଲ ପାଇବାର ଆକୃତି



ସନାତନ ମହାକୁଡ଼

ମୂଳ ବଙ୍ଗଳା ରଚନା : କୃଷ୍ଣା ବସୁ

ଭଲ ପାଇବାର ଆକୃତି ମୋରେ ଜଗାଅ ।

ମଧ୍ୟରାତି, ନିଦ ଭାଙ୍ଗିଯାଏ,

ଚାରିପାଖ ଶୁନ୍‌ଶାନ୍,

ବାଜିଉଠେ ଏକାକୀର ଗାନ !

ଭଲପାଇବା ହୁଏ ବା ନାହିଁ ଜୀବନେ ସେ ଭାବେ

କିନ୍ତୁ ଭଲ ପାଇବାର ଆକୃତି ରହିଛି ସ୍ୱଭାବେ ।

ଭଲ ପାଇବାର କଣ୍ଢେଇଗୁଡ଼ା କେଉଁଠି ରଖିଛ ?

ଜୀବନର ଜଳଛବି ଛାତିରେ ଆଙ୍କିଛି !

ଭଲ ପାଇବା ଅଛି କି ନା ଜାଣେନା କେଉଁଠି ?

ଭଲ ପାଇବା ଲାଗି ସବୁ ରାତ୍ରି, ଜାଗେ, ହାୟ !

ଗ୍ରାମ/ପୋଅ: ବେରୁଆଁବାରୀ, ନୟାଗଡ଼ ଜିଲ୍ଲା, ଓଡ଼ିଶା, ୭୫୨୦୮୨

ଇମେଲ୍ : sanmahakud@gmail.com

ୱେବ୍‌ସାଇଟ୍ : www.sanatanmahakud.in

ଭ୍ରାମ୍ୟଭାଷ : ୦୯୩୩୯୭୨୦୧୬୮

# କବିତା ବିଭାଗ

Download Magazine from www.aahwaan.com

# ଉଠ ଉଠରେ ବୀର ସନ୍ତାନ



ସାଗର ପ୍ରଧାନ

ଉଠ ଉଠ ତୁ ଆରେ ବୀର ସନ୍ତାନ
ସୁପ୍ତ ସିଂହ ସମ  ଶୋଇଛୁ ଆଜି
ଆଳସ୍ୟ ଆଜିତ ଅଙ୍ଗର ଭୂଷଣ
ଆଳସ୍ୟ ଯାଇଛି ମନ ଟା ଭିଜି ।

ତୋ ପୁର୍ବ ପୁରୁଷ ବୀରତ୍ୱ ର ଗାଥା
ଯାଇଛି ଆଜି ତ ମନରୁ ହଜି
ସବୁ ଜାଣି ଶୁଣି ନୀରବେ ବସିଛି
ନିକର୍ମା ଦର୍ଶକ ଆଜିତୁ ସାଜି ।

ସମୟ ସ୍ରୋତରେ କରାଳ ନାଦରେ
ମା ଆ ର ଗୌରବ ଯାଇଛି ହଜି
ଅଙ୍ଗରେ ତାହାର ପୂର୍ବ ଦିନ ନାହିଁ
ବସିଛି ବିରୂପା ନାରୀ ଟେ ସାଜି ।

ତୋହର ଜନନୀ ରୋଦନ କରୁଛି
ହଜିଛି ଗୌରବ ଅତୀତ ରାଜି


Download Magazine from www.aahwaan.com

ଅନ୍ୟ ପାଶେ ସିଏ ଲାଞ୍ଛିତ ହେଉଛି
ପାଶେ ନାହିଁ ବୋଲି ଗୌରବ ରାଜି ।

ଆସ ଆସ ସବୁ ଓଡିଆ ସନ୍ତାନ
 କରିବା ସଭିଏ ଶପଥ ଆଜି
ଫେରାଇ ଆଣିବା ମାଆ ର ସମ୍ମାନ
ଅତୀତ ଅଭୁଲା ଗୌରବ ରାଜି ।

ପଦାଗିଗି, ଗଞ୍ଜାମ, ଓଡ଼ଶା

# ନାରୀ ନାରାୟଣୀ ହୁଅ ତୁ ମହାନ



ସନ୍ତୋଷ ପଟ୍ଟନାୟକ

ସଂସ୍କାର ଓ ସଂସ୍କୃତିକୁ କରି ସନମାନ
ହେ'ନାରୀ ନାରାୟଣୀ ହୁଅ ତୁ ମହାନ....

ନାରୀ ତୁହି ନାରାୟଣୀ ଶକ୍ତିର ପ୍ରତୀକ
ଅନେକଙ୍କ ମଧ୍ୟେ ତୁହି ଅଟୁ ପରା ଏକ
ଜାୟା,ଭଗିନୀ,ମାତା ସବୁରି ରୂପେ ତୁହି
ପ୍ରତି ଜନ ଧନ୍ୟହୁଏ ତୋ' ସାନିଧ୍ୟ ପାଇ.....

ଲଜ୍ୟା ଅଟେ ତୋର ନିଜ ହୃଦ ଅଳଙ୍କାର
ସହିବା ଶକ୍ତି ଅପାର ନାହିଁ ଅହଙ୍କାର
ସମର୍ପଣ ଭାବେ ତୁହି ଅଜୟ ଅମର
ଆଦ୍ୟଗୁରୁ ଅଟୁ ତୁହି ଆମ ସମାଜର....

ସଂହାର କାରିଣୀ କେବେ ପ୍ରେମ ପୂଜାରିଣୀ
କୋକିଳ ଭାଷିଣୀ ପୁଣି ଅମୃତ ଦାୟିନୀ
ସଂସ୍କାର, ସଂସ୍କୃତି ପାଇଁ ଜନମ ତୋହରି
ତୋହରି ସତୀତ୍ୱେ ଇଶ୍ୱର ଯାଇଥାନ୍ତି ହାରି...

Download Magazine from www.aahwaan.com

ସଂସ୍କାର ଓ ସଂସ୍କୃତିକୁ କରି ସନମାନ

ହେ' ନାରୀ ନାରାୟଣୀ ହୁଅ ତୁ ମହାନ.....

 Download Magazine from www.aahwaan.com

# ବାପା



ପବିତ୍ର ଦାସ

ପ୍ରତିଦିନ ହିସାବ ଖାତାରେ
କରିଚାଲିଛି ନୂଆ ନୂଆ ଢଙ୍ଗରେ
ଭିନ୍ନ ଏକ ଜୀବନର ହିସାବ ।

ଦିନପରେ ଦିନ
ଆଉ ରାତି ପରେ ରାତି
କେତେ ଯେ ବିତିଗଲାଣି ତୁମର
ଆମ ମାନଙ୍କ ପାଇଁ ତା’ ଜଣାନାହିଁ ।

ବଂଶ ପରମ୍ପରାର ସୂତା ନଟେଇଟା
ଯେବେଠୁ ପଡ଼ିଛି ତୁମ ହାତରେ
ସେବେଠୁ ଖୋଜି ଚାଲିଛ ମୂଳଖିଅ ଧରିବାକୁ...
ଆପଣା ଶିଙ୍ଗରେ ମାଟି ତାଡ଼ିଛ, ନିଜ ପାଇଁ ନୁହେଁ
ସବୁ ଆମରି ପାଇଁ ।

ସକାଳରୁ ସଞ୍ଜ ପ୍ରହରଯାଏ
ଦିନରାତି ଖଟି ଖଟି

ଝାଳ ନୁହେଁ ତ, ପୁଳା ପୁଳା ରକ୍ତ ନିଗାଡ଼ି ଦେଇଛ
ମୋ ପିଲା ପଢ଼ିବେ, ବଢ଼ିବେ ମଣିଷ ହେବେ
ସଂସାର କରିବେ, ପୁଣି ସଂସାର ଗଢ଼ିବେ
ସବୁ ଆମରି ପାଇଁ ।

ଅଲୁଗୁଣିରେ ଯେବେ ସେ ମଳିଆ ଗାମୁଛା
ଆଉ ପିଠିପଟ ଫୁଟା ଗେଞ୍ଜିକୁ ନଜର କରେ
ପୃଥିବୀର ସବୁ ବାପାଙ୍କ ଚେହେରା
ମୋ ସାମ୍ନାରେ ସ୍ପଷ୍ଟ ହୋଇ ଦିଶେ ଏକାପରି
ମୋ ବାପାଙ୍କ ପରି... ।

ଗବେଷକ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

Download Magazine from www.aahwaan.com

# ପଚାରନା



ଅଶୋକ କୁମାର ସେଠୀ

ଲୁହର ନଈରେ ବିଶ୍ୱାସର ଡଙ୍ଗା ଟଳମଳ,
କୂଳର କଳନା ବୃଥା, ଛଳଛଳ କୋହକୁ ପଚାରନା...
ମରୀଚିକା ପରି ଭାଗ୍ୟ ଦେଖାଦେଇ ଲୁଚିଯାଏ,
ବିଶ୍ୱାସ ର ହାତ ଯେତେ ବଢେଇଲେ
ଘୁଞ୍ଚି ଯାଏ କୂଳର ଦୂରତା,
କୂଳର କଳନା ପଚାରନା...
ଭାଗ୍ୟର ଭାଗଟା ଦାବି କରୁ କରୁ
ନଈ ସୁଖିଯାଏ, ନଇଁ ଆସେ ବୟସ ର ଅପରାହ୍ନ;
ବନ୍ୟାକୁ ବୟସର ସୁଅ କଥା ପଚାରନା...
ଖୋଜୁ ଖୋଜୁ ହଜିଯାଏ ଖୋଜିବାର ଆଶା
ଅଧୁରା ଅଧ୍ୟାୟରେ ଅସରନ୍ତି କମା'ର ଆଶଙ୍କା,
ପୂର୍ଣତାର ପୂର୍ଣଚ୍ଛେଦ କେବେ ପଚାରନା;
ପଚାରନା କିଏ ଦେଲା ଛଳନା ସାନ୍ତ୍ୱନା...

କଲ୍ୟାଣପୁର, ନୟାଗଡ଼ ମୋ. ୯୮୭୧୦୭୧୫୨

Download Magazine from www.aahwaan.com

# ମୁଁ ମାନଗୋବିନ୍ଦ



ବିକେଶ କୁମାର ସାହୁ

ମୁଁ ମାନଗୋବିନ୍ଦ
ସୂତ୍ରଧର ସେଇ ମହାଭାରତର
ପିତା ମୋର ଧୃତରାଷ୍ଟ୍ର ମାତା ମୋ ଗାନ୍ଧାରୀ
ଭ୍ରାତା ମୋର ଦୁଃଶାସନ ସଙ୍ଗେ ଶତ ଭାଇ
ମାମୁଁ ମୋ ସକୁନି
ମିତ୍ର ମୋର ଅଙ୍ଗ ରାଜ
ଗଦାଯୁଦ୍ଧେ ପାରଙ୍ଗମ ନୁହେଁ କେହୁ ତୁଳ
ମୁଁ ମାନଗୋବିନ୍ଦ
ସୂତ୍ରଧର ସେଇ ମହାଭାରତର.. ।।
ହଁ ମୁଁ ଅନ୍ୟାୟୀ ଅଧର୍ମୀ
ଅଟେ ମୁଁ ଖଳ ପ୍ରକୃତିର
ମୁଁ ହିଁ ଦେଇଥିଲି ଭୀମକୁ ବିଷଲଡୁ
ଝିମିଟି ଖେଳରୁ ସୃଷ୍ଟି କରିଥିଲି
ସେଇ ବିରାଟ ମହାଭାରତ
କୁଚକ୍ରି ମାମୁଁ ମନ୍ତ୍ରଣାରେ
ଖେଳି ଥିଲି କପଟ ପାସା କୁରୁସଭା ତଳେ
ଆଉ ଚାଖିଥିଲି ବିଜୟର ସ୍ୱାଦ
ପାଣ୍ଡବଙ୍କୁ ଦେଇ ବନବାସ

Download Magazine from www.aahwaan.com

ମୁଁ ମାନଗୋବିନ୍ଦ

ସୂତ୍ରଧର ସେଇ ମହାଭାରତର.... । ।

ମୁଁ ହିଁ ତ ରଚିଥିଲି ପାଣ୍ଡବ ମୃତ୍ୟୁର

ଅସଂଖ୍ୟ କୁଚକ୍ରାନ୍ତ

ତୋଳି ଥିଲି ପୁରୋଞ୍ଚନ ପଣ୍ଡା ହାତେ

ଦିବ୍ୟ ମନୋରମ ଜତୁଗୃହ

ହରିଥିଲି ମାତୃତୁଲ୍ୟା ଦ୍ରୋପଦୀର ବସ୍ତ୍ର

ତା ପୁଣି କୁରୁସଭା ତଳେ

ଶତ ନୃପ ଯହିଁ ଥିଲେ ଉପଗତ

ନ ଥିଲା କି ସେ ଅନ୍ୟାୟ

ମୁଁ ମାନଗୋବିନ୍ଦ

ସୂତ୍ରଧର ସେଇ ମହାଭାରତର.... । ।

ଭୂଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

# ମହାନ



ପ୍ରସନ୍ନ କୁମାର ଭୁଏ

ଚାକିରି କଲ ପଏସା କମାଲ
ନିଜ୍ କେ ଭାବଲ ମହାନ୍
ଗାଡ଼ି ମଟର ଘର ଦ୍ୱାର୍ କଲ
ହେଲ ତମେ ସିଆନ୍ ,
ରାଏଜ୍ ଗଲ ଟ୍ରେନ୍ ଚଢ଼ଲ
କମାଲ ଟଁକା ପଏସା
ସିଖଲ କେତେ ଚାଲି ଚଲନ୍
ନୁଆଁ କେତେ ଭାସା,
ମାଁ ବୁଆ ଘର୍ ବଂଧୁ ବାଂଧବ
ଗଲ ସମକୁ ଭୁଲି,
ପଢ଼ାଲା ଲିଖାଲା ବଢ଼ାଲା ଉଢ଼ାଲା
ତାହାକୁ ଗଲ ଭୁଲି,
ମାଁ ବୁଆ କାଏଁ ପାପ୍ କରିଥିଲେ
ଅଁଟି ହେଲା ସୁଇନ୍,
ଶାଶ ଶଶୁରର୍ କାଏଁ କପାଲ
ପାଏଲେ ଏଲ୍ଲି ପୁଇନ୍,
ମାଁର ସେନେହ୍ ବୁଆର୍ ପରିଶ୍ରମ

Download Magazine from www.aahwaan.com

ନାଇଁ ପଡ଼େ କାଏଁ ସୋର୍,
ମାଁ ବା କେ ଭୁଲି ସାସ୍ ସସୁର୍ କେ
କହୁଛୁ ମୋର୍ ମୋର୍,
ପାଠ୍ ସାଠ୍ ସବୁ ତୋର୍ ବେକାର୍ ହେଲା
ନାଇଁ ପାଏଲୁ ଗିଆନ୍,
କାଣା ପାଏଲୁ ଯେ ଏତେ ଗରବ୍
ନିଜେ୍କ ଭାବୁଛୁ ମହାନ୍,
ଧନ୍ ସଂପତି ଛୁଆ ପିଲା ମାଏଝି
ସାଂଗେ ନାଇଁ ଯାଆନ୍
ଦିନେ ହେଲେ କେଭେ ସେବା ନାଇଁ କଲୁ
ଯେ ତୋର୍ ଲାଗି ଭଗବାନ୍,
ଅନୁତାପ୍ କର୍ବୁ ଲୁହୁ ଝରାବୁ
ରକତ୍ ହେବା ପାଏନ୍,
ଛାର୍ ଛିଦରା ସବୁ ଗରବ୍
ଭାଂଗି ହେବା ଗୁଣ୍,
ସମିଆ ସର୍ବା ପୁର୍ଥୀ ଉଲ୍ଟିବା
ଚାଲୁଥିବେ ସଭେ ମସାନ୍,
ଅନ୍ତରେ ତୁଇ ପସ୍ତାବୁ ଦିନେ
ଜାନ୍‌ଲେ ମାଁ ବୁଆର ଠାନ୍ ।

Download Magazine from www.aahwaan.com

# ସ୍ଥବିର ସ୍ପନ୍ଦନ



✍ ଅଶୋକ ବିଶ୍ୱାଳ

ସ୍ଥବିର ସ୍ପନ୍ଦନ - (ତାଙ୍ଗାଙ୍ଗ ପର୍ବତର ଆତ୍ମା)-୨

ଦିନେ କହିଲି ମୁଁ ତାକୁ
ଛାଡି ଚାଲିଯିବା ପାଇଁ
କେଉଁ ଦୂର ଅରଣ୍ୟକୁ
ଚାଲିଯିବା ପାଇଁ ଭଙ୍ଗା କୁଟୀରକୁ
ଫେରିଯିବା ପାଇଁ
ପର୍ବତ କୋଳକୁ  ।

ଆଉ ସେ ଚାଲିଗଲା
କିଛି ନକହିକି
ପଛକୁ ଟିକେ ଅନାଇଲା ନାହିଁ
ଟିକିଏ ବୁଲି ଦେଖିଲାନି
ଏତେ ଫୁଲ ଲଗାଇତ ଥିଲା  ।

ପଚାରିଲି  ମୁଁ ସେଇ ଯେ ଫୁଲକୁ
ବଢାଇଥିଲା ଏତେ ଯତ୍ନକରି
ବଗିଚାର ପକ୍ଷୀକୁ  ମୁଁ ପଚାରିଲି

ତାର ସନ୍ଦେଶର କଥା
ଝରଣା ପାଣିକୁ ମନ କଥା ପଚାରିଲି
ଉତର କେହି ତ ନଦେଲେ
ଜାଣିଥିଲେ ତ ସେମାନେ
କେହି କିଛି ନ ତ କହିଲେ ।

ସେଦିନ ସଂଜରେ ଡାକିଲି ମୁଁ ତାକୁ
କହିଲି ଫେରି ଆସିବାର ପାଇଁ
ଚାଲିଆସୁ ଅଗନାଗ୍ନି ବନସ୍ତରୁ
ଫେରିଆସୁ ଉଚ୍ଚ ପର୍ବତ ଦେଶରୁ
ନଥିଲା ସେ ଫୁଲର ପାଖରେ
ନଥିଲା ତ ବଗିଚାରେ
ନଥିଲା ସେ ଝରଣା କୂଳରେ
ତଥାପି ମୁଁ ତାକୁ ଡାକୁଥିଲି ।

କିଛି ଦିଶୁ ତ ନଥିଲା
ଉତର କିନ୍ତୁ ସେ ଦେଉଥିଲା
କାହିଁ କେତେ ଦୂରୁ
ଆଖି ପିଛୁଳାକେ
ଛୁଟି ଆସିଲା ମୋର ବାହୁ ବନ୍ଧନକୁ
ହୃଦୟ ବନ୍ଦ ହୋଇଯାଉଥିଲା ।

Download Magazine from www.aahwaan.com

# ଆସରେ ଟୁନା ଆସରେ ମୁନା



ସୁଦାମ ଗୌଡ଼

ଆସରେ ଟୁନା ଆସରେ ମୁନା
ମିଳି ମିଶି ଆମେ ସ୍କୁଲ ଯିବା ।
ପାଠ ପଢ଼ିବା ବଡ଼ ମଣିଷ ହେବା
ଦେଶର ଆମେ ନାଆ ରଖିବା ॥

ମାଆ ବାପାଙ୍କ କଥା ମାନି ଚଲିବା ।
ଗୁରୁଜନ ଗୁରୁଙ୍କୁ ସେବା କରିବା ॥
ଗୋପବନ୍ଧୁ ଦାଶ ବୀର ସୁରେନ୍ଦ୍ର ସାଏ
ବାଜି ରାଉତ ରଖି ଯାଇଛନ୍ତି ନାଆ ।
ବଡ଼ ହେଲେ ଆମେବି ରଖିବା
ଏଇ ଭାରତ ଆମର ମାଆ ॥

ତାରି କୋଳରେ ଜନମ ଆମର ।
ଆମେ ସମସ୍ତେ ଭାରତ ମାତାର ॥
ସେହି ମାଟିରେ ଖେଳି ଆସିଛୁ
ନାନା ପ୍ରକାରର ଖେଳ ।
ସକାଳ ରୁ ସଞ୍ଜ ସାଙ୍ଗ ସାଥୀ ମେଳ

Download Magazine from www.aahwaan.com

ବୁଡ଼ି ଯାଉଥିଲା ବେଳ ॥

ସମସ୍ତେ ମିଶି ସପଥ କରିବା
ଭାରତ ଆମର ଦେଶ ।
ଭାରତ ମାତାର ଗାନ ଗାଇ ଗାଇ ଯିବା
ସମସ୍ତେ ମିଳି ମିଶି ଆସ ॥

ସୁନ୍ଦରଗଡ଼
ମୋ-୮୭୬୨୩୯୦୦୭୯

Download Magazine from www.aahwaan.com

# ମିନି କବିତା



ରଶ୍ମିତା ମହାନ୍ତ

## ଏକ

ଅକଲ ମକଲ ଟକଲ ଟିଆଁ
ହନୁମାଙ୍କଡ ହୋଇଛି ଠିଆ
ହାତରେ ତାହାର କଷି କାକୁଡି
ଖାଇବ ବୋଲି ମସଲା ମୁଢି ।
ମାଙ୍କଡ ପଲକୁ ଦେଖି ବାଡିରେ
ଗୌତମ ଦାଦା ଧାଏଁ ପଛରେ
ପାକୁଆ ପାଟିରେ ପାନ ପୁରାଇ
ଗୋଲାପି ଦାଦି କେତେ ରାଗଇ
କିଏ ବା ଶୁଣୁଛି ତା ରାଗକୁ
କାକୁଡି ଧରି ମାଙ୍କଡ ଛୁ ।

ଅକଲ ମକଲ ଟକଲ ଟିଆଁ
ଦୁଆରେ ବସିଛି ବିଲେଇ ଛୁଆ
ଶିକାରେ ରହିଛି ଭଜା ଶୁଖୁଆ
ଲାଳ ଗଡାଉଛି ପୁଷି ବିଲେଇ
ମଉକା ମିଳିଲେ ନେବ ଚୋରାଇ

Download Magazine from www.aahwaan.com

ମା' ଛୁଆ ମିଶି ଭୋଜି କରିବେ
ବଳକା ତକ କାଲି ଖାଇବେ ।

ଦୁଇ

ପୁଷିର ଯୋଜନା ବୁଝି ଭାଲୁଆ
ଭୋଭୋ କରେ ପକାଇ ରାହା
ବିଲେଇ ଛୁଆ କହେ ଗେହ୍ଲେଇ
ଭାଲୁଆ ଅଙ୍କଲ–"ନାଆଇଁ ନାଇଁ !
ମିଶିକି ଖାଇବା ଶୁଖୁଆ ଭଜା
ତୁମେ ପରା ଆମ ଗାଁର ରଜା ।"
ଭାଲୁଆର ଜିଭ ଲାଳେଇ ଗଲା
ତଥାପି ହୁଙ୍କାରି ସିଏ କହିଲା
"ଥାଉଥାଉ ତୋ ଭୋଜି ଯୋଜନା ।
ଦାଦାକୁ କହୁଛି ରହ ଏଇନା "
ମୂଷା ଡେରି ଥିଲା କାନ
କରି ସରି ଥିଲା ପ୍ଲାନ ।
ସବୁ କଥା ଶୁଣି ମୁରୁକୀ ହସି
ମୂଷା ନେଇ ଗଲା ଶୁଖୁଆ ପିସ ।
ଭାଲୁଆ କରିଲା ତୁଚ୍ଛାରେ ରଡି
ବିଲେଇ କାନ୍ଦିଲା ମାଟିରେ ଗଡି
ମୂଷା କହେ ସରି ମାରି ହେଉଡି ।

ଭୁବନେଶ୍ୱର

Download Magazine from www.aahwaan.com

# ଆହ୍ୱାନ



ଡଃ ଅସିତ କୁମାର ସ୍ୱାଇଁ

ଆହ୍ୱାନ ଏକ ଆସନ୍ତା କାଲିକୁ
ଯେଉଁଠି ହେବି ମୁଁ ଗର୍ବିତ
ପରିଚୟ ଦେଇ ମୁଁ ଏକ ଓଡ଼ିଆ
ପ୍ରୀତି - ସମୃଦ୍ଧିରେ ଖ୍ୟାତ ମୋ ରାଜ୍ୟ
ଯହିଁ ଅଫୁରନ୍ତ ଚାରୁକଳା ଅଦ୍ୱିତୀୟ
ଲାଗେ ମୋତେ ସବୁଠୁ ବଢ଼ିଆ ।

ଆହ୍ୱାନ ମୋର ରାଜ୍ୟବାସୀଙ୍କୁ
କୁହ ଗର୍ବରେ ଆମେ ସ୍ୱତନ୍ତ୍ର
ପରିଚୟ ଆମ ଶାସ୍ତ୍ର-ପାଣ୍ଡିତ୍ୟ
ସମୃଦ୍ଧ ଆମ କଳା-ସାହିତ୍ୟ
ଅତୀତର ସେଇ ବିଜ୍ଞାନ-ଭାସ୍କର୍ଯ୍ୟ
ମନ୍ଦିର ଗର୍ଭରେ ଦର୍ଶାଏ ଯନ୍ତ୍ର ।

ଆହ୍ୱାନ ମୋର ଯୁବପୀଢ଼ିଙ୍କୁ
ମନେ ପକାଅ ସେ ବଡ଼ ବଢ଼ିଆ
ରଖିଥିଲେ ଟେକ ଦେଶେ-ବିଦେଶେ

Download Magazine from www.aahwaan.com

ଅବହେଳିତ ଆଜି ନିଜରି ଦେଶେ
ଓ ରୁ ଓଁକାର, ଓ ରୁ ଓଡ଼ିଆ
ଶୀର୍ଷରେ ପୁଣି ହୋଇବା ଠିଆ ।

ଆହ୍ୱାନ ମୋର ପିଲା ମାନଙ୍କୁ
ମନେ ପକାଅ ସେ ଧର୍ମପଦକୁ
କର ପ୍ରଣିପାତ ଜନଜାତିଙ୍କୁ
ସ୍ୱତନ୍ତ୍ର ଆମରି ଉତ୍କଳ ଦେଶ
ସାଗର-ଜଙ୍ଗଲ ମୋ' ପରିବେଶ
ମୋ' ସାଥୀ ଅଟନ୍ତି ସେ ନନ୍ଦିଘୋଷ ।

Download Magazine from www.aahwaan.com

# ମାଆ ପାଇଁ ପଦେ



ଶ୍ରୀଧର ପଟ୍ଟନାୟକ

ଶବ୍ଦଗୁଡା ଇତସ୍ତତଃ ଚାରିପାଖେ,
ଧରା ଦେଉନାହାନ୍ତି ଜମା,
କୋଉ ଶବ୍ଦରେ ରୂପ ଦିଅନ୍ତି
ମୋ ମନର ଆବେଗଗୁଡାକୁ ;
କୁହ କୁହ କବି ଗଣ,
କୋଉ ଶବ୍ଦରେ ତୋଳିହେବ ମାଆର ମମତା,
ଏ ମାଟିର କୋଉ ଭାଷା ସରିହେବ ଯେ,
ଲେଖିବାକୁ ମାଆ ପ୍ରତି ନିଜ କୃତଜ୍ଞତା !

ଏ ତ ଆଦ୍ୟସ୍ୱର ପବିତ୍ର ଓଁ କାର,
ଜୀବନର ସାତ ସୁର,
ନିଳୟରୁ ସୃଷ୍ଟ ଏକ ବୀଣାର ଝଙ୍କାର,
ଉଚ୍ଚାରଣେ ପେଟ ଭରେ ତୁଟେ ଭୟ
ଲୁଚିଯାଏ ଜୀବନ ଯନ୍ତ୍ରଣା,
ଭାଷିବାକୁ ହୃଦୟର ଭାଷା
କୋଉ ଶବ୍ଦ କୋଉଠୁ ପାଇବି ଯେ,
ଆଙ୍କିବାକୁ ମାଆର ମମତା !

Download Magazine from www.aahwaan.com

ଜୀବନର ପ୍ରତି ମୂହୁର୍ତ୍ତରେ
ଯେଉଁ ଶବ୍ଦ ମନେ ଭରେ
ଜୀଇଁବାର ପ୍ରଖର ଆତ୍ମବିଶ୍ୱାସ,
ଦିଏ ପୁଣି ବଞ୍ଚିବାର ଶତ ସିଂହ ବଳ,
ତିଳ ତିଳ କରି ଜଳେ ଯିଏ ସଳିତାଟେ ଭଳି
ମୋ ହସର ମୋ ସୁଖର ପ୍ରତି ମୂହୁର୍ତ୍ତରେ
ସାଜେ ଯିଏ ତ୍ୟାଗର ଈଶ୍ୱରୀ ;
ପଦେ ଅଧେ ତା' ପାଦରେ ମୋ ଅବୋଧ କବିତା
ଭାଷିବାକୁ ମୋ ଅନ୍ତରର ଭାଷା....

ଭାଷିବାକୁ ମୋ ଅନ୍ତରର ଭାଷା.... !

କଲ୍ୟାଣସିଂହପୁର, ରାୟଗଡ । ୯୧୭୮୭୪୪୨୫୦
( ମାଆଙ୍କ ଜନ୍ମଦିନ ଅବସରରେ ପଦେ ଅଧେ )

Download Magazine from www.aahwaan.com

# ବେନାମୀ କବିତା



ଶୁଭାଶିଷ ମହାରଣା

ଛୋଟ ଛୋଟ ଆଖି, ଛୋଟ ଛୋଟ ପାଦ ଥିଲା,
ଏ କଥା ସେ ସମୟର,
ଯେତେବେଳେ ଦୁନିଆ ମୋ ପାଇଁ ଅଚିହ୍ନା ଥିଲା ।

ମୁ ଟିକେ ହସିଦେଲେ ସେ ବି ବହୁତ ଖୁସି ହଉ ଥିଲା,
ଦେହ ମୋର ଖରାପ ହେଲେ,
ଅନିଦ୍ରା ସେ ରହୁଥିଲା ଆଉ ଛାତି ତାର ଥରୁ ଥିଲା ।

ନିଜ ସ୍ୱପ୍ନ କୁ ଭସେଇ ଦେଇ ସେ ମୋ ସ୍ୱପ୍ନ କୁ ସାଇତି ଥିଲା,
ହଁ ଘରେ ବୋଧେ ଅସୁବିଧା ଥିଲା,
କିନ୍ତୁ ସେ ମୋ ଭବିଷ୍ୟ ପାଇଁ ସବୁ କିଛି ସାଇତି ରଖୁଥିଲା ।

ଏ କଥା ସେ ସମୟର,
ଯେତେବେଳେ ଦୁନିଆ ମୋ ପାଇଁ ଅଚିହ୍ନା ଥିଲା ।
ରାତିରେ କାନ୍ଦିବା, ଦୁଷ୍ଟାମୀ କରିବା ସବୁ ସେ ସହୁ ଥିଲା,
ସେ ମୋ ବାପା ହିଁ ଥିଲା,
ମୁଁ କାନ୍ଦିବା ବେଳେ ଯିଏ ମୋତେ ଗେଲ କରି ହସେଇ ଥିଲା ।

କଥା ତ ମୁଁ କହି ପାରୁ ନଥିଲି,
ମୋ ଇସାରା ସେ ବୁଝି ଯାଉ ଥିଲା ।

 Download Magazine from www.aahwaan.com

'ବାପା' ତ ଦୂରର କଥା ମୋ ପାଟିରୁ 'ବା' ବାହାରୁ ନଥିଲା,
କିନ୍ତୁ ସେ ସେମିତି ମୋର ସବୁ ଇଚ୍ଛା ପୁରା କରି ଚାଲିଥିଲା ।

ତା'ର ପାଦକୁ ମୁଁ ଚାହିଁ ରହୁଥିଲି କି ସେ ଆଉ କୁଆଡ଼େ ନ ଯାଉ,
ତା'ର ବି ତ ବହୁତ କାମ ଥିଲା,
କିନ୍ତୁ ମୋ ପାଖକୁ ଘରକୁ ଆସିବା ପାଇଁ ସେ ଘଡ଼ିକୁ ଚାହିଁ ରହୁଥିଲା ।

ସନ୍ଧ୍ୟାରେ ମୁଁ ବି, ସେ ଆସିବ ବୋଲି ଚାହିଁ ରହୁଥିଲି,
ତାକୁ ଦେଖି ମୁଁ ଖୁସି ହଉଥିଲି,
କେମିତି ବି ଇସାରା କରି ମୋ ପାଖକୁ ଡାକୁଥିଲି,
ସେ ସବୁ କିଛି ଛାଡ଼ି ମୋତେ ତା'ର ଛାତିରେ ଲାଗେଇ ଦଉଥିଲା ।
ଆଉ ମୁଁ ବି ବୁଝୁଥିଲି କି ମୁଁ ତାର ଜୀବନ ଥିଲି ।

ମୋ ଖୁସି ପାଇଁ କେବେ ହାତୀ କେବେ ଘୋଡ଼ା ହଉଥିଲା,
ଆଉ ମୁଁ ରାତିରେ ଶାନ୍ତିରେ ଶୋଇବି ବୋଲି,
ସେ ତାର ପୁରା ରାତି ମୋତେ ଦେଖି ଦେଖି କାଟି ଦଉଥିଲା ।

କିଛି ନ ପାଇବାର ଆଶା ନେଇ ଯିଏ ଭଲପାଏ ସେ ବାପା,
ଯିଏ ସନ୍ତାନର ଖୁସି ପାଇଁ ନିଜ ଖୁସିକୁ ଆଡ଼େଇ ଦିଏ ସେ ବାପା,
କଲମରେ ଲେଖି ହବନି,
ଶବ୍ଦରେ ବର୍ଣ୍ଣନା କରି ହବନି ଯାହାକୁ ସେ ହେଇଥାଏ ବାପା ।

ଛୋଟ କଥାଟିଏ କହିବି,

Download Magazine from www.aahwaan.com

ବଡ଼ ତୁମେ ହେଇ ଯାଇଛ,
ଦିନ ଆସିବ ତୁମେ ସେ ଲୋକର ସାହାରା ହେଇଯିବ ।
ଯାହା ହାତ ଧରି ତୁମେ ଚାଲିବା ଶିଖିଲ,
ସେ ଲୋକର ସାହାରା ଗୋଟେ କାଠର ବାଡି ହେଇଯିବ ।
ଯିଏ ତୁମକୁ ବଞ୍ଚିବା ଶିଖେଇଛି,
ଥରେ ଭାବ କାଲି ଯଦି ସେ ନ ରହିବ ତ ତୁମର କଣ ହବ ।

ସମୟ ତ ତୁମ ପାଖରେ ଏବେ ବି ଅଛି,
ଥରେ କହି ଦିଅ ତୁମ ମନରେ କେତେ ଭଲ ପାଇବା ଅଛି
ଯେ ପର୍ଯ୍ୟନ୍ତ ତୁମ ଉପରେ ବାପାଙ୍କ ଛାଇ ଅଛି,
ସ୍ୱର୍ଗ ଖୋଜୁଛ ? ସ୍ୱର୍ଗ ତ ବାପାଙ୍କ ଚରଣ ରେ ହିଁ ଅଛି ।

ଭଗବାନ ତ ମନ୍ଦିର ମସଜିଦ ଚର୍ଚ୍ଚରେ ମିଳିଯିବେ,
ବାପାଙ୍କ ପରି କଣ କିଏ ହବ ?
ଯାଇକି ଥରୁଟିଏ କୁଣ୍ଢେଇ ଧର ନିଜ ବାପାଙ୍କୁ ମନ ଭରି,
କାଲି ସେ ଯଦି ନଥିବେ ତ ଥରେ ଭାବ ତୁମର କଣ ହବ ।

ମୁଁ ଏ କବିତାର ନାଁ କଣ ରଖିବି ଜାଣି ପାରିଲିନି,
କାହିଁକି ନା ବାପାଙ୍କୁ ଗୋଟେ ଶବ୍ଦରେ କଣ କହିବି ଜାଣି ପାରିଲିନି ।

ବରୋଦା, ଗୁଜରାଟ, ୯୯୧୬୨୦୮୫୫

Download Magazine from www.aahwaan.com

# ସମୁଦ୍ର କେତେ ଦୂର



ବିନୟ ମହାପାତ୍ର

ଜୀବନ
ସୁକୁମାରୀ ନଦୀଟିଏ ।
ଅନନ୍ତ ଅନ୍ତରୀକ୍ଷ ତେଜି,
ଲମ୍ଫମାରି ଧରାବତରଣ କଲା ଭାଗୀରଥି,
ଅତି ବ୍ୟାକୁଳରେ ଖୋଜୁଥିଲା,
ଧୂର୍ଜଟୀର ଜଟା ।
ହେଲେ, ନାହିଁ,
କେହି ନାହିଁ ଏଠି,
ବାହୁପଶାରୀ କୋଳେ ନେଇଯିବ,
ଛାତିରେ ତା ଆଉଜାଇ ନେବ, ଆଉ
ପଚାରିବ ଯାତ୍ରା କିପରି ଥିଲା ?

ଜୀବନ ତ ଯାତ୍ରାଟିଏ,
ପଥ ଜଣାନାହିଁ, କିନ୍ତୁ
ଗନ୍ତବ୍ୟ ତ ମହୋଦଧୀ ମୋର
କେବଳ ଜାଣିଛି ଏତିକି ।
ଯେଉଁଠାରୁ ଆରମ୍ଭ ମୋ ପଥ,

Download Magazine from www.aahwaan.com

ସେଇଠି ସମାପ୍ତ,
ବିଚିତ୍ର ଏ ସୃଜନୀର ତନ୍ତ୍ର ।

କୁଳୁକୁଳୁ ବୋହିଗଲା
ଝରଣାର ରୂପ ନେଇ
ଚପଳ ଶିଶୁମତି ମୋର,
ହେଲେ ଦୁନିଆଁ ନିଷ୍ଠୁର ।
ପଥ ଅଟକାଏ ଅଚଳ ପର୍ବତ,
ଦୁର୍ଗମ ବନ, କଙ୍କରୀତ ପଥ,
ହେଲେ ସେ କିବା ଜାଣନ୍ତି
ପରମାଣୁ କେତେ ଯେ ଶକତ ?
କିଏ ଅବା ଅଟକାଇ ନେବ ପାଦ ମୋର
ରୁନ୍ଧି ମୋର ପଥ ?

ସମତଳେ ଯୌବନ ମୋ
କାୟା ମୋ ବିଶାଳ
ଉଦଣ୍ଡ ମୋ ମତି,
ତୃଷାର୍ତ୍ତରେ ଢାଳି ଦେଲି ଜଳ,
ଦେଲି ଦଣ୍ଡ ଯିଏ ରୋଧେ ପଥ ମୋର ।
ପ୍ରିୟଜନ ମିଳିଗଲେ କେତେ,

Download Magazine from www.aahwaan.com

କାନ୍ଧରେ ମିଶାଇ କାନ୍ଧ
ସହଯାତ୍ରା କଲେ ମୋର ସାଥେ ।
ଦେଇଗଲି ସନ୍ତତି ଜନ ଜନ ପାଇଁ,
କେତେ ଯେ ସଭ୍ୟତା କୂଳେ ଗଲି ଦେଇ,
ତଥାପି ଚାଲିଛି ଖୋଜି ସମୁଦ୍ର ଠିକଣା ।

ଶୁଭେ କରାଳ ସମୁଦ୍ରର ଡାକ,
ଜାଣିଛି ମୁଁ ଆଉ ବେଶିଦୂର ନୁହେଁ
ସମୁଦ୍ର ନିକଟ ।
ଆଜି ନ ହେଲେ,
କାଲି ତ ସରିବ ଏ ଯାତ୍ରା,
କିନ୍ତୁ ସରିବନି ଜୀବନର ଗାଥା ।
ନଦୀ କିବା ମରେ କେବେ ରବିତଳେ,
ବୋହି ଚାଲିଥିବ ଅମୀୟର
ଧାରା କାଳେ କାଳେ ।
ଜୀବନ ତ ନଦୀଟିଏ ପରି, ହେଲେ
ମରେ ନାହିଁ ମୃତ୍ୟୁ ସାଥେ ସାଥେ ।
ମୃତ୍ୟୁଞ୍ଜୟୀ ସିଏ,
ଯିଏ ଜିତିପାରେ ସକଳ ହୃଦୟ
ନିଜ ପ୍ରେମବଳେ ।

Download Magazine from www.aahwaan.com

# ହତାଶ ଶିକ୍ଷକ



ଶୁଭଶ୍ରୀ ନାୟକ

ଚାରି କାନ୍ଥ ଘର କୋଠରୀ ଭିତରେ
ଆସନ୍ତା କାଲିର ନାଗରିକ
ନୁହେଁ ମୁଁ ବିଜ୍ଞାଣୀ ନୁହେଁ କାରିଗର
ଗଢ଼ିବି ମୋ ଦେଶ ଆଗନ୍ତୁକ ।
ନାହିଁ ମୋ ସାଧନ ଯଦିଓ
ମନରେ ଅସୀମ ଆଶା ବାନ୍ଧି
ଜୀବନଟିଏକୁ ତୋଳିଦେବି ମୁହିଁ
ଉତ୍ସର୍ଗ ଏ ପ୍ରାଣ ଦେଶ ଲାଗି ।
ନିଷ୍ପାପ ଶିଶୁର ଦରୋଟି ହସରେ
ଦୁନିଆ ଯାତନା ଯାଏ ଭୁଲି
ଶିଖାଇବି ତାକୁ ଡ଼ରନା ବାବୁରେ
ମୁଣ୍ଡ ଟେକି ବାଟ ଯାଆ ଚାଲି ।
ଭାରତ ଭୂଇଁରେ ଜନମ ନେଇଛି
ରକତ ତା ପାଇଁ ବୁହାଇନି
ସୀମା ପ୍ରାନ୍ତେ ବସି ବଇରିଙ୍କ ସଙ୍ଗେ
ଲଢ଼େଇ ମୁଁ କେବେ କରିନାହିଁ ।
ଜନ୍ମଭୂଇଁ ପାଇଁ ଦେଇନାହିଁ ପ୍ରାଣ

Download Magazine from www.aahwaan.com

ଧନ ଦେବା ପାଇଁ ଶକ୍ତି କାହିଁ
ଅନ୍ତତଃ ଶିଶୁଟେ ଗଢ଼ିଦେବି ମୁହିଁ
ଏ ସଂସାର ରହିଥିବ ଚାହିଁ
ତିରଙ୍ଗା ପତାକା ଗରବେ ଉଡ଼ିବ
ଦେଶ ମୋ ହୋଇବ ସର୍ବୋନ୍ନତ
ଜାତି, ଧର୍ମ, ବର୍ଣ୍ଣ ଭେଦଭାବ ଭୁଲି
ମିଳାଇବେ ସବୁ ଭାଇ ହାତ ।
ଅନେକ ସପନ ମନରେ ଭରିଛି
ଗଢ଼ିବି ମୋ ଦେଶ ମୋ ସମାଜ
ଗଉରବ ପଣେ ମଥା ହୁଏ ଉଚ୍ଚ
ଉତ୍ସର୍ଗ ହେଉ ଏ ମୋର କାର୍ଯ୍ୟ ।
ହେଲେ କାହିଁ ଏଇ ସପନଟି ମୋର
ଭାଙ୍ଗିରୁଜି ହୁଏ ଚୁରମାର
ଦୁନିଆ ଆଖିରେ ମାଷ୍ଟରଟାଏ ତ
ଯେତେଯାକ ଦୋଷ ହୁଏ ତାର ।
ମଧ୍ୟାହ୍ନ ଭୋଜନ ଯୋଜନା ଭିତରେ
ଦିନରାତି ସିଏ ହୁଏ ପେଶି
ଏସ୍ ସି, ଏସ୍ ଟି ଆଉ ଜେନେରାଲ କେତେ
ବର୍ଷଯାକ ଅଙ୍କ ବସେ କଷି ।
ଆଧାର ନମ୍ବର, ବିପିଏଲ୍ ନମ୍ବର

ଲେଖିଲେଖି ହୁଏ ବାଟବଣା

ଏମ୍ ଆର୍ ରୁବେଲା କେତେ ପିଲା ନେଲେ

ଦି ଦିନ ଭିତରେ ଶୀଘ୍ର ଜଣା ।

ପ୍ରଶାସନ କଡ଼ା ତାଗିଦ ନଜର

ସାଜିଛନ୍ତି ଏଠି ସବୁ ଭକ୍ଷକ

ଅନ୍ଧ ଦୁନିଆର ଚକ୍ରବ୍ୟୂହରେ

ହତାଶ ମୁଁ ଏକ ଶିକ୍ଷକ ।

ରାୟଗଡ଼ା, ଓଡ଼ିଶା

Download Magazine from www.aahwaan.com

# ମନର କଥା



ଶ୍ରୀ ରାଜଶେଖର 'ଚିମା'

ନିଜ ମନର ସବୁ କଥା କହିବାକୁ ମିଳିବନି ପଦ
ଭାଷା ନିତ୍ୟ ଲାଗେ ଗଭୀର ହ୍ରଦ ।
ଅକ୍ଷର ଅକ୍ଷର ସଂଯୋଡ଼ି ସଂଯୋଡ଼ି ହୁଏ ସମ୍ବାଦ,
ମନର ସବୁ ଭାବନାକୁ କରିହେବନି ଅନୁବାଦ ।
ହୃଦୟର କଥା କହିଲା ବେଳେ ଯଦି ନାହିଁ ଭଲ ସ୍ୱାଦ,
ତା ହେଲେ ନିଶ୍ଚୟ ହୋଇପାରେ ବିବାଦ ।
କାହାକୁ ଅଭିବ୍ୟକ୍ତ କରିବନି ନିଜ ମନର ଭେଦ,
ଜାଣି ବି ପାରିବନି କେବେ ହେବ କିଏ ନାରଦ ।
ମନୋରମ କଥା କହି ଶୁଣି କରିବା ପରିବେଶକୁ ଆହ୍ଲାଦ,
ମନଛୁଆଁ କଥା କହି ପାଇବା ଗୁରୁଜନଙ୍କ ଆଶୀର୍ବାଦ ।
ଦର୍ଶନ ହୁଏ ଯେବେ ଶ୍ରୀଲକ୍ଷ୍ମୀନାରାୟଣଙ୍କ ପାଦ,
ମନରୁ ଆରମ୍ଭ ହୁଏ ଠାକୁରଙ୍କ ପାଇଁ ନିନାଦ ।
ଶ୍ରବଣ ହୁଏ ଯେବେ ସଞ୍ଜବେଳର ଶଙ୍ଖନାଦ,
ଆଭାସ ହୁଏ ଯେ ଏଇ ଦିନବେଳ ଥିଲା ଶ୍ରୀଜୀଉଙ୍କ ବରାଦ ।

ଇମେଲ୍ : chvrajasekhar@gmail.com

Download Magazine from www.aahwaan.com

# ଦାନ



ଶ୍ରୀ ରମାକାନ୍ତ ମିଶ୍ର

"ଦେଲା ଠାରୁ ପୁଣ୍ୟ ନାହିଁ
ମାଗିଲାଠାରୁ ହୀନ ନାହିଁ"

ଅନାବିଳ ଚିତ୍ତରେ ଦିଆ ଯାଇଥିବା ଦାନ
ହେଉ ପଛେ କ୍ଷୁଦ୍ର ଅଟେ କିନ୍ତୁ ମହାନ
ମୂଲ୍ୟହୀନ ହେଲେବି ତାହା ମୂଲ୍ୟବାନ
ଅନାବିଳ ଦାନର ଆନନ୍ଦ ବର୍ଣ୍ଣନା ହୀନ ।

ପାଇଛୁ ଆମେ ଯାହା
ଦେବାକୁ ହେବ ତାହା
ଏ ଜୀବନ ଛାଡ଼ିବା ପୂର୍ବରୁ
କିଛି ଆମେ ନ ଥିଲେ ତ ଆଣି
ନେଇଥିଲୁ ଏହି ଠାରୁ
ଦେଇଥିଲେ କେହି ଆମକୁ
ଫେରାଇ ଦେଇ ଯିବାକୁ ହେବ
ତାହା ଏହି ଠାରେ
ଏ ଜୀବଦ୍ଦଶାରେ ।

Download Magazine from www.aahwaan.com

ପାଇ ଅଛୁ ଆମେ ଯାହା
ଦେଇ ଯିବାକୁ ହେବ ତାହା
ଆଜି ଯାହା ଆମର
କାଲି ଥିଲା କାହାର
ଆସନ୍ତା କାଲି ହେବ ଅନ୍ୟ କାହାର ।

ତେଣୁ ଜୀବିତାବସ୍ଥାରେ
ଖୋଜିବାକୁ ହେବ
ଦାନର ଉପଯୁକ୍ତ ପାତ୍ର ।
ଯେ କରି ପାରିବ ଯତ୍ନ
ଏ ଦାନରୂପୀ ଶାଶ୍ୱତ ସମ୍ପତ୍ତିର
ସେ ସମ୍ପତ୍ତି ଶାଶ୍ୱତ ଓ ଚିରନ୍ତନ
ଆଜି ହୁଏତ କାହାରି ପାଖରେ
ହୋଇ ଯାଇଛି କେନ୍ଦ୍ରିତ
କିନ୍ତୁ ପ୍ରତି ମୁହୂର୍ତ୍ତରେ ସେ
ଖୋଜୁଛି ଉପଯୁକ୍ତ ପାତ୍ର ।

ବିଶ୍ୱ ପ୍ରକୃତିରେ ଏ
ଦେବା ନେବା ଚାଲିଛି ନିରନ୍ତର

ଦାନ କେବେ ଯାଏ ନାହିଁ ବୃଥା

ଧାଇଁ ଥାଏ ତା ପଛେ ପଛେ ପ୍ରତିଦାନ ।

“ଦିଆକୁ ଦିଆ ଆଉ

ଅଦିଆକୁ ଦ୍ୱାର ଦିଆ”


ଭି.ଆଇ.ଏମ - ୨୬୮, ଶୈଳଶ୍ରୀ ବିହାର

ଭୁବନେଶ୍ୱର -୭୫୧୦୨୧

ମୋବାଇଲ -୯୯୩୭୨୨୬୮୦୧୨

Download Magazine from www.aahwaan.com

# ଅବ୍ୟକ୍ତ ଇଲାକା



କାର୍ତ୍ତିକ ପାଣିଗ୍ରାହୀ

ସବୁ କିଛି ହାତ ପାହାନ୍ତାରେ

କିନ୍ତୁ ତାକୁ ଛୁଇଁବାକୁ ମନା...

ନାନା ଜାତି ଫୁଲର ମହଣ ମହଣ ସମ୍ଭାର

ତାକୁ କିନ୍ତୁ ଗୁନ୍ଥିବାକୁ ମନା...

ସ୍ମୃତିର ସୁରାରେ ଛଳ ଛଳ

ପ୍ରୀତିର ପିଆଲା

ତାକୁ କିନ୍ତୁ ମତୁଆଲା ହେବା ମନା...

ବାଟସାରା ଶୋଭାଯାତ୍ରା

ଈପ୍ସିତ ଶବ୍ଦ ମାନଙ୍କର,

ତାଙ୍କୁ କିନ୍ତୁ ବାନ୍ଧିବାକୁ ମନା...

ନିଦର କବଜାରେ ଆଖିର ଇଲାକା

ତଥାପି ତାକୁ ସ୍ୱପ୍ନ ଦେଖିବା ମନା...

ଭାବନାର ଉତ୍ତାଳ ତରଙ୍ଗ

ବାରମ୍ବାର ହୁଏ ଆନମନା

ତାକୁ କିନ୍ତୁ ବେଳାଭୂମି ଛୁଇଁବାକୁ ମନା..

ଅବ୍ୟକ୍ତ ଇଲାକାରେ ବନ୍ଦୀ ପ୍ରେମିକ ମନଟି

ସବୁ କିଛିର ଆସ୍ତରଣ ତଳେ

ଅନ୍ତର୍ଦ୍ୱନ୍ଦର ଚଉହଦୀ ଭିତରେ

ଅହର୍ନିଶି ଜଳିବା ତା ଭାଗ୍ୟ

ତାକୁ କିନ୍ତୁ.......

ଜଳିବାକୁ ମନା...

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ଝିଅ



ଅନୁସୂୟା ମିଶ୍ର

"ତୁ ଯେ ଝିଅ
ପୁଅଙ୍କ ସାଙ୍ଗେ ତୁ ସମକକ୍ଷ ନୁହଁ" ! ! !
ପକ୍ଷପାତି ଦୁନିଆର ଏଇ ରୀତି
ତନ୍ନ ତନ୍ନ ଦେଖିବ ପରଖି
ତୋ ପାଦର ପ୍ରତିଟି ଗତିକୁ ।
ସଂକୀର୍ଣ୍ଣ ସମାଜ ବି ନିଃଶବ୍ଦ କରିଦେବ
ତୋ ମନର ସମସ୍ତ ସ୍ୱଷ୍ଟବାଦିତାକୁ ।
ସଂସ୍କୃତି ଓ ପରମ୍ପରାର ଦ୍ୱାହି
ତୋ ଆଗରେ ରଖିବ ସଜାଇ
ଅସରନ୍ତି ଅଗ୍ନିର ପରୀକ୍ଷା,
ଶିକୁଳି ନ ଥିବ ସତ
ଅହରହ ଖୋଜି ତୁ ବୁଲିବୁ
ତୋ ଭାଗର କ୍ଷଣେ ସ୍ୱାଧୀନତା ।
କହ ଧନ......ଲଢ଼ିପାରିବୁଟି
ଚିନ୍ତାଧାରାର ଚକ୍ରବ୍ୟୁହ ମଧ୍ୟେ
ନିରସ୍ତ୍ର ଅଭିମନ୍ୟୁଟିଏ ସାଜି ?
ତୁ ଗଢ଼ିପାରିବୁଟି

Download Magazine from www.aahwaan.com

ଆଲୋକିତ ଦୁନିଆଟେ ତୋର

ନିଜ ମଧ୍ୟେ ଅନ୍ଧାର ସାଉଁଟି ?

ଏବେ ବି କହି ରଖୁଛି

ପୁରୁଷପ୍ରଧାନ ମନୋବୃତ୍ତିକୁ ଟପି

ନାରୀଟିଏ ମୁଣ୍ଡ ଟେକି ଜୀଇଁବାଟା

ଭାବିବୁନି

ପରୀକାହାଣୀ ପରି କଥା କିଛି ।

Download Magazine from www.aahwaan.com

# କନ୍ୟାଭ୍ରୁଣର ବେଦନା



ଜିତେନ୍ଦ୍ର କୁମାର କହଁର

ସରଗର ସମ ଅଟେ ପିତା ମାତା
ଥାଇ ତୋ ଅନ୍ତରୁ ଶୁଣିଛି ମୁଁ,
ପାରିଛ କେମିତି ସାଜି ମୋ ମୃତ୍ୟୁର ଦୂତ ଆଜି
ଭାବିବି ପାରୁନି ମୁଁ ।

ଦେଖିବାକୁ ଚାହେଁ ମୋ କଳ୍ପିତ ଧରାକୁ
ଚାହେଁ ମୁଁ ବି ବଞ୍ଚିବାକୁ,
ସ୍ନେହ ଆଞ୍ଚୁଳାଏ ଛଡା ପାଶରୁ ତୁମ
କିଛି ବି ଚାହେଁନି ମୁଁ ।

ରୁଦ୍ଧ କୋଠରୀରେ ଚାଲିଛି ମୋନିଶ୍ୱାସ
ପ୍ରତି ମୂହୁର୍ତ୍ତେ ମୃତ୍ୟୁର ନିକଟେ ମୁଁ,
ଭୂମିଷ୍ଠ ହେବାକୁ ମୁଁ ବି ଚାହେଁ
ବେଦନା ମୋ ଶୁଣିକି ପାରୁନୁ ତୁ ।

ତୋ କୋଳରେ ଖେଳିବାକୁ
ତୋ ହାତ ଧରି ଚାଲି ଶିଖିବାକୁ,
ଟିକି ମୋର ସ୍ୱପ୍ନ ଏଇ
ତୋ ଦୁନିଆର ଅଂଶ ହେବାକୁ ।

Download Magazine from www.aahwaan.com

ସର୍ବଦା ଅପେକ୍ଷିତ ସେ ସୂର୍ଯ୍ୟୋଦୟକୁ
ମୋ ସ୍ୱାଗତ ପାଇଁକି ଯେବେ ଦୀପାଳି ଜାଳିବୁ,
ନାହିଁ ଯେ ଫରକ ନନ୍ଦନ ନନ୍ଦିନୀରେ
ଏ ମରମ କୁ କେବେ ବୁଝିବୁ ।

ପୁତ୍ର ପରି କନ୍ୟା ଯେ ସର୍ବ ସମକକ୍ଷ
ସେ ବି ଉଡ଼ାଏ ବିଜୟ ଧ୍ୱଜା,
ମାତୃ ପିତୃ ହୋଇ ଯଦି ବୁଝିବନି ତୁମେ
କେ ପାରିବ ବୁଝି ମୋ ମନ କଥା ।

କାହିଁ କରୁ ଏ ଅନ୍ତର ସୂତ ସୂତାରେ
ଜାଣି ମୁଁ ପାରୁନି ସତେ,
ବୁକୁ ଫଟା ରୋଦନ ମୋକର୍ଣ୍ଣେ କି ତୋ ପଡୁନି
ଜୀବନର ଭିକ୍ଷା ମାଗେ ।

ମମତା ମୁଁ ତୋ'ର ମୁଁ ତୋ ରୁଧିର
ନୁହେଁ ତୋ ଠାରୁ ଅଲଗା ମୁଁ,
ପ୍ରଶ୍ନ ମୋ ଯେବେ ଆସେ ତୋ ଆଗେ
ନିରୁତ୍ତୋର କାହିଁ ତୁ? ନିରୁତ୍ତୋର କାହିଁ ତୁ???

(କଲାଡି,ଫୁଲବାଣୀ)
ଦୁରଭାଷ- ୯୪୩୯୫୪୨୫୨୧

 Download Magazine from www.aahwaan.com

# ହେ ଈଶ୍ୱର



ସୁମିତ୍ରା ରାଉଳ

ହେ ଈଶ୍ୱର ।

ତୁମେ ସୃଷ୍ଟି ତୁମେ ସ୍ରଷ୍ଟା

ତୁମେ ଦୃଷ୍ଟି ତୁମେ ଦ୍ରଷ୍ଟା ।

ତୁମେ ତମସା ପଥରେ ଆଲୋକ

ତୁମେ ମହା ପ୍ରଳୟର ବାହକ ।

ତୁମେ ପୁଣି ଅତୀତ, ବର୍ତ୍ତମାନ, ଭବିଷ୍ୟ ।

ହେ ଈଶ୍ୱର ।

ତୁମେ ପଥ ତୁମେ ପଥିକ

ତୁମେ ନାବ ତୁମେ ନାବିକ ।

ତୁମେ ଫୁଲ ଦେହେ ମହକ

ତୁମେ କୋଇଲି କଣ୍ଠରେ କୁହୁକ ।

ତୁମେ ପୁଣି ଆଦି, ମଧ୍ୟ, ଅନ୍ତ ।

ହେ ଈଶ୍ୱର ।

ତୁମେ ଭକ୍ତ ତୁମେ ଭକ୍ତି

Download Magazine from www.aahwaan.com

ତୁମେ ନାରୀ ତୁମେ ଶକ୍ତି ।

ତୁମେ ହିଁ ସତ୍ୟର ସ୍ୱରୂପ

ତୁମେ ହିଁ ପାପର ଦାହକ ।

ତୁମେ ପୁଣି ସୃଷ୍ଟି, ସ୍ଥିତି, ପ୍ରଳୟ ।

ହେ ଈଶ୍ୱର ।

ତୁମେ ବାଧା ତୁମେ ବନ୍ଧୁ

ତୁମେ ବିନ୍ଦୁ ତୁମେ ସିନ୍ଧୁ ।

ତୁମେ ଅଜ୍ଞାନର ବିନାଶକ

ତୁମେ ଜ୍ଞାନର ଆବାହକ ।

ତୁମେ ପୁଣି ସତ୍ୟ, ଶିବ, ସୁନ୍ଦର ।

# ହେ ଆକାଶ



ମାମାଜିନି ପ୍ରଧାନ

ହେ ଆକାଶ ତୁମକୁ ମୁଁ ପ୍ରଭାତରେ ଦେଖେ,
ମଧ୍ୟାହ୍ନରେ ଦେଖେ, ସନ୍ଧ୍ୟାରେ ଦେଖେ,
ଝାପସା ଅନ୍ଧାରରେ, ଘନକଳା ରାତ୍ରିରେ ଦେଖେ ।
ତୁମେ ମୋ ମସ୍ତକ ଉପରେ,
ମୋ ଆଖି ପଲକରେ ସବୁବେଳେ ଅଛ ।
ତୁମକୁ ଛୁଇଁବା ପାଇଁ ଚେଷ୍ଟା କରେ ପ୍ରତି ମୂହୁର୍ତ୍ତ
କିନ୍ତୁ ସଫଳ ହୁଏନି ।
ହଁ ଏ କଥା ସତ, କେବେ ତୁମ ସ୍ପର୍ଶ ପାଇବି ଜାଣିନି ।
ନିତି ଦିନ ଭାବେ କେବେ ଯିବି ତୁମ ସେ ଦୁନିଆକୁ
ପୁଣି ଭାବେ ଯିଏ ଯାଇଛି ତୁମ ସେ ଅଞ୍ଚଳକୁ,
କେମିତି ଅନୁଭବ କରିଥିବ ସେ ।
କାଳେ ମୁଁ ବି ପକ୍ଷୀଟିଏ ହୁଅନ୍ତି,
କାଳେ ମୋର ବି ଡେଣା ଥା'ନ୍ତା
ମୁଁ ବି ଉଡ଼ିଥାନ୍ତି ତୁମ ଆଡ଼କୁ ।
ତୁମେ ରାତିରେ ଘନ, ଦିନରେ ନିର୍ମଳ
କିନ୍ତୁ ମୁଁ ତୁମକୁ ରାତିରେ ଭଲପାଏ ।
ଚାରିଆଡ଼ ଶୁନସାନ, ନିଶବ୍ଦ ହୋଇଥାଏ ।

Download Magazine from www.aahwaan.com

ଭାବେ ସବୁଦିନ ଏପରି ରୁହନ୍ତୁ କି

ଦେଖନ୍ତି ତୁମକୁ, ତୁମ ସହ ସୁଖଦୁଃଖ ବାଣ୍ଟନ୍ତି ।

ମୁଁ ଯେଉଁଆଡ଼େ ଯାଏ ତୁମେ ମୋ ପାଖରେ,

ମୁଁ ଯେଉଁଠି ବି ରୁହେ ତୁମେ ମୋ ପାଖରେ ।

କଣ ! ମୁଁ ତୁମକୁ ଭଲପାଏ ବୋଲି ନା

ତୁମେ ମୋତେ ଭଲପାଏ ବୋଲି ।

ନା ନା ତୁମେ ତ ତୁମ କର୍ତ୍ତବ୍ୟ କରୁଛ

ଜଣଙ୍କ ନିର୍ଦ୍ଦେଶରେ,

ଯିଏ ମୋ ସୃଷ୍ଟିକର୍ତ୍ତା ।

ଯାହା ହେଉ ମୁଁ ଭୁଲିବିନି ତୁମକୁ

ଆଜି ନହେଲା ନାହିଁ

ଦିନେ ତ ଯିବି ତୁମ ସେ ଦୁନିଆକୁ ।

ମୋ ଶେଷ ନିଶ୍ୱାସ ପରେ

ପାଉଁଶ ହୋଇ ଉଡ଼ିଯିବି ।

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ତୁମେ



ଶୁଭକାନ୍ତ ସାହୁ

ତୁମେ ମୋତେ ଚାହୁଁଛ କି ନା ମୁଁ ଜାଣେନା
କିନ୍ତୁ, ମୋତେ ଲାଗୁଛି ତୁମେ ମୋତେ ଚାହୁଁଛ ।
ମୋର କହିବା ତୁମେ ଶୁଣୁଛ କି ନା ମୁଁ ଜାଣେନା
କିନ୍ତୁ, ମୋତେ ଲାଗୁଛି ତୁମେ ଶୁଣୁଛ ।
ମୋତେ ଦେଖି ତୁମେ ହସୁଛ କି ନ ମୁଁ ଜାଣେନା
ମୋତେ ତୁମେ ଭଲ ପାଉଛ କି ନା ମୁଁ ଜାଣେନା
ହେଲେ ମୁଁ ତୁମକୁ ଚାହୁଁଛି, ତୁମକୁ ଡାକୁଛି
ଆଉ, ମୁଁ ତୁମକୁ ଭଲପାଉଛି
ମୋ ଜୀବନଠୁଁ ବି ବେଶୀ ।
କାରଣ ତୁମ ନାଲି ଓଠର ମୁରୁକି ମୁରୁକି
ହସତ ମୋତେ ଆକୃଷ୍ଟ କରିଛି
ତୁମେ ହିଁ ତ ମୋତେ ଏଠାକୁ ନେଇ ଆସିଛ
ତୁମେ ହିଁ ତ ମୋତେ ସବୁକିଛି ଦେଇଛ
ଆଉ, ତୁମେ ହିଁ ମୋତେ ଶିଖାଇଛ 'ଭଲପାଇବା'
ହଁ, ଯା ପରେ ବି ଯଦି ତୁମେ ମୋତେ ଭଲନପାଅ
ତାହାଲେ ହେ ପ୍ରଭୁ,
ତୁମର ବିଶାଳ ବାହୁରେ ମୋତେ ଟାଣି ନେଇ
ଲୀନ କରିଦିଅ ତୁମରି ଶରୀରେ ।

ଗୋପବନ୍ଧୁ ହାଇସ୍କୁଲ୍, ପୋଲସରା,ଗଂଜାମ, ପିନ୍-୭୬୧୧୦୫, ମୋ-୯୮୬୧୭୩୨୨୫୬
E-mail- subhakantasahu@rocketmail.com

Download Magazine from www.aahwaan.com

# ଦୁବ



କାମଦେବ ମହାରଣା

ତମେ ଯେତେ ନିଆଁ ଜାଳୁଛ ଜାଳ
କାଠି, କୁଟା, ପତ୍ର ପକେଇ
ଯେତେ ବଢ଼ି ନଈଙ୍କୁ ଡାକୁଛ ଡାକ
ଭାଙ୍ଗିଦେଇ ନଈବନ୍ଧ, ବ୍ୟାରେଜ୍
ଯେତେ ତତଲା ତେଲ ଢାଳିବାର ଅଛି ଢାଳ
କରିପାରିବନି ଆମକୁ ନିର୍ମୂଳ !

ନା ଆମର ସ୍ଥିତି ଅଛି ନା ବିସ୍ମୃତି
ବିନ୍ଦୁଏ ଭୁଇଁର ଆମେ ଅଚଳ ଈଶ୍ୱର
କେଇଧାରେ ଆଲୁଅ କେଇ ପୋଷ ଆକାଶ
ଜନ୍ମ ଜନ୍ମର ଆହାର - ଅଧିକାର ।

ଆମେ ଦେଇ ଜାଣୁନା ମିଛ ହୁଂକାର
କରିପାରୁନା ତବ ପାଦପଦ୍ମ ତୈଳ ଉପଚାର
ଯେତେ ଗଦେଇବାର ଅଛି ଗଦାଅ
ମାଟି, ପଥର, ଆବର୍ଜନା
ଆମେ ଫଟେଇ ଚାଲି ଆସିବୁ

 Download Magazine from www.aahwaan.com

ତୁମ କାମଳ - ବୌଦ୍ଧିକତାର ପ୍ରସ୍ଥର-ପ୍ରାଚୀର ।

ସାଥିରେ ଗୋଡ଼ାଉଥିବା ତୁମର ସେ ବାତୁଳ ଗାୟକେ
ଯେଉଁ ଗୀତ ଗାଉଛନ୍ତି
ଜୟ ଜୟ କରି ତୁମ ପାଣ୍ଡିତ୍ୟ ଓ ସୁକାରିଗରୀର
କେବେ ଶୁଣିବ ହେ ସୁଧିଜନେ
ଖୁବ୍ ଏକଲା, ସୁଶାନ୍ତ ମନରେ
କେମିତି ଫୁଟିଛି ତବ
ସାମନ୍ତ-ଛଳନା, ଶୃଗାଳ-ଚାତୁର୍ଯ୍ୟ, ଶ୍ୱାନ-ଅଭିମାନ
କେମିତି ଦିଶିଯାଉଛି
ନଗ୍ନ ନୈତିକତାର ଗୋଟେ ମୁକୁଳା ନର୍ଦ୍ଦମା ।
କିଛି ନଥାଇ ବି ଆମେ ଖୁଉବ୍ ଶାନ୍ତିରେ
ମନ ଖୋଲି ଗୀତ ଗାଉ
ସକାଳ ସୂରୁଜ ଓ ନୀଡ଼ଫେରା ପକ୍ଷୀଙ୍କ ସାଥିରେ
ଯାହା ମୁଠାଏ ବାଲି ପରି
ପଶିଯାଏ ଆପଣଙ୍କ ଚଷମା ଲଗା
କୁଟୀଳ ଆଖିରେ ।

ଯାନ୍ତ୍ରିକ ବିଭାଗ
ପୂର୍ବତଟ ରେଳପଥ, ପୁରୀ - ୨, ଭ୍ରାମ୍ୟଭାଷ : ୯୬୫୮୦୭୭୬୧୨

Download Magazine from www.aahwaan.com

# ଆସ ପ୍ରେମରେ ଭିଜିବା



ପ୍ରଶାନ୍ତ କୁମାର ନାଥ

ବରଷାରେ ସିନା ଦେହ ଭିଜିଯାଏ
ଆସ ଆମେ ପ୍ରେମେ ଭିଜିବା
ନିଜକୁ ହଜେଇ ଅନ୍ୟର ପାଖରେ
ମିଳିମିଶି ଆମେ ଖୋଜିବା ।
ଧରା ଧରି ହୋଇ ପ୍ରେମର ପାହାଚ
ଥିରି ଥିରି ଆମେ ଚଢିବା
ଭଲ ପାଇବାର ଅଜଣା ରାଇଜେ
ସ୍ମୃତିର ନଅର ତୋଳିବା ।
ପ୍ରେମର ସ୍ରୋତରେ ଭାସ ମାନ ହୋଇ
ଭାସି ଭାସି ଆମେ ଖେଳିବା
ପ୍ରେମ ସାଗରର ଗଭୀର ଜଳରେ
ଦୁହେଁ ମିଶି ବୁଡ଼ ମାରିବା ।
ପ୍ରେମର ଖାତାରେ ଦୁହେଁ ମିଶି ଆମେ
ପ୍ରେମର କାହାଣୀ ଲେଖିବା
ସେହି କାହାଣୀକୁ ଗୋପନ ସପନେ
ଲୁଚି ଲୁଚି ଆମେ ପଢ଼ିବା ।
ପ୍ରେମ ଆକାଶରେ ପକ୍ଷୀ ଦୁଇ ସାଜି

Download Magazine from www.aahwaan.com

ମନ ଖୋଲି ଆମେ ଉଡିବା

ଆସ ଥରେ ତୁମେ ପ୍ରେମ ବରଷାରେ

ସାଥି ହୋଇ ଆମେ ଭିଜିବା ।

~~~*~~~

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର

ଭ୍ରାମ୍ୟଭାଷ : ୦୮୮୯୨୩୦୧୧୪୩
~~~

Download Magazine from www.aahwaan.com

# ଅତୀତ



ବରୁଣ କୁମାର ଦାସ

ସମ୍ପର୍କ, ସ୍ୱପ୍ନ, ଟାଣପଣ
ଆଉ ପ୍ରେମ ନେଇ ଗଲା ପରେ
କେମିତି ବଞ୍ଚି ହେବ କୁହ ?
ଦେବା ଲାଗି ବାକି ଯାହା ଅଛି
ଆଖିରେ ଆଖିଏ ଲୁହ
ଉଛୁଳା ମନର ବେଦନା
ଆଉ ଛାତିର ଛାତିଏ କୋହ ।

ପାଲୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

Download Magazine from www.aahwaan.com

# ଶେଷ ପ୍ରେମିକା



ନିର୍ମଳ କୁମାର ଦଳାଇ

ତୁ ଗଲାପରେ
ଆଗୋ ପ୍ରିୟତମା
ବସନ୍ତ ଯାଇଛି ମଉଳି ,
ଫଗୁଣର ରଙ୍ଗ
ଫିକା ଫିକା ଲାଗେ
ଜହ୍ନ ତ ପଡିଛି ଝାଉଁଳି ।

ଶୀତ ସକାଳର
ଦର ଓଦା ଘାସ
ପାରୁନି ଟିକିଏ ହସି ,
ସଜ ଗୋଲାପର
ଯନ୍ତ୍ରଣା ଏତେ ଯେ
ସେ ବି ଦିଶୁଛି ବାସି ।

ତତେ ଯେବେ
କିଛି ମାଗିନି
ଇସାରାରେ ଅଜାଡି ଦେଇଛୁ ,

Download Magazine from www.aahwaan.com

ଆଜି ଯେବେ

ହାତ ପାଉଛି

ସତରେ କାହିଁ ଛାଡି ଯାଇଛୁ ।

ଫେରିବୁନି କହି

ଚାଲିଯାଇଛୁ ଯେ

ତଥାପି କରିଛି ଅପେକ୍ଷା ,

ସ୍ମୃତି ଲିଭୁନାହିଁ

ଆଖିର ଲୁହରେ

ଆଗୋ ମୋ ଶେଷ ପ୍ରେମିକା ।

ପାଇକ ସାହି, ବ୍ରହ୍ମଗିରି, ପୁରୀ

ମୋ ନଂ - ୯୦୯୦୦୬୯୩୫୦

Download Magazine from www.aahwaan.com

# ପୂଜିବା ତ ଶଙ୍କର



ଡ: ସତ୍ୟ ନାରାୟଣ ମିଶ୍ର

ସାରା ରାତି ଉଜାଗରେ ପୂଜିବା ତ ଶଙ୍କର
ସାରା ଦୁଃଖ ଦୂର ହେବ କୃପାକଲେ ଈଶ୍ୱର ।
ମାଗିବା ତ ଧନ ଜନ ମାଗିବା ତ ଆୟୁଷ
ମାଗିବା ଜୀବନ ସାଥୀ, ଦୁନିଆରେ ଯେ ଯଶ ।
ଜାଳିବା ଦିପ, ଢାଳିବା ଜଳ ଆଉ ଯେ କ୍ଷୀର
ଦେବା ଫୁଲ ଭକ୍ତିଭରେ ପଢ଼ି ନାନା ମନ୍ତର ।
ଭୋଳାନାଥ ଦୟା କଲେ ନ ରହିବ କଷଣ
ସେ ତ ଜଗତ ନିମନ୍ତେ କଲେ ବିଷ ଭକ୍ଷଣ ।
ଅକର୍ମ କର୍ମ ଦାୟକ, ଅମଙ୍ଗଳନାଶକ
ଆଖଣ୍ଡଳ ପୂଜ୍ୟ ଦେବ କାମ ତାପ ହାରକ ।
ପଶୁପତିନାଥ ହରି ବିଜେ ଶିଳା ରୂପରେ
ପଶ ଶରଣ ଭକତେ ରହି ଉପବାସରେ ।
ମହାଦୀପ ଜଳୁଥାଉ ଉଡୁ ବାନା ଜଗତେ
ପାପ ପଙ୍କୁ ତ୍ରାହି କର ଚାଁହ ଥରେ ଭକତେ ।

ଲିଙ୍ଗରାଜ ବିହାର, ଭୁବନେଶ୍ୱର - ୨୦
ଭ୍ରାମ୍ୟଭାଷ : ୯୯୩୮୧୬୭୩୩୧

Download Magazine from www.aahwaan.com

# ଏଇ ବୋଧେ ପ୍ରେମ



✍ ହିମାଂଶୁ ଭୂଷଣ ଜେନା

ଶୋଇ ରହିଥିବା ମନଟା ହଠାତ୍ କାହିଁକି
ଏତେ କ୍ଷୀପ୍ର, ଚଳଚଞ୍ଚଳ, ହୃଦୟଟା ଅବେଗମୟ ?
ଖୁସିର ଅଗଣିତ ଢେଉ ମଥାପାତି
ସ୍ୱୀକାର କରୁଛନ୍ତି ତୁମ ସାନିଧ୍ୟ
ଭବ୍ୟ ସମ୍ବର୍ଦ୍ଧନାରେ ମହକୁଛି ଏ ଶରୀର, ଆତ୍ମା
ଯନ୍ତ୍ରଣାର ଧାରା ହାର ମାନିଛି
ତୁମ ବିବେକୀ ପ୍ରାଣସତ୍ତା ପାଖେ
ରଚିବାକୁ ଆଶା-ଆଲୋକର ନୂଆ ଇତିହାସ ।
କି ସ୍ୱର୍ଗୀୟ ଅନୁଭବ !
ଅପହଞ୍ଚ ଇଲାକାର ତୁମେ ମୁକୁଟବିହୀନ ସମ୍ରାଟ
ଆସ, ନେଇଯାଅ ତୁମ ପ୍ରାପ୍ୟ
ନାହିଁ ଏଠି ପ୍ରତାରଣାର ପ୍ରତିବିମ୍ବ
ଅବିଶ୍ୱାସର ପ୍ରତିଧ୍ୱନୀ
ନିରାଶାର ପଦଚିହ୍ନ
କିଛି ପାଇବା – ହରାଇବାର ଆରୋପ-ପ୍ରତ୍ୟାରୋପ
ଅଛି କେବଳ ତୁମ ପ୍ରତି ସମ୍ପୂର୍ଣ୍ଣ ସମର୍ପଣର ଭାବ
ଏଇ ବୋଧେ ପ୍ରେମ ।

ସହକାରୀ ଶିକ୍ଷକ
ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନିଆଳି, ଯାଜପୁର
ଭ୍ରାମ୍ୟଭାଷ - ୯୭୭୭୬୯୩୩୮୦

Download Magazine from www.aahwaan.com

# ଦୁଇଟି ସମ୍ବଲପୁରୀ ଗୀତ



ଆଶୁତୋଷ ମେହେର

## ଏକ

ପରର୍ ଦୁଃଖେ କାନ୍ଦସି
ଧଏନ୍ ରେ ବାବୁ ଧଏନ୍ ସେ ଲୋକ
ପରର୍ ଦୁଃଖେ କାନ୍ଦସି
ନିଜର୍ ଭାବି ସେ ଦୁଃଖ୍ କେ ମିଟାସି
ଅଏନ୍ କାମ୍ ଟେ କରସି ।
ହେନତା ମୁନୁଷ୍ କେଭେ ନାଇ ମରେ
ପିଢ଼ି ଯେ ପିଢ଼ି ଝୁରସି
ଜନମ୍ ତାହାର୍ ସଫଲ୍ ଦୁନିଆଁ
ମହାମୁନୁଷ୍ ମାନସି ।

## ଦୁଇ

ଭଗବାନ୍ ଆର୍ ସରଗ୍
ଭଗବାନ୍ ଘର୍ ସରଗ୍ ବଲି ଯେ
ଅଛେ କାଏଁ ଯାଗା ଗୁଟେ
ଖୁଜଲେ ମିଲବା କେନ୍ ଠାନେ କହ
କେତେ ଦୁରେ କେନ୍ ବାଟେ ?
ସେଟା ସେ ଯାଗାଟା ଯେନ୍ ଠାନେ ଥିସି
ସେନେହ ଶରଧା ଭରି,
ମାନ୍ ସନମାନ୍ ହସ୍ ଖୁସି ମଜା
ବାସୁ ଥିସି ଭୁରି ଭୁରି ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪

# ଆଉ କି ସେଦିନ ଆସିବ



ପଙ୍କଜ ରଣା

ଆଉ କି ସେଦିନ ଆସିବ
ଉତ୍ପଳ ପଟ୍ଟରେ ବାରିଧି ତଟରେ
ଉତ୍କଳ କେଶରୀ ନରସିଂହ ଡାକେ
ବାରଶହ ବଢ଼େଇ ଏକ ପ୍ରାଣ ହୋଇ
ନବ କୋଣାର୍କଟେ ଗଢ଼ିବ !
ମରଣକୁ ଲଢ଼ି ନିହାଣ ମୂନରେ
ମୃତ ପ୍ରସ୍ତରକୁ ଜୀବନ୍ତ ପ୍ରତୀମ
ପାଷାଣେ ପରାଣ ଭରିବ ।
ଆଉ କି ସେଦିନ ଆସିବ !

ଆଉ କି ସେଦିନ ଆସିବ,
ପ୍ରଜାନୁରଞ୍ଜକ ହୋଇ ବିଭିନ୍ନକ
ଚଳନ୍ତି ରଥର ନିଦର୍ଶନ କାନ୍ତି
କୋଣାରକେ ଫେରି ପାଇବ,
ବାରଶ ବଢ଼େଇ ବାର ବର୍ଷଧରି
ପ୍ରଚେଷ୍ଟା ସତ୍ତ୍ୱେକ ଦଧିନଉତିକ
କଳେ ବଳେ ଚୂଳେ ଥୋଇ ନପାରିବେ

 Download Magazine from www.aahwaan.com

ସଭିଙ୍କୁ ବିବ୍ରତ କରିବ ।

ଆଉ କି ସେଦିନ ଆସିବ ?

ଆଉ କି ସେଦିନ ଆସିବ

କ୍ରୋଧାନ୍ୱିତ ରାଜା ମୁଣ୍ଡକାଟବାଣୀ

ମହାରଣା ସାଥେ ସମସ୍ତ ବିନ୍ଧାଣୀ

ପ୍ରମାଦକେ ଆଉ ଗଣିବ,

ପିତାଙ୍କ ବିଚ୍ଛେଦ ବିଶୁଙ୍କ ଦାୟାଦ

ମାତାଙ୍କୁ ପୁଛିବ ତାହାଙ୍କ ସମ୍ବାଦ

ଦେବଦୂତ ପ୍ରାୟ ଭେଟିବ ।

ଆଉ କି ସେଦିନ ଆସିବ ?

ଆଉ କି ସେଦିନ ଆସିବ

ଧରମର ବଳ ପ୍ରତାପୀ ପ୍ରବଳ

ରକତେ ରକତ ଚିହ୍ନିବା କେବଳ

ପ୍ରମାଣର ଖେଳ ହୋଇବ,

ବାଡ଼ି ବରକୋଳି କାଳିଆ କୁକୁର

ବଂଶ ପରମ୍ପରା ମାତାଙ୍କ ସଂସ୍କାର

ଧରମାକୁ ବିଶୁ ଚିହ୍ନିବ ।

ଆଉ କି ସେଦିନ ଆସିବ ?

Download Magazine from www.aahwaan.com

ଆଉ କି ସେଦିନ ଆସିବ
ବିଶ୍ୱର ଏହି ଅଦ୍ୱିତୀତ କୀର୍ତ୍ତି
ପୁନଃ ନିର୍ମାଣ କେ କରିବ,
ବାରଶ ବଢ଼େଇ ଯଶ ଥାଉ ଥାଉ
ଉତ୍କଳିକା ବକ୍ଷେ ଇତିହାସ କରି
କାହା କୀର୍ତ୍ତିଟେକ ରଖିବ ।
ଆଉ କି ସେଦିନ ଆସିବ ?

ଭ୍ରାମ୍ୟଭାଷ : ୯୭୭୭୪୧୯୫୯୪

Download Magazine from www.aahwaan.com

# ମୋ ମାଆ



ସସ୍ମିତା ସାହୁ

ହେ ବରଷା...

ଧୋଇ ନେଇଯା'ରେ ତୋ ତୀବ୍ର

ଧାରା ମାଆ ଆଖିର ଲୋତକ,

ହେ ପବନ...

ଉଡ଼ାଇ ନେଏରେ ବେଦନା ମାଆର

ପକାଇ ତୋ ବଳ ଚାବୁକ ।

ହେ ସୂରୁଜ...

ଶୁଖାଇ ଦେଏରେ ଦୁଃଖର ନଦୀକୁ

ମାଆର ହୃଦକୋଣରୁ,

ହେ ବସନ୍ତ...

ଫୁଟାଇ ଦେଏରେ ମୋ ମାଆ ମୁଖେ

ଆନନ୍ଦର ଲତା ଚାରୁ ।

ଜାଣିଛି ଏ ଜୀବନେ ଶୁଝି ହେବନାହିଁ

କେବେ ହେଁ ମାତୃଋଣ,

ତଥାପି ପ୍ରଚେଷ୍ଟା ରଖିବି ମୋହର

ପୂଜିବି ତା'ର ଚରଣ...

ପୂଜିବି ତା'ର ଚରଣ...

ବ୍ୟାସ ନଗର, ଯାଜପୁର

Download Magazine from www.aahwaan.com

# ପାହାଡ଼ର ଦୁଃଖ



ଭାଗୀରଥି ଜାନୀ

ଆଦିମକାଳୁ ଗିରି ଅଛି ପୃଥ୍ୱୀକୁ ଧରି
ତନୁଟି ତା'ର ଗଢ଼ା କଠିନେ,
ବିଶାଳ ତନୁ ମଧ୍ୟେ ଜୀବନିର୍ଜୀବ ଯେତେ
ପାଳଇ ସିଏ ଅତି ଯତନେ ।୧

ଶାଳ ଶିଶୁ ଚନ୍ଦନ ପଳାଶ ଓ ଶାଗୁଆନ
ସବୁଜେ ଭରାଥିଲା ତା ବକ୍ଷ,
ଆଦ୍ୟରୁ ଥିଲା ଯିଏ ବିନଷ୍ଟ ଆଜି ସିଏ
ପୂରଣ କରି ସଭିଙ୍କ ଲକ୍ଷ୍ୟ ।୨

କହିଲା ଦିନେ ବଣ ଶୁଣ ହେ ଜୀବବର
ଶୁଣ ମୋର ଜୀବନ ବେଦନା,
କ୍ରୁର ମାନବସାଜି ଧ୍ୱଂସ କରିଛୁ ଆଜି
ତନୁ ମୋର ସବୁ କରି ଚୁନା ।୪

ଟଗର, ଚମ୍ପା, ମଲ୍ଲୀ ଯେତେ ସହର ପଲ୍ଲୀ
ରହିଥିଲେ ମୋ ଏ ବକ୍ଷ ତଳେ,
ଯେତେ ନଗରବାସୀ ବଞ୍ଚିଥିଲେ ହସି ହସି
କାହିଁ କେଉଁକାଳୁ ମୋ'ରି କୋଳେ ।୪

ସୁମନୋହରରେ ଭରା ମୋ ବିଶାଳ ତନୁଟି

 Download Magazine from www.aahwaan.com

ଛିନ୍ନ ବିଛିନ୍ନ କରିଛୁ ଆଜି
ସେହି ପାହାଡ଼ ଗୁମ୍ଫା          ଦିଶଇ ଆଜି ସଫା
ଚୁନାହୋଇ ସେ ଗଲାଣି ଯେ ହଜି ।୫
ସ୍ତବ୍ଧ ଆଜି ବନ          ନାହିଁ ବିହଗ ଗାନ
ଯାହା ସ୍ୱର ଶୁଭୁଥିଲା ଦିନେ,
ନାହିଁ କାହାରି ପତା          ଯେତେକ ଗଛ ଲତା
ସେ ସବୁ ଶୂନ୍ୟ ଆଜି ମୋ ସ୍ଥାନେ ।୬
ଥିଲି ମୁଁ ଦିନେ ଚାହିଁ          ବିଶ୍ୱକଲ୍ୟାଣ ପାଇଁ
ଜୀବନେ ଆଜି ଯାଇଛି ମୁଁ ହାରି,
ଏ ବିଶାଳ ଜଗତେ          ଥିଲା ମୋ ଖ୍ୟାତି ଯେତେ
ତା'ପାଇଁ ମନ ହେଉଛି ଝୁରି ।୭
ଶୁଣି ପାହାଡ଼ କଥା          ହୋଇଲା ମୁଣ୍ଡବ୍ୟଥା
ଚେତିଲା ନର ପାଞ୍ଚି ଉପାୟ,
କରିବ ସୃଷ୍ଟି ବନ          ବଢ଼ିବେ ପଶୁଧନ
ହେବନି ଆଉ ଏଇ ଜଗତ କ୍ଷୟ ।୮

ଗ୍ରାମ/ପୋଃ : ଦଳପଡ଼ା
ଭାୟା : ଖଜୁରୀପଡ଼ା
କନ୍ଧମାଳ, ୭୬୨୦୧୨
ଭ୍ରାମ୍ୟଭାଷ : ୯୪୩୮୦୨୬୮୪୮

Download Magazine from www.aahwaan.com

# ପ୍ରେମ ଓ ପ୍ରତାରଣା



ଅରୁଣ କୁମାର ପାତ୍ର

ପକ୍ଷୀଟିଏ ଭଲ ପାଉଥିଲା ଏମିତି ଏକ ଫୁଲକୁ
ବୁଝିଥିଲା ସିଏ ପ୍ରେମ ତ୍ୟାଗର ମୂଲକୁ
ହଜୁଥିଲା...
ଭିଜୁଥିଲା...
ପ୍ରେମରେ ସେ ଖୋଜୁଥିଲା
ତା'ର ମନର ମାନସୀକୁ ।୧

ପ୍ରତ୍ୟୁତ୍ତର ଦେଲା ଫୁଲ
ପାଅ ନାହିଁ ଏବେ ଭଲ
ଦେଖ ଏ କଅଁଳ ଅଙ୍ଗ....
ଭରିନାହିଁ ପ୍ରେମ ରଙ୍ଗ...
ପ୍ରତୀକ୍ଷା କରେ ପକ୍ଷୀ ପ୍ରେମିକ
ପାଇବୁ ତା'ପରେ ଭଲ ।୨

ମନରେ ଜାଗିଲା ଆଶା
କରିଲା ପ୍ରେମରେ ଭରସା
ଘାରିହେଲା...

ଝୁରିହେଲା...

ପ୍ରତୀକ୍ଷାର ପାହାଚରେ ବସି

ସ୍ୱପ୍ନର ସୌଧ ସେ ଗଢ଼ିଲା ।୩

ମନେ ମନେ କରିଲା ଶପଥ

ପ୍ରେମ ମୋର ହେବନାହିଁ ବ୍ୟର୍ଥ

ସଜେଇବି...

ଭିଜେଇବି...

ପ୍ରେମରଙ୍ଗେ ରଙ୍ଗେଇବି

ଦେଇ ନିଜର ରକତ ।୪

କାଟିଦେଇ ନିଜ ଡେଣା

ଭରିଲା ପ୍ରେମ ପାଉଣା

ରକ୍ତ ଦେଲା...

ଶକ୍ତ କଲା...

ପ୍ରେମିକାର ଅଙ୍ଗକୁ

କାଳେ ସେ ଛୁଇଁବ ପ୍ରେମର ପରିପୂର୍ଣ୍ଣତାକୁ ।୫

ବିଚିତ୍ର ଏ ବିଧିର ବିଧାନ

ଖୋଜେ ଯାହା ପାଏନାହିଁ ମନ

ସ୍ୱାର୍ଥ ଗଲା...
ବ୍ୟର୍ଥ ହେଲା...
ପ୍ରେମର ପରଶ ପାଇବାକୁ
ପକ୍ଷୀ ପ୍ରାଣତ୍ୟାଗ କଲା ।୬

ବୁଝିଲାନି ତ୍ୟାଗର ମୂଲ
ଏତେ ପ୍ରତାରକ ଫୁଲ
ହସୁଥିଲା...
ମିଶୁଥିଲା...
ଅନ୍ୟ ସଙ୍ଗେ ସଙ୍ଗ ହୋଇ
ପ୍ରେମ ରଙ୍ଗେ ହେଲା ମସଗୁଲ ।୭

ତ୍ୟାଗ ନେଇ ମଲା ପକ୍ଷୀ
ତା'ପାଇଁ ଫୁଲ ସୁଖୀ
ଖୋଜିନାହିଁ...
ହେଜିନାହିଁ...
ହୋଇନାହିଁ କେବେ
ପକ୍ଷୀ ପ୍ରେମ ପାଇଁ ଦୁଃଖୀ ।୮

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ - ୭୬୨୦୦୧
ଭ୍ରାମ୍ୟଭାଷ : ୯୪୩୭୭୬୫୨୭୫

Download Magazine from www.aahwaan.com

# ସମୟ



ନିତ୍ୟ ରଞ୍ଜନ ନନ୍ଦ

ସୁଖଦୁଃଖ ସମାହାର ଏ ବିଶ୍ୱ ସଂସାର
ଦୁହେଁ ଆସନ୍ତି ଯେପରି କରିଣ ବିଚାର ।
ଚିରଦିନ ସୁଖ ମୋ ନ ଆସିବ କେବେ
ଚିରଦିନ ଦୁଃଖ ମୋତେ ନ ଆସୁ ଏ ଭବେ ।

ସୁଖଦୁଃଖ ମିଶ୍ରଣର ଅପୂର୍ବ ସମ୍ଭାର
ଜୀବନରେ ଆଣିଥାନ୍ତି ବାର୍ତ୍ତା ମନୋହର
ସୁଖ କେବେ ରହେନାହିଁ ସବୁଦିନ ପାଇଁ
ଦୁଃଖମଧ୍ୟ କେବେ ହେଲେ ନୁହେଁ ଚିରସ୍ଥାୟୀ ।

ଦିନ ଅବସାନ ହେଲେ ସଂଧ୍ୟା ଭାସିଆସେ
ରାତ୍ରୀ ଶେଷ ହେଲେ ଦିବା ଆସେ ଯେ ହରଷେ
ମାନବ ଜୀବନ ଅଟେ କେତେ ଯେ ସୁନ୍ଦର
ଏହା ସତେ ପ୍ରଭୂଙ୍କର ଶ୍ରେଷ୍ଠ ଉପହାର ।

ସମୟକୁ ଧ୍ୟାନ ଦେଇ ଦୃଢ଼ମନା ହୋଇ
ଆଶାବାଦୀ ଲୋକମାନେ ଯାଆନ୍ତି ଆଗେଇ ।
ବୁଦ୍ଧିବିବେକ ସହିତ ବିଚାର କରନ୍ତି
ଜୀବନରେ ଅନେକ ଯେ ସାଫଲ୍ୟ ଆଣନ୍ତି ।

Download Magazine from www.aahwaan.com



# ଗୋଟେ ରାସ୍ତାକଡ଼ର ବୁଢ଼ୀ

ସଞ୍ଜୟ ଦାସ

ଏ ହୁତ୍ ହୁତ୍ ନିଆଁ ଦେହସୁହା ହୋଇଗଲାଣି ।
ଦୁନିଆଟା ଦଉଡ଼େ ଆକୁ ଶାନ୍ତ କରିବା ପାଇଁ;
ଜାଣି ମଧ୍ୟ ସେ ନିର୍ବିକାର ।
ଭୋକିଲା ପେଟ, ଲୋଚାକୋଚା ଚର୍ମ ଓ ଶୁଖିଲା ଆଖି –
ସାଙ୍ଗକୁ ଅସୁମାରୀ ଦୁଃଖ ଓ ଧ୍ୱସ୍ତ ହୃଦୟ ।
"ବଡ଼" ପେଟମାନେ ସବୁବେଳେ କ୍ଷୁଦାର୍ଥ,
ସେ କିନ୍ତୁ ଜନସଂଖ୍ୟାର ବିସ୍ଫୋରଣରେ ଏକତ୍ୱ ହରାଇ ବସେ ।
କିଛି ହୃଦୟମାନେ ସାହାଯ୍ୟପୁର୍ଣ୍ଣ ହୁଅନ୍ତି ।
ହତ୍ୟାକାଣ୍ଡ ଚାଲେ, ହିଂସା ହୁଏ ।
ମାତ୍ର ନିର୍ବାକ୍ ବୁଢ଼ୀଟା ସେମିତି ଚାହିଁ ରହିଥାଏ ଏ ଦୁନିଆଟାକୁ –
ତା ମଳିନ ଆଖିରେ ।
ପାକୁଆ ପାଟିରେ ମୁଚୁକୁନ୍ଦ ମାରି, କଟାକ୍ଷ ଆଖିରେ ସେ କହେ,
"ମୁଁ ବି ମୋ ରାଇଜର ରାଣୀ ।"

Download Magazine from www.aahwaan.com

# ଦକ୍ଷିଣା ଟଙ୍କେ ଆଠଣା



ମନୋରଞ୍ଜନ ମୁଦୁଲି

ମୋ କଥା ଶୁଣିବନି ଥରେ.... !

ତୁମ ପାଖେ ସମୟ ଥିବ କି ନଥିବ,

ସବୁବେଳେ ତୁମରି ଦୁଆରେ ଲାଗିଛି ତ ଭିଡ଼,

ପଶିବାକୁ ହେଉନି ସାହସ ମୋର.... !

ନଡ଼ିଆ କଦଳୀ କେତେ ଫଳମୂଳ

ଘିଅ ଗୁଡ଼ ଶାକର ମହୁ କ୍ଷୀର ଦହି ଛେନା

ପଞ୍ଚରତ୍ନ ପଞ୍ଚଶସ୍ୟ ପଞ୍ଚଗବ୍ୟ ଧୋତି ନୂଆ କନା

ତାମ୍ର ପାତ୍ରେ ଭୋଜ୍ୟ ଆଉ ବ୍ରାହ୍ମଣ ଦକ୍ଷିଣା ।

ମୁଁ ନୁହେଁ ନେତା ଅବା କୋଟିପତି ଅଭିନେତା,

ଆଗରେ ଅମଲା ପିଆଦା ସୁରକ୍ଷା ସେନା

ଶଙ୍ଖୁଳି ନେବେ ଆସି ବଡ଼ପଣ୍ଡା ଅବା ମନ୍ଦିରର ନନା

ଭବ୍ୟ ଆଡମ୍ବରରେ ହେବ ପୂଜା ଓ ମାର୍ଜନା,

ଭକ୍ତର ଭାବଟା ହୁଏ ଏଠି ପଇସାରେ କିଣା ।

ମୋ ପାଖରେ ନାହିଁ ପେଟକୁ ମୁଠାଏ ଦାନା,

ନୁଖୁରା କେଶରେ ମୋ ଚାଲୁନି ପାନିଆ...

ସାତ ଫଟା କାନିରେ ବାନ୍ଧିଛି ଟଙ୍କାଏ ଆଠଣା,

ମନ୍ଦିର ନନା ଦେଖୁ ଦେଖୁ କହି ଦିଏ ...

Download Magazine from www.aahwaan.com

ଭିଡ ଅଛି ଏବେ ତୁ ଆ..ନା  !

ନାହିଁ ବୋଲି ମୋ ପାଖରେ ଧୂପ ଦୀପ....

କଣେଇ ଦେଖୁନି ମନ୍ଦିରର ନନା ।

ତୁମେ ହେଲେ କହିଦିଅ ଥରେ ... ଆସିବିନି ଜମା.... ! !

ତୁମ ହୁଣ୍ଡିଟାରେ ଦେଇଯିବି ଟଙ୍କାଏ ଆଠଣା... ନନାର ଦକ୍ଷିଣା ।

ତୁମେ ତ ଦେଉଛ ସବୁ,

କି ଅବା ଦେବି ମୁଁ ତୁମକୁ... ଭାବଗ୍ରାହୀ ତୁମେ,

ଗ୍ରହଣ କର ଥରେ ମୋ ହୃଦୟର ଭାବଟାକୁ...

ମୋ ପାଖରେ ନାହିଁ କିଛି ଦେବାକୁ ପାଉଣା ଦକ୍ଷିଣା.. ! !

Download Magazine from www.aahwaan.com

# ତୁମ କଥା ମନେପଡ଼େ



କାହ୍ନୁ ଚରଣ ସାହୁ

ପୂରୁବ ଆକାଶେ ସୂରୁଜ ଉଇଁଲେ
ତୁମ କଥା ମନେ ପଡ଼େ ।
ତୁମ ନିରବତା ଦେଖି ହୃଦୟେ ମୋର
ଅସ୍ଥିରତା ସୃଷ୍ଟି ହୁଏ ।

ଅଳସୁଆ ହୋଇ ଶେଯରୁ ଉଠିଲେ
ପ୍ରଥମେ ତୁମକୁ ଦେଖେ
ତୁମ ହସ ହସ ସୋରିଷ ଫୁଲିଆ ମୁହଁ
ମୋ ଆଖିରେ ନାଚି ଉଠେ ।

ମନେ ମନେ ଭାବେ ମୁଁ ତୁମର ପସନ୍ଦ ନୁହେଁ
ତଥାପି ତୁମ ସହ କଥା ହୁଏ ।
ତୁମ ମିଠା ମିଠା କଅଁଳ ଓଠର ସଂଗୀତ
ସପନରେ ମୋତେ ହଜାଇ ଦିଏ ।

ରାତିଦିନ ଖାଲି ତୁମ କଥା ଭାବେ
ମୁହିଁ ସକାଳରୁ ସଞ୍ଜଯାଏଁ ।

Download Magazine from www.aahwaan.com


ଖିଆପିଆ ଛାଡ଼ି ସବୁବେଳେ
ତୁମରି ସ୍ମୃତିକୁ ସାଉଁଟୁ ଥାଏ ।

ମୋ ମନ ମନ୍ଦିରେ ସାଇତି ରଖିଛି
ତୁମକୁ ଯେ ଦେବୀ ରୂପରେ
ମଲାଯାଏଁ ଥାଉ ସମ୍ପର୍କ ଆମରି
କେବେ ଭାଙ୍ଗିନ ଯାଏ ଏ ଜୀବନରେ ।

ରହିଅଛି ମୋ ହୃଦୟର ସାଥୀ
ରହିଥିବ ତୁମେ ସବୁଦିନ
ଭଲ ମୁଁ ପାଉଛି ତୁମକୁ
ଦେଇ ମୋର ମନପ୍ରାଣ ।

Download Magazine from www.aahwaan.com

# ଡଙ୍ଗା




ଓଁକାର ଦାଶ

## ଏକ

ଭସାଇ ଦେଉଥିଲି ଡଙ୍ଗାଟିଏ
ଯେତେଥର ଆସୁଥିଲା
ଆମ ଗାଁ ଆଡ଼େ ବୁଲି ବର୍ଷା ଅସରାଏ
ଚାହିଁ ରହୁଥିଲି ଡଙ୍ଗାଟିର ଗତିପଥକୁ
ଆମ ଦାଣ୍ଡରୁ ବହିଯାଇ
ତୁମ ଦାଣ୍ଡରେ ପହଞ୍ଚିବା ଯାଏ
ହଜି ଯାଉଥିଲି ସପନର ନଈରେ
ଡଙ୍ଗାଟିକୁ ଚାହିଁ ଚାହିଁ
ତୁମ ସହ କରୁଥିଲି ଭ୍ରମଣ
ସୁସଜ୍ଜିତ ସେହି ଡଙ୍ଗାରେ
ମଳୟର ମିଠା ମିଠା ଛୁଆଁରେ...

## ଦୁଇ

ପକ୍କା ହୋଇଗଲାଣି
ମାଟି କାଦୁଅର ଗାଁ ଦାଣ୍ଡ
ଆଉ ସୃଷ୍ଟି ହୁଏନା
ମିଛି ମିଛିକା ସ୍ୱଳ୍ପସ୍ଥାୟୀ ନଈ
ତୁମେ ବି ଛାଡ଼ିଛ ଗାଁ
ରହିଲଣି ସହରରେ ଯାଇ
ତଥାପି ଯେବେ ଆସେ
ବର୍ଷା ଅସରାଏ
ଖବର କାଗଜ ଚିରି
ତିଆରି କରେ ମୁଁ ଡଙ୍ଗାଟିଏ
ତୁମ ଦାଣ୍ଡ ଯାଏ
ଆମ ଦାଣ୍ଡରୁ
ପାରେନା ସିନା ଯାଇ
ସ୍ମୃତିର ଆଲମାରୀରେ
ଡଙ୍ଗାଟିକୁ ରଖିଦିଏ ସାଇତି ସଜେଇ....

Download Magazine from www.aahwaan.com

# ଛଳନା ପ୍ରେମ



ସୁଶାନ୍ତ କୁମାର ଧଳ

କାହିଁକି ପାଇଲି ଭଲ
ଏଇ ଜୀବନରେ ?
ହୃଦୟ ଭାଙ୍ଗିଲା ସିଏ
ଛଳନା ପ୍ରେମରେ ।
ଦେଖିଥିଲି କେତେ ସ୍ୱପ୍ନ
ସାଥିର ଆଖିରେ
ସାଥି ଚାଲିଗଲା ଛାଡ଼ି
ଅଜଣା ତିଥିରେ ।
ଭାଙ୍ଗିଗଲା ସବୁ ସ୍ୱପ୍ନ
ଆଖି ପଲକରେ
ଲିଭିଗଲା ଆଶାଦୀପ
ଅଦିନ ଝଡ଼ରେ ।
ଚୁପି ଚୁପି କାନ୍ଦେ ମୁହିଁ
ଗହନ ରାତିରେ
ପିଇଯାଏ ସବୁ ଲୁହ
ରାତିର ଶେଯରେ ।
ରାତିସିନା ଓଦା ହୁଏ
ସଜଳ ସ୍ମୃତିରେ
ପ୍ରେମକିନ୍ତୁ ରହିଯାଏ
ଅଧୁରା ଗୀତିରେ ।

ଦଶରଥପୁର, ଯାଜପୁର

Download Magazine from www.aahwaan.com

# ପ୍ରେମ ଓ ବିରହ



ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ପ୍ରେମ କେତେ କଣ ପୀଡ଼ା ନ ଦିଏ
ମନକୁ ଭଙ୍ଗାଇ ଥରକରେ
ଲହୁ, ଲୁହ, ଦୁଃଖର ପସରା
ବୁଦ୍ଧିହୀନ କରିଦିଏ ନିଜ ସାମର୍ଥ୍ୟକୁ
ତଥାପି ହସୁଥାଏ ମନ
ବିନା ପ୍ରତିବାଦରେ
ସେଇ ବିଚ୍ଛେଦର ବିରହରେ ବି ।୧

ଦୁଃଖରେ ବି ହସିପାରେ ମନ
ଠିକ୍ ପ୍ରେମ ଫଗୁଣରେ ହସିବା ପରି
ମନ ଠିକ୍ ଜାଣେ
ଦୁଃଖର ଆଢୁଆଳରେ
ଉଭା ହୋଇଛି ସୁଖ, ସମ୍ବେଦନା
ଓ ପୀରତି ଶକତି
ଦୁଃଖ ଅପସରି ଗଲେ
ପାଖକୁ ଆସିବ ସିଏ
କ୍ଷତରେ ବାନ୍ଧିଦେବ ପଟି

 Download Magazine from www.aahwaan.com

ମଲମ ଲଗାଇଦେବ

ମୋ ମନରେ ଭରିଦେବ

ପୁଣିଥରେ ବଞ୍ଚିବାର ମନ୍ତ୍ର

ଆଉ ଗୋଟେ

ନୂଆ ମାୟାବିନୀ ନାରୀ ହୋଇ ।୨

ତା'ପରେ ସଞ୍ଚରିଯିବ ପ୍ରତିଟି କୋଷରେ

ନବପ୍ରାଣ, ପ୍ରସରିଯିବ ପୀରତି ପୀୟୁଷ

ପ୍ରେମର ବାଦଲ ଧିରେ ଧିରେ

ହୃଦୟକୁ ଢାଙ୍କି ରଖିବାପରି

ମନ ଭିତରେ ପରସି ଯିବ ପ୍ରେମ

ପୁଣି ନବନୀତ ଲାଗିବ ବିରହ ଜୀବନ ।୩

ମନ ସିନା ଜାଣେ

ଆଶା କେମିତି ବଞ୍ଚାଇ ରଖେ

ପ୍ରେମର ଉଲ୍ଲାସକୁ

ଜୀବନର ଆହ୍ଲାଦକୁ

ପୀରତିର ମହ୍ଲାରକୁ

ସପନର ଘୁଙ୍ଗୁରକୁ ।୪

Download Magazine from www.aahwaan.com

ମନ ସିନା ଜାଣେ

ବୈଶାଖ ଥାଏ ବୋଲି ଫଗୁଣ ଆସେ

ବତାସ ଥାଏ ବୋଲି ମଳୟ ଆସେ

କୁମୁଦିନୀ ଥାଏ ବୋଲି ଚନ୍ଦ୍ର ଜ୍ୟୋତ୍ସ୍ନା ପରଶେ

ସ୍ୱପ୍ନ ଥାଏ ବୋଲି ନୂତନ ଜୀବନ ଆସେ

ଆଉ ଥରେ ପୁଣି ଭରି ଆସେ ସୁଖ

ଆଉ ପ୍ରତ୍ୟହ କରୁଥାଏ

ମିନତି

ଭାନୁର ଉଜ୍ଜ୍ୱଳିତ କିରଣ ଭଳି ।୫

ସୌଦାମିନୀ ନିଳୟ, ବଙ୍କିଆ

ବୀରମହାରାଜପୁର, ସୁବର୍ଣ୍ଣପୁର

ଓଡ଼ିଶା, ୭୬୭୦୧୮

ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

ଇମେଲ୍ : akhurdia999@gmail.com

Download Magazine from www.aahwaan.com

# ମହାନଦୀ



ଇଂ ସୌମ୍ୟରଞ୍ଜନ ଲେଙ୍କା

ପାଣି ବିନା ଫୁଟେ ନାହିଁ ପଦ୍ମ,

ପାଣି ବିନା ଚାଲେ ନାହିଁ ତ ଶଙ୍ଖ ।

ପାଣି ବିନା ଚାଲିବ ବା କାହୁଁ ହାତ ଏଠି ?

ତୁମ ଇସାରାରେ...

ତଥାପି ଜାଣି ତୁମେ କର କାହିଁ ଏମିତି ?

ଆଜ୍ଞା କର କାହିଁ ଏମିତି ?

ଶୀଘ୍ର ଆଣ ମହାନଦୀ ପାଣିକୁ

ଆଜ୍ଞା ଶୀଘ୍ର ଆଣ ମହାନଦୀ ପାଣିକୁ ।୧

ପାଣିବିନା ଦବ କ'ଣ ଏ ମାଟି ତୁମକୁ !

ପଚାର ଏ ଚାଷୀକୁ ।

ପଚାର ଏ ମାଟିକୁ ।

ଆଜ୍ଞା ପଚାର ଏ ଚାଷୀକୁ, ପଚାର ଏ ମାଟିକୁ ।

ଶିଳ୍ପପତି କେତେଦିନ ଦେବ ଖଞ୍ଜି

ତୁମ ପେଟ ଗଡ଼ିଆକୁ

ଖାଦ୍ୟ, ଶସ୍ୟ ଓ ଫିଲ୍ଟର ପାଣିକୁ ।୨

ସବୁ ତ ବିକିଲ ତୁମେ ଏଠି
ଭୁଲି ମାଟି ମା' କଥାକୁ
ରସଗୋଲାଠୁ... କୋଇଲା, ଲୁହା ପଥର ଯାଏ
ତଥାପି ବସିଛ ବିକିଦେବ
ତୁମେ ମହାନଦୀ ପାଣିକୁ ।୩

ଭୁଲି ଯାଉଛ ତୁମେ ସବୁ
ଓଡ଼ିଶାବାସୀର ହକ୍ ଦାବୀକୁ
ଯଦି ଅଛି ତୁମ ମାଟି ମା'ପ୍ରତି ଭକ୍ତି
ତେବେ ଛତିଶଗଡ଼ରୁ ଶୀଘ୍ର ଦିଅ
ମହାନଦୀକୁ ମୁକ୍ତି
ଆଜ୍ଞା ଦିଅ ମହାନଦୀକୁ ମୁକ୍ତି ।

ବାଣପୁର, ଖୋର୍ଦ୍ଧା, ୭୫୨୦୩୫
ଭ୍ରାମ୍ୟଭାଷ : ୯୪୩୭୨୮୬୬୬୬
ଇମେଲ୍ : saumyaranjanlenka@gmail.com

Download Magazine from www.aahwaan.com

# ଫଗୁଣ ଆସେ



ଡା ସନ୍ଧ୍ୟାରାଣୀ ତ୍ରିପାଠୀ

ଫଗୁଣ ଆସେ
ବଉଳ ବାସେ
ମିଠା ମିଠା ହସେ
କେତେ ସେ ରୁଷେ
ଏବରଷରୁ ସେ ବରଷେ
କେତେ ଅଭିମାନର
କେତେ ଅଭିନୟର
କେତେ ସେ ସାଜେ
କେବେ ଯେ ହଜେ
ମନ ଉଣା କରେ
ଭରମେ ମନରେ
ମନ ଅମାନିଆ
ବାସରେ ଭାସେ
ଅତର ଢାଳେ
ମତୁଆଲା ପିଆସୀ
ଝୁମିଛି ଯେ ଏ ଭାବି
ରଙ୍ଗ ବୋଳା
ଅବିର ବୋଳା ମନରେ
ଭରିଛି ଉନ୍ମାଦନା ମୋହରେ
ହସ ଖୁସିର ଲହରୀ
ମୋହ ମାୟାର କବରୀ
ସୁଖର ପିଚକାରୀରେ
ଦୁଃଖ ଲୁଚେ ଓଢଣାରେ
ଦେହରେ ଭରି ବାସ ବଉଳର
ଭରିଛି ପ୍ରେମ ମନରେ ନୂଆ ବଧୂର
ମନଟା କାହିଁକି ରୁଣୁଝୁଣୁ ନୂପରରେ
ଆସୁଛନ୍ତି ପରା ପ୍ରାଣ ପ୍ରିୟ ସତରେ
ପ୍ରେମର ଭାଷା ସଖାର ଖୁସିର
ସମ୍ପର୍କର ବିସ୍ତୃତ ସେତୁ ଅମାପର
ଅମାର ଭରା ଆଖିର ସପନର
ଝଲକେ ବିଜୁଳି ପରି ବର୍ଣ୍ଣାଳିର

ବରିଷ୍ଠା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା
ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# କେବଳ ତୁମପାଇଁ



ସୁଶ୍ରୀ ମିନତିରାଣୀ ମେଣ୍ଡିଲି

ମୁଁ ଜାଣେ ପ୍ରୀତିରାଜ,
ମୁଁ ତୁମକୁ ଛାଡ଼ିଦେଲେ
ପୃଥିବୀ ଲେଉଟି ପଡ଼ିବ ନାହିଁ
କି କାହାର ପାଦ ତଳର ମାଟି
ଖସି ପଡ଼ିବ ନାହିଁ
ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ର କାହାର ବି
ସ୍ଥାନ ବିଚ୍ୟୁତି ଘଟିବ ନାହିଁ ।୧

ତଥାପି ମୁଁ ତୁମକୁ ଧରିଛି ମୋ
ମନ ତୋଷ ପାଇଁ ଯେତିକି ନୁହେଁ ମୋ
ପ୍ରେମ ପ୍ରଣତିର ଜୟଗାନ ପାଇଁ
ହୃଦୟର ସ୍ପନ୍ଦନ ପାଇଁ
ତୁମର କୋମଳ ହାତର ସ୍ପର୍ଶରେ ମୋ
ଶରୀରକୁ ତୁମର କରିବାପାଇଁ ।୨

ଏତେ ପରେ ବି ତୁମେ ମୋ ଠାରୁ
ଦୂରେଇ ଯାଉଛ କ'ଣ ପାଇଁ
ମୁଁ ବ୍ୟକ୍ତ କରେ ଭାଷା ତୁମ ପାଇଁ
ମୁଁ ଲେଖେ କବିତା ତୁମ ପାଇଁ
ମୁଁ ମିନତି କରେ ପ୍ରଭୁଙ୍କୁ ତୁମ ପାଇଁ ।୩

ଜୀବନର ସବୁ ଅଭିପ୍ରାୟ
କେବଳ ମୋ ପ୍ରିୟ, ତୁମ ପାଇଁ ।

ବୀର ମହାରାଜପୁର, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

# ରାଜକନ୍ୟା



ସୌମ୍ୟରଞ୍ଜନ ପାଳ

ରାଜକନ୍ୟା ତୁମେ

ରାଜକୀୟ ଢଙ୍ଗେ

ରହିଛ ରମ୍ୟ ରାଜପ୍ରାସାଦେ...

ଋତୁଚକ୍ର ପରି

ରଙ୍ଗ ବଦଳାଅ

ରୁହନା କୌଣସି ବାଦେ ।

ରଚିପାର ତୁମେ

ରକମାରୀ ଗଳ୍ପ

ରେଣୁଠୁ ଦୂର ଗୋତ୍ରଯାଏଁ ।

ରଖିପାର ପୁଣି

ରବିଠୁ ଶନିଙ୍କୁ

ରାତିରୁ ବିଧୁ ଉଇଁବାଯାଏଁ ।

ରୁଧିର ବୁହାଅ

ରାଜପରିବାର ନାମେ

ରୁଦ୍ରାଣୀ ଚରିତ୍ର ଆବୋରି...

ରମ୍ଭା ତ ନୁହଁ,

ରମଣୀ ତୁମକୁ

ରୋହିଣୀଶ ବର୍ଣ୍ଣିବି କିପରି ?

Download Magazine from www.aahwaan.com

# କିଏ ଜଣେ ଆସୁଛି



ସୁଧାଂଶୁ ଶେଖର ଦ୍ୱିବେଦୀ

କିଏ ଜଣେ ଆସୁଛି ବୋଲି
ସବୁଠି ତୋରଣ, ଝାଲର ଓ
ରଙ୍ଗବେରଙ୍ଗରେ ସଜିଲା ।
ସମସ୍ତଙ୍କଠି ତତ୍ପରତା
ସବୁଠି ଏକ ନିଆରା ଚରିତ୍ରର ପରିଚୟ
ଆଉ ଚରିତ୍ରମାନଙ୍କର
ଅଧର୍ମ - ଅତ୍ୟାଚାର
ପାପ - ବ୍ୟଭିଚାର
ଭଲ - ଖରାପର
ଅନ୍ତ୍ୟେଷ୍ଟିକ୍ରିୟା ।
ହୁଏତ କିଛି ସମୟର ବ୍ୟବଧାନ
ପୁଣି କୁଆଁ କୁଆଁର ଶବ୍ଦ
ଏନ୍ତୁଡ଼ିଶାଳର ପ୍ରାରବ୍ଧ ।
ସୁନାରଙ୍ଗ ସୂର୍ଯ୍ୟରେ
ନୀଳ ଆକାଶ ଚନ୍ଦ୍ରରେ
ସାତରଙ୍ଗ ଫୁଲ ସମ୍ଭାରରେ
ଥର ଥର ଶୀତ ରାତିରେ
କାକର ଭିଜା ଘାସ ଗାଲିଚାରେ
ଓ
ନିଜ ହୃଦକନ୍ଦରରେ
ଏମିତି କି
କୀଟରୁ ପତଙ୍ଗ
ଜୀବରୁ ଜଗତ
ଭୂମିରୁ ଆକାଶ
ସଚରାଚର
ଶୁଭୁଛି ସେଇ ଗୋଟିଏ ଶବ୍ଦ
କିଏ ଜଣେ ଆସୁଛି...
କିଏ ଜଣେ ଆସୁଛି...
କିଏ ଜଣେ ଆସୁଛି...

ବିସି-୭୪, ସେକ୍ଟର-୧
ସଲ୍ଟଲେକ୍, କଲିକତା - ୭୪
ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

 Download Magazine from www.aahwaan.com

# ସୁନାନାକୀ ଝିଅ ମାମୁନି



✍ କଳ୍ପତରୁ ମିଶ୍ର

ମାମୁନି ଆମର ସୁନା ନାକୀ ଝିଅଟାଏ
ମାମୁନି ଆମର ସଭିଠୁ ଆଦର ପାଏ ।
ପଢ଼ା ବେଳେ ପଢ଼େ, ଖେଳ ବେଳେ ଖେଳେ
ଗୁଣୁ ଗୁଣୁ ଗୀତ ଗାଏ, ପୁଣି କେତେ ଧୂଳି ଘର ତୋଳେ ।
ପିନ୍ଧି ଦିଏ ନିଇତି ସେ, ତା' ବୋଉ ପିନ୍ଧା ଶାଢ଼ୀଟେ
ମଥାରେ ଓଢ଼ଣା ଦିଏ ସତେ ନୂଆ ବୋହୂଟେ ।
ହାତରେ ତା ପାଣି କାଚ ପିନ୍ଧେ ନାଲି ଟିକିଲି
ପାଦରେ ଅଳତା ପିନ୍ଧେ ଥିରି ଥିରି ତା ଚାଲି ।
ବାରିପଟ ଆମ୍ବ ମୂଳ ତା'ର ଛୋଟ କୁଡ଼ିଆ
ସାଥି ପିଲା ଡାକି ଘର ତୋଳେ ବଢ଼ିଆ ।
ବାଲି, ଗୋଡି, ମାଟି ରାନ୍ଧେ ସଜେଇ ସେ ଷଢ଼େଇ
ଡାଲି, ଭାତ ରାନ୍ଧେ କରି ଭଙ୍ଗା ମାଟିହାଣ୍ଡି କରେଇ ।
ଅମାନିଆ ତା'ର ମନ ସଦା ହୁଏ ଅସ୍ଥିର
ପ୍ରଜାପତି ପରି ଉଡୁଥାଏ ନିରନ୍ତର ।
ହାତରେ ତାହାର ଥାଏ ଆମ ପୋଷା ବିଲେଇ
ମ୍ୟାଉଁ ମ୍ୟାଉଁ ବୋବାଏ ଖାଲି
ଆଉଁସି ଦେଲେ ସେ ହୁଏ ଫୁଲେଇ

ଘୁଡୁର ଘୁଡୁର ଲାଞ୍ଜିକୁ ଟେକି ।
ଝିଅ ଅବା ହେଉ ପୁଅ ସଭିଏଁ ତ ସମାନ
ବଡ଼ ହେଲେ ରଖିବେ ତ ଦେଶ ଜାତି ସମ୍ମାନ ।
ଯେତେ ସବୁ କୁନି ପିଲା ସବୁ ଅମୁଲ୍ୟ ରତନ
ସୁନା, ହୀରା, ଲୀଳା ଠାରୁ ଅଧିକେ କର ଯତନ ।
ଅନ୍ଧାରକୁ ଦୂର କରେ ଦୀପଟିଏ ଯେସନେ
ବିକାଶ ଆଲୋକ ରାଜି ବୁଣି ଦେବେ ସେମାନେ ।
ଇତିହାସ ଆଜି ବି ତ କହେ ଶିଶୁଙ୍କର ବାରତା
ଧ୍ରୁବ, ପ୍ରହଲ୍ଲାଦ, ବାଜିଆ, ଧରମା ବୀର ଆମର ଗାଥା ।
ଭାଙ୍ଗି ଦେବା ନାହିଁ କେବେ ଶିଶୁଙ୍କର ସପନ
ଭଲ ବାଟେ ନେଇ ତାଙ୍କୁ ଗଢ଼ି ତାଙ୍କ ଜୀବନ ।

ନିଲୋକ, ବନ୍ତ, ଭଦ୍ରକ
ଭ୍ରାମ୍ୟଭାଷ : ୮୦୯୩୦୨୭୪୯୪
ଇମେଲ୍ : mishra7593@gmail.com

Download Magazine from www.aahwaan.com

# ତୁଳନା



ଡମ୍ବରୁଧର ପଟ୍ଟନାୟକ

ଚାଷୀଟିଏ ହୋଇ ଫସଲ ଫଳାଇ ନପାରିବା
ମୋ ପାଇଁ ଇଜ୍ଜତର ପ୍ରଶ୍ନ !
ତେବେ ଇଜ୍ଜତ ହାରିବା ଲୋକ ମୁଁ ନୁହେଁ,
ଦରକାର ହେଲେ ଇଜ୍ଜତ ପାଇଁ
ମୁଁ ଜୀବନ ହାରିଦେବି ।୧ ।

ନୀରବ ମୋଦି ପରି ଋଣ କରି
ବିଦେଶ ଚାଲିଯିବା ମୋ ପୌରୁଷ ନୁହେଁ
ଦରକାର ହେଲେ ବିବଶତାର ବିଷ ପିଇ
ସବୁଦିନ ପାଇଁ ମୁଁ ନିରବିଯିବି ପଛେ
ମୋ ବିଲ ଛାଡି ମୁଁ କୁଆଡେ ଯିବିନାହିଁ ।୨ ।

ବିଜୟ ମାଲ୍ୟା ପରି
ଋଣ କରି ଘିଅ ପିଇବା ଲୋକ ମୁଁ ନୁହେଁ,
ସାର ପାଇଁ କରିଥିବା ଋଣ ଶୁଝିନପାରି
ମୁଁ ପଛେ ମରିଯାଏ ହେଲେ
ଅଧର୍ମ ବିତ୍ତରେ ଅଏସ କରିବା
ମୋ ପ୍ରବୃତ୍ତି ନୁହେଁ ।୩ ।

ଲହୁଲୁହର ଚାଷ କରି, ଫସଲ ଆଣି
କୋଠରୀ ଭରିବାରେ ମୋର ଆନନ୍ଦ,
ହେଲେ ବିକ୍ରମ କୋଠାରୀ ପରି
ସରକାରୀ ଧନରେ ବେପାର କରି
ଅଏସ ଆରାମ କରିବା ମୋ ଧନ୍ଦା ନୁହେଁ
।୪ ।

ନିରବରେ ବିଜୟର ବାନା ଉଡାଇବା
ଅଥବା ଫମ୍ପା ବିକ୍ରମରେ କୋଟିକୋଟିରେ
ଆପଣାର କୋଠରୀ ଭରିବା ହେଉଛି
ଏ ଦେଶର ବେପାରୀଙ୍କ ଖେଳ ।
ଅଥଚ ସାମାନ୍ୟ କେଇହଜାର ଟଙ୍କା ପାଇଁ
ଚାଷୀର ଜୀବନ ହୁଏ କାଳ ।୫ ।

ବାଣିଜ୍ୟକର ବିଭାଗ, ରାୟଗଡ-୭୬୫୦୦୧

# ଛବିଟିଏ



ଉମେଶ କୁମାର ବେହେରା

ମୋ ଲକ୍ଷ୍ୟହୀନ, ଅସ୍ତିତ୍ୱହରା ଜୀବନେ
ମୋ ବାଲୁଙ୍ଗା ପଥର ମନରେ
ମୋ ଅପଦାର୍ଥକ, ଅସ୍ୱଷ୍ଟ ଜୀବନେ
ତୁମର ହିଁ ସ୍ୱଷ୍ଟ ଛବିଟିଏ ।

ଅହରହ, ବ୍ୟସ୍ତମୟ ଦୁନିଆଁରେ
ସ୍ତବ୍ଧ, ନିରବ, ନିରଳା ଜୀବନେ
ପଥହରା, ବାଟବଣା ରାସ୍ତାରେ
ସହଯାତ୍ରୀ ଟିଏ, ତୁମେ ଛବିଟିଏ ।

ବିଜ୍ଞ ଓ ବିଜ୍ଞାନ ସମାଜରେ
ମୋ ମୁଢ଼, ଅଜ୍ଞାନ ଜୀବନେ
ଦୁନିଆଁ କୁ ଜାଣିବା ବୁଝିବା
ଛପା ବହିଟିଏ, ତୁମେ ଛବିଟିଏ ।

କର୍ଲାବାହାଲି (କଂଟାବାଞ୍ଜି), ବଲାଙ୍ଗିର
ଭ୍ରାମ୍ୟଭାଷ : ୮୭୫୮୪୮୪୧୬୬

Download Magazine from www.aahwaan.com

# କଳିଯୁଗେ ନର



ଦୁର୍ଗା ଚରଣ ପ୍ରଧାନ

ଅଳିକ ଜଗତେ ବୃଥା ଆଧିପତ୍ୟ
ବୁଝେ କି ବା ନରାଧମ ।
ବିଧ୍ୱଂସି ପ୍ରକୃତି ସ୍ୱାର୍ଥାନ୍ଧରେ ମତି
ମଣେ ଦିବାରାତ୍ରୀ ସମ ।୧
କୁଖାଦ୍ୟକୁ ଖାଦ୍ୟ ରୂପେ କରି ଭକ୍ଷ
ବିନାଶ ପଥେ ଉନ୍ମତ୍ତ
ଅନଳେ ପତଙ୍ଗ ଗମଇ ଯେସନ
ଅନୁରୂପେ ନର ରତ ।୨
ବରଜି ଅଧ୍ୟାତ୍ମ ଅରଜି ଭୌତିକ
ତୃପ୍ତଇ ଇନ୍ଦ୍ରିୟ ଭୋଗ
ଭୁଞ୍ଜଇ ଯେମନ୍ତ ଅବଧି ପୂର୍ବରୁ
ବଳିଦାନେ ଥିବା ଛାଗ ।୩
ଚିତ୍ତ ବିନୋଦନେ ଏଇ ଅପଘନେ
ପାଳଇ ହରଷେ ବ୍ୟାଧି
ଛଦ୍ମବେଶୀ ଲଭେ ସଜ୍ଜନ ଗୃହରେ
ଯେଉଁ ରୂପେ ଘୃତ ଦଧି ।୪

ଗ୍ରା: ଜାମପାଲି, ପୋ: ସାଲେପାଲି ଥାନା: ମେଲଛାମୁଣ୍ଡା,
ବରଗଡ଼ ଜିଲ୍ଲା ୭୬୮୦୩୫, ଓଡ଼ିଶା
ଭ୍ରାମ୍ୟଭାଷ : ୯୬୬୮୬୯୯୮୪୪

Download Magazine from www.aahwaan.com



# କୁନ୍ଦୁଳି କାନ୍ଦୁଛି

ବି. ପ୍ରକାଶ ଚନ୍ଦ୍ର ପାତ୍ର

ଆରେ ବାବୁ ତୁମେ ବୁଝୁନ କାହିଁକି ?

କୁନ୍ଦୁଳି ଗୋଟେ ରୋଗ... ।

କୁନ୍ଦୁଳି, କୁନ୍ଦୁଳି ହେଇ

ରାଇଜ ସାରା ହୁରି ପକାଉଛ !

ଆରେ କୁନ୍ଦୁଳି-ଛାଟିଲା ସହିପାରିଲାନି..

ବିଷ ପିଇଲା ମଲା..

ମଲା ତ ଗଲା.. ! ! !

ସେଥିପାଇଁ ଏ ପୋଡ଼ାଜଳା..

ବନ୍ଦ-ବାନ୍ଦ, ଏତେ ହାଟନାଟ ?

କି ହଇରାଣରେ ବାପା...

କୁନ୍ଦୁଳି ଛାଟିଲା ବୋଲି ଏତେ କଥା ! !

ଏମିତି ବୁଝିଥିବା

କିରିଆମ୍ବା ଗାଁର ଦନା ଭାଇନାକୁ

କେମିତି ମୁଁ ବୁଝାଇବି ଯେ ?

କୁନ୍ଦୁଳୀ ପୀଡ଼ିତାର ଦୁଃଖର କଥା !

କେମିତି ବୁଝାଇବି ଦୁଷ୍କର୍ମ କ’ଣ ?

ଦୋଷୀ, ଦୋଷ, ସରକାର ଓ ବଳାତ୍କାରୀର କଥା

Download Magazine from www.aahwaan.com

କେମିତି ବୁଝାଇବି ପରିଚୟ ଖୋଜୁଥିବା

ସ୍କୁଲ ପଢୁଆ ଝିଅର ପରିଚୟ ହଜି ଯିବାର କଥା

ତା ଭାଙ୍ଗି ଯାଇଥିବା ସ୍ୱପ୍ନର ପିରାମିଡ଼

କାହିଁକି କୁନ୍ଦୁଲି କାନ୍ଦୁଛି ସେଇ ଦିନୁ...

କୁନ୍ଦୁଲିରୁ କଟକ ଯାଏଁ ।

ତା ଶୁଖିଲା ଓଠର କଥା...

ତା' ଆଖିର ଲୁହର କଥା ।

କିନ୍ତୁ ତା ଆଖିର ଲୁହ ସିନା ଲିଭିଲାନି...

ହେଲେ ମୋ ଆଖିରୁ ଆଉ ଲୁହ ବାହାରୁନି ।

ମୁଁ ନିର୍ବାକ ! !

ଦନା ଭାଇନାଙ୍କ ପାଇଁ...

X X X X

ସେଇଦିନୁ ମୁଁ କାନ୍ଦୁଛି ଯେ କାନ୍ଦୁଛି

ଅଗଣିତ ଦନାଭାଇନାଙ୍କ ପାଇଁ ।

ଅଧ୍ୟକ୍ଷ, ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ,

ବାଲିପଦର, ଗଞ୍ଜାମ

ଭ୍ରାମ୍ୟଭାଷ : ୮୮୯୫୯୬୧୭୫୭

 Download Magazine from www.aahwaan.com

# ଉଷା



ପ୍ରୀତିନନ୍ଦା ପାଣିଗ୍ରାହୀ

ଉଷା ଆଞ୍ଜୁଳାରେ ଆଞ୍ଜୁଳେ ଆଣିଛି
ମୁକୁତା ଉପହାର
ଗଭାରେ ଖଞ୍ଜିଛି ଇନ୍ଦ୍ରଧନୁ ପୁଣି
ବଉଦ ମାଳ ମାଳ ।
ଘାସର ଗାଲିଚା ବିଛେଇ ଟାକିଛି
ଉଷା ଆଗମନ ଦେଖି
କିଏ ସେ ଅତିଥି କାହା ମନଜାଣି
ଟାକିଛି ସମ୍ଭାର ରଖି ।
କାକ, ଶୁକ, ପିକ ପ୍ରଭାତୀ ଗାଆନ୍ତି
କାହାକୁ କରିବେ ବଶ
କାହା ମନଜାଣି ଏ ଗୀତ ଗାଆନ୍ତି
ଦେଇ ସତେ ନବରସ ।
ଆମ୍ର ମଞ୍ଜରୀକୁ ବଉଳର ବାସ
ମନକୁ ଚୋରାଇ ନିଏ
ବସନ୍ତ ଆସୁଛି ନବବଧୂ ସାଜି
ଏଇ ତ ସୂଚନା ଦିଏ ।
ମନର ଭାବରେ ବସନ୍ତର ରଙ୍ଗ
ମିଶି ପ୍ରେମରଙ୍ଗ ହୁଏ
ଏ ପ୍ରେମ ରଙ୍ଗରେ ସେନେହ ମିଶିଲେ
ମାନବତା ଦେଖାଦିଏ ।

ସହଯୋଗ ନଗର, ଡି/୨, ବୁଢ଼ାରଜା,
ସମ୍ବଲପୁର

Download Magazine from www.aahwaan.com

# ଆଖିପତା ଖୋଲେ ନାହିଁ



✍ ଶୈବାଳିନୀ ସାହୁ

ଫଗୁରେ ଫଗୁଣ ରଙ୍ଗ ମୋ ଅଧର
ପ୍ରେମର ପରଶ ପାଇ,
ବସନ୍ତ ମଳୟ ଲାଗୁଛି ଜହର
ବିରହ ଯାତନା ସହି ।

ଅମଳିନ ରଙ୍ଗ ବିରହ ବିଧୁର
ଅମାନିଆ ଜହ୍ନ ଆସେ ଉଇଁ,
ସ୍ମୃତିର ପାହାଡ଼ ସ୍ୱପ୍ନ ହୋଇ ଝରେ
ଆଖିପତା ଖୋଲେ ନାହିଁ ।

ପାଗଳ ଭ୍ରମର ଗୁଣୁଗୁଣୁ ଗାଏ
ମୋ' ଛିନ୍ନ ଆଶାର ଆହତ ସ୍ୱରକୁ
ତୁମେ, ଶୁଣିପାର ଅବା ନାହିଁ ।
ତଥାପି କାହିଁକି, ଅଲୋଡ଼ା ଜୀବନ
ତୁମ ପ୍ରେମ ସାଗରେ
ଚାହୁଁଛି ବୁଡିବା ପାଇଁ....
ବସନ୍ତ ମଳୟ ଲାଗୁଛି ଜହର
ବିରହ ଯାତନା ସହି ।

ମେଟ୍ରୋପଲିଟାନ୍ କୋପରେଟିଭ୍ ହାଉସିଂ ସୋସାଇଟି
ସେକ୍ଟର-ଏ, ପ୍ଲଟ୍ ନଂ - ୯୪, କୋଲକାତା -୭୦୦୧୦୫

# ହେ ନ୍ୟାୟମୂର୍ତ୍ତି



ବୈଚନ୍ଦ୍ର ମଲ୍ଲିକ

ହେ, ନ୍ୟାୟ ମୂର୍ତ୍ତି !
ଶତ ପ୍ରଶ୍ନ ଆଜି ତୁମ ପାଇଁ,
ସବୁ ପ୍ରଶ୍ନର ଜବାବ୍ ରଖ୍ ଆଜି
ନଚେତ୍, ରକ୍ଷା ନାହିଁ ରକ୍ଷା ନାହିଁ ! ! !

କ'ଣ ପାଇଁ ଏ ନ୍ୟାୟ ଦରବାରେ ?
ଦଣ୍ଡାୟିତ ତୁମେ କାହା ପାଇଁ ? ?
ତୁମ ହସ୍ତେ ଏ ନ୍ୟାୟର ନିକିତି କାହା ପାଇଁ ? ? ?
ଆଉ ତୀକ୍ଷଣ ଖଡ୍ଗ,ନିକିତି,ଏ ଅନ୍ଧର ପୁତୁଳୀ କାହା ପାଇଁ ? ? ?

ସତରେ ତୁମେ କ'ଣ ଜଣେ ନାରୀ ?
ମୋର କାହିଁ ଏ ବିଶ୍ୱାସ ଜମା ଆଉ ନାହିଁ !
କେଉଁ ଗୁଣେ କୁହ ତୁମେ ଜଣେ ନାରୀ ?
ନାରୀର ତ' କେଉଁ ଲକ୍ଷଣ ତୁମ ପାଖେ ନାହିଁ ! ! !

ହଁ, ନାରୀକୁ ମୁଁ ଭଲ ଭାବେ ଜାଣେ !
ସେ ହୁଏ ଭଗିନୀ, ଭାର୍ଯ୍ୟା, ଆଉ ମାଆ
ତୁମ ପରି କୋଠର ହୃଦୟ ତ' ତାଙ୍କର ନାହିଁ ! !

ଆନ ଦୁଃଖେ ଦୁଃଖି ! ନୟନରୁ ଝରିପଡେ ତାଙ୍କ ଅବାରିତ ଅଶ୍ରୁ ! ! !

ଧନ୍ୟ ! ଧନ୍ୟ ! ! ସେହି ନାରୀ ! ! !
ଯେଉଁ ନାରୀ ଜାଣିପାରେ ଅନ୍ୟ ମନର ଦୁଃଖ,
ଆଉ ଗହନ ହୃଦୟରେ ଛପିଥିବା ଯନ୍ତ୍ରଣା ଗାଥା......
କୋଉ ମା' ନପାରିଛି ଚିହ୍ନି ? ପୁଅ ପେଟର ଭୋକ ଆଉ ବାର୍ତ୍ତା ! !

ଭଗ୍ନୀ ଏଠି ବ୍ରତ ମନାସେ ! !
ଭାଇର ଦୀର୍ଘାୟୁ କାମନା କରି,
ଆଉ ସତୀ ସାବିତ୍ରୀ କଥା ତ' ତୁ ଭଲ ଭାବେ ଜାଣୁ ! !
କହ,ସ୍ନେହମୟୀ ମା' ଚିପିଛି କି ତଣ୍ଟି ? ଏନ୍ତୁଡି ଶାଳେ ସନ୍ତାନକୁ ତାର ? ? ?

ହଁ, ତୁ କହୁ ପରା, ତୁ ଜଣେ ନାରୀ ।
ନାରୀ ହୋଇ ନପାରିଲୁ ଚିହ୍ନି ? ନାରୀ ଅନ୍ତରର ଦୁଃଖ ! !
ନ୍ୟାୟ ପାଇଁ ଆସି ଥିଲେ ଦ୍ୱାରେ ତୁମ, ସେହି ଭଗ୍ନୀ ମୋହର !
କୁନ୍ଦୁଲି,ପିପିଲି,ଆଉ ଦିଲ୍ଲୀ ପୀଡିତାଙ୍କୁ କେଉଁ ନ୍ୟାୟ ଦେଲୁ କହ ? ? ?

ଧର, ତୁ ହୁଏ ଜଣେ ନାରୀ ! !
ନାରୀ ଅବତାରୀ ରକ୍ଷାସୀ ଟିଏ ! !
ତୋ ଜନ୍ମ ହୁଏ ବୋଧେ ଏକ ରାକ୍ଷାସ କୁଳରେ ! ! !
ତେଣୁ, ତୋ କାର୍ଯ୍ୟ ହେବକି କହ ? ଏକ ମହତ୍ ଉଦ୍ଦେଶ୍ୟରେ !

କାନ ଖୋଲି ଶୁଣ୍ ଆଜି !
ସମସ୍ତିଙ୍କୁ କୁହେ ତୋ ଗୁପ୍ତ ରହସ୍ୟ ! !
କେଉଁ କାର୍ଯ୍ୟେ ଲଗାଉଛୁ ଏ ନ୍ୟାୟର ତରାଜୁ ଆଉ ତୀକ୍ଷ୍ଣ ଖଡ୍ଗ ! ! !
ମୁଖେ ଭିଡି ଅନ୍ଧର ପୁଟୁଳୀ ଆଜି କି ଲଗାଇଛୁ ନାଟ ? ? ? ?

ଶୁଣ୍ ରେ ରାକ୍ଷାସୀ ନାରୀ ! ! !
ଜାଣିନୁକି ? ସତ କେବେ ଲୁଚି ରହେ ନାହିଁ ।
ନ୍ୟାୟ ନ ଦେଇ ମୃତ୍ୟୁଦଣ୍ଡ ଦେଲୁ କା'ଣ ପାଇଁ ? ? ?
କି ଦୋଷ ତାଙ୍କର, ଗୋଡାଇ ଖାଇଲେ ତୋ ରାକ୍ଷାସ କୁଳର ଭାଇ ! ! !

ଏବେ କହ ତୁ ରାକ୍ଷାସୀ ନୁହେଁ ଦେବୀଟିଏ ବୋଲି,
ଦେବୀ ଯଦି,ଦେବୀ ପୀଠେ ରକ୍ତ ରଂଜିତ୍ ଆଜି କା'ଣ ପାଇଁ ? ?
ନିରୀହ ଜୀବଙ୍କୁ ଏଠି ହତ୍ୟାକରେ ପାଗଳ ମଣିଷ କା'ଣ ପାଇଁ ?
ଜବାବ୍ ଦେ ! ତୁ ଏବେ ରାକ୍ଷାସୀ ନୁହେଁ ଦେବୀ ଟିଏ ବୋଲି ! !

ସତରେ, ତୁ ଜଣେ ରାକ୍ଷାସୀ ଟିଏ ! !
ତୀକ୍ଷ୍ଣ ଖଡ୍ଗେ କାଟିଛୁ ନା ? ଶବକୁ ତାଙ୍କର ! ! !
ନିକିତିରେ ତୋଉଲିଛୁ ରକ୍ତ ମିଶା ମାଂସକୁ ତାଙ୍କର ! !
ଆଉ ରାକ୍ଷାସୀ ରୂପକୁ ଚିହ୍ନି ଦେବେ ବୋଲି, ନୟନରେ ଭିଡିଛୁ ନା ? କଳାର ଚାଦର ! ! !

 Download Magazine from www.aahwaan.com

ମୁଁ କହେ ଆଜି ଖାଲି ତୁ ଶୁଣ୍ ! !
କେତେ ଘୃଣ୍ୟକାର୍ଯ୍ୟ କର ତୋ ରାକ୍ଷାସ କୁଳର,
ଯେଉଁ ହାଡ ଖଣ୍ଡ ଖଣ୍ଡ ନପାରିଲୁ କାଟି ଅବା ବାଣ୍ଟି,
ଫିଙ୍ଗି ଦେଲୁ ନା ? ପାଖେ ଥିବା କଳା,ଧଳା,ମାଟିଆ କୁକୁର ଦେଲେ ଚାଟି ! ! !

ଏତେ ଅନ୍ୟାୟ ଦେଖି ମୁଁ ଆଜି ନ ରହିବି ଚୁପ୍ !
ଭଲ ଗତି ଚାହୁଁ ଯଦି ଏ ପଦରୁ ଯଥା ଶିଘ୍ର ହଟ୍ ! ! !
ନଚେତ୍, ଏ ନ୍ୟାୟ ଦରବାରୁ ଭରଷା ତୁଟିଥିବା ମା'ଓଭଗ୍ନୀଙ୍କୁ,
ଏକଜୁଟ୍ କରାଇବି ମୁଁ, ତାଙ୍କେ ଦେଇ ଚାବୁକ୍ ଗାଦିଚ୍ୟୁତ୍ କରାଇବି ମୁଁ ! ! !

ମୂର୍ତ୍ତି ନୁହେଁ, ଏ ଦରବାରେ ରହିବ ଜଣେ ମା' ! !
ଲୋଭ ମୋହ ମାୟାର ଉର୍ଦ୍ଧ୍ୱରେ ଥିବା ସେହି ମା' ! !
ପାପିଷ୍ଠ ପୁଅକୁ ଅବଶ୍ୟ ଦଣ୍ଡ ଦେବେ କାନମୁଡା ହେଉ କି ଚାପୁଡା
ଅତି ପାପିଷ୍ଠ ପୁତ୍ରକୁ, ଦୁର୍ଗା ପରି ସଂହାରିବ ସେହି ମା' ! ! !

ଏଠି ନ୍ୟାୟ ନୁହେଁ, ଏହା ଏକ ବଡ ପ୍ରହସନ !
ଏଠି ଦଣ୍ଡ ନୁହେଁ, ଦୋଷି ପାଏ ବହୁ ଧନଧାନ୍ୟ ! !
ଏଠି ମୂର୍ତ୍ତି ଥିଲେ, ହେବ ଖାଲି ଅନିତି ଅନ୍ୟାୟ ! ! !
ଏଠି ମା' ବିରାଜିଲେ, ଧରା ହେବ ମଧୁମୟ...... ! ! ! !

ଶିକ୍ଷକ, ରାସୁଡି, ଫୁଲବାଣୀ, ଦୂରଭାଷ ନଂ- ୮୭୭୩୭୭୮୯୨୬

Download Magazine from www.aahwaan.com

# ପ୍ରେମ ଋତୁରେ



ସତ୍ୟବ୍ରତ ବାରିକ

ଆସିଲୁ ଯେବେ ପ୍ରିୟା ମୋ ଜୀବନରେ
ତୋ ପ୍ରେମରେ ଭିଜିଗଲି ପ୍ରେମ ଋତୁରେ ।

ସବୁ ଋତୁପରି ପ୍ରେମ ଋତୁ ନିଆରା
ଆଖିରେ ଆଖିରେ ଦେଲୁ ତୁ ଇଶାରା ।

ମିଠା ମିଠା କଥାରେ ତୋତେ ଭଲ ପାଇଲି
ପ୍ରେମରେ ପ୍ରେମରେ ସବୁ ଭୁଲିଗଲି ।

ହାତଧରି ଚାଲୁଥିବା ଅସରନ୍ତି ବାଟ
ସାଥୀ ହୋଇ ରହିଥିବା ଏ ଜୀବନଯାକ ।

ରଖିଛି ତୋତେ ନେଇ ଏ ହୃଦୟରେ
ରହିଛୁ ରହିବୁ ତୁ ମୋ ସାଥୀରେ ।

ପ୍ରେମ ଋତୁ ହେଲେ ଦେହେ ଲାଗେ ରଙ୍ଗ
ଏ ରଙ୍ଗ ଛାଡ଼ିବନି, ଦେବ ଖୁସି ତରଙ୍ଗ ।

Download Magazine from www.aahwaan.com

# ନାରୀ



ଶଙ୍ଖସିନ୍ଧୁ ପୁରୋହିତ

ନା.. ନା...
ମୁଁ ନାରୀ,
ଭୃତ୍ୟ ନୁହେଁ ଯେ,
ସକାଳୁ ସଞ୍ଜ ପର୍ଯ୍ୟନ୍ତ ଖଟିବି
ଆଦେଶ ମାତ୍ରକେ ।

ସଭା ସମିତି - ଭାଷଣବାଜି
ସମାଜସେବା - ସଚେତନତା
ଆଦି ମାଧ୍ୟମରେ
ନାରୀ ଜାତିର ବିକାଶ ମୋର ଲକ୍ଷ୍ୟ ।
ଝାନ୍‌ସୀ ରାଣୀ, କଳ୍ପନା ଚାୱଲା
ହୁଅନ୍ତୁ ଆଦର୍ଶ ଆମ ଜାତିର ।

- ତା ହେଲେ ଘରର ଯାବତୀୟ କାର୍ଯ୍ୟ ?
- ସେଥିପାଇଁ ତୁମେ, ଅଳ୍ପପାଠୁଆ ଚାକରାଣୀ ଖଣ୍ଡେ ରଖିପାର ।
କିନ୍ତୁ,
ମୁଁ, ଜମାରୁ ନୁହେଁ ।

ବଡ଼ାଲି, ଉଲୁଣ୍ଡା, ସୁବର୍ଣ୍ଣପୁର ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୨୦୧୯୫

# ପ୍ରବନ୍ଧ ବିଭାଗ

Download Magazine from www.aahwaan.com

# ବାସନ୍ତୀୟ ନବରାତ୍ରୀ



ପ୍ରତିଭା ପ୍ରିୟଦର୍ଶିନୀ

ବିଶ୍ୱର ବିଭିନ୍ନ ଧର୍ମ ଓ ପନ୍ଥରେ ଈଶ୍ୱରଙ୍କୁ ପରମପିତା ବା ପୁରୁଷ ଭାବରେ ବିଶ୍ୱାସ ଓ ପୂଜନ କରାଯାଏ । ତେବେ ସନାତନ ହିନ୍ଦୁଧର୍ମରେ ପରମଶକ୍ତି ବା ପରାଶକ୍ତି ଭାବେ ଦେବୀ ବା ସ୍ତ୍ରୀ ରୂପରେ ଉପାସନା କରାଯାଏ । ଦେବୀ ସକଳ ଶକ୍ତିର ପ୍ରତୀକ ଏବଂ କଲ୍ୟାଣ କାରିଣୀ, ସୃଷ୍ଟି ସମ୍ଭବା ମାତୃ ରୂପରେ ପୂଜିତା । ଆମଦେଶରେ ଶକ୍ତି ଉପାସନା ବୈଦିକ କାଳରୁ ପ୍ରଚଳିତ । ଋକ୍ ବେଦର ଗୋଟିଏ ସମ୍ପୂର୍ଣ୍ଣ ଅଧ୍ୟାୟ ଏହି ବିଷୟ ବର୍ଣ୍ଣନା କରେ । ଋକ୍ ବେଦର 'ଦେବୀ ସୁକ୍ତ' ଓ 'ଉଷାସୁକ୍ତ' ଏବଂ ସାମ ବେଦର 'ରାତ୍ରିସୁକ୍ତ'ରେ ଦେବୀ ପୂଜନର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ମାର୍କଣ୍ଡେୟ ପୁରାଣରେ ସ୍ୱୟଂ ବ୍ରହ୍ମା ଦେବୀଙ୍କ ନବରୂପ ବିଷୟରେ ସୂଚାଇଛନ୍ତି । ସେଗୁଡିକ ହେଉଛନ୍ତି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରି, ମହାଗୌରୀ ଓ ସିଦ୍ଧିଦାତ୍ରୀ । ଶିବପୁରାଣ ଅନ୍ତର୍ଗତ ରୁଦ୍ରସଂହିତାର ପଞ୍ଚମ ଅଧ୍ୟାୟରେ ମଧ୍ୟ ଦେବୀ ଦୁର୍ଗାଙ୍କ ବିଭିନ୍ନ ସ୍ୱରୂପ ବିଷୟରେ ଉଲ୍ଲେଖ ରହିଛି ।

ଦେବୀ ଆରାଧନାର ପ୍ରମୁଖ ପର୍ବ ନବରାତ୍ରି ବର୍ଷରେ ୫ଥର ପାଳନ କରାଯାଏ । ଗ୍ରୀଷ୍ମ ଓ ଶୀତଋତୁର ଆଗମନ ପୂର୍ବରୁ ପାଳନ ହେଉଥିବା ଦୁଇ ନବରାତ୍ରି ସମୟରେ ଋତୁଚକ୍ର ଓ ସୂର୍ଯ୍ୟଙ୍କ ପ୍ରଭାବ ପରିବର୍ତ୍ତନ ହେଉଥିବାରୁ ଏହାକୁ ଅଧିକ ମହତ୍ତ୍ୱ ଦେଇ ପାଳନ କରାଯାଏ ଏବଂ ଏଥିରେ ନବଦୁର୍ଗାଙ୍କ ଆରାଧନା କରାଯାଏ । ଅଧିକ ସଂଖ୍ୟକ ଲୋକ ଏହି ଦୁଇ ନବରାତ୍ରି ପାଳନ କରନ୍ତି । ଅନ୍ୟ ତିନୋଟିଯାକ ନବରାତ୍ରିକୁ ଗୁପ୍ତ ନବରାତ୍ରି କୁହାଯାଏ ।

 Download Magazine from www.aahwaan.com

ଗୁପ୍ତ ନବରାତ୍ରି ଅଧିକନ୍ତୁ ଶକ୍ତି ଉପାସକ ଓ ସାଧକମାନେ ନିଷ୍ଠାର ସହିତ ପାଳନ କରନ୍ତି ଏବଂ ଏହି ସମୟରେ ଦଶ ମହାବିଦ୍ୟାଙ୍କ ଆରାଧନା ବିଶେଷତଃ କରାଯାଏ । ବର୍ଷର ପ୍ରଥମ ନବରାତ୍ରି ପାଳନ ହୁଏ ଗ୍ରୀଷ୍ମଋତୁର ଆଗମନ ପୂର୍ବରୁ ଅର୍ଥାତ ବସନ୍ତ ଋତୁର ଅନ୍ତିମ ପର୍ଯ୍ୟାୟ ବା ଚୈତ୍ର ମାସରେ । ତେଣୁ ଏହାକୁ ବାସନ୍ତୀୟ ନବରାତ୍ରି ବା ଚୈତ୍ର ନବରାତ୍ରି କୁହାଯାଏ । ସମସ୍ତ ନବରାତ୍ରି ନିର୍ଦ୍ଦିଷ୍ଟ ମାସର ଶୁକ୍ଳ ପ୍ରତିପଦା ତିଥିରୁ ଆରମ୍ଭ ହୋଇ ନବମୀ ଯାଏଁ ପାଳିତ ହୁଏ । ଚୈତ୍ର ନବରାତ୍ରିର ଆରମ୍ଭ ହିନ୍ଦୁ ନବବର୍ଷ ଓ ରାଷ୍ଟ୍ରୀୟ ପଞ୍ଜାଙ୍ଗ ବା ବିକ୍ରମସମ୍ବତ୍ ର ଆରମ୍ଭ ହୁଏ । ଏହାପରେ ଆଷାଢ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୁଏ ଆଷାଢୀ ନବରାତ୍ରି । ଏହାକୁ ଗୁପ୍ତ/ଗାୟତ୍ରୀ/ଶାକମ୍ଭରୀ ନବରାତ୍ରି ମଧ୍ୟ କୁହାଯାଏ । ତତ୍ ପରେ ଆସେ ଶରତ ଋତୁରେ ପାଳିତ ହେଉଥିବା ଶାରଦୀୟ ନବରାତ୍ରି । ଆଶ୍ୱୀନ ମାସକୁ ଶାକ୍ତମାନେ ଖୁବ ମହତ୍ତ୍ୱ ଦିଅନ୍ତି, ତେଣୁ ଆଶ୍ୱୀନ ନବରାତ୍ରିକୁ ମହାନବରାତ୍ରି ମଧ୍ୟ କୁହାଯାଏ । ମହାଳୟା ଅମାବାସ୍ୟା ପରଠାରୁ ଏହା ଆରମ୍ଭ ହୋଇ ମହାନବମୀରେ ହମ୍ପୂର୍ଣ୍ଣ ହୁଏ ଏବଂ ପରଦିନ ଦଶହରା ପାଳିତ ହୁଏ । ଏହା ପରେ ପୌଷ ମାସ ଶୁକ୍ଳପକ୍ଷରେ ପୌଷ ନବରାତ୍ରି ଏବଂ ମାଘ ମାସ ଶୁକ୍ଳପକ୍ଷରେ ମାଘୀ ନବରାତ୍ରି ପାଳିତ ହୁଏ ।

ନବଦୁର୍ଗାଙ୍କ ବିଷୟରେ ଏବଂ ନବରାତ୍ରି ପାଳନ ବିଷୟରେ ସମସ୍ତେ ଅଳ୍ପବହୁତ ଜାଣନ୍ତି । ଏଠାରେ ବାସନ୍ତୀୟ ନବରାତ୍ରୀ ବା ଚୈତ୍ର ନବରାତ୍ରି ସମ୍ପର୍କିତ ଏକ ପୌରାଣିକ କାହାଣୀ ବିଷୟରେ ଜାଣିବା ।

ଅନେକ ବର୍ଷ ପୂର୍ବେ କୋଶଳ ରାଜା ଥିଲେ ଦୁଶିବାଗୋ । ତାଙ୍କର ଦୁଇଜଣ ରାଣୀ ଥିଲେ, ଲୀଳାବତୀ ଓ ମନୋରମା । ଏକଦା  ରାଜା ଶିକାର ପାଇଁ ଯାଇଥିବା ବେଳେ ଏକ ସିଂହ ଆକ୍ରମଣରେ ନିହତ ହେଲେ । ଲୀଳାବତୀଙ୍କ ପିତା ଉଜ୍ଜୟିନୀ ନରେଶ ଯୁଦ୍ଧଜିତ ଏବଂ

ରାଣୀ ମନୋରମାଙ୍କ ପିତା କଳିଙ୍ଗ ରାଜ ବୀରସେନ ନିଜ ନିଜ ନାତିଙ୍କ ପାଇଁ କୋଶଳ ସିଂହାସନକୁ ଆଖେଇଥାନ୍ତି । କୋଶଳ ନରେଶଙ୍କ ମୃତ୍ୟୁପରେ ଏଇ ଦୁଇ ରାଜା ପରସ୍ପର ସହିତ ଯୁଦ୍ଧକଲେ ତଥା ଯୁଦ୍ଧରେ ରାଜା ବୀରସେନଙ୍କ ମୃତ୍ୟୁ ହେଲା । ଅନ୍ୟପଟେ ରାଣୀ ମନୋରମା ରାଜକୁମାର ସୁଦର୍ଶନ ଏବଂ ଜଣେ କିନ୍ନର ପରିଚାରକକୁ ସାଙ୍ଗରେ ନେଇ ଜଙ୍ଗଲକୁ ପଳାୟନ କଲେ ଏବଂ ଭରଦ୍ୱାଜ ଋଷିଙ୍କ ଆଶ୍ରମରେ ଆଶ୍ରୟ ନେଲେ ।

ସେପଟେ ବିଜୟୀ ରାଜା ଯୁଦ୍ଧଜିତ ନିଜ ପୌତ୍ର ଶତ୍ରୁଜିତଙ୍କୁ କୋଶଳର ରାଜଧାନୀ ଅଯୋଧ୍ୟାରେ ଯୁବରାଜ ଭାବରେ ଅବସ୍ଥାପିତ କଲେ । ତତ୍ପରେ ସେ ମନୋରମା ଓ ସୁଦର୍ଶନଙ୍କ ଅନ୍ୱେଷଣରେ ବାହାରି ପଡ଼ିଲେ । ଋଷି ଭରଦ୍ୱାଜ ନିଜ ଆଶ୍ରିତ ମାନଙ୍କୁ ହସ୍ତାନ୍ତର କରିବେ ନାହିଁ ବୋଲି କହିବାରୁ ଯୁଦ୍ଧଜିତ ଭୟଙ୍କର କ୍ରୋଧିତ ହେଲେ ଏବଂ ଋଷିଙ୍କୁ ଆକ୍ରମଣ କରିବାକୁ ଚାହିଁଲେ । ତେବେ ମନ୍ତ୍ରୀ ବୁଝାଇବା ପରେ ସେ ଉଆସକୁ ଫେରିଗଲେ ।

ଭାଗ୍ୟଦେବୀ ସୁଦର୍ଶନଙ୍କ ଉପରେ ପ୍ରସନ୍ନ ହେଲେ । ଏକଦା ଜଣ ତପସ୍ୱୀଙ୍କ ପୁତ୍ର ମନୋରମା ସାଙ୍ଗରେ ଆଣିଥିବା କିନ୍ନରଙ୍କୁ ତାଙ୍କ ସଂସ୍କୃତ ନାମ 'କ୍ଲୀବ' କହି ସମ୍ବୋଧନ କଲେ । ରାଜକୁମାର ସେହି ଶବ୍ଦର ପ୍ରଥମ ଅକ୍ଷର 'କ୍ଲୀ' କୁ ମନେରଖି ବାରମ୍ବାର ଉଚ୍ଚାରଣ କରିବାକୁ ଲାଗିଲେ । ତେବେ ଏହି ଅକ୍ଷରଟି ଦେବୀଙ୍କର ଶକ୍ତିଶାଳୀ ନବାକ୍ଷର ମନ୍ତ୍ରର ଏକ ବୀଜ ଅକ୍ଷର ଅଟେ । ବାରମ୍ବାର ବୀଜମନ୍ତ୍ରର ଉଚ୍ଚାରଣ କରି ରାଜକୁମାର ପରମ ମାନସିକ ଶାନ୍ତି ସହିତ ଦେବୀଙ୍କ ଅପାର କୃପାଲାଭ କଲେ । ଦେବୀ ସ୍ୱୟଂ ପ୍ରକଟ ହୋଇ ତାଙ୍କୁ ଆଶୀର୍ବାଦ ସ୍ୱରୂପ ଅନେକ ଦିବ୍ୟ ଅସ୍ତ୍ର ଶସ୍ତ୍ର ଓ ଏକ ଅସରନ୍ତି ତୁଣୀର ପ୍ରଦାନ କଲେ ।

ବନାରସ ରାଜାଙ୍କ ଦୂତମାନେ ଏକଦା ଋଷି ଭରଦ୍ୱାଜଙ୍କ ଆଶ୍ରମ ଦେଇ ଯିବାବେଳେ ରାଜକୁମାର ସୁଦର୍ଶନଙ୍କୁ ଦେଖି ଅଭିଭୂତ ହେଲେ ଏବଂ ରାଜକୁମାରୀ ଶଶିକଳାଙ୍କ ପାଇଁ

Download Magazine from www.aahwaan.com

ବରପାତ୍ର ଭାବେ ପ୍ରସ୍ତାବିତ କଲେ । ରାଜକୁମାରୀଙ୍କ ସ୍ୱୟମ୍ବର ଆୟୋଜନ କରାଗଲା । ଶଶିକଳା ପ୍ରଥମ ଦର୍ଶନରେ ହିଁ ସୁଦର୍ଶନଙ୍କୁ ବରଣ କଲେ । ବିଧିପୂର୍ବକ ସେମାନଙ୍କ ବିବାହ ସମ୍ପର୍ଣ୍ଣ ହେଲା । ସେଠାରେ ଉପସ୍ଥିତ ଥିବା ରାଜା ଯୁଦ୍ଧଜିତ ଏଥିରେ ଈର୍ଷାନ୍ୱିତ ହୋଇ ସୁଦର୍ଶନ ଏବଂ ତାଙ୍କ ଶ୍ୱଶୁର ବନାରସ ରାଜାଙ୍କ ସହ ଯୁଦ୍ଧ କରିବାକୁ ଲାଗିଲେ । ଦେବୀ ସ୍ୱୟଂ ସୁଦର୍ଶନ ଓ ତାଙ୍କ ଶ୍ୱଶୁରଙ୍କ ସହାୟତା କରୁଥିବା ଦେଖି ଯୁଦ୍ଧଜିତ ପରିହାସ କଲେ । ଏଥିରେ କ୍ରୋଧିତ ହୋଇ ଦେବୀ ଗୋଟିଏ ଥରରେ ଯୁଦ୍ଧଜିତ ଓ ତାଙ୍କ ସୈନ୍ୟବାହିନୀକୁ ପୋଡ଼ି ପାଉଁଶ କରିଦେଲେ । ସୁଦର୍ଶନ ନିଜ ପତ୍ନୀ ଓ ଶ୍ୱଶୁରଙ୍କ ସହିତ କୃତଜ୍ଞତା ଜଣାଇ ଦେବୀଙ୍କୁ ସ୍ତୁତି କରିଲେ । ଏମାନଙ୍କ ଠାରେ ପ୍ରସନ୍ନ ହେଲେ ଏବଂ ଯଜ୍ଞ ସହିତ ବିଧିପୂର୍ବକ ଚୈତ୍ର ମାସ ଶୁକ୍ଳ ପତିପଦା ତିଥିରୁ ନବଦିନ ବ୍ୟାପି ତାଙ୍କର ଆରାଧନା କରିବାକୁ ନିର୍ଦ୍ଦେଶ ଦେଇ ଅନ୍ତର୍ଧ୍ୟାନ ହୋଇଗଲେ ।

ସୁଦର୍ଶନ ଓ ଶଶିକଳା ଋଷି ଭରଦ୍ୱାଜଙ୍କ ଆଶ୍ରମକୁ ଫେରିଲେ । ମହର୍ଷି ନବଦମ୍ପତ୍ତିଙ୍କୁ ଆଶୀର୍ବାଦ ପ୍ରଦାନ କରିବା ପୂର୍ବକ ସୁଦର୍ଶନଙ୍କୁ କୋଶଳର ରାଜାଭାବରେ ଅଧିଷ୍ଠିତ କରାଇଲେ । ସୁଦର୍ଶନ, ଶଶିକଳା ଏବଂ ବନାରସ ରାଜା ଦେବୀଙ୍କ ନିର୍ଦ୍ଦେଶାନୁସାରେ ବାସନ୍ତୀୟ ନବରାତ୍ରି ଖୁବ ଉତ୍ସାହ, ଉଦ୍ଦୀପନା ଓ ଭବ୍ୟତା ସହିତ ପାଳନ କଲେ ।

ସୁଦର୍ଶନଙ୍କ ଉତ୍ତରପିଢି ଶ୍ରୀରାମ ଓ ଲକ୍ଷ୍ମଣ ମଧ୍ୟ ଲଙ୍କା ଅଭିଜାନ ପୂର୍ବରୁ ଦେବୀଙ୍କ ଆରାଧନା କରିଥିଲେ ଏବଂ ଦେବୀକୃପା ପ୍ରାପ୍ତହୋଇ ସୀତାଙ୍କ ମୁକ୍ତ କରି ଆଣିଥିଲେ । କୃତ୍ତିବାସ ରାମାୟଣ ଅନୁସାରେ ରାବଣ ସହିତ ସମର ପୂର୍ବରୁ ଶ୍ରୀରାମ ଦେବୀଙ୍କୁ ଆବାହନ କରିଥିଲେ । ଯଦିଓ ସେତେବେଳେ ଦେବୀଙ୍କୁ ବିଳମ୍ବିତ ବସନ୍ତରେ ଚୈତ୍ରମାସରେ ପୂଜା କରିବା ପ୍ରଚଳିତ ଥିଲା, ତଥାପି ଯୁଦ୍ଧ ବାତାବରଣ ଯୋଗୁଁ ପ୍ରଭୁ ଶ୍ରୀରାମ ଦେବୀଙ୍କୁ ଅଷ୍ଟମ

 Download Magazine from www.aahwaan.com


ମହାବିଦ୍ୟା 'ମା ବଗଳାମୁଖୀ' ରୂପରେ ଆବାହନ କରିଥିଲେ ଶରତ ଋତୁରେ । ତେଣୁ ଏହାକୁ ଅକାଳ ବୋଧ (ଅସମୟ ବୋଧନ) ବୋଲି କୁହାଯାଏ । ଏହି ଶାରଦୀୟ ପୂଜା ପରମ୍ପରାଗତ ବାସନ୍ତୀୟ ପୂଜାଠାରୁ ଭିନ୍ନ ଥିଲା । ତେଣୁ ଏହି ପୂଜାକୁ ଅସମୟ ଆବାହନ ବା ଅକାଳବୋଧନ ବୋଲି କୁହାଯାଏ । ଶ୍ରୀରାମଙ୍କ ଦ୍ୱାରା ପାଳିତ ଏହି ଦେବୀ ଆବାହନ ଓ ପୂଜନକୁ ଏବେ ଶାରଦୀୟ ନବରାତ୍ରି ବୋଲି କୁହାଯାଏ । ଏହାର ସମାପନ ପରଦିନ ଦଶହରା ପାଳନ କରାଯାଏ । ତେବେ ନବରାତ୍ରି ପାଳନର ମୂଳ ପରମ୍ପରା ବାସନ୍ତୀୟ ବା ଚୈତ୍ର ନବରାତ୍ରି ରୁ ଆରମ୍ଭ ହୋଇଥିଲା ।

ଚଳିତବର୍ଷ ବାସନ୍ତୀୟ ନବରାତ୍ରି ମାର୍ଚ୍ଚ ମାସ ୧୮ ତାରିଖରୁ ଆରମ୍ଭ ହେଉଛି । ନବଦୁର୍ଗା ସଭିଙ୍କୁ ଆଶୀର୍ବାଦ କରିବା ପୂର୍ବକ ସମଗ୍ର ସଂସାରରେ ସୁଖ-ଶାନ୍ତି-ସୌହାର୍ଦ୍ଧ୍ୟ ଭରିଦିଅନ୍ତୁ, ଏତିକି ପ୍ରାର୍ଥନା ।

ଲିଙ୍କ୍ ରୋଡ୍, କଟକ

 Download Magazine from www.aahwaan.com

# ଉତ୍କଳରେ ସୋମବଂଶୀୟ ଶାସନ



ଶ୍ରୀ ରବୀନ୍ଦ୍ରନାଥ ସାମଲ

ସୋମବଂଶୀୟ ରାଜତ୍ୱ : ବୋଧିପଦ୍ରକବିହାର

ଓଡ଼ିଶା ମାଟିରେ ସୋମବଂଶୀୟ ରାଜାଙ୍କ ରାଜତ୍ୱର ସମୟ ଥିଲା ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀଠାରୁ ଦ୍ୱାଦଶ ଶତାବ୍ଦୀ ଅର୍ଥାତ ଖ୍ରୀ ୯୨୨ରୁ ଖ୍ରୀ ୧୧୧୦ ଯାଏଁ । ଏହି ରାଜତ୍ୱ କାଳରେ ମହାଶିବଗୁପ୍ତ ଯଯାତି-୨ୟ ଥିଲେ ଜଣେ ଅପ୍ରତିଦ୍ୱନ୍ଦୀ ରାଜପୁରୁଷ । ତାଙ୍କ ରାଜତ୍ୱ କାଳ ଥିଲା ଖ୍ରୀ ୧୦୨୫ରୁ ଖ୍ରୀ ୧୦୪୦ ପର୍ଯ୍ୟନ୍ତ । ତାଙ୍କ ପୂର୍ବରୁ ସୋମବଂଶୀୟ ରାଜା ଧର୍ମରଥ, ମଢୁଷ ଓ ଇନ୍ଦ୍ରରଥ ଖ୍ରୀ ୧୦୨୪ ପର୍ଯ୍ୟନ୍ତ ରାଜତ୍ୱ କରି ଆସିଥିଲେ । ଯଯାତି-୨ୟଙ୍କ ରାଜତ୍ୱ ପୂର୍ବରୁ ଉତ୍ତର ତୋଷାଳୀର କେତେକ ଅଂଶ ଏମାନଙ୍କ ନିଜସ୍ୱ କର୍ତ୍ତୃତ୍ୱରେ ନଥିଲା । ଗୌଡ଼ ଦେଶର ପାଳ ବଂଶୀୟ ରାଜାମାନେ ଏହାର ପୂର୍ବୋତ୍ତର ଭାଗରୁ କେତେକ ଅଂଶ ଅଧିକାର କରି ସେଥିରେ ପଣ୍ଡୁଭୁକ୍ତି ମଣ୍ଡଳରେ ଗୋଟିଏ ଦୃଢ଼ଘାଟି ନିର୍ମାଣ କରିଥିଲେ ।[୧] କିନ୍ତୁ ଖ୍ରୀ ୧୦୨୪ ମସିହାରେ ଦାକ୍ଷିଣାତ୍ୟର ଚୋଳବଂଶୀୟ ରାଜା ରାଜେନ୍ଦ୍ର ଚୋଳଙ୍କ ଆକ୍ରମଣ ସମୟରେ ସୋମବଂଶୀୟ ରାଜା ଇନ୍ଦ୍ରରଥ ପରାଜିତ ହେବା ସହିତ ଦଣ୍ଡଭୂକ୍ତି ମଣ୍ଡଳର ତତ୍କାଳୀନ ରାଜା ଧର୍ମପାଳ ମଧ୍ୟ ରାଜ୍ୟ ହରାଇଥିଲେ । ଧର୍ମପାଳ ଥିଲେ କମ୍ବୋଦ ବଂଶୀୟ ରାଜାଙ୍କର ଜଣେ ସାମନ୍ତ ରାଜା ।[୨]

ସୋମବଂଶୀୟ ରାଜାଙ୍କ ରାଜତ୍ୱ ପୂର୍ବରୁ ଓଡ଼ିଶାରେ ଭୌମକର ରାଜାମାନେ ଶାସନ କରୁଥିଲେ ମଧ୍ୟ ଖ୍ରୀ ୯୫୦ ମସିହାରେ ସେମାନଙ୍କ ଶାସନ ଅସ୍ତମିତ ହେବା ସମୟରେ କମ୍ବୋଦ ପାଳବଂଶୀୟ ରାଜାମାନଙ୍କ ଅଧୀନରେ ଦଣ୍ଡଭୂକ୍ତି ମଣ୍ଡଳ ଅର୍ଥାତ ଆଧୁନିକ

 Download Magazine from www.aahwaan.com

ମେଦିନିପୁର ଜିଲ୍ଲା ସହିତ ଓଡ଼ିଶା ରାଜ୍ୟର ଉତ୍ତର ବାଲେଶ୍ୱର ଅଞ୍ଚଳ ଏଥିସହିତ ଶାସିତ ହେଉଥିଲା । ସେତିକିବେଳେ ଏହି ଦଣ୍ଡଭୁକ୍ତି ମଣ୍ଡଳ ବର୍ଦ୍ଧମାନ ଭୁକ୍ତି ଶାସନ ଖଣ୍ଡ ଅଧୀନରେ ଶାଶିତ ହେଉଥିଲେ ମଧ୍ୟ ତାହା ତତ୍କାଳୀନ ସମୟରେ ଉତ୍ତର ରାଢ଼ଦେଶାନ୍ତଗତି ହୋଇ ରହିଥିଲା । ଏହି ଦେଶର ଦକ୍ଷିଣ ଭାଗରେ ଥିଲା ଆଧୁନିକ ମେଦିନିପୁର ଅଞ୍ଚଳର ତାମ୍ରଲିପ୍ତ ଏବଂ ଦଣ୍ଡଭୁକ୍ତି ମଣ୍ଡଳ ।[୩] ଏହି ସବୁ ଅଞ୍ଚଳ ମଧ୍ୟରୁ କେତେକ ଅଂଶ(ବାଲେଶ୍ୱର ଠାରୁ ସମଗ୍ର ଉତ୍ତରାଂଶ) କମ୍ବୋଜୀୟ ରାଜାଙ୍କ ଶାସନ ମଣ୍ଡଳର ଅନ୍ତର୍ଭୂକ୍ତ ଥିଲା । ଏହାର ପ୍ରମାଣ ମିଳେ କମ୍ବୋଜ ବଂଶୀୟ ରାଜା ନୟାପାଳ ଦେବଙ୍କ ଦୁଇଟି ଦାନପତ୍ରରୁ ।[୪] ଏହି ଦାନପତ୍ର ଦୁଇଟିରୁ ଗୋଟିଏ ବସ୍ତା ଥାନା ଅନ୍ତର୍ଗତ 'ଇଡ଼ଦା' ନାମକ ଗ୍ରାମରୁ ଏବଂ ଅନ୍ୟଟି ଏହାର ନିକଟସ୍ଥ ବାଲିଆପାଳ ଥାନାର 'କେଳାପଲ୍ଲୀ ମଣ୍ଡଳ'ରୁ, ଯାହା ଅଧୁନା 'କଳିନ୍ଦା' ନାମକ ଗ୍ରାମ ରୂପେ ପରିଚିତ । ଏହା ପ୍ରାପ୍ତ ହେବା ପରେ ସେହି ସବୁ ଅଞ୍ଚଳ କମ୍ବୋଜ ରାଜବଂଶ ଦ୍ୱାରା ଶାସିତ ହେଉଥିବାର ପ୍ରମାଣିତ ହୁଏ ।

ଏମିତି ସମୟରେ ଉତ୍କଳ ରାଜ୍ୟରେ ଅରାଜକତା ସୃଷ୍ଟି ହେବାରୁ ଦେଶର ସୁଧୀଜନତା ଓ ଶାନ୍ତିପ୍ରିୟ ଖଣ୍ଡପାଳମାନଙ୍କ ଅନୁରୋଧ ରକ୍ଷାକରି ସୋମବଂଶୀୟ ରାଜା ଯଯାତି-୨ୟ କୋଶଳ ଓ ଉତ୍କଳକୁ ଏକତ୍ର କରି ଶାସନ କରିଥିଲେ । ଆଉ ଏହି ସମୟ ଥିଲା - ଖ୍ରୀ ୧୦୨୫ ମସିହା ।[୫] ଏଠାରେ ଉତ୍କଳ କହିଲେ ଆଧୁନିକ ଢେଙ୍କାନାଳ, କେଉଁଝର, ମୟୁରଭଞ୍ଜ, ବାଲେଶ୍ୱର, ମେଦିନିପୁର ଏବଂ କଟକ ଜିଲ୍ଲାର କିଛି ଅଂଶକୁ ବୁଝାଉଥିଲା । ଏହି ସବୁ ଅଞ୍ଚଳ ଥିଲା ଏକଦା ଭୌମକର ଶାସନ କାଳରେ ଉତ୍ତର ତୋଷାଳୀ । ଏହି ସମୟରେ ରାଢ଼ ଓ ଗୌଡ଼ ଦେଶ ଅର୍ଥାତ ଦକ୍ଷିଣପଶ୍ଚିମ ବଙ୍ଗଳାରେ ପାଳବଂଶୀୟ ରାଜାଥିଲେ ବିଗ୍ରହପାଳ-୨ୟଙ୍କ ପୁତ୍ର ମହୀପାଳ-୧ମ (ଖ୍ରୀ ୯୮୮ରୁ ଖ୍ରୀ୧୦୩୮) ।[୬] ଦଶମ ଶତାବ୍ଦୀର ଶେଷ ଭାଗରେ ସେ

 Download Magazine from www.aahwaan.com

ସମଗ୍ର ଉତ୍ତରପୂର୍ବ ବଙ୍ଗଳା ଅଧିକାର କରିନେବା ପରେ କମ୍ବୋଜୀୟ ପାଳମାନେ ବର୍ଦ୍ଧମାନ ଭୁକ୍ତିର ଦଣ୍ଡଭୂକ୍ତି ସହିତ ଉତ୍ତର ବାଲେଶ୍ୱର ଅଂଶକୁ ଶାସନ କରି ସେତିକିରେ ସନ୍ତୁଷ୍ଟ ରହିଲେ । ମାତ୍ର ଯଯାତି-୨ୟ ଶାସନ କାଳର ପ୍ରାରମ୍ଭରେ ବୈତରଣୀ ନଦୀକୂଳରେ ଯାଜପୁରକୁ ନିଜର ରାଜଧାନୀ ଭାବରେ ଗ୍ରହଣ କରିନେଇଥିଲେ ।[୭] ଏହାକୁ ଅଭିନବ ଯଯାତି ନଗର ବୋଲି କୁହାଗଲା ।[୮]

ଖ୍ରୀଷ୍ଟୀୟ ଅଷ୍ଟମ, ନବମ ଓ ଦଶମ ଶତାବ୍ଦୀରେ ମହାଯାନୀ ବୌଦ୍ଧମାନଙ୍କ ଦ୍ୱାରା ତନ୍ତ୍ର ଉପାସନା ହେଉଥିବା ହେତୁ ଶୈବ, ଶାକ୍ତ ଓ ବୌଦ୍ଧ ଧର୍ମର ସମ୍ମିଶ୍ରଣ ଘଟିଥିଲା । ଯାହାଦ୍ୱାରା ଏହି ତନ୍ତ୍ର ସାଧନାରେ ପଞ୍ଚମକାରର ତନ୍ତ୍ର ଉପାସନା ପଦ୍ଧତିରେ ଆଚାର ବିଚାର ନଥାଇ ମଦ୍ୟ, ମୁଦ୍ରା ଓ ମୈଥୁନର ବ୍ୟାପକ ପ୍ରସାର ଘଟିଥିଲା ।[୯] ମୁଦ୍ରା ଓ ମୈଥୁନ ମାଧ୍ୟମରେ ଚୌଷଠୀ ଯୋଗିନୀଙ୍କ ଉପାସନା ପାଇଁ ନାରୀକୁ ସହଜ ସୁନ୍ଦରୀ ରୂପେ ବ୍ୟବହାର କରାଯାଇ ତା ସହିତ ମୈଥୁନ କ୍ରିୟାରେ ନିୟୋଜିତ ହୋଇ ତନ୍ତ୍ର ସାଧନା କରାଯାଉଥିଲା । ଅଷ୍ଟମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ - ଏହି ଚାରିଶହ ବର୍ଷ ମଧ୍ୟରେ ଓଡ଼ିଶା, ବଙ୍ଗ ଓ ବିହାର ଆଦି ରାଜ୍ୟ ମାନଙ୍କରେ ବହୁ ଗୁରୁତର ପରିବର୍ତ୍ତନ ଦେଖା ଦେଇଥିଲା ।[୧୦] ଆଉ ଏତିକି ବେଳେ ସିଦ୍ଧାଚାର୍ଯ୍ୟ ମାନଙ୍କର ଆବିର୍ଭାବ ଘଟିବା ଫଳରେ ତାନ୍ତ୍ରିକ ପଦ୍ଧତିରେ ଶିବ, ଶକ୍ତି ଓ ବିଷ୍ଣୁଙ୍କ ଆରାଧନା ସକାଶେ ନୂତନ ଆଗମ ମାନ ଲେଖାଯିବାରୁ ଓଡ଼ିଶାର ବିଭିନ୍ନ ସମ୍ପ୍ରଦାୟ ତଥା ଶାଖା ମାନଙ୍କ ମଧ୍ୟରେ ଧର୍ମ ସମ୍ପର୍କୀୟ ମତଭେଦ ଦେଖାଗଲା । ଏହି ଶାଖା ଗୁଡ଼ିକ ମଧ୍ୟରେ ବଜ୍ରଯାନ, କାଳଚକ୍ରଯାନ ଏବଂ ସହଜଯାନ ଥିଲା ପ୍ରଧାନ । ଓଡ଼ିଶାରେ କାଳଚକ୍ରଯାନ ଓ ତନ୍ତ୍ରଯାନର ପ୍ରସାର ଅଧିକ ମାତ୍ରାରେ ଘଟିବାରୁ ସେଥିରେ ଯେଉଁ ସବୁ ପଦ୍ଧତି ଅନୁସୃତ ହେଲା, ସେଥିରୁ ପଞ୍ଚମକାର ସଂପୃକ୍ତ ମହାକାଳୀ ଓ ମହାକାଳ ଭୈରବ

Download Magazine from www.aahwaan.com

ଉପାସନାର ସୃଷ୍ଟି ହେଲା ।[୧୧] ସହଜଯାନର ମୌଳିକ ନୀତି ଥିଲା ସମ୍ଭୋଗ ସଙ୍ଗେ ଅପାର୍ଥିବ ସୁଖଲାଭ ।

ଭୌମକର ରାଜତ୍ୱକାଳ(ଖ୍ରୀ ୮୮୫ ମସିହା)ରେ ଓଡ଼ିଶାରେ ମୃତପ୍ରାୟ ବୌଦ୍ଧ ଧର୍ମର ପୁନରୁଦ୍ଧାର କରାଯାଇଥିଲା । ଏତିକିବେଳେ ରାଜାଙ୍କ ପ୍ରଭାବରେ ପ୍ରଭାବିତ ହୋଇ ବୁଦ୍ଧଭଟ୍ଟାରକଙ୍କ ମନ୍ଦିରମାନ ଗଠନ କରି ସେଥିରେ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କ ରହିବା ନିମନ୍ତେ ସାମନ୍ତ ରାଜାମାନେ ମଧ୍ୟ ପ୍ରୟାସ ଚଳାଇଥିଲେ । ସେମାନେ ଏକତ୍ର ଅବସ୍ଥାନ କରି ବିହାର ଗୁଡ଼ିକରେ ସାଂସାରିକ ଭୋଗ ଲାଳସାରେ ଲିପ୍ତ ରହିଲେ ଫଳରେ ଦୂରାଚାର ପ୍ରବେଶ କଲା ।

ଓଡ଼ିଶାର ପୂର୍ବୋତ୍ତର ଭାଗରେ ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟରେ ଖ୍ରୀଷ୍ଟୀୟ ପଞ୍ଚମ/ଷଷ୍ଠ ଶତାବ୍ଦୀରେ ଦଣ୍ଡଭୁକ୍ତି ମଣ୍ଡଳର ମହାରାଜା ଗୋପଚନ୍ଦ୍ରଙ୍କ ସାମନ୍ତରାଜା ଅଚ୍ୟୁତ ବୌଦ୍ଧ ଧର୍ମର ବିକାଶ ଲାଗି ନିର୍ମାଣ କରିଥିବା 'ବୋଧିପଦ୍ରକବିହାର' ସପ୍ତମ ଶତାବ୍ଦୀରେ କର୍ଣ୍ଣସୁବର୍ଣ୍ଣର ରାଜା ଶଶାଙ୍କ ରାଜଙ୍କ ବୌଦ୍ଧ ବିଦ୍ୱେଷନୀତି ଯୋଗୁଁ ଏହା ଧ୍ୱଂସ ପାଇ ଯାଇଥିଲେ ବି ଭୌମ ରାଜତ୍ୱ କାଳରେ ସମ୍ଭବତଃ ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ତା'ର ପୁନଃସଂସ୍କାର କରାଯାଇ ସେଠାରେ ବୌଦ୍ଧ ମହାଯାନ ପନ୍ଥାରେ ତନ୍ତ୍ର ଉପାସନା ଆରମ୍ଭ କରାଯାଇଥିଲା ବେଳେ ସମଗ୍ର ଓଡ଼ିଶାର ବୌଦ୍ଧପୀଠ ମାନଙ୍କରେ ଏକ ପ୍ରକାର ନୀତି ଅନୁସୃତ ହେଉଥିଲା ।

ଏହି ନଦୀ ମୁହାଣସ୍ଥ ପ୍ରାଚୀନ ବୌଦ୍ଧବିହାର ଆଧୁନିକ ଓଡ଼ିଶାର ବାଲେଶ୍ୱର ଜିଲ୍ଲାସ୍ଥିତ ଭୋଗରାଇ ଥାନାର ଜୟରାମପୁର ଗ୍ରାମରେ ଥିବାର ଜଣାପଡ଼େ । କାରଣ ଏହି ଗ୍ରାମସ୍ଥିତ ଆହୁତିକୁଣ୍ଡ ନାମକ ସ୍ଥାନରେ ମାଟି ଖୋଳାଯାଉଥିବା ସମୟରେ ମାଟିତଳୁ ବହୁ ବୌଦ୍ଧ

Download Magazine from www.aahwaan.com

ଦେବାଦେବୀଙ୍କ ପ୍ରସ୍ତର ପ୍ରତିମା, ଟେରାକୋଟା ମୂର୍ତ୍ତି ତଥା ପୋଡ଼ା ମାଟିର ପାତ୍ର ଆଦି ସହିତ ଏକ ତାମ୍ରଶାସନ ଆବିଷ୍କୃତ ହୋଇଥିଲା ଏବଂ ସେଥିରୁ ଏ ସବୁ ବିଷୟ ସ୍ପଷ୍ଟ ହୋଇଅଛି । ପୁନଶ୍ଚ ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରୁ ଯେଉଁ ସବୁ ମୂର୍ତ୍ତୀ ପ୍ରାପ୍ତ ହୋଇଛି, ତାହା ତାନ୍ତ୍ରିକ ବୌଦ୍ଧ ଧର୍ମର ମୂର୍ତ୍ତି ବୋଲି ଏବେ ପର୍ଯ୍ୟବେକ୍ଷଣ କରିଥିବା କଲିକତା ବିଶ୍ୱବିଦ୍ୟାଳୟର ଲିପିତତ୍ତ୍ୱବିଦ୍, ପ୍ରତ୍ନତତ୍ତ୍ୱବିଦ୍ ତଥା ଗବେଷିକା ଡଃ ଦୀପଶିଖା ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି । [୧୨]

ଓଡ଼ିଶାର ସୋମବଂଶୀୟ ରାଜା ଯଯାତି-୨ୟ ବୈତରଣୀ ନଦୀ ତୀରରେ ଯାଜପୁର ଠାରେ ରାଜଧାନୀ ପ୍ରତିଷ୍ଠା କରିବା ପରେ ସେଠାକାର ପ୍ରଚଳିତ ପାରମ୍ପରିକ ତନ୍ତ୍ରସାଧନା ପ୍ରତି ବିତସ୍ପୃହ ହୋଇ ତା'ର ବିଲୋପ ସାଧନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ସହିତ ସେଠାରେ ବ୍ରାହ୍ମଣ୍ୟ ଧର୍ମର ପୁନଃପ୍ରତିଷ୍ଠା ନିମନ୍ତେ ଶୈବଧର୍ମର ପୃଷ୍ଠପୋଷକତା କଲେ । [୧୩] ଏଥିପାଇଁ ସେ ଯାଜପୁରରେ ଦଶାଶ୍ୱମେଧ ଯଜ୍ଞ କରିବା [୧୪] ପୂର୍ବରୁ ସମ୍ରାଟ ଅଶୋକଙ୍କ ବୌଦ୍ଧଧର୍ମ ପ୍ରତିଷ୍ଠାପାଇଁ ଅଠରଶହ ଆଜୀବକଙ୍କୁ ନିର୍ମମ ଭାବରେ ହତ୍ୟା [୧୫] କଲା ପରି ସେ ଛଅ ଶହ ବୌଦ୍ଧ ତାନ୍ତ୍ରିକଙ୍କୁ ହତ୍ୟା କରିବା ସହିତ ତନ୍ତ୍ର ସାଧନାର ପୀଠ ଗୁଡ଼ିକୁ ଭାଙ୍ଗି ନିଶ୍ଚିହ୍ନ କରି ଦେଇଥିଲେ ବୋଲି ତାଙ୍କର ଲେଖନୀ ଏବଂ କିମ୍ବଦନ୍ତୀ ମାନଙ୍କରୁ ସ୍ପଷ୍ଟ ହୁଏ । ତଥାପି ଏବେ ମଧ୍ୟ ସେହି ନଦୀ ତୁଠରେ ଶୁଭସ୍ତମ୍ଭ କିମ୍ବା ତନ୍ତ୍ର ଉପରେ ବୈଦିକ ବ୍ରାହ୍ମଣ୍ୟ ଧର୍ମର ବିଜୟସ୍ତମ୍ଭ ବିଦ୍ୟମାନ ।[୧୬] ଏଥିପାଇଁ ସେ ସେଠାରେ ବହୁ ଶିବମନ୍ଦିର ନିର୍ମାଣ କରିବା ସହିତ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ।

ଏହାପରେ ତାଙ୍କ ରାଜତ୍ୱର ତୃତୀୟ ବର୍ଷରେ ଯେତେବେଳେ ଉତ୍ତର ତୋଷାଳୀ

 Download Magazine from www.aahwaan.com

ଅଭିଯାନ କରିବାପାଇଁ ଇଚ୍ଛା ପ୍ରକଟ କଲେ, ସେତିକି ବେଳେ ରାଢ଼ ଓ ଗୌଡ଼ ଦେଶ ସହିତ ବଙ୍ଗର ମତାନ୍ତର [୧୭] ଥିବାର ସୁଯୋଗ ନେଇ ନିଜର ସାମରିକ କୌଶଳ ହେତୁ ବଙ୍ଗ ଆଡୁ ରାଢ଼ ଓ ଗୌଡ଼ରେ ଜୈତ୍ରଯାତ୍ରା ନିର୍ବିଘ୍ନରେ ସମାହିତ କରିଥିଲେ । ତେଣୁ ତାଙ୍କ ପ୍ରଶସ୍ତିରେ 'ଗୌଡ଼ ରାଢ଼ାମ୍ବନ ପ୍ରକର୍ଷଣୋଦ୍‌ଘାତ କାରୁତଃ' ବୋଲି ଉଲ୍ଲେଖ କରାଯାଇଛି । ଆଉ ସେହି ଜୈତ୍ରଯାତ୍ରା ସମାପନାନ୍ତେ ଆଧୁନିକ ଭୋଗରାଇସ୍ଥିତ ବୌଦ୍ଧପୀଠର ତନ୍ତ୍ରସାଧନା କ୍ଷେତ୍ର ତାଙ୍କ ନଜରକୁ ଆସିଥିବା ସମ୍ଭବ । କାରଣ ଏହି ସମୟରେ ଓଡ଼ିଶାର ତନ୍ତ୍ରଯାନର ତନ୍ତ୍ରସାଗର ମଧ୍ୟରେ ନିମଜ୍ଜିତ ଥିଲା ବୋଲି କବିଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ 'ଭକ୍ତି ଭାଗବତ' ପୁସ୍ତକରୁ ସୂଚନା ମିଳୁଥିବା ବେଳେ ଏଠାରେ ମଧ୍ୟ ସେହି ପରମ୍ପରାଗତ ତନ୍ତ୍ରସାଧନା ପ୍ରଚଳିତ ଥିବାର ଯଥେଷ୍ଟ ପ୍ରମାଣ ମିଳୁଅଛି । କାରଣ ଏଠାସ୍ଥିତ ସେହି ଆହୁତିକୁଣ୍ଡ ନାମକ ସ୍ଥାନରୁ ପ୍ରାୟ ୭/୮ ବର୍ଷ ତଳେ ଯେଉଁ ମୂର୍ତ୍ତି ଆବିଷ୍କୃତ ହୋଇଛି, ତାହା ତତ୍‌କାଳୀନ ତନ୍ତ୍ରସାଧନାର ଚତୁର୍ଭୁଜ ମହାକାଳ ଭୈରବ ପ୍ରତିମା ଏବଂ ସେ ସମୟରେ ପଞ୍ଚମକାର ସାଧନା ନିମନ୍ତେ ସହଜଯାନ ତନ୍ତ୍ର ସାଧନାର ଗୋଟିଏ ଅଂଶ । ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଏହା ହିଁ ଥିଲା ସହଜଯାନର ଗୋଟିଏ ପଦ୍ଧତି ।

ତେଣୁ ଓଡ଼ିଶାର ରାଜା ଏଠାକାର ପ୍ରଚଳିତ ପରମ୍ପରାକୁ ଘୁଞ୍ଚାଇ ଦେଇ ସେହି ସ୍ଥାନରେ ବ୍ରାହ୍ମଣ୍ୟ ଧର୍ମର ପ୍ରତିଷ୍ଠାପାଇଁ ବିଶାଳ ଯଜ୍ଞର ଆୟୋଜନ କରିବା ପୂର୍ବରୁ ସମସ୍ତ ତନ୍ତ୍ର ସାଧନା ପୀଠ ଗୁଡ଼ିକୁ ନିଶ୍ଚିହ୍ନ କରିଦେବା ସହିତ ସୁବର୍ଣ୍ଣରେଖା ନଦୀ ମୁହାଣ ନିକଟରେ ଏକ ବିଶାଳ ପଥର ମନ୍ଦିର ନିର୍ମାଣ କରି ସେଥିରେ ବିଶାଳ ଲିଙ୍ଗ ଦେବତାଙ୍କୁ ପ୍ରତିଷ୍ଠା କରାଇ ତା'ର ପୂଜା ଆରାଧନାର ବ୍ୟବସ୍ଥା କରିଥିବା ସମ୍ଭବ । ପାରମ୍ପରିକ ରୀତିରେ ସେ ସମୟରେ ସାଗର ବାଣିଜ୍ୟରେ ଲିପ୍ତଥିବା ବଣିକ ମାନେ ଠାକୁରଙ୍କ ପୂଜା ଆରାଧନା ପାଇଁ ବହୁଧନ ଦାନ

କରିବା [୧୮] ସହିତ ସାମୟିକ ଭାବରେ ସାଗର ଉପକଣ୍ଠକୁ ଆସି ସେହି ଦେବତାଙ୍କୁ ସଶ୍ରଦ୍ଧ ପ୍ରଣତୀ ଜଣାଇ ଯାଉଥିଲେ । ମାତ୍ର ଦୁର୍ଭାଗ୍ୟର ବିଷୟ ମୁସଲମାନ ମାନଙ୍କ ଶାସନ କାଳରେ ସେମାନଙ୍କର ହିନ୍ଦୁବିଦ୍ୱେଷ ନୀତିଯୋଗୁଁ ଏହି ମନ୍ଦିର ନଷ୍ଟ ହୋଇଯାଇଥିବା [୧୯] ବେଳେ ପରବର୍ତ୍ତୀ କାଳରେ ପ୍ରାକୃତିକ ବିପର୍ଯ୍ୟୟ ଅଥବା ରାଜନୈତିକ କାରଣରୁ ମନ୍ଦିରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲେ ମଧ୍ୟ ମନ୍ଦିର ମଧ୍ୟସ୍ଥ ସେହି ବିଶାଳକାୟ ଲିଙ୍ଗ ଦେବତା ଆଜି ଏଠାରେ ଭୂଷଣ୍ଡେଶ୍ୱର ନାମରେ ପରିଚିତ ହୋଇ ଆରାଧିତ ହେଉଛନ୍ତି ।

<u>ପାଦଟୀକା</u>

୧. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ - ପୃ - ୫୪୮

୨. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ - ପୃ - ୪୩୯

୩. Gopinath Mohanty - Culture, Heritage of Odisha, Balasore - ପୃ - ୨୬୯

୪. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ - ପୃ - ୪୫୫

୫. ଡ: ଯଜ୍ଞ କୁମାର ସାହୁ - ଓଡ଼ିଶାର ଇତିହାସ - ୧ମ - ପୃ - ୧୫୪

୬. ଡ: ଯଜ୍ଞ କୁମାର ସାହୁ - ଓଡ଼ିଶାର ଇତିହାସ - ୧ମ - ପୃ - ୧୫୩

୭. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃ - ୨୦୮

୮. ଡ: ଉମେଶ ଚନ୍ଦ୍ର ମଜୁମଦାର - ବାଂଲାର ଇତିହାସ - ପୃ - ୧୬୭

୯. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ - ପୃ - ୪୫୪

୧୦. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃ - ୨୧୦

୧୧. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ - ପୃ - ୪୫୭

୧୨. ଡ: ଦୀପଶିଖା ଆଚାର୍ଯ୍ୟ - ତା ୧୦/୪/୨୦୧୫ରେ ଆସିଥିଲେ

Download Magazine from www.aahwaan.com


୧୩. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃ - ୨୧୦

୧୪. ଡ: ସତ୍ୟନାରାୟଣ ରାଜଗୁରୁ - ଓଡ଼ିଶାର ଇତିହାସ - ୧ମ - ପୃ - ୪୫୪

୧୫. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃ - ୨୧୧

୧୬. ଡ: ହରେକୃଷ୍ଣ ମହତାବ - ଓଡ଼ିଶା ଇତିହାସ - ପୃ - ୨୩୨

୧୭. ଡ: ହରେକୃଷ୍ଣ ମହତାବ - ଓଡ଼ିଶା ଇତିହାସ - ପୃ - ୨୩୦

୧୮. କ୍ଷୀତିନ୍ଦ୍ର ନାଥ ଠାକୁର ଓ କ୍ଷେମେନ୍ଦ୍ରନାଥ ଠାକୁର - ତତ୍ତ୍ୱବୋଧିନୀ ବଙ୍ଗଳା ପତ୍ରିକା - ୧୭୮୪ - ଭାଦ୍ର ସଂଖ୍ୟା - ପୃ - ୨୩୨

୧୯. କ୍ଷୀତିନ୍ଦ୍ର ନାଥ ଠାକୁର ଓ କ୍ଷେମେନ୍ଦ୍ରନାଥ ଠାକୁର - ତତ୍ତ୍ୱବୋଧିନୀ ବଙ୍ଗଳା ପତ୍ରିକା - ୧୭୮୪ - ଭାଦ୍ର ସଂଖ୍ୟା - ପୃ - ୨୩୩

Download Magazine from www.aahwaan.com

# ଜାତିପ୍ରାଣ ଫକୀରମୋହନ



ଡ: ଲକ୍ଷ୍ମଣ ସାହୁ

ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଯେତେବେଳେ ନବଜାଗରଣର ଜୁଆର ଉଠିଲା, ନୂତନ ରୁଚି ପରିଚର୍ଯ୍ୟାର ଇଚ୍ଛାର ସୃଷ୍ଟି ଘଟିଲା, ନୂତନ ଚିନ୍ତା ଓ ଚେତନାର ସୁଅ ପ୍ରବାହିତ ହେଉଥିଲା, ତା'ର ଅନ୍ତରାଳରେ ଯେଉଁ କେତେଜଣ ମୁଷ୍ଟିମେୟ ଜାତିପ୍ରାଣ ଓଡ଼ିଆ ଥିଲେ ସେମାନଙ୍କ ମଧ୍ୟରୁ ଫକୀରମୋହନ ଅନ୍ୟତମ ସାରଥୀ । ଫକୀରମୋହନ ଜଣେ ଏଭଳି ସ୍ରଷ୍ଟା ଭାରତୀୟ ସାହିତ୍ୟ ଜଗତରେ ଏ ଯାବତ୍ କେହି ତାଙ୍କପରି ହୋଇଥିବା ମନେ ହୁଏନାହିଁ । ତାଙ୍କର ଜନ୍ମ ବାଲେଶ୍ୱରର ଏକ ସମ୍ଭ୍ରାନ୍ତ ବଂଶରେ ଘଟିଥିଲା, ହେଲେ ସେ ଥିଲେ ଶୈଶବରୁ ପିତୃମାତୃହୀନ, କପର୍ଦ୍ଦକଶୂନ୍ୟ, ସ୍ୱଳ୍ପଶିକ୍ଷାପ୍ରାପ୍ତ ଓ ରୁଗ୍ଣ ବ୍ୟକ୍ତିଟିଏ । ବାଲ୍ୟବସ୍ଥାରେ ବୃଦ୍ଧା ପିତାମହୀଙ୍କ ପାଖରେ ପାଳିତ ହୋଇଥିଲେ ଓ ସ୍ୱଳ୍ପଶିକ୍ଷାପ୍ରାପ୍ତ ପରେ ଅର୍ଥାଭାବରୁ ବାଲେଶ୍ୱର ବନ୍ଦରରେ ପାଲ ସିଲେଇ କାମ ତଦାରଖ କରିବା ନିମନ୍ତ ସେ ନିଜକୁ ନିୟୋଜିତ କରିଥିଲେ ।

ଫକୀରମୋହନ ଏକାଧାରରେ କବି, ଔପନ୍ୟାସିକ, ଶାସକ, ପଣ୍ଡିତ, ସମାଜ-ସଂସ୍କାରକ, ମୁଦ୍ରାକର, ସଂପାଦକ, ବ୍ୟବସାୟୀ, ସର୍ବୋପରି ଜଣେ ଦେଶଭକ୍ତ ଓ ଜାତି ସେବକ ଥିଲେ । ତାଙ୍କ ଜୀବନ ଅତି ରୋମାଞ୍ଚକର, ଯାହାଫଳରେ ସେ ତାଙ୍କର ଅନବଦ୍ୟ ଗଳ୍ପ - ଉପନ୍ୟାସ ଦ୍ୱାରା ନିଜମାତୃଭାଷାକୁ ପ୍ରଚୁର ଉର୍ବର କରିବାରେ ସଫଳ ହୋଇ ପାରିଥିଲେ, ଅଧିକ ବିସ୍ମୟ ସେ ଦୁଇଟି ବର୍ଷରୁ ଅଧିକ ସ୍କୁଲ ମାଡ଼ି ପାଠ ପଢ଼ିବାର ସୁଯୋଗ ପାଇନଥିବା ବେଳେ ସେ ନିଜ ଚେଷ୍ଟାବଳରେ ପରବର୍ତ୍ତୀ ସମୟରେ ଇଁରାଜୀ ଓ ସଂସ୍କୃତ ସମେତ ପାଞ୍ଚଟି ଭାଷାକୁ ଆୟତ୍ତକରି ଏକ ବିରାଟ ପ୍ରତିଭାର ପରିଚୟ ଦେଇଥିଲେ । ତାଙ୍କ ଅସାଧାରଣ ବିଚକ୍ଷଣତା ଯୋଗୁଁ ତତ୍କାଳୀନ ବହୁ ଉଚ୍ଚପଦସ୍ଥ ଇଁରେଜ କର୍ମଚାରୀଙ୍କ ବନ୍ଧୁ

 Download Magazine from www.aahwaan.com

ହେବା ସଂଗେ ସଂଗେ ସେ ଦେଶୀୟ ରାଜ୍ୟମାନଙ୍କର ଶାସକ ମଧ୍ୟ ହୋଇଥିଲେ ।

ଫକୀରମୋହନ କେବଳ ମୌଳିକ ରଚନାରେ ନୁହଁନ୍ତି, ଛାପାଖାନା ପ୍ରତିଷ୍ଠା, ପାଠ୍ୟପୁସ୍ତକ ପ୍ରଣୟନ, ପତ୍ରପତ୍ରିକା ସଂପାଦନ, ପ୍ରଶାସନ, ସମାଜସେବା, ଭାଷା ଓ ସାହିତ୍ୟର ସୁରକ୍ଷା ଆଦି ପ୍ରତ୍ୟେକକ୍ଷେତ୍ରରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହ କରିଛନ୍ତି, ସେଥିପାଇଁ ଓଡ଼ିଆଜାତି ତାଙ୍କ ପାଖରେ ଯୁଗେଯୁଗେ ଋଣୀ ହୋଇ ରହିଥିବ । ସେ ଥିଲେ ମନ ଓ ମନନରେ ଖାଣ୍ଟି ଓଡ଼ିଆ । ଭାଷା ଆନ୍ଦୋଳନରେ ଓ ଦେଶମିଶ୍ରଣ ଆନ୍ଦୋଳନରେ ସେ ଯେପରି ସଫଳ ଭୂମିକା ଗ୍ରହଣ କରିଛନ୍ତି, ସେପରି ମଧ୍ୟ ତାଙ୍କ ଭାଷା ଓ ପ୍ରକାଶଭଙ୍ଗୀ ସ୍ୱଷ୍ଟ ଓ ନିର୍ଭୀକ ଯାହା ଓଡ଼ିଆ ଜାତିର ପ୍ରାଣକୁ ନିବିଡ଼ ଭାବରେ ସ୍ୱର୍ଶ କରିଛି, ତେଣୁ କଥାଶିଳ୍ପୀ ଫକୀରମୋହନ ଏ ଜାତିର ସାହିତ୍ୟରେ ଅଦ୍ୱିତୀୟ ଓ ଚିରନମସ୍ୟ ହୋଇରହିଛନ୍ତି ।

ଫକୀରମୋହନ ମାନବ ଜୀବନର ବାସ୍ତବ ଅନୁଭୂତି, ନାନାବିଧ ସମସ୍ୟା, ଅନ୍ତର୍ଦ୍ୱନ୍ଦ୍ୱ ଆଦିକୁ ନାନା ବର୍ଣ୍ଣବିଭାରେ ଉପସ୍ଥାପନ କରିଛନ୍ତି । ଜୀବନ ଓ ଜଗତକୁ ଆଧାରର କ୍ଷେତ୍ରଭାବରେ ଧାରଣ କରି ସୃଷ୍ଟିକର୍ମରେ ମନୋନିବେଶ କରିଛନ୍ତି ଓ ଜୀବନର ବିଶ୍ଳେଷଣ ସହିତ ସମାଜର ମୂଲ୍ୟବୋଧକୁ ନିରୂପଣ କରିଛନ୍ତି । ତାଙ୍କର ସୃଷ୍ଟି ମଧ୍ୟରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା ଓ ଆତ୍ମଜୀବନୀ ଆଦି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତାଙ୍କର କୃତିସମୂହ ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଏକ ଅନନ୍ୟ ସାଧାରଣ ଲିପି-ସଂପଦ । ତାଙ୍କର ଅମ୍ଳାନ କୃତିଗୁଡ଼ିକ କବିତା - ପୁଷ୍ପମାଳା, ଉପହାର ଓ ଅବସର ବାସରେ, କାବ୍ୟଗୁଡିକ ହେଉଛି - ଉତ୍କଳ ଭ୍ରମଣ, ବୌଦ୍ଧବତାର କାବ୍ୟ, ପୂଜାଫୁଲ ଧୂଳି । ସେ ଥିଲେ ସଫଳ ଅନୁବାଦକ, ମହାଭାରତ(ଅସଂପୂର୍ଣ୍ଣ), ରାମାୟଣ, ଶ୍ରୀମଦ୍ ଭଗବତ୍ ଗୀତା ଓ ଉପନିଷଦର ଅନୁବାଦ କରିଛନ୍ତି । ଇତିହାସ ରଚନାରେ ଭାରତବର୍ଷର ଇତିହାସ ଗ୍ରନ୍ଥଦ୍ୱୟ, ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ତାଙ୍କର କୋଡ଼ିଏଟି ଗଳ୍ପ ଓ ଚାରୋଟି ଉପନ୍ୟାସ - ଛ'ମାଣ ଆଠଗୁଣ୍ଠ, ଲଚ୍ଛମା,

ମାମୁଁ ଓ ପ୍ରାୟଶ୍ଚିତ ଏକ ଏକ ଅମର କୃତି । ତାଙ୍କ ରଚିତ କବିତା ଓ କାବ୍ୟ ଗୁଡ଼ିକରେ ବ୍ୟକ୍ତିଗତ ବିଷାଦବୋଧ, ଅତୀତପ୍ରୀତି, ପଲ୍ଲୀପ୍ରାଣତା ଜାତୀୟତା, ସମାଜଚିନ୍ତନ, ନାରୀବାଦୀ ଦୃଷ୍ଟିଭଙ୍ଗୀ, ମୃତ୍ୟୁବୋଧ, ବ୍ୟଙ୍ଗଧର୍ମିତା ଆଦିର ସ୍ୱରସଂଭାର ରହିଛି । ବିଶେଷତଃ ଦୁଇଦୁଇଟି ପତ୍ନୀ ଓ ମାତାମହୀ ଆଦିଙ୍କ ପ୍ରଭାବପୁଷ୍ଟ ତିକ୍ତ-ମଧୁର ଅନୁଭୂତି ତାଙ୍କ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଓ ଆତ୍ମକାହାଣୀରେ ନାନା ଚରିତ୍ର ଓ ଭାବଭାବନାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରକାଶ ଲାଭକରି ପାଠକୀୟ ହୃଦୟ ମନ୍ଥନ କରିଛି ।

ପ୍ରତ୍ୟେକଟି ଗଳ୍ପ, ଉପନ୍ୟାସ ଓ ଆତ୍ମଜୀବନୀରେ ସମାଜ, ସଂସ୍କୃତି, ରାଜନୀତି, ଧର୍ମ ଆଦି ନାନା ପ୍ରସଂଗ ଉପସ୍ଥାପନର କଳାତ୍ମକ ଚିତ୍ର ପ୍ରତିଫଳିତ । ବିଶେଷତଃ ଊନବିଂଶ ଓ ବିଂଶ ଶତକର ଜୀବନଚିତ୍ର ଅଙ୍କନ କରିବା ତାଙ୍କ ସୃଷ୍ଟିର ଶ୍ରେଷ୍ଠ ଉପାଦାନ ଥିଲା । ହାସ୍ୟବ୍ୟଙ୍ଗ ଶୈଳୀ, କଟାକ୍ଷ, କରୁଣ ମଧୁର ରସ ପରିବେଷଣ ହିଁ ତାଙ୍କ ସାହିତ୍ୟର ବୈଶିଷ୍ଟ୍ୟ । ବିଶିଷ୍ଟ କବି ଓ ସମାଲୋଚକ ଡଃ ମାୟାଧର ମାନସିଂ ତାଙ୍କୁ ସମଗ୍ର ଆଧୂନିକ ଭାରତୀୟ ସାହିତ୍ୟର ପ୍ରଥମ ଲୋକ-ଲେଖକର ସମ୍ମାନ ଦେବାକୁ ଯାଇ ବିଖ୍ୟାତ ବଙ୍ଗଳା ଔପନ୍ୟାସିକ ବଙ୍କିମଚନ୍ଦ୍ର ଓ ହିନ୍ଦୀ ଔପନ୍ୟାସିକ ପ୍ରେମଚନ୍ଦଙ୍କ ସହ ତୁଳନା କରିଛନ୍ତି ।

ବାସ୍ତବରେ ଫକୀରମୋହନଙ୍କ ସୃଷ୍ଟି ସଂପଦକୁ ଅନୁଶୀଳନ କଲେସ୍ପଷ୍ଟ ହୁଏ ସେ ଯେଭଳି ଜଣସାଧାରଣଙ୍କ ଲୌକିକ ଭାଷାକୁ ମାଟି ଓ ପ୍ରକୃତି ସହ ଘନିଷ୍ଠ ଭାବେ ସଂପୃକ୍ତ ଥିବା ନରନାରୀମାନଙ୍କୁ ସାହିତ୍ୟରେ ଅଙ୍ଗୀକାର କରି ଆମକୁ ବିଶ୍ୱଜନୀନତାର ଯେଉଁ ସ୍ୱାଦ ଦେଇଛନ୍ତି, ଯର୍ଥାଥରେ ସେ 'ବ୍ୟାସକବି' ଓ 'ସରସ୍ୱତୀ' ଉପାଧିର ଯୋଗ୍ୟ ଏକ ଅମ୍ଳାନ ମହାପୁରୁଷ ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ – ୪

ଦୂରଭାଷ : ୯୪୩୭୭୪୦୨୮୦

 Download Magazine from www.aahwaan.com

# ସିରିଆ ସମସ୍ୟା କ'ଣ ?



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## ସିରିଆ : କାହିଁକି ଏକ ଯୁଦ୍ଧକ୍ଷେତ୍ରରେ ପରିଣତ ହେଲା

ବିଶ୍ୱର ଅନେକ ଦେଶକୁ ଅସୁରକ୍ଷିତ ବୋଲି ସଂଯୁକ୍ତରାଷ୍ଟ୍ର (ୟୁନାଇଟେଡ୍ ନେସନ୍ସ) ଘୋଷଣା କରିଥାଏ । ବିଗତ ପାଞ୍ଚବର୍ଷ ହେବ ସିରିଆକୁ ବିଶ୍ୱର ସବୁଠାରୁ ବିପଦସଂକୁଳ ରାଷ୍ଟ୍ର ଭାବରେ ଲଗାତାର ଘୋଷଣା କରାଯାଇଛି । ଆଗାମୀ ମାର୍ଚ୍ଚ ପନ୍ଦର ତାରିଖରେ ସିରିଆରେ ଲାଗି ରହିଥିବା ଗୃହଯୁଦ୍ଧ ଏହାର ଅଷ୍ଟମବର୍ଷ ପୂର୍ତ୍ତି କରିବ । ଆଜିକାଲି ସୋସିଆଲ୍ ମିଡ଼ିଆରେ ସିରିଆକୁ ନେଇ ଅନେକ ପୋଷ୍ଟିଂ ଆସୁଛି । ସିରିଆରେ ଦିନକୁ ଦିନ ଅସ୍ଥିର ହେଉଥିବା ମାନବିକ ଅଧିକାର ଉଲ୍ଲଂଘନର ଦୃଶ୍ୟ ଓ ଭିଡ଼ିଓ ପ୍ରସାରିତ ହେଉଛି । ଏକ ସମୟରେ ବିଶ୍ୱର ଶାନ୍ତିପ୍ରିୟ ଦେଶ ଭାବରେ ଜଣାଯାଉଥିବା ସିରିଆରେ ଏହିପ୍ରକାରର ଧ୍ୱଂସଲୀଳା ହେଉଛି କାହିଁକି ? ଏହା ଦ୍ୱାରା କାହାର କଣ ଲାଭ ହେଉଛି ? କିଏ ଏହି ଯୁଦ୍ଧର ଆହ୍ୱାନ ଦେଇଛି ? ଏମିତି ଅନେକ ପ୍ରଶ୍ନ ଆମ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଥିବ ନିଶ୍ଚୟ । ମୁଁ ବ୍ୟକ୍ତିଗତ ଭାବରେ ଏହି ବିଷୟରେ କିଛି ବି ଜାଣିନଥିଲି । ବିଗତ କିଛି ଦିନ ଇଣ୍ଟରନେଟ୍ ମାଧ୍ୟମରେ ଏହି ବିଷୟରେ ଗବେଷଣା କରିବାପରେ ଯାହା ଜାଣିବାକୁ ପାଇଲି ତାହା ନିମ୍ନମତେ ଜଣାଉଛି । ଆଶା କରୁଛି ଆପଣମାନେ ବି ଏହାଦ୍ୱାରା ପ୍ରକୃତ ଘଟଣା ବିଷୟରେ ଅବଗତ ହୋଇପାରିବେ ।

ସିରିଆ, ଇରାନ୍, ଇରାକ୍, ଜୋର୍ଡ଼ାନ୍ ଇତ୍ୟାଦି ଦେଶ ନିଜର ପ୍ରାକୃତିକ ସମ୍ବଳ (ଅଶୋଧିତ ପେଟ୍ରୋଲିୟମ୍ ତୈଳ) ପାଇଁ ସମୃଦ୍ଧ । ଦେଶର ଅଧିକାଂଶ ଅଞ୍ଚଳ ମରୁଭୂମି ଭଳି

ହୋଇଥିବା ବେଳେ ସେଠାକାର ଅର୍ଥନୀତି ତୈଳ ଉପରେ ନିର୍ଭରଶୀଳ ।

ବସର୍-ଅଲ୍-ଅସଦ୍ ଏବଂ ତାଙ୍କ ପୂର୍ବରୁ ତାଙ୍କ ପିତା ୧୯୭୧ ମସିହାରୁ ସିରିଆର ରାଷ୍ଟ୍ରପତି ପଦବୀ ନିଜ ଅଧିନରେ ରଖିଛନ୍ତି । ବର୍ଷ ୨୦୧୧ ହେଉ ହେଉ ସିରିଆ ନିକଟବର୍ତ୍ତୀ ଟ୍ୟୁନିସିଆ ଏବଂ ଇଜିପ୍ଟର ରାଷ୍ଟ୍ରପତିଙ୍କୁ ଦେଶର ଜନସାଧାରଣ ଆନ୍ଦୋଳନାତ୍ମକ ପଦକ୍ଷେପ ନେଇ ଗାଦିଚ୍ୟୁତ କରି ସାରିଥିଲେ । ଏହି ସମୟରେ ସିରିଆର ରାଷ୍ଟ୍ରପତି ସିରିଆରୁ ବିଦେଶକୁ ଏକ ତୈଳ ପାଇପଲାଇନ ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଦେଲେ । ଏହା ଫଳରେ ସିରିଆର ପଡ଼ୋଶୀ ଅନେକ ରାଷ୍ଟ୍ରକୁ ସଂକଟ ଦେଖାଦେଲା । ଏହା ଦ୍ୱାରା ବିଶ୍ୱ ବଜାରରେ ସିରିଆର ତୈଳ ବିକ୍ରୀ ଅଧିକ ହେବ ଏବଂ ସେମାନଙ୍କର ବ୍ୟାପାରରେ କ୍ଷତି ହେବ ବୋଲି ମନେ କରି ସେଇ ଦେଶମାନେ ସିରିଆର ରାଷ୍ଟ୍ରପତି ବସର୍-ଅଲ୍-ଅସଦଙ୍କୁ ଗାଦିଚ୍ୟୁତ କରିବା ପାଇଁ ଦେଶରେ ସାଧାରଣ ଜନତାଙ୍କୁ ଉସୁକାଇବାର କାମ କଲେ ।

ଏହି ସମୟରେ ଆରବ ସ୍ପ୍ରିଙ୍ଗ୍ ନାମକ ଏକ ଆନ୍ଦୋଳନ ସଫଳ ହୋଇଥିଲା ଯାହା ଫଳରେ ଅନେକ ଦେଶରେ ଗୃହଯୁଦ୍ଧର ସ୍ଥିତି ସୃଷ୍ଟି ହୋଇ ରାଷ୍ଟ୍ରପତି ମାନେ ନିଜ ପଦବୀ ହରାଇଥିଲେ, ସେହି ଆରବ ସ୍ପ୍ରିଙ୍ଗର ସମର୍ଥନରେ କିଛି ଯୁବକ ସିରିଆର ଅନେକ ବିଦ୍ୟାଳୟର ପ୍ରାଚୀର ମାନଙ୍କରେ ସୁଦୃଶ ଚିତ୍ରମାନ ଆଙ୍କିଥିଲେ ଯାହାର ବିରୋଧ ସିରିଆ ସରକାର ଦୃଢ଼ଭାବରେ କରିଥିଲେ ଏବଂ ମାର୍ଚ୍ଚ ୨୦୧୧ରେ ସରକାରଙ୍କ କଡ଼ା ଆଭିମୁଖ୍ୟ ବିରୋଧରେ ଜନ ଆନ୍ଦୋଳନ ସୃଷ୍ଟି ହୋଇଥିଲା । ଏହାକୁ ଦମନ କରିବାପାଇଁ ବସର୍-ଅଲ୍-ଅସଦ୍ ସରକାର ଅନେକ ଯୁବକଙ୍କୁ ହାଜତକୁ ନେଇ ଦମନମୂଳକ କାର୍ଯ୍ୟ କରିବାପାଇଁ ସେମାନଙ୍କୁ ଯାତନା ଦେଇଥିଲେ ଏବଂ ଏଥିରେ ୧୩ ବର୍ଷ ବୟସ୍କ ଜଣେ ଛାତ୍ରର ମୃତ୍ୟୁ ହୋଇଥିଲା ଏହାପରେ ଲୋକମାନଙ୍କ ଭିତରେ ଆକ୍ରୋଶ ବୃଦ୍ଧି ପାଇଥିଲା । ଆନ୍ଦୋଳନ

Download Magazine from www.aahwaan.com

ଦେଶ ସାରା ବ୍ୟାପୀଥିଲା । ଏହାକୁ ଦମନ କରିବାକୁ ସରକାର ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚାଳନା କରିଥିଲେ । ଫଳରେ ଦେଶରେ ଅଶାନ୍ତି ବ୍ୟାପୀଥିଲା ।

ପରେ ପରେ ସିରିଆର ସୈନ୍ୟବାହିନୀର ଅର୍ଦ୍ଧେକ ପ୍ରାୟ ନିଜ ଦାୟିତ୍ୱ ତ୍ୟାଗକରି ଲୋକମାନଙ୍କ ସହ ମିଶି ସରକାର ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଗଲେ । ସିରିଆ ସରକାର ପ୍ରାୟ ସିହା ସଂପ୍ରଦାୟ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଦେଶରେ ସୁନ୍ନି ମୁସଲମାନ ମାନଙ୍କ ସଂଖ୍ୟା ଗରିଷ୍ଠତା ଥିଲା । ଫଳରେ ଏହା ଏକ ପ୍ରକାର ଧର୍ମଯୁଦ୍ଧରେ ପରିଣତ ହୋଇଗଲା । ସୁନ୍ନି ସଂପ୍ରଦାୟଙ୍କୁ ସମର୍ଥନ ଜଣାଇ ଅନେକ ଦେଶ ଜନଆନ୍ଦୋଳନକୁ ଆର୍ଥିକ ସମର୍ଥନ ଦେବା ଆରମ୍ଭ କରିଦେଲେ । ଏବଂ ସରକାର ତ୍ୟାଗ କରିଥିବା ସୈନ୍ୟମାନେ ଫ୍ରି ସିରିଆନ୍ ଆର୍ମୀ ନାମକ ସଂଗଠନ ଗଠନ କରିଥିଲେ ।

ଏହି ସମୟରେ ବିଶ୍ୱର ଅନେକ ଦେଶରେ ଯୁଦ୍ଧ ଲଢ଼ି ଲଢ଼ି ବେକାର ବସିଥିବା ଅନେକ ଆତଙ୍କବାଦୀ ସଂଗଠନ ଆର୍ଥିକ ଲାଭ ଆଶାରେ ସିରିଆରେ ଆସି ପହଞ୍ଚିଲେ ଏବଂ ସିରିଆ ଗୃହଯୁଦ୍ଧ ବ୍ୟାପକ ହେବାକୁ ଲାଗିଲା । ଏହାକୁ ମଧ୍ୟ-ପ୍ରାଚ୍ୟର ଅନେକ ଦେଶ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ସମର୍ଥନ ଦେବାକୁ ଲାଗିଲେ ଫଳରେ ଅଧିକରୁ ଅଧିକ ଲୋକ ଏଥିରେ ସାମିଲ ହେବାକୁ ଲାଗିଲେ । ଦେଶରୁ ରାଷ୍ଟ୍ରପତିଙ୍କୁ ଗାଦିଚ୍ୟୁତ କରିବା ପାଇଁ ସେମାନଙ୍କ ଆନ୍ଦୋଳନ ବ୍ୟାପକ ହେବାକୁ ଲାଗିଲା ।

ଏହି ସମୟରେ ବିଶ୍ୱର ସବୁଠାରୁ ବଡ଼ ଆତଙ୍କବାଦୀ ସଂଗଠନ ଅଲକାଏଦା ଏଥିରେ ସାମିଲ ହୋଇ ନିଜର ଏକ ଅଲଗା ସଂଗଠନ ଅଲ୍-ନୁସରା ସୃଷ୍ଟି କରି ନୂଆ ନୂଆ ଆତଙ୍କବାଦୀଙ୍କୁ ଏଥିରେ ସାମିଲ କରିବାକୁ ଲାଗିଲେ । ଏହାକୁ ବ୍ୟର୍ଥ କରିବାପାଇଁ ସରକାରୀ

Download Magazine from www.aahwaan.com

ସ୍ତରରେ ମଧ୍ୟ ଯୋଜନା କରାଯାଇ ବିଭିନ୍ନ ଜେଲରେ ବନ୍ଦୀଥିବା ଆତଙ୍କବାଦୀଙ୍କୁ ମୁକ୍ତ କରିଦିଆଯାଇ ସେମାନଙ୍କୁ ଫ୍ରି ସିରିଆନ୍ ଆର୍ମି ବିରୋଧରେ ଲଢ଼ିବାପାଇଁ ପ୍ରସ୍ତୁତ କରାଗଲା । ଫଳରେ ଯାହା ଗୃହଯୁଦ୍ଧ ଭଳି ସୃଷ୍ଟି ହୋଇଥିବା ବର୍ତ୍ତମାନ ଏକ ବହୁରାଷ୍ଟ୍ରୀୟ ଯୁଦ୍ଧ କ୍ଷେତ୍ରରେ ପରିଣତ ହୋଇ ସାରିଥିଲା ।

ବର୍ଷ ୨୦୧୩-୧୪ ବେଳକୁ ଏକ ରିପୋର୍ଟ୍ ଆସିଲା ଯେ ସିରିଆର ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ଆନ୍ଦୋଳନ କରୁଥିବା ସଂଗ୍ରାମୀ ମାନଙ୍କ ଉପରେ ଅତ୍ୟାଚାର କରାଯାଇ ସେମାନଙ୍କ ଉପରେ ରସାୟନିକ ଅସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇଛି, ଏହାପରେ ଏହାକୁ ଦୃଷ୍ଟାନ୍ତ ଦର୍ଶାଇ ଆମେରିକା ଏହି ଯୁଦ୍ଧରେ ସାମିଲ୍ ହୋଇଗଲା । ଏହା ଦ୍ୱାରା ଆମେରିକା ସିରିଆରେ ଲଢୁଥିବା ଗରିଲାମାନଙ୍କୁ ଯୁଦ୍ଧାସ୍ତ୍ର ଯୋଗାଇବା ଆରମ୍ଭ କରିଦେଲା । ଫଳରେ ଘଟଣା ଅଧିକ ଜଟିଳ ହୋଇଗଲା । ଯେଉଁ ଦେଶର ଜନତା ମାତ୍ର ସରକାରଙ୍କୁ ଗାଦିଚ୍ୟୁତ କରିବାପାଇଁ ଆନ୍ଦୋଳନ କରିଥିଲେ ଏବେ ସେମାନେ ନିଜ ଦେଶରେ ମାତ୍ରାଧିକ ଆତଙ୍କବାଦୀ କାର୍ଯ୍ୟକଳାପ ଦେଖି ଦେଖି ଅତିଷ୍ଠ ହୋଇ ଉଠିଲେ ।

ଏହାପରେ ପରେ ସିହା ସଂପ୍ରଦାୟ ସମର୍ଥକ ଅନେକ ଦେଶ ସିରିଆ ରାଷ୍ଟ୍ରପତିଙ୍କ ସମର୍ଥନରେ ନିଜ ଦେଶର ସୈନ୍ୟମାନଙ୍କୁ ସିରିଆ ପଠାଇଲେ । ଇରାନ, ଇରାକ୍ ଭଳି ଦେଶମାନେ ସିରିଆ ସରକାରଙ୍କୁ ସମର୍ଥନ ଯୋଗାଇଲେ । ଏହାଫଳରେ ହେଜବୋଲା ନାମକ ଏକ ଦୁର୍ଦ୍ଧାନ୍ତ ସୈନ୍ୟବାହିନୀ ସିରିଆରେ ପହଞ୍ଚି ବିଦ୍ରୋହୀ ମାନଙ୍କୁ ଦୃଢ଼ ଭାବରେ ଦମନ କରିବାକୁ ଲାଗିଲେ ଏଥିରେ ଚିନ୍ତିତ ଅନେକ ଦେଶ ସିରିଆକୁ ଅଧିକରୁ ଅଧିକ ଆର୍ଥିକ ଓ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ଲାଗିଲେ । ଫଳରେ ଦେଶବ୍ୟାପୀ ଯୁଦ୍ଧର ଅବସ୍ଥା ସୃଷ୍ଟି ହୋଇଗଲା ।

 Download Magazine from www.aahwaan.com

ବର୍ଷ ୨୦୧୪ର ମଧ୍ୟ ବେଳକୁ ସିରିଆରେ ଯୁଦ୍ଧ କରୁଥିବା ବିଦ୍ରୋହୀମାନଙ୍କ ଏକ ଗୋଷ୍ଠୀ ନିଜକୁ ସ୍ୱାଧୀନ ବୋଲି ଘୋଷଣା କରି ବିଶ୍ୱର ଏକ ବହୁତ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ଗୋଷ୍ଠୀ ଆଇଏସ୍‌ଆଇଏସ୍‌ର ସୃଷ୍ଟି କରିଲେ । ସେମାନେ ସମ୍ପୂର୍ଣ୍ଣଭାବରେ ସୁନ୍ନି ମୁସଲିମ୍ ମାନଙ୍କ ଏକ ଗୋଷ୍ଠୀ ଥିଲେ ଯେଉଁମାନେ ଶରିଆ ନିୟମ ନେଇ ସିରିଆ ଏବଂ ଇରାକରେ ଖଲିଫତ୍ ବା ଇସଲାମିକ୍ ରାଷ୍ଟ୍ର ନିର୍ମାଣର ସ୍ୱପ୍ନ ଦେଖୁଥିଲେ । ସେମାନଙ୍କ ଦ୍ୱାରା ଅଗଣିତ ବ୍ୟକ୍ତିଙ୍କୁ ଅପହରଣ ଓ ହତ୍ୟାକାଣ୍ଡ କରାଯିବା ପରିପ୍ରେକ୍ଷୀରେ ବିଶ୍ୱବ୍ୟାପୀ ସେମାନଙ୍କ ବିରୋଧରେ ଅନେକ ଦେଶ ଆଗେଇ ଆସିଲେ । ଏବଂ ସିରିଆର ଭୂମିରେ ଆଇଏସ୍ ବିରୋଧରେ ଯୁଦ୍ଧ ଆରମ୍ଭ ହୋଇଗଲା, ଫଳରେ ସିରିଆ ଯୁଦ୍ଧ ଭୂମିରେ ପରିଣତ ହୋଇଗଲା ।

ଏହି ସମୟରେ ଆମେରିକା ସିରିଆ ଉପରେ ବୋମାବର୍ଷୀ ବିମାନ ଦ୍ୱାରା ବୋମା ପକାଇବା ଫଳରେ ଦେଶରେ ଅନେକ ଧନ ଜୀବନ ନଷ୍ଟ ହେଲା । ସିରିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଅଭିପ୍ରାୟ ନେଇ ଆମେରିକା କରୁଥିବା ଏହି ସବୁ ଆକ୍ରମଣଙ୍କୁ ପ୍ରତିହତ କରିବାପାଇଁ ସେପ୍ଟେମ୍ବର ୨୦୧୫ରେ ରୁଷିଆ ସରକାର ସିରିଆ ରାଷ୍ଟ୍ରପତିଙ୍କ ସମର୍ଥନରେ ଆସିଲା । ଫଳରେ ସିରିଆର ଲାଭ କିଛି ହେଲାନାହିଁ, କିନ୍ତୁ ପରସ୍ପରଠାରୁ ନିଜକୁ ଅଧିକ ଶକ୍ତିଶାଳୀ ଦର୍ଶାଇବାର ଯୁଦ୍ଧ ଲାଗିଗଲା ଏବଂ ଏଥିରେ ବଳି ପଡ଼ିଲା ସିରିଆ ।

ବର୍ଷ ୨୦୧୧ରେ ଆରମ୍ଭ ହୋଇଥିବା ସରକାର ବିରୋଧୀ ଆନ୍ଦୋଳନ ଯେ ସମଗ୍ର ବିଶ୍ୱ ପାଇଁ ଏକ ଯୁଦ୍ଧ ସ୍ଥଳୀରେ ପରିଣତ ହୋଇଗଲା ତାହା ସମସ୍ତେ ଏବେ ଜାଣିଲେଣି । ଆଜିର ଦିନରେ ମଧ୍ୟ ସିରିଆରେ ପ୍ରତିଦିନ ଯୁଦ୍ଧ ଭଳି ପରିସ୍ଥିତି ଜାରୀ ରହିଛି । ସରକାରୀ ସୈନ୍ୟବାହିନୀ ରୁଷିଆ ସରକାରଙ୍କ ସହାୟତାରେ ଦେଶର ଅନେକ ପ୍ରମୁଖ ସହରକୁ ନିଜ

କବଜାରେ ନେଇ ସାରିଲେଣି । କିନ୍ତୁ ସେହି ସବୁ ସହର ମାନଙ୍କରେ ଅନ୍ୟୁନ ପାଞ୍ଚଲକ୍ଷ ଲୋକ ପ୍ରାଣ ହରାଇ ସାରିଲେଣି । ଏବଂ ଷାଠିଏ ଲକ୍ଷରୁ ଅଧିକ ଲୋକ ବର୍ତ୍ତମାନ ବିସ୍ଥାପିତ ହୋଇ ସାରିଲେଣି । କିଛି ବର୍ଷପୂର୍ବେ ସମୃଦ୍ଧ ଥିବା ସିରିଆ ବର୍ତ୍ତମାନ ଧ୍ୱଂସସ୍ତୁପରେ ପରିଣତ ହୋଇଗଲାଣି । ଯେଉଁଆଡ଼େ ଦେଖିଲେ ସେଇଠି ଖାଲି ଧ୍ୱଂସର ତାଣ୍ଡବଲୀଳା ଦେଖିବାକୁ ମିଳୁଛି । ଏଥିରେ ପ୍ରାଣ ହରାଉଛନ୍ତି ନିରୀହ ଶିଶୁମାନେ ଯାହାର ଦୃଶ୍ୟ ଓ ଭିଡ଼ିଓ ବିଭିନ୍ନ ଗଣମାଧ୍ୟମ ପ୍ରସାରଣ କରୁଛନ୍ତି ଏବଂ ସେମାନଙ୍କ ପାଇଁ ଶାନ୍ତିର ପ୍ରାର୍ଥନା କରୁଛନ୍ତି ।

ସିରିଆ ଯୁଦ୍ଧ ବର୍ତ୍ତମାନ ଏକ ଅର୍ଥନୈତିକ, ଧାର୍ମିକ ଏବଂ ବସ୍ତୁତଃ ବିଶ୍ୱ ଯୁଦ୍ଧରେ ପରିଣତ ହୋଇଗଲାଣି । ଏହି ଯୁଦ୍ଧ ଫଳରେ ଆମେରିକା ଓ ଋଷ ଭଳି ଦେଶମାନଙ୍କର ଅସ୍ତ୍ରଶସ୍ତ୍ର ବିକ୍ରୀ ବୃଦ୍ଧି ପାଇଛି । ଆଇଏସ୍ ଭଳି ସଂଗଠନ ସୃଷ୍ଟି ହୋଇଛି ଯେଉଁମାନେ ଧାର୍ମିକ ହିଂସାକାଣ୍ଡ ଦ୍ୱାରା ବିଶ୍ୱରେ ଇସଲାମ୍ ଧର୍ମର ପ୍ରସାର କରିବାକୁ ଚାହୁଁଛନ୍ତି । ସାଉଦୀ ଆରବ ଭଳି ଦେଶ ଏହି ଯୁଦ୍ଧରେ ପରୋକ୍ଷରେ ସାମିଲ ହୋଇ ଆର୍ଥିକ ସହାୟତା ଯୋଗାଇ ଚାଲିଛନ୍ତି । ଏହି ଯୁଦ୍ଧ ଖୁବ ଶୀଘ୍ର ସମାପ୍ତ ହେବାଭଳି ମନେ ହେଉନାହିଁ । ଯେତେଦିନ ଯାଏଁ, ଏହାପାଇଁ ବିଶ୍ୱ ଶକ୍ତିମାନେ ଏକତ୍ରିତ ହୋଇନାହାନ୍ତି ।

ବିଗତ ଦିନରେ ସିରିଆର ରାଷ୍ଟ୍ରପତି ଦେଇଥିବା ଏକ ସାକ୍ଷାତକାରରେ ଆଶା ବ୍ୟକ୍ତ କରିଛନ୍ତି ଯେ ବିଶ୍ୱରେ ବର୍ତ୍ତମାନ କେବଳ ଭାରତ ହିଁ ନେତୃତ୍ୱ ନେଇ ପାରିବ ଯାହା ଦ୍ୱାରା ଏହି ଗୃହଯୁଦ୍ଧ ସମାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇପାରିବ ।

ଉପରେ ଦିଆଯାଇଥିବା ସୂଚନା ଇଣ୍ଟରନେଟରୁ ଗ୍ରହଣ କରାଯାଇଛି ଏବଂ ଏହାର ସତ୍ୟତା ଉପରେ ଆମେ କୌଣସି ପ୍ରକାର ଦାବୀ କରୁନାହୁଁ ।

ବୀମା ନଗର, ବ୍ରହ୍ମପୁର, ଓଡ଼ିଶା ୭୬୦୦୧୦

Source of Article : http://www.aahwaan.com/blog/

Download Magazine from www.aahwaan.com

# କବୀର ଦୋହା ଗୁଚ୍ଛ ୩



ଡା ସୁବାସ ଚନ୍ଦ୍ର ରାଉତ

କବୀର ଦୋହା ଗୁଚ୍ଛ ୩

ସନ୍ଥ କବୀର

ଅନୁବାଦ – ଡା ସୁବାସ ଚନ୍ଦ୍ର ରାଉତ

ବୃକ୍ଷ କହିଲା ପତ୍ରକୁ ଶୁଣ, ପ୍ରିୟ ପତ୍ର ମୋର କଥା,
ଗୋଟିଏ ଆସେ ଗୋଟିଏ ଯାଏ, ଏ ଘରର ଏହି ପ୍ରଥା ।୧ ।

ରହେ ଧନ ନା ଯୌବନ ରହେ, ରହେ ଗ୍ରାମ ନା ଧାମ,
କହେ କବୀର, ଯଶ ହିଁ ରହେ, କରି ଅନ୍ୟର କାମ ।୨ ।

ମିଥ୍ୟା ସୁଖକୁ ସୁଖ ଭାବୁଛ, କଳ୍ପନାରେ ତୁମେ ଅଛ,
କାଳ କବଳେ ସଂସାର ଥାଏ, ଯିବା ହୋଇ ଆଗ ପଛ ।୩ ।

ନିଜ ମହତ୍ତ୍ୱ ବଢ଼ାଅ ନାହିଁ, କହି ବଡ଼ ବଡ଼ କଥା,
ହୀରା କହେନି ନିଜ ମୁହଁରେ, ଲକ୍ଷେ ମୂଲ୍ୟ ମୋର ମଥା ।୪ ।

ଅଜ୍ଞାନୀ-ଜ୍ଞାନୀଙ୍କୁ କହ କହିଲେ, କବୀର ଲଜ୍ଜିତ ହୁଏ,
( ଅଜ୍ଞାନୀ ହୋଇ ନିଜକୁ ଜ୍ଞାନୀ ଯେ କହେ )
ଅନ୍ଧ ଆଗରେ ନାଚ କରିଲେ, କଳା ବ୍ୟର୍ଥ ହୋଇଯାଏ ।୫ ।

ଶୀତଳ ଶବ୍ଦ ମୁଖରେ କହ, ଅହଂ ମୁକ୍ତ ଅଧରେ,
ତୁମ ମଧ୍ୟରେ ତୁମର ପ୍ରିୟ, ଶତ୍ରୁ ବି ତୁମ ଭିତରେ ।୬ ।

Download Magazine from www.aahwaan.com

ଧରିତ୍ରୀ ଧର୍ମ ସହେ କର୍ଷଣ, ବୃକ୍ଷ କଟା ସହେ ବଣ,
ସୁଜନ ସହେ କୁଟୀଳ କଥା, ସହି ପାରେନି ଦୁର୍ଜନ ।୭ ।

ମନର ରଙ୍ଗ ସଂଖ୍ୟା ହଜାର, ବଦଳୁ ଥାଏ ତ ସେହି,
ଏକ ହି ରଙ୍ଗ ଅଟେ ଯାହାର, ବିରଳ ସେ ଜନ କେହି ।୮ ।

ସମସ୍ତେ ମିଠା ଖାଆନ୍ତି ବସି, ଦେହରେ ବିଷ ସଞ୍ଚରେ,
କେହି ପିଏନି ନିମର ରସ, ସବୁ ରୋଗ ଯିଏ ହରେ ।୯ ।

ଗର୍ବ ପ୍ରସ୍ଥାନ କରିଲେ ମଧ୍ୟ, ତା ସ୍ଥାନ ପୂରଣ ହୁଏ,
ମନ ସ୍ଥିରତା ଚାଲି ଆସିଲେ, ସତ୍ୟର ପ୍ରକାଶ ହୁଏ ।୧୦ ।

ବୃକ୍ଷ କହିଲା ପତ୍ରକୁ ଶୁଣ, ପ୍ରିୟ ପତ୍ର ମୋର କଥା,
ଗୋଟିଏ ଆସେ ଗୋଟିଏ ଯାଏ, ଏ ଘରର ଏହି ପ୍ରଥା ।୧ ।

ଏଠାରେ ବୃକ୍ଷକୁ ସଂସାର ସହିତ ତୁଳନା କରାଯାଇଛି ଓ ଜୀବ ଜଗତକୁ ପାତ୍ର ସହିତ ତୁଳନା କରାଯାଇଛି । ପ୍ରତ୍ୟେକ ବୃକ୍ଷରେ ଅନେକ ପତ୍ର ଥାଏ ଓ ପତ୍ରଗୁଡ଼ିକ ବୃକ୍ଷର ରନ୍ଧନଶାଳା ଯେଉଁଠାରେ ଗଛର ଖାଦ୍ୟ ରନ୍ଧନ ହୁଏ । ପ୍ରତି ବର୍ଷ ଏହି ରନ୍ଧନଶାଳା ନୂଆ କରି ତିଆରି ହେବା ଆବଶ୍ୟକ ହୁଏ । ତେଣୁ ଶୀତଦିନେ ବୃକ୍ଷ ପତ୍ରଝଡ଼ା ଦିଏ ଓ ବସନ୍ତ ଋତୁର ଆଗମନରେ ନୂଆ ପତ୍ର ସୃଷ୍ଟି ହୁଏ । ସେହିଭଳି ସୃଷ୍ଟିରେ ପ୍ରତ୍ୟେକ ଜୀବର ମଧ୍ୟ ଅନ୍ତ ହୁଏ ଓ ନୂଆ ଜୀବ ସୃଷ୍ଟି ହୁଅନ୍ତି । ଏହା ଏହି ଘରର ଅର୍ଥାତ ଏହି ସଂସାରର ନିୟମ ।

ନିଜ ମହତ୍ତ୍ୱ ବଢ଼ାଅ ନାହିଁ, କହି ବଡ଼ ବଡ଼ କଥା,
ହୀରା କହେନି ନିଜ ମୁହଁରେ, ଲକ୍ଷେ ମୂଲ୍ୟ ମୋର ମଥା ।୪ ।

Download Magazine from www.aahwaan.com

ସାଧାରଣତଃ ଲୋକମାନେ ନିଜର ଢୋଲ ନିଜେ ପିଟିବାକୁ ଭଲ ପାଆନ୍ତି ଅର୍ଥାତ ନିଜ ପ୍ରଶଂସା ନିଜେ କରନ୍ତି । ଏହା ଜ୍ଞାନୀ ଓ ଅଜ୍ଞାନୀ ଉଭୟଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ । ଏହା ଅଧିକ ଦେଖାଯାଏ ଯାହାର ପ୍ରକୃତ ଜ୍ଞାନ ନଥାଏ । ଆପଣମାନେ ଜାଣିଥିବେ, ଅନେକ ପ୍ରଦେଶରେ ଅସତ ଉପାୟରେ ବିଶ୍ୱବିଦ୍ୟାଳୟରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିପାରୁଛନ୍ତି । ଗୋଟିଏ ଦରଖାସ୍ତ ଲେଖିବା ପ୍ରଣାଳୀ ନ ଆସୁଥିଲେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିବାର ଡିଣ୍ଡିମ ବଜାନ୍ତି । ଲୋକମାନେ କିନ୍ତୁ ସବୁ ଜାଣନ୍ତି, ସବୁ ବୁଝନ୍ତି । ସୁତରାଂ ଏଭଳି କଥା କହିଲେ ନିଜର କିଛି ମହତ୍ତ୍ୱ ବଢ଼ିବା ଆଶା ନିରର୍ଥକ । ଯେଉଁମାନେ ପ୍ରକୃତ ଜ୍ଞାନୀ, ସେମାନେ ନିଜ ମୁହଁରେ ନିଜ ମୂଲ୍ୟ ନିର୍ଦ୍ଧାରଣ କରନ୍ତିନି । ଏହାକୁ ଉପଲକ୍ଷ କରି କବୀର କହୁଛନ୍ତି, ହୀରା କେବେହେଲେ ନିଜର ମୂଲ୍ୟ ଲକ୍ଷ ଲକ୍ଷ ମୁଦ୍ରା ବୋଲି କହେନି । ତେଣୁ ନିଜର ମହତ୍ତ୍ୱ ଅଯଥା ବଢ଼େଇ କହନି ।

ଅଜ୍ଞାନୀ-ଜ୍ଞାନୀଙ୍କୁ କହ କହିଲେ, କବୀର ଲଜ୍ଜିତ ହୁଏ,

(ଅଜ୍ଞାନୀ ହୋଇ ନିଜକୁ ଜ୍ଞାନୀ ଯେ କହେ )

ଅନ୍ଧ ଆଗରେ ନାଚ କରିଲେ, କଳା ବ୍ୟର୍ଥ ହୋଇଯାଏ ।୫ ।

ଏ ସଂସାରରେ ଏମିତି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବହୁତ ଛଳନା ପ୍ରିୟ । ଅନେକ ବ୍ୟକ୍ତି ପ୍ରକୃତ ଜ୍ଞାନୀ ନ ହୋଇ ମଧ୍ୟ ଏମିତି ଛଳନା କରନ୍ତି ଯେମିତି ସେମାନେ ପ୍ରକୃତ ଜ୍ଞାନୀ । ଏଭଳି ଲୋକ ସବୁ ଯୁଗରେ ଅଛନ୍ତି । ଏବେକାର କଥା, ଜଣେ ବ୍ୟକ୍ତି ଜୀବନରେ କେବେ ହେଲେ ବିଶ୍ୱବିଦ୍ୟାଳୟରେ ଉଚ୍ଚସ୍ଥାନ ନ ରଖି ମଧ୍ୟ ଏଭଳି ପ୍ରଚାର କରନ୍ତି, ଯେପରି ସେ ସବୁ ବିଶ୍ୱବିଦ୍ୟାଳୟ ଓ ବୋର୍ଡ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରକୃତ ଜ୍ଞାନ ନଥାଇ ଯେଉଁମାନେ ଜ୍ଞାନଥିବା ଦେଖେଇ ହୁଅନ୍ତି ସେମାନଙ୍କୁ କବିର

 Download Magazine from www.aahwaan.com

ଅନ୍ଧ ସହିତ ତୁଳନା କରିଛନ୍ତି । ଏହି ଭଳି ଲୋକଙ୍କୁ କିଛି ଜ୍ଞାନ, ଉପଦେଶ ବା ପ୍ରବଚନ ଦେବାକୁ କବିରଙ୍କୁ କହିଲେ ସେ ଲଜ୍ଜିତ ହୁଅନ୍ତି । ଅନ୍ଧ ଆଗରେ ତୁମେ ଯେତେ ସୁନ୍ଦର ନୃତ୍ୟ କଲେ ସେ ଦେଖିପାରେନି ଓ ନୃତ୍ୟ କଳାର ମର୍ଯ୍ୟାଦା ରହେନି । ତେଣୁ ଯାହା ଆଗରେ ଜ୍ଞାନ ଦେଖାଇଲେ ତା'ର ମର୍ଯ୍ୟାଦା ରହିବ, ସେହି ସ୍ଥାନରେ କେବଳ ଜ୍ଞାନ ଦେଖାଅ ।

ଧରିତ୍ରୀ ଧର୍ମ ସହେ କର୍ଷଣ, ବୃକ୍ଷ କଟା ସହେ ବଣ,
ସୁଜନ ସହେ କୁଟୀଳ କଥା, ସହି ପାରେନି ଦୁର୍ଜନ ।୭ ।

ମାଟି ଉପରେ ମଣିଷ ଅବିରାମ ଗତିରେ ଅତ୍ୟାଚାର କରିଚାଲିଛି । ଚାଷ କରିବାକୁ ମାଟି ଖୋଳୁଛି, ଘର ତୋଳିବାକୁ ଇଟା ଆବଶ୍ୟକ; ସେଥିପାଇଁ ମାଟି ଖୋଳୁଛି । ପାଣି ପାଇବା ପାଇଁ କୂଅ ପୋଖରୀ ଖୋଳୁଛି । ଶବକୁ ମାଟି ଖୋଳି କବର ଦେଉଛି । ଧରିତ୍ରୀ ବା ମାଟି ଏତେ ଅତ୍ୟାଚାର ସହୁଛି, କିନ୍ତୁ କେବେ କୌଣସି ପ୍ରତିକ୍ରିୟା ଦେଖାଏନି । ସେହିଭଳି ଜଙ୍ଗଲରେ ଗଛ କଟା ଅବିରାମ ଗତିରେ ଚାଲିଛି, କିନ୍ତୁ ଜଙ୍ଗଲ କିଛି ତତ୍କାଳ ପ୍ରତିକ୍ରିୟା ସୃଷ୍ଟି କରୁନି । ସୁଜନ ଅର୍ଥାତ ଯେଉଁମାନେ ଉତ୍ତମ ବ୍ୟକ୍ତି ସେମାନେ କୁଟିଳ କଥା ଶୁଣିଲେ ମଧ୍ୟ ପ୍ରତିକ୍ରିୟା ଦେଖାନ୍ତିନି । ଦୁର୍ଜନ ଲୋକ ଏ ସମସ୍ତଙ୍କଠାରୁ ନିଆରା । ସେ କିଛି ସହିପାରେନି । ତା ଭାବନାର କିଛି ଅପ୍ରିୟ କଥା ଶୁଣିଲେ ମରିବା ବା ମାରିବା ପର୍ଯ୍ୟନ୍ତ କଥା ଯାଏ ।

ମନର ରଙ୍ଗ ସଂଖ୍ୟା ହଜାର, ବଦଳୁ ଥାଏ ତ ସେହି,
ଏକ ହି ରଙ୍ଗ ଅଟେ ଯାହାର, ବିରଳ ସେ ଜନ କେହି ।୮ ।

ସାଧାରଣ ମଣିଷର ମନ ଭିତରେ ଅସଂଖ୍ୟ ରକମର ଭାବନା, ବିଚାର, ବୁଝିବା ଶକ୍ତି, ସମାଧାନ ଶକ୍ତି, ସହନ ଶକ୍ତି ଅଛି । ଏ ସବୁ ଶକ୍ତି ପରିସ୍ଥିତି ଅନୁସାରେ ବଦଳି ଯାଏ । ଗୋଟିଏ ଛୋଟ ଉଦାହରଣ ଦେବି । ପରିବାରରେ ଗୋଟିଏ ଝିଅର ବିବାହ ସମୟ ଆସିଲେ

 Download Magazine from www.aahwaan.com

ବାପା ମା ଉଭୟ ଯୌତୁକ ପ୍ରଥାକୁ ଖରାପ କହନ୍ତି ଓ ଯିଏ ଯୌତୁକ ମାଗିବ ତା ଘରେ ଝିଅ ଦେବୁନି, ଏ କଥା କହନ୍ତି । ଯେତେବେଳେ ପୁଅ ବାହାଘର ଆସେ, ସେଇ ମାଆ ବିଭିନ୍ନ ବାହାନାରେ ଯୌତୁକ ମାଗେ । ସୁତରାଂ ଏହି ଏକା ମହିଳାର ଝିଅ ବିବାହ ସମୟରେ ଓ ପୁଅ ବିବାହ ସମୟରେ ମନର ରଙ୍ଗ ବଦଳି ଅଲଗା ହୋଇଯାଏ । ସେହି ମାଆ ବି ଦିନେ ଝିଅ ଥିଲା, ସେକଥା ଭୁଲିଯାଏ । ସେହି ମାଆ ବୋହୁ ଉପରେ ଯୌତୁକ ନିମନ୍ତେ ଅତ୍ୟାଚାର କରି ମାରି ଦେଇପାରେ । ଏ ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁ ମାନଙ୍କର ମନର ରଙ୍ଗ କେବେବି ବଦଳେନି । ଏଭଳି ଲୋକ କିନ୍ତୁ ବିରଳ । ସେମାନଙ୍କୁ ସଜ୍ଜନ ବା କୁଳୀନ ବ୍ୟକ୍ତି କୁହାଯାଏ । ସେମାନେ ଜୀବନରେ ଗୋଟିଏ ନିୟମକୁ ମାନି ଚଳନ୍ତି ।

ଅନ୍ୟ ଦୋହାଗୁଡ଼ିକ ବୋଧଗମ୍ୟ ହେଉଥିବାରୁ ତର୍ଜମା ଦିଆଗଲାନି ।

Download Magazine from www.aahwaan.com

# ଜାତୀୟ ସୁରକ୍ଷା ଦିବସ



ଶ୍ରୀ ରମାକାନ୍ତ ମିଶ୍ର

## ମାର୍ଚ୍ଚ ୪ ତାରିଖ ଜାତୀୟ ସୁରକ୍ଷା ଦିବସ ଉପଲକ୍ଷେ

## ସବୁଜ ତ୍ରିକୋଣ କ'ଣ ?




ସବୁଜ ତ୍ରିକୋଣ ଅର୍ଥାତ ସୁରକ୍ଷା ତ୍ରିକୋଣ ଏବଂ ଏହା ସୁରକ୍ଷାର ପ୍ରତୀକ । ଦୈନନ୍ଦିନ ଜୀବନର ମୁଖ୍ୟ ଆବଶ୍ୟକ ବିଷୟ ଗୁଡ଼ିକୁ ଆମେ ପ୍ରତୀକ ସାହାଯ୍ୟରେ ମନେ ରଖିବାକୁ ଚେଷ୍ଟା କରିଥାଉ । ସୁରକ୍ଷା ଜୀବନର ଅପରିହାର୍ଯ୍ୟ ଅଙ୍ଗ । ଜନ୍ମ ଠାରୁ ମୃତ୍ୟୁ ମଧ୍ୟରେ ଜୀବନର ପ୍ରତି ପଦକ୍ଷେପରେ ସୁରକ୍ଷାର ଆବଶ୍ୟକତା ରହିଅଛି । ଏଣୁ କରି ସୁରକ୍ଷା ବିଷୟରେ ଆଲୋଚନା କରିବା ସର୍ବାଦୌ ଆବଶ୍ୟକ । ରାସ୍ତାରେ ବିଭିନ୍ନ ଗୋଳେଇ ଛକ ମାନଙ୍କରେ ଆଜିକାଲି ଯାନ-ବାହାନ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟତଃ ଦୁଇଟି ରଙ୍ଗର ଚିହ୍ନ ବିଶେଷ ଭାବରେ ପ୍ରୟୋଗ ହୋଇଥାଏ । ପ୍ରଥମଟି ହେଲା ସବୁଜ ତ୍ରିକୋଣ ଅର୍ଥାତ ଲାଇନ କ୍ଲିୟର ବା ଯାଇ ପାରନ୍ତି । ଆଉ ଦ୍ୱିତୀୟଟି ହେଲା ଲାଲ ତ୍ରିକୋଣ ଅର୍ଥାତ ରହିଯାନ୍ତୁ ବା ଆଗରେ ବିପଦ ଅଛି । ଏଣୁକରି ସବୁଜ ତ୍ରିକୋଣ ବର୍ତ୍ତମାନ ସୁରକ୍ଷା ତ୍ରିକୋଣ ଭାବରେ ସର୍ବଜନ ଆଦୃତ ହୋଇ ସାରିଛି ।

ବିଷୟଟିକୁ ବିଷଦ ଭାବରେ ଆଲୋଚନା କରିବା ପୂର୍ବରୁ ସୁରକ୍ଷାରେ ବିଭିନ୍ନ ରଙ୍ଗର ଭୂମିକା ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରାଯାଉ । ସବୁଜ ରଙ୍ଗ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରାଯାଏ ତା ସମ୍ବନ୍ଧରେ ମଧ୍ୟ ସାମାନ୍ୟ ବିଚାର କରାଯାଉ । ଦୁର୍ଘଟଣା ନିବାରଣ

 Download Magazine from www.aahwaan.com

ପାଇଁ, ବିପଦକୁ ଚିହ୍ନାଇ ଦେବା ପାଇଁ, ସାବଧାନ ହେବା ପାଇଁ, ଖୋଲା ଯନ୍ତ୍ରକୁ ଚିହ୍ନିତ କରିବା ପାଇଁ ନିର୍ଦ୍ଦିଷ୍ଟ ରଙ୍ଗର ବ୍ୟବହାର କରାଯାଇଥାଏ ।

ଲାଲ ରଙ୍ଗ ବିଭିନ୍ନ ପ୍ରକାରର ଅଗ୍ନି ନିର୍ବାପକ ଯନ୍ତ୍ର ମାନଙ୍କରେ ବ୍ୟବହୃତ ହୁଏ । ହଳଦିଆ ରଙ୍ଗ ସାଧାରଣତଃ କାରଖାନା ଭିତରେ ଥିବା ଗତିଶୀଳ ପରିବହନ ଯାନ ମାନଙ୍କରେ ବ୍ୟବହୃତ ହୁଏ । ନୀଳ ରଙ୍ଗକୁ ପାଣିଟାଙ୍କି ଏବଂ ସିଢି ଇତ୍ୟାଦିରେ ବ୍ୟବହାର କରାଯାଏ ।  କଳା ଆଉ ଧଳା ରଙ୍ଗକୁ ହଳଦିଆ ରଙ୍ଗର ପରିପୂରକ ଭାବରେ ବ୍ୟବହାର କରାଯାଏ । ତା'ଛଡ଼ା ରାସ୍ତାମାନଙ୍କରେ ଜେବ୍ରା କ୍ରସିଂରେ ମଧ୍ୟ କଳା ଆଉ ଧଳା ରଙ୍ଗର ବ୍ୟବହାର ହୁଏ । ରଙ୍ଗ ମାନଙ୍କର ସଂକ୍ଷିପ୍ତ ପରିଚୟ ଦେବାର ଉଦ୍ଦେଶ୍ୟ ହେଲା, ଏହା ସମସ୍ତଙ୍କର ଜାଣିବା ଦରକାର । ସେହିପରି ସବୁଜ ରଙ୍ଗ ଯେ କୌଣସି ସୁରକ୍ଷା ଉପକରଣର ପ୍ରଚ୍ଛଦପଟ ଭାବରେ ବ୍ୟବହୃତ ହୁଏ । ସବୁଜ ରଙ୍ଗ ଜୀବନର ପ୍ରତୀକ । ଯେତେ ସମୟ ପର୍ଯ୍ୟନ୍ତ ଗଛର ପତ୍ରମାନେ ସବୁଜ ଅଛନ୍ତି ଧରାଯାଏ ସେଥିରେ ଜୀବନ ଅଛି । ପତ୍ରର ଜୀବନ ସରିଗଲେ ତାର ରଙ୍ଗ ଆଉ ସବୁଜ ନ ରହି ହଳଦିଆ ହୋଇଯାଏ ଓ ପରବର୍ତ୍ତୀ କାଳରେ ଶୁଖି ଯାଏ । ସବୁଜ ରଙ୍ଗ ଶାନ୍ତିର ପ୍ରତୀକ ମଧ୍ୟ । ଏହା ଚକ୍ଷୁକୁ ଆନନ୍ଦ ଦିଏ । ଏହି କାରଣରୁ ହିଁ ସବୁଜ ରଙ୍ଗକୁ ସୁରକ୍ଷାର ପ୍ରତୀକ ଭାବରେ ମଧ୍ୟ ଗ୍ରହଣ କରା ଯାଇଅଛି ।

ସବୁଜ ତ୍ରିକୋଣ ଗୋଟିଏ ସମବାହୁ ତ୍ରିଭୁଜ । ଏହାର ତିନୋଟି ବାହୁର ନିର୍ଦ୍ଦିଷ୍ଟ ଅର୍ଥ ରହିଅଛି । ପ୍ରଥମ ବାହୁର ଅର୍ଥ ହେଲା ଇଂଜିନିୟରିଂ ବା ଯନ୍ତ୍ରବିଦ୍ୟା । ଦ୍ୱିତୀୟ ବାହୁର ଅର୍ଥ ହେଲା ଏଡୁକେସନ ବା ଶିକ୍ଷା ଏବଂ ତୃତୀୟ ବାହୁର ଅର୍ଥ ହେଲା ଏନଫୋର୍ସମେଣ୍ଟ ବା ପ୍ରବର୍ତ୍ତନ କରିବା । ଏହି ତିନୋଟି ଅର୍ଥର ସମାବେଶରେ ସମ୍ପୂର୍ଣ୍ଣ ସୁରକ୍ଷା ପଦ୍ଧତି ପର୍ଯ୍ୟବେସିତ । ବର୍ତ୍ତମାନ ଆମେ ଏହି ତିନୋଟି ଅର୍ଥକୁ ବିଷଦ ଭାବରେ ବିଶ୍ଳେଷଣ କରିବା ।

 Download Magazine from www.aahwaan.com

୧ମ ବାହୁ - ଇଂଜିନିୟରିଂ ଅର୍ଥାତ ଯନ୍ତ୍ର ବିଦ୍ୟା

୨ୟ ବାହୁ - ଏଡୁକେସନ ଅର୍ଥାତ ଶିକ୍ଷା

୩ୟ ବାହୁ - ଏନଫୋର୍ସମେଣ୍ଟ ଅର୍ଥାତ ପ୍ରବର୍ତ୍ତନ କରିବା

ଯଦିଓ ସୁରକ୍ଷା ଏକ ଜନ୍ମଗତ ଚେତନା ଏବଂ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି ପଦକ୍ଷେପରେ ସୁରକ୍ଷାର ଆବଶ୍ୟକତା ରହିଅଛି, କିନ୍ତୁ ଏହାର ପ୍ରକୃତ ମହତ୍ୱ ଉପଲବ୍ଧି କରାଯାଇଥିଲା ଔଦ୍ୟୋଗୀକରଣ ପରେ । ସଂସାରର ଶିଳ୍ପ ଇତିହାସ ମାତ୍ର ୩୦୦ ବର୍ଷର ପୁରାତନ । ପୁଣି ଭାରତରେ ଏହା ମାତ୍ର ୧୫୦ ବର୍ଷ ପୁରାତନ । ଯେତେବେଳେ ଶିଳ୍ପମାନଙ୍କର ଦ୍ରୁତ ବିକାଶ ହେଲା, ପରବର୍ତ୍ତୀ କାଳରେ ଦେଖାଗଲା ଯେ ଯଦିଓ ଶିଳ୍ପ ଶ୍ରମିକମାନଙ୍କର ଜୀବନ ମାନରେ ଉନ୍ନତି ହେଉଛି, କିନ୍ତୁ ଅଯଥା ଅନେକ ଶ୍ରମିକ ଦୁର୍ଘଟଣାର ଶିକାର ହୋଇ ସମାଜରେ ପଙ୍ଗୁ ପରି ବଞ୍ଚି ରହିବାକୁ ବାଧ୍ୟ ହେଉଛନ୍ତି । ଧିରେ ଧିରେ ଯନ୍ତ୍ର ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଯନ୍ତ୍ରୀମାନେ ଯନ୍ତ୍ର ଗୁଡ଼ିକର ଗଠନରେ ସୁଧାର କରିବାରେ ଲାଗି ପଡ଼ିଲେ । ଅର୍ଥାତ ଯନ୍ତ୍ରର ବିପଦପୂର୍ଣ୍ଣ ସ୍ଥାନମାନଙ୍କୁ ଏପରି ଭାବରେ ଢାଙ୍କି ରଖିବାକୁ ଚେଷ୍ଟା କଲେ ଯେ କେହି ଯେପରି ସେହି ବିପଦପୂର୍ଣ୍ଣ ସ୍ଥାନମାନଙ୍କର ସିଧା ସଳଖ ସଂସ୍ପର୍ଶରେ ନ ଆସେ । ଏହାହିଁ ହେଉଛି ଯାନ୍ତ୍ରିକ ବିଦ୍ୟା ଦ୍ୱାରା ଯନ୍ତ୍ରର ଉତ୍ତୋରତ୍ତର ଉନ୍ନତି କରିବାର ପ୍ରଣାଳୀ । ଏହି ପ୍ରଣାଳୀ ଅହରହ କାମ କରୁଛି । ଏହା ଫଳରେ ଆମେ ନିତ୍ୟ ନୂତନ ପରିମାର୍ଜ୍ଜିତ ଯନ୍ତ୍ର ଗୁଡିକ ବ୍ୟବହାର କରିବାର ସୁଯୋଗ ପାଇଁ ପାରୁଛୁ । ସବୁଜ ତ୍ରିକୋଣର ପ୍ରଥମ ବାହୁଟି ତେଣୁକରି ଯନ୍ତ୍ର ବିଦ୍ୟାକୁ ବୁଝାଏ, ଅର୍ଥାତ ଯନ୍ତ୍ର ବିଦ୍ୟା ଦ୍ୱାରା, କାରିଗରୀ କୌଶଳ ଦ୍ୱାରା ଯନ୍ତ୍ରକୁ ଏପରି ଭାବରେ ଗଠନ କରିବା ଯାହାଦ୍ୱାରା ସେଥିରେ କାମ କରୁଥିବା ଶ୍ରମିକ ନିଜେ ନିଜେ ସୁରକ୍ଷିତ ହୋଇ ରହିବ । ଆପଣ ମାନେ ସମସ୍ତେ

ଜାଣିଥିବେ ଆଜି ଠାରୁ ୫୦ ବର୍ଷ ପୂର୍ବେ ଯେଉଁ ଟେବୁଲ ଫ୍ୟାନ ଗୁଡିକ ତିଆରି ହେଉଥିଲା ତାର ତୀବ୍ର ବେଗରେ ଘୁରୁଥିବା ବ୍ଲେଡ ଚାରିକଡେ ଆଜି ଭଳି ଛୋଟ ଜାଲି ଦିଆ ଯାଉ ନ ଥିଲା, ଫଳରେ ବ୍ୟକ୍ତି ବିଶେଷଙ୍କ ଅସାବଧାନତା ହେତୁ ହାତ ବା ଗୋଡ଼ କାଟି ଯାଉଥିଲା । କିନ୍ତୁ ଏବେକାର ନୂତନ ଇଲେକ୍ଟ୍ରିକ ଟେବୁଲ ଫ୍ୟାନ ର ବ୍ଲେଡ ଚାରି ପାଖେ ଏପରି ଜାଲିର ବ୍ୟବସ୍ଥା କରାଯାଇଛି ଯାହା ଫଳରେ କେହି ଇଛା କରି ମଧ୍ୟ ତା ଭିତରକୁ ଆଙ୍ଗୁଠି ପୁରାଇ ପାରିବେ ନାହିଁ । ଏହାହିଁ ହେଉଛି ଯନ୍ତ୍ର ବିଦ୍ୟା ଦ୍ଵାରା ସୁରକ୍ଷିତ ହୋଇ ରହିବାର ଗୋଟିଏ ଉଦାହରଣ । ଅଧୁନା ଯନ୍ତ୍ରୀ ମାନେ ବିଭିନ୍ନ ଯନ୍ତ୍ରର ବିପଦ ପୂର୍ଣ୍ଣ ସ୍ଥାନ ମାନଙ୍କୁ ସୁରକ୍ଷିତ କରିବା ପାଇଁ ଅହରହ ଚେଷ୍ଟିତ ଅଛନ୍ତି ।

ସବୁଜ ତ୍ରିକୋଣର ଦ୍ଵିତୀୟ ବାହୁଟି ହେଲା ଏଡୁକେସନ ବା ଶିକ୍ଷା । ଶିକ୍ଷା ହେଉଛି ପ୍ରତ୍ୟେକ ସଫଳତାର ମୂଳ । ଶିକ୍ଷାର ବିକାଶରେ ହିଁ ବ୍ୟକ୍ତି ବିଶେଷଙ୍କ ଏବଂ ପରବର୍ତ୍ତୀ କାଳରେ ସମାଜର ଉନ୍ନତି ହୋଇ ଥାଏ । ଶିକ୍ଷା ହିଁ ମଣିଷକୁ ଯେ କୌଣସି ଇତର ପ୍ରାଣୀଠାରୁ ଭିନ୍ନ କରିଥାଏ । ଆମ୍ଭେମାନେ ସଦା ସର୍ବଦା ଶିକ୍ଷା ଉପରେ ଜୋର ଦେଇଥାଉ କାରଣ ଶିକ୍ଷା ମାଧ୍ୟମରେ ହିଁ ମନୁଷ୍ୟ ଯେ କୌଣସି ସମସ୍ୟାର ଉପଯୁକ୍ତ ସମାଧାନ କରିବାର ପାଠ ଖୋଜି ପାଇଥାଏ । ସୁରକ୍ଷା ଏକ ଜନ୍ମଗତ ଚେତନା ଏବଂ ଏହା ଏକ ବ୍ୟକ୍ତିଗତ ଚେତନା ମଧ୍ୟ । କିନ୍ତୁ ତା' ସତ୍ତ୍ଵେ ଆମେ ପ୍ରତିଦିନ ସୁରକ୍ଷା ବିଷୟରେ ଆଲୋଚନା କରିବା ପାଇଁ, ସୁରକ୍ଷା ଶିକ୍ଷା କରିବା ପାଇଁ ସମସ୍ତଙ୍କୁ ଆଗ୍ରହାନ୍ୱିତ କରିଥାଉ । କାରଣ ପ୍ରତିଦିନ ଆଲୋଚନା କଲେ, ସୁରକ୍ଷା ଶିକ୍ଷା କଲେ ଏହା ଆମର ଈଶ୍ଵର ପ୍ରଦତ୍ତ ଚେତନାକୁ ଆହୁରି ବିକଶିତ କରିଥାଏ । ସୁରକ୍ଷା ଯେପରି ଗୋଟିଏ ଚେତନା ସେହିପରି ଖାମଖିଆଲି ଭାବ ଅନ୍ୟ ଏକ ଚେତନା, ଏହା ମଧ୍ୟ ପ୍ରତ୍ୟେକଙ୍କୁ ଜନ୍ମଗତ ଭାବରେ ମିଳିଥାଏ । ସୁରକ୍ଷା ଶିକ୍ଷା ଓ ଆଲୋଚନା ମାଧ୍ୟମରେ

 Download Magazine from www.aahwaan.com

ଆମେ ଏହି 'ଖାମଖିଆଲି' ଭାବକୁ କମାଇ ଦେଇ 'ସୁରକ୍ଷା' ଭାବନାକୁ ବିକାଶ କରିବା ପାଇଁ ଚେଷ୍ଟା କରିଥାଉ । ଏହି କାରଣରୁ ସୁରକ୍ଷା ଶିକ୍ଷାର ଯଥେଷ୍ଟ ମହତ୍ୱ ରହିଅଛି । ସର୍ବଶେଷ କାରଖାନା ଆଇନରେ ଏହି ସୁରକ୍ଷା ଶିକ୍ଷା ଉପରେ ବିଶେଷ ଜୋର ଦିଆ ଯାଇଅଛି । କାରଖାନା ମାନଙ୍କରେ ସୁରକ୍ଷା ଶିକ୍ଷାକୁ ବାଧ୍ୟତାମୂଳକ କରାଯାଇଅଛି । କାରଣ ବର୍ତ୍ତମାନ ଆଧୁନିକ ଯନ୍ତ୍ର ମାନଙ୍କରେ ଯେଉଁ ମାନେ କାମ କରିବେ ଏବଂ ଉତ୍ପାଦନ କରିବେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟରେ ସୁରକ୍ଷା ଶିକ୍ଷାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଅଛି, ଏ କଥା ସରକାରଙ୍କ ଠାରୁ ଆରମ୍ଭକରି ସାଧରଣ ମଣିଷ ପର୍ଯ୍ୟନ୍ତ ସମସ୍ତେ ବୁଝିବାକୁ ସକ୍ଷମ ହୋଇ ପାରିଛନ୍ତି ।

ସବୁଜ ତ୍ରିକୋଣର ତୃତୀୟ ବାହୁଟିର ଅର୍ଥ ହେଲା କଡାକଡି ଭାବରେ ସୁରକ୍ଷାକୁ ପ୍ରବର୍ତ୍ତନ କରିବା । ଆମେ ପୂର୍ବରୁ ଆଲୋଚନା କରିଛୁ ଯେ ମଣିଷ ମାତ୍ରକେ ଶିକ୍ଷିତ ହେଉ ବା ଅଶିକ୍ଷିତ, ତାଙ୍କ ମନରେ କିଛି ନ କିଛି ଖାମଖିଆଲି ଭାବ ରହିଥାଏ । ଫଳରେ ଜାଣତରେ ବା ଅଜାଣତରେ ମଣିଷ ବେଳେ ବେଳେ ବିପଦ ପ୍ରତି ସଚେତନ ହୋଇ ପାରେ ନାହିଁ ଏବଂ ଦୁର୍ଘଟଣାର ଶିକାର ହୁଏ । ଦୁର୍ଘଟଣାର ନିବାରଣ ପାଇଁ ଯନ୍ତ୍ର ବିଦ୍ୟା ଓ ସୁରକ୍ଷା ଶିକ୍ଷାର ଯେପରି ଆବଶ୍ୟକତା ରହିଛି, ସୁରକ୍ଷା ନୀତି-ନିୟମକୁ କଡାକଡି ଭାବରେ କାର୍ଯ୍ୟକାରୀ କରିବାର ମଧ୍ୟ ସେହିପରି ଆବଶ୍ୟକତା ରହିଅଛି । ସବୁ ଭଲ କଥାକୁ ସମସ୍ତେ କେବେହେଲେ ଗ୍ରହଣ କରନ୍ତି ନାହିଁ । ଅନେକେ ଜାଣିଶୁଣି ସୁରକ୍ଷା ନିୟମର ବହିର୍ଭୁତ କାର୍ଯ୍ୟ କରନ୍ତି । ଏ ପ୍ରକାର ଖାଖୟାଲୀ ଭାବର ବିନାଶ ପାଇଁ ଆମକୁ ଦରକାର ପଡ଼ିଲେ ଦଣ୍ଡର ବ୍ୟବସ୍ଥା ମଧ୍ୟ କରିବାକୁ ହେବ । ନିୟମ ପ୍ରତି ଭୟ ଥିଲେହିଁ ତାକୁ ଲୋକେ ଭକ୍ତିର ସହ ଗ୍ରହଣ କରିବେ । ଭୟହୀନ ଭକ୍ତିର କାରଣ । ଶୃଙ୍ଖଳା ପ୍ରତି ପ୍ରତ୍ୟେକଙ୍କର ସମ୍ମାନ ଥିବା

 Download Magazine from www.aahwaan.com

ଦରକାର । କାରଣ ବିଶୃଙ୍ଖଳିତ ହୋଇ ଆମେ କେବେହେଲେ ସୁରକ୍ଷିତ ହୋଇ ପାରିବୁ ନାହିଁ । ସୁରକ୍ଷା ଆଉ ଶୃଙ୍ଖଳା ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ତେଣୁ ସୁରକ୍ଷା ନିୟମ ପ୍ରଣୟନ ଯଥେଷ୍ଟ ନୁହେଁ, ତାକୁ ପାଳନ କରିବା ପାଇଁ ଦରକାର ପଡିଲେ କଠୋର ଦଣ୍ଡର ମଧ୍ୟ ବ୍ୟବସ୍ଥା ରହିଥିବା ଦରକାର ।

ଏହାହିଁ ସୁରକ୍ଷା ତ୍ରିକୋଣ ବା ସୁରକ୍ଷା ତ୍ରିଭୁଜର ବିସ୍ତୃତ ବିବରଣୀ । ସୁରକ୍ଷାହିଁ ଜୀବନର ପ୍ରଥମ ଆଉ ଶେଷ ଆବଶ୍ୟକତା । ଜୀବନର ପ୍ରତି ପଦକ୍ଷେପରେ ଆମକୁ ସୁରକ୍ଷା ନିୟମ ମାନିବାକୁ ପଡିବ । ପ୍ରତିଦିନ ଆମକୁ ଏହା ବିଷୟରେ ଚିନ୍ତା କରିବାକୁ ହେବ । ପ୍ରତିଦିନ ସୁରକ୍ଷା ଭାବଧାରାକୁ ଜାଗ୍ରତ ରଖିବା ପାଇଁ ତେଣୁକରି ଆମ ସଂମସ୍ତଙ୍କୁ ସବୁଜ ତ୍ରିକୋଣ କୁ ଆଖି ଆଗରେ ରଖି କାର୍ଯ୍ୟ କରିବାକୁ ହେବ ।

- ଜୟ ସୁରକ୍ଷା -

ଭି.ଆଇ.ଏମ - .୨୬୮
ଶୈଳଶ୍ରୀ ବିହାର
ଭୁବନେଶ୍ୱର -୭୫୧୦୨୧
ମୋବାଇଲ -୯୯୩୭୨୨୬୮୦୧୨

Download Magazine from www.aahwaan.com

# ଟ୍ରାଫିକ୍ ନିୟମ



ଅନନ୍ତ ବାଗ

ସଭ୍ୟତାର ବିକାଶ ହେବାସହ ମନୁଷ୍ୟର ଚାଲିଚଳନ, ରୀତିନୀତିରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଅଛି । ଦିନ ଥିଲା ଦୂର ସ୍ଥାନକୁ ଯିବାକୁ ହେଲେ ସାଙ୍ଗରେ ଚାଉଳ / ଖାଦ୍ୟ ନେଇ ଯିବାକୁ ହେଉଥିଲା । ଆଜି ଯୁଗ ବଦଳିଛି କେଇ ଘଣ୍ଟାକରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ତଥା ଦେଶ, ବିଦେଶକୁ ବୁଲି ପାରୁଛୁ । ଏବେ ଆମକୁ ଯାତାୟତ ପାଇଁ କିଛି ଅସୁବିଧା ନାହିଁ ।

କିନ୍ତୁ ଯେଉଁପରି ଭାବେ ଦିନକୁ ଦିନ ଦୁର୍ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି, ଏହା ଆମ ଟ୍ରାଫିକ୍ ନିୟମ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି  ହୋଇଛି । ଏଇ କିଛିଦିନ ହେବ ବିନା 'ହେଲମେଟରେ' ନିୟମ ନ ମାନି ଗାଡ଼ି ଚଲେଇବାକୁ ନେଇ ଆମ ପୁଲିସ୍ କଡ଼ା ଯାଞ୍ଚ କରୁଥିଲେ । ଅବଶ୍ୟ ଏହାର ପୂର୍ବରୁ ମଧ୍ୟ ଯାଞ୍ଚ କରା କରାଯାଉଥିଲା ।

ଏଥି ପାଇଁ ଟିଭି ଚ୍ୟାନେଲ୍ ରେ ମଧ୍ୟ ଅନେକ ସଚେତନ କରାଯାଉଛି ।  କିନ୍ତୁ ଫଳାଫଳ ସବୁ ଓଲଟା ହେଉଛି । ମୁଁ ଗୋଟିଏ ଓଡ଼ିଆ ଟିଭି ଚ୍ୟାନେଲ୍ ରେ ନିୟମ ନ ମାନି ଗାଡ଼ି ଚଲେଇବାର ଖବର ଦେଖିଥିଲି ଏଥିରେ ଖୋଦ୍ ଆମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର 'ସ୍ମାର୍ଟସିଟି'ରେ ଟ୍ରାଫିକ୍ ନିୟମ ନ ମାନିବାର ଦୃଶ୍ୟ ପ୍ରସାରିତ ହୋଇଥିଲା ! ଏଥିରେ ସାଧାରଣ ନାଗରିକ ଠାରୁ ପୁଲିସ ପ୍ରଶାସକ ମଧ୍ୟ ବିନା ହେଲମେଟରେ ଗାଡ଼ି ଚଲାଉଥିଲେ । ଏଥିରୁ ସ୍ପଷ୍ଟ  ହେଉଛି ଯେ ଯେମିତି ମୁହଁରେ ସମସ୍ତେ କହୁଛନ୍ତି କେହି ବି ତାହାକୁ ପାଳନ କରୁ ନାହାନ୍ତି ।

Download Magazine from www.aahwaan.com

ଏଇ ଆମ ଛୋଟ ସହର 'ସିନ୍ଧେକେଲା' କଥା କହିବାକୁ ଗଲେ - ପ୍ରତ୍ୟେକ ଦିନ ଅଳ୍ପ, ବହୁତ ଭିଡ଼ ପରିଲକ୍ଷିତ ହୁଏ । ସେମିତି ଏଇ କିଛିଦିନ ତଳେ ଏ ସହରର ପୁଲିସ ଟ୍ରାଫିକ୍ ନିୟମ ସଚେତନ କରିବା ସହ ବିନା ହେଲମେଟରେ ବାଇକ୍ ଚଲେଇବା ଲୋକଙ୍କୁ ଧରୁଥିଲେ । ଏଥିପାଇଁ ଅନେକ ଲୋକ ଛାନିଆ ହୋଇ ହେଲମେଟ୍ ପିନ୍ଧି ଗାଡ଼ି ଚଳେଇବାକୁ ବାଧ୍ୟ ହୋଇଥିଲେ !

ଅବଶ୍ୟ ଯେଉଁ ପରି ଭାବେ ଲୋକେ ହେଲମେଟ୍ ବ୍ୟବହାର କଲେ ଏଥିରେ ହେଲମେଟ ବିକାଳିର ଦି' ପଇସା ଭଲ ରୋଜଗାର ହେଲା । ଆପଣମାନେ ଭାବୁଥିବେ ଯେ ସମସ୍ତେ ଏଥର ସୁଧୁରି ଯିବେ, କିନ୍ତୁ ସୁଧି ପାଠକେ ଏହା ଆପଣଙ୍କ ସମ୍ପୂର୍ଣ୍ଣ ଭୁଲ୍ !  ଏବେ ଦେଖାଗଲା ଯେ ଯେଉଁ ଜାଗାରେ ଟ୍ରାଫିକ୍ ଚେକିଙ୍ଗ ଚାଲିଛି କେବଳ ସେଇ ଜାଗାରେ ହିଁ ବାଇକ୍ ଚାଳକମାନେ ହେଲମେଟ୍ ପିନ୍ଧିବାର ମିଛ ଅଭିନୟ କଲେ - ପରେ ହେଲମେଟ୍‌କୁ ମୁଣ୍ଡରୁ ଖୋଲି ବାଇକ୍‌ରେ ରଖିଦେଲେ !

ଯେତେ ସଚେତନ କର ଯେତେ ବଡ଼ କାଗଜରେ ଲେଖିଦିଅ, ହେଲେ କେହି ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ଗୋଟିଏ ମଜା ଘଟଣା ଏହା ଯେ  ଦି'ବର୍ଷ ତଳେ ଆମ ଦେଶର ସଡ଼କ ଓ ପରିବହନ ମନ୍ତ୍ରୀ 'ଶ୍ରୀଯୁକ୍ତ ନୀତିନ ଗଡ଼କରି' ବିନା ହେଲମେଟ୍‌ରେ ଗାଡ଼ି ଚଳାଇବାର ଛବି ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା ! ଯାହା ଫଳରେ ଟ୍ରାଫିକ୍ ନିୟମ ମାନିବା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥଲା । ତେବେ ଯାହା ହେଉ ଆମକୁ ଟ୍ରାଫିକ୍ ନିୟମ ମାନି ଚାଲିବାକୁ ପଡ଼ିବ । ମନୁଷ୍ୟ ନିଜ ବୁଦ୍ଧି ବଳରେ ନିଜ ପାଇଁ  ଅନେକ ସୁବିଧା, ସୁଯୋଗ କରିଛି । କିନ୍ତୁ ଏହାର ଉଚିତ ବ୍ୟବହାର କରା ନ ଗଲେ ଏହା ମନୁଷ୍ୟ ସମାଜର ହିଁ କ୍ଷତି ସାଧନ କରିବ । ଜୀବନ ହେଉଛି ସବୁଠୁ ବଡ଼, ଯେ ପର୍ଯ୍ୟନ୍ତ ଆମ ନିଶ୍ୱାସ ପ୍ରଶ୍ୱାସ ଚାଲିଛି ଆମେ ଯେକୌଣସି

 Download Magazine from www.aahwaan.com

କାର୍ଯ୍ୟ କରିବାକୁ ସକ୍ଷମ । ନିଜ ପାଇଁ ନ ହେଲେ ମଧ୍ୟ ଆମେ ଅନ୍ୟ ପାଇଁ ଗୋଟିଏ ବିକାଶଶୀଳ ଦେଶର ନାଗରିକ ହିସାବରେ ଆମ କର୍ତ୍ତବ୍ୟ ଆମେ ନିଜେ ପାଳନ କରିବାକୁ ପଡ଼ିବ । କଥାରେ ଅଛି 'ଦ୍ରୁତ ଗତି ମହା ବିପତ୍ତି', ଅତି ଜୋରରେ ଗାଡ଼ି ଚଳାଇବା ସର୍ବଦା ବିପଦପୂର୍ଣ୍ଣ । ଜରୁରୀ କାମ ଥିଲେ ଟିକେ ଶୀଘ୍ର ପଛେ ବାହାରିବା କିନ୍ତୁ ବେପରୁଆ ଭାବେ ଗାଡ଼ି ଚଳାଇବା ନାହିଁ । ସର୍ବଦା ଟ୍ରାଫିକ୍ ନିୟମ ମାନି ମୁଣ୍ଡରେ ହେଲମେଟ୍ ପିନ୍ଧି ଗାଡ଼ି ଚଲେଇବା । ନିଜେ ସଚେତନ ହେଇ ଅନ୍ୟକୁ ସଚେତନ କଲେ ଯାଇ ନିଜର ସୁରକ୍ଷା ହେବା ସହ ଅନ୍ୟର ସୁରକ୍ଷା ହେଇ ପାରିବ ।

ପିତାମହୁଲ, ଅଲଣ୍ଡା, ସିନ୍ଧେକେଲା, ବଲାଙ୍ଗିର
ପିନ୍-୭୬୭୦୩୩
ମୋ-୭୮୯୪୮୧୭୧୫୬

Download Magazine from www.aahwaan.com

# ଅଙ୍କ ଓ ଜୀବନ



ଦୀପାଞ୍ଜଳି ସାହୁ

ଯେପରି ପ୍ରତ୍ୟେକ ଘରର ଜଣେ ମୁରବି ଥାଆନ୍ତି, ସେପରି ସଂଖ୍ୟା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନୀୟମାନ ଥିବା ଅଙ୍କକୁ ମୁରବି ବୋଲାଯାଇପାରେ ।

ଏକ ଅଙ୍କ ବିଶିଷ୍ଟ ସଂଖ୍ୟା – ଅବିବାହିତ ଅବସ୍ଥା । ଏ ଅବସ୍ଥାରେ ଚାକିରି ହେଉ, ଘର ହେଉ, ବ୍ୟବସାୟ ହେଉ ଯେ କୌଣସି କ୍ଷେତ୍ରରେ ପରିବର୍ତ୍ତନ ପାଇଁ ବେଶି କିଛି ଭାବିବାକୁ ପଡ଼େ ନାହିଁ. କାରଣ ସେତେଟା ଜଞ୍ଜାଳ ନ ଥାଏ ।

ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା - ନବ ବିବାହିତଙ୍କ ପରି । ଯେପରି ଦୁଇ ଅଙ୍କରେ ଦଶକ ଘରର ଅଙ୍କ ବଦଳାଇବାକୁ ହେଲେ ଏକକ ଘରର ଅଙ୍କକୁ ଦଶ ଥର ବଦଳିବାକୁ ପଡ଼ିଥାଏ, ସେହିପରି ଏହି ଅବସ୍ଥାରେ କୌଣସି ଏକ ପରିବର୍ତ୍ତନ ପାଇଁ ଦଶଥର ଭାବିବାକୁ ପଡ଼ିଥାଏ । ଚାକିରି ବଦଳାଇବାକୁ ହେଲେ, ଘର ବଦଳାଇବାକୁ ହେଲେ ମୁରବୀଙ୍କୁ ଚିନ୍ତା କରିବାକୁ ପଡ଼େ । ନୂଆ ଚାକିରି ଦରମାରେ ଚଳିହେବ ତ, ନୂଆ ଘର ଅଫିସଠୁ କେତେ ଦୂର ହବ ଇତ୍ୟାଦି ଇତ୍ୟାଦି ।

ତିନି ଅଙ୍କ ବିଶିଷ୍ଟ ସଂଖ୍ୟା - ବୁଝିପାରୁଥିବେ ଆଜ୍ଞା ଦୁଇରୁ ତିନି ଆଉ କଣ । ତା'ପରେ ଶତକ ଘରର ସଂଖ୍ୟା ବଦଳାଇବାକୁ ହେଲେ ୧୦x୧୦=୧୦୦ ଥର ଏକକ ଓ ଦଶକ ମିଶି ବଦଳେ । ମାନେ ୧୦୦ ଥର ଭାବିବାକୁ ପଡ଼େ କୌଣସି ପରିବର୍ତ୍ତନ ପାଇଁ । ଶିଶୁ ରୋଗ ବିଶେଷଜ୍ଞ କେଉଁଠି ଅଛନ୍ତି, ଆଜି ପିଲାର ଜ୍ୱର କାଲି କାଶ ସ୍ତ୍ରୀ ଅଣ୍ଟାବିନ୍ଧା, ନୂଆ ଅଫିସର ୱାର୍କ ପ୍ରେସର କିପରି, ପରିବାରକୁ ସମୟ ଦେଇ ହବ କି ନାହିଁ ଆଦି ।

 Download Magazine from www.aahwaan.com

ଚାରି ଅଙ୍କ ବିଶିଷ୍ଟ ସଂଖ୍ୟା - ଏଥର ହଜାର ଘରର ଅଙ୍କ (ମୁରବି) ବଦଳାଇବା ପାଇଁ ୧୦X୧୦X୧୦=୧୦୦୦ ଥର ଏକକ ଦଶକ ଓ ଶତକ ଘରର ସଂଖ୍ୟା ବଦଳେ । ପିଲା ବଡ଼ ହେବା ସହିତ ପରିବର୍ତ୍ତନ ଆହୁରି ଜଟିଳ ହୁଏ । ତାର ପାଠପଢ଼ା ତ । ସ୍କୁଲ ଘରଠୁ କେତେ ଦୂର ହେବ । ଅବସର ପରେ ବୃଦ୍ଧ ଓ ନିର୍ଭରଶୀଳ ବାପାମା'ଙ୍କ ପାଇଁ ସ୍ୱାସ୍ଥ୍ୟ ସେବା କେଉଁଠି ମିଳିବ । ଅମୁକ ରୋଗ ପାଇଁ କେଉଁଠି ବିଶେଷଜ୍ଞ ମିଳିବେ ଇତ୍ୟାଦି ଇତ୍ୟାଦି ହଜାରେ ଜଞ୍ଜାଳ ।

ଏହା କେବଳ ପରିବାର ପାଇଁ ନୁହେଁ, ଅଫିସରେ ମଧ୍ୟ ପ୍ରଯୁଜ୍ୟ । କିପରି ?

କ୍ରମଶଃ ........

ଓଡିଶା ସଚିବାଳୟ ସେବା ସଂଘ

ଭୁବନେଶ୍ୱର

Download Magazine from www.aahwaan.com

# ଆଉ ସେ ମଜା ନାହିଁ



ବିପ୍ର ନାରାୟଣ ଦାସ

ପିଲାବେଳେ ବାପାଙ୍କ ସହ ବୁଲିବାକୁ ଇଚ୍ଛା ହୁଏ ସାଇକେଲର ଆଗରେ ବସି । ସେ ରାବଣ ପୋଡ଼ି ହେଉ କି କେଉଁ ମେଳା ହେଉ, ସେତେବେଳେ ମନେ ହୁଏ ମୁଁ କେବେ ବଡ଼ ହେବି ଏକା ଏକା ବୁଲିବି, କିନ୍ତୁ ଆସି ସେ ସମୟ ଆସିଛି, ଓଡ଼ିଶା ନୁହେଁ ଭାରତର ବହୁତ ଜାଗା ବୁଲୁଛି, କିନ୍ତୁ ମନେ ପଡ଼ିଲେ ଲାଗୁଛି, ଆଉ ସେ ମଜା ନାହିଁ ।

ଦିନ ଥିଲା ଗୋଟେ ପ୍ୟାକେଟ୍ ଟାଇଗର୍ ବିସ୍କୁଟ୍ ପାଇଁ ଭାଇଭଉଣୀ ଭିତରେ କଳି ଲାଗିଲା ବେଳେ ମାଆର ଗାଳି, ସେତେବେଳେ ଇଚ୍ଛା ହୁଏ ପୁରା ପ୍ୟାକେଟଟା ମିଳି ଯାଆନ୍ତା କି ଏକା ଏକା ଖାଇ ଦିଅନ୍ତି । କିନ୍ତୁ ଆଜି ସେ ସମୟ ଆସିଛି । ଗୋଟେ କାହିଁକି ଶହେଟା ଆଣିଲେବି ସେ ମଜା ନାହିଁ ।

ଆଉ ଗୋଟେ କଥା ବି ମନେ ପଡ଼େ । ଘରୁ ଟଙ୍କାଟେ ମିଳିଗଲାପରେ ମୂଷାଭାଇ ଦୋକାନରୁ ବୁଟ ଚନାଚୁର୍ ଆଣି ଖାଇ ସାରିଲା ପରେ ଆଙ୍ଗୁଳି ଚାଟିବାର ମଜା ନେଲାବେଳେ ଇଚ୍ଛା ହୁଏ, କେବେ ବଡ଼ ହେବି ଗୋଟେ ପ୍ୟାକେଟ୍ ମିକ୍ସଚର୍ ଆଣି ପୁରା ଏକୁଟିଆ ଖାଇବି, କିନ୍ତୁ ଆଜି କୁର୍‌କୁରେ, ହଳଦୀରାମ୍ ଯେତେ ଖାଇଲେ ବି ସେ ମଜା ନାହିଁ ।

ସେତେବେଳେ ଛାଇଲେଉଟା ବେଳେ ମନାବା ଦାଣ୍ଡରେ ବୋହୂ ବାଗୁଡ଼ିଠୁ ଆରମ୍ଭ କରି ଲୁଚକାଳି ଖେଳରେ ମଜ୍ଜି ଯାଉଥିବା ବେଳେ ଜେଜେମାର ପିଙ୍କୁ ପିଙ୍କୁ ଡାକ ଆଉ ତାର ଚେତାବନୀ ଯେ ସନ୍ଧ୍ୟା ହେଲାଣି ଯଦି ଭଲ ଦଶା ଅଛି ତ ଘରକୁ ଆସି ବହିଧରି ବସ୍ ନହେଲେ ବାପା ଆସି ବାଡ଼େଇବେ । ସେତେବେଳେ ଇଚ୍ଛା ହୁଏ କେବେ ବଡ଼ ହେବି ଆଉ

Download Magazine from www.aahwaan.com

ମନଇଚ୍ଛା ଦିନରାତି ଖେଳିବି । ଆଜି ସେ ସମୟ ଆସିଛି, ଇଚ୍ଛା ହେଲେ ଘରକୁ ଆସୁଛି, ନହେଲେ ନାହିଁ । କିନ୍ତୁ ସତରେ ଲାଗୁଛି ଆଉ ସେ ମଜା ନାହିଁ ।

ଛୋଟବେଳେ ଗାଁ ଛକ ପାଖରେ ଛିଡ଼ା ହେଲେ ଡରଥାଏ, କାଳେ ଭାଇ ଆସିଯିବ ଆଉ ଗାଳିକରି କହିବ କାହିଁକି ଏଠି ଛିଡ଼ା ହେଇଛୁ ଯାଉନୁ ପଢ଼ିବୁ । ଆଉ ମୁଁ ଭାବେ ମୁଁ ବଡ଼ ଭାଇ ହୋଇଥାନ୍ତି କି ସବୁ ମନ ଇଚ୍ଛା କରନ୍ତି । ଆଜି ଛକରେ ଛିଡ଼ା ହେଉଛି ଆଉ ମଜାମସ୍ତି କରୁଛି ଭାଇ ବି କିଛି କହୁନି କିନ୍ତୁ କାହିଁକି କେଜାଣି ଆଉ ସେ ମଜା ନାହିଁ ।

ସମୟ ବଦଳିଛି, ମୁଁ ଆଜି ଭାରତର ରାଜଧାନୀରେ ରହୁଛି । ଘରକୁ ଗଲେ ଇଚ୍ଛା ହୁଏ ଆଜିବି ବାପାଙ୍କ ସାଇକେଲରେ ବସିବାକୁ, ତିନି ଭାଇଭଉଣୀ ଏକାଠି ମିଶି ଖାଇବାକୁ, ଛକକୁ ଯାଇ ମୂଷା ଭାଇ ଦୋକାନରୁ ମିକ୍ସଚର ଖାଇବାକୁ, ବାହାରେ ସନ୍ଧ୍ୟାବେଳେ ଜାଣି ଜାଣି ଅଧିକ ସମୟ ରହି ଜେଜେମା'ର ଡାକ ଶୁଣିବାକୁ, କିନ୍ତୁ ଆଉ ସେ ସବୁ ହେଉନି, କାହିଁକି ନା ମୁଁ ବୋଧହୁଏ ବଡ଼ ହୋଇଯାଇଛି ।

ଆର୍ଟ୍ ଡାଇରେକ୍ଟର,

ପବ୍ଲିସିସ୍ ଆଡ଼ଭର୍ଟାଇଜିଂ ପ୍ରା.ଲି., ନୂଆ ଦିଲ୍ଲୀ

ଇମେଲ୍ : bipranarayan@gmail.com

 Download Magazine from www.aahwaan.com

# ଜମିଜମା ଓ ସୀମା ସରହଦ



ଶ୍ରୀ ବୈକୁଣ୍ଠନାଥ ଖଟୁଆ

ପୃଥିବୀ ପୃଷ୍ଠରେ ଯେତେ ରକ୍ତପାତ ଘଟିଛି ସବୁ ଗୋରୁ, ଜୋରୁ, ଜଳ, ଜମି, ଜଙ୍ଗଲ ଓ ସୀମାକୁ ନେଇ ବିବାଦ ସୃଷ୍ଟି ହୋଇଛି । ବର୍ତ୍ତମାନ ସୁଦ୍ଧା ଅନେକ ଦେଶର ସୀମା ନିର୍ଦ୍ଧାରଣ କରାଯାଇ ପାରିନାହିଁ । ଯଥା ଭାରତ-ଚୀନ, ଭରତ-ପାକିସ୍ତାନ, ଚୀନ-ଋଷିଆ, ଚୀନ-କୋରିଆ, ଚୀନ-ଭଏତନାମ ଏମିତି ଅନେକ । ଏଗୁଡ଼ାକୁ ମ୍ୟାକ୍‌ମୋହନ ଲାଇନ୍, ଡୁରାଣ୍ଡ ଲାଇନ୍, ରାଡ଼କ୍ଲିଫ ଲାଇନ୍ ଇତ୍ୟାଦି କୁହାଯାଏ ।

ଯାଯାବର ଜୀବନଯାପନ ପରେ ମଣିଷ ସ୍ଥାୟୀଭାବରେ ବସବାସ କଲା । ବିରାଟ ପୃଥିବୀରେ ଅଳ୍ପ ସଂଖ୍ୟକ ଲୋକଙ୍କୁ ସୀମା ସରହଦ କ'ଣ ଆବଶ୍ୟକ ? ଯିଏ ଯେଉଁଠି ରହିପାରିଲେ ହେଲା । ସେତେବେଳେ ସୀମା ସରହଦ କିଛି ନଥିଲା । ତଥାପି ଜଣକ ଅଞ୍ଚଳରେ ଆଉ ଜଣେ ପ୍ରବେଶ କଲେ; ଲାଗୁଥିଲା ଯୁଦ୍ଧ । ଏପରିକି ପଶୁମାନେ ଦଳବଦ୍ଧ ଭାବରେ ବସବାସ କରୁଥିଲେ । ଗୋଟିଏ ସିଂହ ଦଳ ଭିତରେ, ଆଉ ଗୋଟିଏ ସିଂହ ପ୍ରବେଶ କଲେ ଦୁଇ ଦଳ ଭିତରେ ତୁମୁଳ ସଂଗ୍ରାମ ଲାଗୁଥିଲା । ଯେଉଁ ଦଳ ପରାଜିତ ହେଉଥିଲା, ସେ ସେଠାରୁ ପଳାଇ ଯାଇ ଅନ୍ୟ ଜାଗାରେ ଆଶ୍ରୟ ଲୋଡୁଥିଲା । ସମଭାବାପନ୍ନ ପଶୁ ଏକତ୍ର ବସବାସ କରୁଥିଲେ । କାହା ସହିତ କାହାର ନ ପଡ଼ିଲେ ସେ ଜାଗା ଛାଡ଼ି ଅନ୍ୟତ୍ର ପଳାଇ ଯାଉଥିଲା । ଏହା ଥିଲା କି ପଶୁ, କି ପକ୍ଷୀ, କି ମଣିଷ – ସମସ୍ତଙ୍କର ସହଜାତ ପ୍ରବୃତ୍ତି । ଏହାକୁ ହିଁ ମାନିବାକୁ ପଡୁଥିଲା । ଯଦି କେହି ଜଣେ ଜଣକ କଥା ନ ମାନିଲା ତାକୁ କହିଲେ - ଗୋଠ ଖଣ୍ଡିଆ । ତାକୁ ମାରି ମାରି ବିଦା କରି ଦେଉଥିଲେ । ଗାଁରୁ ବାସନ୍ଦ କରୁଥିଲେ ।

 Download Magazine from www.aahwaan.com

ପଶୁମାନଙ୍କଠାରୁ ଏ ସ୍ୱଭାବ ମଣିଷ ଉପଲବ୍ଧି କଲା ।

ଦିନ ଥିଲା ମଣିଷ ଜଙ୍ଗଲରେ ବୁଲୁଥିଲା । ଆବଶ୍ୟକତା କିଛି ନଥିଲା । ଯାହା ମିଳୁଥିଲା ଖାଉଥିଲା । ସ୍ଥାୟୀ ଭାବରେ ବସବାସ କଲା । ଆବଶ୍ୟକତା ଆସ୍ତେ ଆସ୍ତେ ବଢ଼ିଲା । ତା ସହିତ ନୀତିନିୟମ ମଧ୍ୟ ତିଆରି ହେଲା । ପ୍ରଥମେ ପ୍ରଥମେ ସୀମା ସରହଦ କିଛି ମାନୁ ନଥିଲେ । ପୁରାଣ ଯୁଗକୁ ଯଦି ଆମେ ଲକ୍ଷ୍ୟ କିରିବା ଭାରତକୁ ଭାରତବର୍ଷ କହୁଥିଲେ । ଏଥିରେ ଅନେକ ଭାରତ ଥିଲା । ରାଜା ଭରତ ଦୁଷ୍ମନ୍ତଙ୍କ ପୁଅ ନାମ ଅନୁସାରେ ଏ ଦେଶର ନାମ ଭାରତ । ରାଜା ଭରତ ଅନେକ ରାଜ୍ୟ ଜୟ କରିଥିଲେ । ସେ ସବୁ ରାଜ୍ୟର ନାମ ଭାରତ ରଖିଥିଲେ ।  ତେଣୁ ଏହାକୁ ଭାରତବର୍ଷ କହୁଥିଲେ । ଭାଗବତ ପୁରାଣ ଅନୁସାରେ ଋଷଭଙ୍କ ପୁଅ ଧ୍ରୁବ ତାଙ୍କ ପୁଅ ପ୍ରହ୍ଲାଦ ପୁଅ ପ୍ରିୟବ୍ରତ ତାଙ୍କ ପୁଅ ଭରତଙ୍କ ନାମ ଅନୁସାରେ ଏ ଦେଶର ନାମ ଭାରତ । ଯେମିତି ସୋଭିଏତରୁ ସୋଭିଏତ୍ "ୟୁନିୟନ" ଏହି ୟୁନିୟନ "ବର୍ଷ" ସହିତ ସମାନ । ଯେମିତି ଆମେରିକାରେ ଇଉନାଇଟେଡ଼ୁ ଲାଗଛି । ସେମିତି ଆମର ଭାରତରେ "ବର୍ଷ" ପ୍ରାନ୍ତ ଯୋଜକ ଭାବେ  "ବର୍ଷ" ଲାଗିଛି "ସମୂହ" ଅର୍ଥରେ ।

ସେତେବେଳେ ଦେଶର ସୀମା ନଦୀ ପାହାଡ଼ ପର୍ବତ ସମୁଦ୍ରକୁ ନେଇ ଧରାଯାଉଥିଲା । ମହାଦେଶ ଗୁଡ଼ିକର ସୀମା ସମୁଦ୍ରକୁ ନେଇ ଧରାଯାଉଥିଲା । ବରାହ ମିହିରଙ୍କ ଜୋତିଷ ଶାସ୍ତ୍ର ଅନୁସାରେ ସମୁଦ୍ରକୁ ସାତ ଭାଗରେ ବିଭକ୍ତ କରିଥିଲେ ଯଥା ଲବଣ ସାଗର, ସୁରା ସାଗର, ଆଉ ମଧ୍ୟ ସମଗ୍ର ପୃଥିବୀକୁ ୭ଭାଗରେ ବିଭକ୍ତ କରିଥିଲେ ଯଥା ୧. ଜମ୍ବୁ ଦ୍ୱୀପ - ଭାରତ (ଜାମୁ ଗଛ ଦେଖାଯାଏ ) ୨. ପ୍ଲକ୍ଷ ଦ୍ୱୀପ (ପଳାଶ  ବା ଅଶ୍ୱସ୍ତ ଗଛ)- ଗ୍ରୀସ୍, ୩. ଶାଲ୍ମଳୀ ଦ୍ୱୀପ - ଆଫ୍ରକା ( ଶିମୁଳି ଗଛ ଦେଖାଯାଏ ), ୪.କୁଶ ଦ୍ୱୀପ -ଇରାନ୍ ( କୁଶ

 Download Magazine from www.aahwaan.com

ଦେଖାଯାଏ ), ୫. କୌଂଚ ଦ୍ୱୀପ -କାଜଗାସ୍ତାନ (କାଂଟି ବଗ ଦେଖାଯାଆନ୍ତି ), ୬. ଶାକ ଦ୍ୱୀପ -ଇଣ୍ଡୋନେସିଆ (ଶାଗ ଗଛ ଦେଖାଯାଏ ), ୭. ପୁଷ୍କର ଦ୍ୱୀପ (ଜାପାନ) । ଯେଉଁ ଜାଗାରେ ଯାହା ଦେଖାଯାଉଥିଲା ତାହା ଅନୁସାରେ ସେହି ଜାଗାର ନାମକରଣ କରାଯାଇଥିଲା । ଏମିତି ତ ବହୁତ ଜାଗା ଅଛି ଯେଉଁଠାରେ ଯାହା ମିଳୁଛି ସେହି ଅନୁସାରେ ତା'ର ନାମ ହୋଇଛି । ପରିବେଶ ଅନୁସାରେ ଗଛ ବୃକ୍ଷ ଲତା ପଶୁ ପକ୍ଷୀ ଇତ୍ୟାଦି ରୂପ ନିଅନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ଗୋଟିଏ ପ୍ରକାରର ଜୀବଜନ୍ତୁ ପଶୁପକ୍ଷୀ ଜନ୍ମ ନିଅନ୍ତି । ଅନ୍ୟ ପରିବେଶରେ ଅନ୍ୟପ୍ରକାରର ହୁଅନ୍ତି । ପ୍ରକୃତି ଗୋଟିଏ ସୀମା ଭିତରେ କାମ କରେ । ସୀମାରେଖାାରୁ ବାହାରିଗଲେ ଅନ୍ୟ ଗୋଟିଏ ପ୍ରଜାତିର ହୁଏ । ଏଇତ ପ୍ରଭେଦ କୁକୁର ଓ ସିଂହ; ବିଲେଇ ଓ ବାଘ । ଏଇ ହେଲା ଡାରୱିନ୍ ଥିଓରି - ଅରିଜିନ୍ ଅଫ ସ୍ପେସିଜ "ଲ ଅଫ୍ ଭାରିଏସନ୍, ନେଚୁରାଲ ସିଲେକ୍ସନ ଓ ଇନିହେରିଟାନ୍ସ ଆଣ୍ଡ ଡାଇଭରସିଟି" । ଏଇ ହେଲା ପ୍ରଭେଦ । ଏହି ହେଉଛି ପ୍ରକୃତିର ସୀମା ସରହଦ୍ । ଲବକୁଶ ମଧ୍ୟରେ କୋଶଳ ଦୁଇଭାଗରେ ବିଭକ୍ତ ହୋଇଥିଲା । ଗଙ୍ଗାନଦୀକୁ ସୀମା କରି ଉତ୍ତର କୋଶଳ ଦକ୍ଷିଣ କୋଶଳ ହେଲ । ପାଟଣା ରାଜ୍ୟ ଦୁଇଭାଗରେ ବିଭକ୍ତ ହେଲା ଗୋଟିଏ ପାଟଣା ଓ ଅନ୍ୟଟି ସମ୍ବଲପୁର । ଏହାର ସୀମା ହେଲା ଗନ୍ଧମାର୍ଦ୍ଦନ ପର୍ବତ ଓ ଅଙ୍ଗ ନଦୀ । ଉଜୟିନୀ ନଗରୀ ଦୁଇଭାଗରେ ବିଭକ୍ତ ହୋଇଥିଲା ଯଥା – ୧. ଉଜୟିନର ୨. ମାହେଷ୍ମତି । ଏହି ଭଳି ଭାବରେ ସୀମା ନିର୍ଦ୍ଧାରଣ କରାଯାଉଥିଲା । ଇଂରେଜମାନେ ଓଡ଼ିଶାକୁ ଦୁଇଭାଗ କରିଥିଲେ । ମହାନଦୀ ଏହାର ସୀମାରେଖା ଥିଲା ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ । ଉତରାଞ୍ଚଳରେ ଜଣେ କମିଶନର ଓ ଦକ୍ଷିଣାଞ୍ଚଳରେ ଜଣେ କମିଶନର ଥିଲେ । ସେମାନେ ହେଲେ ୧୮୦୩ରେ ରବର୍ଟ କେର୍ ଓ ଚାର୍ଲସ ଗ୍ରୋମ୍ ପୁଣି ୧୮୦୪ରେ ଜନ୍ ମିଲିଭିଲ୍ ଓ ଜର୍ଜ ହାରକୋଟ୍ ।

 Download Magazine from www.aahwaan.com

ଏହାଥିଲା ଇଂରେଜମାନେ ଓଡ଼ିଶା ଅଧିକାର କରିବାର ପରେ ପରେ ଅର୍ଥାତ୍ ୧୮୦୩ ପରେ । ସେମିତି ଭୌମମାନେ ତୋଷାଳିକୁ ଦୁଇଭାଗ କରିଥିଲେ – ଉତ୍ତର ତୋଷାଳି ଓ ଦକ୍ଷଣ ତୋଷାଳ । ବିଶାଳ କଳିଙ୍ଗ ସାମ୍ରାଜ୍ୟକୁ ଭାଗ ଭାଗ କରାଯାଇଥିଲା । କଳିଙ୍ଗ ତୁଲ୍ଲୁ କଳିଙ୍ଗ ଓ ମଗ କଳିଙ୍ଗ । ଚୀନାମାନେ ମଙ୍ଗୋଲ ଅକ୍ରମଣର ପ୍ରତିରୋଧ କରିବାପାଇଁ ବିରାଟ ପ୍ରାଚୀର ନିର୍ମାଣ କରିଥିଲେ ( ଗ୍ରେଟ୍ ୱାଲ ଅଫ୍ ଚାଇନା ୨୩୨ ବିସି) । ପୂର୍ବଜର୍ମାନୀ ଓ ପଶ୍ଚିମ ଜର୍ମାନୀ ମଝିରେ ବାଡ଼ ପଡିଲା । ବ୍ରାଣ୍ଡେନ୍‌ସବର୍ଗ ପ୍ରାଚୀର ।

ପୃଥିବୀର ପ୍ରଥମ ସଭ୍ୟତା ମିଶରରେ ସୃଷ୍ଟି ହୋଇଥିଲା । ମିଶରରେ ବିଭିନ୍ନ ରାଜ ବଂଶ ଶାସନ କରିଥିଲେ । ମେସୋପଟମିଆର ଲୋକେ ଯାଯାବର ଥିଲେ । ଏହି ଅଂଚଳ ମରୁଭୂମି । ଖାଦ୍ୟ ଅନ୍ୱେଷଣ ପାଇଁ ଓଟ ପିଠିରେ ଏମାନେ ମାଇଲ୍ ମାଇଲ୍ ଧରି ବୁଲୁଥିଲେ । ସେମାନେ ସୀମା ସରହଦ କଥା କିଛି ବୁଝୁନଥିଲେ । ତଥାପି ମେସୋପଟମିଆରେ ଅନେକ ସଭ୍ୟତାର ସାକ୍ଷର ଆମେ ଦେଖିବାକୁ ପାଉ । ଯଥା ବେବିଲୋନିଆ, ଆକାଡ଼ିୟ ହିଟି - ଏମାନଙ୍କର ସୀମା ସରହଦ ଥିଲା । କେଉଁଠି କେଉଁ ରାଜବଂଶ ଲୋପ ପାଇଗଲେ ଅନ୍ୟ ଏକ ରାଜ ବଂଶ ଗଢ଼ି ଉଠୁଥିଲା ମେସୋପଟମିଆ ସଭ୍ୟତା ପରେ ଗ୍ରୀକ୍ ସଭ୍ୟତା ଆରମ୍ଭ ହେଲା । ଗ୍ରୀକ୍ ଓ ପର୍ଶିଆ ମଧ୍ୟରେ ଉପନିବେଶ ନେଇ ଅନେକ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ଟ୍ରୟ ଯୁଦ୍ଧଭାବେ ପରିଚିତ । ଟ୍ରୟ ଯୁଦ୍ଧର ଘଟଣା ଖ୍ରୀ.ପୂ. ୧୨୫୦ – ଏଇଟା ଗ୍ରୀକ୍ର ପାରସ୍ୟକୁ ପଦାନତ କରି ଉପନିବେଶ ସ୍ଥାପନ କରିବାପାଇଁ ଥିଲା । ଗ୍ରୀକ୍ ମାନେ କୃଷ୍ଣସାଗର ଓ ମାରମେଡ଼ୋ ସାଗର କୂଳେ କୂଳେ ଉପନିବେଶ ସ୍ଥାପନ କରିବାପାଇଁ ଏହି ଯୁଦ୍ଧ କରିଥିଲେ । ଟ୍ରୟ ନଗରୀ ଏହି ମାରମେଡ଼ା ସାଗରରୁ ଏଜିଆନ ସାଗର ପ୍ରଣାଳୀର କୂଳରେ ଅବସ୍ଥିତ ଥିଲା । ତେଣୁ ଗ୍ରୀକ୍ ମାନଙ୍କ ସମୟରେ ସୀମା ବିବାଦ ରହିଥିଲା । ଗ୍ରୀକ୍ ମାନଙ୍କର ସେମିତି

Download Magazine from www.aahwaan.com

କିଛି ଭୂଖଣ୍ଡ ନଥିଲା । ଗ୍ରୀକ୍ ହେଉଛି ଛୋଟ ଛୋଟ ଦ୍ୱୀପ ସମୂହ । ମୂଳ ଭୂଖଣ୍ଡରେ ପାହାଡ଼ ପର୍ବତ । ତେଣୁ ଗ୍ରୀକ୍ ମାନଙ୍କ ସମୟରେ ସୀମା ବିବାଦରୁ ଜଣାପଡୁଛି ସେ ସମୟରେ ସୀମା ଥିଲା । ରାମାୟଣ ଯୁଗରେ ରାମ ରାବଣ ଯୁଦ୍ଧ ହୋଇଥିଲା । ରାବଣର ରାଜ୍ୟ ଲଙ୍କାପୁରୀ । ରାମଚନ୍ଦ୍ରଙ୍କର ରାଜ୍ୟ ଜମ୍ବୁଦ୍ୱୀପ । ମଝିରେ ସୀମା ସମୁଦ୍ର ଥିଲା । ତେଣୁ ଯୁଗେ ଯୁଗେ ସୀମା ସରହଦ ଥିଲା ।  କୌଟିଲ୍ୟଙ୍କ ଅର୍ଥ ଶାସ୍ତ୍ରରୁ ଜମିର କର ବିଷୟରେ ଜଣାପଡ଼େ । ପ୍ରାଚୀନ ମଗଧ ଆଉ କୋଶଳ ମଧ୍ୟରେ ଗଙ୍ଗାନଦୀ ସୀମା ନିର୍ଦ୍ଧାରଣ ହୋଇଥିଲା । ପରେ କୋଶଳର ଘନଘନ ଆକ୍ରମଣ ଫଳରେ ଅଜାତଶତ୍ରୁ ତାଙ୍କର ରାଜଧାନୀ ଗଙ୍ଗାନଦୀକୂଳ ପାଟଣା (ପାଟଳିପୁତ୍ର)କୁ ଉଠାଇ ଆଣିଲେ ।

ମଧ୍ୟଯୁଗରେ ଦେଶର ସୀମା କେତେବେଳେ ବଢୁଥିଲା ତ କେତେବେଳେ କମୁଥିଲା । ଉଦାହରଣ ସ୍ୱରୂପ କଳିଙ୍ଗ ଦେଶର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଥିଲା । କେତେବେଳେ ସାମ୍ରାଜ୍ୟ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ  ଅନ୍ୟ ସାମ୍ରାଜ୍ୟ ସହିତ ମିଶି ଯାଉଥିଲା । ଅଶୋକଙ୍କ ସମୟରେ ଭାରତ ଏକତ୍ରିତ ହୋଇଥିଲା । ତାଙ୍କ ପରେ ତାଙ୍କ ବଂଶଧରମାନେ ଏହାକୁ ରକ୍ଷା କରିପାରିଲେ ନାହିଁ । ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା ।  ପୁଣି ସମୁଦ୍ରଗୁପ୍ତଙ୍କ ସମୟରେ ଏକତ୍ରିତ ହେଲା । ଏମିତି ଆଲ୍ଲାଉଦ୍ଦିନ ଖିଲିଜ୍ ଓ ଆକବରଙ୍କ ସମୟରେ ଭାରତ ଏକତ୍ରିତ ହୋଇଥିଲା । ରାଷ୍ଟ୍ରର ସୀମା ସରହଦର କୌଣସି ନିର୍ଦ୍ଦିଷ୍ଟତା ନଥିଲା ।  ସେହିପରି ଖଣ୍ଡ ବା ବିଶିର ସୀମା ନିର୍ଦ୍ଧାରଣ କରାଯାଇଥିଲା । ମଣ୍ଡଳର ସୀମା ମଧ୍ୟ ନିର୍ଣ୍ଣୟ କରାଯାଇଥିଲା । ଆମେ ନନ୍ଦ, ତୁଙ୍ଗ, ଭଞ୍ଜ, ଭୌମ, ଶୈଳୋଦ୍ଭବୀମାନଙ୍କ ତମ୍ବାପଟାରୁ ସୀମା ବିଷୟରେ ଆମର ଧାରଣା ହୁଏ ।  ଭାଷାଭିତିରେ ସୀମା ନିର୍ଦ୍ଧାରଣ ଆଉ ଏକ ବଳିଷ୍ଠ ମାଧ୍ୟମ ଥିଲା । ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳର ଲୋକେ ଗୋଟିଏ ନିର୍ଦ୍ଦିଷ୍ଟ ଭାଷା କହୁଥିଲେ ।

 Download Magazine from www.aahwaan.com

ଯେଉଁଠାରେ ଭାବର ଆଦାନପ୍ରଦାନ ଅଭାବ ଥିଲା ସେଠାରେ ଭାଷା ନିର୍ଦ୍ଦିଷ୍ଟ ଆକାର ଧାରଣ କରିଥିଲା । ଉଦାହରଣ ସ୍ୱରୂପ ସାନ୍ତାଳି ଭାଷା ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳରେ ସୀମିତ ଥିଲା । ସେମିତି କୁଇ ଭାଷା ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳରେ ସୀମାବଦ୍ଧ ଥିଲା । କିନ୍ତୁ ଓଡ଼ିଆଭାଷା ଗଙ୍ଗାରୁ ଗୋଦାବରୀ ସୀମାଯାଏ ବିସ୍ତାର ଲାଭ କରିଥିଲା । ଏହା କେବଳ ଗମନାଗମନ ଓ ଶାସନଗତ ଦୃଷ୍ଟିରୁ ଏକତ୍ରିତ ରହିଥିଲା । ଆଉ ମଧ୍ୟ ଲୋକମାନଙ୍କର ଆଗ୍ରହ ଗୋଟିଏ କାରଣ ଥାଇପାରେ ।

ମଧ୍ୟଯୁଗରେ ଜମିଜମାକୁ ହଳମାଳ ଆକାରରେ ମାପୁଥିଲେ । ସେହି ଅନୁସାରେ କରଧାର୍ଯ୍ୟ ହେଉଥିଲା ଜମିର ସୀମା ପୂର୍ବରେ ବଡ଼ ପଥର ପଶ୍ଚିମରେ ବରଗଛ ଉତ୍ତରରେ ନଦୀ ଦକ୍ଷିଣରେ ଦଣ୍ଡା ଏମିତି ନିର୍ଣ୍ଣୟ କରାଯାଉଥିଲା । ଏହି ବ୍ୟବସ୍ଥା କେଶରୀମାନଙ୍କ ପର୍ଯ୍ୟନ୍ତ ଥିଲା । ଗଙ୍ଗମାନଙ୍କ ସମୟରେ ଏକ ବିରାଟ ପରିବର୍ତନ ହେଲା । ଜମିଜମାର ମାପ ଗୁଣ୍ଠ ମାଣ ନଳ ଭିଆଣ ମାଧ୍ୟମରେ ଆରମ୍ଭ ହେଲା । ତଥାପି ଗ୍ରାମର କୌଣସି ନିର୍ଦ୍ଦିଷ୍ଟ ସୀମା ନଥିଲା । ଯିଏ ଯେଉଁ ଜାଗାରେ ବସତି ସ୍ଥାପନ କରିପାରୁଥିଲା ସେହି ଜମି ସେହି ଅଂଚଳର ମାଲିକ ଭାବରେ ପରିଚିତ ହେଉଥିଲେ । ଜମିର ସେତେ ଆବଶ୍ୟକତା ନଥିଲା । ଅନେକ ଜମି ଆବାଦ ନହୋଇ ପଡ଼ିରହିଥିଲା । ସେତେବେଳେ ନକ୍ସା ନଥିଲା । ପ୍ରଥମେ ଗ୍ରାମକୁ ପାଟକ ପାଟଣା କହୁଥିଲେ । ପରେ ମୁସଲମାନ୍ ମାନେ ଗ୍ରାମକୁ ମୌଜା କହିଲେ । ବିଷୟ ମଣ୍ଡଳ ଉଠିଗଲା ତା’ ଜାଗାରେ ଗଡ଼ ସୁବା ସୃଷ୍ଟି ହେଲା । କେତେଗୁଡ଼ିଏ ବିଷୟକୁ ଏକତ୍ର କରାଯାଇ ଗଡ଼ ସୃଷ୍ଟି ହେଲା । ଏହା ଗଙ୍ଗମାନଙ୍କ ସମୟରେ ହେଲା । ମୁସଲମାନମାନଙ୍କ ସମୟରେ ପୁଣି ପରଗଣା ସୃଷ୍ଟି ହେଲା । ଇଂରେଜମାନଙ୍କ ସମୟରେ ଜିଲ୍ଲା ରାଜ୍ୟ ସୃଷ୍ଟି ହେଲା । ଥାନା ଏକ ପାର୍ଶୀ ଶବ୍ଦ । ମୁସଲମାନମାନଙ୍କ ସମୟରେ ଦାରୁଗା କଟୁଆଳ ନିଯୁକ୍ତି

Download Magazine from www.aahwaan.com

ହୋଇଥିଲେ । ଥାନା କାଁ ଭାଁ ଥିଲା । ଏହି ଇଂରେଜମାନଙ୍କ ସମୟରେ ଥାନା ଡାକ୍ତରଖାନା ସ୍କୁଲ ଆଦି ସ୍ଥାପନ କରାଗଲା । ସୀମା ସରହଦ କଥା ଖୋର୍ଦ୍ଧା ରାଜାଙ୍କ ଚିଠାଉରୁ ଜଣାପଡ଼େ ଏହା ତଳେ ଦିଆଗଲ । -

"ଶ୍ରୀ ବୀର କେଶରୀ ଦେବଙ୍କର ମୀନ ୧୮ କଦିନ । ସିଦ୍ଧ ଶ୍ରୀ ବାହାଦୂର ଖାଁ ଦିଆନଙ୍କର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସମସ୍ତ ସେବକମାନଙ୍କୁ ଚିଟାଉ । ନରସିଂହପୁର ସୀମନା ପଦାମାଳ ଆଶିନ୍ ୧୮ଦିନ ଲେଖିଲୁ । ରାଜା ରଘୁଜୀଉ ମୀର ହବିବୁଲ୍ଲ ଖାଁ ଘୋଡ଼ାରେ ଅଇଲେ । ଆମ୍ଭେ ଫୁଲଝରିଠାରେ ମୁଲାକାତ୍ କଲୁ । ତାଙ୍କୁ ଦଶପଲ୍ଲା ସୀମା ବେଲପଡ଼ା ଠାରେ ପାରକରି ନରସିଂହପୁର ସୀମାରେ କରି ବଡଆମ୍ବ ଆଠଗଡ ସୀମାରେ ଘେନି କଟକ ଗଲୁଁ । ପରମେଶ୍ୱରଙ୍କୁ ସେବା କରୁଥିବ । ଆମ୍ଭେ ଏଠାରେ ଥିବାରୁ ଓଡିଶା ସରହଦକୁ ନ ଯିବାର ଜାଣିବ ।" ଭୋଇବଂଶର ରାଜାମାନଙ୍କର ରାଜ୍ୟକୁ ଓଡ଼ିଶା କହୁଥିଲେ । ରାମଚନ୍ଦ୍ରଦେବ ରାଜ୍ୟହରା ହୋଇ ଦଶପଲ୍ଲା ପରେ ନରସିଂହପୁର ଦେଇ ଯାଇଥିଲେ । ସେ ଖୋର୍ଦ୍ଧା ସୀମା ସରହଦକୁ ଯିବାକୁ ମନା କରି ଚିଠା ଲେଖିଥିଲେ ।

ସରହଦ୍ ଏକ ପାର୍ଶୀ ଶବ୍ଦ । ଗଙ୍ଗମାନେ ଯେତେବେଳେ ଗଡ଼ ସ୍ଥାପନ କଲେ ସେତେବେଳେ ଗ୍ରାମମାନଙ୍କର ସୀମା ସଦହଦ୍ ନିର୍ଣ୍ଣୟ କରାଗଲା । ହେଲେ ଏହାର ନକ୍ସା ନଥିଲା ଜମି ଉପରେ ଚିହ୍ନରଖି ନିର୍ଣ୍ଣୟ କରାଯାଉଥିଲା । ନଦୀ ନାଳ ଗୋହିରୀ ଗୋପଥ ଦଣ୍ଡାକୁ ନେଇ  ସୀମା ଧରାଯାଇଥିଲା । ମୁସଲମାନମାନେ ଦେଶକୁ ଦଣ୍ଡାରୁ ଦଣ୍ଡପାଟ ଓ ସରରୁ ସରକାରରେ ବିଭକ୍ତ କରିଥିଲେ ।  ଯଥା କୋଦିଣ୍ଡା ଦଣ୍ଡପାଟ (ବିରିବାଟୀ ଅଂଚଳ) ଜଳେଶ୍ୱର ସରକାର, କଟକ ସରକାର, ରାଜମାହେନ୍ଦ୍ରୀ ସରକାର ।  ସେତେବେଳେ ଜମିର ଆବଶ୍ୟକତା ଲୋକମାନେ ଉପଲବ୍ଧି କଲେଣି । ମନେକରନ୍ତୁ ଜଙ୍ଗଲ ଭିତରେ ଗୋଟିଏ ଗାଁ

Download Magazine from www.aahwaan.com

ଅଛି ତା'ର ସୀମା କଣ? ଚାରିପଟ ଜଙ୍ଗଲ କାହାକୁ ସୀମା ଧରାଯିବ । ସୀମା ପ୍ରଥମେ ଆରମ୍ଭ ହେଲା ସମତଳ ଜାଗାରେ ବା ନଦୀ ଅବବାହିକା ଅଂଚଳରେ । ଯେଉଁ ଗାଁର ଲୋକେ ଯେତେ ଜମି ଅଧିକାରରେ ରଖନ୍ତି ସେ ଗାଁର ସୀମା ସେତିକି ପର୍ଯ୍ୟନ୍ତ । ଗାଁର ସୀମା ରାସ୍ତାକୁ ଲାଗିକି ରଖାଯାଉଥିଲା । ରାଜ୍ୟର ସୀମା ମଧ୍ୟ ରାସ୍ତାକୁ ଲାଗି ରହୁଥିଲା । ଗାଁରେ ମଧ୍ୟ ଜଙ୍ଗଲ ରହୁଥିଲା । ଜଙ୍ଗଲ ଉପରେ ଲୋକେ ନିର୍ଭର କରୁଥିଲେ । ଗାଁର ସୀମାକୁ ଜଳାଶୟ ରହୁଥିଲା ତେଣୁ କୁହାଯାଏ ସରହଦ ସର+ହଦ= ସରହଦ । ସର ଅର୍ଥ ପୋଖରୀ ହଦ ଅର୍ଥ ଜଳ ଜମି ରହୁଥିବା ଜାଗା । ଅର୍ଥାତ୍ ସମତଳ ଅଂଚଳ । ସୀମା ବିବାଦ ନେଇ ଗଡଜାତ ରାଜାମାନଙ୍କ ମଧ୍ୟରେ ଅନେକ ଯୁଦ୍ଧ ହୋଇଛି ତାହା ଲେଖକମାନଙ୍କଦ୍ୱାରା ଲେଖା ହୋଇ ରହିଛି । ଯଥା ବଡ଼ାମ୍ବା-ନରସିଂହପୁର, ଢେଙ୍କାନାଳ-ଅନୁଗୋଳ, ଅନୁଗୋଳ-ଦଶପଲ୍ଲା, ଢେଙ୍କାନାଳ-ମଧୁପୁର, କେନ୍ଦୁଝର-ପାଲଲହଡ଼ା, ନୟାଗଡ଼-ଘୁମୁସର ବାଙ୍କୀ-ତିଗିରିଆ, ଖୋର୍ଦ୍ଧା । ଏଗୁଡ଼ାକ ବର୍ଡର ଡିସ୍ପ୍ୟୁଟ୍ କହନ୍ତ । ଏବେ ମଧ୍ୟ ଓଡ଼ିଶା-ଆନ୍ଧ୍ର, ଓଡ଼ିଶା-ପଶ୍ଚିମ ବଙ୍ଗ ଓଡ଼ିଶା ଛତିଶଗଡ଼ ମଧ୍ୟରେ ବର୍ଡର ଡିସ୍ପ୍ୟୁଟ୍ ରହିଛି ।

ଗାଁର ସୀମା ସରହଦ ୧୮୨୯ରେ ବାରହାଣ୍ଡିଆ ସାହେବ ସ୍ଥାପନ କରିଥିଲେ । ସେ ବର୍ଡର ଲାଇନ୍ ଫିକ୍ସ କରିଥିବାରୁ ତାଙ୍କୁ ବାରହାଣ୍ଡିଆ ସାହେବ କହୁଥିଲେ । ସେ ଅଳ୍ପଦିନ ପାଇଁ ଓଡ଼ିଶାର କମିଶନର ଥିଲେ । ତାଙ୍କରି ସମୟରେ ଗାଁର ସୀମା ନିର୍ଦ୍ଧାରଣ କରି ପଥର ପୋତା ଯାଇଥିଲା । ତେଣୁ ତାଙ୍କୁ ବାରହାଣ୍ଡିଆ କମିଶନର କହନ୍ତି । ୧୮୨୯ ବେଳକୁ ଜମିର ନକ୍ସା ତିଆରି ହେଲାଣି କିନ୍ତୁ ସବୁ ଜାଗାର ନକ୍ସା ତିଆରି ହୋଇନଥିଲା । ୧୯୦୦ ମସିହା ବେଳକୁ ସବୁ ଅଂଚଳର ନକ୍ସା ତିଆରି ହୋଇସାରିଲାଣି । ହେଲେ ମଧ୍ୟ ଜୟପୁର ଏଜେନ୍ସୀ ୧୯୪୭ ମସିହା ସୁଦ୍ଧା କାଡ଼େଷ୍ଟ୍ରାଲ ମ୍ୟାପ ତିଆରି ହୋଇପାରି ନଥିଲା । ସ୍ୱାଧୀନତା ପରେ

Download Magazine from www.aahwaan.com

ଓଡ଼ିଶା ସରକାର ସର୍ଭେ କରି ମ୍ୟାପ ପ୍ରସ୍ତୁତ କଲେ । ଗାଁର ସୀମା ମୌଖିକ ଭାବରେ ଥିଲା । ଯେଉଁଠି କିଛି ଗଣ୍ଡଗୋଳ ଥିଲା ତାକୁ ଠିକ୍ ଭାବରେ ତର୍ଜମା କରି ସୀମା ସରହଦ ନିର୍ଣ୍ଣୟ କରାଗଲା ।

ପୂର୍ବକାଳରେ ଗ୍ରାମମାନଙ୍କରେ ଜାଗା ପଡ଼ିରହିଥିଲା । ରାଜାମାନେ ବେଠି ଖଟାଇ ପ୍ରଜାମାନଙ୍କର ପରିଶ୍ରମରେ ଜଙ୍ଗଲ ଧୁଣ୍ଡି ଓଳାଉଥିଲେ । ଜାଗା ସଫା ରଖୁଥିଲେ । ସେତେବେଳେ ଯିଏ ଯେଉଁ ଜାଗାରେ ଯାହା କରୁଥିଲା ତାହା ତା'ର ଥିଲା । ସେତେବେଳେ ଲୋକମାନେ ଜମିର ଧାର୍ଯ୍ୟ କର ଦେଇପାରୁ ନଥିଲେ । ତେଣୁ ଲୋକେ ଚାଷ କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ । ଜାଗାକୁ ସମତଳ କରି ଚାଷ କରିବା ଏକ ସମସ୍ୟା ଥିଲା । ଗାଁର ଜମିଜମାର କର ସଂଗ୍ରହ କରିବାର ଦାୟିତ୍ୱ ଗାଁ ସର୍ବାରାକାରଙ୍କର ଥିଲା । ସେ ଲୋକମାନଙ୍କଠାରୁ କର ଶସ୍ୟ ଆକାରରେ ସଂଗ୍ରହ କରି ରାଜାଙ୍କ ଖମାରରେ ବୁଝାଉ ଥିଲେ । ରାଜାଙ୍କର ବଡ଼ ବଡ଼ ଖମାର ଥିଲା । ଏବେ ସିନା ରାଜକୋଷରେ ଟଙ୍କା ଆକାରରେ ଜମା କରାଯାଉଛି । ସେତେବେଳେ ଶସ୍ୟଆକାରରେ କର ଆଦାୟ କରାଯାଉଥିଲା । ପରେ ଏହା ଅଧେ ଶସ୍ୟ ଆକାରରେ ଆଉ ଅଧେ ଟଙ୍କା ଆକାରରେ ଦେବାକୁ ହେଉଥିଲା । ଗାଁର ସର୍ବାରାକାର ଗାଁର ସର୍ବେସର୍ବା ଥିଲେ । ସର୍ବରାକାର କାହିଁକି କହନ୍ତି ସର୍ବ+ଆକର = ସର୍ବରାକାର, ସର୍ବ ଅର୍ଥ ସବୁ, ଆକର ଅର୍ଥ କର । ଆଉ ମଧ୍ୟ ସର୍ବରୀ କହନ୍ତି । ଜଣେ ଯଦି ଗୋଟିଏ ଜମି ଚାଷ କରିଛି ଧାନ କାଟିଲା ବେଳକୁ ଗାଁର ସର୍ବାରାକାର ଆଉ ଜଣକୁ ଧାନ କାଟିବା ପାଇଁ କହି ଦେଉଥିଲା । ସେତେବେଳେ ଏହିପରି କ୍ଷମତା ସର୍ବରାକାରମାନଙ୍କର ଥିଲା । ଚାଷିମାନେ ଅନେକ ଅସୁବିଧାରେ ଚାଷ କରୁଥିଲେ । ଗାଁର ସୀମ କେତେବେଳେ ନିର୍ଦ୍ଧାରଣ କରାଯାଇଥିଲା କୁହାଯାଇ ପରିବ ନାହିଁ କାରଣ ୧୮୨୯ରେ ପ୍ରଥମେ ଭିଲେଜ

ବାଉଣ୍ଡେରୀ ନିର୍ଦ୍ଧାରଣ କରାଗଲା । ତା ପୂର୍ବରୁ ଗାଁର ସୀମା ଥିଲା । ଯାହାର ନକ୍ସା ନଥିଲା । ଚିହ୍ନ ହିସାବରେ ଗାଁ ସରହଦ ଧରାଯାଇଥିଲା । ପଥର ରାସ୍ତା ନାଳ ନଦୀ ଗୋହିରୀ ଗୋପଥ ଅଦିକୁ ନେଇ ସୀମା ନିର୍ଦ୍ଧାରଣ କରାଯାଉଥିଲା । ସୀମା ତୁଣ୍ଡେ ତୁଣ୍ଡେ ଥିଲା ।

ଜମିଜମା ମାପଚୁପ ରାଜା ଅନଙ୍ଗଭୀମଦେବ ସମୟରୁ ଆରମ୍ଭ ହୋଇଥିଲା । ଏହାର ନକ୍ସା ନଥିଲା । ଖାଲି ମୌଖିକ କର ଧାର୍ଯ୍ୟ କରାଯାଉଥିଲା । ଶେରଶାହ ମଧ୍ୟ ଜମିଜମା ବନ୍ଦୋବସ୍ତ କରିଥିଲେ । ତାପରେ ଆକବରଙ୍କ ସମୟରେ ତୋଡରମଲ୍ଲ ଜମିଜମା ବନ୍ଦୋବସ୍ତ କରିଥିଲେ ।

ଏହି ଭଳି ଭାବରେ ଭୂମିର ମୀମା ଚିହ୍ନରୁ ନକ୍ସାକୁ ରୂପାନ୍ତରିତ ହେଲା । ବର୍ତମାନ ସେହି ସୀମା ସରହଦ ରହି ଆସିଛି । ଗାଁକୁ ଜମିର ଏକକ ଭାବରେ ଗ୍ରହଣ କରାଯାଇଛି । ପ୍ରଥମେ ଯେତେବେଳେ ନକ୍ସା ପ୍ରସ୍ତୁତ ହେଲା ସେତେବେଳେ ଗାଁକୁ ଏକକ ଭାବରେ ଗ୍ରହଣ କରାଯାଇଥିଲା । ଏବେ ସୀମାରେ ଆଉ ପଥର ପୋତା ଯିବନି । ସେଟେଲମେଂଟ ପରେ ସୀମା ପଥରକୁ ଲୋକେ ଖୋଳି ନେଇ ନଷ୍ଟ କରିଦେଉଥିଲେ । ଏବେ ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍ (ଜିପିଏସ୍) ଦ୍ୱାର ଅକ୍ଷାଂଶ ଦ୍ରାଘିମାଦ୍ୱାରା ଜମିର ସୀମା ନିର୍ଦ୍ଧାରଣ କରାଯିବ । ଟିକିଏ ଏପଟ ସେପଟ ହେବ ନାହିଁ କି ପଥର ପୋତା ଯିବ ନାହିଁ । କି ପଥର ନଷ୍ଟକରିବାର ଭୟ ରହିବ ନାହିଁ । ଏବେ ପୃଥିବୀ ସଂକୁଚିତ ହେବାକୁ ବସିଲାଣି । ଦିନ ଆସିବ ପୃଥିବୀ ଏକାକାର ହୋଇଯିବ । ନଥିବ ସୀମା ବିବାଦ । ନଥିବ ମୁଁ ତୁ । ନଥିବ ଭେଦଭାବ ।

ଆର୍ଯ୍ୟମାନଙ୍କର ସେହି ମହତ ବାକ୍ୟରେ ଆମେ ଅନୁପ୍ରାଣିତ ହେବୁ ; ପୃଥିବୀକୁ "ବସୁଧୈବ କୁଟୁମ୍ବକମ"ରେ ପରିଣତ କରିବୁ ।

ଏଲ୍ - ୨୪୨ / ଫେଜ-୧, ଡୁମୁଡୁମା ହା.ବୋ. ଭୁବନେଶ୍ୱର-୧୯, (ମୋ-୯୭୭୭୧ ୪୩୪୮୫)

Download Magazine from www.aahwaan.com

# ପରିତ୍ୟକ୍ତ ପଦ୍ମିନୀ ଓ ସ୍ୱାସ୍ଥ୍ୟସେବା



ବିଜୟଲକ୍ଷ୍ମୀ ରାଉତରାୟ

ପରିତ୍ୟକ୍ତା ପଦ୍ମିନୀର ମୃତ୍ୟୁ କୈଫିୟତ ମାଗୁଛି ! ! !

ମୃତା ପଦ୍ମିନୀ ପ୍ରିୟଦର୍ଶିନୀ ନାୟକ ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ଏବଂ ଉପଯୁକ୍ତ ଚିକିତ୍ସା ଅଭାବରେ ଯନ୍ତ୍ରଣାରେ ଛଟପଟ ହୋଇ ଯକ୍ଷ୍ମା ରୋଗରେ ମୃତ୍ୟୁ ବରଣ କଲେ । ମୃତା ପଦ୍ମିନୀଙ୍କ ଘଟଣା ଗୋଟିଏ ଦିନର କିମ୍ବା ଜଣକର କାହାଣୀ ନୁହେଁ – ତାଙ୍କ ପରି ଅନେକ ଅବହେଳିତ ଯକ୍ଷ୍ମା ରୋଗୀ ମାନଙ୍କ ଗୋଟିଏ ଦୃଷ୍ଟାନ୍ତ ମାତ୍ର ତାଙ୍କ ପରି ଅନେକ ଦୁସ୍ଥ ଏମଡ଼ିଆର / ଏକ୍ସଡ଼ିଆର ଯକ୍ଷ୍ମା ରୋଗୀ ବିଭିନ୍ନ ଭାବରେ ଅବହେଳିତ ଏବଂ ପ୍ରତ୍ୟାଖାତ ହେଉଛନ୍ତି । ଜୀବନ ସେମାନଙ୍କ ପାଇଁ ବୋଝ ହୋଇ ଯାଉଛି । ଯନ୍ତ୍ରଣାକ୍ଲିଷ୍ଟ ଶରୀର ଧରି ମୃତ୍ୟୁ ପର୍ଯନ୍ତ ନିଜ ଅଜାଣତରେ ତାଙ୍କ ପରି ଅନେକ ନୂଆ ରୋଗୀ ସୃଷ୍ଟି କରି ଚାଲୁଛନ୍ତି । ଯକ୍ଷ୍ମା ପରି ସଂକ୍ରାମକ ରୋଗ ଯାହା କେଉଁ ଅନାଦି କାଳରୁ ରହି ଆସିଛି, ଆଜି ସେ ପାଇଁ ସଫଳ ମାଗଣା ଚିକିତ୍ସାର ସୁବନ୍ଦୋବସ୍ତ ଥିଲେ ମଧ୍ୟ ତଳୁ ଉପର ପର୍ଯ୍ୟନ୍ତ ସବୁସ୍ତରରେ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି, ଦାୟିତ୍ୱହୀନ ମନୋବୃତ୍ତି ହେତୁ ରୋଗ କମିବା ପରିବର୍ତ୍ତେ ଏମଡ଼ିଆର/ଏକ୍ସଡ଼ିଆର ଯକ୍ଷ୍ମା ରୋଗୀଙ୍କ ହାର ରାଜ୍ୟରେ ବଢି ଚାଲିଛି । ରୋଗ ବାବଦରେ ସଚେତନତା ଅଭାବ ସାଙ୍ଗକୁ ପ୍ରଶାସନିକ ଆନ୍ତରିକତାର ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଉତ୍ତରଦାୟିତ୍ୱର ଅଭାବ ସାଧାରଣ ମଣିଷକୁ ବିପଦରେ ପକାଉଛି । ସେଥିପାଇଁ କାହାର ନିଘା ନାହିଁ । କାରଣ ଏପରି ରୋଗୀ ମଲେ କିଏ ଜାଣୁଛି କାହିଁକି ମଲା, ସେମାନେ ଅତି ସହଜରେ ଛାଡ ପାଇଯିବେ, ଯେହେତୁ ସମସ୍ତେ ଚିକିତ୍ସା ହେଲେ ବଞ୍ଚିବେ ତା'ର ମାନେ

 Download Magazine from www.aahwaan.com

ନାହିଁ । ଏସବୁ କଥା ଅବତରଣାରେ କଲାବେଳେ କିଏ ଏହି ପଦ୍ମିନୀ, କେମିତି ତାର ମୃତ୍ୟୁ ହେଲା, ସ୍ୱାସ୍ଥ୍ୟ ବିଭାଗ କିପରି ତାକୁ ପରିତ୍ୟକ୍ତା କଲା ତାକୁ ଆପଣଙ୍କ ସାମ୍ନାରେ ରଖୁଛୁ ।

ପଦ୍ମିନୀ ପ୍ରିୟଦର୍ଶିନୀ ନାୟକ ବାପାମା'ଙ୍କ ଦ୍ୱିତୀୟ ସନ୍ତାନ । ଉପରେ ଗୋଟେ ଭାଇ ତଳେ ସାନ ଭଉଣୀ । ବାପା ସୁଦର୍ଶନ ନାୟକ ବଡଝିଅ ହିସାବରେ ତାକୁ ବହୁତ ଗେହ୍ଲା କରୁଥିଲେ । ଇଂରାଜୀ ମାଧ୍ୟମରେ ପଢୁଆ ପଦ୍ମିନୀ ୧୮ ବର୍ଷରେ ଯୁକ୍ତ ଦୁଇ ପାସ କଲା । କିଶୋରୀ ବୟସରେ ଏସ ଜଗଦୀଶ ରାଓଙ୍କୁ ଭଲପାଇ ଏମିତି ଦିନେ ତାଙ୍କ ସାଥିରେ ଘର ଛାଡିଗଲେ । ଏଥିରେ ବାପାମା' ପରିବାର ବହୁତ ଦୁଃଖୀ ହୋଇଥିଲେ ମଧ୍ୟ ଝିଅର ଇଚ୍ଛା ଲାଗି ଚୁପ ରହିଥିଲେ । କିନ୍ତୁ ଶାଶୁଘରକୁ ଗଲାପରେ ପଦ୍ମିନୀର ସ୍ୱପ୍ନ ଚୂନା ହୋଇ ଯାଇଥିଲା । ସ୍ୱାମୀ ଏସ. ଜଗଦୀଶର ରୋଜଗାରପତ୍ର କିଛି ନଥିଲା । ଭଲପାଇ ବାହା ହେଇଛି, ତେଣୁ ଯାନିଯୌତୁକ ଆଣି ନଥିଲା । ସେଥିପାଇଁ ପ୍ରଥମରୁ ଶାଶୁ ଆଖିରେ କଣ୍ଟା ହୋଇ ଖଟକୁ ଥିଲା ପଦ୍ମିନୀ । ମଦ୍ୟପ ଶଶୁର କେବେ କେମିତି ତାର ପଟ ନେଇ କହି ଦେଉଥିଲେ, ତା'ପରେ ଯଥେଷ୍ଟ କୁଭାଷା ଶୁଣିବାକୁ ପଡୁଥିଲା ପଦ୍ମିନୀକୁ । ବସ୍ତିର ଘର, ଅଶାଳୀନ ଭାଷା, ସ୍ୱାମୀର ଅବହେଳା ଭିତରେ ଅଣନିଶ୍ୱାସୀ ହୋଇ ପଡୁଥିଲା ସେ । କିନ୍ତୁ କହିବ କାହାକୁ ? ପଛରେ ଛାଡି ଆସିଛି ବାପାମା'ଙ୍କ ସ୍ନେହ ଓ ଭାଇଭଉଣୀଙ୍କ ଅଳି

ଅଝଟ । ଦିନସାରା ଖଟିଖଟି ରାତିରେ ଥକି ପଡୁଥିବା ଉପାସିଆ ଦେହଟାକୁ ବିଛଣାରେ ଲୋଟାଇ ଭବିଷ୍ୟତ କଥାଭାବି ଚମକୁ ଥିଲା ଥରକୁ ଥର ।

ଏତେ ସବୁ ଭିତରେ ଯେଉଁ ଦିନ ସେ ମା' ହବାକୁ ଯାଉଛି ଜାଣିଲା, ତାକୁ ଲାଗିଲା ଏଥର ବୋଧେ ସବୁ ଠିକ ହୋଇଯିବ, ବାପା ହେବା ନିଶାରେ ଜଗଦୀଶ କାମ କରିବ, ସ୍ୱାମୀକୁ ଭରସି କି କିଛି କହିହେବ ! ଏତେ ଦିନ ବାପ ଘରକୁ ଯାଇନି, ତାକୁ ଟିକେ ସାହସ

Download Magazine from www.aahwaan.com

ହେଲା ସେଠିକି ଯିବାକୁ । ସ୍ୱାମୀକୁ ନେଇ ଗଲାପରେ ଘର ଲୋକ ସବୁ ଭୁଲି ତାକୁ ଆଦରରେ କୋଳେଇ ନେଲେ । ସରକାରୀ ଚାକିରୀ କରୁଥିବା ତା'ର ମା ବେଳ ଅବେଳରେ ଯାଇ ଝିଅକୁ ଟଙ୍କା ୧000/୨000 ହାତରେ ଗୁଞ୍ଜି ଦେଇ ଆସୁଥିଲେ । ପ୍ରଥମ ଛୁଆ ସୁବିଧାରେ ଜନ୍ମ ହେବ, ଟିକେ ବିଶ୍ରାମ ମିଳିବ ସେଥିପାଇଁ ବାପଘରକୁ ଆସିଥିଲା । ଅକ୍ଟୋବର ୨00୯ ଝିଅ ଜନ୍ମ ହେଲା । ସବୁ ଖର୍ଚ୍ଚ ବାପାଙ୍କ ଘରେ କରିଥିଲେ । ଝିଅକୁ ନେଇ ଶାଶୁଘରେ ପହଞ୍ଚୁ ପହଞ୍ଚୁ ଚାଳ ବାଜିଲା । ପୋଷିବ କିଏ? ତିନି ତିନିଟା ଲୋକଙ୍କୁ । ନେହୁରା ହେଉଥିଲା ସ୍ୱମୀକୁ, କିଛି ତ କର । ବର୍ଷେ ଦି'ବର୍ଷ ପରେ ମା'ର ଅବସର ପରେ ଆଗଭଳି ସେପଟୁ ସେମିତି ଆଖି ଦୃଶିଆ ସାହାଯ୍ୟ ଆସି ପାରୁନଥିଲା । ପିଲା ଚଳେଇବାକୁ ମଝିରେ ମଝିରେ ବାପ ଘରକୁ କିଛିଦିନ ଲେଖାଏଁ ଚାଲି ଯାଉଥିଲା । ଶେଷରେ ଏମିତି ଗୋଟେ ଦିନ ଆସିଲା, ସବୁ ସହିବା ସୀମା ଟପି ଗଲା । ଆଉ ନୁହେଁ ଭାବି ଛୁଆଟାକୁ ଧରି ଡିସେମ୍ବର ୨0୧୧ରେ ବାପମା'ଙ୍କ ପାଖକୁ ଚାଲି ଆସିଲା ।

ଭାଇର ଚାକିରୀ ହୋଇନି, ବାପାମା' ଚାକିରୀରୁ ଅବସର ନେଲେଣି, ସାନ ଭଉଣୀର ପାଠପଢା ସେଥିରେ (ମା'ପିଲାଙ୍କ) ଦାୟିତ୍ୱ ଲଦି ଦେଲାବେଳକୁ ତା ଭିତରଟା ଗ୍ଲାନିବୋଧ ଭରି ଯାଉଥିଲା । ଝିଅର ଭବିଷ୍ୟତ ପାଇଁ ସେ ଚାକିରୀ ଖୋଜାଖୋଜି ଆରମ୍ଭ କରିଦେଲା । ଯାହାହେଉ ତାର ଇଂରାଜୀ ମାଧ୍ୟମ ପାଠପଢା ସାଙ୍ଗକୁ ଯୁକ୍ତ ଦୁଇ ପ୍ରମାଣପତ୍ର ବଳରେ ପାଖରେ ଥିବା "ହେଲ୍ଲୋ କିଡ୍‌ସ" ସ୍କୁଲରେ ଶିକ୍ଷୟତ୍ରୀ କାମ ପାଇଗଲା । ସ୍ୱସ୍ତିରେ ନିଶ୍ୱାସ ମାରିଲା ଟିକେ । ଆଉ ଦୁଇ ତିନିଟା ପ୍ରାଇଭେଟ ଟ୍ୟୁସନ ଧରିଦେଲାଆଉ ଟିକେ ଆୟ ଆଶାରେ । ଦରକାର ଥିଲେକି କାମ ଥିଲେ ସେ ଶାଶୁ ଘର ଯାଇ ଆସୁଥିଲା, ମଝିରେ ମଝିରେ ସେମାନେ ବି କେବେ ବୁଲି ଆସୁଥିଲେ ।

 Download Magazine from www.aahwaan.com

ଏମିତି ହେଲା, ଯୋଗକୁ ସେ ଯେଉଁ ପ୍ରାକ ଶୈଶବ ବିଦ୍ୟାଳୟରେ ପାଠ ପଢଉଥିଲା ସେଠି କାମ କରୁଥିବା ଜଣେ ଆୟା ଏମଡ଼ିଆର ଟିବିରେ ଆକ୍ରାନ୍ତ ଥିଲା । ପଦ୍ମିନୀ କିମ୍ବା ସେଠି ଥିବା ଅନ୍ୟ ଶିକ୍ଷୟତ୍ରୀ କାହାର ମଧ୍ୟ ରୋଗ ସମ୍ବନ୍ଧରେ ବିଶେଷ ଧାରଣା ନଥିଲା । ସେହି ବର୍ଷ ୨୦୧୨ରେ ତାର କାଶ, କଫ ସାଙ୍ଗକୁ ଜର ଦେହରେ ଲାଗି ରହିଲା । ଥଣ୍ଡା ଟିକେ ହୋଇଛି ଭାବି ପାଖ ଔଷଧ ଦୋକାନକୁ ଯେଉଁ ଡାକ୍ତରମାନେ ଆସନ୍ତି ତାଙ୍କୁ ଦେଖେଇ ଔଷଧ ଆଣି ଖାଇ ଦିଏ ।ଦିମାସ' ଔଷଧ ଖାଇ ସାରିଲା ପରେ କିଛିବି ଫରକ ନ ପଡିବାରୁ ଜଗଦୀଶ ତାକୁ କ୍ୟାପିଟାଲ ହସ୍ପିଟାଲ ନେଇଗଲା । ସେଠି ପରୀକ୍ଷାରୁ ଜଣା ପଡିଲା ତାକୁ ଟିବି ରୋଗ ହୋଇଛି । ଅଗଷ୍ଟ ୨୦୧୨ରେ ତାକୁ (ଡଟସ) କାଟେଗୋରୀ-୧ ଚିକିତ୍ସା ଦେବା ଆରମ୍ଭ ହେଲା । ତିନିମାସ ସେ ସରକାରୀ ଔଷଧ (ଡଟସ) ଖାଇଛି । କିନ୍ତୁ ସଚେତନତା ଓ ସଠିକ ପରାମର୍ଶ ଅଭାବରୁ ୨-୩ ସପ୍ତାହ ଗାଙ୍ଗଟକ ବୁଲିବା ଯାଇଥିଲା ବେଳେ ଔଷଧ ଛାଡି ଦେଇଥିଲା ।  ସେଠୁ ଆସିଲାବେଳକୁ ତା ଦେହ ବେଶୀ ବେଶୀ ଖରାପ ହେଲା । କଣ ହେଲା ବୋଲି ସେ ପୁଣି କ୍ୟାପିଟାଲ ହସ୍ପିଟାଲ ଗଲା । ସେଠି ତାକୁ ଟିକେ ସହାନୁଭୁତି ଦେଖାଇ, ସଠିକ ପରାମର୍ଶ ଦେବା ବଦଳରେ ଭଲକରି ଗାଳି ଦେବା ସହ ଅପମାନିତ କଲେ । ସେ ଜାଣି ପାରୁନଥିଲା ତାକୁ ଏମିତି ବ୍ୟବହାର କାହିଁକି କରୁଛନ୍ତି ? ବିଶେଷକରି ଚିକିତ୍ସା କରୁଥିବା ଡାକ୍ତରଙ୍କ ବ୍ୟବହାରରେ ଭାଙ୍ଗି ପଡି ସେ ନିଷ୍ପତ୍ତି ନେଲା ଯାହା ହେଇଯାଉ ସେ ପ୍ରାଇଭେଟରେ ଦେଖାଇ ଔଷଧ ଖାଇବ ସିନା ସରକାରୀ ଡାକ୍ତରଖାନା ଯାଇ ଅପମାନିତ ହେବନାହିଁ ।

ତାପରେ' ସେ ଡାକ୍ତରଙ୍କୁ ପ୍ରାଇଭେଟ କ୍ଲିନିକରେ ଦେଖାଇଲା । ସେଠି ଡାକ୍ତର କିଛି ରକ୍ତ ପରୀକ୍ଷା କରି ପ୍ରତିଦିନ କରି ୬ମାସ ପାଇଁ ଔଷଧ ଖାଇବାକୁ ଦେଲେ । ରାଣ

Download Magazine from www.aahwaan.com

ବେଳାପରି ସବୁଦିନେ ସେ ଔଷଧ ଖାଇଲା । ତଥାପି ତାର ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ଆଡକୁ ଗତିକରୁଥିଲା । ତାର ସ୍ୱାସ୍ଥ୍ୟବସ୍ଥାରେ ବିଚଳିତ ଡାକ୍ତର ବଡ ମେଡିକାଲ କଟକର ଛାତିରୋଗ ବିଭାଗ ମୁଖ୍ୟ ଡାକ୍ତର ଜ୍ୟୋତି ପଟ୍ଟନାୟକଙ୍କ ସହ ଆଲୋଚନା କରି ପଦ୍ମିନୀଙ୍କୁ ତାଙ୍କ ପାଖକୁ ପଠାଇଦେଲେ । ସେଠାରେ କିଛି ପରୀକ୍ଷା କଲାପରେ ଜଣା ପଡିଲା

ପଦ୍ମିନୀ ଭୟାନକ ଏମଡ଼ିଆର ଟିବି ରୋଗାକ୍ରାନ୍ତ । ତାପରେ' କ୍ୟାଟେଗୋରୀ-୪ର ଚିକିତ୍ସା ୨୦୧୩ ମେ ମାସରୁ ଆରମ୍ଭ ହେଲା । ସେତେବେଳେ ତାକୁ ୨୨ ବର୍ଷ ହୋଇଥାଏ । ଓଜନ ୩୫ କେଜି ଓ ଉଚ୍ଚତା ୧୬୦ ସେମି ଥିଲା । ପାଖାପାଖି ୩ମାସ ଔଷଧ ଖାଇ ସାରିଲା ବେଳକୁ ତାର' ଭୀଷଣ ଭାବେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଆରମ୍ଭ ହୋଇଗଲା । ସେ ତା'ର ଅସୁବିଧା ସମସ୍ତଙ୍କୁ ଜଣେଇଲା । DOT ଦେବା ବ୍ୟକ୍ତିଙ୍କଠୁ, କ୍ୟାପିଟାଲ ହସ୍ପିଟାଲ ଡାକ୍ତରଙ୍କ ପର୍ଯ୍ୟନ୍ତ ହେଲେ କେହି ଆଗେଇ ଆସିଲେନି ତା'ର ଅସୁବିଧା ବୁଝିବା ପାଇଁ । କିନ୍ତୁ ସେଇ ଗୋଟିଏ ଉତ୍ତର ଔଷଧର ପାର୍ଶ୍ୱପ୍ରତିକ୍ରିୟା ହେବ, ହେଲେ ରୋଗୀର ଅସୁବିଧାରେ ଚିକିତ୍ସକଙ୍କ ସଂବେଦନଶୀଳତା କିଛି ନାହିଁ କିଏ ଖାତିର କରୁଛି ରୋଗୀକୁ । ଯଦିଓ ଏହି ଚିକିତ୍ସା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବା କଥା କିନ୍ତୁ ସେସବୁ କିଛି ତା କ୍ଷେତ୍ରରେ କରାଗଲା ନାହିଁ (କେଉଁଠି ମଧ୍ୟ ତତ୍ତ୍ୱାବଧାନ କରନ୍ତିନି) । ଏମିତି ସମୟ ଆସିଲା କଷ୍ଟ ବେଶି ଅସହ୍ୟ ହେଲା ବେଳକୁ ସେ ଔଷଧ ଫୋପାଡି ଦେଉଥିଲା ଅନେକ ସମୟରେ । ଏପରିକି ପରିବାର ଲୋକ ଏସବୁ ଜାଣି ପାରୁନଥିଲେ । କିମ୍ବା ଔଷଧ ସେ ଠିକ ଖାଉନି ଏ ବାବଦରେ କାହାକୁ କହୁନଥିଲେ । ଏସବୁ ଭିତରେ ସେ ସ୍କୁଲ ଯାଉଥିଲା । ଟିଉସନ କରାଉଥିଲା । ତାର' ଔଷଧ, ପରୀକ୍ଷା ନିରୀକ୍ଷା ଖରଚ ଦିନକୁ ଦିନ ବଢୁଥିଲା, ତେଣୁ ନିଜର ସୀମିତ ଆୟକୁ ଟିକେ ବଢାଇବାପାଇଁ ଆଉ ଜଣେ ମହିଳାଙ୍କ ସାଙ୍ଗରେ ମିଶି ବ୍ୟୁଟିକଟେ ଖୋଲିଲା । କିନ୍ତୁ

ଇଂଜେକସନ ନେବା କିମ୍ବା ସମୟରେ ଯାଇ କଫ କଲଚର କରିବାରେ ହେଳା ହୋଇନି ।

୧୭ ନଭେମ୍ବର ୨୦୧୪ରେ ଜଣାପଡିଲା ତାକୁ ଭୀଷଣ ସାଂଘାତିକ ଏକ୍ସଡ଼ିଆର ଟିବି ହୋଇଛି । ପରିବର୍ତ୍ତିତ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ତରଫରୁ ଏଥର ତାକୁ କ୍ୟାଟାଗୋରୀ-୫କୁ ପରିବର୍ତ୍ତନ କରି ଦିଆଗଲା । ଏତେ ବେଳକୁ ତାର ଓଜନ ୨୬ କେଜି ହୋଇ ଯାଇଥିଲା । ଏସବୁ ସତ୍ତ୍ୱେ ସବୁ ପ୍ରତିବନ୍ଧକକୁ ଏଡାଇ ସ୍କୁଲରେ (ତିନିଟା ସ୍କୁଲ ପରିବର୍ତ୍ତନ) କାମ, ଟିଉସନ, ବ୍ୟୁଟିକ କଥା ବୁଝୁଥିଲା । ତାକୁ କିମ୍ବା ତାର ପରିବାର ଲୋକଙ୍କୁ କେହି ଜଣାଇ ନଥିଲେ, ତାର ଏ ଅବସ୍ଥାରେ ସ୍କୁଲରେ ପିଲାଙ୍କ ସହ ମିଶିବା ଠିକ ନୁହେଁ । ତା ପାଇଁ ବିଶ୍ରାମ ବହୁତ ଦରକାର  କିମ୍ବା ବାହାରକୁ ବେଶି ଯିବା ଆସିବା କଲେ ଅନ୍ୟାନ ବାହ୍ୟ ପ୍ରଦୂଷଣ ରୋଗକୁ ବେଶୀ ଖରାପ କରିବ ।

ମାର୍ଚ୍ଚ ୨୦୧୫ରେ ତାର ଶ୍ୱାସ ପ୍ରଶ୍ୱାସ କାମ କଲାନାହିଁ । ଘରଲୋକେ ତାକୁ ବିକଳରେ କ୍ୟାପିଟାଲ ହସ୍ପିଟାଲ ନେଇଗଲେ । ଦୁର୍ଭାଗ୍ୟକୁ ସେଇ ପୁରୁଣା ଅଭ୍ୟାସ ସଂକଟାପର୍ନ୍ନ ରୋଗୀଙ୍କୁ ବଡ ମେଡିକାଲକୁ ରେଫର କରିଦେଇ ହାତ ଝାଡିଦେଲେ କାମ ସରିଲା । ସେରାତିରେ ମଧ୍ୟ ଠିକ ସେଇକଥା ହେଲା । ସେଭଳି ଅବସ୍ଥାରେ ତାକୁ ଏତେ ଦୂର କଟକ ନେବା ସମ୍ଭବ ନଥିଲା । ତେଣୁ ତାକୁ ନିକଟସ୍ଥ ବିବେକାନନ୍ଦ ହସପିଟାଲରେ ୧୬ ମାର୍ଚ ୨୦୧୫ରେ ଘରଲୋକେ ଏଡମିଟ କରିଦେଲେ । ପ୍ରଥମ ଥର ସ୍ୱାମୀ ଏବଂ ଶାଶୁଘର ପରିବାର ଲୋକେ ତାକୁ ଦେଖିବାକୁ ଆସିଥିଲେ ତା ସାଙ୍ଗକୁ ଚିକିତ୍ସା ଖର୍ଚ୍ଚ ପାଇଁ କିଛି ଆର୍ଥିକ ସହାୟତା ମଧ୍ୟ କରିଥିଲେ । ୧୮ ମାର୍ଚ୍ଚ ୨୦୧୫ରେ   ଯେତେବେଳେ ସେ ଡିସ୍‌ଚାର୍ଜ ହେଲା ବହୁତ ଖୁସିହେଲା ଭାବିଲା ଏବେ ବୋଧେ ସବୁ ଠିକ ହୋଇଯିବ । ୟା ପରଠୁ   ତା'ର ବାହାରକୁ ଯିବା, କାମ କରିବାପାଇଁ ବାପା ପୁରା ମନା କରିଦେଲେ । ତା ଦେହ ଖରାପର

 Download Magazine from www.aahwaan.com

ସୁଯୋଗ ନେଇ ଭାଗୁଆଳୀ ସ୍ତ୍ରୀ ଲୋକ ପୁରା ବ୍ୟୁଟିକ ହାତେଇ ନେଲା । ବାପାମା, ଭାଇ ଭଉଣୀ ସାହସ ଦେଲେ । କେମିତି ସବୁ ଔଷଧ ନିୟମିତ ଖାଇବ ସେ ଔଷଧ ଦେବାର ଦାୟିତ୍ୱ ମା' ନେଇଗଲେ । ଅତ୍ୟଧିକ ଶକ୍ତିଶାଳୀ ଏକ୍ସଡ଼ିଆର ଟିବିର ଚିକିତ୍ସାର ଭୀଷଣ ପାର୍ଶ୍ୱ ପ୍ରତିକ୍ରିୟା ସମସ୍ତେ ଜାଣନ୍ତି । ଅତ୍ୟଧିକ ବାନ୍ତି, ତରଳଝାଡ଼ା, ଦୁର୍ବଳତା, ମୁଣ୍ଡ ବୁଲେଇବା, ପ୍ରଶ୍ୱାସ ନେବାରେ କଷ୍ଟ, ଶରୀରରେ ଅତ୍ୟଧିକ ପୀଡା ସବୁଦିନେ ଲାଗି ରହୁଥିଲା କିନ୍ତୁ ରୋଗକୁ ହରେଇବାର ପ୍ରବୃତ୍ତି ତା' ଭିତରେ ଦୃଢ ହୋଇଥିଲା । ସେ ଔଷଧ ପୁରା ନିୟମିତ ଖାଉଥିଲା । ଜୁଲାଇ ୨୦୧୫ରେ ତା' ଚିକିତ୍ସାର ଇନ୍‌ଟେନସିଭ ପର୍ଯ୍ୟାୟ ସରିଯାଇଥିଲା ।

ନିର୍ଦ୍ଧାରିତ ସମୟରେ ନିୟମିତ କ୍ୟାପିଟାଲ ହସପିଟାଲ ଯାଇ ଆବଶ୍ୟକୀୟ କଫ, LFT, Urea, Creatinine, CBC ଇତ୍ୟାଦି ଟେଷ୍ଟ କରାଉଥିଲା । ତା'ର ଔଷଧ କଳ୍ପନା ଡ଼ିସପେନସରିରୁ ଆଣୁଥିଲା । ପରିବର୍ତ୍ତିତ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମର ନିର୍ଦ୍ଦେଶାବଳୀ ଅନୁଯାୟୀ ଯଦିଓ ସବୁ ପରୀକ୍ଷା ଦେୟ ମୁକ୍ତ କିନ୍ତୁ ଅନେକ ଟେଷ୍ଟ ପାଇଁ ତାକୁ ପୁରା ପ୍ରାପ୍ୟ ଦେବାକୁ ପଡୁଥିଲା । ପ୍ରଥମେ କିଛି ପରିମାଣରେ ତାର ଶାରୀରିକ ସୁଧାର ଜଣା ପଡୁଥିଲା ପ୍ରାୟ ଅକ୍ଟୋବର ୨୦୧୫ ପର୍ଯ୍ୟନ୍ତ । କିନ୍ତୁ ତା ପରଠାରୁ କ୍ରମାଗତ ଭାବେ ତା'ର ସ୍ୱାସ୍ଥାବସ୍ଥାରେ ଦ୍ରୁତ ଅବନତି ଘଟିଲା । ଠିକ ସେ ସମୟକୁ ସ୍ୱାମୀର କେବେ କେମିତି ଆସିବାଟା ପୁରା ବନ୍ଦ ହୋଇଗଲା । ଫୋନରେ ସମ୍ପର୍କ ମଧ୍ୟ ରହିଲା ନାହିଁ । ସମ୍ପୂର୍ଣ୍ଣ ଦୂରେଇ ଗଲା । ଶାଶୁଘର ଲୋକ କେବେ କେମିତି ଯେଉଁ ଆସୁଥିଲେ ସେମାନଙ୍କର ଆସିବା ବନ୍ଦ ହୋଇଗଲା । ତା ଝିଅ ଏବଂ ସେ ତାଙ୍କ ପାଇଁ ଅଲୋଡା, ଆଖୋଜା ହୋଇଗଲେ । ରୋଗର ଦାଉ ସାଙ୍ଗକୁ ସମ୍ପର୍କର ନିଷ୍ଠୁରତା ଭିତରେ ଭିତରେ କୋରି ଖାଉଥିଲା ।

 Download Magazine from www.aahwaan.com

ତଥାପି ସେ ଆଶା ଛାଡିନଥିଲା । ଦୃଢମନା ଅଦମ୍ୟ ସାହସୀ ପଦ୍ମିନୀ ମନସ୍ଥିର କରିଥିଲା, ଯେତେ ଯାହାହେଉ ସେ ପୁରା ଚିକିତ୍ସା ନେବ, ଔଷଧ ଖାଇବ, ଭଲ ହୋଇଯାଇ ତା ଝିଅକୁ ଏକା ଏକା ମଣିଷ କରିବ । ନହେଲା ନାହିଁ ମୁଁ ହିଁ ମୋ ଝିଅର 'ବାପା ଆଉ ମା' । ମନକୁ ମନ ପଣ କରିଥିଲା । ହେଲେ ଦିନକୁ ଦିନ ତାର ଓଜନ କମି ଯାଉଥିଲା । ପ୍ରଶ୍ୱାସ ନେବାରେ ଭୀଷଣ କଷ୍ଟ ଅନୁଭବ କରୁଥିଲା ।

ମେ ୨୦୧୬ ବେଳକୁ ତା'ର ସ୍ଥିତି ପୁରା ଖରାପ ଆଡକୁ ଗତିକଲାଣି । କଟକ ବଡ ମେଡିକାଲ ଡିଆରଟିବି ୱାର୍ଡରେ ୩୧ମେ ୨୦୧୬ରେ ଏଡମିଶନ ନେଲା । ସେଠି ପନ୍ଦର ଦିନରୁ ଅଧିକା ରହିଲା । ୧୮ ଜୁନରେ ୨୦୧୬ ଡିସ୍‌ଚାର୍ଜ ହୋଇ ଘରକୁ ଆସିଲା । ସେ ପୁରା କତରାଲଗା ହୋଇଯାଇଥାଏ । ହସପିଟାଲ ବେଡ ପରି ସ୍ୱତନ୍ତ୍ର ଲୁହା ବେଡ୍ ଟେ ବାପା କିଣି ଆଣିଥିଲେ । ଅକ୍ସିଜେନ ଲଗାଇବା ଏବଂ ତାକୁ ଟିକେ ଉଠାଇକରି ରଖିବା ପାଇଁ ସୁବିଧା ହେବ ଆଶାରେ । ୧୯ ଜୁନରେ ସେଇ ବେଡ ଉପରେ ଶୋଇଥିବା ଅବସ୍ଥାରେ ତାର ୨୫ତମ ଜନ୍ମଦିନ ସାଙ୍ଗସାଥିମାନେ ଆସି ଘରଲୋକଙ୍କ ସହ ପାଳନ କରିଥିଲେ । ସେତେବେଳେ କିଏ ଜାଣିଥିଲା, ସେଇଟା ହିଁ ହେବ ତା'ର ଶେଷ ଜନ୍ମଦିନ । ଘରେ ସେ ପୁରା ଅକ୍ସିଜେନ supportରେ ରହୁଥିଲା । ତାର ସବୁ ନିତ୍ୟକର୍ମ ବେଡରେ କରାହେଉଥିଲା । ଦିନ ରାତି ବାପା ତାକୁ ଜଗି ଖଟ ନିକଟରେ ତଳେ ଶୋଉଥିଲେ । ସେ ପଡି ରହିଥିଲା ଅସ୍ଥିକଙ୍କାଳସାର, ନିଷ୍ପନ୍ଦ ମଣିଷଟିଏ ମୃତ୍ୟୁକୁ ଅପେକ୍ଷା କଲାଭଳି । କଥା ହେବାକୁ ଚେଷ୍ଟା କଲେବି ଆଉ ଶବ୍ଦ ଶୁଭୁ ନଥିଲା । ନିସ୍ତେଜ ଶରୀରରେ ବଡ ବଡ ଆଖି ଦୁଇଟା ଅନେକ ବ୍ୟଥା ବେଦନାକୁ କି ଆବଶ୍ୟକତାକୁ କୌଣସି ମତେ ପ୍ରକାଶ କରୁଥିଲା । ତା'ର ଏପରି ଅବସ୍ଥା ଔଷଧ ଯେ କାମ କରୁନାହିଁ ସେକଥା ବୁଝି ପାରୁଥିଲା ସମାଜସେବୀ ଜଣକ ତେଣୁ

 Download Magazine from www.aahwaan.com

ପରିବାର ଲୋକଙ୍କୁ କହିଥିଲା extended Drug Sensitivity Testing DRTB ସେଣ୍ଟରରେ କରିବାପାଇଁ । ଅନ୍ତତଃ ଆଉ କେଉଁ ଔଷଧ ତା ଦେହରେ କାମ କରୁନାହିଁ ଜଣା ପଡିଲେ ହୁଏତ ଆଉ ଟିକେ ଉନ୍ନତ ଚିକିତ୍ସା କରି ଅବସ୍ଥାରେ ସୁଧାର ପାଇଁ ଚେଷ୍ଟା କରାଯାଇ ପାରିବ । ହେଲେ କାହାର କଣ ଯାଉଛି, ଅଯଥାରେ ପରୀକ୍ଷା କରି ଝମେଲାରେ ପଶିବେ । ପୁଣି ଓଡ଼ିଶାରେ TDR-TB କେସ ହେଲାଣି ଜଣା ପଡିବ, ତା ଅପେକ୍ଷା ଦାୟିତ୍ୱ ଜୁଆଳୀରୁ କାନ୍ଧ ଖସେଇ ଦେଲେ । ସେ ଏକୁଟିଆ ପଡି ରହିଥିଲା ବିଲକୁଲ ଏକଲା, ଯନ୍ତ୍ରଣାରେ ଖିନଭିନ ହେଉଥିବା ଦୁର୍ବଳ ଦେହରେ ଆଖିରୁ ଲୁହ ଟିକେ ଝରାଇ ପାରୁ ନଥିଲା ।

୨୨ ଜୁନରେ ପୁଣି ପରିସ୍ଥିତି ଘରେ ଅଣାୟତ ହେବାରୁ DRTB-Centerରେ ଏଡମିଟ ହେଲା । ସେତେବେଳକୁ ସମସ୍ତଙ୍କ ବ୍ୟବହାର ଦେଖି ସେ ଭାବୁଥିଲା ଧିରେ ଧିରେ ତା' ଜୀବନ ସମସ୍ତଙ୍କ ପାଇଁ ଯେମିତି ଅଯଥା ବୋଝ ହୋଇଯାଉଛି । DRTB-Centerରେ ଯେପରି ଭାବରେ ତାକୁ ଚିକିତ୍ସା କରୁଥିଲେ, ଯେମିତି ବ୍ୟବହାର ସେଠି ଦେଖାଉଥିଲେ, ନିଜକୁ ସଂକୁଚିତ ମନେ କରୁଥିଲା । ପୁରା ଗୋଟେ ହତାଶ ବୋଧ ତାକୁ କବଳିତ କରୁଥିଲା । କଣ ହେବ ତା' ଝିଅର । ତାର ସଂକ୍ରମିତ ଫୁସଫୁସ ଅପରେଶନ ଦରକାର କରୁଥିଲା, ତାର ଓଜନ ମାତ୍ର ୨୨ କେଜି ଥାଏ । ସତେ ଯେମିତି ସେ ଗୋଟାଏ ପ୍ରତିକ୍ରିୟା ଶୂନ୍ୟ ଶରୀର ଏ ପରୀକ୍ଷା ସେ ପରୀକ୍ଷା ପାଇଁ କଙ୍କାଳ ଶରୀରକୁ କିଏ ଆସି କେମିତି ଫୋଡି ପକାଉଥିଲେ, ଯନ୍ତ୍ରଣାରେ ସେ ବାପାଙ୍କୁ ଅନୁରୋଧ କଲା ବାପା ଆଉ ନୁହେଁ, ମୋତେ ଘରକୁ ନେଇଯାଅ । ୧ ଜୁଲାଇ ୨୦୧୬ରେ ଡିସ୍‌ଚାର୍ଜ ହୋଇ ଘରକୁ ଫେରି ଆସିଲା ।

ଘରେ ନିୟମିତ ଅକ୍ସିଜେନ, nebulizer, ସାଲାଇନ ଓ ଯାବତୀୟ ଔଷଧ injection ଦିଆ ଚାଲିଥାଏ । ସେଦିନ ଥିଲା ଶୁକ୍ରବାର ଜୁଲାଇ ୮ ତାରିଖ । ପାଖ ଔଷଧ ଦୋକାନରୁ

Download Magazine from www.aahwaan.com

ଦୁଇଜଣ nurse ଆସିଥାନ୍ତି ଇଂଜେକସନ ଦେବାପାଇଁ । ଘଣ୍ଟା ଘଣ୍ଟା ଭେନ ପାଇବାପାଇଁ ତାର ନିସ୍ତେଜ ଶରୀରକୁ ଫୋଡି ଚାଲିଥାନ୍ତି । ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ କ୍ଷୀଣ ପ୍ରତିବାଦ ବାହାରି ଆସିଲା 'ଛାଡିଦିଅ ମୋତେ' । ସାରା ରାତି ତାକୁ ଅକ୍ସିଜେନ ଦିଆ ହେଉଥିଲା । ଶନିବାର ୯ ଜୁଲାଇ ବଡି ସକାଳୁ ସମାଜସେବୀ ଜଣକ ଫୋନ ପାଇଲେ । ପଦ୍ମିନୀ ଅସ୍ପଷ୍ଟ ସ୍ୱରରେ ମା'ଙ୍କୁ କହୁଥାଏ, କହ ଦିଦି ଆସିବେ । ଟିକେ ଇଂଜେକସନ ଦେଇଦେବେ । ସେ ଅବସ୍ଥାରେ କେବଳ DRTB-Center ଯିବା ତା'ର ବହୁତ ଆବଶ୍ୟକ ଥିଲା । ପରିବାର ଲୋକଙ୍କୁ ବୁଝେଇଲା ପରେ ତୁରନ୍ତ ସେମାନେ ସେଠିକି ନେଇଗଲେ । କିନ୍ତୁ ସେଇ ଏକା ଶନିବାର ଦିନ ମଧ୍ୟ ରାତ୍ରୀରେ ବାପା ଥାଇ ନଥିଲା ପରି ୭ ବର୍ଷ ଝିଅଟିକୁ ସବୁଦିନ ପାଇଁ ଛେଉଣ୍ଡ କରି ଆଖି ବୁଜିଦେଲା ପଦ୍ମିନୀ ।

ସେ ଏକ ଦୃଢ ମନୋବଳ ଥିବା ସାହସୀ ଏବଂ ଲଢୁଆ ଝିଅ ଥିଲା - ଶେଷରେ ସେ ହାରିଗଲା । ମୁଣ୍ଡ ନୁଆଁଇ ଦେଲା ବେଦରଦୀ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଭୟାନକ ନିର୍ଦ୍ଦୟ ବେମାରୀ, ସ୍ୱାର୍ଥପର ସ୍ୱାମୀ ଏବଂ ଶାଶୁଘର ଲୋକେ ତଥା ସାରା ଦୁନିଆ ଆଗରେ ।

ଆମେ ଏକ ସଭ୍ୟ ସମାଜ ହିସାବରେ ତଳ ପ୍ରଶ୍ନ ଗୁଡିକ ଉପରେ ଚିନ୍ତା କରି ତାର ଉତ୍ତର ଖୋଜିବା ନିହାତି ଆବଶ୍ୟକ:

- କେମିତି ଓ କିପରି ଭାବରେ ଦୁଇଦୁଇ ଜଣ ସାଂଘାତିକ ଏମଡ଼ିଆର ପେସେଣ୍ଟଙ୍କୁ (ପଦ୍ମିନୀ ଏବଂ ଆୟା)ଜାଣୁ ଜାଣୁ ଛୋଟ ଛୋଟ କଅଁଳ ପିଲାମାନଙ୍କ ସହ କାମ କରିବାକୁ ଅନୁମତି ଦେଲେ ? କାହିଁକି କର୍ମସ୍ଥଳୀରେ ନିରାପତ୍ତା ନିୟମ ଉପରେ ପରାମର୍ଶ ସେବା ବ୍ୟବସ୍ଥାକରାଯାଉନାହିଁ ?
- କାହିଁକି ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଚିକିତ୍ସକ ବା ଅନ୍ୟ ସେବା ପ୍ରଦାନକାରୀ ରୋଗୀ

 Download Magazine from www.aahwaan.com

ମାନଙ୍କୁ ଏପରି ଅମାନୁଷିକ ପ୍ରତିକ୍ରିୟାଶୀଳ ବ୍ୟବହାର କରୁଛନ୍ତି, ଯେଉଁଥିପାଇଁ ସାଧାରଣ ଗରିବରୋଗୀ ମଧ୍ୟ ବାଧ୍ୟହେଉଛି ବନ୍ଧାଛନ୍ଦା ପଡୁ ପଛେ ପଇସା ଦେଇ କେଉଁଠି ପ୍ରାଇଭେଟରେ ଚିକିତ୍ସା ହେବ ସିନା ସରକାରୀ ଡାକ୍ତରଖାନାରେ ଯାଇ ଅପମାନ ପାଇବନି ।

- ନିୟମାବଳୀ ଅନୁଯାୟୀ ସାମାଜିକ ସହାୟତା, ଉତ୍ସାହିତ କରିବା, ରୋଗୀ ଏବଂ ପରିବାରଙ୍କୁ ସଚେତନ କରିବା, ସେମାନଙ୍କୁ ପରାମର୍ଶ ଦେବାର ସମସ୍ତ ବ୍ୟବସ୍ଥା ଥିଲେ ମଧ୍ୟ କେଉଁଥିପାଇଁ କାର୍ଯକାରୀ ହେଲା ନାହିଁ ?
- ଏପରିକି ମାର୍ଚ୍ଚ ୨୦୧୫ରେ ଯେତେବେଳେ ଔଷଧ ଇଂଜେକସନ ସମୟରେ ନେଲାପରେ ମଧ୍ୟ ତାର ଅବସ୍ଥା ଖରାପ ହେଲା, ସେଠି ସ୍ୱାସ୍ଥ୍ୟ ବ୍ୟବସ୍ଥା ନିଜ ତରଫରୁ ସ୍ୱତଃସ୍ଫୁର୍ତ୍ତ ଭାବରେ ସବୁ ଔଷଧର extended DST କରିବାର ଥିଲା । ତାହେଲେ ଅନ୍ତତଃ ଯେଉଁ ଔଷଧ ତା ଶରୀର ଟିବି ଜୀବାଣୁକୁ ମୁକାବିଲା କରିପାରିବ ତାକୁ ସେ ଖାଇପାରିଥାନ୍ତା । ପରିତାପର କଥା ମଲା ପର୍ଯ୍ୟନ୍ତ ଏହି ପରୀକ୍ଷା କଲେନାହିଁ, କାହିଁକି କଲେନି, କେଉଁଥିପାଇଁ କଲେନି ?
- ଏପରି ରୋଗୀକୁ ଘରେ ରଖି ଚିକିତ୍ସା ଦିଆ ଯାଉଥିଲେ ମଧ୍ୟ କାହିଁକି ଘନିଷ୍ଠ ଲୋକମାନଙ୍କ active contact tracing କରି ନଥିଲେ ?
- ଓଜନ ୨୨କେଜି କିମ୍ବା ତାଠୁ କମ ଥିଲାବେଳେ କେଉଁ ହିସାବରେ 26-45 kg weight bandର ଔଷଧ ଖାଇବାକୁ ଦେଉଥିଲେ ?
- କାର୍ଯକ୍ରମରେ ସବୁ ପରୀକ୍ଷା ମାଗଣା ହେବା କଥା, କିନ୍ତୁ କାହିଁକି ଅନେକ ଟେଷ୍ଟ ପାଇଁ ତାଙ୍କୁ ଟଙ୍କା ଦେବାକୁ ପଡିଥିଲା ?

Download Magazine from www.aahwaan.com

- କାହିଁକି ତାଙ୍କୁ ଆନୁଷଙ୍ଗିକ ଔଷଧ ଏବଂ ଟେଷ୍ଟ ଯାହା ଲେଖୁଥିଲେ, ସେପାଇଁ ରୋଗୀକୁ ଖର୍ଚ୍ଚ ଅର୍ଥ ଫେରସ୍ତ କରାଗଲା ନାହିଁ ?
- କାହିଁକି DRTB Centerରେ ଜଣେ ସାଂଘାତିକ ରୋଗୀକୁ ଡାକ୍ତର ଦେଖିବେନି ? ଏମିତିକି ଯଦି କେବେ କ୍ଷଣିକ ଦେଖା ପାଇଁ ଆସିଗଲେ କଥା ପଦେ ହେବେନି ତହିଁକୁ ରୋଗୀ ଛାତିରେ stethoscope ଦେଇ ପରୀକ୍ଷା କରିବା କଥାତ ଛାଡ !

ପଦ୍ମିନୀର ମୃତ୍ୟୁ ଆମ ସମସ୍ତଙ୍କ ପାଇଁ ଏକ ଖୋଲା ଆହ୍ୱାନ । ପଦ୍ମିନୀର ଅନାଥ ଝିଅ ଆପଣ ସମସ୍ତଙ୍କ ସଂବେଦନଶୀଳତାକୁ ପ୍ରଶ୍ନ କରୁଛି ।

ସହଯୋଗ ଅନୁଷ୍ଠାନ,
୯୬, ସୂର୍ଯ୍ୟନଗର, ପ୍ରଥମ ମହଲା
ଭୁବନେଶ୍ୱର

Download Magazine from www.aahwaan.com

# ଏଣ୍ଟିରୋମାଣ୍ଟିକରେ ମାନବବାଦ



ଅଧ୍ୟାପିକା ରଞ୍ଜିତା ପାତ୍ର

## କଥାକାର ବସନ୍ତ ଶତପଥୀଙ୍କ 'ଏଣ୍ଟିରୋମାଣ୍ଟିକ୍'ରେ ମାନବବାଦର ସ୍ୱର

ମୟୂରଭଞ୍ଜ ମାଟିର ବରପୁତ୍ର ବସନ୍ତ କୁମାର ଶତପଥୀ । ସେ ୧୯୧୩ ମସିହା, ଜୁନ୍ ମାସ ୨୭ ତାରିଖରେ ଜନ୍ମ ଗ୍ରହଣ କରନ୍ତି । ପିତା ଭୋଳାନାଥ ଓ ମାତା ରୁକ୍ମିଣୀ ଶତପଥୀଙ୍କ ସୁଯୋଗ୍ୟ ପୁତ୍ର କେବଳ ନୁହନ୍ତି ବରଂ ଓଡ଼ିଶାମାଟିର ଯୋଗ୍ୟତମ ସନ୍ତାନ । ଶିକ୍ଷା, ସଂସ୍କାର ଓ ସାହିତ୍ୟ ସୃଷ୍ଟିରେ ଥିଲେ ସର୍ବଗୁଣସମ୍ପର୍ନ୍ନ । ତେଣୁ ୧୯୩୭ ମସିହାରେ ରେଭେନ୍ସା କଲେଜ ତାଙ୍କୁ ସମ୍ମାନଜନକ 'ରାୟବାହାଦୁର ଜାନକୀନାଥ' ପୁରସ୍କାର ପ୍ରଦାନ କରିଥିଲେ । ସମୟକ୍ରମେ ତାଙ୍କର ବୃତ୍ତି ଓ କୃତିତ୍ୱ ପାଇଁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର । ୧୯୭୭ ମସିହାରେ ଓଡ଼ିଶା ସାହିତ୍ୟ ଅକାଦମୀ ପୁରସ୍କାର, ପ୍ରଜାତନ୍ତ୍ର ସମିତି ଦ୍ୱାରା ଯଥାକ୍ରମେ ୧୯୬୪, ୧୯୬୮ ଓ ୧୯୭୨ରେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ଶାରଳା ସମ୍ମାନ ସହିତ ଅନ୍ୟାନ୍ୟ ବହୁ ପୁରସ୍କାର ଅଧିକାରୀ ବସନ୍ତ କୁମାର ଶତପଥୀ ବୃତ୍ତିରେ ଶିକ୍ଷକ, ଅଧ୍ୟାପକ, ତଥା ପ୍ରଶାସନିକ ଅଧିକାରୀ ଥିଲେ ହେଁ ବୃତ୍ତିରେ ଜଣେ ସାହିତ୍ୟ ସ୍ରଷ୍ଟା । ସମାଜର ଅକୁହା ବେଦନା, ଦୁଃଖୀ ଭୋକିଲା ଲୋକର କାହାଣୀ ଠାରୁ ପଶୁପକ୍ଷୀ ଇତର ଜୀବପ୍ରତି ସେ ଥିଲେ ସମ୍ବେଦନଶୀଳ । ହୃଦୟର ଅନୁଭବକୁ ଗଳ୍ପ ମରୁଭୂମିରେ ରୂପାୟିତ କରିଛନ୍ତି । ନବନାଟିକା, ଭ୍ରମଣ କାହାଣୀ ଓ ଅନୁବାଦ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିଲେ ହେଁ ଜଣେ ହାସ୍ୟରସିକ ଗାଳ୍ପିକ ଭାବରେ ସେ ଖୁବ୍ ଲୋକପ୍ରିୟ । ୧୯୬୬ ମସିହାରେ ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ଏଣ୍ଟିରୋମାଣ୍ଟିକ୍' ପ୍ରକାଶିତ ହୁଏ । ଏହି ପୁସ୍ତକ ପାଇଁ ୧୯୬୮ ମସିହାରେ ଓଡ଼ିଶା ସାହିତ୍ୟ ଅକାଦମୀ ପୁରସ୍କାର ପାଇଛନ୍ତି । ତାଙ୍କର ଅନ୍ୟାନ୍ୟ ଗଳ୍ପ ସଂକଳନ

Download Magazine from www.aahwaan.com

ମଧ୍ୟରେ ରହିଛି - ଗଙ୍ଗା ଓ ଗାଙ୍ଗୀ (୧୯୮୧), ହାଇଦ୍ରାବାଦ ଅଙ୍ଗୁର (୧୯୮୨), ମାଂସାଶୀ-ମାନଙ୍କ ଉଦ୍ଦେଶ୍ୟରେ (୧୯୮୨), ନୀଡ଼ାଶ୍ରୟୀ (୧୯୮୩), ଆକାଶୀ ଫୁଲ (୧୯୮୩), ଅଜାଗା ଘାଆ(୧୯୮୩), ମେଜର ଅପରେସନ(୧୯୯୧) ଇତ୍ୟାଦି ।

ଅନୁବାଦ ସୃଷ୍ଟି ମଧ୍ୟରେ ରହିଛି - ନବନାଟିକା, ଦୁଇଟି ଭ୍ରମଣ କାହାଣୀ, ସଞ୍ଚୟନ, ଲେମ୍ବଙ୍କ ସେକ୍ସପିୟର କାହାଣୀ ମାଳା, ରାଜା (ରବୀନ୍ଦ୍ରନାଥ ଠାକୁର), Fakir Mohan : His like & Literature, ବାସନ୍ତୀ ରମ୍ୟରଚନାମାଳା (୧,୨,୩,୪) ଖଣ୍ଡରେ ବିଭକ୍ତ ।

ସମାଲୋଚନମୂଳକ ନିବନ୍ଧ ମଧ୍ୟରେ ରହିଛି - ଫକୀରମୋହନ ଓ ସାତଜଣ ସାଥୀ (ପୁସ୍ତକ ଆକାରରେ ଅପ୍ରକାଶିତ) ଏତଦ୍‌ବ୍ୟତୀତ ବହୁ ଆଲୋଚନା ବିଭିନ୍ନ ପତ୍ରପତ୍ରିକାରେ ସ୍ଥାନ ପାଇଛି । ଏସବୁ ବ୍ୟତୀତ ଇଂରାଜୀ ଓ ଓଡ଼ିଆ ପତ୍ରିକାର ସଂପାଦନା ଦାୟିତ୍ୱ ତୁଲାଇଛନ୍ତି । ସମାଜ, ସାହିତ୍ୟ ଓ ସଂସ୍କୃତିପ୍ରେମୀ ମଣିଷ ଭାବେ ସେ ସ୍ୱତନ୍ତ୍ର ବାରି ହୋଇପଡ଼ନ୍ତି ।

୧୯୭୬ ମସିହାରେ ପ୍ରକାଶିତ 'ଏଣ୍ଟିରୋମାଣ୍ଟିକ୍' ସଂକଳନରେ ରହିଛି ନଅଗୋଟି ଗଳ୍ପ । ଗଳ୍ପକ୍ରମର ପ୍ରଥମ ଗଳ୍ପ 'ବାଣୀ ଚିଆଁ' । ଗଳ୍ପଟିରେ କୁକୁଡ଼ା ଚିଆଁ ପ୍ରତି ଦୁଃଖ ଓ ବେଦନା ପ୍ରକାଶ ପାଇଛି । 'ଅଶ୍ୱତ୍‌ଥାମା ହତ ?' ଗଳ୍ପରେ ସାମାନ୍ୟ ନିଜ ସ୍ୱାର୍ଥପାଇଁ ମନୁଷ୍ୟତ୍ୱର ମୃତ୍ୟୁ ଘଟିଛି । ମାତ୍ର ଗଳ୍ପରେ ଶେଷ ପରିଣତି ଏପରି ପରିସ୍ଥିତିକୁ ପ୍ରଶ୍ରୟ ଦେଇନାହିଁ । ହିରାଲାଲ ଚରିତ୍ରକୁ ଅନୁତାପର ଅନଳରେ ଧୋଇ ଦେଇଛନ୍ତି ଗାଳ୍ପିକ । 'ଗୋଟିଏ ଆଳୁ' ଗଳ୍ପରେ ଷଣ୍ଢ ଛୁଆର ମୃତ୍ୟୁର କାରଣ ଖୁବ୍ ସ୍ପର୍ଶକାତର ଘଟଣା । ଦୋକାନରୁ ଗୋଟିଏ ବଡ଼ ଆଳୁକୁ ଷଣ୍ଢ ଛୁଆଟି ଖାଇ ଦେଇଛି । ପରିଣତ ସ୍ୱରୂପ ଦୋକାନୀର ମାଡ଼ରେ ଷଣ୍ଢ ଛୁଆର ଜୀବନ ଦୀପ ଲିଭିଗଲା । ଏପରି ଏକ ସ୍ପର୍ଶକାତର ପରିବେଶରେ ଗଳ୍ପର ଆରମ୍ଭ ଓ ଶେଷ ହୋଇଛି । ପାଠକ ମନରେ ପଶୁପ୍ରତି କରୁଣା ବୋଧ

 Download Magazine from www.aahwaan.com

ସୃଷ୍ଟି କରିବାରେ ଗାଳ୍ପିକ ହୋଇଛନ୍ତି ସଫଳ । 'ହୀରାକୁଦ କରେଣ୍ଟ' ଗଳ୍ପରେ ଦୁଃଖ ଓ ବିଚ୍ଛେଦର ଯନ୍ତ୍ରଣା ମଧ୍ୟରେ ପ୍ରେମ ରୂପକ କରେଣ୍ଟକୁ ଅନୁଭବ କରାଇଛନ୍ତି । ଯାହା ଗଳ୍ପର ନାୟକ ସରୋଜବାବୁ ଓ କମଳିନୀ ଚରିତ୍ର ମଧ୍ୟରେ ହୋଇଛି ପ୍ରତିଫଳିତ । 'ଅର୍ଦ୍ଦଳି' ଗଳ୍ପରେ ସ୍ୱାବଲମ୍ବନଶୀଳ ହେବାର ମହତ୍ତ୍ୱ କୌଣସି ଚାକିରୀଠାରୁ କିଛି କମ ନୁହେଁ ବୋଲି ଦର୍ଶାଇଛନ୍ତି । ଏହାର ପ୍ରମାଣ ରାଜବଲ୍ଲଭ ଦଣ୍ଡପାଟ ଚରିତ୍ର ଦେଇ ପରିଣତି ଟାଣିଛନ୍ତି । 'ଭଡ଼ାଟିଆ' ଗଳ୍ପରେ ମଣିଷ ସମାଜର ବିଦ୍ୱେଷ ଭାବକୁ ଦର୍ଶାଇଛନ୍ତି । ଅଧ୍ୟାପକ ମହେଶବାବୁ ଘରଭଡ଼ା ନେଇ ରହୁଥିବା କାରଣରୁ ଘର ମାଲିକ ସହିତ ସୁସମ୍ପର୍କ ସ୍ଥାପନ କରିବାରେ ସଫଳ ହୋଇନାହାନ୍ତି । ଫଳସ୍ୱରୂପ ଭଡ଼ାଘର ଛାଡ଼ିବାର ପରିସ୍ଥିତି ସୃଷ୍ଟ ହୋଇଛି । ପାଠକ ମନରେ ମାନବିକ ଚେତନାର ପ୍ରଶ୍ନ ସୃଷ୍ଟି କରାଇଛନ୍ତି ଗାଳ୍ପିକ । ଗଳ୍ପ ସଂକଳନର ନାମ ବହନ କରୁଥିବା 'ଏଣ୍ଟିରୋମାଣ୍ଟିକ୍' ଗଳ୍ପରେ ରହିଛି, ଅବହେଳିତ ନାରୀପ୍ରତି ସମାଜର ଦୃଷ୍ଟିକୋଣ । କାମୁକ ମଣିଷର ବାସ୍ତବ ରୂପ । ସମାଜର ଭଦ୍ରବ୍ୟକ୍ତି ରୂପେ ପ୍ରତିବିମ୍ବିତ ହେଉଥିବା ବାବାଜୀଙ୍କ ପ୍ରଚ୍ଛନ୍ନ ଲୋଲୁପତା ।

ଏହିପରି 'ଏଣ୍ଟିରୋମାଣ୍ଟିକ୍' ଗଳ୍ପ ସଂକଳନରେ ପାଠକକୁ ସମବେଦନାରେ ଭରି ଦେଇଛନ୍ତି ଗାଳ୍ପିକ । ଗଳ୍ପରେ ହାସ୍ୟ, ବ୍ୟଙ୍ଗ, କରୁଣ, ପ୍ରେମ, ଘୃଣା, ସମସ୍ୟା ଓ ମାନବିକତାର ବୀଜ ରୋପଣ କରିବାକୁ ତାଙ୍କ ଗଳ୍ପଗୁଡ଼ିକ ସମର୍ଥ ।

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା

Download Magazine from www.aahwaan.com

# ବିଶ୍ୱ ମାତୃଭାଷା ଦିବସ ଅନୁଚିନ୍ତା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆମ ପିଲାମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ନ୍ତି କାହିଁକି ?

ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଏହି ପ୍ରଶ୍ନ ଉପସ୍ଥାପିତ ହୋଇଛି ଏବଂ ବ୍ୟଙ୍ଗ ଛଳରେ ହେଉ ବା ଯୁକ୍ତି ମାଧ୍ୟମରେ ହେଉ ଅନେକ ବନ୍ଧୁ ପ୍ରଶ୍ନ କରନ୍ତି, "ଭାଇ, ତମେ ମିଛଟାରେ ଓଡ଼ିଆ ଓଡ଼ିଆ ହେଉଛ ? ଯଦି ଓଡ଼ିଆ ଭାଷା ପାଇଁ ତମର ଏତେ ଦରଦ ଅଛି ତା ହେଲେ ତମ ପିଲାମାନଙ୍କୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ନ ପଢ଼ାଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ କାହିଁକି ପଢ଼ାଉଛ ?"

ପ୍ରଶ୍ନଟି ବାସ୍ତବିକ ଯୁକ୍ତିଯୁକ୍ତ । ଆମେ ସତରେ ଯଦି ଆମ ମାତୃଭାଷା ପାଇଁ ଏତେ ଚିନ୍ତିତ ତା ହେଲେ ଆମେ ଆମ ସନ୍ତାନମାନଙ୍କୁ ଓଡ଼ିଆ ମାଧ୍ୟମରେ ପାଠ ନ ପଢ଼ାଇ ଇଂରାଜୀ ମାଧ୍ୟମରେ ପଢ଼ାଇବାକୁ କାହିଁକି ଚାହୁଁଛୁ ? ଅବଶ୍ୟ ଏହା ଇଚ୍ଛା ନ ହୋଇ ବାଧ୍ୟତାମୂଳକ ବି ହୋଇପାରେ, କିନ୍ତୁ ସେ ବିଷୟରେ ଚର୍ଚ୍ଚା କିଛି ସମୟପରେ କରିବା । ଓଡ଼ିଶାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରଚଳନ ଅନେକ ଦଶନ୍ଧୀରୁ ହୋଇଛି । ସମ୍ଭବତଃ ଆମେ ଯେତେବେଳେ ନୂଆ ନୂଆ ବିଦ୍ୟାଳୟରେ ପାଦ ଦେଉଥିଲୁ ସେଇ ସମୟରେ ହିଁ ଏହି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କ ପ୍ରଚଳନ ଓଡ଼ିଶାରେ ଆରମ୍ଭ ହୋଇଥିଲା । ଆମେ ଯେତେବେଳେ ବିଦ୍ୟାଳୟ ଯାଉଥିଲୁ ସେତେବେଳେ ପିଲାଟିଏ ଅନ୍ୟୂନ ପାଞ୍ଚବର୍ଷ ହୋଇଗଲେ ବାପାମା' ତାକୁ ନେଇ ଗାଁ କିମ୍ବା ଘର ପାଖରେ ଥିବା ସରକାରୀ ବିଦ୍ୟାଳୟରେ ନାଁ ଲେଖେଇ ଦେଇ ଆସୁଥିଲେ । ସେତେବେଳେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂଖ୍ୟା ନଗଣ୍ୟ ଥିଲା

 Download Magazine from www.aahwaan.com

କହିଲେ ଅତ୍ୟୁକ୍ତି ହେବ ନାହିଁ । ତା'ପରେ ଆମେ ଯେତେବେଳେ ଚତୁର୍ଥ ଶ୍ରେଣୀରେ ପାଠ ପଢ଼ିଲୁ ସେତେବେଳେ ଆମକୁ ଇଂରାଜୀ ଅକ୍ଷର ସହ ପରିଚୟ କରି ଦିଆଗଲା ଏବଂ ତା ପରେ ପ୍ରତିବର୍ଷ ଇଂରାଜୀ ବିଷୟ ଆମକୁ ପଢ଼ାଗଲା । ହେଲେ ଇଂରାଜୀ ବିଷୟ ପ୍ରତି ଭୟ ଏତେ ମାତ୍ରାରେ ଥିଲା ଯେ ଦଶମ ଶ୍ରେଣୀରେ ପାଦ ଦେଉ ଦେଉ ଅଧିକାଂଶ ଛାତ୍ରଛାତ୍ରୀ ଇଂରାଜୀ ବିଷୟରେ ଅକୃତକାର୍ଯ୍ୟ ହେବାର ଦେଖାଯାଉଥିଲା । ଆମେ ବୁଝି ପାରୁନଥିଲୁ ସତରେ ଏ ବିଷୟଟା ଏତେ କଠିନ କାହିଁକି ? କାହିଁକି ଅଧିକାଂଶ ଛାତ୍ରଛାତ୍ରୀ ଏହି ବିଷୟକୁ ଏତେ ଭୟ କରନ୍ତି ? ସେ ଯା ହେଉ, ଯେଉଁମାନେ ଦଶମ ଶ୍ରେଣୀ ବୋର୍ଡ୍ ପରିକ୍ଷା ପାର କରିଗଲେ ସେମାନେ ଯୁକ୍ତ ଦୁଇରେ ପାଠ ପଢ଼ିବା ବେଳେ ବହୁତ କଠିନ ସମୟ ଦେଇ ଗତି କରିଥିଲେ । କାରଣ ବିଦ୍ୟାଳୟରେ ଶିକ୍ଷାଦାନ ଓଡ଼ିଆରେ ହେଉଥିବା ବେଳେ ମହାବିଦ୍ୟାଳୟରେ କିନ୍ତୁ ତାହା ଇଂରାଜୀ ଭାଷାରେ ହେଉଥିଲା । ଏହା ଫଳରେ ଦଶମରେ ଭଲ ମାର୍କ ରଖିଥିବା ଛାତ୍ରଛାତ୍ରୀ ମାନେ ଯୁକ୍ତ ଦୁଇରେ ଅସଫଳ ହେଉଥିଲେ କିମ୍ବା ଭଲ ମାର୍କ ରଖିବାରେ ସଫଳ ହେଉନଥିଲେ । ଆଉ ଯେଉଁମାନେ ଏହି ସବୁ କଠିନ ପଥକୁ ସହଜରେ ପରିଷ୍କାର କରିଦେଇ ଆଗେଇ ଥିଲେ ସେମାନେ ବିଦ୍ୟାଧ୍ୟୟନରେ ସଫଳ ହେବା ସହ ଉଚ୍ଚ ଶିକ୍ଷା ପାଇଲେ ଏବଂ ଭଲ ଭଲ ଚାକିରୀ କରିବାରେ ସଫଳ ବି ହୋଇଥିଲେ ।

କିନ୍ତୁ ଆମର ମହାବିଦ୍ୟାଳୟ ପ୍ରବେଶ ବେଳକୁ ଆମ ସମ୍ମୁଖରେ ପ୍ରତିଦ୍ୱନ୍ଦିତା କରିବାପାଇଁ ଉପସ୍ଥିତ ଥିଲେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ିଥିବା କିଛି ଛାତ୍ରଛାତ୍ରୀ ଯେଉଁମାନେ ପାଠ୍ୟକ୍ରମକୁ ସହଜରେ ବୁଝିପାରୁଥିଲେ ଏବଂ ମହାବିଦ୍ୟାଳୟର ଅଧ୍ୟାପକ ମାନଙ୍କ ଇଂରାଜୀ ବକ୍ତବ୍ୟର ସଠିକ ଅର୍ଥ ବୁଝିପାରୁଥିଲେ ଯାହା ଆମ ପକ୍ଷରେ ସମ୍ଭବ ନଥିଲା । ଆମେ ମହାବିଦ୍ୟାଳୟର ପରିସର ଡେଇଁ ଯେତେବେଳେ ଚାକିରୀ କରିବାକୁ

Download Magazine from www.aahwaan.com

ଆସିଲୁ ସେତେବେଳେ ଏକ ଏମିତି ସମୟ ଆସିଲା, ଆମ ସହ ପାଠ ପଢୁଥିବା ଅନେକ ଛାତ୍ରଛାତ୍ରୀ ହଠାତ୍ ବିଦେଶ ଯିବା ଆରମ୍ଭ କରିଦେଲେ । ଏହାର ପ୍ରଭାବ ପିତାମାତାଙ୍କ ଉପରେ ପଡ଼ିଲା । ସମସ୍ତ ପିତାମାତା ପ୍ରକାରାନ୍ତରେ ଚାହିଁଲେ ଯେ ସେମାନଙ୍କ ସନ୍ତାନମାନେ ବି ବିଦେଶ ଯାଆନ୍ତୁ । ଡଲାରରେ ପଇସା ଆୟ କରନ୍ତୁ ଏବଂ ବମ୍ବେ, ବାଙ୍ଗାଲୋରରେ ଉଚ୍ଚ ଅଟ୍ଟାଳିକାରେ ଘର କରନ୍ତୁ । ତେଣୁ ସେମାନେ ସନ୍ତାନମାନଙ୍କୁ ଅଳ୍ପବୟସରୁ ହିଁ ଇଂରାଜୀ ଶିକ୍ଷାପ୍ରତି ଆକୃଷ୍ଟ କରିବା ହେତୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଭର୍ତ୍ତି କରିବାକୁ ଲାଗିଲେ ।

ଏହାର ଅନ୍ୟ ଏକ କାରଣ ବି ଥିଲା ଆଉ ତାହା ଥିଲା ସରକାରୀ / ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟ ମାନଙ୍କରେ ଦିନକୁ ଦିନ ଶିକ୍ଷାଦାନରେ ଅବହେଳା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟ ପାଇଁ ନିଶ୍ଚିନ୍ତ ଶିକ୍ଷକଗୋଷ୍ଠୀ । ସମ୍ଭବତଃ ଆମେ ପାଠ ପଢୁଥିବା ସମୟରେ ଯେଉଁ ସବୁ ଶିକ୍ଷକମାନେ ଥିଲେ ସେମାନେ ଆମ ପାଇଁ ଯେତିକି ମାତ୍ରାରେ ଚିନ୍ତିତ ହେଉଥିଲେ ବର୍ତ୍ତମାନ ସମୟରେ ସେମିତି ହେଉନଥିବ । ଏହାର କାରଣ ହେଉଛି ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ । ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣିବା ଉଦ୍ଦେଶ୍ୟ ନେଇ ସରକାର ଏମିତି କିଛି ନିଷ୍ପତ୍ତି ନେଲେ ଯାହାଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସ୍ୱାଭାବିକ ହୋଇଗଲା । ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଫେଲ୍ କରାଯିବ ନାହିଁ, ବୋଲି କୁହାଗଲା । ଅର୍ଥାତ ଜଣେ ଛାତ୍ର ଯଦି ବିଦ୍ୟାଳୟରେ ନାଁ ଲେଖାଏ ତା ହେଲେ ଅନ୍ୟୁନ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେ ଯେମିତି ହେଲେ ପାସ ହୋଇ ଯିବ । ସେ ପାଠ ଭଲ ଭାବରେ ବୁଝୁ ବା ନ ବୁଝୁ । ସେ ପରୀକ୍ଷା ଦେଉ ବା ନ ଦେଉ । ଏହା ଫଳରେ ଶିକ୍ଷକ ମାନଙ୍କ ଉପରେ ବୋଝ ବହୁତ ପରିମାଣରେ କମ ହୋଇଗଲା । ଯେଉଁ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ

 Download Magazine from www.aahwaan.com

ପାଇଁ ଚିନ୍ତା କରୁଥିଲେ ସେମାନେ ମଧ୍ୟ ଚିନ୍ତାଶୂନ୍ୟ ହୋଇ ବସିଗଲେ । କାରଣ ଯେଉଁଠି ଛାତ୍ରଛାତ୍ରୀଙ୍କୁ ଫେଲ କରିବା ମନା, ସେଠି କିଏ କେତେ ପଢ଼ିଲା ନ ପଢ଼ିଲା ସେ ବିଷୟରେ କିଏ ବୁଝୁଛି ? ତେଣୁ ସରକାରୀ ବିଦ୍ୟାଳୟ ପ୍ରତି ଅନେକ ପିତାମାତା ବିତସ୍ପୃହ ହୋଇଗଲେ । ଆମେ କାହିଁକି ଏମିତି ଗୋଟିଏ ସ୍ଥାନରେ ଆମ ପିଲାଙ୍କୁ ପଢ଼ାଇବୁ ଯେଉଁଠି ଶିକ୍ଷକମାନେ ସେମାନଙ୍କ ଉନ୍ନତି ପାଇଁ ଯୁକ୍ତିଯୁକ୍ତ ପଦକ୍ଷେପ ନେବା ସପକ୍ଷରେ ନାହାନ୍ତି ? ସେହି ବିଦ୍ୟାଳୟରେ ପାଠ ପଢ଼ିଲେ ଆମ ସନ୍ତାନ ମାନଙ୍କର କିପରି ଉନ୍ନତି ହେବ ?

ବର୍ତ୍ତମାନ ଆସନ୍ତୁ ଦେଖିବା ବେସରକାରୀ / ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା । ଏଠାରେ ଅନ୍ୟୁନ ପିଲାମାନଙ୍କୁ ଶିକ୍ଷାଦାନ କରାଯାଏ । ପ୍ରତି ମାସରେ କିଛି ନା କିଛି ଗଠନମୂଳକ କାର୍ଯ୍ୟ ଦିଆଯାଇ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗୀତାମୂଳକ ସ୍ପର୍ଦ୍ଧାକୁ ଉତ୍ସାହିତ କରାଯାଏ । ଶିକ୍ଷାଦାନରେ ଅବହେଳା ହେଲେ ଶିକ୍ଷକ ମାନଙ୍କୁ ଅଧ୍ୟକ୍ଷମାନେ ବ୍ୟକ୍ତିଗତ ଭାବରେ ନିର୍ଦ୍ଦେଶ ଦେଇ ଉଚିତ ପଦକ୍ଷେପ ନେବାକୁ କହନ୍ତି । ବିଦ୍ୟାଳୟରେ ଯେ କେବଳ ଇଂରାଜୀ ମାଧ୍ୟମରେ ହିଁ ଶିକ୍ଷାଦାନ ହୁଏ ତା ନୁହେଁ, ଏହି ବିଦ୍ୟାଳୟମାନଙ୍କରେ ଓଡ଼ିଆ ବାଧ୍ୟତାମୂଳକ ବିଷୟ ଭାବରେ ମଧ୍ୟ ପଢ଼ାଯାଏ । ଏହା ସହ ହିନ୍ଦୀ ଏବଂ ସଂସ୍କୃତ ମଧ୍ୟ ପଢ଼ାଯାଏ । ତେଣୁ ବସ୍ତୁତଃ ଓଡ଼ିଆ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ ଖସଡ଼ାରେ କୌଣସି ପାତରଅନ୍ତର ନାହିଁ । ହଁ ଆଇସିଏସସି / ସିବିଏସସି ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ଶିଶୁମାନଙ୍କୁ ଅଳ୍ପ ବୟସରୁ ହିଁ ସାମାନ୍ୟ କଠିନ ବିଷୟବସ୍ତୁ ସମ୍ବଳିତ ବିଷୟରେ ଶିକ୍ଷାଦାନ କରାଯାଏ, ଯାହା ଆମ ମତରେ ଶିଶୁର ବୌଦ୍ଧିକ ବିକାଶରେ ସହାୟକ ହୋଇଯାଏ ଏବଂ ଭବିଷ୍ୟରେ ସେହି ଶିଶୁମାନେ ବିଶ୍ୱ ଦରବାରରେ ନିଜକୁ ଯୋଗ୍ୟ ବୋଲି ପ୍ରମାଣିତ କରିବାର ଯୋଗ୍ୟତା ରଖନ୍ତି ।

 Download Magazine from www.aahwaan.com

ସାଂପ୍ରତିକ ସମୟରେ ଶିକ୍ଷାପ୍ରାପ୍ତ ଯୁବକଯୁବତୀ କେବଳ ନିଜ ଅଞ୍ଚଳରେ ହିଁ ରହି ଜୀବିକାନିର୍ବାହ କରିବା ସପକ୍ଷରେ ନାହାନ୍ତି । ଆଜିକାଲି ଯେ କେହି ଶିକ୍ଷା ସମାପ୍ତ ହୋଇଗଲା ପରେ ମୁମ୍ବାଇ, ବାଙ୍ଗାଲୋର, ଦିଲ୍ଲୀ କିମ୍ବା ଅନ୍ୟ ଜନବହୁଳ ସହରରେ ରହି ଚାକିରୀ କରିବା ସପକ୍ଷରେ ହିଁ ମତ ଦେବ । ଏବଂ ସେଠାରେ ଚାକିରୀ କରୁଥିବା ଅଧିକାଂଶ ଯୁବକଯୁବତୀ ବିଦେଶ ଯିବାପାଇଁ ଇଚ୍ଛୁକ ତେଣୁ ସେମାନଙ୍କ ପାଇଁ ଇଂରାଜୀ ଶିକ୍ଷାର ଆବଶ୍ୟକତା ଅଧିକ । କହିଲେ ହୁଏତ କିଛି ଲୋକଙ୍କୁ ପସନ୍ଦ ହୋଇ ନପାରେ କିନ୍ତୁ ବିଗତ ଦୁଇ ଦଶନ୍ଧୀରେ ଓଡ଼ିଶା ସରକାରଙ୍କ ଦ୍ୱାରା କେତେ ଜୀବିକା / ଚାକିରୀ ସୃଷ୍ଟି କରାଯାଇଛି ? ରାଜ୍ୟରେ ମୁଠା ମୁଠା ଇଞ୍ଜିନିୟରିଂ ମହାବିଦ୍ୟାଳୟ ଖୋଲିଦେଇଥିଲେ ଯେ ଅଗଣିତ ଇଞ୍ଜିନିୟର ବର୍ତ୍ତମାନ ବେକାର ହୋଇ ବସିଛନ୍ତି । ଅବସ୍ଥା ଏମିତି ଆସିଛି ଯେ ସମୁଦାୟ ଇଞ୍ଜିନିୟରିଂ ମହାବିଦ୍ୟାଳୟର ପଚିଶି ପ୍ରତିଶତ ସିଟ୍ ମଧ୍ୟ ଭର୍ତ୍ତି ହେଉନାହିଁ, ଏବଂ ଚଳିତବର୍ଷ ଅନ୍ୟୁନ ଅଧା ଇଞ୍ଜିନିୟରିଂ କଲେଜ ବନ୍ଦ ହୋଇଯାଇଛି କିମ୍ବା ବନ୍ଦ ହେବାଭଳି ଅବସ୍ଥାରେ ଆସି ପହଞ୍ଚିଛି ।

ଓଡ଼ିଶାରେ ଚାକିରୀ ପାଇଁ ଆଶା ନାହିଁ, ଯେଉଁମାନେ ଚାକିରୀ କରିବାପାଇଁ ଆଶାୟୀ ସେମାନଙ୍କୁ ଓଡ଼ିଶା ବାହାରକୁ ଯିବାକୁ ହେବ ହିଁ ହେବ । ଏବଂ ସେଥିପାଇଁ ସେମାନଙ୍କୁ ସର୍ବଭାରତୀୟ ସ୍ତରର ପ୍ରତିଯୋଗୀତାକୁ ସମ୍ମୁଖୀନ ହେବାଭଳି ସ୍ପର୍ଦ୍ଧା ରଖିବା ଆବଶ୍ୟକ, ଯାହା ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ମିଳିବା ଅସମ୍ଭବ, ତେଣୁ ଆମ ସନ୍ତାନମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ନ୍ତି ।

ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ିବା ଦ୍ୱାରା କେହି ଇଂରାଜୀ ହୋଇ ଯାଆନ୍ତି ନାହିଁ । କାରଣ ଆମେ ଜନ୍ମରୁ ଓଡ଼ିଆ, ଆମ ଘରେ ଓଡ଼ିଆରେ ହିଁ କଥାଭାଷା ହୁଏ । ଏହା

Download Magazine from www.aahwaan.com

ଦ୍ୱାରା ଆମେ ଓଡ଼ିଆ ଭାଷାକୁ ଅବହେଳା କରୁନାହୁଁ । ହଁ କିନ୍ତୁ ଓଡ଼ିଶାର ପ୍ରମୁଖ ଗଣମାଧ୍ୟମ ମାନେ ଓଡ଼ିଆ ଭାଷାକୁ କେତେ ସମ୍ମାନ ଦିଅନ୍ତି ତାହା ଆପଣ ନିଜେ ଦେଖିଲେ ଜାଣିପାରିବେ । ଆମ ସନ୍ତାନମାନେ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟ ନେଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ନ୍ତି, ଓଡ଼ିଆକୁ ନ୍ୟୁନ କରି ଦେଖାଇବା ପାଇଁ ନୁହେଁ । ସାଂପ୍ରତିକ ସମୟରେ ସରକାରୀ / ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ହେଉଥିବା ଶିକ୍ଷାଦାନ ବ୍ୟବସ୍ଥାକୁ ଦେଖିଲେ ଆମେ ଆମ ସନ୍ତାନମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଭର୍ତ୍ତି କରିବାକୁ ଏକ ରକମ ବାଧ୍ୟ ହେଉଛୁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ବୀମା ନଗର, ବ୍ରହ୍ମପୁର

୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫

Article Source : http://www.aahwaan.com/blog/

 Download Magazine from www.aahwaan.com

# ଶିକ୍ଷାବ୍ୟବସ୍ଥାର ଦୂରାବସ୍ଥା



ଦମୟନ୍ତୀ ଜେନା

କଥାଟି ସତ ଯେ ଆଜିର ଶିଶୁ କାଲିର ନାଗରିକ ଓ ଦେଶର ଭବିଷ୍ୟତ । ଶିଶୁ ହସିଲେ ଦୁନିଆ ହସେ । ଶିଶୁଙ୍କ ଉପରେ ମାନସିକ କିମ୍ବା ଶାରୀରିକ ଅତ୍ୟାଚାର ଘୋର ଅନ୍ୟାୟର ବିଷୟବସ୍ତୁ । ଏଣୁ ପ୍ରଥମେ, ଶିଶୁଙ୍କ ବୁଝିବା ଦରକାର । ସେମାନଙ୍କ ମନରୁ ଭୟ ଲୋପ ପାଇବା ଦରକାର । ଖାଇବା ବଞ୍ଚିବା, ପିନ୍ଧିବା ଭଳି ପାଠ ପଢ଼ିବା ମଧ୍ୟ ସେମାନଙ୍କ ମୌଳିକ ଅଧିକାର । ଏଣୁ ଶିକ୍ଷାବ୍ୟବସ୍ଥାରେ ଚାଲିଛି ପରିବର୍ତ୍ତନ ଉପରେ ପରିବର୍ତ୍ତନ । ସମସ୍ତ ଶିଶୁ କିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପ୍ରାଥମିକ ଶିକ୍ଷା ଗ୍ରହଣ କରିବେ ସେ ନେଇ ଚାଲିଛି ଯୋଜନା ଉପରେ ଯୋଜନା । କୋଟି କୋଟି ଟଙ୍କା ବ୍ୟୟ କରି ଚାଲିଛନ୍ତି ସରକାର କେବେ ବିଦ୍ୟାଳୟ ଗୃହ ତିଆରି ତ କେବେ ପାଚେରୀ, ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଖେଳ ସାମଗ୍ରୀ ସମେତ ଖେଳ ପଡ଼ିଆ, ମାଗଣା ବହି, ପୋଷାକ ଓ ମଧ୍ୟାହ୍ନ ଭୋଜନର ଯୋଜନା ।

ପୁଣି ଆନନ୍ଦମୟ ଶିକ୍ଷାରେ ପିଲା ଖେଳ ମାଧ୍ୟମରେ ପାଠ ଶିଖିବେ । ଦଣ୍ଡ ମୁକ୍ତ ଅଞ୍ଚଳ ବିଦ୍ୟାଳୟରେ କୌଣସି ଶିକ୍ଷକ ନିଜ ଛାତ୍ର ବା ଛାତ୍ରୀକୁ ଦଣ୍ଡ ଦେଲେ ସେ ନିଜେ ଦଣ୍ଡର ଅଧିକାରୀ ହେବେ । ବିଦ୍ୟାଳୟରେ  ଶୌଚାଳୟର ସୁବିଧା, ପାନୀୟ ଜଳର ସୁବିଧା ସମେତ ପରୀକ୍ଷାରେ ପାସ୍ ଫେଲ୍ ଉଠେଇବା ବ୍ୟବସ୍ଥା ମଧ୍ୟ କଲେ । କାରଣ ଶିକ୍ଷାଧିକାର ଆଇନ (RTE ACT) ୨୦୦୯ ଅନୁସାରେ ୬ ରୁ ୧୪ ବର୍ଷର ସମସ୍ତ ପିଲା ଅଷ୍ଟମ ପାସ୍ କରିବା ବାଧ୍ୟତାମୂଳକ । ୬ରୁ ୧୪ ବର୍ଷ ବୟସ ମଧ୍ୟରେ ସମସ୍ତ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରାଯାଇଥାଏ । ସ୍କୁଲରେ ଯୋଗଦେବାର ଶେଷ ତାରିଖ ମଧ୍ୟ କିଛି ନାହିଁ । ପିଲା

 Download Magazine from www.aahwaan.com

ଯେତେବେଳେ ଚାହିଁବେ ସ୍କୁଲକୁ ଆସି ନିଜ ବୟସ ଅନୁସାରେ ଶ୍ରେଣୀ କକ୍ଷରେ ଯୋଗଦାନ କରିପାରିବେ ତା ବି ପୁଣି ଜନ୍ମ ତାରିଖର ବିନା ପ୍ରମାଣପତ୍ରରେ । ଯଦି ଗୋଟିଏ ପିଲା ସ୍କୁଲ ଆସିବାବେଳେ ୮ କିମ୍ବା ୯ ବର୍ଷ ହେଇଥାଏ ତା ହେଲେ ସିଧାସଳଖ ୩ୟ ଶ୍ରେଣୀରେ ଭର୍ତ୍ତି କରାଇବେ ।

ଏତେ ସବୁ ଯୋଜନା ପରେ ବି ଆଜିର ପ୍ରାଥମିକ ଶିକ୍ଷା କେତେ ଦୂର ଅଗ୍ରଗତି କରିଚାଲିଛି ତାହା ସମସ୍ତେ ଭଲଭାବେ ଜାଣିଛନ୍ତି । ସ୍କୁଲର ପରିଚାଳକ ତଥା ଅଭିଭାବକ ଓ ଆଜିର ସମାଜ ସମସ୍ତେ କେବଳ ଦୋଷାରୋପ କରିଚାଲିଛନ୍ତି ଶିକ୍ଷକ ସମାଜକୁ । ସମସ୍ତଙ୍କୁ ମୋର ବିନମ୍ର ଅନୁରୋଧ କି ଯେ ଥରୁଟିଏ ଏକାଗ୍ରତା ରକ୍ଷା କରି ଭାବିଲେ ସତରେ କଣ ପିଲାଙ୍କ ଏପରି ଅବସ୍ଥା ପାଇଁ କେବଳ ଶିକ୍ଷକ ହିଁ ଦାୟୀ ???

ପ୍ରତ୍ୟେକ ସ୍କୁଲରେ ଏଭଳି ଅନେକ ପିଲା ପାଠ ପଢୁଛନ୍ତି ଯେଉଁମାନେ ଓଡ଼ିଆ ବହି ପଢ଼ି ପାରୁନାହାନ୍ତି । ନିଜ ନାମକୁ ଇଂରାଜୀରେ ଲେଖି ପାରୁନାହାନ୍ତି । ଗଣିତର ଚାରି ସୂତ୍ର ଯଥା ଯୋଗ ବିୟୋଗ ଓ ଗୁଣନ ହରଣର ଜ୍ଞାନ ନାହିଁ ତଥାପି ସେମାନେ ସପ୍ତମ, ଅଷ୍ଟମ ଶ୍ରେଣୀରେ ବସିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହାକୁ ଆଧାର କରି ପୁଣି ଚଳଚ୍ଚିତ୍ର ଆସିଲା, "ତାରେ ଜମିନ୍ ପର" ଶିକ୍ଷକଙ୍କୁ ଶିକ୍ଷଣ ନାମରେ ପ୍ରଶିକ୍ଷଣ କେନ୍ଦ୍ରକୁ ଡକାଯାଇ ଦେଖାଇଥିଲେ ଏହି ଚଳଚ୍ଚିତ୍ର, ଆଉ କୁହାଗଲା ଦୁର୍ବଳ ପିଲାଙ୍କୁ ଅଧିକ ସମୟ ଦେଇ ଉନ୍ନତି କରାଇବା ପାଇଁ । କିଛି ପିଲା ଉନ୍ନତି ଦିଗରେ ଆଗେଇ ଚାଲିଲେ ମଧ୍ୟ ଆଖିଦୃଶିଆ ଫଳମିଳିଲା ନାହିଁ । କାରଣ ସେ ଚଳଚ୍ଚିତ୍ରରେ କେବଳ ଗୋଟିଏ ଛାତ୍ର ସେ ଭଳିଥିଲା । କିନ୍ତୁ ଆମ ବିଦ୍ୟାଳୟରେ ଅଧିକାଂଶ ପିଲା ଏହି ଭଳି ତା ଉପରେ ପୁଣି ଶିକ୍ଷକଙ୍କ ଉପରେ ପାଠପଢ଼ା ବ୍ୟତୀତ ଅନ୍ୟ ବାହ୍ୟ କାର୍ଯ୍ୟ ମଧ୍ୟ ନ୍ୟସ୍ତ କରାଯାଏ । child senses ସହ ପିଲାଙ୍କ ଆଧାର

 Download Magazine from www.aahwaan.com

କାର୍ଡ଼ କରିବା, ବ୍ୟାଙ୍କଖାତା ଖୋଲିବା, ଜାତିଗତ ପ୍ରମାଣପତ୍ର ବନେଇବା, ପ୍ରାକ୍ ମାଟ୍ରିକ ବୃତ୍ତି ଫର୍ମ ପୁରଣ, ଭୋଟର ସଂଶୋଧନ, ବିବରଣ କାମ, ପାଇଖାନା ଅଛି କି ନା ଡାଟା collection ଇତ୍ୟାଦି ଅନେକ କାମ□

ଆଛା ସତରେ କଣ କେବଳ ଶିକ୍ଷକ ଚାହିଁଲେ ଯେ କୌଣସି ପିଲାକୁ ଭଲ ମଣିଷଟିଏ କରିପାରିବେ । ନା ଶିକ୍ଷକଙ୍କ କର୍ତ୍ତବ୍ୟ ସହ ଆବଶ୍ୟକ ପିଲାର ଉତ୍ତମ ପରିବେଶ ପିଲାର ମନୋବୃତ୍ତି ଓ ଆଗ୍ରହ , ଅଭିଭାବକଙ୍କ ପ୍ରେରଣା ଓ ତଦାରଖ ........

ଦିନକର କଥା ମୁଁ ଶ୍ରେଣୀରେ ପାଠ ପଢ଼ାଇବା ବେଳେ ଲକ୍ଷ୍ୟ ରଖିଥିଲି ଏଭଳି କିଛି ପିଲାଙ୍କୁ ଯେଉଁମାନେ ଶ୍ରେଣୀରେ ବସୁଥିଲେ ସତ କିନ୍ତୁ ପାଠପଢ଼ାଠୁ ଥିଲେ ଅନେକ ଦୂରରେ ପାଠପଢ଼ା ସାରି ସେମାନଙ୍କୁ ପଚାରିଲି ତୁମ ଦିନଚର୍ଯ୍ୟା କଣ ସବୁ କର – ପରସ୍ପର ମୁହଁକୁ ଚାହିଁ ସେମାନେ ପାଟିରେ ହାତ ଦେଇ ହସିଲେ । ମୁଁ ଟିକେ ଉଚ୍ଚ ସ୍ୱରରେ କହିଲି ହସୁଛ କଣ ! କିଛି ପଚାରିଲି ନା ! ! ଉତ୍ତର ଦିଅ ।

ହସି ହସି କହିଲେ ଗୁରୁମା ସକାଳୁ ଉଠି ଗାଧୁଆ ପାଧୁଆ ସାରି ଖେଳୁ, ବୋଉ ଯଦି କିଛି ଘର କାମ କହେ ତାହା କରୁ ଆଉ ୧୦ଟାରେ ସ୍କୁଲକୁ ଆସୁ ପୁଣି ୪ଟା ବେଳେ ଘରକୁ ଯାଉ ଖେଳୁ ଓ ଶୋଇଯାଉ । ମୁଁ ପଚାରିଲି ପ୍ରତିଦିନ ପୁଣି ସବୁ ସମୟରେ ଖାଲି ଖେଳ ଆଉ କିଛି କରନାହିଁ ?

ଉତ୍ତର ଆସିଲା – "ଆଉ କଣ କରିବୁ ଗୁରୁମା ?"

ମୁଁ ଭଲଭାବେ ଚିନ୍ତା କରି ସମସ୍ତ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟ କରି ସୁନିଶ୍ଚିତ ହେଲି ଯେ ଶିକ୍ଷାର ଡ଼ିଗ୍ରୀଧାରୀ ହୋଇଗଲେ ଶିକ୍ଷାବିତ୍ ହୋଇଯିବେ ନାହିଁ । ସମାଜର ନୈତିକ ମାନଦଣ୍ଡର ଉନ୍ନତି ହେଲେ ହିଁ ଶିକ୍ଷାର ମୂଲ୍ୟ ସାର୍ଥକ ହେବ ।

 Download Magazine from www.aahwaan.com

"ସମସ୍ତ କାର୍ଯ୍ୟରେ ସଫଳତା ପାଇବା ପାଇଁ ଦରକାର ମନର ଏକାଗ୍ରତା, ଶୃଙ୍ଖଳା, ମନୋବୃତ୍ତି କିଛି କରିବାର ଆଗ୍ରହ ଓ ଆବଶ୍ୟକ ଭିତ୍ତିଭୂମି, କଥାରେ ଅଛି "if there is a will, there is a way……"

ଯଦି ଆଗ୍ରହ ହିଁ ନାହିଁ ଏକାଗ୍ରତା ନାହିଁ, ତା ହେଲେ କୌଣସି କାର୍ଯ୍ୟରେ ସଫଳତା ମିଳିବ କିପରି ?

ଆନନ୍ଦମୟ ଶିକ୍ଷାରେ ପ୍ରାଥମିକ ପିଲାଙ୍କୁ ଶିକ୍ଷା ଦେବା ଉଚିତ ମନେ ହେଉଥିବା ବେଳେ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ଏହା ଗ୍ରହଣୀୟ ନୁହେଁ ବୋଲି ମନେହୁଏ ପାସ୍ ଫେଲ୍ ବ୍ୟବସ୍ଥା ଉଠିଯିବା ପରେ ପିଲାଙ୍କ ମନରେ ପାଠ ପଢ଼ିବା ଆଗ୍ରହ ଓ ଶ୍ରେଣୀରେ ପ୍ରତିଯୋଗିତା ପୂର୍ବ ଅଧ୍ୟୟନ ପୁରାପୁରି ଭାବେ ଲୋପ ପାଇଗଲାଣି । ଦଣ୍ଡର ଅଭାବରୁ ପିଲାଙ୍କ ବିଶୃଙ୍ଖଳା ବଢ଼ିବାରେ ଲାଗିଛି । ସେମାନେ ନିଜ ଇଚ୍ଛା ଅନୁସାରେ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଚଳପ୍ରଚଳ କରୁଛନ୍ତି । କୌଣସି ନିୟମ ବିନା ଶୃଙ୍ଖଳା ରହେ ନାହିଁ କି ଶୃଙ୍ଖଳା ବିନା କାର୍ଯ୍ୟରେ ସଫଳତା ମିଳେ ନାହିଁ । ଆବଶ୍ୟକ ଭିତ୍ତିଭୂମି ଯୋଗାଇବା ସଙ୍ଗେ ସଙ୍ଗେ କିଛି ନିୟମକୁ କଡ଼ାକଡ଼ି ପାଳନ କଲେ ପିଲାଙ୍କ ମଧ୍ୟରେ ଶୃଙ୍ଖଳା ରହିବ ଓ କାର୍ଯ୍ୟରେ ସଫଳତା ମିଳିବ ବୋଲି ମୋର ଆଶା ___

"ବ୍ୟବସ୍ଥାର ପରିବର୍ତ୍ତନରେ ଅବସ୍ଥାର ପରିବର୍ତ୍ତନ ମଧ୍ୟ ସୁନିଶ୍ଚିତ ।"

Download Magazine from www.aahwaan.com

# ଓଡ଼ିଶା ଅବହେଳିତ କାହିଁକି ?



ବନଜ କୁମାର ପାଣିଗ୍ରାହୀ

ଐତିହ୍ୟସମ୍ପନ୍ନ ଓଡ଼ିଶା ତା'ର ଇତିହାସ ପାଇଁ ପୃଥିବୀର ସର୍ବୋଚ୍ଚ ସମ୍ମାନ ପାଇବ କେବେ ? (କେଉଁ କାରଣରୁ ପାଇବା ଆବଶ୍ୟକ ନିମ୍ନରେ ବର୍ଣ୍ଣନା କରାଗଲା)

କେଉଁ ୫୦/୧୦୦ ବର୍ଷ ପୂର୍ବେ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ କେବଳ ଓଡ଼ିଶାର ଏକ ମାତ୍ର କୋଣାର୍କ ମନ୍ଦିର ସ୍ଥାନ ପାଇଥିଲା ବୋଲି ଆମେ ଗର୍ବିତ ଥିଲେ । ହେଲେ ଆଜି ଦିନରେ କ'ଣ ନ କରିଛି ଓଡିଶା ! ତାହାର ବିଷଦ ବିବରଣୀ ପାଠ କଲେ ଜାଣିହେବ ଯେ କାହିଁକି ଓଡିଶା ପୃଥିବୀର ସର୍ବୋଚ୍ଚ ସମ୍ମାନ ପାଇବ ?

୧. ପୂର୍ବରୁ ବଙ୍ଗରେ ଓଡ଼ିଆମାନେ ଭଲ ଘରୋଇ ରାନ୍ଧୁଣିଆ ଭାବେ ସୁପରିଚିତ ଥିବାବେଳେ ବିଶେଷ ଖ୍ୟାତି ଅର୍ଜନ କରି ପାରିଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ସୁରତରେ ଲୁଗାକଳ ଶ୍ରମିକ ତଥା ଆନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ର ତଥା ସର୍ବୋପରି ଦେଶର ସମସ୍ତ ରାଜ୍ୟ ଗୁଡ଼ିକରେ ଉତ୍ତମ ଶ୍ରମିକ ଭାବେ, କମ ମଜୁରୀରେ ଅଧିକ ଶ୍ରମଦେଇ ଖୁବ ସୁଖ୍ୟାତି ଅର୍ଜନ କରିପାରିଛନ୍ତି ।

୨. ଓଡିଶାରେ ଥିବା ପ୍ରାକୃତିକ ସମ୍ପଦ ଗୁଡ଼ିକୁ ନିଜେ ବ୍ୟବହାର କଲେ କାଳେ କ୍ଷତି ହୋଇ ଯାଇପାରେ ବୋଲି ଅନ୍ୟ ଘରୋଇ ସଂସ୍ଥା ତଥା ବିଦେଶୀ କମ୍ପାନୀମାନଙ୍କୁ ଖୁବ କମ ଦରରେ ବିକ୍ରୀ କରି ସେମାନଙ୍କ ପାଖରେ ଶ୍ରମିକ ଭାବେ କାମ କରନ୍ତି ଯାହା ଦ୍ୱାରା ବଢ଼ି ମରୁଡ଼ି ମହାବାତ୍ୟା ହେଲେ ମଧ୍ୟ ତାଙ୍କର ମାସିକ ବେତନ ପାଇବାରେ ଅସୁବିଧା ନାହିଁ କି କେବେ କ୍ଷତି ହେବାର ସମ୍ଭାବନା ନଥାଏ । କମ ଦାମରେ ବିକ୍ରୀ କରି ଉଦାର, ଏବଂ କ୍ଷତି

Download Magazine from www.aahwaan.com

ଭାର ନଉଠାଇ କେତେ ଚତୁର ଆମେ !

୩. ଦେଶସାରା କୁହେଳିକା ହୁରି ପଡୁଛି ଯେ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ କରାଯାଉ ! ହେଲେ ସମସ୍ତେ ଭାବୁଛନ୍ତି ଆମର ପିଲା ଛୁଆ କମ କରିବା ପାଇଁ ସରକାର ଚାପ ପ୍ରୟୋଗ କାହିଁକି କରିବେ ? ତେଣୁ ଗତ ୫୦ ବର୍ଷ ତଳକୁ ଯାଇ ହିସାବ କଲେ ଜଣାଯାଏ ଯେ ପ୍ରାୟ ୩ଗୁଣରୁ ଅଧିକ ଜନସଂଖ୍ୟା ବଢ଼ିଗଲାଣି ଆମ ଦେଶରେ । ହେଲେ ଆମେ ସେମିତି ଲୋକଙ୍କ ମନକୁ ବାଧିଲା ଭଳି ବ୍ୟବସ୍ଥା କରୁନାହୁଁ । ଆମେ ଲୋକଙ୍କୁ ତାଙ୍କ ଅଧିକାର ଦେଇ କର୍ମଦେବଙ୍କ ସହାୟତରେ ଛୁଆ ଜନ୍ମ ହେବା ପରେ ତାକୁ ମାରିଦେଉ ! ହେଲେ ବିଚରା ବାପାମା' ନିଜ କର୍ମକୁ ନିନ୍ଦା କରନ୍ତି ପଛେ ସରକାରଙ୍କୁ ନୁହେଁ । କଷ୍ଟ ହେଲା ଭଳି କଥା ନକହି କେତେ ଉଦାର, ଏବଂ ଆମ କାମ ଭିତିରେଇ କରି କେତେ ଚତୁର ଆମେ !

୪. କେଉଁ କାଳେ ଲୋକ ମୂର୍ଖ ଅନ୍ଧ ଥିଲେ ବୋଲି ଦାଦା ବଟି ଦେଉଥିଲେ ! ହେଲେ ଆଜି କ'ଣ ଆଉ ସେହି ପୁରୁଣା ପ୍ରଯୁକ୍ତି ବିଦ୍ୟା ଅଛି ? ଆମେ ଲୋକଙ୍କୁ ଏମିତି ଦାଦାଗିରି କରି ଆଉ ବଟି ଆଦାୟ କରୁନାହୁଁ । କାରଣ ସେଥିରେ ବହୁତ ସମୟ ନଷ୍ଟ ହେଉଥିଲା । ଲୋକ ଧୀରେ ଧୀରେ ଅଳ୍ପ ଅଳ୍ପ କରି ଦେଉଥିଲେ ଯାହା ସମୟ ସାପେକ୍ଷ ଥିଲା । ତେଣୁ ଆମେ ସବୁ ଗୁଣ୍ଡାମାନଙ୍କୁ ଦମନ କରି ଜେଲ ପଠାଇଦେଲୁ । ଏବଂ ବିଭିନ୍ନ ପ୍ରଦେଶରୁ ଜାଲି କାମରେ ପାରଙ୍ଗମ ଲୋକମାନଙ୍କୁ ଆଣି ନୂତନ ବଟି ଆଦାୟ କମ୍ପାନୀ ଖୋଲି କମ ସମୟ ମଧ୍ୟରେ କୋଟି କୋଟି ଟଙ୍କା ଲୋକଙ୍କୁ ଭୁଆଁ ବୁଲାଇ, ସେମାନେ ନ ଜାଣିପାରିଲା ଭଳି ଉପାୟରେ ଆଦାୟ କରିପାରିଲୁ । ଲୋକଙ୍କ ହୃଦୟକୁ ସିଧା ସଳଖ କଷ୍ଟ ନଦେଇ କେତେ ଉଦାର, ଆଉ ଆମ କାମକୁ ଗୁଣାତ୍ମକ ମାନ ଦେଇ ପ୍ରଚୁର ଆଦାୟ କରି କେତେ ଚତୁର ଆମେ !

୫. ପୂର୍ବରୁ ସରକାରୀ କାର୍ଯ୍ୟାଳୟ ଗୁଡିକରେ ୫/୧୦ ଲାଞ୍ଚ ନେଇ ଫାଇଲ ଚାଷ କରି

 Download Magazine from www.aahwaan.com

କରି ନଥିପତ୍ର ଗୁଡ଼ିକ ରଖିବା ପାଇଁ ଗୋଦାମ ଘର ଉଛୁଳି ପଡିଲା । ହେଲେ ଲୋକ ହନ୍ତସନ୍ତ, ସରକାର ବିବ୍ରତ ! ତେଣୁ ଆମେ ତାକୁ ନୂତନତ୍ୱ ଦେଇ ଏମିତି କଲୁ ଯେ ଆଉ ଫାଇଲ ଚାଷ ହେବ ନାହିଁ ! ହେଲେ କେମିତି ହେବ ? ଆଜ୍ଞା ଏତେ ଗୁଡ଼ିଏ କାର୍ଯ୍ୟାଳୟ କରି ଫାଇଲ ଚାଷ କରି କରି ଉଇ ଅଳନ୍ଧୁ ଘରେ ବସି କାମ କଲେ କଣ ହେବ ? ତେଣୁ ସବୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକୁ ମାର୍ବଲ ପକାଇ ଚକାଚକ କରି ସେଇଠି ସରକାରୀ କର୍ମଚାରୀ ବଦଳରେ ଏଜେଣ୍ଟ ନିଯୁକ୍ତି କଲୁ ! ରାଜଧାନୀରେ ତୃତୀୟ ମହଲାରେ ଗୋଟିଏ ନିୟନ୍ତ୍ରଣ କୋଠରୀ କଲୁ ଯେଉଁଠାରୁ ସେହି ସବୁ ଏଜେଣ୍ଟ କାର୍ଯ୍ୟାଳୟ ନିୟନ୍ତ୍ରଣ ହେବ । ଆଉ ଯେଉଁ ଲୋକଙ୍କ କାମ ଅଛି ସେହି ସ୍ଥାନୀୟ ଏଜେଣ୍ଟଙ୍କ ଜରିଆରେ ନିୟନ୍ତ୍ରଣ କୋଠରୀକୁ ପାଉଣାଟି ମୋଟା ଅଙ୍କରେ ପଠାଇ ଦେଲେ ଦୂରଭାଷ ମାଧ୍ୟମରେ ତାଙ୍କର କାମ ହୋଇଯାଉଛି । ଯିଏ ବ୍ୟବସ୍ଥା ଜାଣି ପାରୁନି ତା କଥା ବୁଝେ କିଏ ? ଆଇନ କାନୁନ ଫାଇଲ ନଥିପତ୍ର ସବୁ ଉଠାଇ ଦେଇ ଦୂରଭାଷ ଆଉ କମ୍ପ୍ୟୁଟର ମାଧ୍ୟମରେ ସମସ୍ତ କାର୍ଯ୍ୟାଳୟକୁ ଯୋଡ଼ିଦେଇ ଅଧିକ ପାଉଣା ଦେୟ ଯୁକ୍ତ ହେଲେ ମଧ୍ୟ କାମ କରାଇ ଦେବାରେ କେତେ ଉଦାର, ଆଉ ନିୟମ କାନୁନ ଭଳି ସାର୍ବଭୌମତ୍ୱକୁ ଚାପିଦେଇ ଇଛା ମୁତାବକ କାମକରି କେତେ ଚତୁର ଆମେ !

୬. ମହିଳା ସୁରକ୍ଷା ଆମେ ଦେଉଥାଉ ଯେତେବେଳ ପର୍ଯ୍ୟନ୍ତ ସେ ନିଜେ ସୁରକ୍ଷିତ ଥାଏ । ଆଉ ଅତ୍ୟଧିକ ହେଲେ ତାକୁ ଚାପ ପ୍ରୟୋଗ କରି ମାରିଦେଉ କିମ୍ବା ସେ ନିଜେ ମରିବା ପାଇଁ ବାଧ୍ୟ ହେବା ଯାଏ ଅପେକ୍ଷା କରୁ ! କାରଣ ସେମିତି ନହେଲେ କାଳେ ତାହାର କୁପ୍ରଭାବ ଅନ୍ୟ ଝିଅଙ୍କ ଉପରେ ପଡ଼ିବ ! ହେଲେ ଯଦି ଦୈବାତ କେଉଁ କଥାଟା ପଦାରେ ପଡ଼ିଗଲା ତାଙ୍କ ପରିବାରକୁ କିଛି ପଇସା ପତ୍ର ଦେଇ କଥାଟିକୁ ଚାପି ରଖିବାକୁ ଚେଷ୍ଟା କରୁ ! ହେଲେ କୁକର୍ମ କରିଥିବା ଲୋକଙ୍କୁ ଆମେ ଆଇନ ରାସ୍ତାରେ ନନେଇ ତାଠାରୁ ଯଥେଷ୍ଟ ସ୍ୱାର୍ଥ ହାସଲ କରୁ । ସମାଜର ନାରୀ ମାନଙ୍କ ଉପରେ କୁପ୍ରଭାବ ନ ପଡୁ ବୋଲି

 Download Magazine from www.aahwaan.com

ଭାବି ଘଟଣାକୁ ଲୁଚାଇ ରଖି କେତେ ଉଦାର, ଆଉ କୂକର୍ମୀଙ୍କ ଠାରୁ ଯଥେଷ୍ଟ ସ୍ୱାର୍ଥ ହାସଲ କରି କେତେ ଚତୁର ଆମେ !

୭. ଜନସଂଖ୍ୟା ନିୟନ୍ତ୍ରଣ ତଥା ଯଥେଷ୍ଟ ଟିକସ ଆଦାୟ କରିଥାଏ ମଦ, ତମ୍ବାଖୁ, ସିଗାରେଟ ଇତ୍ୟାଦି ! ହେଲେ ସେସବୁ ଶରୀର ପାଇଁ କ୍ଷତି କାରକ ବୋଲି ନକହିଲେ ଲୋକଙ୍କୁ ଶିକ୍ଷା ଦେବାରେ ବ୍ୟତିକ୍ରମ ହେବ ବୋଲି, କେବଳ ତା'ର ପ୍ୟାକେଟ ଉପରେ ଲେଖିଦେଉ । ହେଲେ ସେସବୁ ମଧ୍ୟ ୧ ନଂ କମ, ୨ ନଂ ବେଶୀ, ପ୍ରସ୍ତୁତକାରୀ ମାନଙ୍କ ଜରିଆରେ ଆମେ ପ୍ରଚୁର ୨ ନଂ ଅର୍ଥ ଆଦାୟ କରିପାରୁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ । ଯଦି କେତେବେଳେ କୌଣସି ସାମାଜିକ ପରିସ୍ଥିତି ହେତୁ କିଛି ଆଇନ ପ୍ରବର୍ତ୍ତନ ହୁଏ ତାକୁ ବନ୍ଦ କରିବାପାଇଁ, ଆମେ ନୂତନ ଆଇନଟିଏ ଯୋଡ଼ି ଦେଇ ତାର ଉପଭୋକ୍ତାଙ୍କ ପାଇଁ ଯଥେଷ୍ଟ ସୁବିଧା ଯୋଗାଇ ଦେଇଥାଉ । କାରଣ ସେଥିରେ ପ୍ରସ୍ତୁତ କର୍ତ୍ତା, ବିକ୍ରେତା, ଉପଭକ୍ତା, ଆଉ ଆମେ ସମସ୍ତେ ଖୁସି ନିଜ ନିଜର ସ୍ୱାର୍ଥପାଇଁ । ହେଲେ ପ୍ୟାକେଟ ଉପରେ ସଚେତନତା ବାର୍ତ୍ତା ଦେଇ କେତେ ଉଦାର, ଆଉ ଜନସଂଖ୍ୟା ନିୟନ୍ତ୍ରଣ ସାଥିରେ ନିଜସ୍ୱ ସ୍ୱାର୍ଥ ହାସଲ କରି କେତେ ଚତୁର ଆମେ !

୮. ଆମ ରାଜ୍ୟରେ ଅଶିକ୍ଷିତ ରହିବେ ନାହିଁ । ଆମ ପିଲାଏ ଅଶିକ୍ଷିତ କହିଲେ ଆମ ପଦମର୍ଯ୍ୟଦା କ୍ଷୁର୍ଣ୍ଣ ହେବ । ହେଲେ କଣ କରାଯିବ ? ଆମ ରାଜ୍ୟରେ ଶିକ୍ଷକତା କରିବା ପାଇଁ ସବୁ ପଛ ଧାଡ଼ି ପିଲା ହିଁ ମିଳନ୍ତି, ଯେଉଁମାନେ ଭଲକରି ଦରଖାସ୍ତଟିଏ ମଧ୍ୟ ଲେଖି ପାରିବେ ନାହିଁ । ଆଉ ସେତକ ନକଲେ ସବୁ ବିଦ୍ୟାଳୟ ମହାବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ତେଣୁ ଆମେ ଭିତିରିକରି ସମୁଚିତ ଶିକ୍ଷା ଦେଇ ଶିକ୍ଷକ ମାନଙ୍କୁ ପ୍ରବର୍ତ୍ତାଇ ଥାଉ ଯେ ଯଦି ଜଣେ ବିଦ୍ୟାଳୟରେ ନାମ ଲେଖାଇଲା ପାଠ ହଉ ବା ନହେଉ ଶିକ୍ଷାର୍ଥୀ ଅକୃତକାର୍ଯ୍ୟ ହେବନାହିଁ ଶିକ୍ଷା ଶେଷ ପର୍ଯ୍ୟନ୍ତ । ସେ ଯେକୌଣସି ମତେ ଡିଗ୍ରୀଟିଏ ନେଇ ହିଁ ବାହାରିବ

 Download Magazine from www.aahwaan.com

ତାର ବୟସ ବଢ଼ିଲା ବେଳକୁ । ଆଉ ଯିଏ ବିଦ୍ୟାଳୟ ନଆସିଲା ତା କଥା ସେ ନିଜେ ବୁଝିବ । ଆଉ ଆମେ ଆମର କୁକର୍ମ ତଥା ଅପାରଗତାକୁ ଲୁଚାଇବାପାଇଁ ଶିକ୍ଷାର୍ଥୀମାନଙ୍କୁ ଖାଇବା ପିନ୍ଧିବାଠାରୁ ଆରମ୍ଭ କରି ଗମନାଗମନ ତଥା ପାଠ୍ୟ ଉପକରଣ ମାଗଣାରେ ବିଦ୍ୟାଳୟ ପରିସର ମଧ୍ୟରେ ଯୋଗାଇଦେଉ ଯାହା ଆଗରୁ ହେଉନଥିଲା । ଆଉ ସେହିସବୁ ସରକାରୀ ଅନୁଦାନରୁ ଆମକୁ ବହୁତ ଭିତିରିଆ ସ୍ୱାର୍ଥ ଉପଲବ୍ଧ ହୋଇଥାଏ ବିଭିନ୍ନ ମାଧ୍ୟମରେ । ହେଲେ ପିଲାମାନଙ୍କୁ ଏତେ ସୁବିଧା ଯୋଗାଇ ଦେଇ ପାଠ ହେଉକି ନହେଉ ପ୍ରମାଣ ପତ୍ର ନିଶ୍ଚିତ ଦେବାରେ କେତେ ଉଦାର ଆଉ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିପାରିବା ତଥା ମିଥ୍ୟା ସ୍ୱାକ୍ଷରତା ପ୍ରମାଣ ପତ୍ର ଦେଇ ଖ୍ୟାତି ଅର୍ଜନ କରିପାରିବାରେ କେତେ ଚତୁର ଆମେ !

୯. ଆଗଭଳି ଆଉ ଆମ ସରକାରୀ ଚିକତ୍ସାଳୟ ଗୁଡ଼ିକ ନାହିଁ । ଏବେ ସେସବୁ ମାର୍ବଲ ତଳ ସହିତ ସୁସଜ୍ଜିତ କାନ୍ଥ ଓ ଛାତ ତଳେ ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ସମସ୍ତ ଉପକରଣ ସହିତ ଉପଲବ୍ଧ । ଏଥିପାଇଁ ଆବଶ୍ୟକ ସରକାରୀ ଅର୍ଥରୁ ଯଥେଷ୍ଟ ବାଟମାରଣା ହେଉଥାଇ ଆମର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ହୋଇ ପାରୁଥିଲେ ମଧ୍ୟ ସବୁ ଜାଗାରେ ସବୁ ଉପଲବ୍ଧ । ହେଲେ ଡାକ୍ତର ବା ଅନ୍ୟାନ୍ୟ ଚିକିତ୍ସକ ଉପଲବ୍ଧ ନଥିବା ହେତୁ ଏବଂ ଯନ୍ତ୍ର ଗୁଡିକ ଠିକ କାମ କରୁନଥିବା ବେଳେ ଗରିବ ନାଁ ନଥିବା ମଳିମୁଣ୍ଡିଆ ସିନା ହଇରାଣ ହୁଅନ୍ତି ହେଲେ ଧନଶାଳୀ ବ୍ୟକ୍ତିଙ୍କ କିଛି ଅସୁବିଧା ହୁଏନି ଆମ ରାଜ୍ୟରେ ! କାରଣ ଆମେ ତାହାର ଅନୁରୂପ ଘରୋଇ ଚିକିତ୍ସାଳୟ ପାଇଁ ଆମ ସରକାରୀ ଏଜେଣ୍ଟମାନଙ୍କ ଜରିଆରେ ସେମାନଙ୍କୁ ସୁହାଇଲା ଭଳି ବ୍ୟବସ୍ଥା ବନ୍ଦୋବସ୍ତ କରାଇ ଅନୁମତି ପ୍ରଦାନ କରିଅଛୁ ତାରି ପାଖରେ । ହେଲେ ରୋଗୀ ହନ୍ତସନ୍ତ ହେଲେ ମଧ୍ୟ ଯେକୌଣସି ମତେ ଚିକତ୍ସା କରାଇ ପାଉଣାଟି ବାଣ୍ଟିକୁଣ୍ଟି ଖାଉ ଆମେ ସମସ୍ତେ ମୂଳରୁ ଚୁଳ ଯାଏ । ହେଲେ ଯାହା ହେଉ ତାହାର

Download Magazine from www.aahwaan.com

ଅନୁରୂପ ବିକଳ୍ପ କରାଇ କେତେ ଉଦାର ଆଉ ଚକାଚକ ଚିକିତ୍ସାଳୟ ପ୍ରଦର୍ଶନ କରାଇ ଭିତିରି ନିଜସ୍ୱ ସ୍ୱାର୍ଥ ହାସଲ କରିପାରିବାରେ କେତେ ଚତୁର ଆମେ !

୧୦. ଆଗରୁ ଆମ ଦେଶରେ ଲୋକମାନଙ୍କ ଜୀବନ ଶୈଳୀ ଅଲଗା ଥିଲା । କିନ୍ତୁ ଏବେ ଆମେ ଲକ୍ଷ୍ୟ କରୁଛୁ ସବୁ ଲୋକ ପ୍ରାୟ ଅଳସୁଆ ହୋଇଗଲେଣି । ହେଲେ କିଛି ଲୋକ ପରିସ୍ଥିତିରେ ପଡ଼ି ଚାଷବାସ କରୁଛନ୍ତି । ହେଲେ ସେମାନଙ୍କ ପାଖରେ ଯଦି ଅଧିକ ପଇସା ହେଇଯିବ ସେମାନେ ମଧ୍ୟ କାଳେ ଅଳସୁଆ ହୋଇଗଲେ ଆମେ ଆଉ ଖାଇବା କଣ ? ବଞ୍ଚିବା କେମିତି ? କାରଣ ଚାଷୀ କମ, ଆଉ ବସି କରି ଚିକ୍କଣ ମଧୁର କଥା କହି ଖାଇବା ଲୋକ ଆମ ଏଠି ବେଶ ! ତେଣୁ ବହୁତ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଚାଷୀମାନଙ୍କୁ ଉପରକୁ ଯିବାପାଇଁ ସୁଯୋଗ ନଦେଇ କିଛି ରହସ୍ୟମୟ ସୁବିଧା ଦିଆଗଲା ଭଳି ପ୍ରଦର୍ଶନପୂର୍ବକ ସେମାନଙ୍କୁ ଦମନ କରି ରଖିଥାଉ ଆମେ । କିନ୍ତୁ ବାହାରକୁ ଦେଖାଇବା ପାଇଁ କେବଳ ଭୁଆଁ ବୁଲାଇ ସମସ୍ତଙ୍କ ପ୍ରିୟପାତ୍ର ହେବାପାଇଁ ଅନେକ ଯୋଜନା ଘୋଷଣା କରାଯାଇଥାଏ । ହେଲେ ସେଥିରେ କିଛି ବାସ୍ତବତା ନଥାଏ । ଆଉ ଚାଷୀମାନଙ୍କ ସହାୟତା ନେଇ ବିଭିନ୍ନ ଦେଶ ତଥା ବିଶ୍ୱ ବ୍ୟାଙ୍କରୁ ମଧ୍ୟ ଅନେକ ଋଣ ଓ ସହାୟତା ମିଳିଥାଏ ଯାହା ଆମ ବ୍ୟକ୍ତିଗତ ସ୍ୱାର୍ଥପାଇଁ ଯଥେଷ୍ଟ ସାହାଯ୍ୟ କରିଥାଏ । ହେଲେ ଚାଷୀମାନଙ୍କ ଅଳସୁଆ ନହେବା ତଥା ସାମୁହିକ ସ୍ୱାର୍ଥ ପାଇଁ ଧ୍ୟାନ ଦେବାରେ କେତେ ଉଦାର ଆଉ ସେମାନଙ୍କୁ ଭୁଆଁ ବୁଲାଇ ବ୍ୟକ୍ତିଗତ ସ୍ୱାର୍ଥହାସଲ କରୁଥିବାରେ କେତେ ଚାଲାକ ଆମେ !

୧୧. ବ୍ୟକ୍ତିଗତ ଉନ୍ନତିରେ ରାଷ୍ଟ୍ରର ବିକାଶ ହୋଇଥାଏ ! ଏହା ନିରାଟ ସତ୍ୟ । ହେଲେ ଆମ ରାଜ୍ୟରେ ପତିତ ହୋଇ ରହିଥିବା ସରକାରୀ ଜମି ଗୁଡ଼ିକ କେଉଁ ଆବହମାନ କାଳରୁ ବ୍ୟବହାର ନହୋଇ ପଡ଼ିରହି କିଛି ଲାଭ ହେଉନାହିଁ । ତେଣୁ ଆମେ ଗୋଟିଏ ତୀରରେ ଦୁଇଟି ଶିକାର କଲୁ ! ସେହି ଜମିଗୁଡ଼ିକ ବ୍ୟକ୍ତିଗତ ବ୍ୟବସାୟୀମାନଙ୍କୁ ଦେଇ ସେମାନଙ୍କ

 Download Magazine from www.aahwaan.com

ବ୍ୟବସାୟ ଉନ୍ନତି ହେଲେ ରାଷ୍ଟ୍ରର ବିକାଶ ହେବା ସମ୍ଭାବନାକୁ ଆଖିଆଗରେ ରଖି ତାଙ୍କଠାରୁ ଯଥେଷ୍ଟ ମାତ୍ରାରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିପାରିଲୁ । ହେଲେ ତେଣିକି ଜନସାଧାରଣ ତଥା ପରିବେଶ କଥା ବୁଝେ କିଏ ? ସେମାନେ ତାର ଉପଯୋଗ କରି ଯଥେଷ୍ଟ ଲାଭ ପାଇପାରିଲେ । ଆଉ ସାମୁହିକ ସମ୍ପତ୍ତିକୁ ବିକେନ୍ଦ୍ରୀକରଣ କରାଯାଇ ବ୍ୟକ୍ତିଗତ ସମ୍ପତ୍ତିରେ ପରିଣତ ହୋଇଗଲା । ହେଲେ କିନ୍ତୁ ରାଷ୍ଟ୍ର ବିକାଶ ଦିଗରେ ଚିନ୍ତାକରି କେତେ ଉଦାର ଆଉ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିପାରିବାରେ କେତେ ଚାଲାକ ଆମେ !

୧୨. ପତିତ ଖଣି ତଥା ପ୍ରାକୃତିକ ଖଣିଜ ସମ୍ପଦ ଗୁଡ଼ିକୁ ଆଗରୁ ଆମ ଲୋକମାନେ ଦ୍ରୁତ ଗତିରେ ଉପଯୋଗ କରାଯିବା ଉପାୟ ଚିନ୍ତା କରିନଥିଲେ । ଅତଏବ ଆମେ ଘରୋଇ କମ୍ପାନୀମାନଙ୍କୁ ତଥା କିଛି ବିଦେଶୀ ସଂସ୍ଥାମାନଙ୍କ ମାଧ୍ୟମରେ ତାହାର ଉପଯୋଗ କରାଇ ସେମାନଙ୍କ ଠାରୁ ଯଥେଷ୍ଟ ନିଜସ୍ୱ ସ୍ୱାର୍ଥ ହାସଲ କରିପାରିଲୁ ଏବଂ ତାହା ସହିତ ସରକାରଙ୍କୁ କମ ଓ ସେମାନଙ୍କୁ ଅଧିକ ଲାଭ ହେବାଦିଗରେ ଆଇନ ପ୍ରଣୟନ କରିପାରିଲୁ । ହେଲେ ତାହା ଯୋଗୁଁ ଆଦିବାସୀ ଗରିବ ଲୋକଙ୍କ ସହିତ ପରିବେଶ ଦୂଷିତ ବା ବ୍ୟତିକ୍ରମ ହେବାକୁ ଧ୍ୟାନ ଦିଏ କିଏ ? ଗରିବଙ୍କ କେହି ସାହା ନାହିଁ କି ପରିବେଶର ତ ପାଟି ନାହିଁ ! ଆଉ ରହିଲେ ସମାଜବାଦୀ ଯାହାଙ୍କୁ ଦମନ କରିବା ଆମେ ଜାଣୁ ! ହେଲେ ଖଣିଜ ସମ୍ପଦ ବିକାଶ ପାଇଁ ଉଦ୍ୟମ ତଥା ଘରୋଇ କମ୍ପାନୀ ମାନଙ୍କ ବିକାଶ ଦିଗରେ ଚିନ୍ତା କରି କେତେ ଉଦାର ଏବଂ ସାମୁହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜସ୍ୱ ସ୍ୱାର୍ଥ ହାସଲ କରିପାରିବାରେ କେତେ ଚାଲାକ ଆମେ !

୧୩. ଆମ ଲୋକେ ଆମ ନିଜର ! ଆମ ଓଡ଼ିଆମାନେ ଆମ ଘରଲୋକ । ଆମେ ସବୁ ଏକ । ଏଇଠି କାହାର କ୍ଷତିକୁ ନିଜର କ୍ଷତି ବୋଲି ଭାବୁ ଆମେ । ମାନେ ଗୋଟିଏ ପଦରେ କହିବାକୁ ଗଲେ ଆଜ୍ଞା ଆମେ ସମସ୍ତ ଓଡ଼ିଶାବାସୀ ଗୋଟିଏ ପରିବାର ସଦୃଶ ! ତେଣୁ ଏଇଠି

 Download Magazine from www.aahwaan.com

କାହାର ହେଲେ କୌଣସି ପ୍ରକାର କ୍ଷତି ଆମେ ଦେଖି ପାରିବୁ ନାହିଁ ! ତେଣୁ ଆମ ପରିବାର ଲୋକମାନେ କାଳେ କ୍ଷତିରେ ପଡ଼ି ଯାଇପାରନ୍ତି ବୋଲି ଭାବି ଆମର ଥିବା ସବୁ ସରକାରୀ କମ୍ପାନୀ ଗୁଡ଼ିକୁ କିଛି ବନ୍ଦ କରିଦେଲୁ, ଆଉ କିଛି ଅନ୍ୟ ରାଜ୍ୟ ତଥା ବିଦେଶୀ କମ୍ପାନୀମାନଙ୍କୁ ହସ୍ତାନ୍ତର କଲୁ ! ଏବଂ ଏଇଠି ଯଦି କେହି ଓଡ଼ିଆ କମ୍ପାନୀ କରିବାପାଇଁ ଉଦ୍ୟମ କରନ୍ତି ତା'ହେଲେ ସେମାନଙ୍କୁ କଦାପି କରାଇ ନଦେବା ପାଇଁ ଆମେ ସଦା ଚେଷ୍ଟିତ ଓ ପ୍ରତିଶୃତି ବଦ୍ଧ । କାରଣ ଆମେ ଚାହୁଁ ଆମ ପରିବାର ଲୋକେ ବଡ଼ ହୋଇ ଉପରକୁ ନଯା'ନ୍ତୁ ପଛେ ଆନନ୍ଦରେ ଅନ୍ୟର ଗୋଲାମୀ କରି ମାସିକ ବେତନ ଖାଇ ଜୀବନଯାପନ କରନ୍ତୁ । ଅତଏବ ସେଥିରେ ଘରୋଇ କମ୍ପାନୀମାନେ ମଧ୍ୟ ଆମକୁ ନିଜସ୍ୱ ସ୍ୱାର୍ଥ ହାସଲ ପାଇଁ ବିଭିନ୍ନ ଦିଗରେ ଯଥେଷ୍ଟ ସାହାଯ୍ୟ କରନ୍ତି ! ହେଲେ ଆମ ପରିବାର ଲୋକଙ୍କ ସରଳ ଜୀବନ କାମନା ଦିଗରେ କେତେ ଉଦାର, ଆଉ ବିଦେଶୀ ମାନଙ୍କ ଲାଭ ହେଉକି କ୍ଷତି ସେମାନେ ବୁଝନ୍ତି, କିନ୍ତୁ ଆମର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିପାରିବାରେ କେତେ ଚାଲାକ ଆମେ !

୧୪. ସବୁଠାରୁ ଚମତ୍କାର ଏବଂ ରହସ୍ୟମୟ ତଥ୍ୟ ଯେଉଁଥିପାଇଁ ଏହି ସବୁ ସମ୍ଭବ ହୋଇ ପାରୁଛି ଏବଂ ଆମେ କିଭଳି ସରକାର ଗଠନ କରି ରାଜ୍ୟ ସମ୍ଭାଳୁଛେ ବ୍ୟାଖ୍ୟାଟିର ଶେଷ ଦୁଇଟି ଅଙ୍କରେ ଉଲ୍ଲେଖ କରାଗଲା । ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଆମ ରାଜ୍ୟରେ ଦୁନିଆର ସମସ୍ତ ସ୍ଥାନ ଗୁଡ଼ିକ ତୁଳନାରେ ଶସ୍ତାରେ ମିଳୁଥିବା ଏକମାତ୍ର ମହନୀୟତା ଯାହା ହେଉଛି ଲୋକମାନଙ୍କର ସାମାଜିକ ତଥା ରାଜନୈତିକ ଅଧିକାର । ଅର୍ଥାତ ଏହି ଅଧିକାର ଏତେ ଶସ୍ତା ଯେ ତାକୁ କିଣି ସାରିଲା ପରେ ଉପରଲିଖିତ ସମସ୍ତ ତଥ୍ୟ ସାକାର କରିବା ଅତିସମ୍ଭବ । ଏଠି ଆଜ୍ଞା ଆମେ ୫୦ ଟଙ୍କାର ମଦ ଆଉ ୫୦୦ ଟଙ୍କା ପାଇଁ ଆମ ରାଜନୈତିକ ଅଧିକାରକୁ ୫ ବର୍ଷ ପାଇଁ ବିକ୍ରୀ କରିଥାଉ ! ଦେଶ, ଦୁନିଆବାସୀ ଦେଖ ଆଉ

Download Magazine from www.aahwaan.com

ବିଚାର କର ଆମେ କେତେ ଚାଲାକ ଆଉ କେତେ ଉଦାର !

୧୫. ଆଉ ସବୁଠାରୁ ବିଶ୍ୱ ପ୍ରସିଦ୍ଧ ଭିନ୍ନତା ଆମ ଓଡ଼ିଆମାନଙ୍କ ଶାସନ ଗୃହରେ ଦେଖିବାକୁ ମିଳିବ ଯାହା ହୁଏତ ଆଉ କେଉଁଠି ନଥିବ ! ମହନୀୟତାର ମାଧୁର୍ଯ୍ୟ ବର୍ଣ୍ଣନା କଲାବେଳେ ଆଖିକୁ ଆପେଆପେ ଲୁହ ଚାଲିଆସେ ! କିନ୍ତୁ ଆମେ ନିର୍ବାକ ! ଆମ ରାଜ୍ୟ ଶାସନରେ ଜଣେ ଅଛନ୍ତି "seating chief minister" (ଉଦାର)ଏବଂ ଆଉ ଜଣେ "sitting duck chief minister" (ଚାଲାକ) ! ଏମିତି ଆଙ୍କା ଆଉ କେଉଁଠି ନଥିବା ନିହାତି ଆମର ଅନୁମାନ । ଆପଣ ମାନେ ନିଜେ ବିଚାର କରନ୍ତୁ କେତେ ଉଦାର ଆଉ ଚାଲାକ ଆମେ 'ଓଡ଼ିଆ' !

ଏମିତି ଆଙ୍କା କହୁଥିଲେ ରାତି ପାହୁଥିବ ସକାଳ ହୋଉଥିବା କିନ୍ତୁ ଆମର କୀର୍ତ୍ତିମାଳା ସରୁନଥିବ ! ହେଲେ ହେ ବିଶ୍ୱବାସୀ ଆପଣମାନେ କହନ୍ତୁ ଆମେ ଓଡ଼ିଆ ପୃଥିବୀର ସର୍ବୋଚ୍ଚ ସମ୍ମାନ ପାଇବାପାଇଁ ଯୋଗ୍ୟ କି ନୁହଁ ? ଯଦି ନାହିଁ କାହିଁକି ? ଯଦି ହଁ କେବେ ?

ଆପଣ ମାନଙ୍କ ସୁଚିନ୍ତିତ ମତାମତ ଓ ସହଯୋଗ ଅପେକ୍ଷାରେ ରହିଲୁ ...ଆସନ୍ତା ସଂସ୍କରଣ ପର୍ଯ୍ୟନ୍ତ ......

ଧନ୍ୟବାଦ !

ଅତି ସହିଷ୍ଣୁ ଓଡ଼ିଆ !

ବ୍ୟାଙ୍କ କଲୋନୀ, ଛତ୍ରପୁର, ଗଞ୍ଜାମ.

 Download Magazine from www.aahwaan.com

# ଭୟରୁ ଈଶ୍ୱର ସୃଷ୍ଟି : ଏକ ଅନୁଶୀଳନ



ବାଲ୍ମୀକି ନାୟକ

"କୁହାଯାଏ ଧର୍ମ ତ ଈଶ୍ୱର କୈନ୍ଦ୍ରିକ । ଧର୍ମର ସଂସ୍କାର ଯେବେ ଅସମ୍ଭବ, ଧର୍ମର ବିଲୁପ୍ତି କାମ୍ୟ । ଠିକ୍ କଥା, ଯଦି ସଫା କରି ନ ହେବ, ନଷ୍ଟ କରିଦେଲେ ଅସୁବିଧା କ'ଣ ? ସମାନ ନ୍ୟାୟରେ ପୁଣି କୁହାଯାଏ ଈଶ୍ୱର କଳ୍ପନା ଭୟରୁ ଜାତ । ମାନି ନିଆଯାଉ । ତେବେ, ଧର୍ମର ମୂଳ ଈଶ୍ୱର । ଈଶ୍ୱର ମୂଳ ଭୟ । ତେବେ ସମାଧାନ ଈଶ୍ୱର ନଷ୍ଟରେ ନାହିଁ । ଅଧିକନ୍ତୁ ଭୟ ନଷ୍ଟରେ ରହିଛି । ଭୟ ଜ୍ୟେଷ୍ଠ ଆଉ ଈଶ୍ୱର କନିଷ୍ଠ ତ । ଭୟ ତେଣୁ ଉଭୟ ଈଶ୍ୱର ଓ ଧର୍ମର ଉତ୍ସ । ମୂଳୁ ମାରିଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି । ଭୟର ନଷ୍ଟ ଓ ନିର୍ଭୟ ସମାଜ ଗଠନରେ ହେତୁବାଦୀ ବା Rationalist ଦର୍ଶନ କ'ଣ କହୁଛି ?

ଫେସବୁକରେ ଏହା ଈଶ୍ୱର ଓ ଧର୍ମ ପ୍ରତି ସଚେତନ ଓ ମୁକ୍ତମନା ଜଣେ ଲେଖକଙ୍କ ମତ । ତାଙ୍କର ପ୍ରଶ୍ନର ହେତୁବାଦୀ ଉତ୍ତର ଦେବାକୁ ମୁଁ ପ୍ରୟାସ କରୁଛି ।

ଆତ୍ମରକ୍ଷା କରିବା କିମ୍ବା ମୃତ୍ୟୁକୁ ଭୟ କରିବା କେବଳ ମଣିଷ ନୁହେଁ, ପ୍ରତ୍ୟେକ ପ୍ରାଣୀର ଏକ ସହଜାତ ପ୍ରବୃତ୍ତି । ପ୍ରାଣୀ ଜନ୍ମ ହେବାଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ଭୟରୁ ମୁକ୍ତି ନାହିଁ । ମଣିଷ ଓ ଅନ୍ୟାନ୍ୟ ପ୍ରାଣୀ ଭିତରେ ଆତ୍ମରକ୍ଷା ପାଇଁ ପ୍ରଭେଦ ରହିଛି । ଅନ୍ୟାନ୍ୟ ପ୍ରାଣୀ କେବଳ ନିଜର ଶାରୀରିକ ଶକ୍ତି ସହ ଯୁଦ୍ଧ କରି କିମ୍ବା ବିପଦ ସ୍ଥାନରୁ ପଳାୟନ କରି ଶତ୍ରୁ ବା ପ୍ରାକୃତିକ ବିପଦରୁ ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାଏ । ମଣିଷ ମଧ୍ୟ ଆଦିମ ଅବସ୍ଥାରେ ଠିକ୍ ସେଇୟା ହିଁ କରୁଥିଲା । କାଳକ୍ରମେ ତା'ର ମାନସିକ ବିକାଶ ହେବାରୁ ସେ ଭୌତିକ ଜଗତରୁ ନିଜକୁ ରକ୍ଷା କରିବାର ଅନେକ ଉପାର ଖୋଜିବାଉ ଚେଷ୍ଟା କଲା ।

 Download Magazine from www.aahwaan.com

ତଥାପି ପ୍ରକୃତିର ରହସ୍ୟ ବୁଝିବାରେ ଅସମର୍ଥ ଥିଲା । ଅତି ବର୍ଷା, ଝଡ଼, ବିଜୁଳୀ, ଘଡ଼ଘଡ଼ି, ଭୀଷଣ ଶୀତ, ଭୀଷଣ ଗ୍ରୀଷ୍ମ ଇତ୍ୟାଦିର କାରଣ କ'ଣ ଏବଂ ନିଜକୁ ରକ୍ଷା ପାଇବାର ଉପାୟ ଜାଣି ପାରୁନଥିଲା । ସେହି ସମୟରେ କେତେକ ବୁଦ୍ଧିଆ ବ୍ୟକ୍ତି ଭାବିଲେ, "ଏ ସବୁ ନିଶ୍ଚୟ କୌଣସି ଅଦୃଶ୍ୟ ମହାଶକ୍ତି ଦ୍ୱାରା ଘଟୁଛି ।"

ପ୍ରଶ୍ନ ଉଠିଲା - ଏଥିରୁ ରକ୍ଷା ପାଇବାର ଉପାୟ କ'ଣ ହୋଇପାରେ ?

ଗୋଟିଏ ହେଉଛି - ନିଜର ବୁଦ୍ଧି ଓ ବଳ ଅନୁସାରେ ଆତ୍ମରକ୍ଷା କରିବା ।

ଅନ୍ୟଟି ହେଉଛି - ଯଦି ତାହା ସମ୍ଭବ ନୁହେଁ, ନିଜକୁ ସେହି ମହାଶକ୍ତି ଆଗରେ ସମର୍ପଣ କରିଦେବା ।

ଦ୍ୱିତୀୟ ପନ୍ଥାଟି ସମସ୍ତଙ୍କୁ ସହଜ ଲାଗିଲା । ସମର୍ପଣ କରିବା ଅର୍ଥ ସେହି ଶକ୍ତିକୁ ନିଜର ବିନମ୍ର ଭାବ ଦେଖାଇ ନିବେଦନ କରିବା । 'ମୁଁ ଅସହାୟ, ମୋତେ ତୁମେ ରକ୍ଷାକର ।'

ସେହି ଅସହାୟ ବୋଧରୁ ଜାତ କାଳ୍ପନିକ ମହାନ ଶକ୍ତିକୁ 'ଈଶ୍ୱର' ନାମ ଦେଇ ସାରା ଦୁନିଆରେ 'ଈଶ୍ୱର' ହିଁ ସୃଷ୍ଟିକର୍ତ୍ତା ଓ ସେ ହିଁ ରକ୍ଷା କର୍ତ୍ତା ବୋଲି ଏକ ଭ୍ରମ ଦୃଢ଼ୀଭୂତ ହୋଇ ରହିଛି ।

ଲେଖକଙ୍କ ମତ - ଈଶ୍ୱର ପରିବର୍ତ୍ତେ ଭୟକୁ ମାରିଦେଲେ ସବୁ ସମାଧାନ ହୋଇଯିବ । ମୋ ମତରେ ଏହା ଆଦୌ ସମ୍ଭବ ନୁହେଁ । ପ୍ରାଣୀର ଗୋଟିଏ ସହଜାତ ପ୍ରବୃତ୍ତିକୁ କେମିତି ଦୂର କରି ଦେଇହେବ ? ମନରୁ ଭୟ ଦୂରେଇଗଲେ ସେ ଆତ୍ମରକ୍ଷା କରିବାକୁ ଚେଷ୍ଟା କରିବ କାହିଁକି ? ଗୋଟିଏ ଛୋଟ ପିଲା ଯିଏ ନାଗ ସାପକୁ ଜାଣିନାହିଁ, ସେ ଯଦି ତା'ସହ ଖେଳିବାକୁ ନିର୍ଭୟରେ ସାପକୁ ଧରି ଟାଣିବ, ସାପ କ'ଣ ଛୋଟ ପିଲା ଜାଣିନାହିଁ ଭାବି ଦଂଶନ ନ କରି

 Download Magazine from www.aahwaan.com

ଛାଡ଼ିଦେବ ?

ଦ୍ୱିତୀୟ କଥା ହେଉଛି, ଯେଉଁ ଈଶ୍ୱରର ଅସ୍ତିତ୍ୱ ନାହିଁ ତାକୁ ମଧ୍ୟ ମାରିବାର ପ୍ରଶ୍ନ ଉଠୁନାହିଁ । ଏହି ସମସ୍ୟାର ଗୋଟିଏ ସହଜ ଉପାୟ ହେଉଛି - ନିଜର ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାରପୂର୍ବକ ମନରୁ ପୂର୍ବାଗ୍ରହ ତ୍ୟାଗକରି ଈଶ୍ୱର ବା ଧର୍ମର ଭ୍ରମକୁ ଦୂର କରି ହେବ । ଏଥିପାଇଁ ଆବଶ୍ୟକ ଜ୍ଞାନ ଓ ବିଜ୍ଞାନର ବିକାଶ ।

ମଣିଷର ଚିନ୍ତନ ଶକ୍ତି ଯଥେଷ୍ଟ ବିକାଶ ହେବାପରେ ସେ ପ୍ରକୃତିର ଅନେକ ରହସ୍ୟ ଜାଣି ପାରିଲା । ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକରୁ ନିଜକୁ ରକ୍ଷା କରିବାର ଅନେକ ଉପାୟ ମଧ୍ୟ ଖୋଜି ପାଇଲା । ଖାଲି ସେତିକି ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକରୁ ରକ୍ଷା ପାଇବା ପାଇଁ ତଥାକଥିତ ଈଶ୍ୱରକୁ ଯେତେ ପ୍ରକାର ପୂଜାପାଠ ଆରାଧନା କଲେ ମଧ୍ୟ କିଛି ସୁଫଳ ପାଇବା ସେ ଅନୁଭବ କଲାନାହିଁ । ଧିରେ ଧିରେ ଈଶ୍ୱର ଉପରୁ ବିଶ୍ୱାସ କୋହଳ ହେବାକୁ ଲାଗିଛି । ଆଜି ସମସ୍ତେ ରୋଗହେଲେ ଘରେବସି ହାତଯୋଡ଼ି କେବଳ ଈଶ୍ୱରଙ୍କୁ ପ୍ରାର୍ଥନା କରୁନାହାନ୍ତି ବରଂ ତୁରନ୍ତ ଆଧୁନିକ ଡାକ୍ତରଙ୍କ ପାଖକୁ ଦୌଡ଼ି ଯାଉଛନ୍ତି । ସେହିଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ମଧ୍ୟ କେହି ଶୂନ୍ୟକୁ ଚାହିଁ ବସି ଈଶ୍ୱର ଅବତରଣ କରି ବଞ୍ଚେଇବା ପାଇଁ ପ୍ରାର୍ଥନା କରୁନାହାନ୍ତି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାଦ୍ୱାରା ନିର୍ମିତ ସାଧନ ଗୁଡ଼ିକୁ ବ୍ୟବହାର କରି ନିଜକୁ ସୁରକ୍ଷିତ ରଖିବାକୁ ଆପ୍ରାଣ ଚେଷ୍ଟା କରୁଛନ୍ତି ।

ଈଶ୍ୱରର ଅସ୍ତିତ୍ୱ ଉପରେ ସନ୍ଦେହ ସୃଷ୍ଟି କରୁଥିବା ଆଉ ଏକ ଉଦାହରଣ ହେଉଛି - ଈଶ୍ୱର ଓ ଧର୍ମ ନାଁରେ ଲୋକମାନଙ୍କୁ ଶାରୀରିକ, ମାନସିକ ଓ ଆର୍ଥିକ ଶୋଷଣ କରୁଥିବା ତଥାକଥିତ ସ୍ୱୟଂଭୂ ଭଗବାନରୂପୀ ବାବାମାନେ । ଈଶ୍ୱର ସେମାନଙ୍କୁ ବ୍ୟଭିଚାର କରିବା ପଥରୁ ଦୂରେଇ ରଖି ପାରିନାହିଁ କିମ୍ବା ଶୋଷିତ ହେଉଥିବା ନାରୀଙ୍କୁ ତାଙ୍କ କବଳରୁ ରକ୍ଷା

Download Magazine from www.aahwaan.com

କରି ପାରୁନାହିଁ । ତେଣୁ ପ୍ରଶ୍ନ ଉଠୁଛି - ଈଶ୍ୱର ଶକ୍ତିହୀନ ନା ଏକ ଭ୍ରମ ମାତ୍ର !

ଶେଷରେ ଏତିକି କୁହାଯାଇ ପାରିବ - ଗୋଟିଏ ସୁସ୍ଥ, ସଭ୍ୟ ଓ ମାନବବାଦୀ ସମାଜ ଗଠନ ପାଇଁ ଧର୍ମ ରହିତ ଦୁନିଆର ନିର୍ମାଣ ଅତି ଆବଶ୍ୟକ । ପ୍ରତ୍ୟେକ ମଣିଷକୁ ପିଲା ଦିନରୁ ହିଁ ଉପଯୁକ୍ତ ଆଧୁନିକ ଶିକ୍ଷା ପ୍ରଣାଳୀରେ ଶିକ୍ଷା ଦେବାକୁ ହେବ, ଯାହା ଦ୍ୱାରା ମଣିଷ ଭିତରେ ନୈତିକତା, ସ୍ନେହ, ଭ୍ରାତୃତ୍ୱଭାବ ଓ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ହୋଇପାରିବ । ସେଥିପାଇଁ ଆଧ୍ୟାତ୍ମିକବାଦର କୌଣସି ଆବଶ୍ୟକତା ନାହିଁ । ଆଧ୍ୟାତ୍ମିକବାଦ ସାରା ଦୁନିଆରେ କେତେ କୋଟି ନରସଂହାର କରି ସାରିଲାଣି ତାହା ପ୍ରତ୍ୟେକ ଇତିହାସ ପାଠକ ଜାଣିଛନ୍ତି । ଆଜି ବି ସେ ତାଣ୍ଡବଲୀଳା ଚାଲିଛି । କୌଣସି ଧର୍ମର ତଥାକଥିତ ଈଶ୍ୱର କୌଣସି ଭକ୍ତମାନଙ୍କୁ ରକ୍ଷା କରି ପାରିନାହାନ୍ତି । ପ୍ରତ୍ୟେକ ଧର୍ମରେ ଅନେକ ଧର୍ମ ରକ୍ଷକ - ପାଗଳ ଭକ୍ତଗଣ, ସରଳ ବିଶ୍ୱାସୀ ମଣିଷ ମାନଙ୍କର ଭକ୍ଷକ ସାଜି ବସିଛନ୍ତି ।

ବେଙ୍ଗାଲୁରୁ, କର୍ଣ୍ଣାଟକ

ଭ୍ରାମ୍ୟଭାଷ : ୦୯୪୮୨୦୧୬୨୬୦

# ଗଳ୍ପସ୍ପର୍ଦ୍ଧା ବିଭାଗ

 Download Magazine from www.aahwaan.com

# ସଂସାର



ଶ୍ରଦ୍ଧାଞ୍ଜଳୀ ମିଶ୍ର

ପ୍ରଶାନ୍ତ ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖା ଯାଉଥିଲା । "କେଉଁଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନା ଆଉ କିଛି ? ତମେ ଯେବେ ଇଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କାଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିଲା ବେଳେ କହିଲା, "ମୋତେ ଭୋକ ଲାଗିଲାଣି, ଜଲଦି ଖାଇବାକୁ ବାଢ଼ ।"

ସ୍ମିତା ଅବାକ ହୋଇ ଚାହିଁଥିଲା । କି ଅଦ୍ଭୁତ ମଣିଷ ଇଏ ? ଏତେ ବିରକ୍ତ ହୋଇ ଗାଳି କଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଆସିବା ଚଳିବନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା । ସ୍ୱାମୀକୁ କଡ଼ା କଥା ପଦେ ସିନା କହିଦେଲା କିନ୍ତୁ ସ୍ମିତାର ଆଖିରେ ଲୁହ ଆଉ ବୋଲ ମାନୁ ନଥିଲେ । ଏ କଣ ସେ ପ୍ରଶାନ୍ତ ? ଯାହାକୁ ସେ ଭଲ ପାଇଥିଲା, ଏ କଣ ସେ ଲୋକ ଯିଏ ଆଖିରେ ଲୁହ ଟୋପାଏ ଦବନି ବୋଲି ଶପଥ କରିଥିଲା, ଏ କଣ ମୋର କଲେଜର ସେହି ପ୍ରେମିକ ଯିଏ କି ସ୍ମିତା ଆଖିରେ ଲୁହ ଟୋପାଏ ଦେଖିଲେ ଲୁହକୁ ପୋଛି ପି ଦିଏ ଆଉ ଆଜି ଲୁହର ବନ୍ୟା ବୋହି ଗଲେ ବି କିଛି ଫରକ ପଡୁନି ।

ଦଶ ବର୍ଷ ପଛକୁ ଫେରି ଯାଉଥିଲା ସେ । ତା ଆଖି ଆଗରେ ଭାସି ବୁଲୁଥିଲା ତା

 Download Magazine from www.aahwaan.com

କଲେଜ ବେଳର କଥା । ସ୍ମିତା କଲେଜରେ ପଢୁଥିଲା ବେଳେ ଦେଖା ହେଇଥିଲା ପ୍ରଶାନ୍ତ ସହ । ସ୍ମିତାର ଦୁଇ ଜଣ ସାଙ୍ଗ ଥିଲେ ଅନୁ ଆଉ ରିନୁ । କଲେଜରେ ଧିରେ ଧିରେ ଅନୁ, ରିନୁ ଆଉ ସ୍ମିତାର ଅତି ନିକଟତର ସାଙ୍ଗ ହେଇ ଯାଇଥିଲେ । ଅନୁ ଆଉ ରିନୁ ଦୁଇଜଣ ହଷ୍ଟେଲରେ ରହୁଥିଲେ ସ୍ମିତା କିନ୍ତୁ ଲୋକାଲ ପିଲା ଥିଲା । ସେଥିପାଇଁ ସ୍ମିତା ରହୁଥିଲା ଘରେ । ଗୋଟେ ଦିନ ରିନୁର ପ୍ରେମିକ ରିନୁକୁ ଦେଖା କରିବାକୁ ଆସିଥିଲା । କିନ୍ତୁ ରିନୁ ଏ ସହରେ ନୂଆ । କିଛି ଜାଣିନି ଏ ସହର ବିଷୟରେ । ସେ ସ୍ମିତାର ସାହାଯ୍ୟ ନେଲା । ସ୍ମିତା ବି ରାଜି ହେଲା ଦୁଇ ଜଣଙ୍କର ଦେଖାକରିବାକୁ । ରିନୁର ପ୍ରେମିକ ଆଉ ତା ସାଙ୍ଗରେ ତା'ର ଗୋଟେ ସାଙ୍ଗ ଆସିବାର ଥିଲା ରିନୁକୁ ଦେଖା କରିବାକୁ । ସେଦିନ ସେମାନେ ପହଞ୍ଚୁ ପହଞ୍ଚୁ ସନ୍ଧ୍ୟା ହୋଇ ଯାଇଥାଏ । ରିନୁ ଆଉ ଦେଖା କରିପାରିଲା ନାହିଁ । ହଷ୍ଟେଲ ୬ଟାରେ ବନ୍ଦ ହେଇଯାଏ । ସେଥିପାଇଁ ସ୍ମିତା ହାତରେ ଖଣ୍ଡେ ଚିଠି ଲେଖିକି ଦେଲା ତା ପ୍ରେମିକକୁ ଦେବାପାଇଁ । ସ୍ମିତା ଅପେକ୍ଷା କରିଥାଏ ରିନୁର ପ୍ରେମିକ ଆଉ ତା ସାଙ୍ଗକୁ । କିଛି ସମୟ ଅପେକ୍ଷା କଲା ପରେ ଦୁଇ ଜଣ ବାଇକ ନେଇ ଆସିଲେ ଜଣେ ବାଇକରୁ ଓହ୍ଲେଇ ସ୍ମିତା ଆଡ଼କୁ ଆସିଲା ରିନୁ ଭାବିକି । ଆଉ ସ୍ମିତା ବି ତା ଆଡ଼କୁ ଯାଉଥିଲା ରିନୁର ପ୍ରେମିକ ଭାବିକି । ଏଇଠି ହୋଇଥିଲା ସ୍ମିତା ଆଉ ପ୍ରଶାନ୍ତର ପ୍ରଥମ ଦେଖା । ଯେଉଁଠି ଦୁହେଁ ଏ ଦୁହିଁ ଜଣଙ୍କୁ ଜାଣିନଥିଲେ । କିଛି ସମୟ କଥା ହେବା ପରେ ସ୍ମିତା ଜାଣିବାକୁ ପାଇଲା ଯେ ଏ ରିନୁର ପ୍ରେମିକ ନୁହଁ ତା ସାଂଗ ପ୍ରଶାନ୍ତ ଆଉ ପ୍ରଶାନ୍ତ ବି ଜାଣିବାକୁ ପାଇଲା ଏ ରିନୁ ନୁହଁ ତା ସାଂଗ ସ୍ମିତା । ସେଦିନରୁ ସେ ଦୁହେଁ ଦୁହିଁକୁ ଭଲ ପାଇ ବସିଥିଲେ । ସମୟ ଗଡ଼ିବା ସହ ଦୁହିଁଙ୍କର ଭଲପାଇବା ବହୁତ ଅନ୍ତରଙ୍ଗ ହେଇଗଲା । ଦୁଇ ଜଣ ବିବାହ କରିବାକୁ ଠିକ କଲେ କିନ୍ତୁ ପ୍ରଶାନ୍ତ ପାଖରେ ଭଲ ଚାକିରୀ ଥିଲା ନା ଥିଲା ଭଲ ଘର । ସେ କେଉଁ ବଡ଼ ଖାନଦାନ କି

 Download Magazine from www.aahwaan.com

ବଡ଼ ବ୍ୟବସାୟୀ ଘରର ପିଲା ନଥିଲା । ସେ ଥିଲା ଏକ ନିହାତି ମଧ୍ୟବିତ୍ତ ପରିବାରର ପିଲା । ସ୍ମିତାର ଘର ଲୋକ ରାଜି ନଥିଲେ ଏ ବାହା ଘର ପାଇଁ । ସେଥିପାଇଁ ସ୍ମିତା ତା ଘର ଛାଡ଼ି ଆସି ତା ବାପା ମା'ଙ୍କ ବିନା ଅନୁମତିରେ ପ୍ରଶାନ୍ତକୁ ବିବାହ କଲା । ଏ ଦଶ ବର୍ଷ ଭିତରେ ଝିଅଟେ ହୋଇଛି । ଦଶବର୍ଷପରେ କିନ୍ତୁ ଦୁଇ ଜଣଙ୍କ ଭଲପାଇବା ଆଜି ଏ ମୋଡ଼ରେ ପହଞ୍ଚିଛି ଯେଉଁଠି ନା ଦୁଇଜଣଙ୍କ ମନ ମିଶୁଛି ନା ପ୍ରକୃତି । ପ୍ରଶାନ୍ତର ଏମିତି ଲେଟ ଆସିବା ସ୍ମିତାକୁ ପସନ୍ଦ ନଥିଲା । ସବୁ ଦିନ ରାତିରେ ମଦ ପିଇକି ଆସିବା ଥିଲା ପ୍ରଶାନ୍ତର ପ୍ରତିଦିନର ନାଟକ । ସତରେ ଏ କଣ ସେଇ ପ୍ରଶାନ୍ତ ଯିଏ ସ୍ମିତାକୁ ଜୀବନଠୁ ବି ଅଧିକ ଭଲ ପାଉଥିଲା ?

ସ୍ମିତା ଏବେ ଜିଲ୍ଲାର ନାରୀ ସୁରକ୍ଷା ମଞ୍ଚର ସଭାପତି । କେତେ ସ୍ତ୍ରୀ ଲୋକଙ୍କ ଗୁହାରି ବୁଝୁଛି ସେ । ଆଉ ତା ନିଜ ଘରେ ସେ ନିଜେ ନିର୍ଯାତନା ପାଉଛି କାହାକୁ କହିବ ଏ କଥା ? ସ୍ମିତା ମଞ୍ଚ ଉପରେ ଠିଆ ହୋଇ ନାରୀ ମାନଙ୍କୁ ସଶକ୍ତିକରଣ ଓ ଆତ୍ମ ନିର୍ଭରଶୀଳ ହେବାକୁ ଭାଷଣ ଦେଉଛି କିନ୍ତୁ ଆଜି ନିଜ ଘରେ ନିଜ ସ୍ୱାମୀ ମଦ ପିଇକି ଆସୁଛି ଲେଟନାଇଟରେ । ସ୍ମିତା ଯିଏ ଅନ୍ୟ ନାରୀକୁ ବୁଝାଉଛି ଆଉ ନିଜେ ହାରିଯାଇଛି ସମାଜ ଆଉ ତା ସ୍ୱାମୀ ଆଗରେ । ଏ ସବୁକୁ ଭାବି ଭାବି ସ୍ମିତାର ଆଖିରେ ନିଦ ଆସି ଯାଇଥିଲା ।

ସକାଳୁ ପୁଣି ଆଉ ଗୋଟେ ସଭାରେ ସ୍ମିତାକୁ ଭାଷଣ ଦେବା ପାଇଁ ଯିବାର ଥିଲା.....

Download Magazine from www.aahwaan.com

# ମୋ ସନ୍ଦେହୀ ପ୍ରିୟା



ସିପ୍ରା ନାମତା (ନମ୍ରତା)

ଦରବାନ ଗେଟ ଖୋଲିଲା । ଚାରିଚକିଆ ଗାଡ଼ିଟେ ପଶିଆସିଲା ଭିତରକୁ । ଗାଡ଼ିରୁ ଓହ୍ଲାଇ ଘରକୁ ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖାଯାଉଥିଲା । "କୋଉଠି ଥିଲ ଏତେ ବେଳଯାଏ, ଏଇଟା ଘର ନା ଆଉ କିଛି ? ତମର ଯେବେ ଇଚ୍ଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କା ଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ଲାଗିଲାଣି ଜଲଦି ଖାଇବାକୁ ବାଢ଼ ।" ସ୍ମିତା ଅବାକ ହୋଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇଏ ? ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉ ପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା । "କାହିଁକି ଏମିତି ବେକାରଟାରେ ପାଟି କରୁଛ କହିଲ ? କାହିଁକି ମୋତେ ଜଗିଛ ? ମୁଁ ତ ତମର କିଛି କାମର ଲୋକ ନୁହଁ ନା... ଦିଅ... ଦିଅ ଖାଇବାକୁ ଦିଅ... ଆଜି ନଟୀ ଆସିନି ନା କଣ ?" ଚାରିଆଡକୁ ଚାହିଁ .... "ଓଃ ସେଥିପାଇଁ ମାଡମଙ୍କ ରାଗଟା ପଞ୍ଚମ ରେ ।" ଯା ଭିତରେ ଡାଇନିଂ ଟେବୁଲର ଚେୟାରରେ ବସି ଟେବୁଲରେ ସଜା ହୋଇଥିବା ପ୍ଲେଟ ଗୁଡ଼ିକୁ ସିଧା ରଖୁଥାଏ ପ୍ରଶାନ୍ତ । ସ୍ମିତାକୁ ସେମିତି ଠିଆ ହୋଇ ରହିବାର ଦେଖି କହିଲା, "କଣ ଠିଆ ହୋଇ ରହିଲ ଯେ ?" ଏହି ସମୟରେ ସ୍ମିତାର ମାଉସୀ ଝିଅ

Download Magazine from www.aahwaan.com

ଭଉଣୀ, ତା'ଠାରୁ ବଡ଼, ଶାନ୍ତିଅପା ସ୍ମିତାକୁ ଡାକି ଡାକି ଘର ଭିତରକୁ ପଶିଆସିଲେ । ଘର ଭିତରର ପରିସ୍ଥିତି ଦେଖି ଅଡୁଆ ସମୟରେ ଆସିଥିବାରୁ କାଇଲା ଲାଗିଲା ତାଙ୍କୁ । ପ୍ରଶାନ୍ତ ସମ୍ବନ୍ଧରେ ହିଁ ସୂଚନା ଦେବାକୁ ସେ ଆସିଥିଲେ ସ୍ମିତା ପାଖକୁ । ସଙ୍ଗେ ସଙ୍ଗେ ବୁଦ୍ଧି ଖଟାଇ କହିଲେ, "ଆଜି କଣ ଖାଇ ନଥିଲ କି ପ୍ରଶାନ୍ତ ? ସ୍ମିତା ଦଉନୁ ଖାଇବାକୁ ।" କହି ଏକରକମ ପେଲିପେଲି ନେଇଗଲେ ରୋଷେଇ ଘର ଭିତରକୁ ।

ତରକାରୀ ବାସ୍ନାରେ ବିଭୋର ପ୍ରଶାନ୍ତ ପାଟିକୁ ଖାଦ୍ୟ ନେଉଥିବା ବେଳେ ଶାନ୍ତି ପଚାରିଲେ, "ଆଜି ହସ୍ପିଟାଲ କାହିଁକି ଯାଇଥିଲ ? ତମେ ଠିକ୍ ଅଛ ତ ?" ସାମାନ୍ୟ ଆଶ୍ଚର୍ଯ୍ୟ ହୋଇ ପ୍ରଶାନ୍ତ କହିଲା, "ତୁମେ କେମିତି ଜାଣିଲ ? ଯାଇଥିଲ କି ? କାହାର କିଛି ଅସୁବିଧା ହେଇଛି କି ?"

"ଆରେ ନା ନା, ଘରେ ସବୁ ଠିକ୍ । ମୋର ଟିକେ ଡ଼ଃ ରାଉତଙ୍କ ପାଖରେ କାମ ଥିଲା ତ ! ସେଥିପାଇଁ ଯାଇଥିଲି । କିନ୍ତୁ ତୁମେ କିଛି କହିଲନି ଯେ ।" କହିଲେ ଶାନ୍ତି । ପ୍ରଶାନ୍ତ ନୀରବରେ ଖାଇବାକୁ ଲାଗିଲା ଖାଇସାରି ହାତ ଧୋଉ ଧୋଉ କହିଲା, "ସମାଜ ସେବା ପାଇଁ ।"

"ତମେ କଣ ଯା ଭିତରେ ତମ ଅଫିସ ବଦଳେଇ ଦେଇଛ । ଆଜି ତ କଣ ନୂଆ ଶୁଣିଲା ପରି ଲାଗୁଛି ।" ପ୍ରଶାନ୍ତ କଥା ଛଡେଇ ନେଇ ଶାନ୍ତି ଉଦ୍ଦେଶ୍ୟରେ ସ୍ମିତାକୁ ଦେଖେଇ କହିଲା, "ସେ କଥା ତମ ପରି ଲୋକ ବୁଝିପାରିବେନି" କହି ତା' କୋଠରୀ ଆଡ଼କୁ ମୁହାଁଇଲା ।

ପ୍ରଶାନ୍ତର ଯିବା ବାଟକୁ ଚାହିଁ ଶାନ୍ତି କହିଲେ, "ସେଇଥିପାଇଁ ମୁଁ କହୁଥିଲି କୋଳକୁ ଗୋଟେ ଜୀଅନ୍ତା କଣ୍ଢେଇ ଆସୁ, ସଂସାର ବଢିଲେ ଜଞ୍ଜାଳ ବଢ଼ିବ ତେଣିକି ଆପେ ଘରମୁହାଁ

ହେଇଯିବ କିନ୍ତୁ ନାଇଁ । ପ୍ଲାନିଂ କରିଛ । ହଉ... ଏବେ ଦେଖୁଛୁ ତ କେମିତି ଘରଛାଡ଼ି ବାହାର ମୁହାଁ ହେଲାଣି ।” ଦୂରଦୃଷ୍ଟି ସମ୍ପନ୍ନ ହିତକାରୀ ମଣିଷଟି ପରି ଶାନ୍ତିର ଏଇକଥା ଶୁଣି ସ୍ମିତାର ମୁହଁ ଅଜ୍ଞାତ ଆଶଙ୍କାରେ ଶିହରିଗଲା ବେଳକୁ ଆଖି ଦୁଇଟି ଛଳଛଳ ହୋଇଗଲା । ଅସହାୟ ହୋଇ ବସିପଡ଼ିଲା ଚେୟାର ଉପରେ । ଏବେ ଆଉ ନୀରବ ହୋଇ ବୋହିଲାନି ତା ଲୁହ ଧାର, କଇଁ କଇଁ ହୋଇ ଚାପା କ୍ରନ୍ଦନର ଧ୍ୱନୀ ନିର୍ଗତ ହେଲା ତା କଣ୍ଠରୁ । ଶାଢ଼ୀ ଅଞ୍ଚଳରେ ଆଖି ପୋଛୁ ପୋଛୁ କାନ୍ଦିବା ସ୍ୱରରେ କହିବାକୁ ଲାଗିଲା, “ଏବେ କଣ ହେବ ଅପା ?କାହାକୁ ଦେଖିଲ କି ତାଙ୍କ ସାଙ୍ଗରେ ? ମୋତେ ଖୋଲି କରି କୁହ ।”

“ଆରେ ତୁ ଏତେ ବ୍ୟସ୍ତ କାହିଁକି ହେଉଛୁ ? ମୋ କହିବା ଉଦ୍ଦେଶ୍ୟ ଠିକ୍ ସେଇୟା ନୁହଁ ଯେ, ପୁରୁଷ ପିଲା ତ ବାହାରେ ଅଧିକାଂଶ ସମୟ ରହୁଛନ୍ତି । ନିଜେ ଭଲ ହେଲେ ବି କେତେ ଜଣ ସେ ଭଲଟାକୁ ଦେଖିପାରନ୍ତି, ନା ସହିପାରନ୍ତି ?ମଉସା କି ମାଉସୀ କେହି ବଞ୍ଚିଥିଲେ ତୋତେ ବୁଦ୍ଧି ଦେଇଥାନ୍ତେ ତେଣୁ ମୋ କହିବା କଥା, ମୂଳରୁ ଅଡୁଆ ଛିଡ଼ିଗଲେ ଯାଏ । ତା ପରେ ଯାହା ହେଉଛି ହେଉଥାଉ । କୋଳରେ ଛୁଆଟିଏ ଆସିଲେ ତୋର ବି ସମୟ କଟିଯାଅନ୍ତା, ଆଉ ସେ ବି ବାହାରକୁ ଯିବା କମେଇ ଦିଅନ୍ତା । ହଉ ଶୁଣ, ସେ ଯେତେବେଳେ ଭଲ ମନରେ ଥିବ ସେତିକିବେଳେ ଟିକେ ହୁସିଆର ହେଇ କଥାଟା ପକେଇବୁ । ମୁଁ ଚାଲିଲି ତେଣେ ତୋ ଭିଣୋଇ ପୁଣି ଆକାଶ ତୋରା ଦେଖେଇଦେବେ । ହଁ, ବେଶୀ ରାଗିବୁନି ତା'ଉପରେ । ହେଲା ! ମୁଁ ଏଥର ଆସେରେ ।” କହି ଚାଲିଗଲେ ଶାନ୍ତି କିଛି ଶାନ୍ତି ଓ ଅଶାନ୍ତିର ବୀଜ ସ୍ମିତା ମୁଣ୍ଡରେ ଗଜୁରିବା ପାଇଁ ଛାଡ଼ିଦେଇ ।

ସେଇଦିନ ରାତିରେ ପ୍ରଶାନ୍ତର ବିଳମ୍ବରେ ଆସିବାକୁ କ୍ଷଣକୋପୀ ସ୍ମିତା ଯଦିଓ ସହି ପାରୁ ନଥିଲା ହେଲେ ଶାନ୍ତି ଅପାର ଉପଦେଶ ଅନୁସାରେ ନୀରବ ରହିବାକୁ ବାଧ୍ୟ

Download Magazine from www.aahwaan.com

ହୋଇଛି । କିନ୍ତୁ ଭରସି କରି କିଛି କଥା କହି ବି ପାରୁନି ସେ ପ୍ରଶାନ୍ତକୁ । ରାତ୍ରୀ ଭୋଜନରେ ସୁସ୍ୱାଦୁ ବ୍ୟଞ୍ଜନ ପରଶି ଦେଇ ସ୍ମିତା ବାଧ୍ୟ ଛାତ୍ରୀଟି ପରି ଠିଆ ହୋଇ ଆନୁଗତ୍ୟ ପ୍ରଦର୍ଶନ କରୁଛି ।

"ତମେ ଖାଇଛ ?"

ମୁଣ୍ଡ ହଲେଇ ମନା କଲା ସ୍ମିତା ।

"ତମ ଆଗରୁ ମୁଁ କେବେ ଖାଇଛି ?"

ଦିନରେ ସେ ଯାହା ଖାଇଥାନ୍ତା, ଶାନ୍ତି ଅପାର କଥାରେ ଖାଇବାର ସ୍ପୃହା ମରିଯାଇ ଥିଲା ସ୍ମିତାର । ଗୋଟେ ଅନାଗତ ଆଶଙ୍କା ଓ ଭୟରେ ତା'ର ସମଗ୍ର ଶରୀରରେ ନିଷ୍କମ୍ପତା ଅନୁଭୂତ ହେଉଥିଲା । ବେନିନୟନ ଶ୍ରାବଣର ଛାୟାରେ ଢଳ ଢଳ ହେଉଥିଲା । ପ୍ରଶାନ୍ତର କେଉଁ ଅନ୍ୟ ନାରୀ ସହ ସମ୍ପର୍କ ଥାଇପାରେ ? ? ? ଛିଃ, କେମିତି ଭାବନା ଗୁଡ଼ାକ ଠେଲି ପେଲି ହୋଇ ମୁଣ୍ଡଟାକୁ ଖରାପ କରିଦେଉଛନ୍ତି ।

"କଣ ଏତେ ଭାବୁଛ ? ଆସ... ସାଙ୍ଗରେ ଖାଇନେବା ।" ପ୍ରଶାନ୍ତର ଆଗ୍ରହରେ ସ୍ମିତା ତା ସହ ବସି ଖାଇଲା । ଏମିତି ଅନେକ ସମୟରେ ସେମାନେ ସାଥୀରେ ବସି ଖାଆନ୍ତି । ସହର ଭିତରେ ଥିଲେ, କେବେ କେବେ ବି ଫୋନରେ ଡେରି ହେବା କଥା କହିଦେଇଥାନ୍ତି । ତଥାପି କେମିତି ଗୋଟେ ଖାମଖିଆଲି ଭାବ ଥାଏ ବୋଲି ଅନୁଭବ କରେ ସ୍ମିତା ।

ଖାଇସାରିବା ପରେ ପ୍ରଶାନ୍ତ କହିଲା, "ସତରେ ସ୍ମିତା ତମ ହାତରେ ଯାଦୁ ଅଛି । ଚମତ୍କାର ରାନ୍ଧିପାର ତମେ । ସେଇଥିପାଇଁ ଯେତେ ବିଳମ୍ବ ହେଲେ ମଧ୍ୟ ବାହାରେ ଖାଇବାକୁ ଇଚ୍ଛା ହୁଏନାହିଁ ।"

ଦୁହେଁ ଶୟନକକ୍ଷକୁ ଯାଇ ଶଯ୍ୟାର ଆଶ୍ରୟ ନେଲେ । ପ୍ରଶାନ୍ତ ଆଡ଼କୁ ପଛ କରି

 Download Magazine from www.aahwaan.com

କଡ଼େଇ ଶୋଇଲା ସ୍ମିତା । ପ୍ରଶାନ୍ତ କାନ୍ଥରେ ଝୁଲୁଥିବା ଟି.ଭି.ର ପରଦା ଉପରେ ଗୋଟେ ପରେ ଗୋଟେ ଚ୍ୟାନେଲ ଖେଳାଇ ମନ ପସନ୍ଦର କିଛି ପ୍ରୋଗ୍ରାମ ନ ପାଇ ଟି ଭି ବନ୍ଦ କରିଦେଇ ମୋବାଇଲରେ ଆସିଥିବା ମେସେଜ ଗୁଡ଼ିକ ଚେକ କଲା । ନଜର ପଡ଼ିଲା ଗୋଟେ ନଂରେ ଜି. ଭାର୍ଗବୀ । ଠିକ୍ ସେଇ ସମୟରେ ଏକ ଚାପା କ୍ରନ୍ଦନର ସ୍ୱର ତା' କର୍ଣ୍ଣଗୋଚର ହେବା କ୍ଷଣି ସେ ସ୍ମିତା ଆଡ଼କୁ ଚାହିଁଲା । ଅନୁସନ୍ଧିତ୍ସୁ ମନନେଇ ଝୁଙ୍କି ପଡ଼ିଲା ପତ୍ନୀ ଉପରକୁ । ଅଶ୍ରୁଶିକ୍ତା ସ୍ମିତାର ମୁଖମଣ୍ଡଳକୁ ଚାହିଁ ଆଶ୍ଚର୍ଯ୍ୟର ସୀମା ରହିଲାନି ଆଉ ଖୁବ୍ ବ୍ୟସ୍ତ ଲାଗିଲା ତାକୁ । ମୁହୂର୍ତ୍ତକରେ ସେଇ ଅଶ୍ରୁସ୍ନାତା ମୁହଁର କମନିୟତା, ଓ ସୁନ୍ଦରତା ଅତୀବ ରମଣୀୟ ମନେ ହେଲା ତାକୁ । ସୌନ୍ଦର୍ଯ୍ୟର ଅପରୁପା ମୂର୍ତ୍ତିଟିକୁ ସେ ଏଇ କିଛିଦିନ ହେବ ବେଶ ଅବହେଳା କରିଆସିଛି ବୋଲି ଭାବି ତାକୁ ନିଜକୁ ଦୁଃଖ ଲାଗିଲା । କିନ୍ତୁ ସ୍ମିତା କ୍ରନ୍ଦନର ରହସ୍ୟ ତା' ମୁହଁରୁ ଶୁଣିବା ପରେ ଠୋ ଠୋ ହୋଇ ହସିଉଠିଲା ପ୍ରଶାନ୍ତ ।

"ତୁମ ପରି ଜଣେ ବିଶିଷ୍ଟ କଳାକାର ପାଖରୁ ଏମିତି ଭାବନା ମୁଁ ଆଶା କରୁ ନ ଥିଲି ସ୍ମିତା । ମନେଅଛି, ବିବାହର ଠିକ୍ ପରେ ପରେ ତୁମକୁ ଏ ବିଷୟରେ କହିଥିଲି ଆଉ ତୁମ ନୃତ୍ୟ କଳାକୁ ବି କଣ୍ଟିନ୍ୟୁ କରିବା ପାଇଁ ତୁମ ଇଛା ଜଣାଇବା ପାଇଁ କହିଥିଲି । କିନ୍ତୁ ତୁମେ ନୀରବ ତ ରହିଲ ଆଉ ତା ସହିତ ସେ କଥା ଭୁଲିଯାଇଛ ବୋଲି ବର୍ତ୍ତମାନ ମୁଁ ଜାଣୁଛି । ପାଞ୍ଚ ବର୍ଷରୁ ଅଧିକ ହେବ ମୁଁ ସେମାନଙ୍କ ସହ ରହିଛି ।"

ଅବାକ ହୋଇ ଚାହିଁ ରହିଥିବା ସ୍ମିତାକୁ କୋଳେଇ ନେଇ ପ୍ରଶାନ୍ତ ତା'ର କାର୍ଯ୍ୟ ବ୍ୟସ୍ତତାର ସମସ୍ତ ରହସ୍ୟ ଉନ୍ମୋଚନ କରିବା ପାଇଁ ମୋବାଇଲ ଦେଖାଇଲା ସ୍ମିତାକୁ । ଦିବ୍ୟାଙ୍ଗମାନଙ୍କ ସେବା ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ଅନ୍ତଃରାଷ୍ଟ୍ରୀୟ କମ୍ପାନୀର ଭାରତୀୟ ଶାଖାର ପ୍ରବନ୍ଧକ ଜି. ଭାର୍ଗବୀଙ୍କ... "ଯୁବ ଉଦ୍ୟୋଗପତି ପ୍ରଶାନ୍ତ ରାଜ୍ୟ ସ୍ତରୀୟ

 Download Magazine from www.aahwaan.com

ଦିବ୍ୟାଙ୍ଗ ପ୍ରେରଣା କର୍ମ ଶାଳା, 'ଉଇ ଆର ଷ୍ଟାରସ୍' (we are stars)ର ପ୍ରଯୋଜକ ରୂପେ 'ବିଶେଷ ପ୍ରତିଭା ବିକାଶ ସମ୍ମାନ' ପାଇବାକୁ ଆମନ୍ତ୍ରିତ ହୋଇଛନ୍ତି" ବୋଲି ମେସେଜଟିକୁ ପଢ଼ିସାରିବା ପରେ ପ୍ରଶାନ୍ତ ସେ କର୍ମଶାଳା ଗୁଡିକର କିଛି ଛାୟା ଦୃଶ୍ୟ ଟି.ଭି. ସହିତ ସଂଯୁକ୍ତ କରିଦେଲା । ବଡ ପରଦା ଉପରେ ସ୍ପଷ୍ଟ ଭାବରେ ସ୍ମିତା ଦେଖୁଥିଲା, ବିଭିନ୍ନ ବୟସର, ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ପିଲାମାନେ କୃତ୍ରିମ ଅଙ୍ଗ ସାହାଯ୍ୟରେ ବେଶ ସୁନ୍ଦର ଭାବେ ଅନେକ କିଛି କାମ କରିପାରୁଛନ୍ତି । ଓଃ... ଆଉ ଚାହିଁ ହେଉନି... । ଆତ୍ମା ହାହାକାର କରି ଉଠୁଥିଲା ସ୍ମିତାର । ଅସୀମ ଧୈର୍ଯ୍ୟ, ସ୍ନେହ, ପ୍ରେମର ମନ୍ଦାକିନି ବୁହାଇ କୌଶଳୀ ଶିକ୍ଷକମାନେ ସେମାନଙ୍କୁ ତାଲିମ ଦେବାରେ, ପ୍ରଶିକ୍ଷିତ କରାଇବାରେ ନିୟୋଜିତ । ବିଭିନ୍ନ ଶିକ୍ଷା, ଖେଳକୁଦ, ନୃତ୍ୟସଙ୍ଗୀତ, ଚିତ୍ରାଙ୍କନ, ଅଭିନୟ ଇତ୍ୟାଦିରେ ଦିବ୍ୟାଙ୍ଗମାନଙ୍କୁ ପ୍ରଶିକ୍ଷଣ ଦେବାରେ ସେମାନଙ୍କ ଆତ୍ମିକ ଆବେଗକୁ ହୃଦୟରୁ ପ୍ରଣାମ ନ ଜଣାଇ ରହିପାରିଲାନି ସ୍ମିତା ଆଉ ତା ସାଥିରେ ଶାନ୍ତିଅପାଦ୍ୱାରା ସୃଷ୍ଟି ହୋଇଥିବା ଗୋଟିଏ ମୁହୂର୍ତ୍ତର ସନ୍ଦେହକୁ ସମୂଳେ ପୋଛିଦେଇ ସ୍ୱାମୀ ପ୍ରଶାନ୍ତର ଓସାରିଆ ଛାତିରେ ମୁହଁ ଗୁଞ୍ଜି ଖୁବ୍ ଆତୁର କଣ୍ଠରେ କହିଲା, "ମୋତେ କ୍ଷମା କରିଦିଅ ।"

ସ୍ମିତାକୁ ଆଉ ଟିକିଏ ନିବିଡ଼ କରୁ କରୁ ପ୍ରଶାନ୍ତ କହିଲା, "ମୁଁ ଭାବୁଛି ଘରେ ଏକା ବସି ବସି ତୁମେ ନିହାତି ବୋର ହୋଇଯାଉଛ ତଥା ଅନ୍ୟମାନଙ୍କ ଶିକ୍ଷାରେ ପଡୁଛ । ତେଣୁ ମୋ ମତରେ ତୁମେ ପୁଣି ତୁମ ଡ୍ୟାନ୍ସ କ୍ୟାରିଅରରେ ମନ ଦିଅ । ଘରେ ଗୋଟେ ଛୋଟ ଡ୍ୟାନ୍ସ ସ୍କୁଲ ଖୋଲିଦିଅ । ତୁମେ ଭାବୁଥିବ ମୁଁ କେମିତି ଏତେ କଥା କହୁଛି ? ମନେ ଅଛି ଆମ ବିବାହର କିଛି ମାସ ପୂର୍ବର କଥା –ବଲାଙ୍ଗୀର ଜିଲ୍ଲାରେ ଏମିତି ଏକ କାର୍ଯ୍ୟକ୍ରମ 'ଅମୃତର ସନ୍ତାନ'ରେ ତମର ଓଡ଼ିଶୀ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ବିଶେଷ କରି

Download Magazine from www.aahwaan.com

ମୋତେ । ସେତେବେଳେ ମୁଁ ସେଠି ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲି । ଆଉ ତା'ପରେ ପରେ ହିଁ ତମେ ମୋ ଜୀବନସଙ୍ଗିନୀ ହେଲ ।"

ସ୍ମିତା ମୃଦୁ ହସି ଆଖି ନଚାଇ ପ୍ରଶାନ୍ତର ନିବିଡ଼ତମ ହେଉ ହେଉ କହିଲା, "ଏତେ ରହସ୍ୟଥିଲା ୟା ଭିତରେ କିନ୍ତୁ କେବେ ଜାଣିବାର ସୁଯୋଗ ଦେଇନଥିଲ ତ, ବାହାଘରକୁ ବର୍ଷେ ଡେଇଁଲାଣି । ଯା'ହେଉ ଶାନ୍ତିଅପା ଗୋଟେ ମସ୍ତବଡ଼ ଉପକାର କରିଦେଇଗଲେ । ତୁମ ପରି ସ୍ୱାମୀମୋତେ ସବୁ ଜନ୍ମରେ ପ୍ରାପ୍ତ ହେଉ ।"

"ହଉ ଏବେ ଜାଣିଲ ତ ! ! ମୋ ସନ୍ଦେହୀ ପ୍ରିୟା......" ପ୍ରଶାନ୍ତ ଆଖିରେ ଆଉ ଓଠରେ ଦୁଷ୍ଟାମୀର ହସ ସହିତ ରାତ୍ରୀ ତା'ର ଯୌବନରେ ଉପନୀତ ହେଉଥିଲା ଓ ସେଇ ହସ ସଂଚରି ଯାଉଥିଲା ସ୍ମିତା ଓଠକୁ ସନ୍ଦେହର ଘନ କୁହେଳୀକା ଅପସାରଣ କରି ।....

ବାରିପଦା ,ମୟୁରଭଞ୍ଜ

Download Magazine from www.aahwaan.com

# ଚାକିରୀ



ଅଶୋକ କୁମାର ସେଠୀ

ସେଦିନ ନୀରବରେ ନିବେଦିତା ମୁହଁ ବୁଲେଇ ଚାଲି ଗଲା ସିନା; କିନ୍ତୁ କହିଗଲା ବହୁତ କିଛି । ନୀରବରେ ସବୁ ବୁଝିଲା ସିନା କାହାକୁ ବା କହି ପରୁଛି ? ଅଜାଗା ଘାଆ ଦେଖି ହେଉଛି ନା ଦେଖେଇ ହେଉଛି ! ମିଠା ମିଠା ତାଗିଦ କି ରୋକ୍ ଠୋକ୍ ଜଣେଇଦେଲା କେଜାଣି... ! ପ୍ରଶ୍ନ ତ ଥିଲା ସବୁ ପୁରୁଣା ଖୋଜୁଥିଲା ନୂଆ ଏକ ଉତ୍ତର, ନୂଆ ଏକ ସମ୍ଭାବନା । କେଉଁ ଭରଷାରେ ଭରଷା ଦେବ ଭାବୁ ଭାବୁ ସେ ଚାଲି ଯାଉଥିଲା, ପ୍ରଶାନ୍ତର ଭାବନାକୁ ଅନ୍ତର କରି । ପ୍ରଶାନ୍ତ ନିସ୍ତବ୍ଧ ହୋଇ ଅନାଇ ରହିବା ଛଡ଼ା ତା'ର ବା କେଉଁ ଜୁ ଥିଲା ତାକୁ ଅଟକାଇବାକୁ ।

ପ୍ରଶାନ୍ତ ମହାପାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହେଲା ପରେ ଏ ବର୍ଷକୁ ମିଶେଇ ଚାରିବର୍ଷ ହେଲାଣି ପ୍ରତିଯୋଗିତାମୂଳକ ଘୋଡ଼ା ଦୌଡ଼ରେ ସାମିଲ । ମନରେ ଅହେତୁକ ଆଶା ପୋଲିସ ଏସ୍ଆଇ ହେବ । କଲେଜରେ ପଢ଼ିଲା ବେଳୁ ହିଁ ତାର ଏ ସ୍ୱପ୍ନର ମଞ୍ଜିଟା ପୋତାହୋଇ ସାରିଥିଲା । ପ୍ରଶାନ୍ତ ଦେଖିବାକୁ କୌଣସି ଫିଲ୍ମି ହିରୋ ଠୁ କମ ନୁହଁ । ଶାରୀରିକ ଗଠନ ଯେମିତ ବିଦ୍ୟା ବୁଦ୍ଧିରେ ବି ସେମିତି ପ୍ରଖର । ନିୟମିତ ବ୍ୟାୟାମ ହିଁ ତାର ଏ ସୁଠାମ ଶାରୀରିକ ଗଠନର ରହସ୍ୟ । ଗୋଟେ ପୋଲିସ ଅଫିସର ହେବ । ଏସ୍ଆଇ ପୋଲିସକୁ ଅନେଇ ଅନେଇ ଚାରିବର୍ଷ ବିତିଗଲାଣି ଏ ଭିତରେ । ଏମିତିରେ ତ ଏସ୍ଆଇ ଚାକିରୀର ବିଜ୍ଞାପନ ଚାରିବର୍ଷରେ ଥରେ ବାହାରେ, ଯଦିଓ ପ୍ରତି ବର୍ଷ ବାହାରିବାର ନିୟମ ଅଛି । କୌଣସି କାରଣ ଯୋଗୁଁ ତାହା ତିନି କି

 Download Magazine from www.aahwaan.com

ଚାରିବର୍ଷରେ ଥରେ ବାହାରେ । ପ୍ରଶାନ୍ତ କଟକର ଖାନ୍‌ନଗରରେ ମେସ କରି ରୁହେ । ଖାନ୍‌ନଗର ବିଶ୍ୱନାଥ ପଣ୍ଡିତ ଲାଇବ୍ରେରୀ ନିତି ପଢିବାକୁ ଯାଏ । ସକାଳ ଆଠରୁ ରାତି ଆଠ । ତା ଭିତରେ ପୁଣି ସକାଳେ ସନ୍ଧ୍ୟାରେ ଟ୍ୟୁସନ, ପାଞ୍ଚ କୋଷ ସାଇକେଲ ପେଲି ଯିବାକୁ ପଡେ । ଟ୍ୟୁସନ ଦରମାରେ ଯେନତେନ ପ୍ରକାରେଣ ମେସ ଖର୍ଚ୍ଚ ଉଠିଯାଏ । ଆଉ କିଛି ଘରୁ ଆସେ ।

ଲାଇବ୍ରେରୀକୁ ଲାଗି ଥାଏ ମା କାଳୀଙ୍କ ମନ୍ଦିର । ମନ୍ଦିରକୁ ଯାଇ ନିଜ ଦୁଃଖ ଗୁହାରି ଜଣେଇବାକୁ ଭୁଲେ ନାହିଁ, ସେ । କୁଆଡ଼େ ମାଆକୁ ଡାକିଲେ ସେ ତମ କଥା ଶୁଣି ପାରନ୍ତି ବୋଲି ନିବେଦିତା, ପ୍ରଶାନ୍ତକୁ କେତେ ଥର କହିଛି । ମା'ଙ୍କ ଆଗରେ କ'ଣ କେଜାଣି ଗୁଣୁ ଗୁଣୁ ହୋଇ କହେ ପ୍ରଶାନ୍ତ ... ! ମା'ଙ୍କୁ ମୁଣ୍ଡିଆ ମାରିଲା ବେଳେ ପ୍ରଶାନ୍ତର ଆଖି ଆଗେ ଝଲସି ଉଠେ ବୋଉର କରୁଣ ମୁହଁ, ତା ଆଶାୟୀ ଆଖି, ବାପାଙ୍କ କ୍ଳାନ୍ତସମ ହାଲିଆ ମୁହଁ । ବୋଉ ବାଷ୍ପରୁଦ୍ଧ କୋହରେ କହିଥିବା କିଛି କଥା; କଥା ଛଳରେ ସେ କେତେଥର କହିଲାଣି, ବାପରେ... ! ଏଥର ତୁ ଟିକେ ଅଣ୍ଟା ଭିଡ଼ନ୍ତନି.. ? ଦେଖୁଛୁ ତ ବାପାଙ୍କର ବଳବୟସ ଗଡ଼ିଲାଣି । କେତେ ଦିନ ଆଉ ସେ ଏ ଜଂଜାଳର ବୋଝ ବୋହୁଥିବେ... ?

ଆମେ ତୋ ଭରସାରେ ରହିଲୁ... !

ଗାଁ ଲୋକଙ୍କ ଟାହି ଟାପରାରୁ କେତେ ବର୍ତ୍ତିବାକୁ ଚେଷ୍ଟା କଲେ ମଧ୍ୟ କେଉଁ ବାଟେ ସେ ତୀର ଆସି ଗଳିଯାଏ । ସାହି ପଡିଶାଙ୍କ ଚିନ୍ତାକୁ ପ୍ରଶାନ୍ତ ଯେମିତ ଅଧିକ ଭାରାକ୍ରାନ୍ତ କରିଦେଉଥିବା ଯୋଗୁ କୈଫୟତ ଦେବାକୁ ସେ ବାଧ୍ୟ... ! ଯିଏ ବି ଦେଖା ହୁଅନ୍ତି ତାଚ୍ଛଲ୍ୟର କୃତ୍ରିମ ହସଟିଏ ମୁହଁରେ ଫୁଟାଇ ପଚାରି ବସନ୍ତି, କଣ ପାଠପଢ଼ା ସରିଲାଣି ? ଚାକିରୀବାକିର କେବେ ହେବ ? ? କେତେ ଦିନ ଏମିତି ପଢୁଥିବୁ ? ? ? କଟକରେ ଏତେ

 Download Magazine from www.aahwaan.com

ଦିନ ରହି କଣ କରୁଛୁ ଯେ... ! ତା ସହ ଉଦାହରଣଟିଏ ଦେବାକୁ ଭୁଲନ୍ତି ନାହିଁ; ଅମୁକର ପୁଅ ରେଳବାଇରେ ଚାକିରି ପାଇଲା, ସୁଦାମ ପୁଅ ତୋ ଠୁ ସାତ ସାନ ସେ ବି ସାତ ଆଠ ମାସ ହେଲା ବ୍ୟାଙ୍କରେ ପାଇଛି । ଚାକିରୀଟିଏ ଯେଉଁପର୍ଯ୍ୟନ୍ତ ପାଇନାହଁ ସଭିଙ୍କର ଏମିତ କୁତ୍ସାରଟନା ଶରବ୍ୟ ହେବାକୁ ପଡ଼ିବ । ଜଣେ ଅନୁଭବିଟିଏ ଛଡ଼ା ଆଉ କିଏ ବୁଝି ପାରିବେନି ଏ ଦହଗଂଜର ଆତୁର ଚିତ୍କାର ।

ଓଃ ... ଅଣନିଶ୍ୱାସୀ ହୋଇଯିବ ମଣିଷ ... ! ! ଅଭିମାନ କି ଅଭିଯୋଗରେ ସ୍ୱତଃ ସ୍ଫୃତ ବାହାରି ଆସେ । ମୁଁ ପାରୁନି, ନିସ୍ତାର ଦେ ମାଆ ! ! ହନ୍ତସନ୍ତର ଏ ବାସ୍ତବ ଅବସ୍ଥା, ସବୁ ଆଡ଼େ ନିନ୍ଦା ଅପବାଦର ଚର୍ଚ୍ଚା । ପାଦତଳୁ ଚୋରାବାଲି ପରି ଚାଲି ଯାଉଥିବା ବୟସକୁ କଣ ନେହୁରା ହୋଇ  ଅଟକାଇ ହୁଏ ! ନା ବାଟ କିଛି ଖୋଜି ପାଉନଥିବା ହତାସ ବିବଶତାକୁ ମିଳେ କେଉଁ ଆଶ୍ୱାସନା ? ? କେତେ ଦିନ ଏମିତ ନିଜ ସହ ଏ ଲୁଚକାଳି ଖେଳ । ବିବଶ ଉପାୟଶୂନ୍ୟ ଯେମିତ 'କିଂକର୍ତ୍ତବ୍ୟବିମୁଢ଼' ସ୍ଥିତିରେ ପ୍ରଶାନ୍ତ ।

କେତେ କୁଟିଳ ଜଟିଳତା ସଳଖୁ ସଳଖୁ କେତେ ଦିନ ମାପି ଚୁପି ବାଆଁରେଇଥାନ୍ତା ବୟସକୁ । ନା କିଛି ଅଛି ସଂରକ୍ଷଣର ସୁବିଧା ନା ଅତିରିକ୍ତ ସୁବିଧା... । ଏ  ବର୍ଷ ହିଁ ଶେଷ ସୁଯୋଗ ପ୍ରଶାନ୍ତର । ଏ ବର୍ଷକୁ  ପଚିଶ ପୁରିବ ପ୍ରଶାନ୍ତକୁ । ଏସ୍‌ଆଇ ପୋଲିସ ହେବ ବୋଲି ଅନ୍ୟାନ୍ୟ ଚାକିରୀକୁ ଅଣଦେଖା କରିବା ଉଚିତ ନୁହଁ ବୋଲି କେହି କେହି ସତର୍କ କଲେ ସୁଦ୍ଧା କାହାରି କଥାକୁ ପରତେ ଗଲେ ସିନା... ! ! ସେ ତ ମନେ ମନେ ଅଡ଼ି ବସିଛି ଚାକିରୀ କରିବି ତ ଏସ୍‌ଆଇ ପୋଲିସ ।

ବହୁ ଆଶା ଓ ଆଶଙ୍କାର ଅବସାନ ଘଟାଇ ଦୀର୍ଘ ଚାରିବର୍ଷର ବ୍ୟବଧାନ ପରେ ଏସ୍‌ଆଇ ପୋଲିସ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଛି । ଏସ୍‌ଆଇ ପୋଲିସର ବୟସ ସୀମା

Download Magazine from www.aahwaan.com

ଏକୋଇଶିରୁ ପଚିଶ ହୋଇଥିବା ଅନିବାର୍ଯ୍ୟ । ଭାଗ୍ୟ ବଶତଃ ଟାଣି ଟୁଣି ହୋଇ ପ୍ରଶାନ୍ତ ବୟସ ଶେଷ ସୀମାରେ ଥିଲା ।

ଦିନରାତି ଏକ କରି ଦେବାର ଅଭିପ୍ରାୟ ଜୋର ଧରିଛି ନିଶ୍ଚିତ, ପ୍ରଶାନ୍ତକୁ... ଖରା ବର୍ଷ ଶୀତ କାକର କେଉଁ ଦିନ ବି ବ୍ୟାୟାମରୁ ବିରତ ଯାଇନି ସେ । ଶୀତଦିନର ପ୍ରବଳ ଜାଡର ହାଡ ଭଙ୍ଗା ଶୀତକୁ ବେଖତିର କରିଛି ପ୍ରଶାନ୍ତ । ଶୀତଦିନର ପାହାନ୍ତି ନିଦରେ ସପନର ଭିଡକୁ ଠେଲି ଆଖି ମଉଳି ମଉଳି ବାଆଁରେଇ, ମନ କଷ୍ଟ ଅଭିମାନକୁ ମନ ଭିତରରେ ମାରିଛି ପ୍ରଶାନ୍ତ । ଡର ତ ଲାଗୁଛି ଏଥରକୁ ପୁଣି ହେଇଯିବନି ତ ଉଚ୍ଛୁର... ! ! ଶୀତ ଯାଇ ଖରା ଗଲା ତଥାପି ଆଭ୍ୟସ ଅବ୍ୟାହତ ରହିଥାଏ । ବର୍ଷା ଯାଇ ପୁଣି ବର୍ଷା ଛୁଇଁବା ଛୁଇଁବା ହେଉଛି; ଏ ଯାଏଁ କିଛି ବି ଫିଜିକାଲ ଟେଷ୍ଟର ଅଣୁ ମାତ୍ରେ ସୂଚନା ନାହିଁ.... ? ଟ୍ରିବୁନାଲର ରହିତାଦେଶ ଯୋଗୁଁ ଫିଜିକାଲ ଟେଷ୍ଟ କେବେ ହେବ ସଠିକତା ନାହିଁ । ଟ୍ରିବୁନାଲରେ ଏମିତ ଗଡ଼ି ଚାଲୁଥାଏ କେସ୍ ପରେ କେସ୍ । ବିଚରା ଆଶାୟୀ ପ୍ରାର୍ଥୀ ବିସ୍ମୟରେ ଆଁ ଟା କରି ଚାହିଁବା ବ୍ୟତିରେକ ଆଉ କଣ ଅଛି... ! ଆବେଗକୁ ଆଡ଼ଉ ଆଡ଼ଉ ଆଉ ଏକ ଅଡୁଆରେ ଛନ୍ଦି । ବେଳୁ ବେଳ ଆଶଙ୍କା ଲମ୍ବି ଯାଏ ଅପରାହ୍ନ ଛାଇ ପରି । ନିଜକୁ ଏ ଘୋଡା ଦୌଡରେ ସାମିଲ କରିବାକୁ ହେଲେ କେତେ କୃଚ୍ଛ ସାଧନା କରିବାକୁ ପଡ଼େ, ଥରେ ଆସି ସାମିଲ ହୁଅ ଜାଣିପାରିବ... ! ଏ ପ୍ରୟାସ ଆସ୍ଫାଳନ ନଯାଉ, ସେଥିପାଇଁ ସବୁପ୍ରକାରର ପ୍ରତିକୂଳ ପାଇଁ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ସେଥିପାଇଁ ପ୍ରଶାନ୍ତ କହେ, “practice like devil, perform like god... !”

ଏହା ଭିତରେ ଆଉ ଚାରିବର୍ଷ ବିତି ଯାଇଥାଏ । ଟ୍ରିବୁନାଲ କି ଆଉ କେଉଁ ଆଡୁଆଳ ଆଳରେ କେଜାଣି ! ସାଧାରଣ ଲୋକଟିଏ ପାଖରେ ସେ ରହସ୍ୟ ଭେଦ କରିବା ଅସାଧ୍ୟ ! !

 Download Magazine from www.aahwaan.com

ବିବର୍ତ୍ତମାନରେ ସବୁ କିଛି ବଦଳୁଥାଏ ଆପଣା ଛାଏଁ । କେତେ ନୂଆ ଚିହ୍ନା ଜଣା ପରିଚୟ, ପରିଚୟରୁ ବନ୍ଧୁତା । ଏସ୍‌ଆଇ ହେଲା ପରେ କିଏ କଣ କରିବ କେତେ କଣ ଆକଳନ, ଯୋଜନା ବସା ବାନ୍ଧୁଥାଏ ଆପଣା ଆପଣା ମନରେ । ସେମାନଙ୍କ ଭଳି ପ୍ରଶାନ୍ତର ବି.. ଆଗତା ଚଢ଼େଇକୁ ବେସର ବାଟି ସାରିଥାଏ । କେତେ କଣ ଗଢ଼ି ପୁଣି ଭାଙ୍ଗୁଥାଏ ଅଦେଖା ଆଡୁଆଳରେ ।

ଏସ୍‌ଆଇ ପରୀକ୍ଷାର ଅହେତୁକ ବିଳମ୍ବତା ଦେଖି ବହୁ ଆଶାୟୀ ପ୍ରାର୍ଥୀ ଅନ୍ୟ ବିକଳ୍ପକୁ ଶ୍ରେୟ ମଣିଲେ । ଏତେ ଧୈର୍ଯ୍ୟ ଆଉ ନାହିଁ ! ଏମିତି କଚ୍ଛପ ଗତିରେ ଚାଲିଲେ ସବୁ ନାଆରେ ଗୋଡ଼ ନଦେଲ ନ ଚଳେ ! ନିବେଦିତା, ପ୍ରଶାନ୍ତକୁ କହିଲା, "ଭାଇ ! ତମେ ଅନ୍ୟାନ୍ୟ ପୋଷ୍ଟ ଯାହା ବାହାରୁଛି ଆପ୍ଲାଇ କରିଥାଅ, ଏସ୍‌ଆଇ କଥା କିଛି କହି ହେଉନାହିଁ ।"

ନିବେଦିତା ଓ ତା' ସାଙ୍ଗ କିଛି ଏସ୍‌ଆଇ ପାଇଁ ବି ଅଭ୍ୟାସ କରୁଥାନ୍ତି । ସେମାନେ ଯଦିଓ ବ୍ୟାଙ୍କିଙ୍ଗ ପାଇଁ ପ୍ରସ୍ତୁତ ହେଉଥିଲେ ଅନ୍ୟ ଉପାୟ ନ ପାଇ ସେମାନେ ଏସ୍‌ଆଇ ଲାଇନକୁ ଆସିଛନ୍ତି ।

ଫିଜିକାଲ ଟେଷ୍ଟ ତାରିଖ ଧାର୍ଯ୍ୟ ହେଲା । ଯଦିଓ ଅନେକ ଥର ଏମିତ ଠିକ ହୋଇ ଅବ୍ୟବହିତ ପୂର୍ବରୁ ବାତିଲ ହୋଇଛି । ଫିଜିକାଲ ଟେଷ୍ଟର ୩୦ ଦିନ ପରେ ମେନ ପରୀକ୍ଷା । ଏହି ପରୀକ୍ଷାରେ ଭଲ କରିବା ଅନିବାର୍ଯ୍ୟ ନଚେତ ସବୁ ପରିଶ୍ରମ ବ୍ୟର୍ଥ । ପରୀକ୍ଷାରେ ସମସ୍ତେ କୃତକାର୍ଯ୍ୟ ହୋଇଥାନ୍ତି । ସମସ୍ତଙ୍କ ଖୁସିଠାରୁ ନିବେଦିତାର ଖୁସି ସ୍ୱତନ୍ତ୍ର ଥିଲା । କାରଣଟା ବି ସେମିତି ଥିଲା ଯେ... ! ଖୁସିର ମାହୋଲ ଆକଳନ କରିବା ସାଧ୍ୟାତୀତ । ଅପାର ଏ ଖୁସୀ, କାହାର ବି ଗୋଡ଼ ତଳେ ଲାଗୁ ନଥାଏ । ସମସ୍ତେ ଏକାଠି ହେବାକୁ ନିଷ୍ପତି ନେଲେ । କିନ୍ତୁ ପ୍ରଶାନ୍ତର ଉପସ୍ଥିତ ସମସ୍ତେ ଏକ ବାର ଭୁଲି ଯାଇଥିଲେ ।

ହଠାତ ନିବେଦିତାର ଫୋନ ଆସିଛି ।

ତୁ ଜାଣିଛୁ, ପ୍ରଶାନ୍ତ ଭାଇର ହୋଇନି ବୋଲି ! ! !

ଲଥ କରି ତଳେ ବସି ପଡ଼ିଲା ନିବେଦିତା । ମୁହୂର୍ତ୍ତେ ପାଇଁ ସବୁଆଡେ ଆନ୍ଧାର । ନିରବ ନିଶ୍ଚଳ ଏକବାର ସ୍ଥାଣୁ ପାଲଟି ଯାଇଛି ସେ... କାହାକୁ କିଛି ନଜଣେଇ ସେ ଜାଗା ଛାଡି ଫେରିଆସିଲା ନିଜ ରୁମକୁ । ପାଞ୍ଚ ସାତ ଦିନ କି ତା'ଠୁ ଅଧିକା ହେବ ପ୍ରଶାନ୍ତ କଥା କାହାର ମନକୁ ଆସିନି । ପ୍ରଶାନ୍ତର ମାନସିକ ଅବସ୍ଥା ଜାଣି ସୁଦ୍ଧା ବାଧ୍ୟ ହୋଇ ନିରବ ରହିଲା, ନିବେଦିତା ।

ଧୀରେ ଧୀରେ ସମ୍ପର୍କର ପାଣିପାଗ ବଦଳିବାକୁ ଲାଗିଲା । ଚିହ୍ନା ମୁହଁ ସବୁ ଅଚିହ୍ନା ବାରିଲେ । କେବେ କେମିତ ଭେଟ ହୋଇଗଲେ ନଦେଖିଲା ପରି ମୁହଁ ବୁଲେଇ ଚାଲିଗଲେ । କିଛି ଦିନ ପରେ ନିବେଦିତା ପ୍ରଶାନ୍ତକୁ ଦେଖା କରିବାକୁ କହିବାରୁ ସିଧା ସିଧା ପ୍ରଶାନ୍ତ ମନା କରିଦେଲା । ରାଣ ପକେଇ ଥରେ ଦେଖା କରିବାକୁ କହିଲା, ନିବେଦିତା । ତା ଆକୁଳ ଅନୁରୋଧକୁ ଏଡ଼େଇ ପାରିଲାନି ପ୍ରଶାନ୍ତ । ଭାଇ ଏ ସବୁ କଣ ହୋଇଗଲା ମୁଁ କିଛି ବି ବୁଝି ପାରୁନି । ଭଗବାନ ଏତେ ନିଷ୍ଠୁର କେମିତ ହୋଇ ପାରନ୍ତି ! !

ଭାଇ, ମନ ଦମ୍ଭକରି ଆଗକୁ ଚାଲ ଝୁଂଟି ପଡ଼ି ଅଟକି ଗଲେ ବାଟ ସରିବନି କି ଲକ୍ଷ୍ୟସ୍ଥଳ ତମ ପାଖେ ଆସି ପହଂଚିବ ନାହିଁ । ତମେ ଭାଙ୍ଗି ପଡ଼ିଲେ ମୁଁ ଆଗକୁ ପାଦେ ଆଗେଇ ପାରିବିନି । ମୋର ବ୍ୟାଙ୍କ ପରୀକ୍ଷା ଖରାପ ହେଲା ବେଳେ ତମେ ହିଁ ତ ମତେ ମନୋବଳ ଦେଇଥିଲ, ସେ ପିଲା ଆଜି ଆଜି କେମିତ ଏତେ ଭାଙ୍ଗି ପଡିଛି .. ? ?

ତମେ ମତେ କହୁଥିଲ ନା ସେ ଶ୍ଳୋକ :

"ନା ଅସ୍ତି ମେଘସମମ୍ ତୋୟମ

Download Magazine from www.aahwaan.com

ନା ଅସ୍ତି ଚାତ୍ମସମମ୍ ବଳମ ।"

ଭାଇ, ମୁଁ ତମ ସହ ସବୁବେଳ ରହିଛି, ରହିବି ସବୁ ମୁହୂର୍ତ୍ତରେ । ପ୍ରଶାନ୍ତ ନିରବ ନିଶ୍ଚଳ ଥାଏ । ଶୁଣି ପରୁଥାଏ କି ନାହିଁ ସେ ଜାଣେ !

ସମସ୍ତେ ଏବେ BPSPA ଟ୍ରେନିଂ ସେଣ୍ଟରରେ । ପ୍ରଶାନ୍ତ କିନ୍ତୁ ଇତଃସ୍ତତଃ ହୋଇ ଘୁରି ବୁଲୁଥାଏ ଆପଣା ଭିତରେ ଭିତରେ, କି ଠିକଣାହୀନ ସେ ଆଜି ? କିଛି ଦିନ ଉତ୍ତାରୁ ଜୁନିଅର ଆସିଷ୍ଟାଣ୍ଟ ପରୀକ୍ଷାର ଫଳ ପ୍ରକାଶ ପାଇଥାଏ ଯେଉଁଥିରେ ପ୍ରଶାନ୍ତ କୃତକାର୍ଯ୍ୟ ହୋଇ ବର୍ତ୍ତମାନ ମୂଖ୍ୟ କାର୍ଯାଳୟରେ ଜୁନିଅର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ । ଧିରେ ଧିରେ ପୁରୁଣା କ୍ଷତ ସବୁ ମୁଖରିତ ହେବାକୁ ଲାଗୁଥାଏ ।

ଘରେ ବୋଉ ତେଣେ ଅଧୈର୍ଯ୍ୟ କରି ପକାଉଥାଏ, ତୋ ହାତକୁ ଦି ହାତ କରିଦେଲେ ଆମେ ଜଂଜାଳ ମୁକ୍ତ ହେବୁ । ବୟସ ଆଉ କଣ ଆସୁଛି ? ତତେ ବା ଆସି ଏବେ ୩୦ ଟପି ୩୧ ଚାଲିଲାଣି ଟି... ! ! ଆଉ କଣ ବୁଢା ହେଲେ ବାହାହେବୁ ? ଆମେ ଝିଅ ଠିକ୍ କରିସାରିଛୁ ତୁ ଥରେ ଦେଖି ଆସେ । ତୋ ମନ ନିତ୍ୟ ହେଲେ ଆମେ ଆଗେଇବୁ ।

ମୋର ଦେଖିବା କଣ ଲୋଡ଼ା ଯେ... ! ତମେ ମାନେ ଯଦି ଠିକ୍ କରିଛ ମୋର ସେଥିରେ କିଛି ଆପତ୍ତି ନାହିଁ । ସତ କଥା ହେଲା ପ୍ରଶାନ୍ତର ମନ ଏସବୁ ପ୍ରତି ବିତସ୍ପୃହା ହୋଇଯାଇଛି । ନିର୍ବନ୍ଧର ୨୫ ଦିନ ପରେ ବାହାଘର ତାରିଖ ଧାର୍ଯ୍ୟ କରାଗଲା । ପ୍ରଶାନ୍ତ ଅଫିସ ସାରି ଏମିତ ଟିକେ ଫେସବୁକ, ହ୍ୱାଟ୍ସଅପ୍ସ ନଜର ବୁଲାଉଥିଲା । ହଠାତ ଫେସବୁକରେ ସସ୍ମିତା ଦାସ (ସ୍ମିତା)ରୁ ଏକ ଫ୍ରେଣ୍ଡ ରିକ୍ୟୁଏଷ୍ଟ ଆସିଲା । ପ୍ରୋଫାଇଲ ଦେଖେ ତ ଏଇ ତ ସ୍ମିତା । ଗ୍ରହଣ କରିବି କି ନାହିଁ ଟିକେ ଦୋ ଦୋ ପାଞ୍ଚରେ ରହିଲା । କାର୍ଯ୍ୟବ୍ୟସ୍ତତା ଭିତରେ ଦୁଇ ତିନି ଦିନ ବିତି ଯାଇଥାଏ । ମନେ ପଡିଲା ସ୍ମିତା କଥା, ପ୍ରଶାନ୍ତ

Download Magazine from www.aahwaan.com

ଏକବାର ଭୁଲି ଯାଇଥାଏ ଫ୍ରେଣ୍ଡ ରିକ୍ୟୁଏଷ୍ଟ ଆକସେପ୍ଟ କରିବା କଥା । ଆକସେପ୍ଟ କରି ମେସେଜଟିଏ ଦେଇଛି ତ...

ପ୍ରତିଉତ୍ତର ଆସିଲା ତମେ ଟିକିଏ ବେଶୀ ଫୁଲିଆ ନୁହଁ ... ? ?

-ବୁଝି ପାରିଲିନି ?

-ଦୁଇ ଦିନ ପରେ ଆକସେପ୍ଟ କରୁଛ... !

- ସରି, ଟିକେ ବ୍ୟସ୍ତ ରହିଯାଇଥିଲି ।

ତା ପରେ ଚାଟିଙ୍ଗ୍‌ର ଫୁରୁସତ ନାହିଁ । ସ୍ମିତା ଖୁବ ମଜା କରେ । କଥା କଥା କେ ହସାଏ । କେତେବେଳେ ପ୍ରଶାନ୍ତର ମନ ତଳର ସବୁ ଦୁଃଖ ଉଭେଇ ଗଲାଣି ଏ ଭିତରେ । ଦୁଃଖର ଚିହ୍ନ ଟିକେ ବି ନାହିଁ । ଧୀରେ ଧୀରେ ପ୍ରଶାନ୍ତ ଜାଣିବାକୁ ପାଇଲା ସ୍ମିତାର ସାହିତ୍ୟ ପ୍ରତି ଅସମ୍ଭବ ଦୁର୍ବଳତା । ମନୋଜ ଦାସ ତା ପ୍ରିୟ ଲେଖକ । ଏମିତ କି ଛୋଟ ଛୋଟ ତ୍ରୁଟି ଦେଖିଲେ ସ୍ମିତା ସୂଚେଇ ଦେବାକୁ ଭୁଲେନା: ଏଇଟା ବନାନଗତ ତ୍ରୁଟି, ଏଇଟି ବ୍ୟାକରଣଗତ ତ୍ରୁଟି । ବ୍ୟାକରଣ ସାହିତ୍ୟକୁ ଶୁଦ୍ଧ କରିଥାଏ । ସେଥି ପ୍ରତି ସଚେତନ ହେବା ଅନିବାର୍ଯ୍ୟ ।

ସେଥି ପାଇଁ କୁହାଯାଇଛି ,

"ଲବଣଂ ବିନା ବ୍ୟଞ୍ଜନମ୍

ବ୍ୟାକରଣଂ ବିନା ବଚନମ୍ ।"

ପ୍ରଶାନ୍ତ ପଚାରିଲା ତମେ ତ ବିଜ୍ଞାନର ଛାତ୍ରୀ ଏ ସବୁରେ ଏତେ ଗଭୀର ଦଖଲ କେମିତି .. ? ସେ ଯାହା ହେଉ ଖୁବ ଭଲ କଥା .. !

ତୁମ ମୁହଁରୁ ଏଇ ଟିକେ ଭଲ ଶୁଣିବା ଲାଗି ଗଭୀର ଦଖଲ, ପରିହାସରେ ସ୍ମିତା କହିଲା ।

 Download Magazine from www.aahwaan.com

ଆଜି କାହିଁ ଖାଁ ଖାଁ ଲାଗୁଚି ? ଆସିକି ଅଧ ରାତି, ସ୍ମିତା କାହିଁ ଅନଲାଇନ ଆସୁନାହାନ୍ତି ... ! ମନେ ମନେ କେତେ କଣ ଭାବି ବସୁଥାଏ, ପୁଣି ନିଜକୁ ନିଜେ ବୁଝେଇ ଦେଉଥାଏ ପ୍ରଶାନ୍ତ । ସବୁ କୌତୁହଳର ଅନ୍ତରାଳେ ହଠାତ ସ୍ମିତାର ମେସେଜ ଆସିଲା, "କଣ କିଓ ଏତେ ରାତି ଯାଏଁ ହ୍ୱାଟ୍ସଆପ, ଫେସବୁକରେ ବୁଲୁଛ, କଣ ଭୟ ଲାଗୁନି ?"

ପ୍ରାଣଟା ଯାଉ ଯାଉ ଅଟକିଗଲା ଏମିତି ଟିକେ ପରିହାସରେ କହିଛି ତ.. ଏମିତ କହିଲେ ଆଜି ଠୁ ମୁଁ ଆଉ ଅନଲାଇନ ଆସିବିନି, ସ୍ମିତା ବି ଅଭିମାନରେ ଜଣେଇଦେଲା ।

"ଆଚ୍ଛା ଗୋଟେ କଥା ପଚାରିବି ?" ସ୍ମିତା କହିଲା ।

- ହଁ, ପଚାର ।

- ସମସ୍ତ ସାହିତ୍ୟିକ କଣ ରସିକ ?

ପ୍ରଶାନ୍ତ ଜଣେ କବି ତ ନିଶ୍ଚୟ

ଅତଏବ ପ୍ରଶାନ୍ତ ଜଣେ ... ? ?

ପ୍ରଶାନ୍ତର ଉତ୍ତର ଥିଲା ଖାଲି ଏକ ଖୋଲା ହସ ।

ଏ ଭିତରେ ୨୫ଟା ଦିନ କେତେ ଶୀଘ୍ର ଚାଲିଗଲା ଜଣା ବି ପଡିଲାନି । ସୁଖର ଦିନ ଘୋଡ଼ା ଚଢ଼େ, ଦୁଃଖର ଦିନ ହାତୀ ଚଢ଼େ ବୋଲି । ଏବେ ହୃଦବୋଧ କରି ପାରୁଛି ପ୍ରଶାନ୍ତ ।

ଧୁମ ଧାମରେ ବାହାଘର ନ ହେଇଥିବା ସତ୍ତ୍ୱେ କାହା ମନରେ ସେଥିପ୍ରତି ଅବଶୋଷ ନାହିଁ । ଉଭୟ ଉଭୟଙ୍କୁ ଠିକ ଭାବେ ବୁଝି ପାରିଛନ୍ତି ଏଥିରୁ ସହଜେ ଅନୁମେୟ । ଆଜି ବାସର ରାତି । ସମସ୍ତଙ୍କ ପରି ପ୍ରଶାନ୍ତ ପାଇଁ ବି ଏହି ଦିନଟି ବଡ଼ କୌତୁହଳ ଥିଲା । ସ୍ମିତା ପ୍ରଶାନ୍ତ ଆଗର ବସିଥାଏ; ଉଭୟ ସାମନାସାମନି ବସିଥାନ୍ତି । ଉଭୟ ନିରୁତ୍ତର । ପ୍ରଶାନ୍ତ ପାଟିରୁ କଥା ପଦେ ବାହାରୁ ନଥାଏ, ତା ମାନେ ନୁହଁ ସେ ଚେଷ୍ଟା କରୁନି କିଛି

Download Magazine from www.aahwaan.com

କହିବାକୁ .. ! ! !

କିଛି ସମୟ ପରେ ନୀରବତା ଭାଙ୍ଗି ସ୍ମିତା ପଚାରିଲେ, "ତମେ କଣ ଘୁଙ୍ଗା କି .. ?"

- ପ୍ରଶାନ୍ତ ଆଉ ହସ ଅଟକାଇ ପାରିଲାନି ।

- ତମେ ସବୁ କବିଙ୍କୁ ମୁଁ ଜଣେ, ସବୁତକ ରସିକ ... !

ଛାଡ ସେ କଥା, ତମେ ମତେ ଆଜି କଣ ଉପହାର ଦେଉଛ ? ସ୍ମିତା ପଚାରିଲେ ।

- ତମେ କଣ ଚାହଁ ? ଦାମିକା ନା ସନ୍ତକ ? ?

- ସନ୍ତକର ସ୍ପର୍ଶ ଖୁବ ଆକର୍ଷଣ ଓ ନିବିଡ !

- ବେଶ୍, ଠିକ୍ ଅଛି ! ବହି ଥାକ ଆଡକୁ ଇଙ୍ଗିତ କଲା ପ୍ରଶାନ୍ତ ।

ସ୍ମିତା କିଛି ମୁହୂର୍ତ୍ତ ଆବାକ ହୋଇ ରହିଗଲା ! ବହି ଥାକର ଉପର ଦୁଇ ଥାକ ମନୋଜ ଦାସଙ୍କ ସବୁ ବହି ଭର୍ତ୍ତି । ତନ୍ଦ୍ରାଲୋକର ପ୍ରହରୀ ଠାରୁ ଅମୃତ ଫଳ ଯାଏଁ ସବୁ ଉପନ୍ୟାସ, କଥା ଓ କାହାଣୀ ହେଉ କି ଉପକଥା ଶତକ ସବୁ ଗଳ୍ପ, ଭ୍ରମଣ କାହାଣୀ ସବୁ କିଛି ସେଇ ଥାକରେ ।

ସବୁ ବହି ତ କିଣିଲ ପୁଣି ସୃଜନୀ ସମଗ୍ର କିଣିବା କଣ ଦରକାର ଥିଲା ଯେ.. ! ତମର ଏ ଉପହାର ସତରେ ମୁଁ ଭାଷାରେ ବ୍ୟକ୍ତ କରିବା ନିଶ୍ଚିତ ଭାବେ ଅସମ୍ଭବ ।

ସ୍ମିତା, ପ୍ରଶାନ୍ତ ଜୀବନରେ ଏକ ଅବିସ୍ମରଣୀୟ ମୋଡ଼ । ସତେ ଯେମିତ ତା କାଉଁରୀ ସ୍ପର୍ଶରେ ପ୍ରଶାନ୍ତର ଅସଜଡ଼ା ଭାଗ୍ୟ ସବୁ ସଜାଡ଼ି ହୋଇଯାଇଛନ୍ତି ସୁଚାରୁ ରୂପରେ । ସ୍ମିତା, ପ୍ରଶାନ୍ତର ଉତ୍ତପ୍ତ ମରୁରେ ଘନ ସବୁଜତାର ଆଶା । ଜୀବନ ରାସ୍ତାରେ ଯେତେ ଝୁଣ୍ଟିଲେ ବି ଭୟ ନାହିଁ, ସ୍ମିତା ପରି ସାଥିଟିଏ ସାଥେ ଥିଲେ । ପ୍ରଶାନ୍ତ ଠାକୁରଙ୍କୁ ଧନ୍ୟବାଦ ଜଣାଏ, ସ୍ମିତା ଭଳି ଜୀବନ ସାଥିଟିଏ ତା ହାତେ ଦେଇ ଥିବାରୁ ।

 Download Magazine from www.aahwaan.com

ସ୍ମିତା ଭାରି ମଜାଳିଆ ଓ ଗପୁଡ଼ି । ଗପିବା ଆରମ୍ଭ କରିଛି ମାନେ ଇଚ୍ଛା ଥାଉ ନଥାଉ ଶୁଣିବାକୁ ବାଧ୍ୟ । ଯଦି କେବେ ନଶୁଣୁଛ, କଥା ସରିଲା, ଉଷୁନା ହାଣ୍ଡି ପରି ମୁହଁ ଫୁଲେଇ ବସିବ । ବୁଢ଼ୀ ମା ଅସୁରୁଣୀ ଗପ ଶୁଣିଲା ପରି ମଝିରେ ମଝିରେ 'ହୁଁ', 'ହୁଁ' ମାରିବାକୁ ପଡ଼ିବ । ସ୍ମିତା ଉଚ୍ଚ ଶିକ୍ଷିତା । ବିଜ୍ଞାନରେ ସ୍ନାତକୋତ୍ତର । ବେଳେ ବେଳେ ତା'ର କିଛି କଥା ଗଭୀର ଦାର୍ଶନିକତତ୍ତ୍ୱ ଭିତ୍ତିକ ସହଜରେ ଭେଦକରି ହୁଏନି । ବେଳେ ବେଳେ ଭାରି କ୍ଲିଷ୍ଟ ତତ୍ତ୍ୱକୁ ସହଜଢ଼ଙ୍ଗରେ ବୁଝେଇ ପାରୁଥିବାର ଦକ୍ଷତା ଦେଖି ଯେ କେହି ଅଭିଭୂତ ହୋଇଯିବେ । ନିଶ୍ଚିତ ଭାବରେ ଏ ସବୁ ସେ ସାହିତ୍ୟର ପ୍ରଭାବ ।

ଏ ଭିତରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାର ପ୍ରାରମ୍ଭିକ ଫଳ ପ୍ରକାଶିତ ହୋଇଥାଏ । ସ୍ମିତା ଏଥିରେ ଉତ୍ତୀର୍ଣ୍ଣ ହୋଇଥାଏ । ପ୍ରଶାନ୍ତ ଖୁସିରେ ଆତ୍ମହରା । ନିବେଦିତା ପ୍ରଶାନ୍ତକୁ ପଚାରିଲା ତମର ଦେଖିଲାଣି ନା ନାହିଁ ?

ନା' ମୋର ହୋଇନଥିବ । ଯୋଉଠି ଏସ୍ଆଇ ହେଲାନି ସେଠି ଓଏସ କେମିତ ହେବ ? ତା ପରେ ମୋର ଆଉ ସ୍ପୃହାନାହିଁ । ତମେ କେମିତି ପାଇବ ଚେଷ୍ଟାକର । ଯଦିଓ ସେ ନିଜେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଛି । କିନ୍ତୁ ଖୁସିଟା ଥିଲା ସ୍ମିତା ପାଇଁ । ସ୍ମିତା ପ୍ରଶାନ୍ତକୁ ବହୁତ ବୁଝେଇବାକୁ ଚେଷ୍ଟା କରିଛି । ଝୁଣ୍ଟି ପଡ଼ିବା ଭୟରେ ବାଟ ଟା ଅବାଟ ବୋଲି ଅଡ଼ି ବସିଲେ ପଛ ଲୋକ ତମକୁ ଆଡ଼େଇ ଆଗକୁ ଚାଲିଯିବେ । ହାରିଗଲ ବୋଲି ଓହରି ଗଲେ ଭାବି ନିଅ ଯେ ଲକ୍ଷ୍ୟସ୍ଥଳର ଅବ୍ୟବହିତ ପୂର୍ବରୁ ତମେ ଫେରିଆସିଛ । ଜିତିବାର ଅବଶୋଷ ଯନ୍ତ୍ରଣାରୁ ତମେ ମୁକ୍ତ ହୋଇପାରିବ ତ... ! ଆର ପାଖର ଆଶା ସବୁଦିନ ଆଢୁଆଳ ହୋଇରହିଯିବ ।

ତମେ ନିଶ୍ଚିତ ପାଇବ ମୋର ସେ ବିଶ୍ୱାସ ଅଛି । ତମର କଣ ମୋ ବିଶ୍ୱାସ ଉପରେ ତମର ବିଶ୍ୱାସ ନାହିଁ... ! ! ତମେ ପରିଶ୍ରମୀ, ପରିଶ୍ରମର ଫଳ ବ୍ୟର୍ଥ ଯାଏନା । ମୁଁ ତମ ସହ

Download Magazine from www.aahwaan.com

ବି ପଢ଼ିବି, ପରୀକ୍ଷା ଦେବି ।

"ଏକାକିନା ତପୋ ଦ୍ୱାଭ୍ୟାମ୍ ପଠନମ୍"

ସ୍ମିତାର ଅନୁରୋଧକୁ ଏଡ଼ାଇ ଯିବାପାଇଁ, କାଇଁ ମନ ବଳେଇଲା ନାହିଁ ବରଂ ମନୋବଳକୁ ଆହୁରି ଦୃଢ କଲା । ମନେ ମନେ ସଂକଳ୍ପ କଲା ସ୍ମିତାର ବିଶ୍ୱାସକୁ ବାସ୍ତବ ରୂପ ଦେବା ପାଇଁ ଚେଷ୍ଟା କରିବି । ଦେଖିକି ଦେଖାଅଛି ଭାଗ୍ୟଟା ଶୋଇଛି ନା ଛିଆଇଁଛି ।

"କର୍ମଣ୍ୟେ ବାଧିକାରେଷୁ ମା ଫଳେଷୁ କଦାଚନମ"

ହଠାତ ନିବେଦିତାର ମୁଁ କାହିଁ ଆଜି ମନେ ପଡ଼ିଲି ବହୁତ ଦିନ ପରେ ? ଭାଇ କାଲି ଟିକେ ଡିଜି ଅଫିସ ଯିବା ? କାମ ଥିଲା.. ! ହଉ ତେବେ ଆସ, ପ୍ରଶାନ୍ତ ପ୍ରତିଶ୍ରୁତି ଦେଲା । ଡିଜି ଅଫିସରୁ କାମସାରି ଫେରିଲା ବେଳେ ପ୍ରଶାନ୍ତ ପରିହାସରେ ପଚାରି ଦେଲା ଆଚ୍ଛା, ତମେ IG ,DIGଙ୍କୁ କେମିତ ଜାଣୁଛ ? ତାଙ୍କ ନେମ ପ୍ଲେଟରୁ କହି ହସୁଥାଏ, ନିବେଦିତା ।

ମୁଁ ପଚାରୁଥିଲି

- ସେମାନଙ୍କ ପଦ ସୂଚକ ଚିହ୍ନ କଣ ?

- ମୁଁ ଜାଣିନି, ତମେ କୁହ ।

- ତମେ ଡିପାର୍ଟମେଣ୍ଟ ଲୋକ, ମୁଁ କହିବି ? କନେଷ୍ଟବଳ, ହେଡ଼ କନେଷ୍ଟବଳ ଜାଣି ପାରୁନଥିବ ତ ?

- ହେଡ଼ କନେଷ୍ଟବଳର ବାମ ବାହୁରେ ତିନୋଟି 'ଭି' ଭଳିଥାଏ, କନେଷ୍ଟବଳର କିଛି ସେମିତି ନଥାଏ ।

ଆଉ ରହିଲା IG , DIG ସେ କଥା ତମେ କୁହ ।

- IG ଙ୍କ କାନ୍ଧରେ ଗୋଟିଏ ଷ୍ଟାର ଏବଂ ସୋଡ଼୍ ଓ ବାଟନ୍ ଛକି ପଡ଼ିଥାଏ ଆଉ DIG

Download Magazine from www.aahwaan.com

ଙ୍କ କାନ୍ଧରେ ତିନୋଟି ଷ୍ଟାର ଗୋଟିଏ ଅଶୋକ ସ୍ତମ୍ଭ ଥାଏ ।

ଆଚ୍ଛା, ଭାଉଜଙ୍କ କଥା କିଛି କହିଲନି ତ.. ! ନିବେଦିତା ପଚାରିଲା ।

ହଁ, ସବୁ ଭଲ .. !

ଭାଇ ତମେ ଆମ ସହିତ ଆସିଥିଲେ ବହୁତ ଭଲ ହୋଇଥାନ୍ତା ! ସଭିଙ୍କ ନଜର ତମ ଉପରେ ହିଁ ଥିଲା । ସେଥି ଯୋଗୁଁ ବୋଧେ... କଥାରେ ଅଛି, "ଗଛର ଛାଇ ମଣିଷର ହାଇ ଯାହା ଉପରେ ପଡ଼େ, ସେ କେବେ ଉଧେଇ ପାରେନି ।"

ତମ କଥା ବେଳେ ବେଳେ ଆଲୋଚନା ହୁଏ, ସରୋଜ ବି ବେଳେ ବେଳେ ତମ କଥା କହେ । ହଁ... ଜାଣିଛ ଭାଇ ? ସରୋଜ ଆଉଟ ପାସ ଟେଷ୍ଟରେ ଗୋଲଡ ମେଡାଲ ପାଇଛି.. !

ହଁ ପାଇଥିବ ନିଶ୍ଚିତ, ପ୍ରଶାନ୍ତ ମନେ ମନେ ଭାବୁଥାଏ, "ନିରସ୍ତ୍ର ପାଦପୋ ଦେଶେ ଏରଣ୍ଡପୀ ମହାଦ୍ରୁମାୟତେ ।"

କିଛିଦିନ ପରେ ପ୍ରଶାନ୍ତ ଖବର ପାଇଲା, ସରୋଜ, ନିବେଦିତାକୁ ଯା'ଇଚ୍ଛା ତାହା ଗାଳି କରିଛି । ପ୍ରଶାନ୍ତ ସହ କାହିଁ DG ଅଫିସ ଯାଇଥିଲା ବୋଲି । ତାର ଔକାତ କେତେ ତୁ ତା (ପ୍ରଶାନ୍ତ) ସହ ଏବେ ବି ମିଶୁଛୁ । ସେ ସାମାନ୍ୟ ଜୁନିଅର ଆସିଷ୍ଟାଣ୍ଟ, ଏକ ଠିକା କର୍ମଚାରୀ । ତା ପୁଣି ୨୮୦୦ ଗ୍ରେଡ଼ ପେ । ତୁ ଗୋଟେ ଅଫିସର । ସେ କଣ ତତେ ସାହାଯ୍ୟ କରିବ ? ତତେ ସତର୍କ କରିଦେଲି ତା (ପ୍ରଶାନ୍ତ) ସହ ଯେମିତ କେବେ ତୁ ନ ମିଶୁ .. !

ପ୍ରଶାନ୍ତ ସବୁ ଶୁଣି ମନ କଥା ମନରେ ରଖିଲା ।

କିଛିଦିନ ପରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶ ପାଇଥାଏ । ସେଥିରେ ପ୍ରଶାନ୍ତ କୃତକାର୍ଯ୍ୟ ହୋଇଛି । ଓଡିଶା ପୋଲିସ ସେବା (OPS) ପାଇଁ ଯୋଗ୍ୟ

 Download Magazine from www.aahwaan.com

ବିବେଚିତ ହୋଇଛି । DSP ଟ୍ରେନିଂ ପାଇଁ BPSPA ରୁ ଚିଠି ଆସିଥାଏ । ପ୍ରଶାନ୍ତ BPSPA ଯାଇ ନିବେଦିତାକୁ ଏ ସରପ୍ରାଇଜ୍ ଦେବ ବୋଲି ମନେ ମନେ ଯୋଜନା କରିଥାଏ । ପ୍ରଶାନ୍ତ ଦେଖୁଛି ସରୋଜ ଆଉ ନିବେଦିତା ତା ଆଡ଼କୁ ଆସୁଛନ୍ତି ନିକଟତର ହେବା କ୍ଷଣି ପ୍ରଶାନ୍ତ ସେମାନଙ୍କୁ ଦେଖି ହସିଦେଲା । ସେମାଙ୍କର କୌଣସି ପ୍ରତିକ୍ରିୟା ନାହିଁ । ନିବେଦିତା.. ! ନିବେଦିତା.. ! ଡାକିଲା ପରେ ବି ସେମାନେ ଶୁଣି ନଶୁଣିଲା ପରି ଚାଲିଗଲେ ମୁହଁକୁ ବୁଲେଇ କଣ ଗପି ଗପି । ପାଞ୍ଚ ଦଶ ମିନିଟପରେ ନିବେଦିତା କଲ କରିଛି ।

ପ୍ରଶାନ୍ତ କିଛି କହିବା ପୂର୍ବରୁ ଅବିରତ ଭାବେ ଗପି ଚାଲିଲା ନିବେଦିତା । କଣ ତମ ମୁଣ୍ଡଖରାପ ହେଇଯାଇଛି କି ? ଏଇଟା କଣ ଭାବିଲ ସର୍ବସାଧାରଣ ଜାଗା । ଏଇଟା ଆମ ଅକାଦେମୀ । ଏଠି ଆମର କିଛି ନୀତି ନିୟମ ଅଛି । ମୁଁ ବର୍ଦ୍ଦିରେ ଥିଲା ବେଳେ କାହା ସହ କଥା ହୁଏନି । ତା ପରେ ସରୋଜ ସହ ମୁଁ ଥିଲେ, କେଉଁ ସାହସରେ ମତେ ଡାକୁଥିଲ ସେଠି । ଦୟାକରି ମତେ ଆଉ ଡିଷ୍ଟର୍ବ କରନି । ପ୍ରଶାନ୍ତ ଆବାକ ହୋଇ ଶୁଣୁଥିଲା ଖାଲି । କହି ହେଉଛି ନା ସହି ହେଉଛି ।

ତା ପରଠୁ ନିବେଦିତା କଥା କେବେ ଉଠିନି ।

ପ୍ରଶାନ୍ତ SDPO ହୋଇ ବାରିପଦାରେ ଚାକିରୀରେ ଯୋଗଦେଇଥାଏ । ସବୁ କାର୍ଯ୍ୟକୁ ସୁଚାରୁ ରୂପେ ତୁଲେଇବାକୁ ସେ ଯଥାସାଧ୍ୟ ଚେଷ୍ଟା କରେ । ସବୁ କାମକୁ ସହଜ ରୂପେ ତୁଲେଇ ନେବା ପଛରେ ଯାହାର ପ୍ରଚ୍ଛନ୍ନ ହାତ ଥାଏ ସେ ହେଲା ସ୍ମିତା । ଈଶ୍ବର ଏମିତ ଏକ ଉପହାର ଏ ହତଭାଗା ହାତେ ଥୋଇଦେଇଛନ୍ତି, ଯାହା କଳ୍ପନାତୀତ ! କଣ ସେ ପରିଭାଷା ସେ ଖୋଜି ପାଉନି । ସ୍ମିତା ବିନା ମୋର ଅସ୍ତିତ୍ୱ ନାହିଁ ଏ କଥା ଖୋଦ ପ୍ରଶାନ୍ତ ସ୍ୱୀକାର କରେ । ପୋଲିସ ଚାକିରୀରେ କୌଣସି ନିର୍ଦ୍ଦିଷ୍ଟ ଟାଇମ ନଥାଏ । ଯେ କୌଣସି ମୁହୁର୍ତ୍ତରେ

 Download Magazine from www.aahwaan.com

ଡିଉଟି ହେଇପାରେ । ପୋଲିସ ମାନଙ୍କ ଡିଉଟି ୨୪ ଘଣ୍ଟା । ଯଦିଓ ବିରାମ ଥାଏ । ସବୁ ବେଳେ ସତର୍କ ଓ ସଜାଗ ରହିବାକୁ ପଡ଼େ । ଏବେ କିଛି ଦିନ ହେବ ଡିଉଟି ସାରି ଫେରିଲା ବେଳକୁ ଟିକେ ବିଳମ୍ବ ହୋଇଯାଏ । ସ୍ମିତାର ମୁହଁରୁ ଟିକେ ଟିକେ ବିରକ୍ତିର ଆଭାସ ପଇସାରିଲିଣି । ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖା ଯାଉଥିଲା । "କୋଉଠି ଥିଲ ଏତେବେଳ ଯାଏଁ ?" ଏଇଟା ଘର ନ ଆଉ କିଛି ? ତମର ଯେବେ ଇଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନ ନାହିଁ ? ପିନ୍ଧିଥିବା ସାର୍ଟକୁ ଖୋଲି ଦେଇ ସ୍ମିତାକୁ ଧକା ଦେଇ ଘରଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତି ହେଉଥିବା ବେଳେ  କହିଲା, "ମୋତେ ଭୋକ ଲାଗିଲାଣି, ଜଲଦି ଖାଇବାକୁ ଦିଅ ।"

ସ୍ମିତା ଅବାକ ହେଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇୟେ ? ଏତେ ବିରକ୍ତି ହୋଇ ଗାଳି କରିଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା । ପ୍ରଶାନ୍ତ ବାଥରୁମ ଯାଇ ଫ୍ରେସ ହୋଇ ଆସି ବେଡ଼ରେ ଟିକେ ଗଡୁ ଗଡୁ ତନ୍ଦ୍ରା ଲାଗିଯାଇଥାଏ । ଆଖି ଆଗେ ସବୁ କଥା ଝଲସି ଉଠିଲା । ଅଭୁଲା ମୁହୂର୍ତ୍ତର ଦାଉ ଦାଉ ଜଳନ୍ତା ଅନୁଭବର ନିଆଁ ।

କାଲି ପରି ଲାଗୁଛି ସବୁ କଥା । ନିବେଦିତା ଦେଖିବାକୁ ତନୁ ପାତଳୀ କ୍ଷୀଣ ଶରୀର । ଗୌର ବର୍ଣ୍ଣ । ଘନ କୃଷ୍ଣ ଲମ୍ବା ବେଣୀ । ସୁନ୍ଦର ନହେଲେ ବି ଅସୁନ୍ଦର ଜମା ନୁହଁ ! ! କିନ୍ତୁ ଖୁବ ଆକର୍ଷଣୀୟ ତା ଗଢ଼ଣ । ସେ ବ୍ୟାଙ୍କିଙ୍ଗ ପ୍ରସ୍ତୁତି ପାଇଁ ଏଇ ଖାନନଗର ସ୍ଥିତ ବିଶ୍ୱନାଥ ପଣ୍ଡିତ ଲାଇବ୍ରେରୀକୁ ନିୟମିତ ଆସେ । ରେଭେନ୍‌ସାରୁ ବିଜ୍ଞାନରେ ସ୍ନାତକ ସାରି ଏଇ ବର୍ଷେ

Download Magazine from www.aahwaan.com

କି ଦେଢ଼ ବର୍ଷ ହେବ ବ୍ୟାଙ୍କ ପରୀକ୍ଷା ଦେଉଛି । ଲାଇବ୍ରେରୀର କିଛି ପିଲା ତା ପିଛା ପଡ଼ି ସାରିଥିଲେ । କୋଉଠି ଘର, ଆସୁଛି କୋଉଠୁ ଗୁଇନ୍ଦା ଲାଗି ଯାଇଥାନ୍ତି । ସେ ପାତଳୀଟିଏ ସିନା ଏତେ ଦ୍ରୁତରେ ସାଇକେଲ ଚଳାଏ ଯେ.. ସତେ ଯେମିତି କି ଆଖି ପିଛୁଳାକେ ଉଭେଇ ଯାଏ । କିଛି ପିଲା ତା ପିଛା ଅନୁସରଣ କରି ନୂଆବଜାର ଛକ ଯାଏଁ ଯାଇ ନିରାଶ ହୋଇ ଫେରନ୍ତି । ସେ କେଉଁ ଗଳିରେ ସଟ୍ କରି ପଶିଯାଏ, କିଛି ବି ଠଉରାଇ ପାରନ୍ତିନି । ପ୍ରଶାନ୍ତ ନିବେଦିତାକୁ ଯେବେ ବି ଦେଖେ କେଜାଣି କାହିଁକି ତା ମନରେ ଏ ଅଜଣା କୌତୁହଳଟିଏ ଖେଳିଯାଏ ସଞ୍ଚରିଯାଏ ସମଗ୍ର ଶରୀରକୁ । କେବେ କେମିତ ଉଙ୍କିମାରେ ଅଦେଖା ଆବେଗ ଉତ୍ସୁକତା ଉହାଡ଼େ । ବେଳ ଜାଣି ଖୋଜୁଥାଏ ସୁବିଧା ଟିକେ । କଥା ପଦେ ହୁଅନ୍ତା କି ଖାଲି ! ସେଥିଲାଗି ତା ଯିବା ଆସିବା ସମୟକୁ ନିଘା ରଖିଥାଏ ପ୍ରଶାନ୍ତ । ଆଜି ସାଇକେଲ ଷ୍ଟାଣ୍ଡରେ ଘଡ଼ିଏ ଆଗରୁ ଯାଇ ଅନେଇ ବସିଛି  ନିବେଦିତା ଆସିବା ବାଟକୁ । ପ୍ରଶାନ୍ତ ଦେଖୁଛି ନିବେଦିତା ସାଇକେଲ ଷ୍ଟାଣ୍ଡ ମଧ୍ୟକୁ ପଶି ଆସୁଛି, ସେ ବେଗରେ ପ୍ରଶାନ୍ତର ହୃଦସ୍ପନ୍ଦନ ବି ବଢ଼ିଚାଲୁଛି । ଜିଭ ଓଠ ଶୁଖିଲା ଶୁଖିଲା ଲାଗୁଛି । ନା... ମନ ଟାଣ କରିବାକୁ ପଡ଼ିବ । କିଏ ଜାଣେ ଏ ବେଳ ଆଉ ଆସିବକି ନାହିଁ .. ! ସାହସ ସଞ୍ଚୟ କରି ପଚାରିଲା, “ତମେ ବ୍ୟାଙ୍କିଙ୍ଗ ପାଇଁ ପ୍ରସ୍ତୁତ ହେଉଛ .. ?”

- ହଁ,

- ଷ୍ଟାଫ ସିଲେକ୍ସନ ଟ୍ରାଏ କରୁ ନାହାନ୍ତି ?

- ହଁ, ଦେଖିବା ।

କେଉଁ ବାଗରେ ଅସଲ କଥାଟା ପଚାରିବ ପଚାରିବ ହେଉଥାଏ ପ୍ରଶାନ୍ତ ।

- ମୁଁ, ତମ ସହ ଫ୍ରେଣ୍ଡସିପ କରିବାକୁ ଚାହେଁ... !

Download Magazine from www.aahwaan.com

- ଦୟାକରି ମତେ ସେ ସବୁ କଥା କୁହନ୍ତୁନି । ମୁଁ ଏଠି ପାଠ ପଢ଼ିବାକୁ ଆସିଛି, କହି ଏକ ମୁହାଁ ଚାଲିଗଲା ନିବେଦିତା ।

ପ୍ରଶାନ୍ତ ମନଟା ପୋକଡ଼ା ବାଦାମ ଖାଇଲା ପରି ହୋଇଗଲା । ନିତି ତା ଯିବା ଆସିବା ସମୟକୁ, ପ୍ରଶାନ୍ତ ନଜାଣିଲା ପରି ଲାଇବ୍ରେରୀ ଆଗେ ଛିଡା ହେଉଥାଏ । ଏ କଥା କିନ୍ତୁ ନିବେଦିତା ଜାଣି ସାରିଥାଏ ।

ପ୍ରଶାନ୍ତ ସାହିତ୍ୟ ପ୍ରତି ରୁଚି ରଖିଥାଏ । ତାର କିଛି ଗଳ୍ପ, କବିତା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଉଥାଏ । ସେତେବେଳେ ତା'ର ଏକ କବିତା ସମ୍ବାଦ ପତ୍ରରେ ପ୍ରକାଶିତ ହୋଇଥାଏ । ସେଥି ପାଇଁ ଲାଇବ୍ରେରୀରେ ତା ନାଁ ଟିକେ ଚର୍ଚ୍ଚା ଧରିଥାଏ । ଏ ଖବର ନିବେଦିତା ଯାଏଁ ନିଶ୍ଚିତ ପହଂଚି ସାରିଥିବ ବୋଲି ପ୍ରଶାନ୍ତ ନିଶ୍ଚିତ ଥାଏ । ପ୍ରଶାନ୍ତ, ନିବେଦିତାକୁ ଫେସବୁକରେ ବହୁତ ଖୋଜିଲା ପରେ ସେ ଖୋଜିପାଇଛି । ଯା ହେଉ ନିବେଦିତା ଅତି ଶୀଘ୍ର ଗ୍ରହଣ କରିନେଇଛି । ଚାଟିଙ୍ଗରୁ ଧିରେ ଧିରେ କଥା ଆରମ୍ଭ । ତମେ ଖୁବ୍ ସୁନ୍ଦର କବିତା ଲେଖୁଛ ! ମୁଁ ପେପେରରୁ ପଢ଼ିଲି, ଭଲ ଲାଗିଲା । ପ୍ରଶାନ୍ତ ତ ମନେ ମନେ ଏମିତ କିଛି ଆଶା କରୁଥିଲା ।

"ମଲୁ ଖୋଜୁଥିଲା କାକର ପାଣି ବଇଦ କହିଲା ପିଇ ତୋରାଣି ।"

କିଛି ଦିନ ଏମିତ ମେସେଜ ଜରିଆରେ କଥା ଚାଲିଥାଏ । ପ୍ରଶାନ୍ତ ମୋବାଇଲ ନମ୍ବର ମାଗିଛି ତ.. ! ତମେ ବୋଧେ ପାହାଚ ଚଢ଼ିବା ଆରମ୍ଭ କରି ସାରିଲାଣି... । ନିବେଦିତାର ଏମିତ ପ୍ରତିଉତ୍ତରର ମାନେ ପ୍ରଶାନ୍ତ ଠିକ୍ ବୁଝି ସାରିଥାଏ । ତଥାପି ପଚାରିଲା ଏମିତ କହିବାର ମାନେ ? ମାନେ ଅବିଧାନରେ ଅଛି । ପ୍ରଶାନ୍ତ ସାମାନ୍ୟ ହସିଦେଲା । ନିବେଦିତା ଖୁବ ପରିଶ୍ରମ କରିବା ସତ୍ତ୍ୱେ ବ୍ୟାଙ୍କରେ ପାଉନଥାଏ । ଏ ଥର ବି ରେଜଲ୍ଟ ବାହାରିଛି,

Download Magazine from www.aahwaan.com

ନିବେଦିତା ସହ ଆସୁଥିବା ଝିଅଟିର ହୋଇଛି ଅଥଚ ବିଚାରୀର ହୋଇନାହିଁ । ଲାଇବ୍ରେରୀରେ ସେମିତ ଟେବୁଲ ଉପରେ ମୁହଁ ପୋତି କାନ୍ଦୁଥାଏ । ସମସ୍ତେ ତା'କୁ ବୁଝାସୁଝା କଲେ । ପ୍ରଶାନ୍ତ ଏ ଭିତରେ କେତେ ଥର କହିଲାଣି, ବ୍ୟାଙ୍କିଙ୍ଗ ସହ ଷ୍ଟାଫ ସିଲେକସନ ବି ଦିଅ । କିଛି ଦିନ ପରେ ପୋଲିସ ସବଇନସ୍ପେକ୍ଟର ବିଜ୍ଞାପନ ବାହାରିଲା । ଏଥିରେ ଆବେଦନ କରିବା ପାଇଁ ନିବେଦିତାକୁ କହିଲା । ପ୍ରାରମ୍ଭିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛି । ଲାଇବ୍ରେରୀରୁ ପାଖାପାଖି ୬୦ ପିଲା ପାଇଛନ୍ତି ସେଥି ମଧ୍ୟରୁ ୧୫ କି ୨୦ ଝିଅ । ୟା ପରେ ପରେ ଆହୁରି ଚାରୋଟି ସୋପାନ । ଭାଇ ମୋ ଦେଇ ୟେ ଧାଁଧପଡ଼ ହେବନି । ତମକୁ କିଏ କହୁଛି ଦୌଡ଼ିବାକୁ ? ତମେ ସକାଳେ କିନ୍ତୁ ପଡ଼ିଆକୁ ଆସ । କେବଳ ଚାଲିବ ।

ତା' ପରଦିନ ନିବେଦିତା ଆଉ କିଛି ଝିଅ ଆସିଥାନ୍ତି ପଡ଼ିଆକୁ ଅଭ୍ୟାସ ନିମନ୍ତେ । ଲାଇବ୍ରେରୀରେ ମୃଦୁ ଗୁଞ୍ଜରଣ ଖେଳିଗଲା ଯେ ନିବେଦିତା ସକାଳେ ପଡ଼ିଆକୁ ଯାଉଛି । ସତେ ଯେମିତ ସେ ନୀରବରେ ସମସ୍ତଙ୍କୁ ଜଣେଇଦେଲା ସମସ୍ତେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବ ଆସ । ସବୁ ଦିନ ସକାଳେ ପଡ଼ିଆରେ ଗୋଟେ ଖଟି ଜମେ । ଭାଇ ଗୋଟେ କବିତା ଆଜି ଏଠି କହିବାକୁ ପଡ଼ିବ । ଆଉ ସେଇଟି ରୋମାଣ୍ଟିକ ହୋଇଥିବା ଚାହି । ସେ ପଂକ୍ତିଟି ଆଜି ବି ନିବେଦିତା ମନେ ସେମିତ ସତେଜ ଥିବ ବୋଲି, ପ୍ରଶାନ୍ତର ଦୃଢୋକ୍ତି । ସମସ୍ତେ ପ୍ରଶଂସାର ଶତମୁଖର ହେଉଥିଲା ବେଳେ ଜଣେ କେହି ସେମିତି ନୀରବରେ ଶୁଣି ରହିଗଲା । କବିତାଟିର ପଂକ୍ତି ଏମିତ ଥିଲା :

ଭଲ ପାଏ ବୋଲି କହିଦେବା
ଏମିତି ସହଜ କଥା ନୁହେଁ,
ଜିଇଁକି ମରିବା ମରିକି  ଜିଇଁବା

 Download Magazine from www.aahwaan.com

ଏମିତ ସହଜ କଥା ନୁହେଁ !

ଭଲ ପାଇଁ ଭୁଲି ଗଲେ

ଜିଇଁବା ମରିବା ଏକା ହୁଏ ।

ସବୁ କଥା କଣ କହିହୁଏ ... ? ?

କିଛି କଥା ନ କହିଲେ ବି ବୁଝି ହୁଏ ...

କେତେ ବିଚାର ଆଲୋଚନା, ମନ ଫଟା ଫଟି । ଏବେ ଠୁ ଭାଗ ବଣ୍ଟା ବଣ୍ଟି ଚାକିରୀ ପରେ କିଏ ମୋର କିଏ ତୋର । ଢ଼ିଙ୍କିଶାଳରୁ ଢେଙ୍କାନାଳ ଯାଏଁ ସବୁ କଥାର ଖଟି ହୁଏ.. । ଏମିତ ଦିନେ ନିବେଦିତା କହିଲା ଭାଇ ଗୋଟେ କଥା ଶୁଣ ।

କିଛି ଦିନ ହେବ ସରୋଜ ଆଗ ଛକରେ ଛକି ରହୁଛି । ମୁଁ ଗଲେ ମୋ ପଛେ ଯାଉଛି । ମୁଁ ଯେତେ ଅଣଦେଖା କଲେ ବି ସେ କିଛି ନା କିଛି ପଚାରେ । କଣ କହିବ ବୋଲି କହୁଥିଲା । ମୁଁ ଶୁଣିଲିନି ପଳେଇଗଲି ।

- କଣ କହୁଥିଲା ପଚାରିଲନି ?

- ମୁଁ ଯାଉଥିଲି... ସେ କୁକୁରଟା କୁ ପଚାରିବାକୁ !

ଏଇ ଭିତରେ ଦେଢ଼ ମାସ ବିତି ଯାଇଥାଏ । ଆଉ ପାହିଲାକୁ ଫିଜିକାଲ ଟେଷ୍ଟ । ତମେ ବହୁତ ଚାଲିଲାଣି କାଲି ଠୁ ଦୌଡ଼ ଆରମ୍ଭ । ଏତିକି କହିଛି କି ନାହିଁ ନିବେଦିତାର ମୁହଁ ଫିକା ପଡ଼ିଗଲା । ସେତେବେଳକୁ ସବୁ ଝିଅ ପ୍ରାୟ ୫ କିଲୋମିଟର ଦୌଡ଼ିବାର ଦକ୍ଷତା ହୋଇ ସାରିଥାଏ । କେବଳ ନିବେଦିତାକୁ ଛାଡ଼ି । ଆଜି ପ୍ରଥମ ଥର ବଡ଼ କଷ୍ଟରେ ୩ ରାଉଣ୍ଡରେ ନିବେଦିତା ଧଇଁ ସଇଁ । ହେ, ଭଗବାନ ଛାତି ଫାଟିଯିବ । କି କଷ୍ଟ... !

- ଏମିତ ହେଲେ କଣ ହେବ ? କାଲି ଠୁ ମୋ ସହ ଦୌଡ଼ିବ ।

- ନା. ବାବା ମୁଁ ତମ ସହ ଦୌଡ଼ି ପାରିବିନି ।

- ଆଚ୍ଛା, ଠିକ୍ ଅଛି ମୁଁ ତମ ସହ ଦୌଡ଼ିବି ।

ଆଜି ସେ ୫ ରାଉଣ୍ଡ ଦୌଡ଼ି ପାରିଛି, ପ୍ରଶାନ୍ତ ସହ ଦୌଡୁଥିଲା ବୋଲି, ପ୍ରଶାନ୍ତକୁ ଧନ୍ୟବାଦ ଜଣେଇଲା ସେ । ଗୋଟେ ମାସ ଭିତରେ ସେ ୫ କିଲୋମିଟର ଦୌଡ଼ିବାର ଦକ୍ଷତା ହାସଲ କରି ସାରିଥାଏ ନିବେଦିତା ।

ଦଶହରା ପାଖେଇ ଆସୁଥିବାରୁ କଟକ ସହରଟା ଏବେ ଚଳଚଞ୍ଚଳ । ସବୁ ଆଡେ ମାଳ ମାଳ ଆଲୋକର ରୋଷଣୀ । କେତେ ଆକୃତିର ତୋରଣ । ସନ୍ଧ୍ୟା ହେଲେ ନାହିଁ ନଥିବା ଭିଡ଼ । ତଥାପି ଏ ଭିଡ଼ ଠେଲି ପ୍ରାୟ ମେଢ଼ ବୁଲିଲୁ । ଯଥା ପରେ ପରେ ବାଲିଯାତ୍ରା ସମସ୍ତେ ବୁଲିଗଲୁ । ଦହିବରା ଆଳୁଦମ ଠୁ ଆରମ୍ଭ କରି ଠୁଙ୍ଗା ପୁରୀ ସବୁ ଚାଖି ସାରିଛୁ । ସମସ୍ତେ ଜିଦି କଲେ ରାମଦୋଳିରେ ବସିବା ପାଇଁ । ନିବେଦିତାକୁ ଛାଡ଼ି । ଆରେ... ଅନେଇଲେ ଆଖି ପାଉନି, ବସିବା ଏଥିରେ... ? ସମସ୍ତେ ଜିଦି ଧରିଲେ ବସିବା ପାଇଁ । ନିବେଦିତା ପଛଘୁଞ୍ଚା ଦେଉଥାଏ । କଣ ପୋଲିସ ହେବୁ ଡରୁଛୁ... ! ଟେକା ଟେକି କରି କହି ବସେଇଦେଲେ । ଦୁଇ ଘେରା ବୁଲିଛି କି ନାହିଁ ପ୍ରଶାନ୍ତକୁ ଭିଡ଼ି ଧରି ଚିଲ୍ଲେଇ ଉଠିଲା । ତା କଥା ବା କିଏ ସେଠି ଶୁଣିବ... ! ! ତଳକୁ ଓହ୍ଲେଇଛୁ ତ, ନିବେଦିତା ପ୍ରଶାନ୍ତକୁ କାନ୍ଦି କାନ୍ଦି କହିଲା ଆଜି ଠୁ ମୁଁ ତମ ସହିତ କୁଆଡ଼େ ଯିବିନି କହି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା ତେଣେ ସବୁ ପିଲା ଠୋ ଠୋ ହସୁଥାନ୍ତି... !

ନିବେଦିତା ଯଥା ଭିତରେ ପ୍ରଶାନ୍ତର ଘନିଷ୍ଟ ହୋଇସାରିଛି । ସୁଖଦୁଃଖ ସବୁ ପ୍ରଶାନ୍ତ ସହ ବାଣ୍ଟେ । ସବୁ କଥାରେ ପ୍ରଶାନ୍ତର ପରାମର୍ଶ ନିଏ । କେତେ ଥର ପ୍ରଶାନ୍ତକୁ ଘରକୁ ଡାକିଛି ।କିନ୍ତୁ ପ୍ରଶାନ୍ତ ତାଙ୍କ ଘରକୁ ଯିବା ଉଚିତ ମଣିନି । ଏଇ ପ୍ରଥମାଷ୍ଟମୀରେ କେତେ

Download Magazine from www.aahwaan.com

ଅନୁରୋଧ କରିଛି ଘରକୁ ଆସିବା ପାଇଁ କୌଣସି ବାହାନା ଆଳ ଦେଖେଇବା ସତ୍ତ୍ୱେ ନିବେଦିତା ନିଜେ ତା ପାଇଁ ପିଠା ନେଇ ଆସିଛି ।

ଫିଜିକାଲ ଟେଷ୍ଟ ଆସନ୍ତା ସପ୍ତାହରୁ ଆରମ୍ଭ ହେବ । ସଭିଙ୍କର ଅଭ୍ୟାସ ଜୋର ଧରିଥାଏ । ନିବେଦିତା ଲଙ୍ଗ ଜମ୍ପ୍ ମାରିଲାବେଳେ ତା ଗୋଡ଼ ମକଚି ହୋଇଯାଇଥାଏ । ପ୍ରଶାନ୍ତ ତା ଗୋଡ଼ ଘଷି ଦେଉଥିଲା ବେଳେ ନିବେଦିତା କହିଲା, ଭାଇ, ସବୁ ପିଲା ଅନଉଛନ୍ତି । ସବୁ ପିଲାଙ୍କର ପ୍ରସ୍ତୁତି ଭଲଥିଲା । ପ୍ରଥମେ ପ୍ରଶାନ୍ତର ସରିଯାଇଥାଏ । ଯେଉଁ ପିଲା ଅଭ୍ୟାସ କରିଥାନ୍ତି ସେମାଙ୍କର କୌଣସି ଅସୁବିଧା ହେଉନଥାଏ । ତା ପରେ ତା ପରେ ଲଗାତର ସାତ ପ୍ରକାରର ଇଭେଣ୍ଟ ଦେବାକୁ ପଡ଼ିଥାଏ । ସକାଳ ୬ ରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ରେ ଶେଷ । ପ୍ରଶାନ୍ତ ପୂର୍ବରୁ ଯେଉଁ ପିଲାଟି ଥିଲା ସେ ଦେଖିବାକୁ ଶୀର୍ଣ୍ଣକାୟ । ସେ ଯେତେବେଳେ କମ୍ ଓଜନ ହେତୁ କଟିଗଲା । ପ୍ରଶାନ୍ତର ମନରେ ଛନକା ପଶିଗଲା । କାରଣ ନିବେଦିତାର ଓଜନ ଉପରେ ସନ୍ଦେହ । ଝିଅ ପିଲାଙ୍କର ଓଜନ ୪୭.୫ କି.ଗ୍ରା. ଆବଶ୍ୟକ ଥାଏ । ନିବେଦିତାର ଆଉ ଚାରି ଦିନ ପରେ ଥାଏ । ଏ କଥା ପ୍ରଶାନ୍ତ ନିବେଦିତାକୁ କହୁନଥାଏ । ତା ପରଦିନ ନିବେଦିତାକୁ ଓଜନ କରାଇ ନେଲା ପରେ । ପାଖ ପାଖି ଏକ କିଲୋ କମ ଆବଶ୍ୟକତା ଠାରୁ । କଣ ହେଇଛି କହୁନ... ? ନିବେଦିତା ବାରମ୍ବାର ପଚାରୁଥାଏ । ପ୍ରଶାନ୍ତ ବାଧ୍ୟ ହୋଇ ଘଟଣାଟା କହିଲା । ଭାଇ, ମୋ ଭାଗ୍ୟରେ ନାହିଁ ! ତମେ ଏତେ ଅଧୈର୍ଯ୍ୟ କାହିଁକି ହଉଛ ଯେ ? ମୁଁ ଯିବିନି ଟେଷ୍ଟ ଦେବାକୁ । ଦେବି ଧରିକି ଯେ... ! ପ୍ରଶାନ୍ତ ହସିଲା କିନ୍ତୁ ହସରେ ଯେମିତ ଜୀବନ ନଥିଲା । ଦେଖିବା କଣ ଗୋଟେ କରିବା । ସେ ଦିନଟି ଆସି ପହଁଚିଲା । ନିବେଦିତାକୁ ନେଇ ପ୍ରଶାନ୍ତ ଯାଇଥାଏ ।

ମନ ଦେଇ ଶୁଣ ମୁଁ କଣ କହୁଛି । ଏ ଦୁଇଟା କାଗଜ ପୁଡିଆକୁ ପକେଟରେ ରଖ ।

Download Magazine from www.aahwaan.com

ଏଇଟା କଣ ଭାଇ ଏତେ ଭାରି ଲାଗୁଛି । ତମେ ଚୁପ ଚାପ ସେଠି ଯାଇ ବସ । ପାରୁଛ ତ କଦଳୀ ଦି ଚାରିଟା ଖାଅ । ପ୍ରଶାନ୍ତ ଠାକୁରଙ୍କୁ ଡାକୁଥାଏ । ଏ ଘଡି ସନ୍ଧି ମୁହୂର୍ତ୍ତକୁ ପାର କରିଦିଅ ପ୍ରଭୁ । ନିବେଦିତାର ପାଳି ପଡ଼ିଲା ଓଜନ ହେବା ପାଇଁ । ପାଚେରୀ ଏପଟୁ କିଛି ଜାଣି ହଉନି କଣ ହେଲା । ଏତେ ସମୟ ହେଲାଣି କଣ ଆସୁନି... ? ମନରେ ନାନା ଆଶଙ୍କା । ନିବେଦିତା ହସି ହସି ଆସୁଛି । ଭାଇ ମୁଁ ୪୮ କିଲୋଗ୍ରାମ... ? ମୁଁ ଜାଣିନି ସେ ପୁଡ଼ିଆ ଦୁଇଟା ଦିଅ । ଭାଇ କଣ ଏଇଟା ? ତମେ ଚାଲ ଲଙ୍ଗ ଜମ୍ପ୍ ମାରିବ । ଆଉ ସବୁ ଇଭେଣ୍ଟ ଅନାୟାସେ ପାରି ହୋଇଗଲା ସେ ।

ମେନ ପରୀକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତେ ଲାଗି ପଡ଼ିଥାନ୍ତି । ପଢ଼ିବାକୁ ପଡ଼ିବ । ଆଉ ମାତ୍ର ମାସେ ସମୟ । କେତେ କଣ ପଢ଼ିବାକୁ ପଡ଼ିବ । ରଚନା ପ୍ରବନ୍ଧ ମୋ ଦେଇ ଜମାହେବନି । ବ୍ୟାକରଣ, ସାଧାରଣ ଜ୍ଞାନ କେତେ କଣ ରହିଲାଣି ? ଫିଜିକାଲ ବୋଲି ସିନା ଲାଗିପଡ଼ି କରିଦେଲି । ଭାଇ, ମୁଁ କଣ କରିବି କୁହ... ? ୩୦ ଦିନ ବହୁତ ହେଲାଣି ମନ ଦେଇ ପଢ଼ାପଢ଼ି କର । ପ୍ରଶାନ୍ତ ସାହିତ୍ୟରେ ଧୁରିଣ ଏ କଥା ସଭିଏଁ ଜାଣିଥାନ୍ତି । ଏବାବଦରେ ଯାହାର ଯାହା ଆବଶ୍ୟକ ପଡ଼େ ପ୍ରଶାନ୍ତ ସାହାଯ୍ୟ କରେ । କିଛି ପିଲା ମାଗିଥାନ୍ତି । କିଛି ରଚନା ଥିଲେ ଆମକୁ ଦେବ । ଏ କଥାଟା ନିବେଦିତା ଦେହରେ ଗଲାନାହିଁ । ସେ କହିଲା ଭାଇ ତମେ ଏତେ ପରିଶ୍ରମ କରି ଲେଖିଛ ସେମାନଙ୍କୁ ଦେଲେ ଉତ୍ତର ଏକା ହେଲେ ତମ ମାର୍କ କମଯିବାର ସମ୍ଭାବନା ଅଛି । ତା'ପରେ ମୁଁ ତ ତମକୁ ପ୍ରଥମେ କହିଥିଲି ନା ! ପ୍ରଶାନ୍ତ ସମସ୍ତଙ୍କୁ ଦେଲା କିନ୍ତୁ ଏ କଥା ନିବେଦିତାକୁ ଜଣେଇଲା ନାହିଁ । ପରୀକ୍ଷା ମୁଣ୍ଡ ଉପରେ । ନିବେଦିତାର ବାରମ୍ବାର ଫୋନ । ଭାଇ... ଏଇଟା ଆସିଲାନି, ଏଇଟା କେମିତ ହେବ, ମୋର ସେ ନୋଟ ଦରକାର ଥିଲା । ବେଳେ ବେଳେ

 Download Magazine from www.aahwaan.com

ରାତି ୧, ୨ ରେ ଭାଇ ଶୋଇ ପଡ଼ିଲଣି ?  ତା'ର ଅବାଧ୍ୟ ବିରକ୍ତିକୁ ସହିବାକୁ ପଡ଼େ ।

ପରୀକ୍ଷା ଦିନ ଯେତେ ଯେତେ ନିକଟତର ହେଉଥାଏ ମନ ଭିତରର ଉଦ୍ବେଳନ ସେତେ ତୀବ୍ରତର ହେଉଥାଏ । ପରୀକ୍ଷାର ପୂର୍ବଦିନ କଥା ନିବେଦିତା କାନ୍ଦ କାନ୍ଦ ମୁହଁରେ କହିଲା, "ଭାଇ କ'ଣ ଗୋଟେ କର, ନ ହେଲେ ମୁଁ ପୁଣି ଫେଲ ହୋଇଯିବି । ମୁଁ ଆଉ ନିନ୍ଦା ଅପନିନ୍ଦା ସହି ପାରିବିନି ।" କାହାର ଇଛା ନାହିଁ ତମାମ ଇଛା ନିଜ ଆୟତରେ ରୁହନ୍ତୁ ବୋଲି । ତାହା ସାଧ୍ୟାତୀତ, ଯାହା ନିୟତିବିହିତ ତାକୁ ମାନି ନେବାକୁ ପଡ଼ିବ । ପ୍ରଶାନ୍ତ ଗମ୍ଭୀର ସ୍ୱରରେ କହିଲା । ନିବେଦିତା ବୁଝିପାରିଲା ଦୁହେଁ ଏକା ନାଆର ଯାତ୍ରୀ ବୋଲି । ତଥାପି ମୋ ପକ୍ଷେ ଯାହା ହେଇ ପାରିବ ମୁଁ ନିଶ୍ଚିତ ସାହାଯ୍ୟ କରିବି ।

ଛ ଘଣ୍ଟାର ପରୀକ୍ଷା ଯଦିଓ ମଝିରେ ଏକ ଘଣ୍ଟାର ବିରତି । ସମସ୍ତ ପରୀକ୍ଷାର୍ଥୀଙ୍କ ମୁହଁ ଭାରି ଭାରି । କିଏ କାହା ସହ କଥା ହେଉନାହାନ୍ତି । ପ୍ରଥମ ସିଟିଙ୍ଗ ସରିଲା । ବ୍ୟାକରଣ ଟିକେ ଭୁଲ ହୋଇପାରେ କିନ୍ତୁ ଆଉ ସବୁ ଏକ ପ୍ରକାରର ଭଲ ହୋଇଛି, ନିବେଦିତା କହିଲା । ହଉ ଠିକ ଅଛି ! ତମେ ଗୋଟେ କାମ କର । ପରୀକ୍ଷା ଆରମ୍ଭର ଠିକ୍ ଦୁଇ ଘଣ୍ଟାପରେ ବାଥରୁମ ଆସିବ । ପ୍ରଶାନ୍ତ ଯାଇ ବାଥରୁମରେ ଅପେକ୍ଷା କରିଛି ଠିକ ସମୟରେ କିନ୍ତୁ ନିବେଦିତାର ଦେଖା ନାହିଁ ଏ ଯାଏଁ । ଆଉ ଅପେକ୍ଷା କରି ହେବନି ସବୁ ଅସୁବିଧା ହୋଇଯିବ ତେଣେ । ସେ ଫେରି ଆସୁଥିଲା ବେଳେ ତର ତର ହୋଇ ଆସିଲା ନିବେଦିତା । ଭାଇ ଟିକେ ଡେରି ହୋଇଗଲା । ଏ କାଗଜଟିକୁ ନିଅ, ଦେଇ ଚାଲିଗଲା ପ୍ରଶାନ୍ତ ।

ପରୀକ୍ଷା ସରିଲା ବେଳକୁ ମାଛି ଅନ୍ଧାର ହୋଇ ଯାଇଥାଏ । ନିବେଦିତା ହସି ହସି ଆସୁଛି । ଖାଲି ହସୁଛି, ପ୍ରଶାନ୍ତ ବିଗିଡ଼ିବାରୁ କ୍ଷାନ୍ତ ହେଲା । ସମସ୍ତେ ବସ୍‌ରେ ଆସିଥିଲେ, ଯିବାପାଇଁ ନିବେଦିତାକୁ ଡାକିଲେ । ସେ ପ୍ରଶାନ୍ତ ସହିତ ଯିବ ବୋଲି ଜଣେଇ ଦେଲା । ଦୁହେଁ

 Download Magazine from www.aahwaan.com

ବାଇକ୍‌ରେ କଟକ ଫେରୁଥାନ୍ତି । କଟକ ଭୁବନେଶ୍ୱର ମଝା ମଝି ହେବ । ଫୁଲନଖରାର ଟିକେ ଆଗକୁ । ନିବେଦିତା ଗାଡ଼ି ରଖିବାକୁ କହିଲା । ନିବେଦିତା କାନ୍ଦୁଛି ଯେ କାନ୍ଦୁଛି । ଏତେ ଅନ୍ଧାର ସତ୍ତ୍ୱେ ସେ ସ୍ପଷ୍ଟ ଦେଖିପାରୁଛି ସେ ଲୁହ । ସେ ଲୁହର କାରଣ ପ୍ରଶାନ୍ତ ହୃଦୟ କୁଳ ଛୁଇଁ ସାରିଥାଏ । ତା ମୁହଁକୁ ଦେଖିଲେ ଆବେଗ ନଥିବା ଲୋକର ବି ଆଖି ଜକେଇ ଆସିବ । ନିବେଦିତା ବାଷ୍ପରୁଦ୍ଧ କଣ୍ଠରେ କହିଲା ଭାଇ ଏ ଜନ୍ମ କଣ ସାତ ଜନ୍ମରେ ବି ମୁଁ ତମ ଋଣ ସୁଝି ପାରିବିନି । ମୁଁ ଯଦି ଏ ଯାଏଁ ଆସି ପାରିଛି ତା କେବଳ ତମ ପାଇଁ । ଭାଇ ତମେ ବିଶ୍ୱାସ କର କି ନ କର । ମୋ ହୃଦୟରେ ତମେ ଯେଉଁ ଜାଗାଟି ଅଧିକାର କରିଛ ମୋ ଜୀବନ ଥିଲା ଯାଏଁ ଏ ସ୍ୱତନ୍ତ୍ର । ମୁଁ, ମୋର ମୁଁତ୍ୱକୁ ସମ୍ୟକ ରୂପେ ତମକୁ ଦେଇ ସାରିଛି ।ପ୍ରଶାନ୍ତ ତା ଲୁହ ପୋଛୁ ପୋଛୁ ଏତିକି କହିଲା ତମର ଯଦି ଭାଗ୍ୟରେ ଏସ୍‌ଆଇ ହେବାର ଥିବ । ତମକୁ ଈଶ୍ୱର ସହାୟ ହୋଇଛନ୍ତି ମୁଁ ମାଧ୍ୟମ ମାତ୍ର । ପ୍ରଶାନ୍ତର ହାତକୁ ଜାବୁଡି ଧରି ସେ ସେମିତ କାନ୍ଦୁଥାଏ ।

ଦୀର୍ଘ ଦିନର ବ୍ୟବଧାନ ପରେ ରେଜଲ୍ଟ ବାହାରିଲା । ତା ପରେ ମୌଖିକ ପରୀକ୍ଷା ସିଧା ସଳଖ IG, DGଙ୍କ ପ୍ରଶ୍ନର ଉତ୍ତର । ଭାବିଲା ବେଳକୁ ଉତ୍ତର ସବୁ ଧୂଆଁ ହୋଇ ଉଡ଼ିଯାଏ । ପ୍ରଶାନ୍ତକୁ ପଚରା ଗଲା ତମର ରୁଚି କଣ ? ସାହିତ୍ୟ ପଢ଼ିବା, ମୁଖ୍ୟତଃ ଓଡ଼ିଆ । ତମେ ଇଂରାଜୀର ଛାତ୍ର ହୋଇ ଓଡ଼ିଆ ପ୍ରତି କେମିତି ? ଆଚ୍ଛା, ସାହିତ୍ୟ ଆମ ପୋଲିସ ବିଭାଗରେ କି କାମରେ ଆସି ପାରିବ ? ସାର, ସାହିତ୍ୟ ଅପରାଧକୁ ଅପରାଧ ହେବା ପୂର୍ବରୁ ରୋକି ପାରିବ । ସମାଜର ଟିକି ନିକି ଘଟଣାବଳୀ ଆପଣ ସାହିତ୍ୟରେ ପାଇବେ । ପୋଲିସ ତଦନ୍ତ ଯେଉଁ ଜାଗାରେ ପହଂଚି ପାରିନଥାଏ, ସାହିତ୍ୟ ଅନାୟାସେ ପହଂଚି ପାରିଥାଏ । ସାହିତ୍ୟ ଅପରାଧୀକୁ ଦଣ୍ଡ ଦିଏନି । ଅପରାଧର ମୂଳ କାରଣ ଖୋଜି ବାହାର କରିବା ସହ

 Download Magazine from www.aahwaan.com

ସେଥି ପ୍ରତି ସଚେତନତା କରାଇ ଥାଏ । ସେଥି ପାଇଁ ସାହିତ୍ୟକୁ ସମାଜର ଦର୍ପଣ କୁହାଯାଏ ।

ତମର ବୟସ ୩୦ ପରେ ହେଲାଣି, ଆଜି ଯାଏଁ କାହିଁ ବିବାହ କରିନାହଁ ? ସାର ଯେଉଁ ପର୍ଯ୍ୟନ୍ତ ନିଜ ଗୋଡ଼ରେ ନିଜେ ଛିଡା ହୋଇନି କେମିତି ବାହା ହୋଇ ପାରିବି ! ଆପଣମାନଙ୍କ ଆଶୀର୍ବାଦ ହେଲେ ନିଶ୍ଚିତ ଯେ୍ ଏସ୍ଆଇ ପରେ ବିବାହ କରିବି । ସମସ୍ତେ ହସିଲେ ଏ କଥା ଶୁଣି । ଏମିତ ୨୫ ମିନିଟ କାଳ ତୁହାଇ ତୁହାଇ ପ୍ରଶ୍ନ ।

ସମସ୍ତଙ୍କର ମୌଖିକ ପରୀକ୍ଷା ସରି ଯାଇଥାଏ । କିଛିଦିନ ପରେ ନିବେଦିତାର କୌଣସି ଖବର ନାହିଁ । ଶୁଣିବାକୁ ପାଇଲି ସରୋଜ ନିବେଦିତା ଏବେ କୁଆଡେ ଘନିଷ୍ଠ ହୋଇ ଯାଇଛନ୍ତି । ପ୍ରଶାନ୍ତକୁ ଏ କଥା ବିଶ୍ୱାସ ହେଲାନି । ସେ କଥାକୁ ବି ଗୁରୁତ୍ୱ ଦେଉନଥାଏ । ଆଉ ଗୋଟେ କଥା ଖବର ପାଇ ସେ ହତ ଚକିତ । ସବୁ ପୋଷ୍ଟ କାରବାର ହେଲାଣି । ପୋଲିସ ଚାକିରୀମାନେ କାରବାର ତ ହେବ । ଯୋଗ୍ୟ ଅଯୋଗ୍ୟ କଣ ଯେ ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ । ଏଠି ଯିଏ ଜିତିଲା ସେ ଯୋଗ୍ୟ । ସେଥିପାଇଁ ଆଜି ଯାଏଁ ପ୍ରାୟ ଏସ୍ଆଇ ପିଲାଙ୍କ ଦରଖାସ୍ତ ପ୍ରଶାନ୍ତ ଦ୍ୱାରା ଲିଖିତ । ପ୍ରଶାନ୍ତର ପରୀକ୍ଷା ଭଲ ହୋଇଥାଏ ସେଥି ପ୍ରତି ତେଣୁ ସେ କର୍ଣ୍ଣପାତ କଲା ନାହିଁ । ଯଦିଓ ସେ ଜାଣିଥିଲା ଏମିତ କିଛି ହୁଏ ବୋଲି । ବହୁ ଆଶା ଓ ଆଶଙ୍କାର ଅବସାନ ଘଟାଇ ସଭିଙ୍କ ଲୋଲୁପ ଦୃଷ୍ଟିର ଉହାଡ଼େ ଝୁଲୁଥିବା ଅଦୃଶ୍ୟ ଫଳଟି ବୋଧେ ହୁଏ ଭୂପତିତ ହେବା ହେବା ହେଉଛି । ବହୁ ଉପେକ୍ଷା ଓ ହା ହୁତାସ ହତୋତ୍ସାହ ଅର୍ଗଳୀ ଦେଇ ଏଇନା ଏଇନା ଚିତାକର୍ଷକ ଭାଗ୍ୟଟି ଚମକିବାକୁ ଯାଉଛି । କିଏ ଜାଣିଛି ହାତ ପାଆନ୍ତାରେ ରହୁଛି କି ଖସି ଯାଉଛି.. !

ଅନ୍ତିମ ଫଳ ପ୍ରକାଶ ପାଇଛି । ହତାସର କରାଳ ସ୍ରୋତ ପ୍ରଶାନ୍ତକୁ ଭସେଇ ନେଇ

Download Magazine from www.aahwaan.com

ରସାତଳ କରିବାକୁ ଯେମିତ ବଦ୍ଧପରିକର । ଯେତେ ଗୋଡ଼ ହାତ ହଲେଇଲେ ସେ ସ୍ରୋତ ଆଗେ ସମସ୍ତ ପ୍ରୟାସ ନିଷ୍ଫଳ । ତା'ର ଆକୁଳ ଚିତ୍କାର କାହା ପାଖେ ପହଞ୍ଚି ପାରୁନି । ଆହାଃ.. ଆହାଃର କୁଟିଳ ସାନ୍ତ୍ୱନା । ଦୟାର ଦ୍ୱାହି ଦେଇ କେତେ ବିଦୃପର କଟାକ୍ଷ..

ନିବେଦିତା ତା ଋଣ ଶୁଝିବା ଆରମ୍ଭ କରି ସାରିଲାଣି ଯା ଭିତରେ । ତା'ର ସବୁ ପ୍ରତିଶୃତି ଏବେ ଶୃତିପ୍ରତି କେବଳ । ସରୋଜର ଏସ୍‌ଆଇ ହେଲା ପରେ ।  ଏବେ ସେ ତା ପ୍ରିୟ ବନ୍ଧୁ । ଏହା ବି କହିବାକୁ ଭୁଲିନାହିଁ, ପାଠ ପଢ଼ିଲେ ସିନା ହେବ । ଗପ, କବିତା ପଢ଼ିଲେ କଣ ହେବ ? ସବୁବେଳ ଅନ୍ୟ ମାନଙ୍କୁ ସାହାଯ୍ୟ କରିବ ନିଜ କାମ ପଡ଼ିଆ ପକେଇ । ଯେ ଯୋଗ୍ୟ ସେ ହିଁ ପାଇବ, "survival of the fittest."

ଏ କଥା ବୁଝିବାକୁ ପ୍ରଶାନ୍ତର ଆଉ ମୁଣ୍ଡ ନାହିଁ । ବର୍ତ୍ତମାନ ପ୍ରଶାନ୍ତ ଏକଘରିଆ, ବାସନ୍ଦ । ଧୀରେ ଧୀରେ ସବୁ ଚିହ୍ନା ମୁହଁ ଅଚିହ୍ନା ବାରିଲେ । ନିବେଦିତା ଆଉ ସରୋଜ ଉଭୟେ ଏବେ BPSPAରେ ଟ୍ରେନିଂ । ସେମାନଙ୍କର ଏ ଭିତରେ କୋର୍ଟ ମ୍ୟାରେଜ ସରିଛି । ଖାଲି ଯାହା ବିଧିକୁ ପରିବାରର ସ୍ୱୀକୃତିରେ ହେବ କଥା । ଟ୍ରେନିଂ ପରେ ନିବେଦିତାର ବାରିପଦାରେ ପୋଷ୍ଟିଙ୍ଗ । ସରୋଜର କୋରାପୁଟ । ନିବେଦିତା ଏସ୍‌ଆଇ ହେବା ପରଠାରୁ କି ସରୋଜ ସହ ମିଶିବାଠାରୁ ସେ କେବେ ପ୍ରଶାନ୍ତର ଖବର ରଖିବାକୁ ଉଚିତ ମଣିନାହିଁ ।

ପ୍ରଶାନ୍ତ ସାହିତ୍ୟରେ ରୁଚି ରଖିଥିବାରୁ ସେ ଆଜି SDPO । କାରଣ ତା ସ୍ପେସିଆଲ ପେପର ଓଡ଼ିଆ ଥିଲା । ସେ ଏବେ ବାରିପଦାରେ କାର୍ଯ୍ୟରତ ।

ଅଦ୍ୟାବଧି ସରୋଜ ଓ ନିବେଦିତା ବିବାହ କରି ନାହାନ୍ତି । କୋର୍ଟ ମ୍ୟାରେଜ କରିବା କଥାଟା ମିଛ ବୋଲି ଏବେ ଜଣା ପଡ଼ିଲା । ଦୁହିଁଙ୍କ ମଧ୍ୟରେ ଏବେ ମତାନ୍ତର । ସରୋଜ ଏବେ ନିବେଦିତାକୁ ବିବାହ କରିବାକୁ ଅନିଚ୍ଛୁକ । ତା'ର ଅଭିଯୋଗ ନିବେଦିତାର ଥାନା

Download Magazine from www.aahwaan.com

ଅଧିକାରୀ ସହ ସମ୍ପର୍କ ଅଛି । ଏ କଥାରେ ସତ୍ୟାସତ୍ୟ ଏବେ ଉଚ୍ଚସ୍ତରୀୟ ବିଭାଗକୁ ହସ୍ତାନ୍ତର କରାଯାଇଛି ।

ସରୋଜ ନିବେଦିତା ସହ କୌଣସି ସମ୍ପର୍କ ରଖିବାକୁ ନାରାଜ । ଏଭଳି ଏକ ସଂଗୀନ ଅଭିଯୋଗ ଆଣିଛି ନିବେଦିତା ସରୋଜ ବିରୁଦ୍ଧରେ । ଏହାର ତଦନ୍ତ ପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଫିସରଙ୍କୁ ଦିଆଯାଇଥାଏ । ଏ ଦାୟିତ୍ୱ ପ୍ରଶାନ୍ତ ହାତରେ ନ୍ୟସ୍ତ କରାଯାଇଥାଏ । ଏ ଘଟଣା ଶୁଣି ପ୍ରଶାନ୍ତ ହତବାକ । ଡିପାର୍ଟମେଣ୍ଟ ଉପରେ କୌଣସି ଆଞ୍ଚ ନ ଆସୁ ସେଥିପାଇଁ ଏ ବିଷୟଟିକୁ ପ୍ରଶାନ୍ତ ଗୁରୁତର ସହ ନେଇ ଏହାର ସମାଧାନ କରି ପାରିଥିବାରୁ ସେ ଆଜି ଖୁବ ଖୁସି । ସରୋଜ ରାଜି ହୋଇ ଯାଇଛି ନିବେଦିତାକୁ ବିବାହ କରିବା ପାଇଁ । ଆରେ ଏ କଣ.. ନିବେଦିତାର ମୁହଁ ଖୁସି ବଦଳରେ ଏମିତ ଘୋର ବିଷାଦ କାହିଁକି.. ? ?

ପ୍ରଶାନ୍ତ ଅଫିସ କାମ ସାରି ଫେରୁଥାଏ ପଛରୁ କାହାର ଡାକ ଶୁଭୁଥାଏ, ଭାଇ ... ! ଭାଇ ... !

ହଠାତ୍ ପ୍ରଶାନ୍ତର ନିଦ ଭାଙ୍ଗି ଯାଇଛି, ସ୍ମିତା ତାଙ୍କୁ ଉଠ... ଉଠ... ବୋଲି କହୁଛି । ସତରେ ରାଗିଗଲ ନା କଣ ? ଆସ ଖାଇବା ମତେ ବି ଭୋକ ଲାଗିଲାଣି । ସେ ସ୍ମୃତି ଏମିତ ଭାବରେ ଆବୋରି ବସିଥାଏ ସ୍ମିତା ଆଉ ନିବେଦିତା ମୁହଁ ଏକ ପରି ଲାଗୁଥାଏ ସେ ମୁହୂର୍ତରେ । ଯାହା ହେଉ ସ୍ମିତା ଏ ବିଷୟରେ ଅବଗତ ନାହିଁ... ! ସ୍ମିତା ତା ଗପ ଆରମ୍ଭ କରି ସାରିଥାଏ । ହଠାତ ଝଟକା ମାରିଲା ଭଳି କିଛି ଶବ୍ଦ ପ୍ରଶାନ୍ତ କାନରେ ବାଜିଲା,

ଜାଣିଛ... ! ନିବେଦିତା ଆଜି ଆମ ଘରକୁ ଆସିଥିଲା...

କଲ୍ୟାଣପୁର, ନୟାଗଡ ମୋ - ୯୮୬୧୦୦୧୫୨

Download Magazine from www.aahwaan.com



# କି ଭୂଲ କଲା ସେ ?

ବିକେଶ କୁମାର ସାହୁ

ଅନ୍ଧାରୁଆ ନିବୁଜ ସେଇ ଜେଲ କୋଠରୀ ଭିତରର ଘନଅନ୍ଧକାର ଭିତରେ କ୍ଷୁଦ୍ର ଏକ ଝରକା ଦେଇ ଦୁଇଧାର ଆଲୋକ ରଶ୍ମିର ଝାପସା ଆଲୋକରେ ଅସ୍ୱଷ୍ଟ ଅନ୍ଧାରୁଆ କୋଣରେ ମଥା ପୋତି ଭାଗ୍ୟକୁ ଆଦରି ବସି ରହିଥାଏ ସ୍ମିତା । ହଠାତ ସେଇ ଲୁହା ଗେଟଟା ଖୋଲି ଜଣେ ମହିଳା ପୋଲିସକର୍ମୀ ଖାଇବାଥାଳି ଧରି ଭିତରକୁ ପଶି ଆସିଲେ । ଖାଇବା ଥାଳିଟାକୁ ସ୍ମିତା ପାଖରେ ରଖିଦେଇ ବସିପଡ଼ିଲେ । ଆଜକୁ ଦଶ ଦିନ ବିତିଯାଇଛି ସେଇ ଜେଲଘର ଭିତରେ । ଆଉ ସେଇ ଦଶଦିନ ଭିତରେ ସେଇ ମହିଳା ଜଣକ ପ୍ରତିଦିନ ତାଙ୍କୁ ଖାଇବାକୁ ଦେଇ ଆସୁଛନ୍ତି । ସବୁଦିନ ପରି ଆଜି ବି ମୁଣ୍ଡ ଉପରେ ଆଉଁସି ଦେଇ ଖାଇବା ପାଇଁ କହିଲେ । ନିଜ ଝିଅ ପରି ତା'ର ପ୍ରତିଟି ସମୟରେ ଦୁଃଖ ସୁଖ ବୁଝି ଆସୁଛନ୍ତି । ଅନେକ ଥର ତାକୁ ପୋଲିସ ବାବୁ ଜେରା କଲେଣି ହେଲେ କେବେ ବି ତା ପାଟି ଫିଟେନି । ଖାଲି ଗୋଟିଏ କଥା ସବୁବେଳେ କହିଆସୁଛି "ମୁଁ ନିର୍ଦ୍ଦୋଷ... ମୁଁ ନିର୍ଦ୍ଦୋଷ... ମୁଁ କିଛି ଭୁଲ କରିନି..." । ଏଇ ଗୋଟିଏ ପଦ କଥା ଛଡ଼ା ଆଉ କିଛି ବି ସେ କହେନି । ଏପରିକି ସେଇ ଭଦ୍ର ମହିଳା ମଧ୍ୟ ଅନେକ ଥର ତାଙ୍କୁ ଏ ବିଷୟରେ ପଚାରିଛନ୍ତି ହେଲେ କେବେ ବି କିଛି କହିନି । ସବୁ ଦିନ ପରି ସେଇ ଅନ୍ଧାରୁଆ କୋଣରେ ମଥାପାତି ଅପେକ୍ଷା କରିରହିଥାଏ ସେଇ  ନ୍ୟାୟାଳୟର ଅନ୍ତିମ ନ୍ୟାୟକୁ ।

ଏମିତି କିଛି ଦିନ ବିତିଯାଇଛି ଆସନ୍ତା ମଙ୍ଗଳବାର ନ୍ୟାୟାଳୟ ତା'ର ଶେଷ ନିଷ୍ପତ୍ତି ଶୁଣେଇବ ହେଲେ ସ୍ମିତା ମୁହଁରେ ନ ଥାଏ ଭୟର ଆଭାସ । ତା'ର କ୍ଷୁଦ୍ର ମାନସିକତା

 Download Magazine from www.aahwaan.com

ଭିତରେ ସେ ଭାବିନେଇ ଥିଲା ସେ ଯାହା କରିଛି ଠିକ କରିଛି । କେତେ ବା ଆଉ ସହିଥାନ୍ତା । ସେମିତି ଜୀବନ ଜୀଇଁବା ଅପେକ୍ଷା ସେଇ ରକ୍ଷସଟାର ରକ୍ତ ପିଇ ଶୁଳୀରେ ଚଢ଼ିବାକୁ ସେ ଶ୍ରେୟ ମଣିନେଇଛି । ଚିନ୍ତା ଅଛି ତ ଖାଲି ତା ପୁଅ ଟିଙ୍କୁର । ଭଲରେ ଦୁନିଆ ବି ଦେଖିନି ସେ । ଏଡ଼େ ବଡ଼ ଦୁନିଆରେ ତା'ର ଆଉ ଅଛି ବା କିଏ ଯେ ସେ ତାର ସହାରା ସାଜିବ । ତଥାପି ଭଗବାନଙ୍କ ଉପରେ ତା'ର ଗଭୀର ବିଶ୍ୱାସ । ତା'ର କିଛି ଅସୁବିଧା ହେବାକୁ ସେ ଦେବେ ନାହିଁ । ଏମିତି ଅନେକ କିଛି ଭାବୁଥାଏ ସେ । ତା'ରି ସାଙ୍ଗକୁ ମନେ ପଡ଼ିଯାଏ ତାର ସେଇ ଅତୀତ ଘଟଣା ସବୁ । କେତେ ସ୍ୱପ୍ନ ଦେଖିଥିଲା ସେ । ଆଜି ଯେମିତି ତାର ସେଇ ସବୁ ସ୍ୱପ୍ନରେ ଗ୍ରହଣ ଲାଗିଯାଇଛି । ସବୁ ସ୍ୱପ୍ନ ତା'ର ଚୁରମାର୍ ହୋଇ ଯାଇଛି ଆଜି । ବାପା ମାଆଙ୍କ ସମ୍ମାନ ପାଇଁ ସେ ବଳି ପକେଇ ଦେଇଥିଲା ନିଜ ପ୍ରେମକୁ ଆଉ ପ୍ରଶାନ୍ତର ହାତ ଧରିଥିଲା । ହେଲେ ସେ କଣ ଜାଣିଥିଲା ସେଇ ମଣିଷ ଚେହେରା ଭିତରେ ଲୁଚି ରହିଛି ହିଂସ୍ର ନରରାକ୍ଷସଟିଏ । ତଥାପି ଅନେକ ଚେଷ୍ଟା କରିଛି ତାକୁ ସୁଧାରିବା ପାଇଁ ହେଲେ କିଛି ଲାଭ ମିଳିନି । ବାହାଘର ପରଠାରୁ କାମଧନ୍ଦା ତ ଦୂର କଥା ଓଲଟା ବିକ୍ରି କରିଛି ଯୌତୁକରେ ମିଳିଥିବା ସାମାନ ସବୁକୁ ଆଉ ପ୍ରତିଦିନ ଜୁଆ ଓ ମଦରେ ଉଡ଼େଇ ଦେଇଛି ସବୁ ଟଙ୍କା । ତଥାପି କିଛି କହିନି ସ୍ମିତା । କହିଲେ ବା କଣ ମିଳିବ, ମିଳିବ ତ କେବଳ ଚମଡା ବେଲ୍ଟ୍‌ର ମାଡ଼ । ଶେଷରେ ଘରଖର୍ଚ୍ଚ ପାଇଁ ପଡୋଶୀ ଘରେ କାମ କରିଛି, ମୂଲ ଲାଗିଛି । ଏମିତିରେ ପ୍ରାୟ ତିନିବର୍ଷ ବିତିଯାଇଛି । ଆଉ ସେଇ ତିନିବର୍ଷ ଭିତରେ ସ୍ମିତା ମୁଣ୍ଡରେ ଆଉ ଗୋଟିଏ ବୋଝ । ଆଉ ସେ ହେଉଛି ରିଙ୍କୁ । ପୁଅଟାକୁ କେମିତି ମଣିଷ କରିବ ସେଇ ଚିନ୍ତାରେ ସେ କିଛି କିଛି ପଇସା ସଂଗ୍ରହ କରିବାରେ ଲାଗିପଡ଼ିଲା । ତା' ପୁଣି ପ୍ରଶାନ୍ତର ଅଜାଣତରେ ।

Download Magazine from www.aahwaan.com

ସେମିତି ଗୋଟେ ଦିନର କଥା ରାତ୍ରୀ ୧୧ଟା ହୋଇ ସାରିଥାଏ । ଏ ଯାଏ ଆସି ନଥାଏ ପ୍ରଶାନ୍ତ । ଘରର ପ୍ରବେଶ ଦ୍ୱାର ପାଖରେ ସ୍ମିତା ଚାହିଁ ରହିଥାଏ ତା ଆସିବା ବେଳକୁ । ସବୁଦିନ ଅପେକ୍ଷା ସ୍ମିତା ଆଜି ସମ୍ପୂର୍ଣ୍ଣ ଭାବରେ ରାଗିଯାଇଥାଏ । ଏତିକି ବେଳେ ପ୍ରଶାନ୍ତ ଆସିଛି । ତା ପାଦ ଦୁଇଟି ବି ସେ ଭଲରେ ଥାପି ପାରୁନଥାଏ । ସମ୍ପୂର୍ଣ୍ଣ ମାତାଲ ହେଇ ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖାଯାଉଥିଲା । "କୋଉଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନା ଆଉ କିଛି ? ତମର ଯେବେ ଇଚ୍ଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କାଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ଲାଗିଲାଣି ଜଲଦି ଖାଇବାକୁ ବାଢ ।"

ସ୍ମିତା ଆବାକ ହେଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇୟେ ? ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା । ଏତିକି ବେଳେ ପ୍ରଶାନ୍ତ ରାଗିଯାଇ ସ୍ମିତାକୁ ବହୁତ ମାଡ଼ ମାରିଲା ତା ସହ ତାକୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଛି । ତା ସହ ରିଙ୍କୁକୁ ମଧ୍ୟ ମାରିଦେବ ବୋଲି ସେ ରୋକଠୋକ କରି କହିଛି । ଏଇ ସବୁ ଶୁଣି ସାରିଲା ପରେ ସ୍ମିତା ନିଜର ଶେଷ ନିଷ୍ପତି ନେଇଛି । ସେ ଆଜି ଯାହା ହେଲେବି ଏଇସବୁର ଅନ୍ତ କରିବ । ଆଉ ସେଇଥି ପାଇଁ ପ୍ରଶାନ୍ତକୁ ଅନେକ ନେହୁରା ମଧ୍ୟ ହେଇଛି ତାକୁ ଛାଡ଼ି ଦେବାକୁ । ହେଲେ ସେଇ ରାକ୍ଷସଟା ତା ପଦେ କଥା ମଧ୍ୟ

Download Magazine from www.aahwaan.com

ଶୁଣିଲାନି । ଶେଷରେ ଖାଇବା ଆଣିବାକୁ କହି ସେଇଠି ସେମିତି ବସିପଡିଲା । ସ୍ମିତା ରୋଷେଇ ଘରକୁ ଆସି ଅନେକ କିଛି ଭାବିଲା ପରେ ନିଜ ହାତରେ ନିଜ ସିନ୍ଦୁର ଓ ଶଙ୍ଖାକୁ ମିଟେଇ ଦେବାକୁ ସ୍ଥିର କରିନେଇଛି । ଆଉ ସେଇଥି ପାଇଁ ଖାଇବାରେ ବିଷ ମିଶେଇ ଦେଇଛି । ଆଉ ସାଜି ଯାଇଛି ବିଧବା । ଆଉ ସେଇ ଦିନଠୁ ଆଜି ଯାଏ ସେ ଅନେକ ଥର ନିଜକୁ ପ୍ରଶ୍ନ କରିଛି "ମୁଁ କି ଭୁଲ କରିଛି ?"

ଶେଷରେ ଆସିଲା ସେଇ ଅନ୍ତିମ ଦିନ । ଆଜି ନ୍ୟାୟାଳୟରେ ସ୍ମିତାକୁ ଦେବାକୁ ହେବ ଅନ୍ତିମ ଅଗ୍ନି ପରୀକ୍ଷା । ନ୍ୟାୟାଳୟରେ ଆଜି ଅନେକ ଭିଡ଼ ଜମିଛି । ସମସ୍ତଙ୍କ ମନରେ ଉତ୍କଣ୍ଠା ସେଇ ନ୍ୟାୟାଧୀଶଙ୍କ ନ୍ୟାୟର । ଆଜି କିନ୍ତୁ ସ୍ମିତା ନିଜ ହୃଦୟର ସବୁତକ ଅକୁହା ବ୍ୟଥାକୁ ଗୋଟି ଗୋଟି କରି କହି ଚାଲିଲା । ସମସ୍ତଙ୍କ ଆଖିରେ ଖେଳିଗଲା ଦୁଃଖର କରାଳ ଛାୟା । କିନ୍ତୁ କଣ ଆଉ କରନ୍ତେ ନ୍ୟାୟାଧୀଶ ସେ ତ ନିୟମରେ ବନ୍ଧା । କିଛି ସମୟ ସମ୍ପୂର୍ଣ୍ଣ ନିସ୍ତବ୍ଧ ହୋଇଗଲା ସେଇ ନ୍ୟାୟାଳୟ । ଆଉ ଶେଷରେ ମିଳିଲା ସ୍ମିତାକୁ ଆଜୀବନ କାରାଦଣ୍ଡ ।

ଆଉ ସେତେବେଳେ ସବୁ ଲୋକଙ୍କ ମୁହଁରେ ସେଇ ଗୋଟିଏ କଥା "କି ଭୁଲ କଲା ସିଏ ?"

ଭୂଷଲାଡ଼, ସିନ୍ଧେକେଲା, ବଲାଙ୍ଗୀର

 Download Magazine from www.aahwaan.com

# ବିଧିର ବିଧାନ



ସୁବଳ ମହାପାତ୍ର

ବୟସର ଅପରାହ୍ନ, ପ୍ରଶାନ୍ତ ବାବୁ ନିଜ କର୍ମମୟ ଜୀବନରୁ ଅବ୍ୟାହତି ନେଇ ଫେରି ଆସିଛନ୍ତି ନିଜ ସହରକୁ । ଅବ୍ୟାହତି କ'ଣ ? ଆଉ ଇଚ୍ଛା ନ ଥିବାରୁ ଚାକିରୀ ଛାଡ଼ି ଚାଲି ଆସିଛନ୍ତି ନିଜ ସହରକୁ । ବାପାମା' ଚାଲିଗଲା ପରେ ଏ ଘରେ ରହିବାକୁ କେହି ନଥିଲେ । ଜୀବନର ପଚାଶଟି ବସନ୍ତ ଅତିକ୍ରମ କରି ସାରିଛନ୍ତି । ସହରର ମଝିଆ ମଝି ନିଜ ଘର, କିନ୍ତୁ ସେହି ଘରେ ରହିବା ତାଙ୍କ ଭାଗ୍ୟରେ ନଥିଲା । ବାହାଘର ପରେ ଏକରକମ ସେ ଆଡ଼େଇ ହୋଇଯାଇଥିଲେ ସମସ୍ତଙ୍କ ପାଖରୁ । ପରେ ଶୁଣିଥିଲେ ଯେ ବାପାମା' ତାଙ୍କ ମୁହଁ ଦେଖିବାକୁ ବି ଇଚ୍ଛା କରୁ ନଥିଲେ । ପେଟ ପାଟଣା ଆଉ ନିଜ କ୍ୟାରିଅରର ଦାୟରେ ସେ ବୁଲିଛନ୍ତି ଭାରତର ପ୍ରାୟ ସବୁ ରାଜ୍ୟ କିନ୍ତୁ ଏକା ଏକା । ଯେତିକି ପଇସା ସଞ୍ଚିଛନ୍ତି ସେତିକି ବାକି ଜୀବନ ଚଳିଯିବା ପାଇଁ ଯଥେଷ୍ଟ । ଏବେ ସେ ଫେରି ଆସିଛନ୍ତି ତାଙ୍କ ନିଜ ସହରକୁ । ବାପାବୋଉ କେଉଁ ଦିନୁ ଚାଲିଗଲେଣି । ସାନଭାଇ ସୁଧୀର ତା' ସ୍ତ୍ରୀପିଲାଙ୍କୁ ନେଇ ଦେଶ ବାହାରେ । ବହୁତ ଦିନୁ ଘରଟିରେ ଝାଡୁ ବି ବାଜିନି । ଅଳିହା ମଳିହା ହୋଇ ପଡ଼ିଛି ସବୁ ଆଡ଼େ । ଆସିଲା ପରେ ଗୋଟିଏ ବଖରା ସଜଡ଼ା ସୁଜୁଡ଼ି କରି ଅଛନ୍ତି ସେଥିରେ । ବାକି ଗୁଡ଼ା ପଡ଼ିଛି ସେମିତି । ଚାରି ବଖରା ଘର ଭିତରୁ ସେ ବାଛିଥିଲେ ବାପାମା'ଙ୍କ ବଖରାଟିକୁ । ଏବେ ବି ବାପାମା'ଙ୍କ ଦେହର ବାସ୍ନା ଆସେ ସେ ଘର ଭିତରୁ । ବାପାମା' ସିନା ରାଗରେ ତାଙ୍କ ମୁହଁ ଦେଖିବାକୁ ଇଚ୍ଛା କରୁନଥିଲେ ସେ କିନ୍ତୁ ବହୁତ ଭଲ ପାଆନ୍ତି ସେମାନଙ୍କୁ । ଏତେଦିନ ସେମାନଙ୍କୁ ଛାଡ଼ି ଅଲଗା ରହିବା କେତେ କଷ୍ଟ ଏକଥା ସେ ଜାଣିଛନ୍ତି । ତାଙ୍କ

 Download Magazine from www.aahwaan.com

ନିଜ ବଖରାରେ ରହିବାକୁ ଇଛା ନଥିଲା । କାହିଁକି ଯିବେ ତା ଭିତରକୁ ? କଣ ଆଉ ଅଛି ? କିଛି ଦିନର ସ୍ମୃତି ଯାହା । ନହେଲେ ଏ ବୁଢ଼ାକାଳେ ସେ ଏକା ରହୁଥାନ୍ତେ ? ସେ ବି ବାହା ହୋଇଥିଲେ କିନ୍ତୁ ବାହାଘରର ତିନିବର୍ଷ ପରେ ସ୍ତ୍ରୀ ତାଙ୍କୁ ଛାଡ଼ି ଚାଲିଯାଇଥିଲା ବାପ ଘରକୁ କେବେ ନ ଫେରିବାର ଧମକ ଦେଇ । ଭଲ ପାଇ ଅଜାତିରେ ବାହା ହୋଇଥିଲେ ସେ । ଆଉ କେଉଁ ମୁହଁରେ ଆସିଥାନ୍ତେ ବାପାମା'ଙ୍କ ପାଖକୁ ? ସେ ବି ନିଷ୍ପତ୍ତି ନେଇ ସାରିଥିଲେ ସ୍ତ୍ରୀ'ର ଖବର କେବେ ବି ରଖିବେନି ବୋଲି ।

ସେଦିନ ଶୀତ ସକାଳର କଅଁଳିଆ ଖରାକୁ ପଛ କରି ବସି ପେପର ପଢୁଥିଲେ ସେ । ଆଗକୁ ଶିବରାତ୍ରି ପାଇଁ ପେପରରେ ଭିନ୍ନ ଭିନ୍ନ ଖବର । ପଢୁ ପଢୁ ଆଖି ଆଗରେ ପଡ଼ିଗଲା ଏକ ଖବର, "ଏଥର ମହାଦୀପ ଉଠିବ ରାତି ବାରଟା ପନ୍ଦରରେ ।" ବହୁତ ବର୍ଷ ପରେ କାହିଁକି କେଜାଣି ଶିବ ମନ୍ଦିର ଆଡ଼େ ଘେରେ ବୁଲି ଆସିବା ପାଇଁ ଚିନ୍ତା କଲେ । ସନ୍ଧ୍ୟାରେ କିଛି ସାଙ୍ଗମେଳରେ ଚା'ଖଟିରେ ଜାଣିବାକୁ ପାଇଲେ ଯେ ତାଙ୍କ ଖଟିର ପ୍ରାୟ ସବୁ ବୁଢ଼ା ଶିବରାତ୍ରୀରେ ରାତି ସାରା ରହିବେ ମନ୍ଦିରରେ । କେହି ନିଜ ସ୍ତ୍ରୀ ସହ ତ କେହି ପୁଅ ଝିଅଙ୍କ ମାନଙ୍କ ସହ । ନିଜର ନା ସ୍ତ୍ରୀ ଅଛି, ନା ପିଲା ଛୁଆ । ତଥାପି ମନେ ମନେ ଚିନ୍ତା କଲେ କିଛି ନହେଲେ ବି ସେ ଏକୁଟିଆ ରାତିଟି ତ କଟିଯିବ କିଛି ଲୋକଙ୍କ ଗହଣରେ । ଆହୁରି ବି ସେ କ୍ଷମା ମାଗିନେବେ ଦେବଙ୍କ ଦେବ ମହାଦେବଙ୍କ ଠାରୁ । ପାଖାପାଖି କୋଡିଏ ବର୍ଷ ଭିତରେ ସେ କେବେ ହେଲେ ମନ୍ଦିର ଯାଇ ନାହାନ୍ତି ରାଗରେ । ଏବେ ଏ ବୁଢା ବୟସରେ କାହିଁକି ଆଉ ରାଗ ରଖିବେ । ଯାହା ତ ହେବା କଥା ହେଇ ସାରିଲାଣି । ଆଉ ରାଗ ରଖି ବି ଲାଭ କଣ ? କାଳର କରାଳ ଗର୍ଭରେ ସମସ୍ତେ ସମୟ ଆଗରେ ହାର ମାନିବାକୁ ବାଧ୍ୟ । ସେ ବି ହାର ମାନି ଗଲେଣି । ଏବେ ଏ ନିସଙ୍ଗ ଜୀବନରେ ଟିକେ ସ୍ନେହ ଲୋଡ଼ା ଯାହା ।

Download Magazine from www.aahwaan.com

ପରଦିନ ଶିବରାତ୍ରୀପାଇଁ କିଛି ଘିଅ, ଗୋଟେ ଦୀପ, କିଛି ଧୁପକାଠି ଧରି ସେ ପହଁଚିଲେ ମନ୍ଦିରରେ । ଲୋକ ଭର୍ତ୍ତି, ପାଦ ପକେଇବାକୁ ଜାଗା ନାହିଁ । ସମୁଦ୍ର ପରିକା ଲୋକ ଚାରିଆଡ଼େ । ଭାବିଥିଲେ ସବୁ ସାଙ୍ଗ ଏକାଠି ହେଲେ କଥାବାର୍ତ୍ତାରେ ହେଲେ ସମୟ କଟିଯିବ । ହେଲେ ଏ ଗହଳିରେ କୁଆଡ଼େ ଖୋଜିବେ କାହାକୁ ? କିଛି ସମୟ ଏପଟ ସେପଟ ହେଲା ପରେ ଖୋଜି ଖୋଜି ଗୋଟେ ଖାଲି ଜାଗାରେ ବସି ପଡ଼ିଲେ ସେ । ବହୁତ ଲୋକ ଦୀପ ଲଗେଇ ସାରିଲେଣି, ଆହୁରି କେତେ ଲୋକ ଆସୁଥାନ୍ତି, କେତେ ଯାଉଥାନ୍ତି, ଗହଳି ଚହଳି ଲାଗିଥାଏ । ନିଜେ ପଲିଥିନରୁ ଘିଅ ଓ ଦୀପ ଲଗେଇବାକୁ ବାହାର କଲେ । ଦୀପ ଲଗେଇ ସାରିଲା ବେଳକୁ ପଛପଟେ କାହାର କର ସ୍ପର୍ଶରେ ସେ ବୁଲି ଚାହିଁଲେ, "ଅଙ୍କଲ, ମାଚିସଟା ଟିକେ ନେବି ?" ହଁ, ନାହିଁ କୁ ଅପେକ୍ଷା ନ କରି ମାଚିସଟି ନେଇ ସେ ଚାଲିଗଲା । ପ୍ରଥମ ଚାହାଁରେ ଝିଅଟି କେମିତି ନିଜର ନିଜର ଲାଗିଲା । ବାପାଙ୍କର ଅବିକଳ ଚେହେରା । ନା, ନା, ଅନ୍ଧାରରେ ସେମିତି ଦେଖା ଯାଇଥିବା ପରା, ବୋଲି ଭାବି ସେ ଦୀପ ଲଗେଇବାରେ ମନ ଦେଲେ । ଅଳ୍ପ ଅଳ୍ପ ପବନରେ ଦୀପ ଲିଭି ଯାଇପାରେ । ଦୁଇ ହାତରେ ଆଡୁଆଳ କରି ଦୀପଟି ଟିକ ଭଲରେ ଜଳିଲା ପରେ ଦୀପ ନିଆଁରେ ଧୂପ ଲଗେଇ ସେ ବସିଗଲେ । ମହାଦେବଙ୍କ ପାଖରେ ନିଜ କଲା କର୍ମ ପାଇଁ କ୍ଷମା ମାଗି ଆରମ୍ଭ କଲେ "ଓଁ ନମଃ ଶିବାୟ"ର ଜପ । ଆଖିବନ୍ଦ କଲା ବେଳକୁ କାହିଁକି କେଜାଣି ଆଖିରେ ଦିଶି ଯାଉଥାଏ ବାପାଙ୍କ ମୁହଁ । ଆଉ ସେ ଝିଅର ମୁହଁ । ଅବିକଳ ସାମଞ୍ଜସ୍ୟ । ହେଇଥିବ ବୋଧହୁଏ କେହି ବନ୍ଧୁବାନ୍ଧବ । ଯାହାର କିଛି ସମ୍ପର୍କ ଥିବ ବାପାଙ୍କ ଘର ଲୋକଙ୍କ ସହ । ଏତେ ବର୍ଷ ଭିତରେ ସେ ତ କେବେ କାହା ସହ ସମ୍ପର୍କ ରଖି ନାହାନ୍ତି, ସେ କାହାକୁ ଚିହ୍ନିବେ ନା ତାଙ୍କୁ କିଏ ଚିହ୍ନିବ ? ଛାଡ଼.. ଆଖି ବନ୍ଦ କରି, ହାତରେ ରୁଦ୍ରାକ୍ଷ ମାଳି ଗଡ଼େଇ ଗଡ଼େଇ ପାଟିରେ 'ଓଁ ନମଃ ଶିବାୟ'

 Download Magazine from www.aahwaan.com

ସିନା କହୁଥିଲେ କିନ୍ତୁ ମନରେ ମାଡ଼ି ଆସୁଥାଏ ଭିନ୍ନ ଭିନ୍ନ ଚିନ୍ତା । ସ୍ମିତା ଥିଲେ, ଏତେବେଳକୁ ତାଙ୍କର ବି ଝିଅଟିଏ କି ପୁଅଟିଏ ଥାନ୍ତା । ସେ ବି ଏତେବେଳକୁ ଏତିକି ବଡ଼ ହୋଇ ଯାଇଥାନ୍ତା । ଭାଗ୍ୟର ଖେଳ ଦେଖ, ପଇସା ସିନା ଅଛି କିନ୍ତୁ ଆଉ କେହି ନାହାନ୍ତି । ଭୁଲ କାହାର ? ତାଙ୍କର, ନା ସ୍ମିତାର, ନା ବାପା-ମା'ଙ୍କର ? ନା, ଏହା ଭଗବାନଙ୍କ ଇଚ୍ଛା ?

ଏସବୁ ଚିନ୍ତା ମନରେ ଆସୁ ଆସୁ ପୁରୁଣାଦିନ ମାନଙ୍କୁ ଫେରି ଯାଉଥିଲେ ସେ.... ଛୋଟରୁ ସେ ବଡ଼ ହୋଇଛନ୍ତି ଏଇ ସହରରେ । ଏହି ଘରେ ବାପା ମା, ପ୍ରଶାନ୍ତ ଓ ସାନଭାଇ ସୁଧୀରକୁ ନେଇ ତାଙ୍କ ସଂସାର । ପିଲାଟି ବେଳୁ ସେ ସବୁଥିରେ ଆଗୁଆ । ପାଠ ଶାଠ ଦୁଷ୍ଟାମୀରୁ ଆରମ୍ଭ କରି ସବୁଥିରେ । ଯୁକ୍ତ ଦୁଇ ପରେ ନାଁ ଲେଖେଇଥାନ୍ତି ଯୁକ୍ତ ତିନିରେ । କଲେଜରେ +୩ର ପ୍ରଥମ ବର୍ଷ । ପ୍ରଥମ ଦିନ କଲେଜ ଯିବା ପୂର୍ବରୁ ସେ ପହଞ୍ଚିଥିଲେ ଏହି ଶିବ ମନ୍ଦିରରେ । ଉଦ୍ଦେଶ୍ୟ ଥିଲା ଦୀପଟିଏ ଜାଳି କଲେଜ ଯିବେ । ଦୀପ ଜାଳି ସାରି ମୁଣ୍ଡିଆ ମାରିଲା ବେଳକୁ କାହା ହାତ ସ୍ପର୍ଶରେ ସେ ପଛକୁ ବୁଲି ଚାହିଁଲେ । "ଆଜ୍ଞା, ମାଚିସ ଅଛି କି ?" ତନୁ ପାତଳୀ ଝିଅଟିଏ ହାତରେ ଧୂପକାଠି ଓ ଦୀପଟିଏ ଧରି ଠିଆ ହୋଇଥିଲା । ଆଖିରେ କୃତଜ୍ଞତାର ଚାହାଣି । ପ୍ରଶାନ୍ତ ହାତରେ ଥିବା ଦିଆସିଲିକୁ ଦେଖି ଦେଇଥିଲା ବୋଧେ । ଆଖିକୁ ନ ଚାହିଁ ସେ ଚାହିଁଥାଏ ଦିଆସିଲି ଡବାଟିକୁ । ଦେବା ପୂର୍ବରୁ ଅତର୍କିତ ଭାବେ ହାତରୁ ଛଡେଇ ନେଇଥିଲା ସେ ପ୍ରଶାନ୍ତ ହାତରୁ । ଆଶ୍ଚର୍ଯ୍ୟ ହୋଇ ପ୍ରଶାନ୍ତ ଠିଆ ହୋଇଥାଏ ମୂର୍ତ୍ତୀ ଭଳି । ଦୀପ ଲଗେଇ, ଧୂପ ଦେଇ ଆଣ୍ଠୁଭାଙ୍ଗି ମୁଣ୍ଡିଆ ମାରି ବୃଷଭଙ୍କ କାନରେ କେତେ କଣ କହିଯାଉଥାଏ ସେ । ନିରବ ନିଶ୍ଚଳ ଭାବରେ ପ୍ରଶାନ୍ତ ଠିଆ ହୋଇଥାଏ ତାକୁ ଚାହିଁ । କେତେ ସୁନ୍ଦର ଝିଅଟି । କେତେ ସୁନ୍ଦର ସଂସ୍କାର । ଆଖି ଫେରୁ ନଥାଏ ତା'ର । ପ୍ରଥମ ଦେଖାରୁ ପ୍ରେମ କରି ବସେ ସେ । ପୂଜା ସାରି ଝିଅଟି ହସ ହସ

Download Magazine from www.aahwaan.com

ମୁହଁରେ ଆସି ପ୍ରଶାନ୍ତକୁ ଦିଆସିଲି ଡବାଟି ବଢ଼େଇ ଦେଇ କହିଲା, 'ଧନ୍ୟବାଦ' । ଆଖିରୁ ପଲକ ପଡୁ ନଥାଏ ପ୍ରଶାନ୍ତର । କେତେବେଳୁ ଝିଅଟି ଚାଲି ଗଲାଣି । ତଥାପି ପ୍ରଶାନ୍ତ ସ୍ୱପ୍ନର ଦୁନିଆଁରେ ଥାଏ । ଭୁଲି ଯାଇଥାଏ ତା'ର କଲେଜ ଯିବାର ଅଛି । ପ୍ରଥମ ଦିନର ପ୍ରଥମ କ୍ଲାସ । କିଛି କ୍ଷଣପରେ ତନ୍ଦ୍ରା ରାଇଜରୁ ଫେରିଲା ସେ । ହାତ ଘଣ୍ଟା ଦେଖି ଜାଣିଲା ସେ ପୁରା ପନ୍ଦର ମିନିଟ ବିଳମ୍ବ ହୋଇ ସାରିଲାଣି, ଅଗତ୍ୟା ସାଇକେଲ ଖଣ୍ଡିକୁ ଧରି କଲେଜ ବାହାରିଲା ।

କଲେଜ ପହଞ୍ଚି କ୍ଲାସରେ ପ୍ରଥମ ଧାଡ଼ିରେ ସେଇ ଝିଅଟିକୁ ଦେଖି ଚମକି ପଡ଼ିଲା ପ୍ରଶାନ୍ତ । ଆଖିକୁ ବିଶ୍ୱାସ ଆସୁନଥିଲା ତା'ର । ସତରେ ଏ ଝିଅଟି ତା'ର କ୍ଲାସମେଟ ? ବାଃ... ଝିଅଟି ବି ତାକୁ ବୁଲି ବୁଲି ଚାହୁଁଥାଏ । ଆଖିକୁ ଆଖି ମିଶିଗଲେ ଦୁହେଁ ଲାଜେଇ ଯାଇ ଅନ୍ୟ ଆଡ଼େ ଚାହୁଁଥାନ୍ତି । ପ୍ରଥମ ଦିନ ଓରିଏଣ୍ଟେସନ କ୍ଲାସ ସରିଗଲା ପରେ କଲେଜରୁ ବାହାରି ଆସୁ ଆସୁ କାହାର ଡାକରେ ଅଟକି ଗଲା ସେ । "ଆଚ୍ଛା, ତମେ ବି ଏଇ କ୍ଲାସ ରେ" କହି, ହସି ହସି ଆସିଲା ସେ । "ସ୍ମିତା, ସ୍ମିତା ନାୟକ" କହି ଡାହାଣ ହାତକୁ ଆଗକୁ ବଢ଼େଇ ଦେଲା ସେ ହ୍ୟାଣ୍ଡସେକ କରିବା ଉଦ୍ଦେଶ୍ୟରେ । ପ୍ରଶାନ୍ତ ବି ହାତ ମିଳେଇ କହିଲା, ପ୍ରଶାନ୍ତ, ପ୍ରଶାନ୍ତ ଦ୍ୱିବେଦୀ ।

-- ଏଇ ପାଖରେ ଘର ବୋଧେ ।

-- ହଁ !

ପ୍ରଶାନ୍ତ ଏବେ ବି ଭାବି ପାରୁନଥିଲା ଯେ ସତରେ ସେ ଝିଅଟି ସହ କଥା ହେଉଛି । ଆଉ ଝିଅଟି ନିଜେ ଆସି କଥା ହେଉଛି ତା ସହ । କିଛି ସମୟ ଚୁପ ରହିଲା ପରେ ପ୍ରଶାନ୍ତ ପଚାରିଲା, "ତୁମେ ? ଆଗରୁ ତ କେବେ ତୁମକୁ ଦେଖିନି ଏଠି ।"

 Download Magazine from www.aahwaan.com

– ନାଁ, ଏଇଟା ମୋ ମାମୁଁଙ୍କ ଘର । ମାମୁଁ ରୁହନ୍ତି ଏଠି । ମୁଁ ତାଙ୍କ ପାଖେ ରହି ପଢ଼ିବାକୁ ଆସିଛି ।

– ଓଃ.. ନିଜ ଘର ?

– ପାରାଦ୍ୱୀପ !!

– ସେଠି କଲେଜ ଛାଡ଼ି ଏଠି ?

– ହଁ ଆମ ଗାଁରେ କଲେଜ ନାହିଁ । ମାମୁଁ ଏଠି ରୁହନ୍ତି ତ, ସେଥିପାଇଁ ଏଠିକି ଆସିଲି ।

ଏମିତି ପରିଚୟ ଆଦାନ ପ୍ରଦାନ ଓ ଅନ୍ୟ କିଛି କଥାବାର୍ତ୍ତାପରେ ଦୁହେଁ ଅଲଗା ହୋଇ ଯାଇଥିଲେ ନିଜ ନିଜ ବାଟ ରେ... ତା ପର ଠୁ କିନ୍ତୁ ସାଙ୍ଗହୋଇ ଯାଇଥିଲେ କଲେଜରେ । କ୍ଲାସ, କ୍ଲାସ ପରେ ପ୍ରାକ୍ଟିକାଲ, ବଗିଚା, ପାଚେରୀ, ଗଛ ମୂଳ ସବୁ ନିଜର ହୋଇ ଯାଇଥିଲା ତିନି ବର୍ଷ ଭିତରେ । ଏକାଠି ବସିବା, କଥା ହେବା, ସାଙ୍ଗ, ସାଙ୍ଗ ରୁ ପ୍ରେମିକ/ପ୍ରେମିକା ଆଉ ଆସ୍ତେ ଆସ୍ତେ ନିଜର, କେବଳ ନିଜର....

ଆଜି ବି ମନେ ଅଛି ଏପ୍ରିଲ ଏକ ତାରିଖରେ ସେ ପ୍ରପୋଜ କରିଥିଲେ । ସ୍ମିତା, ହଁ କହିବ କି ନା କହିବ ଜଣାନାହିଁ । ବହୁତ ସଂଶୟ ଭିତରେ ସେ ପ୍ରପୋଜ କରିବାକୁ ବାହାରି ଥିଲେ । ମନରେ କେତେ ଆଶଙ୍କା, ଧଡ ଧଡ ଛାତି, ଖାତା ଭିତରେ ଗୋଲାପ ଫୁଲ ଆଉ ଗୋଟେ ନିଜ ହାତଲେଖା କାଗଜ । ବହୁତ ଭାବି ଭାବି ସେ ନିର୍ଣ୍ଣୟ କରିଥିଲେ ଏହି ତାରିଖ ଟିକୁ । ଏପ୍ରିଲ ଏକ, ଫୁଲ୍ସ ଡେ । ଯଦି ହଁ କରିବ ତ ଠିକ ଅଛି, ନହେଲେ ଏପ୍ରିଲ ଫୁଲ । କିନ୍ତୁ ସାଙ୍ଗ ଭାଙ୍ଗିଯିବା ଡର ବି ଥିଲା ମନରେ । ସେଥିପାଇଁ ତ କଥା ବିଗିଡ଼ିଗଲେ ଏପ୍ରିଲ ଫୁଲ କହିବାକୁ ବି ତୟାର ଥିଲେ ।

ଏପ୍ରିଲ ଏକରେ ସେ କଲେଜ ବାହାରେ ଅପେକ୍ଷା କରିଥିଲେ ସ୍ମିତାକୁ । କ୍ଲାସ ସାରି ସ୍ମିତା

Download Magazine from www.aahwaan.com

ଟିକେ ଡେରିରେ ଆସିଲା । ପାଖରେ ଆଉ କିଛି ସାଙ୍ଗ, ଯେଉଁମାନେ ଜାଣିଥିଲେ ଯେ ପ୍ରଶାନ୍ତ ଆଜି ପ୍ରପୋଜ କରିବାକୁ ଯାଉଛି । ଆଖିର ଇସାରାରେ ସେ ସେମାନଙ୍କୁ ଯିବାକୁ କହିଲେ । ସ୍ମିତା ଆଶ୍ଚର୍ଯ୍ୟ ହୋଇ ଚାହିଁଥାଏ । ହଠାତ ଆଣ୍ଠେଇ ପଡ଼ି ଖାତା ଭିତରୁ ଗୋଲାପ ଫୁଲଟି ବାହାର କରି ବଢ଼େଇ ଦେଲେ ସେ ସ୍ମିତାକୁ । ଥମ ଥମ ମୁହଁରେ ସ୍ମିତା ବୁଝି ସାରିଥିଲା ଘଟଣାଟି । ରାଗରେ ପ୍ରଶାନ୍ତର କଲର ଧରି ତଳୁ ଉଠେଇଲା ଓ କହିଲା, "ଓଃ, ଏଇଥିପାଇଁ ତମେ ମୋ ସହ ସାଙ୍ଗ ହେଉଥିଲ ? କାଲି ଠୁ ମୋ ସାମ୍ନାକୁ ଆସିବନି ।" ଅପରାଧୀ ପରି ଠିଆ ହୋଇଥିଲେ ସେ । 'ଏପ୍ରିଲ ଫୁଲ' କହିବା ପାଇଁ ମନେ ପଡ଼ିନଥିଲା । ସ୍ମିତା ରାଗରେ ଯାହା ଇଛା ତାହା ବକି ଯାଉଥାଏ । ସାଙ୍ଗମାନେ କିଛି ଦୂରରେ ଲୁଚି ଏସବୁ ଦେଖୁଥାନ୍ତି । ଅବସ୍ଥା ଅସମ୍ଭାଳ ଆଡ଼କୁ ଯିବାର ଦେଖି କିଛି ସାଙ୍ଗ ପାଖକୁ ଆସିଲେ ଓ ସ୍ମିତାକୁ ଚୁପ ରହିବାକୁ କହି ପ୍ରଶାନ୍ତକୁ ସାଙ୍ଗରେ ନେଇ ଯିବାକୁ ବାହାରିଲେ । ପ୍ରଶାନ୍ତ ସେତେବେଳକୁ କାନ୍ଦ କାନ୍ଦ ହୋଇ ସାରିଥାଏ । ଆଖିରୁ ଅନବରତ ଲୁହ ବୋହୁଥାଏ । ଗୋଲାପ ଫୁଲଟି ସେମିତି ହାତରେ ଥାଏ । ଦୁଇ ପାହୁଣ୍ଡ ଆଗକୁ ଯାଉ ଯାଉ ସ୍ମିତା ପୁଣି ପଛରୁ ଡାକିଲା ଆଉ କହିଲା, 'ଏପ୍ରିଲ ଫୁଲ' !!! ତମକୁ କଣ ଏକା ମଜା କରି ଆସେ ? ପ୍ରପୋଜ କରିବ, ଆଉ ନାହିଁ କଲେ 'ଏପ୍ରିଲ ଫୁଲ ?' ତ.. ମୁଁ ଭାବିଲି ମୁଁ ବି ଟିକେ ମଜା କରେ । ମନରେ ଦୁଃଖ ଦେଇଥିବାରୁ ସରି... କିନ୍ତୁ ପ୍ରପୋଜ କରିବାକୁ ବାହାରିଛ ମାନେ ଏସବୁ କରିବା ଦରକାର ନାହିଁ । ଗୋଟେ ଝିଅ ସବୁବେଳେ ଚାହେଁ ତୁମେ ଆସି ତାକୁ ସମସ୍ତଙ୍କ ଆଗରେ ନିର୍ଭୟରେ ପ୍ରପୋଜ କର । ଏଇଥିରୁ ଜଣା ପଡେ ତୁମ ପାରିବା ପଣିଆ । ଆଉ ଲୁଚି ଲୁଚି, ଚିଠି ଦେଇ, ବାହାନା କରି ଭଲ ପାଇବାକୁ, ଭଲପାଇବା କୁହା ଯାଏନି । ଏବେ ପୁଣି ଥରେ ଆଣ୍ଠୁମାଡ଼ି ମୋତେ ପ୍ରପୋଜ କର ଆଉ ସେ ଫୁଲ ଓ ଚିଠି ଦୁଇଟା ଯାକ ଦିଅ ।

 Download Magazine from www.aahwaan.com

ଆଶ୍ଚର୍ଯ୍ୟ ହୋଇ ଯାଇଥିଲା ପ୍ରଶାନ୍ତ । ସ୍ମିତା କେମିତି ଜାଣିଲା ମୁଁ ଆଜି ତାକୁ ପ୍ରପୋଜ କରିବି ବୋଲି ? କେମିତି ଜାଣିଲା ଚିଠି ବି ମୁଁ ଲେଖିଛି ତା ପାଇଁ । କିନ୍ତୁ ବାଧ୍ୟ ପିଲାଟି ପରି ପୁଣି ଆଣ୍ଠୁମାଡ଼ି ପ୍ରପୋଜ କଲା ସ୍ମିତାକୁ ଆଉ ସ୍ମିତା ଖୁସି ଖୁସିରେ ତାକୁ ତଳୁ ଉଠେଇ କୁଣ୍ଢେଇ ପକେଇଲା । ପରେ ଜଣା ପଡ଼ିଲା ଏସବୁ କଥା ସେ ଆଗରୁ ଜାଣିଥିଲା ଗୋଟେ ସାଙ୍ଗ ପାଖରୁ ।

କଲେଜରେ ପ୍ରପୋଜ ଡେ କଥା ମନେପଡ଼ିବାରୁ ସ୍ମିତହାସ୍ୟ ରେଖାଟିଏ ହଠାତ ଉଦୟ ହୋଇ ଉଭାନ ହୋଇଗଲା ଶିବମନ୍ଦିର ଆଗରେ ବସି ଦୀପ ଜାଳୁଥିବା ପଚାଶ ବର୍ଷୀୟ ପ୍ରଶାନ୍ତର ମୁଖ ମଣ୍ଡଳରେ । ପୁଣି ନିର୍ମଳ ହୋଇ 'ଓଁ ନମଃ ଶିବାୟ' ମନ୍ତ୍ର ପଢ଼ି ମାଳା ଗଡ଼େଇବାକୁ ଲାଗିଲା ସେ । ଏବେ ସେ ଚାହୁଁଥିଲା ଏକାନ୍ତ ସମୟ ଟିକେ । ଯେଉଁ ସମୟରେ ସେ ମନେ ପକେଇ ପାରିବ ତା'ର ପୁରୁଣା ଦିନମାନଙ୍କୁ । ଘରେ ଏକା ଥିଲେ ବି ଏତେ ଶାନ୍ତି ନଥାଏ । ଖାଲି ଘର ସବୁ ବେଳେ ଖାଇ ଗୋଡ଼ାଏ । ମୁଣ୍ଡରେ ଚିନ୍ତା ପଶେ । କେବେ ବି ସେ ଭାବି ପାରେନି କିଛି ଚିନ୍ତା କରିବାକୁ । ଆଜି ବୋଧହୁଏ ଭଗବାନଙ୍କୁ କ୍ଷମାମାଗିବା ପରେ ସେ ମନେ ପକେଇ ଦେଉଛନ୍ତି ପୁରୁଣା ଦିନ । କଲେଜ ସାରିବା ପରେ ପ୍ରଶାନ୍ତ ପାଇଗଲା ଚାକିରୀ ଖଣ୍ଡେ ଆଉ ସ୍ମିତା ଘରେ ତା ପାଇଁ ପୁଅ ଦେଖିବା ଆରମ୍ଭ କରି ସାରିଥିଲେ । ସବୁଦିନ ସନ୍ଧ୍ୟାରେ ପ୍ରଶାନ୍ତ ଓ ସ୍ମିତା ଦେଖା କରନ୍ତି କେଉଁ ପାର୍କରେ ଅବା ମନ୍ଦିରରେ ଅବା କେଉଁ ମାର୍କେଟରେ । ବେଳେବେଳେ ସ୍ମିତା ଯାଏ ଭାରି ତାଙ୍କ ନିଜ ଘରକୁ । ସେତିକି ଦିନ ଭାରି ଯନ୍ତ୍ରଣାରେ କାଟନ୍ତି ଦୁଇଜଣ ଯାକ । ବହୁତ ପ୍ରସ୍ତାବ ଆସୁଥାଏ ସ୍ମିତା ପାଇଁ ଓ ପ୍ରଶାନ୍ତ ପାଇଁ । ଦୁଇ ଜଣ ଯାକ ସବୁ ପ୍ରସ୍ତାବକୁ ନା କଲା ପରେ ଘର ଲୋକ ସାଙ୍ଗସାଥୀଙ୍କ ମାଧ୍ୟମରେ ଏମାନଙ୍କ ମନକଥା ଜାଣିବାକୁ ଚେଷ୍ଟାକଲେ । ବୁଝୁ ବୁଝୁ ନିଆଁ ଲାଗିଗଲା ଘରେ । ଅଜାତି ?

ହେଇ ପାରିବ ନାହିଁ । ଯାହା ବି ହେଇଯାଉ । କୁଳୀନ ବ୍ରାହ୍ମଣ ଜଣେ ବାହାହେବ ଖଣ୍ଡାୟତକୁ ? ? ବାହାଘର ହେବ ଯଦି ନିଜ ଜାତିରେ । ନହେଲେ ନାହିଁ । ବହୁତ ବୁଝାସୁଝା କଲାପରେ ବି ଘରଲୋକ ନ ମାନିବାରୁ ପ୍ରଶାନ୍ତ ଓ ସ୍ମିତା ହୋଇଗଲେ ଫେରାର । ସମ୍ପର୍କ ତୁଟିଗଲା ସବୁ ଜାଗାରୁ । ନା ପ୍ରଶାନ୍ତର ଘର ଲୋକ ନା ସ୍ମିତାର ଘର ଲୋକ କାହା ସହ ବି ସମ୍ପର୍କ ନଥିଲା । ଚାକିରୀ ଜାଗାକୁ ଆସି ବାହା ହୋଇ ରହିଲେ । ସବୁ କିଛି ଠିକ ଚାଲିଥିଲା । କିନ୍ତୁ ମଝିରେ ମଝିରେ ଘର ଲୋକଙ୍କ କଥା ମନେପଡ଼େ । ମନେପଡ଼େ ବାପାମା'ଙ୍କ କଥା । ସାଙ୍ଗସାଥୀଙ୍କ କଥା । ଘର କଥା । ବାପାମା' ଆଉ କେବେବି ପ୍ରଶାନ୍ତର ମୁହଁ ନଦେଖିବାକୁ ଠିକ କରିସାରିଥିଲେ ଓ ତାଙ୍କର ଗୋଟିଏ ବୋଲି ପୁଅ ସୁଧୀର ବୋଲି କୁଟୁମ୍ବଙ୍କ ଆଗରେ ସ୍ୱୀକାରୋକ୍ତି ଦେଇ ସାରିଥିଲେ । ଚିନ୍ତାରେ ଆସ୍ତେ ଆସ୍ତେ ପ୍ରଶାନ୍ତ ପଡ଼ିଗଲା ମଦର ପ୍ରେମରେ । ସାଙ୍ଗମାନଙ୍କ ସହ ମିଶି ପିଉ ପିଉ ଅଭ୍ୟାସ ହୋଇ ଯାଇଥିଲା ତା'ର । ସବୁଦିନ ଅଫିସରୁ ଫେରି ସାଙ୍ଗମାନଙ୍କ ସହ କେବେ ବାରରେ କେବେ ଢ଼ାବାରେ ତ କେବେ କେଉଁ ଦୋକାନ ପଛପଟେ । ନ ପିଇଲେ ଭଲ ଲାଗୁ ନଥିଲା ତାକୁ । ଭୟ ହିଁ ଜୀବନ ଗଢ଼ିବାର ଉତ୍କୃଷ୍ଟ ବାଟ । ଭୟ ନଥିଲେ ମଣିଷ ହୁଏ ବିପଥଗାମୀ । ଭୟ ହେଉ ଭଗବାନଙ୍କର କିମ୍ବା ବାପାମା'ଙ୍କର କିମ୍ବା ସ୍ତ୍ରୀର । ଘରେ ଥିବା ଯାଏ ବାପାଙ୍କୁ ଡରି ରାତି ୯ ଭିତରେ ଫେରି ଆସେ ଘରକୁ । ଦୁଷ୍ଟାମୀ ସିନା କରେ କିନ୍ତୁ କେବେ କୌଣସି ଜୀବଜନ୍ତୁଙ୍କୁ ମାରେ ନାହିଁ କାରଣ ଥାଏ ପାପ ହେବାର ଭୟ । ବାହାଘର ପରେ ମଦ ସିଗାରେଟ ଛୁଁ'ନଥିଲା, ଥିଲା କାଳେ ସ୍ତ୍ରୀ ଖରାପ ଭାବିବ ସେ ଭୟ । କିନ୍ତୁ ଥରେ ମଦ ପିଇ ଘରକୁ ଆସିବା ପରେ ସେ ଡର ଛାଡି ଯାଇଥିଲା । ଆସ୍ତେ ଆସ୍ତେ ସବୁଦିନ ମଦ ପିଇ ଘରକୁ ଆସିବାକୁ ଲାଗିଲା । ଏବେ ସେ ହିଁ ଥିଲା ଘରର ମୁରବି, ସର୍ବେସର୍ବା । ଆଉ ଡର କାହାକୁ ? ?

 Download Magazine from www.aahwaan.com

ଓଃ... ସତରେ କି ଦାରୁଣ ଥିଲା ସେଦିନ.... ଆଜି ବି ଆଖି ଆଗରେ ନାଚି ଯାଉଛି ସେଦିନର ଘଟଣା । ସବୁଦିନ ଭଳି ସେଦିନ ବି ସେ ମଦ ପିଇ ଘରକୁ ଆସିଲା । ରାତି ପ୍ରାୟ ୧୧ଟା ପରେ । ହଲି ହଲି ସେ ଫେରିଲା ଘରକୁ । ସ୍ମିତା ଘରର ଦାଣ୍ଡରେ ଠିଆ ହୋଇଥାଏ । ପ୍ରଶାନ୍ତ ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖା ଯାଉଥିଲା । "କେଉଁଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନା ଆଉ କିଛି ? ତମେ ଯେବେ ଇଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କାଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିଲା ବେଳେ କହିଲା, "ମୋତେ ଭୋକ ଲାଗିଲାଣି, ଜଲଦି ଖାଇବାକୁ ବାଢ ।"

ସ୍ମିତା ଅବାକ ହୋଇ ଚାହିଁଥିଲା । କି ଅଦ୍ଭୁତ ମଣିଷ ଇୟେ ? ଏତେ ବିରକ୍ତ ହୋଇ ଗାଳି କଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା । ଆହୁରି ବି, ଯ୍ୱା ପରଠୁ ମଦ ପିଇ ଘରକୁ ଆସିଲେ ସେ କବାଟ ଫିଟାଇବ ନାହିଁ କି ଖାଇବାକୁ ଦେବନାହିଁ । ବାହାରେ ଶୋଇବ । ସ୍ମିତା ପାଖରୁ ଏତିକି ଶୁଣି ମୁଣ୍ଡକୁ ପିତ୍ତ ଚଢି ଯାଇଥିଲା ପ୍ରଶାନ୍ତର । ରାଗରେ 'ଢ଼ୋ' କରି ଚଟକଣାଟିଏ ପକେଇଲା ତା ଗାଲରେ । ଜୀବନରେ କେବେ ଟିପ ଦେଇନଥିବା ସ୍ତ୍ରୀ ଉପରକୁ ସେ ହାତ ଉଠେଇ ସାରିଥିଲା । ରାଗରେ ସ୍ମିତା ବି ବାପା ଘରକୁ ଚାଲିଯିବାର ଧମକ ଦେଇ ନିଜ ଜିନିଷ ପ୍ୟାକ କଲା ଆଉ ସକାଳୁ ସକାଳୁ ଘର ଛାଡ଼ି ଚାଲିଯାଇଥିଲା । ପ୍ରଶାନ୍ତ ସକାଳୁ ଉଠି ସ୍ମିତାକୁ ଖୋଜିଲା ବେଳକୁ ସ୍ମିତା ନଥିଲା ଘରେ । ରାତି କଥା ପ୍ରଶାନ୍ତ

 Download Magazine from www.aahwaan.com

ମନେ ପକେଇ ପାରୁ ନଥିଲା । ଖାଲି ଏତିକି ମନେଥିଲା ଯେ ରାତିରେ ସେ ସ୍ମିତାକୁ ବାଡ଼େଇଥିଲା ଆଉ ସ୍ମିତା ଘର ଛାଡ଼ି ଚାଲି ଯିବାର ଧମକ ଦେଇଥିଲା । "ଯାଉ, ବୋପା ଘର କି ଶାଶୁ ଘର ତ ଘରେ ପୂରେଇବେନି, ବଳେ ଆସିବନି !! ଯିବ କୁଆଡେ ?" ଭାବି ସେ ବି କିଛି ଖବର ନେବାକୁ ଚାହିଁ ନଥିଲା ।

କିଛିଦିନ ପରେ କିନ୍ତୁ ଖୋଜିଥିଲା ହେଲେ ସ୍ମିତା ଯେମିତି ଶୂନ୍ୟରେ ମିଳେଇ ଯାଇଥିଲା । କାହା ପାଖରେ ବି ନଥିଲା ତା ଖବର । ଖୋଜି ଖୋଜି ନ ପାଇଲା ପରେ ବହୁତ କରି ଠାକୁରଙ୍କୁ ଡାକିଥିଲା । ଦୁଇ ଦିନ ଅଧିଆ ପଡ଼ିଥିଲା ଶିବମନ୍ଦିର ଆଗରେ । ତଥାପି ଖବର ମିଳୁ ନଥିଲା ସ୍ମିତାର । ଶିବ ମନ୍ଦିର ଆଗରେ ଠିଆ ହୋଇ ବହୁତ ଗାଳି ଦେଇଥିଲା ସେ ସେଦିନ ଆଉ ଶପଥ କରିଥିଲା ସ୍ମିତା ନ ମିଳିବା ଯାଏଁ ମନ୍ଦିର ଯିବ ନାହିଁ । ସେଦିନୁ ପଶ୍ଚାତାପରେ, ସେ ମଦ ତ ଛାଡି ଦେଇଥିଲା ଆହୁରି ବି ଠାକୁରଙ୍କ ଉପରେ ରାଗି ଛାଡ଼ି ଦେଇଥିଲା ମନ୍ଦିର ଯିବା କି ମୁଣ୍ଡିଆ ମାରିବା । ବହୁତ ଖୋଜିଛି ସେ ସ୍ମିତାକୁ ଏଇ କୋଡିଏ ବର୍ଷ ଭିତରେ କିନ୍ତୁ ନା...

ଦୀର୍ଘଶ୍ବାସ ସହ ଆଖିରୁ ତତଲା ଲୁହ ମେଞ୍ଚେ ବାହାରି ଆସିଲା ପ୍ରଶାନ୍ତ ଆଖିରୁ । ଲୋକମାନେ ତଥାପି ଆସୁଥାନ୍ତି ମନ୍ଦିରକୁ । କିଛି ଲୋକ ଠାକୁର ଦର୍ଶନସାରି ଘରକୁ ବାହୁଡ଼ି ଯାଉଥାନ୍ତି । ଭିଡ ଟିକେ ଟିକେ ପତଳା ହୋଇଆସିଲାଣି । ଏ ଭିତରେ କେତେ ସମୟ ଚାଲି ଗଲାଣି ସେ କଥା ଧ୍ୟାନରେ ନାହିଁ ତା'ର । ତା' ଦୀପରୁ ଘିଅ ସରି ବଳିତା ବି ପୋଡ଼ି ଗଲାଣି । ମନ୍ଦିର ଚାରି ପାଖରେ ଦୀପ ସବୁ ଦାଉ ଦାଉ ହୋଇ ଜଳୁଥାଏ କିନ୍ତୁ ପ୍ରଶାନ୍ତର ମନ ଭିତରେ ଯେଉଁ କୋହଥିଲା ଆଜି ତାହା ତରଳି ବାହାରି ଆସୁଥାଏ ଆଖି ବାଟ ଦେଇ । ଆଖି ପୋଛି ସେ ପୁଣି ଦୀପ ଲଗେଇବା ପାଇଁ ବଳିତା ଓ ଘିଅ ସଜ କଲା । ଦିଆସିଲି କାଇଁ ?

 Download Magazine from www.aahwaan.com

ଏପଟ ସେପଟ ଦେଖିଲା ବେଳକୁ ପୁଣି ଦେଖାଗଲା ସେ ଝିଅଟି କିଛି ପାହୁଣ୍ଡ ଦୂରରେ । ହାତ ଯୋଡ଼ି ବସିଥାଏ ଝିଅଟି । ପାଖରେ ଜଣେ ସ୍ତ୍ରୀ ଲୋକ ମୁଣ୍ଡରେ ଓଢ଼ଣା ଦେଇ ବସିଥାନ୍ତି । ଦିଆସିଲି ଆଣିବାକୁ ତାଙ୍କ ପାଖକୁ ଯାଇ ପ୍ରଶାନ୍ତ କହିଲା, "ଝିଅ, ଦିଆସିଲିଟା ନେବି ?" ହଠାତ ସ୍ତ୍ରୀ ଲୋକର ମୁହଁ ଦେଖି ଚମକି ପଡ଼ିଲା ସେ । ସ୍ମିତା ? ଆଶ୍ଚର୍ଯ୍ୟ ଭାବେ ପାଟିରୁ ବାହାରି ଆସିଲା ଏ ନାଁ ଟି । ସ୍ମିତା ବି ନିଜ ନାଁ ଶୁଣି ଉପରକୁ ଚାହିଁଲା ଆଉ ଆଖି ଆଗରେ ପ୍ରଶାନ୍ତକୁ ଦେଖି ହାଁ କରି ଚାହିଁରହିଲା । ଆଖିରେ ଆଖି ମିଶି ଯାଇଥାଏ । କାହାକୁ ଆଉ କିଛି ବି ଦେଖା ଯାଉନଥାଏ । ମନ୍ଦିର ଆଗରେ ନିଶ୍ଚଳ ମୂର୍ତ୍ତୀପରି ଦି' ଜଣ ଯାକ ଦି' ଜଣ ଦି' ଜଣଙ୍କୁ ଦେଖୁଥାନ୍ତି । ଆଖିରେ ପଲକ ପଡୁନଥାଏ । ଦୁହିଁଙ୍କ ଆଖିରୁ ଲୁହ ବାହାରି ଯାଉଥାଏ । କେହି କାହାକୁ କିଛି କହିବା ଅବସ୍ଥାରେ ନ'ଥାନ୍ତି । କେଜାଣି କେତେବେଳ ବିତିଗଲାଣି ଯା ଭିତରେ । ଝିଅଟି ସ୍ମିତାକୁ ହଲେଇ ଦେଇ ପଚାରିଲା, "ମା, କଣ ହେଲା ?" ସ୍ମିତା ମୁହଁରୁ ଭାଷା ବାହାରୁ ନ ଥାଏ, ପ୍ରଶାନ୍ତକୁ ମୁଣ୍ଡିଆ ମାରି, ଖନେଇ ଖନେଇ ଝିଅକୁ କହିଲା, "ୟେ, ତୋ ବାପା ।" ପ୍ରଶାନ୍ତ ଆଡକୁ ଚାହିଁ କହିଲା, "ୟେ ଝିଅ, ମିତୁ ।" ମିତୁ କି ପ୍ରଶାନ୍ତ, କେହି କିଛି ବୁଝି ପାରୁ ନଥାନ୍ତି କିନ୍ତୁ ପ୍ରଶାନ୍ତ ବୋଧହୁଏ ଠଉରେଇ ନେଲା, ଆଉ କହିଲା, "କେବେ ? କେମିତି ? କେଉଁଠି ଥିଲ ଆଜି ଯାଏ ? ଜାଣିଛ, ମୁଁ ମଦ ପିଆ ପୁରା ଛାଡିଦେଇଛି । ପ୍ଲିଜ, ମୋତେ ଛାଡ଼ି ଆଉ କୁଆଡ଼େ ଯିବନି । ବହୁତ ଖୋଜିଛି ତୁମକୁ, କେଉଁଠି ବି ପାଇଲି ନାହିଁ । ରାଗରେ ମନ୍ଦିର ବି ଯାଉ ନଥିଲି । ଆଜି ଆସିଥିଲି ମୋ କଲା କର୍ମ ପାଇଁ ଭଗବାନଙ୍କ ପାଖରେ ଭୁଲ ମାଗିବାକୁ । ଠାକୁର ଆଜି ମୋତେ କ୍ଷମା କରି ଦେଇଛନ୍ତି, ଏତକ ଏକ ନିଶ୍ୱାସରେ କହିଗଲା ସେ । ମନ୍ଦିରକୁ ଚାହିଁ ମୁଣ୍ଡିଆ ମାରିଲା ଆଉ ସ୍ମିତାକୁ ଭୁଲ ମାଗିବାକୁ ଗଲାବେଳେ ସ୍ମିତା ତାକୁ ଅଟକେଇ ଦେଲା । ସ୍ମିତା, ପ୍ରଶାନ୍ତର ହାତ

 Download Magazine from www.aahwaan.com

ଧରି ଠିଆ ହୋଇଥାଏ ସେମିତି ।

ଏ ଭିତରେ ମିତୁ କିଛି ବୁଝି ପାରୁ ନଥାଏ । ଦୁହିଁଙ୍କୁ ସେ ବଲବଲ ହୋଇ ଚାହିଁ ମା'କୁ ପଚାରିଲା, "ୟେ ବାପା ? କିନ୍ତୁ ତୁ ତ କହୁଥିଲୁ..."

ସ୍ମିତା, ମିତୁକୁ ଆଉ ଆଗକୁ କହିବାକୁ ନ ଦେଇ କହିଲା, "ହଁ ।"

ମିତୁ, ପ୍ରଶାନ୍ତକୁ ମୁଣ୍ଡିଆ ମାରିବାକୁ ଗଲା ବେଳେ ପ୍ରଶାନ୍ତ ଝିଅକୁ କୋଳେଇ ନେଇ ସ୍ମିତାକୁ ପଚାରିଲା, ତୁମେ ଏଠି କେମିତି ? ସେଦିନ କୁଆଡେ ଗଲ ?

ଆଖିରୁ ଲୁହ ପୋଛି ସ୍ମିତା କହିଲା, "ସେଦିନ ପ୍ରଥମ କରି ମୁଁ ମା' ହେବାକୁ ଯାଉଛି ବୋଲି ଡାକ୍ତରଙ୍କ ପାଖରୁ ଶୁଣି ଅପେକ୍ଷା କରିଥିଲି ତୁମ ଆସିବା ବାଟକୁ । ମୋ ଗୋଡ଼ ତଳେ ଲାଗୁନଥାଏ । କେତେବେଳେ ତୁମେ ଆସିବ, ତମ ବାଟକୁ ଚାହିଁ ଚାହିଁ ସେ ଦାଣ୍ଡ ଦୁଆରେ ଏପଟ ସେପଟ ହେଉଥାଏ । କେମିତି ତୁମକୁ ଏ ଖବରଟି ଦେବି ବୋଲି ମୋତେ ଲାଜ ଲାଜ ଲାଗୁଥାଏ । କିନ୍ତୁ ତୁମେ ଆସିଲ ପେଟେ ପିଇ ଦେଇ । ଆଉ ମୋ ସହ କଳି କରି ମୋ ଉପରକୁ ହାତ ଉଠେଇଲ । ମୁଁ ରାଗିକି ମୋ ଜିନିଷ ପ୍ୟାକ କରୁଥାଏ କିନ୍ତୁ ତୁମେ ଥରଟେ ବି ମୋତେ ଅଟକେଇଲ ନାହିଁ ଓଲଟା ଗାଳି ଦେଇ କହିଲ, "ଯା, ତୋର କେଉଁ ବୋପା ତୋତେ ରଖିବ ମୁଁ ଦେଖିବି ।" ପରଦିନ ସକାଳୁ ମୁଁ ଘର ଛାଡ଼ି ଚାଲି ଆସିଲି । ବାପଘରକୁ ଗଲାରୁ ସେମାନେ ମୋତେ ତଡ଼ିଦେଲେ ଲୁଚି ଲୁଚି ଆସିଲି ମାମୁଁ ଘରକୁ । ମାମୁଙ୍କ ପାଖରେ ରହି ତୁମ ଘରକୁ ଖବର ଦେଲି । କିନ୍ତୁ ତୁମ ବାପାମା' କହିଲେ ସେ ଦୁହେଁ ଆମ ପାଇଁ ମରି ଯାଇଛନ୍ତି । କୁଆଡ଼େ ଆଉ ଯାଇଥାନ୍ତି ? କେତେ ଅପେକ୍ଷା କରିଥିଲି, ତୁମେ ଆସିବ, ମୋତେ ଭୁଲ ମାଗି ପୁଣି ମୋତେ ଫେରେଇ ନେବ । ଆମେ ଘର ସଂସାର କରିବା । କିନ୍ତୁ..."

ଦୀର୍ଘଶ୍ୱାସ ଛାଡ଼ି ସ୍ମିତା ପୁଣି କହିଲା, "ମାମୁଁ କହିଲେ ମୋ ପାଖରେ ରହ । କିନ୍ତୁ କିଛି

 Download Magazine from www.aahwaan.com

ଦିନପରେ ମାମୁଁ ଙ୍କର ବଦଳି ହୋଇଗଲା କୋରାପୁଟ । ଆମେ ସମସ୍ତେ କୋରାପୁଟ ଚାଲିଗଲୁ । ଝିଅ ଜନ୍ମପରେ ତୁମକୁ ଚିଠି ଦେଇଥିଲି କିନ୍ତୁ ଚିଠି ଫେରି ଆସିଲା । ତୁମେ ସେ ଜାଗା ଛାଡ଼ି ଆଉ କୁଆଡ଼େ ଯାଇ ସାରିଥିଲ । ଆମେ ଦୁହେଁ ମାମୁଁଙ୍କ ପାଖରେ ରହି ଆସୁଛୁ ଏବେ ଯାଏଁ । ମାମୁଁ ରିଟାର୍ଡ଼ କଲା ପରେ ଚାରି ବର୍ଷ ପୂର୍ବରୁ  ଆସିଲୁ ଏଠିକୁ ମାମୁଁଙ୍କ ଘରକୁ । ଏବେ ଏଇଠି ହିଁ ଅଛୁ ।”

ପ୍ରଶାନ୍ତ ଆଉ କିଛି କହିବା ଅବସ୍ଥାରେ ନ ଥାଏ । ତା’ ସ୍ତ୍ରୀ ଓ ଝିଅ ଏହି ସହରରେ ହିଁ ଅଛନ୍ତି । ଖୁସିରେ ସେ ସ୍ତ୍ରୀ ଓ ମିତୁକୁ କୁଣ୍ଢେଇ ପକେଇଲା ଓ ସ୍ମିତାକୁ ପଚାରିଲା, “ଏବେ ଯିବା ଘରକୁ ?” ମିତୁ ପଚାରିଲା, ତୁମ ଦୀପ ଜଳା ସରିଗଲାଣି ? –  ଆରେ, ହେ... କହି ପ୍ରଶାନ୍ତ ମୁଣ୍ଡରେ ହାତ ବାଡେଇଲା ବେଳେ ମିତୁ ଓ ସ୍ମିତା ମୁହଁରେ ହସ ଖେଳି ଯାଉଥିଲା । ଦୀପ ଜଳେଇ ସାରି ତିନିଜଣ ଯାକ ମନ୍ଦିରକୁ ଚାହିଁ ମୁଣ୍ଡିଆ ମାରୁଥିଲେ ।

ସେପଟେ ମନ୍ଦିର ଉପରକୁ ମହାଦୀପ ଉଠୁଥିଲା ଆଉ ପ୍ରଶାନ୍ତ ଜୀବନରେ ଆଲୋକ ଧୀରେ ଧୀରେ ପ୍ରବେଶ କରୁଥିଲା .....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

Download Magazine from www.aahwaan.com

# ଅଭିମାନିନୀ



ଚମ୍ପେଶ୍ୱର ସନବର୍ଷିଆ

"ହେଲୋ ! ବାବୁ ପ୍ରଶାନ୍ତ, ଭଲ ଅଛୁ ବାବା ।" ପ୍ରଶାନ୍ତ ସୁଦୂରପ୍ରାନ୍ତ ନିଜ ରାଜ୍ୟ ବାହାରେ ଚାକିରୀଟିଏ ପାଇଛି । ସେ ତା ବାପାମା'ର ସ୍ୱପ୍ନକୁ ସାକାର କରି ପାରିଛି । ବାପାମା'କୁ ମଝିରେ ମଝିରେ ଫୋନ କରି ଖବର ରଖେ ପ୍ରଶାନ୍ତ । ଆଜି କିନ୍ତୁ ଓଲଟା ! ବାପା ଫୋନ କରିଛନ୍ତି ..... ଟିକିଏ ଅସଜ୍ଜିତ ହୋଇପଡ଼ିଲା, "ହଁ, ବାପା ନମସ୍କାର ! ମୁଁ ଭଲ ଅଛି । ମା, ଭଉଣୀ ଆଉ ତମେ କେମିତି ଅଛ ବାପା ?" ବାପା କହନ୍ତି, "ବାବୁରେ ଆଜି ତୋ ପାଇଁ ମୋ ଛାତିଟା ଗର୍ବରେ ଫୁଲି ଯାଉଛି ।" ପ୍ରଶାନ୍ତର ଆଖିଟା ପାଣିରେ ଭରି ଯାଏ । ବାପାଙ୍କ ଅତୀତକୁ ମନେ ପକାଏ । ସେଦିନର ପ୍ରଶାନ୍ତର ବାପା ଆଉ ଆଜିର ବାପା ଭିତରେ ଅନେକ ପାର୍ଥକ୍ୟ । ରାସ୍ତାରେ ପ୍ରଶାନ୍ତର ବାପାଙ୍କୁ ଅନେକ ସାଙ୍ଗସାଥୀ ପ୍ରଣାମ କରନ୍ତି । ବାପାଙ୍କ ହାଥ ଉପରକୁ ଉଠିଯାଏ ସତ, ହେଲେ ଆଖିଟା ଜଳ ଜଳ ହୋଇଯାଏ । ମୁହଁ ବାଷ୍ପରୁଦ୍ଧ ହୋଇଯାଏ । କାରଣ ସେଇମାନେ ଦିନଥିଲା ନା ଧରି ଡାକ ମାରି ଶ୍ରମିକ ଭାବରେ କେତେ କାମ କରେଇଛନ୍ତି । ବାପା ଶ୍ରମିକଭାବେ ସବୁ ସହି କଠିନ ପରିଶ୍ରମ କରିବେ, ଆଉ କହିବେ "ତୁ ପାଠ ପଢ଼, ବଡ଼ ହବୁ, ଚାକିରୀ କରିବୁ, ମୋର ସମ୍ମାନ ରଖିବୁ । ଲୋକେ ତୋତେ ଦେଖି କହିବେ, ଏଇ ଦେଖ ଦିନ ମଜୁରିଆର ପୁଅ ପାଠ ପଢ଼ି ଚାକିରୀ କରୁଛି ।" ପ୍ରଶାନ୍ତ ବାପାଙ୍କ ଇଚ୍ଛାକୁ ପୂରଣ କରି ପାରିଛି । ବାପା ଗର୍ବ କରିବେ ନି ତ କରିବ କିଏ ?

ଆଜିର ଦିନଟା କିନ୍ତୁ ଥିଲା ଏକ ଭିନ୍ନ ଅନୁଭୂତି । ସବୁଦିନଠୁ ଆଜିର ଭାବନା ପ୍ରଶାନ୍ତ ମନରେ କାହିଁକି କେଜାଣି ନୂଆଁ ଆବେଗ ଉଙ୍କି ମାରୁଥାଏ । ଠିକ ଏତିକିବେଳେ ବାପା

 Download Magazine from www.aahwaan.com

କହିଲେ, "ବାବୁରେ କଥାଟିଏ କହିବି ?" ପ୍ରଶାନ୍ତର ମନ ଶାନ୍ତ ପଡ଼ିଗଲା । ନୀରବ ହୋଇ ଅଜସ୍ର ପ୍ରଶ୍ନ ପଚାରିଲା ନିଜକୁ "ହେ ପ୍ରଶାନ୍ତ ତୁ କିଛି ଭୁଲ କରିନୁ ତ ? ବାପା କ'ଣ କହିବେ ? କ'ଣ ତୁ ନିଜ କର୍ତ୍ତବ୍ୟରେ ବିଳମ୍ବ କରିଛୁ କି ?" ତା ନୀରବତାକୁ ବାପାଙ୍କର ଶବ୍ଦଟା ଭାଙ୍ଗିଦେଲା । "ବାପା ତୁ ଚୁପ ହୋଇଗଲୁ ଯେ ? କିଛି କହିଲୁ ନାହିଁ ?" ପ୍ରଶାନ୍ତ ଟିକିଏ ଅସଜ୍ଜିତ ଭାବରେ କହିଲା, "ହଁ ବାପା କୁହ" ବାପାଙ୍କ ମୁହଁରୁ ବାହାରି ପଡ଼ିଲା ସେହି ଦୀର୍ଘ ଦିନରୁ ମନ ଭିତରେ ଉଙ୍କିମାରି ପଡ଼ି ରହିଥିବା ବାକ୍ୟ, "ବାପାରେ ! ତୋ ପାଇଁ ସୁନା ଝିଅଟିଏ ଦେଖିଛି । ତୁ ଆସିଲେ ଯାଇ ଟିକେ ଦେଖିଦେଇ ଆସନ୍ତୁ । ତୁ ହଁ କହିଲେ ଏ ବର୍ଷ ତୋ ବାହାଘର କରିଦେବା । ମୋର ଆଉ କେତେଟା ଦିନ ଯେ ! ତୋ ବାହାଘର ହୋଇଗଲେ ମୋ ବୋହୁଟାର ହାତରନ୍ଧା ଖାଇବି । ତୋ ମା'ର ହାତରନ୍ଧା ଆଉ ଭଲ ଲାଗୁନି ।" ପ୍ରଶାନ୍ତ ହୁଁ ମାରି କଥାକୁ ବଙ୍କେଇ ଦେଲା । ମନରେ ରଖିଗଲା ଝିଅ ଦେଖିବାକୁ ଯିବ, ବାହାଘର ହେବ ।

ପ୍ରଶାନ୍ତ ଆଜି ତା ସମାଜରେ ଏକ ଜଣାଶୁଣା ନା ହୋଇଗଲାଣି । ଆଖ ପାଖ ଦଶ ଗାଁରେ ତାକୁ କିଏ ବା ନ ଜାଣେ । ତା ପାଠପଢ଼ା ପାଇଁ ଯେତିକି ଜଣାଶୁଣା ଥିଲା ଆଜି ତା କର୍ମ କ୍ଷେତ୍ରରେ ସେତିକି ଜଣାଶୁଣା । କାରଣ ତା ନିଜ କର୍ମରେ କେବେ ଅବହେଳା କରିନି । ଛୋଟ ବଡ଼ ସମସ୍ତଙ୍କ ପ୍ରିୟ ପ୍ରଶାନ୍ତ ସାର । ଏ ସବୁ ସମ୍ଭବ ହୋଇଛି ଏଇ କେତେଟା ବର୍ଷ ଭିତରେ । ନିଜ କର୍ତ୍ତବ୍ୟ ଠୁଁ ଅଧିକ କିଛି କରି ଦେଖାଇବା ତା'ର ନିତିଦିନିଆ ହୋଇଗଲାଣି । ଏସବୁରେ ତାକୁ ବହୁତ ଖୁସି ମିଳେ । ରାତିରେ ଭାବି ଭାବି ଗଦଗଦ ହୋଇଯାଏ । ସକାଳ ହେବ, ପୁଣି ସେହିପରି ପ୍ରଶଂସାର ସୁଅ ଛୁଟିବ । ତା ଅନୁଷ୍ଠାନର ମୂଖ୍ୟ କଥାରେ କଥାରେ ତା'ର ଉଦାହରଣ ଦେଇ କହିବେ, "ହବ ଯଦି ପ୍ରଶାନ୍ତ ହୁଅ" ଏତିକି ପରିଚୟ ହିଁ ସବୁକିଛି ।

 Download Magazine from www.aahwaan.com

ଆଜିର ରାତ୍ରଟା କିନ୍ତୁ ଭିନ୍ନ ଭାବନାରେ ହଜିଯାଇଛି ପ୍ରଶାନ୍ତ । ସେ ବାହାହବ, ସେ ବାହା ହୋଇ ଏ ସବୁକୁ କ'ଣ ସମ୍ଭବ କରିପାରିବ ? ପ୍ରଶାନ୍ତ ସାର ହୋଇ ରହିପାରିବ ତ ? ସେ ଭଲ ଭାବେ ଜାଣେ, ଯାହାକୁ ବାହାହେବ ସେ ତା'ର ହେବ ଅର୍ଦ୍ଧାଙ୍ଗିନୀ । ଝିଅ ତା ବାପା, ମା, ଭାଇ, ଭଉଣୀ ସମସ୍ତଙ୍କୁ ଛାଡ଼ି ତାକୁ ଆପଣେଇବ । ନିଜର କରିବ । ସ୍ୱାମୀଙ୍କ ସବୁ ଇଚ୍ଛାକୁ ପୂରଣ କରିବାକୁ ଚେଷ୍ଟା କରିବ । ଏଇ ଚେଷ୍ଟା ଭିତରେ ଖୋଜି ବୁଲିବ ସ୍ୱାମୀଙ୍କ ପାଖରେ ତା ବାପାଙ୍କ ସ୍ନେହ, ମା'ର ମମତା, ଭାଇର ପ୍ରେମ, ଭଉଣୀର ଆଦର । ଭାବୁ ଭାବୁ ପ୍ରଶାନ୍ତର ଆଖି ଲାଗିଗଲା । ସକାଳୁ ଉଠି ଭାବିଲା ଏକ ସ୍ୱପ୍ନ ! କିନ୍ତୁ ସତ୍ୟତା ମୁହଁରେ ଝଲସୁଥାଏ ତା'ର ବାହାଘର ନିଶ୍ଚୟ ।

ଇତିମଧ୍ୟରେ ଗ୍ରୀଷ୍ମ ଛୁଟିରେ ପ୍ରଶାନ୍ତର ବାହାଘର ସରିଯାଇଛି । ଆଜି ଆଉ କୌଣସି ସ୍ୱପ୍ନ ନାହିଁ, ଭାବନା ନାହିଁ, ଉଦବେଗ ନାହିଁ । ସ୍ମିତା ତା'ର ସ୍ୱପ୍ନ, ସତ୍ୟ, ପ୍ରାଣ । ବାପାଙ୍କ ପସନ୍ଦ ଯେ ପ୍ରଶାନ୍ତକୁ ନା କରିବାର ରାସ୍ତା ମିଳିବ, ଅସମ୍ଭବ ଥିଲା । ସ୍ମିତା ଥିଲା ଅନନ୍ୟ ସୁନ୍ଦରୀ । କାବ୍ୟ ଭିତରେ ହଜିଗଲା ପ୍ରଶାନ୍ତ । ଭଞ୍ଜ କାବ୍ୟରେ ନାୟିକାକୁ କେତେଥର ଅନୁଭବ କରିଛି, ଚିତ୍ର ଆଙ୍କିଛି । ଆଜି ତା'ର ଜୀବନ୍ତ ରୂପକୁ ଦେଖି ଆନନ୍ଦ ବିଭୋର ହୋଇଗଲା । ଗୋଲାପୀପାଦ, ଲାଜରେ ଲାଜରେ ଭିତରକୁ ଆଉଁଜି ହେଉଥାଏ । ପାଉଁଜିଟା କହିଦେଉଥାଏ ଯେ ତା ପାଦଦିଟା ଧିରେ ସ୍ଥିରେ ନାହିଁ । ସତର୍କ ହୋଇ ଛିଡ଼ା ହଉଥାଏ । ପାଦତଳୁ ପ୍ରଶାନ୍ତର ଆଖି ଧିରେ ଧିରେ ଉପରକୁ ଉଠିଲା । ନୀଳ ରଂଗର ସାଲୱାର ସାଙ୍ଗକୁ ତନୁ ପାତଳୀ ଅଣ୍ଟା, ଚଳଚଞ୍ଚଳ ନୟନ ସୁନ୍ଦରତାକୁ ଦ୍ୱିଗୁଣିତ କରୁଥାଏ । ଆଖିରେ ତା'ର ସ୍ୱପ୍ନଭରା କାହାଣୀ ନାଚି ଉଠୁଥାଏ । ଓଠରେ ଅନେକ ପ୍ରଶ୍ନ । ଗୋଲାପୀ ଓଠ ଭିତରେ ସ୍ମିତ ହସକୁ ଚାପି ରଖୁଥାଏ । ଆଖି ତଳକୁ କରିଥାଏ ଯେମିତି ହାତର ଅଂଗୁଠି ମଧ୍ୟରେ ନଖ

Download Magazine from www.aahwaan.com

ଖୋଜୁଛି । ପ୍ରଶାନ୍ତ, ଇଏ ତୁମର ସ୍ୱପ୍ନର ରାଣୀ ସ୍ମିତା ।

ସମୟର ଗତିରେ ତାଳ ଦେଇ ପ୍ରଶାନ୍ତ ନିଜକୁ ପ୍ରମାଣିତ କରିବାକୁ ଚେଷ୍ଟା କରୁଥାଏ ଏକ କର୍ତ୍ତବ୍ୟବାନ ସ୍ୱାମୀ ଭାବରେ । ପ୍ରେମ, ରାଗ, ଅଭିମାନ ଅନେକ ଭାବନାକୁ ଆପଣେଇଛି କେଇଟା ବର୍ଷ ଭିତରେ । ଜାଣିଛି ଏ ସବୁ ସମସ୍ତଙ୍କ ଜୀବନରେ ଆସେ । ମୁଣ୍ଡ ନୂଆଁଇ ପାର ହେଲେ ଯାଇ ଚିରନ୍ତନ ପ୍ରେମର ସ୍ୱାଦକୁ ଚାଖିହୁଏ । ଜାଣିଲେ କ'ଣ ହେବ, କର୍ତ୍ତବ୍ୟରତ ପ୍ରଶାନ୍ତ ପାଇଁ ଯେ କେବେଠୁ ଏସବୁ ଦୂରେଇ ଯାଇଛି । ତା ଚାକିରିରେ ହେଳା କରିନି ସତ କିନ୍ତୁ ସ୍ମିତା ପାଇଁ କରିଛି କ'ଣ ? ମନର କଥା କହିବାକୁ ବା ବୁଝିବାକୁ ସମୟ କାହିଁ ? ସମୟର ଖେଳ, ସମୟ ସହିତ ଖେଳି ନ ପାରିଲେ ହାର ନିଶ୍ଚିତ । ମନର କଥାପଦେ କହିବାକୁ, ଟିକିଏ ଟାହିଟାପରା ହେବାକୁ ସ୍ମିତା କେବେ ଯେ ନ ଅନେଇ ବସିଛି ତା'ର ମନେ ନାହିଁ । ଏଇ ଟିକକ ପାଇଁ ତ ମଣିଷ ବଞ୍ଚି ରହେ । ସ୍ମିତା ଅନେକ ଥର ଚେଷ୍ଟା କରିଛି କହିବା ପାଇଁ । "କ'ଣ ସ୍ମିତା ତୁମକୁ ମନେ ପଡ଼େ ନାହିଁ ?" କିନ୍ତୁ ମନ ଭିତରେ ଚାପି ରଖେ । ଭାବେ ଆଜି ନ ହେଲା ନାହିଁ କାଲି ତ ବୁଝି ପାରିବେ ଯେ ସ୍ତ୍ରୀ ଏକା ଏକା କେମିତି ପୁରା ଦିନଟା କାଟୁଛି ? କ'ଣ ଭାବୁଛି ? କ'ଣ ଚାହୁଁଛି ? ସେ ବି ତ ଏକ ମଣିଷ । ସ୍ମିତା ପୂରା ସମର୍ଥନ ଦେଇ ଚାଲିଥାଏ ଯେ ତା ସ୍ୱାମୀ ନିଜ ଅନୁଷ୍ଠାନ ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱବାନ । ତାଙ୍କ ପାଖରେ ଅନେକ କାମ । ତାଙ୍କର ପ୍ରଶଂସା ଅନ୍ୟ ମାନଙ୍କଠୁ ଶୁଣି ସ୍ମିତା ବହୁତ ଖୁସି ହୁଏ । ହେଲେ ସ୍ତ୍ରୀ ଭାବରେ ପାଉଛି କ'ଣ ? ଯେଉଁ ସମୟ ଟିକକ ଦରକାର ସେଇଟା ବି ପାଇ ପାରୁନି !

କେଇଟା ବର୍ଷ ବିତିଯାଇଛି । ସ୍ମିତା ଏ ବର୍ଷ ଭିତରେ ଅନେକ ଶିକ୍ଷା ପାଇଛି । ମନକୁ ଦୃଢ଼ କରିଛି । ନିଜକୁ ପଚାରିଛି ଅନେକ ପ୍ରଶ୍ନ । "ସ୍ମିତା ତୁମେ କ'ଣ ତୁମର ପରିଚୟ ହରେଇବ ? ତୁମେ କ'ଣ ତୁମର ଅଭିମାନ ବଞ୍ଚେଇ ପାରିବନାହିଁ ? ତୁମେ ହୋଇପାର

 Download Magazine from www.aahwaan.com

କାହାର ସ୍ତ୍ରୀ, କିନ୍ତୁ ନାରୀ ସମାଜ ପାଇଁ ତୁମେ ଦୃଷ୍ଟାନ୍ତ ସୃଷ୍ଟି ପାରିବ ନାହିଁ ? ତୁମେ ଚାହିଁଲେ ହୋଇ ପାରିବ ପୁରୁଷ ପ୍ରଧାନ୍ୟ ସମାଜର ମୁଖ୍ୟସ୍ରୋତ ।" ସ୍ମିତା ତା ମନକୁ ଦୃଢ଼ କଲା । ସେ ସ୍ମିତା, ଅଭିମାନିନୀ ସ୍ମିତା ।

ଆଜି ସ୍ମିତା ପ୍ରଶାନ୍ତର ବାଟକୁ ଚାହିଁ ରହିଛି । ତା ଜୀବନରେ ଏମିତି ଅନେକ ଥର ଚାହିଁ ରହି ନିରାଶ ହୋଇଛି । କିନ୍ତୁ ଆଜି ସମ୍ପୁର୍ଣ୍ଣ ବିପରୀତ । ପ୍ରିୟା ସ୍ମିତା ନୁହେଁ, ଅଭିମାନିନୀ ସ୍ମିତା । ରାଗରେ ନାକ ଫୋଡ଼ା ଉପର ତଳ ହଉଛି । ପ୍ରଥମ ଦେଖାରେ ଯେଉଁ ସ୍ମିତାର ଆଖି ଲାଜରେ ନଇଁ ରହିଥିଲା ତାହା ଲାଲ ହୋଇଯାଇଛି । ଆଖିର ଆକାର ଦ୍ୱିଗୁଣିତ ଦେଖାଯାଉଛି । ଏଇ ସମୟରେ ପ୍ରଶାନ୍ତ ଦେଖା ଦେଲା । ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖାଯାଉଥିଲା । "କେଉଁଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନା ଆଉ କିଛି ? ତମର ଯେବେ ଇଚ୍ଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?" ପିନ୍ଧିଥିବ ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କାଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବାବେଳେ କହିଲା, "ମୋତେ ଭୋକ ଲଗିଲାଣି, ଜଲଦି ଖାଇବକୁ ବାଢ଼ ।"

ସ୍ମିତା ଅବାକ ହେଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇୟେ ? ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉ ପଛେ କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା ।

ପ୍ରଶାନ୍ତ ବୁଝିପାରେ ସ୍ତ୍ରୀ'ର ଅଭିମାନ । କରିବ କ'ଣ ? ଯାହା ପାଇଁ ଆଜି ତା'ର ଏ ସମ୍ମାନ, ଏ ସ୍ମିତା ଆସିଛି ତା ଜୀବନରେ ତାକୁ ଛାଡ଼ିଦେବ ? ପ୍ରଶାନ୍ତ କେବେ ଅଶାନ୍ତ

 Download Magazine from www.aahwaan.com

ହୋଇପାରେନା । ନିଜ ମନ କଥାକୁ ଚାପିରଖି ଖାଇବା ପାଇଁ ନିଜେ ବାଢ଼ି ଆଣିଲା । ସେ ଜାଣେ, ସ୍ତ୍ରୀ'ର ଅଭିମାନ ଭାରି ଭଲ ଲାଗେ । କିନ୍ତୁ ପରିସ୍ଥିତି ଏଇଠି ଭିନ୍ନ । ଏମିତି ଅନେକ ରାଗ, ରୋଷ, ଅଭିମାନକୁ ଆପଣେଇ ସାରିଛି ପ୍ରଶାନ୍ତ । ସ୍ମିତା ତା'ର ଅର୍ଦ୍ଧାଙ୍ଗିନୀ । ସ୍ତ୍ରୀ'ର ଦୁଃଖ, ପ୍ରଶାନ୍ତର ଦୁଃଖ । ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ ଏହା ପ୍ରକୃତିର ନିୟମ । ଏହାକୁ ଏଡ଼ାଇ ପ୍ରଶାନ୍ତ ବା ରହିବ କେମିତି ? ପ୍ରଶାନ୍ତ ଆଜି ଶାନ୍ତ ହୋଇ ଯାଇଛି । କର୍ତ୍ତବ୍ୟ ପଥରେ କ୍ଳାନ୍ତ ହୋଇ ପଡ଼ିଛି । ଖାଇକି ଆରାମ ଚୌକିରେ ବସିପଡ଼ିଲା ପ୍ରଶାନ୍ତ । ଆଖି ବନ୍ଦ କରିକି ବିତି ଯାଇଥିବା ଦିନକୁ ଚାହିଁଲା, ଅନେକ ସ୍ୱପ୍ନ ଘୁରିବୁଲୁଥିଲା ତା ଆଖି ଆଗରେ । ପ୍ରଶାନ୍ତର ଦିବାସ୍ୱପ୍ନକୁ ସ୍ମିତାର ଦିଟୋପା ଲୁହ ଭାଙ୍ଗିଦେଲା । ଦେଖିଲା ସ୍ମିତା ତା'ଦେହରେ ଆଉଜି ହୋଇ ଛିଡ଼ା ହୋଇଛି । ରାଗ, ଅଭିମାନ ପ୍ରେମରେ ରୂପାନ୍ତର ହୋଇ ଯାଇଛି । ପ୍ରଶାନ୍ତର ଛାତିରେ ମୁଣ୍ଡ ରଖି ବସି ପଡ଼ିଲା । ପ୍ରଶାନ୍ତ ସ୍ମିତାକୁ କୁଣ୍ଢେଇ ଧରିଲା । ଆଖି ଜଳ ଜଳ, ବାଷ୍ପରୁଦ୍ଧ କଣ୍ଠରେ କହିଲା, "ସ୍ମିତା ତମକୁ ପାଇ ମୁଁ ବହୁତ ବଡ଼ ଭାଗ୍ୟବାନ !"

ପ୍ରାଥମିକ ଶିକ୍ଷକ

କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱର

ଭ୍ରାମ୍ୟଭାଷ : ୭୦୭୭୩୮୧୦୦୬

Download Magazine from www.aahwaan.com

# ଯଦି ହୋଇଥାନ୍ତା ସତ



ଜିତେନ୍ଦ୍ର କୁମାର କହଁର

ପ୍ରଶାନ୍ତର ସଂସାର କହିଲେ କେବଳ ସ୍ତ୍ରୀ ସ୍ମିତା ଆଉ କୁନି ଝିଅ ରୀତା । ପ୍ରଶାନ୍ତ ନିଜ ଗାଁ ପାଖ ସହରର ତହସିଲ ଅଫିସରେ ଛୋଟ କିରାଣୀ ଚାକିରୀଟିଏ କରିଛି । ଦରମା ମାସକୁ ପାଞ୍ଚ ହଜାର ଦୁଇଶହ ଟଙ୍କା । ଖର୍ଚ୍ଚ କହିଲେ ବିଶେଷ କିଛିନାହିଁ । ଝିଅ ପାଇଁ କିଛି ଖର୍ଚ୍ଚ ସହ ଯାହା ଅଫିସ ଯିବା ଆସିବାରେ ଟିକିଏ ଖର୍ଚ୍ଚ । ଘରର ଶାଗ ପଖାଳ ଭଲ ତ ସେ ଭଲ । ତେଣୁ ଅଳ୍ପ ଦରମା ହେଲେ ବି ପ୍ରଶାନ୍ତର ତେଲ ଲୁଣର ସଂସାର ବହୁତ ହସ ଖୁସିରେ ଗଡି ଚାଲିଥାଏ ।

ଏଇ କିଛି ଦିନ ହେବ କଣ ହୋଇଛି କେଜାଣି ସ୍ମିତାର ମୁଣ୍ଡରେ ସହର ଭୁତ ପଶି ଯାଇଛି । ବୋଧହୁଏ ସବୁ ସେଇ ଟିଭି ସିରିଏଲର ପ୍ରଭାବ । ଯେତେବେଳେ ଦେଖିବ ଟିଭି ଆଗରେ ବସି ଶାଶୁ ବୋହୁ ସିରିଏଲରେ ମାତିଥିବ । ସବୁବେଳେ ସହରରେ ଘର ଭଡ଼ା ନେଇ ରହିବା କଥା ପ୍ରଶାନ୍ତକୁ କୁହେ । ପ୍ରଶାନ୍ତ ଯେତେ କହିଲେ ବି ସ୍ମିତା ଶୁଣିବାକୁ ନାରାଜ । ସହରରେ ରହିଲେ କେତେ ଖର୍ଚ୍ଚ ସ୍ମିତା କାହିଁକି ବା ବୁଝିବ । ଧନୀ ଘରର ଝିଅ ସେ । ଘିଅ ମହୁରେ ବଡ଼ ହୋଇଛି । ଭଲ ପାଇ ବାହା ହୋଇଗଲା ସିନା ଏବେ ଭାବୁଛି ଯେ କେବଳ ଭଲ ପାଇବାରେ ପେଟ ପୁରେନି ବୋଲି । ସ୍ମିତାର କଥା ରଖିବାକୁ ଯାଇ ଶସ୍ତା ସୁନ୍ଦର ଘରଟିଏ ପ୍ରଶାନ୍ତ ସହରରେ ଯୋଗାଡ଼ କରିବାରେ ଲାଗିଗଲା ସିନା କେମିତି କଣ ଚଳିବେ ପ୍ରଶାନ୍ତର ସେଇ ଚିନ୍ତାଥାଏ । କାରଣ ସହରରେ ପରା ଡିଜେଲ ପେଟ୍ରୋଲ ପରି ପାଣି ବି କିଣିବାକୁ ପଡ଼େ ।

 Download Magazine from www.aahwaan.com

କଥାରେ ଅଛି "ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି ।" ବାସ୍ ସହି କଥା ବୋଧହୁଏ ପ୍ରଶାନ୍ତର ବର୍ତ୍ତମାନର ଜୀବନ ପରିଚାଳିତ । ପ୍ରତିଟି ସୁଖଦୁଃଖରେ ଭାଗିଦାରୀ ହେବା, ପ୍ରତିଟି ସମସ୍ୟାକୁ ମିଶିକି ସାମ୍ନା କରିବା ଆଦି ବିବାହ ପୂର୍ବରୁ ଥିବା ସ୍ମିତାର ଯେତେ ପ୍ରତିଶ୍ରୁତି ପ୍ରଶାନ୍ତ ପାଇଁ ବର୍ତ୍ତମାନ ହୋଇଯାଇଛି ଯେମିତି ଏକ ଅବାସ୍ତବ ସ୍ୱପ୍ନ । ନିଜ ଭିଟାମାଟି ଛାଡି ସହରକୁ ଆପଣାର କରିବା ପ୍ରଶାନ୍ତ ପାଇଁ ସହଜ ନଥିଲା । ତଥାପି ସେ ତା' ସ୍ତ୍ରୀର ଖୁସି ପାଇଁ ପାଖ ସହରରେ ଘର ଭଡ଼ାଟିଏ ନେଇଗଲା । ଆଉ ଏଇ ମାସ କେତୋଟା ହେବ ସେମାନେ ସହରରେ ରହିଲେଣି ।

ସହରରେ ଆସି ରହିବା ଦିନ ଠାରୁ ସ୍ମିତାର ପାଦ ଆଉ ତଳେ ଲାଗୁନଥାଏ । କିଛି ମାସର ରହଣି ଭିତରେ ପଡ଼ିଶା ଘର ମହାନ୍ତି ବାବୁଙ୍କ ସ୍ତ୍ରୀ ମମତା ଆଉ ପଟ୍ଟନାୟକବାବୁଙ୍କ ସ୍ତ୍ରୀ ସୁମନ ସହ ପରିଚୟ ହୋଇଯାଏ । ଯେତେବେଳେ ବି ଘର କାମ ଆଉ ଝିଅ ପାଖରୁ ଫୁରସତ ମିଳେ ତିନି ଜଣଙ୍କର ଖଟି ଆରମ୍ଭ ହୋଇଯାଏ । ଆଜି ଆମର ଏଇଆ ଆସିଲା କାଲି ଆମର ସେଇଆ ଆସିବ । ଆଜି ଆମର ନୂଆ ଟିଭି ଆସିଲା । ଆଜି ଆମେ ଏତେ ଭରି ସୁନା କିଣିଲୁ... ଏତେ ଟଙ୍କା ଖର୍ଚ୍ଚ ହେଲା ଇତ୍ୟାଦି ଇତ୍ୟାଦି । ସ୍ମିତା ପାରେନି ସିନା କିନ୍ତୁ ସତ ମିଛ କହି ସେମାନଙ୍କ ସହ ତାଳ ଦେଇ ସବୁବେଳେ କହିବାକୁ ଚେଷ୍ଟା କରେ ।

"ହେଇଟି ଶୁଣୁଛ ଆମର ଗୋଟିଏ ଫ୍ରିଜ ଆଉ ଗୋଟିଏ ୱାସିଂ ମେସିନ ନେଇ ଆସିବ ଏଇ ମାସରେ", ପ୍ରଶାନ୍ତ ଅଫିସରୁ ଫେରୁ ଫେରୁ କହିଲା ସ୍ମିତା । କାହିଁ ଆଜି କଣ ହେଲା କି ହଠାତ୍ ତୁମ ପାଟିରେ ଆଜି ଫ୍ରିଜ୍, ୱାସିଂ ମେସିନର କଥା କୁହେ ପ୍ରଶାନ୍ତ । "ମୁଁ କିଛି ଜାଣିନି.. ମୋର ଦରକାର ମାନେ ଦରକାର..." ସ୍ମିତା ଖାଇବା ବାଢ଼ି ଦେଉ ଦେଉ ପୁଣି ଥରେ କହିଲା । ପ୍ରଶାନ୍ତ କଣ କହି ବୁଝେଇବେ ଜାଣି ପାରୁନଥିଲା ତଥାପି କୁହେ, "ସ୍ମିତା ତୁମେ ତ ଜାଣିଛ ମୋ ଦରମା କଥା । ଝିଅର ପାଠପଢା.. ଘରର ମାସ ସାରା ରାସନ ପାଇଁ ତ

Download Magazine from www.aahwaan.com

ନିଅଣ୍ଟ । କୋଉଠୁ ଆଣିବି ପୁଣି ଫ୍ରିଜ୍, ୱାସିଂ ମେସିନ ପାଇଁ ଟଙ୍କା ।” କିନ୍ତୁ ସ୍ମିତା ମୁହଁ ବୁଲେଇ ରୋଷେଇ ଘର ଭିତରକୁ ଚାଲିଗଲା । ପ୍ରଶାନ୍ତ ମଧ୍ୟ ସ୍ମିତାର କଥାକୁ ଏତେ ଗୁରୁତ୍ୱ ନ ଦେଇ ଖାଇ ସାରି ଶୋଇବାକୁ ଝିଅ ସହ ଶୋଇବାକୁ ଚାଲିଗଲା ।

ସବୁଦିନ ପରି ପ୍ରଶାନ୍ତ ସକାଳୁ ଉଠି ନିତ୍ୟକର୍ମ ସାରି ଅଫିସ ବାହାରି ଗଲେ । ସଂଧ୍ୟାରେ ଅଫିସରୁ ନ ଫେରୁଣୁ ସ୍ମିତା ପୁଣି ଆରମ୍ଭ କରିଦେଲା ପୂର୍ବଦିନ କଥା, “ତୁମେ କଣ ଦେଖୁନ ଆମ ପଡ଼ିଶା ଘର ମମତା ଆଉ ସୁମନ ଘର । ତାଙ୍କର କଣ ନାହିଁ କହିଲ । ଗାଡ଼ି ଘୋଡ଼ା ଠାରୁ ଆରମ୍ଭ କରି ସୁନା ରୂପା ସବୁକିଛି । ଆମର ଏ ଭଡ଼ା ଘର ଖଣ୍ଡେ ଛଡ଼ା ଆଉ କଣ ଅଛି । ମୁଁ ସେମାନଙ୍କୁ ପଦୁଟିଏ କିଛି କହି ପାରୁନି । ଯଦି ମୋ ଇଛା ପୂରଣ କରିପାରିବନି ମୋତେ ବାହା ହେଉଥିଲ କ’ଣ ପାଇଁ । ମହାନ୍ତି ବାବୁ ଆଉ ପଟ୍ଟନାୟକ ବାବୁ ତ ତୁମ ପରି ଛୋଟ ଚାକିରିଟିଏ କରିଛନ୍ତି । ସେମାନେ ତ ତାଙ୍କର ସ୍ତ୍ରୀଙ୍କ ସବୁ ଇଛା ପୂରଣ କରୁଛନ୍ତି । ତୁମେ କାହିଁକି କରିପାରିବନି ।” ପ୍ରଶାନ୍ତ ସ୍ମିତାକୁ ବୁଝାଇବାକୁ ଚେଷ୍ଟା କରି କୁହେ, “ତୁମେ ବୁଝିବାକୁ ଚେଷ୍ଟା କର ସ୍ମିତା । ମୁଁ ଯେତିକି ସେମାନଙ୍କୁ ଏଇ ଅଳ୍ପ ମାସର ରହଣି ଭିତରେ ଜାଣିଛି । ସେମାନେ ବିଭିନ୍ନ କାମ ପାଇଁ ଲୋକ ମାନଙ୍କ ପାଖରୁ ଲାଞ୍ଚ ନିଅନ୍ତି । ଆଉ ସେଇ ଟଙ୍କାରେ ସେମାନେ ମଜା ମଜଲିସ କରନ୍ତି । ମୁଁ ତ ସେମିତି କରି ପାରିବିନି ନା ସ୍ମିତା ।” ସଙ୍ଗେ ସଙ୍ଗେ ସ୍ମିତା କୁହେ, “କାହିଁକି ତୁମେ ଲାଞ୍ଚ ନେଲେ ତୁମକୁ କଣ ଫାଶି ହୋଇଯାଉଛି କି ନା ତୁମେ ଧରା ପଡ଼ିଯାଉଛ । ତୁମକୁ କିଏ କହୁଛି ସବୁବେଳେ ଲାଞ୍ଚ ନେବାକୁ ଆମ ପାଇଁ ଯେତିକି ଆବଶ୍ୟକ ଆମେ ସେତିକି ନେବା । ପଟ୍ଟନାୟକ ବାବୁ ଆଉ ମହାନ୍ତି ବାବୁ ଯଦି କରିପାରୁଛନ୍ତି ତୁମେ କାହିଁକି ପାରିବନି ।” ପ୍ରଶାନ୍ତ ଆଶ୍ଚର୍ଯ୍ୟ ହୋଇ କୁହେ ଏ କଣ କହୁଛ ସ୍ମିତା ତୁମେ । ନା ସ୍ମିତା ନା ମୁଁ ପାରିବନି ଲାଞ୍ଚ ଟଙ୍କାରେ ମୁଁ ତୁମ ପାଇଁ କୌଣସି ଖୁସି କିଣି ଆଣିଦେଇ ପାରିବିନି ।”

Download Magazine from www.aahwaan.com

"ଠିକ ଅଛି ତୁମକୁ ଯାହା ଇଛା ହେଉଛି ସେଇଆ କର କିନ୍ତୁ ମୋର ଦରକାର ମାନେ ଦରକାର... ମୁଁ କିଛି ଜାଣିନି ଏତକ କହି ସ୍ମିତା ମୁହଁ ବୁଲେଇ ଠିଆ ହୋଇ ପଡିଲା ।" ଦିନ ବିତିବା ସହିତ ପ୍ରଶାନ୍ତ ଆଉ ସ୍ମିତା ଭିତରେ ମତାନ୍ତର ହେବାକୁ ଲାଗିଲା । ମାନସିକ ଦୁଶ୍ଚିନ୍ତାରେ ପ୍ରଶାନ୍ତର ଦିନ କଟେ । ସ୍ତ୍ରୀର ଖୁସି ପାଇଁ ସେ କୁଆଡୁ ଆଣିବ ଏତେ ଟଙ୍କା । ତା ମନ କହେ ଥରୁଟିଏ ଲାଞ୍ଚ ନେବା ପାଇଁ କିନ୍ତୁ ବିବେକ ବାଟ ଓଗାଳି ବସିଥାଏ । ଅଫିସରୁ ଘରକୁ ଫେରିଲେ ପୁଣି ଆରମ୍ଭ ହୋଇଯାଉଥାଏ ସ୍ମିତାର ନିତି ଦିନିଆ କଥା । କେତେବେଳେ ସୁନା ହାର ଦରକାର ତ କେତେବେଳେ ପାଟଶାଢ଼ୀ ପୁଣି କେତେବେଳେ ଫ୍ରିଜ ତ କେତେବେଳେ ୱାସିଂ ମେସିନ । ତେଣୁ ପ୍ରଶାନ୍ତ ସବୁଦିନ ଜାଣି ଶୁଣି ଘରକୁ ବିଳମ୍ବରେ ଫେରେ । ଅଫିସ ଛୁଟି ପରେ ସିଧା ଚାଲିଯାଏ ପାଖରେ ଥିବା ପାର୍କ ଭିତରକୁ । ପାର୍କରେ ବହୁତ ସମୟ ଏକୁଟିଆ ବସି ଘରକୁ ଫେରେ ଆଉ ଖାଇ ପିଇ ଶୋଇ ପଡ଼େ । ସ୍ମିତା ପ୍ରଶାନ୍ତକୁ ଅପେକ୍ଷା କରି କରି ଶୋଇ ପଡୁଥାଏ । ସକାଳୁ ମଧ୍ୟ ପ୍ରଶାନ୍ତ ସଅଳ ଉଠି ଅଫିସ ସମୟରୁ ଯଥେଷ୍ଟ ପୂର୍ବରୁ ଅଫିସ ଚାଲିଯାଏ । ଏମିତି କିଛି ଦିନ ଭଲରେ ଭଲରେ କଟିଗଲା । କାରଣ ସ୍ତ୍ରୀ ସ୍ମିତାକୁ ସାମ୍ନା କରିବାକୁ ପଡୁ ନଥିଲା ।

ସେଦିନ ମଧ୍ୟ ପ୍ରଶାନ୍ତ ଅଫିସ କାମ ପରେ ପାର୍କରେ ବସିଥାଏ । ମୁଣ୍ଡରେ ଅନେକ ଚିନ୍ତା । ପ୍ରଶାନ୍ତ ଏକୁଟିଆ ବସିଥିବା ବେଳେ କେହି ଜଣଙ୍କ ଡାକରେ ଚମକି ପଡିଲା । ପଛକୁ ବୁଲି ଦେଖେତ ପୋଲିସ ବାବୁ ଜଣକ ଠିଆ ହୋଇଛନ୍ତି । ହଠାତ ଚିହ୍ନି ପାରିଲାନି ପ୍ରଶାନ୍ତ । ନିରେଖି ଦେଖେତ ସେ ଥିଲା ତା'ର ପିଲା ବେଳର ବନ୍ଧୁ ରମେଶ । ନୂଆ କରି ପ୍ରଶାନ୍ତ ରହୁଥିବା ସହରକୁ ଥାନାଧିକାରୀ ହୋଇ ଆସିଛନ୍ତି । ଢେର କିଛି ସମୟ ଦୁଇ ବନ୍ଧୁ କଥାବାର୍ତ୍ତା ହେଲେ । ପ୍ରଶାନ୍ତର ଚିନ୍ତାଗ୍ରସ୍ତ ମୁହଁ ଦେଖି ରମେଶ କାରଣ ଜାଣିବାକୁ ଚାହିଁଥିଲା କିନ୍ତୁ ପ୍ରଶାନ୍ତ ତା କଥାକୁ ଏଡ଼ାଇ ଯାଇଥିଲା । କାରଣ କହିଲେ ତ କୂଳ କୁଟୁମ୍ବକୁ ଲାଜ ନ

 Download Magazine from www.aahwaan.com

କହିଲେ କୂଳ ଭାସି ଯାଉଛି । ରମେଶ ପ୍ରଶାନ୍ତ ଠାରୁ ବିଦାୟ ନେଲାବେଳେ ନିଜର ଏକ ଭିଜିଟିଙ୍ଗ କାର୍ଡ ଦେଇଗଲା ଆଉ କହିଲା ଯେତେବେଳେ ବି ଯାହା ଅସୁବିଧା ହେବ ଫୋନ ଯୋଗେ ଜଣାଇବାକୁ । ଏହାପରେ ପ୍ରଶାନ୍ତ ମଧ୍ୟ ନିଜ ଘର ଅଭିମୁଖେ ବାହାରି ପଡ଼ିଲା ।

ପ୍ରଶାନ୍ତ ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖା ଯାଉଥିଲା । "କୋଉଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନା ଆଉ କିଛି ? ତମର ଯେବେ ଇଛା ହେବ ଆସିବ ଆଉ ଯିବ । ଆଉ କାହା ପ୍ରତି ତୁମର କିଛି ଦାୟିତ୍ୱ ଅଛି ବୋଲି ତୁମେ ଜାଣିଛ ନା ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲି ଦେଇ ସ୍ମିତାକୁ ଧକ୍କା ଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ଲାଗିଲାଣି ଜଲଦି ଖାଇବାକୁ ବାଢ଼ ।"

ସ୍ମିତା ଅବାକ୍ ହୋଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇୟେ । ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ ପଡୁନି । ନା ଆଜି ଯାହାବି ହେଉ ପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା । ଆରେ ସ୍ମିତା ବୁଝିବାକୁ ଚେଷ୍ଟା କର । ଭଗବାନ ଆମକୁ ଯେତିକି ଦେଇଛନ୍ତି ଆମେ ସେତିକିରେ ଖୁସି ହେବା ଦରକାର । କାହିଁକି ତମର ଏ ବାଚାଳାମି । ଠିକ ଅଛି ମୁଁ ଲାଞ୍ଚ ନେବି । ଆଉ ଜୀବନରେ ଥରୁଟିଏ ନେବି । କେବଳ ତୁମ ଖୁସି ପାଇଁ । ଆଉ ଦ୍ୱିତୀୟ ଥର ମୋତେ ଏ କାମ କରିବାକୁ ଯେମିତି ନ କୁହ । ରାଗଭରା କଣ୍ଠରେ କହି ଖାଇବା ଟେବୁଲରୁ ଉଠି ପ୍ରଶାନ୍ତ ଶୋଇବା ରୁମକୁ ଚାଲିଗଲା । ସ୍ମିତା ଯେତେ ଖାଇବା ପାଇଁ ଡାକିଲେ ବି ସେ ଆଉ ଶୁଣିଲାନି । ସ୍ମିତା ଟିକିଏ ଖୁସି ହେଉଥାଏ କାରଣ ତାର ଇଛା ପୂରଣ ହେବାକୁ ଯାଉଥିଲା ।

ଏହି ଘଟଣାର ଚାରି ଦିନ ପରେ ଦିନେ ସଂଧ୍ୟା ବେଳକୁ ପ୍ରଶାନ୍ତ ଘରକୁ ଫେରି ସ୍ମିତା

 Download Magazine from www.aahwaan.com

ହାତରେ ୩୦,୦୦୦ ଟଙ୍କା ଗୁଞ୍ଜି ଦେଲେ । ଏବେ ମନ ଖୁସି ତ । ଜୀବନ ରେ ପ୍ରଥମ ଆଉ ଶେଷ ଥର ପାଇଁ ତୁମ ପାଇଁ ଲାଞ୍ଚ ନେଲି । ଯାଅ ତୁମ ଇଛାରେ ଫ୍ରିଜ, ୱାସିଂ ମେସିନ ଯାହା ଇଛା କିଣି ନେଇ ଆସ । ସ୍ମିତା ଟଙ୍କାତକ ନେଇ ଖୁସିରେ ପ୍ରଶାନ୍ତର ମନ ପସନ୍ଦର ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ଲାଗି ପଡ଼ିଲା ।

କିଛି ସମୟ ପରେ ଝିଅ ରୀତା ସହ ପ୍ରଶାନ୍ତ ଆଉ ସ୍ମିତା ଖାଇବା ପାଇଁ ପ୍ରସ୍ତୁତ ହୁଅନ୍ତେ ଘରର ମୁଖ୍ୟ ଦ୍ୱାରରେ କାହାର ଠକ୍ ଠକ୍ ଶବ୍ଦ ସମସ୍ତଙ୍କର ଧ୍ୟାନ ଭଗ୍ନ କଲା । ସ୍ମିତା ଯାଇ କବାଟ ଖୋଲେ ତ ଠିଆ ହୋଇଥିଲେ ପୋଲିସ ବାବୁ ଥାନା ଅଧିକାରୀ ରମେଶ ବାବୁ ।

ପୋଲିସକୁ ଦେଖି ସ୍ମିତା ଭୟଭୀତ ହୋଇଯାଇଥିଲା । କିଛି କ୍ଷଣ ପରେ ରମେଶକୁ ଚିହ୍ନିପାରି ଟିକିଏ ଆଶ୍ୱସ୍ତି ଅନୁଭବ କଲା । "ଆରେ ରମେଶ ତୁମେ ପୋଲିସବାବୁ ହୋଇ ଗଲଣି । ମୁଁ ତ ପୁରା ଡରିଯାଇଥିଲି । ଆସୁ ନ ଭିତରକୁ ଆସ । ହେଇଟି ଶୁଣୁଛ ରମେଶ ଆସିଛନ୍ତି ।" ପ୍ରଶାନ୍ତକୁ ସ୍ମିତା ଡାକ ଦିଅନ୍ତେ ତା'ର କଥାରେ ପୂର୍ଣ୍ଣଚ୍ଛେଦ ଟାଣି ରମେଶ କୁହେ, "କ୍ଷମା କରିବେ ଭାଉଜ ମୁଁ ଏଠାକୁ ବୁଲିବାକୁ ଆସିନି । ଡ୍ୟୁଟିରେ ଆସିଛି । ପ୍ରଶାନ୍ତ ନାଁରେ ଅଭିଯୋଗ ଅଛି ଯେ ସେ ୩୦,୦୦୦/- ଟଙ୍କା ଲାଞ୍ଚ ନେଇଛନ୍ତି । ତା'ର ସିସିଟିଭି ପ୍ରମାଣ ବି ଅଛି ଆମ ପାଖରେ ତେଣୁ ତାକୁ ମୁଁ ଗିରଫ କରିବା ପାଇଁ ଆସିଛି ।" ସ୍ମିତାର ପାଦ ତଳୁ ମାଟି ଖସିଯାଏ । କଣ କରିବ ସ୍ମିତା ଜାଣି ପାରେନି ।

ନିଜର ଅନାବଶ୍ୟକ ଇଚ୍ଛା ପୂରଣ କରିବାକୁ ଯାଇ ସେ ଏ କଣ କଲା । ନିଜ ସିନ୍ଦୁରକୁ ବଳି ପକାଇଦେଲା । ରମେଶ ଘର ଭିତରକୁ ଆସି ତିରିଶି ହଜାର ଜବତ କରିନେଲା । ପ୍ରଶାନ୍ତ ସେମିତି ଚୁପଚାପ ଠିଆ ହୋଇଥାଏ । ରମେଶ ପ୍ରଶାନ୍ତକୁ ସାଥିରେ ଥାନାକୁ ନେବାକୁ ଉଦ୍ୟତ ହୁଅନ୍ତେ ସ୍ମିତା ରମେଶର ଗୋଡ଼ ତଳେ ପଡ଼ିଗଲା । ଆଉ କାନ୍ଦି କାନ୍ଦି ପ୍ରଶାନ୍ତକୁ ଛାଡ଼ି ଦେବା ପାଇଁ ନେହୁରା ହୋଇ କହିଲା, "ସବୁ ଦୋଷ ମୋର । ମୋରି ପାଇଁ ପ୍ରଶାନ୍ତ ଲାଞ୍ଚ

ନେଇଛନ୍ତି । ତୁମେ ତାଙ୍କୁ ଏଇ ଥରକୁ ଛାଡ଼ିଦିଅ । ମୁଁ କଥା ଦେଉଛି ସେ କେବେ ଆଉ ଲାଞ୍ଚ ନେବେନି । ତୁମେ ପରା ତାଙ୍କର ପିଲା ବେଳର ବନ୍ଧୁ । ଦୟା କର ଏଇ ଥରକ ତାଙ୍କୁ ଛାଡ଼ିଦିଅ । ତାଙ୍କ ବିନା ମୋର କଣ ହେବ । ମୋ କୁନି ଝିଅର କଣ ହେବ ।" "ଭାଉଜ କର୍ତ୍ତବ୍ୟ ଆଗରେ ସମ୍ପର୍କର ମାନେ କିଛି ନ ଥାଏ । ମୋତେ ମୋ କର୍ତ୍ତବ୍ୟ କରିବାକୁ ଦିଅ ।" ଏତକ କହି ପ୍ରଶାନ୍ତକୁ ଟାଣି ଟାଣି ନେଇଗଲା ବେଳକୁ ପ୍ରଶାନ୍ତ ଦୁଇ ମିନିଟ୍ ସ୍ମିତା ସହ କଥା ହେବା ପାଇଁ ରମେଶକୁ ସମୟ ମାଗେ ।" ଠିକ ଅଛି ମୁଁ ବାହାରେ ଗାଡ଼ି ପାଖରେ ଅପେକ୍ଷା କରିଛି କହି ରମେଶ ବାହାରକୁ ଚାଲି ଆସେ ।"

ସ୍ମିତାକୁ ଜୀବନର ଅନ୍ତିମ କ୍ଷଣର ଅନୁଭବ ଦେଉଥାଏ ଏହି ଦୁଇ ମିନିଟ୍ । ହେଲେ କଣ ହେବ ନେଡ଼ିଗୁଡ଼ ତ କହୁଣିକୁ ବହି ସାରିଥାଏ । ପ୍ରଶାନ୍ତ ଅଶ୍ରୁଳ ଆଖିରେ କୁହେ, "ମୁଁ ତୁମକୁ କେତେ ଥର କହିଥିଲି ସ୍ମିତା ହେଲେ ତୁମେ... ଦେଖିଲ ଆଜି ଏହାର ପରିଣାମ । ଝିଅ ରୀତାର ଯତ୍ନ ନେବ ।" ସ୍ମିତା ପ୍ରଶାନ୍ତ ପାଖରେ ମଧ୍ୟ କାନ୍ଦି କାନ୍ଦି କ୍ଷମା ପ୍ରାର୍ଥନା କରିବାକୁ ଲାଗିଲା ଆଉ ନିଜ ସାଙ୍ଗ ରମେଶକୁ ତାକୁ ଛାଡ଼ି ଦେବା ପାଇଁ କହିବାକୁ କହିଲା । ସେ ନିଜର ଭୁଲ ପାଇଁ ପଶ୍ଚାତାପ କରିସାରିଥାଏ । ଝିଅ ରୀତା ମଧ୍ୟ କାନ୍ଦୁଥାଏ । ଠିକ ଏତିକି ବେଳକୁ ରମେଶ ପୁଣି ଥରେ ଘର ଭିତରକୁ ପଶି ଆସିଲା ପ୍ରଶାନ୍ତକୁ ନେବା ପାଇଁ । ସ୍ମିତା ଉପାୟ ଶୂନ୍ୟ ହୋଇ ଯାଉଥିଲା । କଣ ସେ କରିବ ଏବେ । କେମିତି ବଞ୍ଚିବ ବିନା ସାହାରାରେ କୁନି ଝିଅକୁ ନେଇ ।

ରମେଶ ସ୍ମିତାକୁ ବୁଝାଇବାକୁ ଯାଇ କୁହେ ଭାଉଜ ଧନ ସମ୍ପତି ଜୀବନରେ ବଡ଼ ନୁହେଁ । ସ୍ନେହ ଭଲ ପାଇବା ଠାରୁ ବଡ଼ କିଛି ନାହିଁ ଦୁନିଆରେ । ତୁମ ପାଖରେ ତ ଏତେ ଭଲ ପାଉଥିବା ସ୍ୱାମୀଟିଏ ଅଛି ଆଉ ଏତେ ସୁନ୍ଦର ଝିଅଟିଏ ଭଗବାନ ଦେଇଛନ୍ତି । ଆଉ କଣ ଲୋଡ଼ା ତୁମକୁ । ଶେଷରେ ଏମିତି ଏକ କାମ କରିବା ପାଇଁ ପ୍ରଶାନ୍ତକୁ ବାଧ୍ୟ କଲ ।

Download Magazine from www.aahwaan.com

ସ୍ମିତା ମୁଣ୍ଡ ତଳକୁ କରି ଠିଆ ହେଲା । ଆଖିରୁ ତାର ବହି ଚାଲିଥାଏ ଅଶ୍ରୁର ଧାର । ଚିନ୍ତା କରନି ଭାଉଜ ସେ ତିରିଶି ହଜାର ଟଙ୍କା କୋଉ ଲାଞ୍ଚ ଟଙ୍କା ନୁହେଁ । ସେଇ ଟଙ୍କା ହେଉଛି ମୋ ଟଙ୍କା । ଦୁଇ ଦିନ ତଳେ ପ୍ରଶାନ୍ତ ଅନ୍ୟମନସ୍କ ହୋଇ ରାସ୍ତାରେ ଚାଲି ଚାଲି ଯାଉଥିଲେ, ସୌଭାଗ୍ୟକୁ ମୁଁ ସେଇ ଜାଗାରେ ଥିଲି ବୋଲି ଅଳ୍ପକେ ଏକ ବଡ଼ ସଡ଼କ ଦୁର୍ଘଟଣାରୁ ବଞ୍ଚିଗଲେ । ପ୍ରଶାନ୍ତ ଠାରୁ ସବୁ କଥା ଶୁଣି ମୁଁ ହିଁ ଏମିତି ଏକ ନାଟକ ରଚନା କରିଥିଲି କେବଳ ତୁମର ଆଖି ଖୋଲିବା ପାଇଁ ।

ରମେଶ ପାଖରୁ ସବୁ ଶୁଣି ସ୍ମିତାର ଦେହରେ ଯେପରି ପୁଣିଥରେ ଜୀବନ ସଞ୍ଚରିତ ହୋଇଯାଇଥିଲା । ସେ ଏକ ଦୀର୍ଘ ଶ୍ୱାସ ନେଇ ନିଜକୁ ସମ୍ଭାଳିବାକୁ ଚେଷ୍ଟା କଲା । ରମେଶ ପାଇଁ ସେ ନିଜର ଭୁଲ ବୁଝି ପାରିଥିଲା ତେଣୁ ତାଙ୍କୁ ଧନ୍ୟବାଦ ଦେଇ ନିଜ ଝିଅର ମୁଣ୍ଡ ଛୁଇଁ ସ୍ମିତା ପ୍ରତିଜ୍ଞା କଲା ଯେ ସେ ଏମିତି ଆଉ କେବେ କରିବନି ବୋଲି । ସ୍ମିତା ସହିତ ସମସ୍ତଙ୍କ ଓଠରେ ଏକ ସୁନ୍ଦର ଅଶ୍ରୁ ମିଶ୍ରିତ ସ୍ମିତ ହସଟିଏ ଖେଳିଗଲା । ସ୍ମିତା ନିଜ ଝିଅ ରୀତାକୁ ଧରି ପ୍ରଶାନ୍ତର ଛାତି ଉପରେ ମୁଣ୍ଡରଖି ଭାବୁଥିଲା... ହେ ଭଗବାନ ଏ ସବୁ ଘଟଣା ଯଦି ସତ ହୋଇଥାନ୍ତା ତେବେ...... ! ! !

ଶିକ୍ଷକ (କଲାଡି,ଫୁଲବାଣୀ)

ଦୁରଭାଷ- ୯୪୩୯୫୪୨୫୨୧

Download Magazine from www.aahwaan.com

# ନିରବତାର ଅନ୍ତଃସ୍ୱର



ଭାଗୀରଥି ଯାନୀ

ଫୁଲବାଣୀ ସହରର ଉପକଣ୍ଠରେ ଥିବା ଏକ କାର୍ଯ୍ୟାଳୟରେ ପ୍ରଶାନ୍ତ କିରାଣୀ ଚାକିରୀଟିଏ କରେ । ସେହି ସହରରେ ଘରଭଡ଼ା ନେଇ ରହେ । ଅଫିସରେ ଏତେ କାଗଜପତ୍ର କାମ କରିବାକୁ ପଡ଼େ ଯେ ସେ ପ୍ରାୟ ବ୍ୟସ୍ତତା ଭିତରେ ସମୟ କାଟେ । ଯେଉଁଦିନ ଅଫିସରେ କାର୍ଯ୍ୟ ବିଶେଷ ନଥାଏ । ସେହିଦିନ ସେ ଶୀଘ୍ର ବସାକୁ ଫେରେ । ଆଉ ଯେଉଁଦିନ ଅଧିକ କାର୍ଯ୍ୟଥାଏ ବେଳେ ବେଳେ ବସାକୁ ଫେରିବାରେ ବିଳମ୍ବ ହୁଏ । ସୁବିଧା ସମୟ ଦେଖି ଛୁଟିରେ ନିଜ ଘରକୁ ଯାଏ । ଘରେ ତା ସ୍ତ୍ରୀ ସ୍ମିତା ଓ ପୁଅ ମନୋଜ । ଆଉ ତା ବାପାମା' ରହନ୍ତି । କିନ୍ତୁ ବେଳେ ବେଳେ ଘରକୁ ଯାଇପାରେ ନାହିଁ । ତେଣୁ ସମସ୍ତେ ତା'ପାଇଁ ଭାରି ବ୍ୟସ୍ତ ହୁଅନ୍ତି । ସେ ନିଜଭଳି ସାଧାରଣ କିରାଣୀ ଚାକିରୀଠାରୁ ତା ପୁଅକୁ ପାଠ ପଢ଼ାଇ, ବଡ଼ ଚାକିରୀଟିଏ କରାଇବ ବୋଲି ଲକ୍ଷ୍ୟ ରଖେ ।

ପ୍ରଶନ୍ତି ଦିନେ ଅଫିସରୁ ଫେରୁଥିବା ବେଳେ ରାସ୍ତାଟି ଗହଳି ଥିଲା । ସେ ଦେଖିବାକୁ ପାଇଲା ଗୋଟିଏ ପୁଅ ଦୁଇଟି ଝିଅ କାକୁତି ମିନତୀ ହୋଇ ଲୋକମାନଙ୍କୁ କିଛି ଭିକ୍ଷା ଉଦ୍ଦେଶ୍ୟରେ ହାତ ପତାଉଛନ୍ତି । କିନ୍ତୁ ସେମାନେ ଦେଖିବାକୁ ତିନି ଭାଇଭଉଣୀ ପରି ଲାଗୁଛନ୍ତି । ସେ ସେମାନଙ୍କ ନିକଟକୁ ଗଲା । ସେମାନଙ୍କ ବିଷୟରେ ଜାଣିବାପାଇଁ ତା'ର ମନରେ ଭାରି କୌତୁହଳ ଜାଗ୍ରତ ହେଲା । ନିରୀହ, ନିଷ୍ପାପ, ଦେଖାଯାଉଥିବା ତିନିଜଣଙ୍କୁ ଏକାଠି ଡାକି ପ୍ରଶ୍ନ କଲା । ସେମାନେ ନିଜ ନିଜ ନାଁ କହିଲେ, ଉଷା, ନିଶା ଓ ରବି । ତା'ପରେ ପ୍ରଶାନ୍ତର କୌଣସି ପ୍ରଶ୍ନର ଉତ୍ତର ନ ଦେଇ ଅବିରତ କାନ୍ଦିବାକୁ ଲାଗିଲେ । କ'ଣ

 Download Magazine from www.aahwaan.com

କରିବ ! ଏମାନଙ୍କୁ ଦେଖି ତା ମନରେ ଦୟା ଆସିଲା । ଭାବିଲା ଏମାନଙ୍କୁ ନିଜ ବସାକୁ ନେଇଯିବ ।

ଧୂଳିଧୂସରିତ ତିନି ଭାଇଭଉଣୀଙ୍କୁ ଘରକୁ ନେଇ ସେମାନଙ୍କୁ ସଫା କରାଇ ଭଲ ପୋଷାକ ପିନ୍ଧିବାକୁ ଦେଲା । ସେମାନଙ୍କର ଖାଇବାପିଇବା ବ୍ୟବସ୍ଥା ବି କରିଦେଲା । ଏ ଭିତରେ ଚାରିପାଞ୍ଚଦିନ ବିତିଗଲା । ପିଲା ତିନିଟି ନିଜ ପିତାମାତାଙ୍କ ପାଇଁ ବ୍ୟାକୁଳ କିନ୍ତୁ ଯିବାପାଇଁ ଉପାୟ ନାହିଁ ତେଣୁ ସେମାନେ ପ୍ରଶାନ୍ତ ପାଖରେ ହିଁ ରହିଲେ । ପ୍ରଶାନ୍ତ ନିଜର ସ୍ୱଳ୍ପ ଆୟର କିଛି ଅଂଶ ସେମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ଲାଗିଲା । ଏହା ଭିତରେ ଅନେକ ଦିନ ବିତିଗଲାଣି । ଘରେ ସମସ୍ତେ ଚିନ୍ତିତ ଅଛନ୍ତି । ପ୍ରଶାନ୍ତ ଘରକୁ ଯାଇନାହିଁ । ଟଙ୍କା ଯାହା ଖାଲି ପଠାଉଛି ସିନା ଯିବାର ନାଁ ନେଉନାହିଁ । ସ୍ମିତା ବିରକ୍ତ ହେଲାଣି, ମନୋଜ ଚିନ୍ତା କଲାଣି । କିନ୍ତୁ ସେ ବା କଣ କରିବ ? ଶେଷରେ ସେ ନିଷ୍ପତ୍ତି ନେଲା, ସେଇ ତିନିଜଣ ପିଲାଙ୍କୁ ସ୍କୁଲରେ ନାଁ ଲେଖାଇଦେଲା । ସମୟ ଗଡ଼ି ଚାଲିଲା । ଧିରେ ଧିରେ ସେମାନେ ବଡ଼ ହେବାକୁ ଲାଗିଲେ । ଦେଖୁ ଦେଖୁ ସେମାନେ କେବେ ବଡ଼ ହୋଇଗଲେ ଜଣାପଡ଼ିଲା ନାହିଁ । ଏହା ଭିତରେ ଅନେକ ବର୍ଷ ବିତିଗଲାଣି । ଦଶମ ଶ୍ରେଣୀ ବୋର୍ଡ୍ ପରିକ୍ଷା ନିକଟତର ହେବାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଲା ତିନିଜଣଙ୍କ ପିତାଙ୍କ ନାମ ଦେଖି ଆଶ୍ଚର୍ଯ୍ୟ ହେଲେ । ସେ ଜାଣିଥିଲେ ଯେ ପ୍ରଶାନ୍ତର କେବଳ ଗୋଟିଏ ସନ୍ତାନ । ସେ ଯାହେଉ ପିଲା ତିନିଜଣ ପରିକ୍ଷା ଦେଲେ ଆଉ ଜିଲ୍ଲାରେ ସର୍ବୋଚ୍ଚ ଅଙ୍କ ରଖି ପାସ ମଧ୍ୟ କଲେ । ତେଣୁ ପ୍ରଶାନ୍ତର ନିଜ ପୁଅ ମନୋଜ ମଧ୍ୟ ପରିକ୍ଷାରେ ଭଲ ଅଙ୍କ ରଖି ପାସ୍ କରିଥିଲା ।

ଜିଲ୍ଲା ସ୍ତରୀୟ ସମ୍ମାନ ମହୋତ୍ସବରେ ପିଲା ତିନିଜଣଙ୍କ ଅଭିଭାବକ ଭାବରେ ପ୍ରଶାନ୍ତର ସମସ୍ତେ ଭୁରି ଭୁରି ପ୍ରଶଂସା କଲେ । ଅଜଣା ପିଲାଙ୍କୁ ନିଜ ଘରେ ରଖି ସେମାନଙ୍କୁ

 Download Magazine from www.aahwaan.com

ଏତେ ଦୂର ଯାଏଁ ଶିକ୍ଷାଦାନ କରିବା ବ୍ୟବସ୍ଥା କରିଥିବା ହେତୁ ସମସ୍ତେ ତାହାର ପ୍ରଶଂସାରେ ଶତମୁଖ ହେଲେ । ଖବର କାଗଜ ମାନଙ୍କରେ ଏହି ବିଷୟରେ ଖବର ଛପିଲା । ଏହା ଜାଣିବାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତକୁ ଧନ୍ୟବାଦ ଦେବାପାଇଁ ଖୋଜିଲେ ।

ଅନେକ ଦିନପରେ ପ୍ରଶାନ୍ତ ଘରକୁ ଫେରୁଥିଲା । ସେ ଭାରି ଖୁସିଥିଲା କିନ୍ତୁ ଘରକୁ ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖାଯାଉଥିଲା । "କୋଉଠି ଥିଲ ଏତେ ବେଳଯାଏ, ଏଇଟା ଘର ନା ଆଉ କିଛି ? ତମର ଯେବେ ଇଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କା ଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ଲାଗିଲାଣି ଜଲଦି ଖାଇବାକୁ ବାଢ଼ ।"

ସ୍ମିତା ଅବାକ ହୋଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇଏ? ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉ ପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା ।

କଣ ପାଇଁ ଯେ ସ୍ମିତା ଏତେ ଜୋରରେ ତା'ଉପରେ ବିରକ୍ତ ସ୍ୱଭାବ ସବୁ ଅଜାଡ଼ି ଦେଉଛି, ତାହା ସେ ଭଲରେ ବୁଝି ପାରୁଥିଲା । ତେଣୁ ସେ ନିରବରେ ସବୁ ଶୁଣି ଯାଉଥିଲା । କୌଣସି ପ୍ରତିକ୍ରିୟା ବା ପ୍ରତିବାଦ କରିନଥିଲା । ଏହି ସମୟରେ ପିତା କହିଲେ, "ମୋ ନାତିଟା ବାପା ବାପା ବୋଲି କେତେ ହେଲା, କେତେ ଖୋଜିଲା । ତୁ ଏତେ ଦିନ ହେଲା ଆସୁନଥିଲୁ କାହିଁକି ?" ପ୍ରଶାନ୍ତ ଥିଲା ନିର୍ବିକାର । ପ୍ରଶାନ୍ତକୁ ଚାହିଁ ମା କହିଲେ, "ତୁ କିଛି କହୁନୁ କାହିଁକି ?

 Download Magazine from www.aahwaan.com

ତୋର କଣ ହୋଇଛି ?" ପ୍ରଶାନ୍ତ ନିରବରେ କହିବାକୁ ଲାଗିଲା, ତା ସହ ଘଟିଥିବା ସମସ୍ତ ଘଟଣା । ସବୁ ଶୁଣିବାପରେ ପରିବାରରେ ସମସ୍ତେ ସ୍ତବ୍ଧ ହୋଇଗଲେ । ପ୍ରଶାନ୍ତ ପାଇଁ ସ୍ମିତା ଗର୍ବିତ ଅନୁଭବ କରିଥିଲା । ସ୍ମିତା ସବୁ ଶୁଣିବାପରେ କହିଲା, "ସେଇ ପିଲାମାନଙ୍କୁ କୋଉଠି ଛାଡ଼ି ଦେଇ ଆସିଛ ? ଯାଅ ସେମାନଙ୍କୁ ଶୀଘ୍ର ନେଇ ଆସ ।"

ଖବର କାଗଜରେ ପ୍ରକାଶିତ ହୋଇଥିବା ଉଷା, ନିଶା ଓ ରବିଙ୍କ ସଫଳତାର ଖବର ବିଷୟରେ ଲୋକଙ୍କ ପାଖରୁ ଜାଣିବାପରେ ସେମାନଙ୍କର ବାପାମା' ଆଶାବାଦୀ ହୋଇ ସେମାନଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଆସି ପହଞ୍ଚିଲେ । ପ୍ରଶାନ୍ତ ଅଫିସ୍ ଯାଉଥିବା ସମୟରେ ସେମାନେ ପ୍ରଶ୍ନ କରୁଥିବାର ଦେଖିଲା, "ଆମର ଦୁଇ ଝିଅ ଓ ପୁଅଟିଏ କେଉଁଆଡ଼େ ଚାଲିଯାଇଥିଲେ । ସେମାନେ ହୁଏତ ଖବର କାଗଜରେ ଛପା ହୋଇଥିବା ପିଲା ତିନିଜଣ ହୋଇପାରନ୍ତି । ସେମାନଙ୍କୁ ଆମେ କେଉଁଠି ପାଇବୁ ?"

ପ୍ରଶାନ୍ତ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ମିଶିବା ପରେ ସେମାନଙ୍କ ବିଷୟରେ ସବୁକିଛି ଟିକିନିଖି ବୁଝିଲା । ସେ ଦୁଇଜଣ ନରେନ୍ଦ୍ର ଆଉ କାଞ୍ଚନ । ସେମାନେ ହିଁ ଉଷା, ନିଶା ଆଉ ରବିର ପିତାମାତା ଏଥିରେ ତିଳେ ହେଲେ ସନ୍ଦେହ ନଥିଲା । ନରେନ୍ଦ୍ର କହିଥିଲା, "ମୋର ପିଲାମାନେ ସାନ ସାନ ହୋଇଥିବା ସମୟରେ ଥରେ କାଞ୍ଚନର ଦେହ ପ୍ରବଳ ଖରାପ ହୋଇଗଲା । ଏବଂ ତାକୁ ଚିକିତ୍ସା କରିବାପାଇଁ ନେଇ ହସପିଟାଲରେ ରଖିବାକୁ ପଡ଼ିଲା । ଏହି ସମୟରେ ପିଲାମାନଙ୍କୁ ଘରେ ଛାଡ଼ିଦେଇ ଆମେ ପ୍ରାୟତଃ ହସପିଟାଲରେ ହିଁ ରହୁଥିଲୁ । ପିଲାମାନଙ୍କ ଭଲମନ୍ଦ ଦେଖାଶୁଣାରେ କିଛି ଅସୁବିଧା ହୋଇଗଲା କି କଣ, ଆମେ ହସପିଟାଲରୁ ଫେରିବା ବେଳକୁ ଘରେ କେହି ନଥିଲେ । ଅନେକ ଖୋଜାଖୋଜି କରିବାପରେ ମଧ୍ୟ ଆମେ ଆଉ ପାଇଲୁନାହିଁ । ଆମେ ଭାବିଥିଲୁ ଆମ ପିଲାମାନେ ଆଉ

 Download Magazine from www.aahwaan.com

ନାହାନ୍ତି । ହେଲେ କିଛିଦିନ ତଳେ ଖବରକାଗଜରେ ଉଷା, ନିଶା ଆଉ ରବି ନାଁ ଶୁଣି ଆମେ ଆଶାବାଦୀ ହୋଇ ଆସିଛୁ ।" ପ୍ରଶାନ୍ତ ସେମାନଙ୍କୁ ଅଭୟ ଦେଇ କହିଲେ ସେ ପିଲାମାନଙ୍କୁ ନିଜ ପାଖରେ ରଖିଛି ।

ପ୍ରଶାନ୍ତର ବସାରେ ପିଲାମାନେ ନିଜ ପ୍ରକୃତ ପିତାମାତାଙ୍କ ସହ ମିଳନ ହୋଇଥିଲା । ନିଜ ସନ୍ତାନମାନଙ୍କୁ ପାଇ ସେମାନେ ଧନ୍ୟ ହୋଇଥିଲେ । ପ୍ରଶାନ୍ତର ସୁକର୍ମ ପାଇଁ ସେମାନେ କୃତଜ୍ଞତା ଜ୍ଞାପନ କରିବା ସହ ଅଶେଷ ଧନ୍ୟବାଦ ଦେଇଥିଲେ । ପ୍ରଶାନ୍ତ ସେମାନଙ୍କୁ ସାଥିରେ ନେଇ ନିଜ ଘରକୁ ଯାଇଥିଲା । ସ୍ମିତା ସେମାନଙ୍କୁ ଦେଖି ବହୁତ ଖୁସି ହେଉଥିଲା । ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା, ଏମିତି ସ୍ୱାମୀ ମୋତେ ସବୁ ଜନ୍ମରେ ମିଳୁ ବୋଲି କହୁଥିଲା ।

ଦଳପଡ଼ା, ଖଜୁରୀପଡ଼ା, କନ୍ଧମାଳ

୭୬୨୦୧୨, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୮୦୨୬୮୪୮

Download Magazine from www.aahwaan.com

# ଦାୟିତ୍ୱ ଓ ପ୍ରେମ



ପ୍ରଶାନ୍ତ କୁମାର ନାଥ

ପ୍ରଶାନ୍ତ ଏକ ପ୍ରାଇଭେଟ କମ୍ପାନୀରେ ଚାକିରି କରୁଥିଲା । ସେ ଥିଲା ଅତ୍ୟନ୍ତ ଶାନ୍ତ ସ୍ୱଭାବର । କେବେ କାହାରି ମନରେ କଷ୍ଟ ଦିଏନି । ଅନ୍ୟ ମାନଙ୍କୁ ସାହାଯ୍ୟ କରିବା ପ୍ରକୃତ ମଣିଷ ପଣିଆ ବୋଲି ସିଏ ଭାବୁଥିଲା । ସେଥିପାଇଁ ସିଏ ସମସ୍ତଙ୍କ ପ୍ରିୟ ଭାଜନ ହୋଇ ପାରିଥିଲା । ଏକ ଗରିବ ଘରେ ଜନ୍ମଗ୍ରହଣ କରିଥିବା ପ୍ରଶାନ୍ତ ବହୁତ କଷ୍ଟରେ ପାଠ ପଢିଥିଲା । ବିଏ ପାସ୍ କଲାପରେ ଅଧିକ ପଢ଼ିବାକୁ ଇଚ୍ଛା ଥିଲେ ବି ଦାରିଦ୍ର୍ୟତା ତା'ର ବାଟ ଓଗାଳି ବସିଥିଲା । ଆଉ ସେ ଚାଲି ଯାଇଥିଲା ନିଜ ଗାଁ ଠୁଁ କାହିଁ କେତେ ଦୂର ବାଙ୍ଗାଲୋର ସହରକୁ ।

ସେଠାରେ ଏକ ଛୋଟ କମ୍ପାନୀରେ କିରାଣୀ ଭାବରେ ନିଯୁକ୍ତ ହୋଇଥିଲା । ଘରେ ତା'ର ଥିଲେ ବାପା, ସାନ ଭାଇ ଆଉ ରୋଗୀଣା ମାଆ । ଆଉ ସେମାନଙ୍କ ଦାୟିତ୍ୱ ବହନ କରୁଥିଲା ପ୍ରଶାନ୍ତ । ସ୍ୱଳ୍ପ ରୋଜଗାରରେ ନିଜେ ଚଳି ପରିବାରକୁ ମଧ୍ୟ ଚଳାଇ ନେଉଥିଲା ପ୍ରଶାନ୍ତ । ବିବାହ ବୟସରେ ଉପନୀତ ହୋଇ ସାରିଥିଲେ ସୁଧା ସେ କେବେବି ଚାହିଁନଥିଲା ବିବାହ କରିବାକୁ । କାହିଁକି ନା ଚାରିପ୍ରାଣୀଙ୍କ ପାଇଁ ନିଅଣ୍ଟ ସାଜୁଥିବା ରୋଜଗାରରେ ଆଉ ଜଣେ ଭାଗିଦାରୀ ହୋଇଯିବ ।

ତା'ପରେ ଆଜିକାଲି ସମୟ ଯାହା କିଏ କହିପାରିବ କେମିତି ଝିଅଟେ ମିଳିବ । ଏମାନେ ସିନା ନିଜର ଅଭାବକୁ ହୃଦୟଙ୍ଗମ କରି ଯେନତେନ ପ୍ରକାର ଚଳି ଯାଉଛନ୍ତି । ହେଲେ ଯଦି ଘରକୁ ବୋହୁ ସାଜି ଆସିଥିବା ଝିଅଟି ଆଡ୍‌ଜଷ୍ଟ ନକରି ପାରିଲା । କାହିଁକିନା

Download Magazine from www.aahwaan.com

ସବୁ ଝିଅ ମାନଙ୍କର ମଧ୍ୟ କିଛି ସ୍ୱପ୍ନ ଥାଏ । ଆଉ ପ୍ରାୟ ସମସ୍ତେ ଏକ ସୁଖୀ ପରିବାରର ସ୍ୱପ୍ନ ଦେଖି ଥାଆନ୍ତି । କିନ୍ତୁ କେତେଜଣ ବୁଝନ୍ତି ଯେ ପ୍ରକୃତରେ ହସଖୁସି ଆଉ ସୁଖୀ ପରିବାର ଟଙ୍କା ପଇସାରେ ନଥାଏ, ଥାଏ ସ୍ନେହ ପ୍ରେମ ଆଉ ଭଲ ପାଇବାରେ । ଆଜିକାଲି କେତେଜଣ ବୁଝୁଛନ୍ତି ଶାଶୂ ଶଶୁର ଆଉ ସ୍ୱାମୀଙ୍କ ସେବା ହିଁ ପରମ ଧର୍ମ ।

କିନ୍ତୁ ଜୀବନର ଏକ ମୁଖ୍ୟ ଆଉ ମହତ୍ୱପୂର୍ଣ୍ଣ ଅଧ୍ୟାୟ ହେଉଛି ବିବାହ । ବିବାହ ବିନା ଜୀବନଟା ଯେମିତି ଅସମ୍ପୂର୍ଣ୍ଣ ଲାଗେ । ସେମିତି ପ୍ରଶାନ୍ତର ମଧ୍ୟ ସ୍ତ୍ରୀ ଛୁଆ ପିଲାକୁ ନେଇ ଏକ ସୁନେଲି ସ୍ୱପ୍ନ ଥିଲା । କିନ୍ତୁ ସେ ନିଜେବି ଜାଣିନଥିଲା ପ୍ରକୃତରେ ତାର ସେହି ସ୍ୱପ୍ନ ବାସ୍ତବର ରୂପ ନେବ କି ନାହିଁ । ପ୍ରଶାନ୍ତର ବାପାମା' ତେଣେ ଭାବୁଥାନ୍ତି । ତା'ର ବିବାହ କରାଇଦେଲେ ସେମାନେ ଟିକେ ଶାନ୍ତିରେ ନିଶ୍ୱାସ ମାରିବେ । ବହୁତ ଖୋଜା ଖୋଜି ପରେ ତା'ର ବାହାଘର ହୋଇଗଲା । ବାହାଘରର କିଛିଟା ଦିନ ପରେ ହିଁ ସ୍ତ୍ରୀ ଜିଦ ଧରିଥିଲା ସ୍ୱାମୀ ସହ ଯାଇ ବାହାରେ ରହିବ । କିନ୍ତୁ ସ୍ୱଳ୍ପ ଦରମାରେ ସେଠାରେ ଘରଭଡ଼ା ନେଇ ରହିବା କେତେ ଯେ କଷ୍ଟ ତାହା ଜଣେ ଅଙ୍ଗେ ନ ନିଭେଇଲେ ବୁଝେଇବା ସହଜ ନୁହେଁ । କିନ୍ତୁ ସ୍ତ୍ରୀର ଜିଦ ଆଉ ବାପମାଆଙ୍କ ବାଧ୍ୟବାଧକତାରେ ପ୍ରଶାନ୍ତ ନିଜର ସ୍ତ୍ରୀକୁ ତା ପାଖକୁ ନେଇ ଯାଇଥିଲା । ଆଉ ମାସିକ ପାଞ୍ଚ ହଜାର ହିସାବରେ ଗୋଟେ ଏକ ବଖରା ବିଶିଷ୍ଟ ଘର ଭଡାରେ ନେଇଥିଲା । ପ୍ରଥମେ ପ୍ରଥମେ ତ ସବୁ ଠିକ୍ ଠାକ ଚାଲିଥିଲା କିନ୍ତୁ ଧୀରେ ଧୀରେ ଖର୍ଚ୍ଚ ବଢ଼ିଲା । ଯେତେ ରୋଜଗାର କରିଲେ ବି ନିଅଣ୍ଟ ହେଲା । କିନ୍ତୁ ସ୍ତ୍ରୀ ନିଜର ଖର୍ଚ୍ଚରୁ କିଛି ଆଡ଼ଜଷ୍ଟ କରିବାକୁ ନାରାଜ ଥିଲା । ସେପଟେ ଘରେ ରୋଗୀଣା ମା', ବାପା ଆଉ ଭାଇର ପଢିବା ପାଇଁ ମଧ୍ୟ ଟଙ୍କାର ଆବଶ୍ୟକ । ଯେହେତୁ ସେ ଘରର ବଡ଼ପୁଅ ଘରର ଦାୟିତ୍ୱ ନେବା ତାର କର୍ତ୍ତବ୍ୟ ଆଉ ଏପଟେ ସ୍ତ୍ରୀକୁ ଖୁସିରେ ରଖିବା ମଧ୍ୟ ଜଣେ ସ୍ୱାମୀର କର୍ତ୍ତବ୍ୟ । କିନ୍ତୁ ଏହି ଦୁଇ କର୍ତ୍ତବ୍ୟକୁ ପାଳନ କରିବାକୁ ଯାଇ ଯେମିତି ସିଏ ପେଷି ହୋଇ ଯାଉଥିଲା ।

Download Magazine from www.aahwaan.com

ସେଦିନ ଅଫିସରୁ ଫେରୁ ଫେରୁ ତାର ନଜରରେ ପଡ଼ିଲା ଏକ ଇଲେକ୍ଟ୍ରିକ ପୋଲରେ ଲଗାଯାଇଥିବା ପାର୍ଟଟାଇମ ଜବ ବିଷୟରେ । ସେଠାରୁ ଠିକଣା ସଂଗହ କରି ସେଦିନ ସିଏ ପହଞ୍ଚିଥିଲା ଦିଆଯାଇଥିବା ଅଫିସର ଠିକଣାରେ । ସତେ ଯେମିତି ଦାୟିତ୍ୱ ଓ ପ୍ରେମର ଦୋଛକିରେ ଠିଆ ହୋଇଥିବା ଲୋକଟିକୁ ଏକ ସୁରକ୍ଷିତ ଆଉ ସହଜ ରାସ୍ତାଟେ ମିଳିଗଲା । ସେଠାରେ ତାକୁ ଅପେକ୍ଷା କରିବାକୁ କୁହାଗଲା । ଭାବିଲା ସ୍ତ୍ରୀକୁ ଫୋନ କରି କହିଦେବ ଆଜି ଅଫିସରୁ ଫେରିବା ଟିକେ ଲେଟ ହେବ । ପୁଣି ଭାବିଲା ସ୍ତ୍ରୀ କଣ ଏକଥା ଶୁଣି ବିଶ୍ୱାସ କରିବ ଓଲଟି ଚିଡି ଉଠିବ ଆଉ ଯେତେ ଜଲଦି ଆସିବାକୁ ହୁକୁମ କରିବ । ତାପରେ ପାର୍ଟ ଟାଇମ ଚାକିରି କଲେ ସବୁଦିନ ତ ଘରକୁ ଲେଟରେ ଫେରିବାକୁ ପଡିବ । ଧୀରେ ଧୀରେ ସବୁ ଠିକ୍ ହୋଇଯିବ ।

ବେଳେ ବେଳେ ସ୍ତ୍ରୀର ଜିଦଖୋର କଥା ଗୁଡିକ ବହୁତ କଷ୍ଟ ଦିଏ କିନ୍ତୁ ସବୁକିଛି ସହି ରହିବାକୁ ହୁଏ । ପାଟି ଖୋଲିଲେ ଘରେ ସୃଷ୍ଟି ହୁଏ ମହାପ୍ରଳୟ । ଝିମିଟି ଖେଳରୁ ମହାଭାରତ ସୃଷ୍ଟି ହେଲାପରି ଟିକିଏ କଥାକୁ ନେଇ କଥା କାହିଁ କେଉଁଠି ପହଞ୍ଚିଯାଏ । ପ୍ରଶାନ୍ତ ସିନା ଏ ସବୁକୁ ବୁଝି ଚୁପଚାପ ସବୁ ସହି ଯାଉଛି କିନ୍ତୁ ଛାତି ତଳେ ତାର ଅସହ୍ୟ ଯନ୍ତ୍ରଣା । ଠିକ୍ ଅଜାଗା ଘା ପରି ନା ନିଜେ ଦେଖି ହେଉଛି ନା କାହାକୁ ଦେଖେଇ ହେଉଛି ।

ମନେ ମନେ ଭାବିଲା ଡ୍ୟୁଟି ସରିଗଲା ପରେ ଦୁଇ ଘଣ୍ଟା କିଛି ପାର୍ଟ ଟାଇମ କାମ କରିବ । କିଛି ପଇସା ହାତକୁ ଆସିଯିବ ଆଉ ଆଡ଼ଜଷ୍ଟ ହେଇଯିବ । ସେଦିନ ସେହି ଅଫିସରେ ସାକ୍ଷାତ କରି ଫେରୁ ଫେରୁ ଡେରି ହୋଇଗଲା । ଆଉ ତର ତର ହୋଇ ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖା ଯାଉଥିଲା । "କୋଉଠି ଥିଲ ଏତେ ବେଳ ଯାଏଁ ? ଏଇଟା ଘର ନ ଆଉ କିଛି ? ତମର ଯେତେବେଳେ ଇଚ୍ଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତୁମର କିଛି ଦାୟିତ୍ୱ ଅଛି

 Download Magazine from www.aahwaan.com

ବୋଲି ଜାଣିଛ ନା ନାହିଁ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କା ଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ଲାଗିଲାଣି, ଜଲଦି ଖାଇବାକୁ ବାଢ଼ ।"

ସ୍ମିତା ଅବାକ ହୋଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇଏ ? ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉ ପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା । ନିଜ ଲୁହରୁ କଂସାଏ ପିଇ ଆଉ ନିଜ କଷ୍ଟ ଓ ଯନ୍ତ୍ରଣାରୁ ପେଟେ ଖାଇ ଶୋଇ ପଡ଼ିଲା ପ୍ରଶାନ୍ତ ।

ସକାଳୁ ଉଠିଲା ବେଳକୁ ମନରେ ତା'ର ରାଗ ରୁଷା ମାନ ଅଭିମାନ କିଛି ବି ନଥିଲା । କାଲି ରାତିରେ ସ୍ମିତା କିଛି ଖାଇନଥିବ ଭାବି ନିଜ ହାତରେ ଚା ଆଉ ଜଳଖିଆ ତିଆରି କରି ପହଞ୍ଚିଗଲା ସ୍ମିତା ପାଖରେ । ସ୍ମିତା ଅବାକ ହୋଇଗଲା ଆଉ ଭାବୁଥିଲା ସତରେ ଏ ମଣିଷ ଜଣଙ୍କ କେଉଁ ଉପଦାନରେ ଗଢା । ଏତେ କଥା ହେଲା ପରେ ବି ଅଭିମାନ ଟିକେ ବି ତାଙ୍କ ପାଖ ମାଡି ପାରିନି । ପ୍ରଶାନ୍ତ  ସ୍ମିତାକୁ ବୁଝେଇବାକୁ ଚେଷ୍ଟା କରୁଥିଲା, କହୁଥିଲା କାଲି ରାତିରେ ଡେରିରେ ଫେରିବା ଥିଲା ମୋର ଦାୟିତ୍ୱର କଥା । ଆଉ ଆଜି ସକାଳୁ ଉଠି ତୁମ ପାଇଁ ଜଳଖିଆ ତିଆରି କରିବା ଥିଲା ମୋର ପ୍ରେମ । ଆଉ ତୁମେ ସାମାନ୍ୟ ଟିକିଏ ସହଯୋଗର ହାତ ବଢ଼େଇଲେ ମୁଁ ମୋର ଦାୟିତ୍ୱ ଓ ପ୍ରେମକୁ ଅତି ସହଜରେ ବଲାନ୍ସ କରି ଚାଲି ପାରିବି । ସ୍ମିତା ଲୋଟି ପଡିଥିଲା ପ୍ରଶାନ୍ତର ଛାତିରେ । ଆଉ ପ୍ରଶାନ୍ତର ହାତ ବୁଲୁଥିଲା ସ୍ମିତାର ପିଠିରେ ।

ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର ।

ମୋ- ୮୩୧୦୩୨୮୩୪୫

 Download Magazine from www.aahwaan.com

# କର୍ତ୍ତବ୍ୟ



ଡ: ସଂଘମିତ୍ରା ମହାପାତ୍ର

ସକାଳୁ ସକାଳୁ ପ୍ରଶାନ୍ତ ନିଜର ନିତ୍ୟକର୍ମ ସାରି ନିଜକୁ ପ୍ରସ୍ତୁତ କରୁଥିଲେ । ଝିଅର ବହି ସଜାଡ଼ି ଦେଇ ସ୍ମିତା ସ୍କୁଲ୍ ଟିଫିନ୍ ପ୍ୟାକ୍ କରିବାରେ ବ୍ୟସ୍ତ ଥିଲେ । ଝିଅ ଗୁଞ୍ଜନ୍ ଡ୍ରେସ୍ ପିନ୍ଧି ପୁରା ପ୍ରସ୍ତୁତ । ପ୍ରଶାନ୍ତ ଝିଅ ଗୁଞ୍ଜନକୁ ସ୍କୁଲ ପାଖରେ ଛାଡ଼ିଦେଇ ଚାଲିଗଲେ । ଗୁଞ୍ଜନ ସ୍କୁଲ ହତା ଭିତରକୁ ପ୍ରବେଶ କଲା । ପ୍ରଶାନ୍ତ ଯାଉଥିବା ରାସ୍ତାରେ ଗାଁର ପୁରୁଣା ବନ୍ଧୁଙ୍କ ସହ ହଠାତ୍ ଦେଖା ହୋଇଗଲା । ଗାଡ଼ି ଅଟକାଇ ଉଭୟ କଥା ହେଲେ, ଚା' ପିଇ କଥା ହେବାକୁ ନିକଟରେ ଥିବା ଦୋକାନକୁ ଗଲେ । ସେଠାରୁ ଆକାଶକୁ ଇଣ୍ଟରଭ୍ୟୁ ସେଣ୍ଟରରେ ପହଞ୍ଚାଇ ଦେଇ ଦେଖିବା ବେଳକୁ ଘଣ୍ଟାରେ ସାଢ଼େ ନ'ଟା ବାଜି ଗଲାଣି । ତେଣୁ ଅଫିସ୍‌ର କାର୍ଯ୍ୟ ବ୍ୟସ୍ତତାକୁ ଆଖି ଆଗରେ ରଖି ପ୍ରଶାନ୍ତ ଘରକୁ ନ ଯାଇ ସିଧା ସିଧା ଅଫିସ ଚାଲିଗଲେ । ସମୟ ଗଡ଼ି ସାରିଥିଲା କିନ୍ତୁ ସ୍ମିତାଙ୍କ ଅପେକ୍ଷାର ଅନ୍ତ ନଥିଲା । ସେ ଚାହିଁ ବସିଥିଲେ ପ୍ରଶାନ୍ତଙ୍କର ଫେରିବା ରାସ୍ତାକୁ କାରଣ ପ୍ରଶାନ୍ତ କିଛି ଖାଇନଥିଲେ କି ଗଲାବେଳେ ଟିଫିନ୍ ବି ନେଇନଥିଲେ । ବାଧ୍ୟ ହୋଇ ସ୍ମିତା ଫୋନ କଲେ, ମାତ୍ର ଫୋନ ଅପହଞ୍ଚ ଦୂରତାରେ ଥିବା କଥା କେବଳ ଶୁଣି ପାରିଲେ । ବାରମ୍ବାର ଫୋନ୍ କଲେ ମଧ୍ୟ କୌଣସି ପ୍ରକାର ଯୋଗାଯୋଗ ହୋଇ ପାରିନଥିଲା । ସେ ସେମିତି ଅପେକ୍ଷା କରି ରହିଲେ, ରାଗ ଆଉ ବିରକ୍ତିମିଶା ଭାବରେ ।

ବହୁ ସମୟପରେ କୌଣସି ପ୍ରକାରେ ପୁନଶ୍ଚ ଫୋନ ଲଗାଇବା ପାଇଁ ଚେଷ୍ଟା କରିବାରୁ ଫୋନଟି ରିଙ୍ଗ୍ ହେଲା । ଶେଷରେ ଫୋନ ରିଙ୍ଗ୍ ହୋଇ କଟିଗଲା । କିନ୍ତୁ କୌଣସି ଉତ୍ତର

Download Magazine from www.aahwaan.com

ଆସିଲା ନାହିଁ । ଏ ଭିତରେ ଗୁଞ୍ଜନର ସ୍କୁଲରୁ ଫେରିବାର ସମୟ ହୋଇ ସାରିଥାଏ । ତେଣୁ ଆଉ ବିଳମ୍ବ ନ କରି ସିଧା ଚାଲିଗଲେ ସ୍କୁଲକୁ ସେଠାରୁ ଝିଅକୁ ସାଙ୍ଗରେ ଆଣି ଘରେ ପହଞ୍ଚିଲେ । ତାକୁ ଖାଇବାକୁ ଦେଇ ଶୋଇବାପାଇଁ ପ୍ରସ୍ତୁତ କରାଇ ନିଜେ ଶୋଇବା ଘରକୁ ନେଇଗଲେ । ଝିଅକୁ ଶୁଆଇ ନିଜେ ମଧ୍ୟ ଶୋଇପଡ଼ିଲେ । ଘରେ ଏଇ ଦୁଇପ୍ରାଣୀକୁ ଛାଡ଼ି ଦେଲେ ଆଉ କେହି ନାହାନ୍ତି । ଗତ ଦଶବର୍ଷ ହେଲା ଗାଁ ଛାଡ଼ି ଆସିଛନ୍ତି ସେମାନେ । ପ୍ରଶାନ୍ତ ସହରରେ ଏକ କମ୍ପାନୀରେ ଚାକିରୀ କରେ । ଝିଅକୁ ଏବେ ମାତ୍ର ସାତବର୍ଷ, ସେ ଦ୍ୱିତୀୟ ଶ୍ରେଣୀରେ ପଢ଼େ ।

ପ୍ରଶାନ୍ତଙ୍କର ସବୁ ଅଫିସ କାମ ସରିବାରୁ ଫୋନ ଦେଖିଲେ । ସ୍ମିତାର ମିସ୍ଡ଼ କଲ୍ ଅଛି । ସେତେବେଳକୁ ଘଣ୍ଟାରେ ପାଞ୍ଚଟା ବାଜି ସାରିଥାଏ । ଫୋନ ସ୍ମିତାକୁ ଲଗାଇବା ବେଳେ ଆକାଶର ଫୋନ ଆସିଲା । ତେଣୁ ଆକାଶର ଫୋନ୍ ରିସିଭ୍ କରି ପ୍ରଶାନ୍ତ କଥା ହେଲା ।

- ହଁ ଆକାଶ, କହ ଇଣ୍ଟରଭ୍ୟୁ କେମିତି ହେଲା ?

- ହଁ ଭଲ ହେଲା । କିନ୍ତୁ ମୁଁ ଏବେ ଘରକୁ ଯିବାକଥା । ହେଲେ ବସ ଷ୍ଟାଣ୍ଡରେ ବିଳମ୍ବରେ ପହଞ୍ଚିବାରୁ ଆଉ ବସ୍ ପାଇଲି ନାହିଁ ।

- ଓଃ, ହଉ ତୁ ବ୍ୟସ୍ତ ହୁଅନା । ମୁଁ ବସଷ୍ଟାଣ୍ଡରେ ପହଞ୍ଚୁଛି ।

ଆକାଶ ବସଷ୍ଟାଣ୍ଡରେ ପ୍ରଶାନ୍ତକୁ ଅପେକ୍ଷା କଲା । ଅଧଘଣ୍ଟା ପରେ ପ୍ରଶାନ୍ତ ସେଠି ପହଞ୍ଚିଲା । ଦୁହେଁ କଥାବାର୍ତ୍ତା ହେଲେ । ସୂଚନା କେନ୍ଦ୍ରରେ ଯାଇ ପଚାରି ବୁଝିଲେ, ହେଲେ ଗାଁକୁ ଯିବାପାଇଁ ଆଉ କୌଣସି ବସ ନଥିଲା । ପ୍ରଶାନ୍ତ କହିଲେ,

- ଶୁଣ୍, ତୁ ଗାଡ଼ିରେ ବସ । ମୁଁ ତତେ ନେଇ ଗାଁରେ ଛାଡ଼ିଦେଇ ଆସିବି ।

 Download Magazine from www.aahwaan.com

- ଆରେ ନା ନା । ତୁ ଏକା ଏକା ଫେରିବୁ ନା କଣ ?

- କିଛି ଅସୁବିଧା ନାହିଁ । ମୁଁ ଚାଲି ଆସିବି...

- ନା ନା । ଫେରିଲା ବେଳକୁ ବହୁତ ବିଳମ୍ବ ହୋଇଯାଇଥିବ । ପୁଣି ଶୀତ ଦିନଟା, ଥଣ୍ଡା ବି ହେବ... ତୋ ପାଖରେ କିଛି...

- ମୋର କିଛି ଅସୁବିଧା ନାହିଁ ଏମିତିରେ ମୋତେ ବହୁତ ଗରମ ଲାଗେ । ଚାଲ ବସ ଗାଡ଼ିରେ...

- ନା' ଥାଉ ତେଣେ ଭାଉଜ ଚିନ୍ତା କରୁଥିବେ, ବ୍ୟସ୍ତ ହେବେ ।

- ଠିକ୍ ଅଛି ତା ହେଲେ ତୁ ଆଜି ଆମ ଘରେ ରହିଯା ।

- ନା ନା, ବାପାବୋଉ ତେଣେ ଅପେକ୍ଷା କରିଥିବେ... ରହି ହେବନି । ମୁଣ୍ଡ ଉପରେ ଭଉଣୀର ବାହାଘର । ସବୁକାମ କରିବାକୁ ହେବ । ବାହାଘର ଆଉ ଦୁଇ ଦିନପରେ । ମୋତେ ଘରକୁ ଯିବାକୁ ହେବ ହିଁ ହେବ । ଆଉ କେବେ ଆସିଲେ ରହିବି ।

- ହଉ ତା ହେଲେ ମୁଁ ଗାଁରେ ଛାଡ଼ିଦେଇ ଆସିବି । ଯାହା କିଛି ଦରକାର ପଡ଼ିବ ମୋତେ କହିବୁ ବିନା ସଙ୍କୋଚରେ । ଆରେ ସାଙ୍ଗ ଅସୁବିଧାରେ ନ ଆସିଲେ ସେ କି ସାଙ୍ଗ ? ସେ କି ସମ୍ପର୍କ ପୁଣି !

ଆକାଶ ପ୍ରଶାନ୍ତର ଗାଡ଼ିରେ ବସିଲା । ଦୁହେଁ ସରପଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଅଢେଇ ଘଣ୍ଟା ଗାଡ଼ି ଚାଲିବା ପରେ ଆକାଶର ଦାଣ୍ଡ ଆଗରେ ଗାଡ଼ି ଲାଗିଲା । ଆକାଶ ପ୍ରଶାନ୍ତକୁ ଘର ଭିତରକୁ ଡାକୁଥିଲା ହେଲେ ପ୍ରଶାନ୍ତ କହିଲା, "ନା ଆଜି ମୁଁ ଯାଉଛି । ଆଉ କେବେ ଆସିବି । ତେଣେ ସ୍ମିତା ଅପେକ୍ଷା କରିଥିବ ।" ଏତିକି ବେଳକୁ ଆକାଶର ବାପାମା' ଆସି ପହଞ୍ଚିଲେ ଆଉ କଥା ହେଉ ହେଉ କହିଲେ ଆଜି ପ୍ରଶାନ୍ତ ଆସିଛି ଅନେକ

 Download Magazine from www.aahwaan.com

ଦିନପରେ ସମସ୍ତେ ଏକାଠି ରାତ୍ରୀ ଭୋଜନ କରିବା ।

ଆକାଶର ବାପା ଭଲମନ୍ଦ ବୁଝୁ ବୁଝୁ ପଚାରୁଥିଲେ,

- ଆଉ ବାପ, ତୁମେ ଏବେ କଣ କରୁଛ ?

- ମଉସା ଗୋଟେ ପ୍ରାଇଭେଟ୍ କମ୍ପାନୀରେ ଚାକିରୀ କରୁଛି ।

- ହଉ ଭଲ ହେଲା । ଏଇ ଆକାଶଟା କେଉଁଠି ଗୋଟେ ଲାଗିଗଲେ ମୋର ଚିନ୍ତା ଯାଆନ୍ତା । ଯାଇଥିଲା ତ ଇଣ୍ଟରଭ୍ୟୁ ଦେବାପାଇଁ, କେଜାଣି କଣ କରିଥିବ । ପ୍ରାର୍ଥନା କରୁଛି କେମିତି ଭଲରେ ଭଲରେ ହେଇଯାଉ ।

ସେମାନେ କଥା ହେଉଥିବା ବେଳେ ଆକାଶର ମା ଚା' ଆଉ ଚୁଡ଼ାଭଜା ଧରି ଆସିଲେ । ପ୍ରଶାନ୍ତକୁ ସେ ସବୁ ଦେଇ ପଚାରିଲେ,

- ଆଉ ବାପ, ଘରେ ସବୁ ଭଲ ତ ?

- ହଁ ମାଉସୀ, ସେମିତି ସୁଖେଦୁଃଖେ ଚାଲିଛି ।

- ହଁ, ବାପ । ସେଇତିକି ଦରକାର । ଆମର ଏ ଆକାଶଟା କୂଳକୁ ଲାଗିଗଲେ ତା ହାତକୁ ଦି ହାତ କରି ଦିଅନ୍ତୁ । ଆମେ ଆଉ କେତେଦିନ ବଞ୍ଚିବୁ ? ତା ହାତରେ ସବୁ ଦାୟିତ୍ୱ ଦେଇ...

- ନା ମାଉସୀ, ସେମିତି କାହିଁକି କହୁଛନ୍ତି ? ଆପଣ ଦେଖିବେ ସବୁ ଭଲ ହେବ ।

ଏ ଭିତରେ ଚା' ଚୁଡ଼ା ଖାଇବା ପର୍ବ ସରିଥିଲା । ପ୍ରଶାନ୍ତକୁ ବାହାଘର ପାଇଁ ନିମନ୍ତ୍ରଣ କଲା ଆକାଶ । ଭାଉଜ ଆଉ ଝିଅକୁ ସାଥିରେ ନେଇ ଆସିବା ପାଇଁ ଅନୁରୋଧ କରିଲା ।

ବହୁତ ବିଳମ୍ବ ହେଲାଣି କହି ପ୍ରଶାନ୍ତ ସେଠୁ ବାହାରିଲା । ତୀବ୍ର ବେଗରେ ଆସି ଘରେ ପହଞ୍ଚିଲା ବେଳକୁ ଦଶଟା ବାଜିଲାଣି । ପ୍ରଶାନ୍ତ ଗାଡ଼ି ରଖି ଘର ଭିତରକୁ ପଶି ଆସୁଥିବା

 Download Magazine from www.aahwaan.com

ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ତା'ର ଲାଲ ଦେଖା ଯାଉଥିଲା । "କେଉଁଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନା ଆଉ କିଛି ? ତମର ଯେବେ ଇଚ୍ଛା ହେବ ଆସିବ ଆଉ ଯିବ ? ଆଉ କାହାପ୍ରତି ତୁମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କା ଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ଲାଗିଲାଣି, ଜଲଦି ଖାଇବାକୁ ବାଢ଼ ।"

ସ୍ମିତା ଅବାକ୍ ହୋଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇଏ । ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ୍ ପଡୁନି ? ନା ଆଜି ଯାହା ବି ହେଉ ପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା ।

ପ୍ରଶାନ୍ତ ଧୁଆଧୋଇ ହୋଇ ଆସି ବସିଲେ ଡାଇନିଂ ଟେବୁଲ୍ ଉପରେ, ସ୍ମିତା ସେମିତି ରାଗରେ ଠିଆ ହୋଇ ରହିଥିଲେ । ଆଉ କିଛି ନ କହି ସ୍ମିତା ଖାଇବା ଆଣି ଥୋଇଲା ଟେବୁଲ୍ ଉପରେ । ପ୍ରଶାନ୍ତ ଖାଇସାରି ଉଠିଲେ । ଝିଅକୁ ଖୋଜି ଦେଖିଲେ ଝିଅ ଶୋଇଛି । ତା' ମୁଣ୍ଡରେ ହାତ ବୁଲାଇ ଟିଭି ଅନ୍ କଲେ । ଟେବୁଲ୍ ଉପରୁ ବାସନ ଉଠାଉଥିଲା ସ୍ମିତା ଆଖିରେ ଦୁଇ ଧାର ଲୁହ ଆସି ଯାଇଥିଲା ।


ଆସିକା ବିଜ୍ଞାନ ମହାବିଦ୍ୟାଳୟ, ଆସିକା

ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୯୦୨୫୧୨୮୫

Download Magazine from www.aahwaan.com

# ସିପୁ



ଅରବିନ୍ଦ ଆଚାର୍ଯ୍ୟ

ବାହାଘର ଦୁଇବର୍ଷ ପୁରି ତିନି ଚାଲୁଛି । ଏ ପର୍ଯ୍ୟନ୍ତ ସ୍ମିତାର କୋଳ ଶୂନ୍ୟ । କେତେ ଠାକୁରଙ୍କୁ ମାନସିକ କରି କରି ଥକିଲାଣି । ସବୁ ଥର ତା' ଆଶା ମଉଳି ଯାଉଛି । ପ୍ରତିଥର ନିଜ ମନକୁ ବୁଝେଇ ଦେଇ ରହିଯାଉଛି । ଭାବୁଛି, ଏମିତି ଅନେକ ଦମ୍ପତ୍ତି ଅଛନ୍ତି ଯେଉଁମାନେ ବାହାଘରର ତିନି ଚାରିବର୍ଷ ପରେ ମଧ୍ୟ ପିଲାପିଲି ପାଇଁ ବ୍ୟସ୍ତ ହେଉନାହାନ୍ତି । କହୁଛନ୍ତି କଣ ନା, ଲାଇଫକୁ ଏଞ୍ଜୟ୍ ଏବେ କରିବା ନା, ପିଲାପିଲି ହୋଇଗଲେ ଆଉ ଏଞ୍ଜୟ୍ କରିହୁଏ ? କିନ୍ତୁ ସେ କଥା ଗୁଡ଼ା ସ୍ମିତାକୁ ଭଲ ଲାଗେନି । ସେ ଭାବେ ଯାହାହେଲେ ବି ଘରକୁ ସୁନ୍ଦର ପିଲାଟିଏ । ପିଲାପିଲି ନଥିଲେ ଘରଟା ଖାଁ ଖାଁ ଲାଗେ । ଯେତେ ଯାହା ହେଲେ ବି ନାରୀର ପୂର୍ଣ୍ଣତା ମାତୃତ୍ୱରେ । ତା' ସାଙ୍ଗରେ ଯେତେ ଜଣ ବାହା ହେଇଥିଲେ ସମସ୍ତେ ପିଲାପିଲି ଧରି ବୁଲିଲେଣି । ବାଟରେ ଘାଟରେ ଦେଖାହେଲେ ସବୁବେଳେ ପଚାରୁଛନ୍ତି, "କଣ ସ୍ମିତା ଫ୍ୟାମିଲି ପ୍ଲାନିଂଗ କରୁଛୁ କି ? କିଛି ନୂଆ ଖବର ଦେଉନୁ ଯେ ? କେଉଁ ଦିନ ନୂଆ ଖବର ଦେଇ ଖୁସି କରେଇବୁ ?"

ସ୍ମିତା ଖାଲି ହସିଦିଏ । କଣ ବା କାହାକୁ କହିବ ? ଅଜାଗା ଘା କାହାକୁ ଦେଖେଇ ହୁଏନି କି ନିଜେ ଦେଖି ହୁଏନି । ସିଏ ଆଉ ତା' ସ୍ୱାମୀ ପ୍ରଶାନ୍ତ  ବାହାଘରର ମାସେ ପରେ ଏଇ ସହରକୁ ଆସି ଭଡ଼ା ଘରେ ରୁହନ୍ତି । ପ୍ରଶାନ୍ତ ଗୋଟେ ପ୍ରାଇଭେଟ କମ୍ପାନୀରେ ଚାକିରି କରେ । ପ୍ରଶାନ୍ତର ନିଜ ଘର ଅନୁଗୁଳରେ । କିନ୍ତୁ  ଏବେ ନିଜର ବୋଇଲେ କେହିନାହାନ୍ତି । ପିଲାଟି ଦିନରୁ ବାପ ଛେଉଣ୍ଡ, ତା ମା' ହିଁ ତାକୁ ପାଳିପୋଷି ବଡ଼ କରିଥିଲେ । କିନ୍ତୁ ତା' ମା'

 Download Magazine from www.aahwaan.com

ପ୍ରଶାନ୍ତର ବାହାଘରର ପନ୍ଦର ଦିନ ଯାଇଛି କି ନାହିଁ ହାର୍ଟ ଆଟାକରେ ସେପାରିକୁ ଚାଲିଗଲେ । ପ୍ରଶାନ୍ତର ମାମୁଁ ଘରଆଡୁ କିମ୍ବା ତା'ର ନିଜ ବାପାଙ୍କ ଆଡୁ ସେମିତି କେହି ନିକଟ ସମ୍ପର୍କୀୟ କେହି ନାହାନ୍ତି ।

ଯିଏ ବି ଅଛନ୍ତି ସମସ୍ତେ ଦିନେ ଅଧେ ପାଇଁ । ଖାଲି ଦାୟିତ୍ୱ ଅଛି ବୋଲି କେବେ କେବେ ଫୋନରେ ପଚାରି ଦିଅନ୍ତି କେମିତି ଅଛୁ ବୋଲି....... ସେତିକି । ସ୍ମିତାର ଆଉ ପ୍ରଶାନ୍ତର ଆରେଞ୍ଜ୍ଡ଼ ମ୍ୟାରେଜ । ପ୍ରଶାନ୍ତର ମା' ହିଁ ସ୍ମିତାକୁ ଦେଖି ପସନ୍ଦ କରିଥିଲେ ।

ସ୍ମିତା ବି ପିଲା ଦିନରୁ ମଉସା ମାଉସୀଙ୍କ ପାଖରେ ରହି ବଢ଼ି ଆସିଛି । ସିଏ ମଧ୍ୟ ଅଭାଗିନୀ । ଛୋଟ ବେଳୁ ବାପାମା'ଙ୍କୁ ହରେଇଛି । ତା' ବାପା ମା'ଙ୍କ କଥା ତା'ର ଝାପସା ଝାପସା ମନେ ପଡ଼େ । ସିଏ ସେତେବେଳେ ବୋଧହୁଏ ନର୍ସରୀ କିମ୍ବା ୟୁକେଜି ପଢୁଥିଲା । ଦିନେ ସ୍କୁଲରୁ ଫେରି ଘରେ ପହଞ୍ଚିଲା ବେଳକୁ ଦେଖିଲା ତାଙ୍କ ଘରସାରା ଲୋକ ଭର୍ତ୍ତି । କଣ ହେଇଛି ବୋଲି ଲୋକଙ୍କୁ ଆଡ଼େଇ ପଶିଗଲା ବେଳକୁ ଦେଖିଲା ତା ବାପା ଆଉ ମାଙ୍କୁ ଦାଣ୍ଡ ଘରେ ଧଳା ଚାଦର ଘୋଡ଼େଇ ଶୁଆଇ ଦିଆ ଯାଇଛି । ସିଏ ତ ଛୋଟ, କିଛି ବୁଝି ପାରୁ ନଥାଏ । ଖାଲି ବିକଳରେ ଡାକୁଥିଲା,

"ଏ ମା ! ଉଠ୍ ....... ବାପା ଉଠ !" କିନ୍ତୁ କେହି ଉଠିନଥିଲେ । ପରେ ତା ମଉସା ମାଉସୀଙ୍କଠୁ ଶୁଣିଲା ତା ବାପା ଆଉ ମା' ଗାଡ଼ି ଚଲେଇ ଗଲା ବେଳେ ପଛରୁ ବଡ଼ ଟ୍ରକ ଆସି ପିଟି ଦେଇଥିଲା । ଦୁହେଁ ସେଇଠାରେ ହିଁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସେବେଠାରୁ ବାହାଘର ହେଲା ଯାଏଁ ସିଏ ମଉସାଙ୍କ ଘରେ ବଢ଼ିଛି । କିନ୍ତୁ ବାହାଘର ପରେ ପରେ ପ୍ରଶାନ୍ତ ହିଁ ସ୍ମିତାର ଦୁନିଆଁ ।

ପ୍ରଶାନ୍ତ ବହୁତ ଭଲ । ମଦ ନିଶା, ବିଡ଼ି ସିଗାରେଟ, ଗୁଟୁଖା, ଏମିତିକି ଚା ବି

ପିଏନାହିଁ ସିନା, ଗୋଟେ ବଦ୍‌ଗୁଣ ତା'ର ଥିଲା, ସେଇଟା ହେଲା ସାଙ୍ଗ ଦେଖିଲେ ସବୁକଥା ଭୁଲିଯାଏ । ଘରେ ସ୍ମିତାକୁ କହି ଆସିଥିବା କଥା ମଧ୍ୟ ଭୁଲି ଅନ୍ୟ କାମରେ ମାତିଯାଏ । କମ୍ପାନୀ କାମରେ ବିଭିନ୍ନ ଜାଗାକୁ ଯିବାକୁ ପଡ଼େ । ବହୁତ ସମୟରେ କଥା ଦେଇ କଥା ରଖିପାରେନି । ପ୍ରଶାନ୍ତ ଜାଣେ ସ୍ମିତା ଆଉ ସିଏ ଦୁହେଁ ଏ ଦୁନିଆଁରେ ପୁରା ଏକୁଟିଆ କହିଲେ ଚଳେ । ନିଜର ବୋଇଲେ କେହି ନାହାନ୍ତି । କିନ୍ତୁ ସ୍ମିତାକୁ ତା'ର ସମୟର ଖୁବ କମ୍ ଭାଗ ହିଁ ଦେଇପାରେ । ସେଥିପାଇଁ ଦୁହିଙ୍କ ଭିତରେ କେବେ କେବେ ମନୋମାଳିନ୍ୟ ହେଇଯାଏ । କିନ୍ତୁ ପ୍ରଶାନ୍ତ ସବୁବେଳେ ସ୍ମିତାକୁ ଖୁବ ଭଲ ଭାବରେ ମନେଇ ଦିଏ । ସେ କଳାରେ ତାକୁ କେହି ପାରିବେନି । କାରଣ ବହୁତ ଭଲପାଏ ସେ ସ୍ମିତାକୁ ।

ଏଇ ଶିବରାତ୍ରୀର ଘଟଣା, ପ୍ରଶାନ୍ତ ସ୍ମିତାକୁ କହିଥିଲା ସେଇ ସପ୍ତାହରେ ମେଡ଼ିକାଲ ଚେକ୍‌ଅପ୍ ପାଇଁ ନେଇଯିବ ବୋଲି । କିନ୍ତୁ ସିଏ କଣ ଜାଣିଥିଲା ତା ସବୁ ସାଙ୍ଗ ମିଶି ତାକୁ ବାଧ୍ୟ କରି ଶିବରାତ୍ରୀ ମେଳାକୁ ନେଇଯିବେ ବୋଲି ? ଯେତେ କହିଲେ ବି ମାନିଲେନି । ଏକା ଜିଦ ପ୍ରଶାନ୍ତ ନଗଲେ କେହି ଯିବେନି । ଆଗରୁ ତ ସାଙ୍ଗ ମାନଙ୍କୁ ମୁଣ୍ଡରେ ବସେଇଛି । ଏବେ କରିବ କଣ ? ବାଧ୍ୟ ହେଇ ଶିବରାତ୍ରୀ ମେଳା ଗଲା । ଶିବରାତ୍ରୀ ମେଳାରେ ବୁଲୁଥିଲା ସିନା, ମନଟା ଥାଏ ସ୍ମିତା ପାଖରେ । ଖାଲି ଭାବୁଥିଲା ଘରକୁ ଫେରିଲେ କେମିତି କଣ କହିବ ? ଶିବରାତ୍ରୀ ମେଳାରେ ଯିଏ ଯାହା ଯାଚିଲା କିଛି ପାଟିରେ ଦେଲାନି । ମନ ଭଲ ଥିଲେ ସିନା ରୁଚିବ ? ସେମିତି ସେମିତି ଭୋକ ପେଟରେ ଶିବରାତ୍ରୀ ମେଳାରେ ବୁଲୁଥିଲା । ଆଉ ବାରମ୍ବାର ସାଙ୍ଗମାନଙ୍କୁ କହୁଥିଲା, "ହେଲା ଭାଇ ! ସେତିକି ବୁଲିଥାଅ । ତୁମେ ସିନା ବାହା ସାହା ହେଇନ, ମୁଁ ତ ହେଇଛି । ମୋତେ କାହିଁକି ଅପଦସ୍ତ କରାଉଛ କହିଲ ? ଶୀଘ୍ର କାମ ସାର ଯିବା ।"

 Download Magazine from www.aahwaan.com

କିଏ ତା' କଥାକୁ ହସ ରେ ଉଡ଼େଇ ଦେଉଥାଏ ତ ଆଉ କିଏ ତାକୁ ଟାହି ଟାପରା କରି କହୁଥାଏ, "ଓଃ... ଇଏ ଏକୁଟିଆ ବାହା ହେଇଛି । ଆଉ କିଏ ଦୁନିଆଁରେ ବାହା ହେଇଛନ୍ତି କି ? ବେଶି ଘର ଘର ହେଉଛି । ରଖ ବେ ତୋ ଘର । ଶଳା... ସ୍ତ୍ରୀ ବୋଲକରା ! ଘଡିଏ ସାଙ୍ଗଙ୍କ ସହିତ କାଟି ପାରୁନି ।"

ଏମିତି କଥା କଟା କଟିରେ ବହୁତ ସମୟ ପଳେଇଥିଲା । ଘରକୁ ଫେରୁ ଫେରୁ ବହୁତ ଡେରି, ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖାଯାଉଥିଲା ।

"କେଉଁଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନାଁ ଆଉ କିଛି ? ତମର ଯେବେ ଇଚ୍ଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?"

ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କାଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ଲାଗିଲାଣି, ଜଲଦି ଖାଇବାକୁ ବାଢ଼ !"

ସ୍ମିତା ଅବାକ ହେଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇଏ ? ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ ପଡୁନି ? ନା, ଆଜି ଯାହା ବି ହେଉପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା ।

"କିଛି ରାନ୍ଧିନ ?" ଭୋକକୁ ଚାପି ପ୍ରଶାନ୍ତ କହିଲା ।

"ରାନ୍ଧିଛି, କିନ୍ତୁ ତୁମକୁ ଦେବିନି ।" ସ୍ମିତା ଗରଗର ହେଇ କହୁଥିଲା । ତା ପରେ ପୁଣି

Download Magazine from www.aahwaan.com

କହିଲା, "ଏତେ ଜୋରରେ କିଏ ଏମିତି ଧକ୍କା ଦିଏ ? ଆଉ ଟିକେକୁ ମୋ ମୁଣ୍ଡ କାନ୍ଥରେ ବାଜିଥାନ୍ତା ।"

"ଓ... ସରି... ତୁମେ ବାଟ ଓଗାଳି ଛିଡ଼ା କାହିଁକି ହେଇଥିଲ କି ? ମୁଣ୍ଡ ବାଜିନି ତ ? ବାଜିଥିଲେ ମୁଁ ଡାକ୍ତରଖାନା ନେଇ ଯାଇଥାନ୍ତି । କିଛି ଚିନ୍ତା କରନି ।" କହିବା ସହିତ ନିଜ ଡାହାଣ ଆଖିକୁ ବନ୍ଦ କରି ଜିଭ କାମୁଡ଼ି ସ୍ମିତାକୁ ଜଣେଇ ଦେଉଥିଲା ଯେ ସେ ଯାହା କରିଛି ଅଜାଣତରେ । ଏତେ ଜୋରରେ ଠେଲି ହେଇଯିବ ବୋଲି ସେ ଭାବିନଥିଲା ।

"ଆଉ ରଗାଅନି... କହି ଦେଉଛି । କୋଉଠି ଥିଲ ତୁମେ ?"

"ସରି ବାବା !... ଭୁଲ ହେଇଗଲା... ଆଉ ରାଗନି । ସତରେ ମୋତେ ବହୁତ ଭୋକ ଚାଲ ମିଶିକି ଖାଇବା ଆଉ କଥା ହେବା... ଓକେ !" ଏତିକି କହି ପ୍ରଶାନ୍ତ କୋଳେଇ ନେଲା ସ୍ମିତାକୁ । ସ୍ମିତା ଆଉ କେତେ ବା ରାଗନ୍ତା ? ନିଆଁରେ ପାଣି ପଡ଼ିଲା ପରି ସ୍ମିତାର ରାଗ ଥଣ୍ଡା ହେଇଗଲା । ଏଇ ହେଲା ନାରୀର ମହାନତା । ଟିକିଏ ସ୍ନେହ ଆଦର ପାଇଲେ ଦୁନିଆଁର ସବୁ କଷ୍ଟକୁ ହସି ହସି ସହିଯିବେ ।

ଦୁହେଁ ଯାଇ ଯାହା ରନ୍ଧା ହେଇଥିଲା ସାଙ୍ଗ ହେଇକି ବଢ଼ାବଢ଼ି କଲେ । ଖାଇବା ବାଢୁ ବାଢୁ ସ୍ମିତା କହୁଥିଲା, "ଜାଣିଛ, ମୁଁ ବି କିଛି ଖାଇନି । ବହୁତ ଭୋକ । ସ୍ତ୍ରୀକୁ ଏମିତି ଭୋକରେ ରଖନ୍ତି ? ପାପ ହବ, ଆଉ କେବେ ବି ଏମିତି କରିବନି ।"

ପ୍ରଶାନ୍ତ କାନ ଧରିବା ଭଳି ଦୁଇ ହାତ ଛନ୍ଦି, ସ୍ମିତାର ମୁହଁକୁ ନିଜ ମୁହଁ ପାଖରେ ରଖି କହୁଥିଲା, "ଆଉ, କେବେ ସେମିତି ହବନି । ମୁଁ ଜାଣିଛି ତୁମେ ମୋତେ ନ ଖୁଆଇ ନିଜେ ଖାଇବନି । କିନ୍ତୁ ଏ ସବୁ ପୁରୁଣା ନୀତି ନିୟମ । ତାକୁ ଆଜିକାଲି ଏମିତି ମାନିଲେ ଚଳି ହବ ?"

"ଆଉ ? ତୁମେ ତୁମ କଥା ନରଖି ମୋତେ ଡାକ୍ତରୀ ପରୀକ୍ଷା ପାଇଁ ନ ନେଲେ ଚଳିବ, ନୁହେଁ ?"

"କହିଲି ପରା, ଭୁଲ ହେଇଗଲା । କାଲି ହିଁ ଯିବା, ମନ ଖୁସି ତ ?"

ପ୍ରଶାନ୍ତ ଆଉ ସ୍ମିତା ପରସ୍ପରକୁ ଖୁଆଇ ଦେଉଥିଲେ । ସ୍ୱର୍ଗୀୟ ବାତାବରଣ ଖେଳି ଯାଉଥିଲା । ସ୍ତ୍ରୀର ସୁଖ ସ୍ୱାମୀ ସୋହାଗରେ ।

ଖାଇ ସାରି ଦୁହେଁ ବହୁତ କଥା ହେଲେ । ପ୍ରଶାନ୍ତ ନିଜ ସାଙ୍ଗମାନଙ୍କ କଥା ମଧ୍ୟ କହିଲା । କେମିତି ସିଏ ଶିବରାତ୍ରୀ ମେଳା ଯିବାକୁ ଚାହୁଁ ନଥିଲେ ମଧ୍ୟ, ତା ସାଙ୍ଗମାନେ ତାକୁ ଜୋର କରି ଶିବରାତ୍ରୀ ମେଳା ବୁଲିବାକୁ ନେଇ ଯାଇଥିଲେ ଇତ୍ୟାଦି ସବୁ କହିଲା । ସବୁ ଶୁଣି ସ୍ମିତା ବୁଝି ପାରୁଥିଲା ପ୍ରଶାନ୍ତ ତାକୁ କେତେ ଭଲପାଏ । ଆଉ ନିଜକୁ ନିଜେ ଲଜ୍ଜିତ ହେଇ ଭାବୁଥିଲା କେତେ ରାଗିଯାଇଥିଲା ସେ, ପ୍ରଶାନ୍ତ ଉପରେ ।

ତା ପରଦିନ ପ୍ରଶାନ୍ତ ସ୍ମିତାକୁ ନେଇ ଡାକ୍ତରଙ୍କ ପାଖକୁ ଗଲା । ଡାକ୍ତର ସବୁ ଦେଖିଲେ । ଆଶ୍ୱାସନା ଦେଇ କହିଲେ, "କିଛି ଚିନ୍ତା କରନ୍ତୁ ନାହିଁ । ଏବେ ଦୁଇଜଣଙ୍କ ସବୁ ଟେଷ୍ଟ ରିପୋର୍ଟ ଭଲ ଆସିଛି । ପୂର୍ବରୁ ଯାହା ଟିକେ ଟିକେ ଅସୁବିଧା ଥିଲା ସବୁ ଭଲ ହେଇ ଆସିଲାଣି । ସ୍ମିତା ନିଶ୍ଚୟ ମା' ହେବ।"

କହିବାବାହୁଲ୍ୟ ବର୍ଷେ ପରେ ସ୍ମିତା ଗୋଟିଏ ପୁତ୍ର ସନ୍ତାନକୁ ଜନ୍ମ ଦେଲା । ତା ନାଁ କଣ ରଖିଥିବ କହିଲେ ? ପିଲାଟିର ଡାକ ନାଁ........ 'ସିପୁ' ...... ସ୍ମିତାରୁ 'ସି' ଆଉ ପ୍ରଶାନ୍ତରୁ 'ପୁ' । କେମିତି ଲାଗିଲା ?

Download Magazine from www.aahwaan.com

# ଏକ ଆଦର୍ଶ ସମାଜର ସ୍ୱପ୍ନ



ଶୁଭକାନ୍ତ ସାହୁ

ଘରକୁ ପଶି ଆସୁଥିବାବେଳେ ବାଟ ଓଗାଳି ଛିଡା ହୋଇଗଲା ସ୍ମିତା । ମୁହଁ ଲାଲ୍ ଦେଖାଯାଉଥିଲା । "କେଉଁଠି ଥିଲ ଏତେବେଳ ଯାଏଁ? ଏଇଟା ଘର ନା ଆଉ କିଛି ? ତମର ଯେବେ ଇଚ୍ଛା ହେବ ଆସିବ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ କି ନାହିଁ ?" ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କା ଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, "ମୋତେ ଭୋକ ହେଲାଣି, ଜଲଦି ଖାଇବାକୁ ବାଢ଼ ।"

ସ୍ମିତା ଅବାକ୍ ହୋଇ ଚାହିଁ ରହିଥଲା । କି ଅଦ୍ଭୁତ ମଣିଷ ଇୟେ ? ଏତେ ବିରକ୍ତ ହୋଇ ଗାଳି କଲେ ବି କିଛି ଫରକ୍ ପଡୁନି ? ନା ଆଜି ଯାହା ବି ହେଉ ପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିଲେ ଚଳିବ ନାହିଁ । ଆଜି ଖାଇବାକୁ ମିଳିବନାହିଁ ବୋଲି ସ୍ମିତା ଘୋଷଣା କରିଦେଲା ।

ବିବାହର ପନ୍ଦର ବର୍ଷ ପରେ ବି ସ୍ମିତା ପ୍ରଶାନ୍ତକୁ ହୁଏତ ଠିକ୍ ରୂପେ ବୁଝି ପାରିନଥିଲା । ବୁଝି ପାରିନଥିଲା ନୁହେଁ ତ ସବୁ ବୁଝି ଅବୁଝା ହେଉଥିଲା । ତା'ମନରେ ପ୍ରଶାନ୍ତ ପ୍ରତି ଗଭୀର ଭଲ ପାଇବା ଥିଲା; ଏହା ନିସନ୍ଦେହ ହେଲେ ପ୍ରଶାନ୍ତ ବିରାଟ ପୃଥିବୀର ବୃହତ୍ ସମାଜ ମଧ୍ୟରେ କେବଳ ଗୋଟିଏ ମଣିଷର ମାୟାରେ ବାନ୍ଧିହୋଇଯିବ ! ସେ ସ୍ତ୍ରୀର କେଉଁ ଆବଶ୍ୟକତା ବା ପୂରଣ ନ କରିଛି ? ଆଉ ରହିଲା ସମୟ ଦେବା । ସତରେ ସେ କ'ଣ ନିଜ ପରିବାରଠୁ କାହାକୁ ଅଧିକ ସମୟ ଦେଇଛି ? ? ତଥାପି ସ୍ତ୍ରୀ ଗୁଡ଼ିକ ଏମିତି ହିଁ ଭାବନ୍ତି ଅଫିସ୍

Download Magazine from www.aahwaan.com

ସରିଲେ ସ୍ୱାମୀ ଗୁଡ଼ାକ ତାଙ୍କ ଚତୁଃପାର୍ଶ୍ୱର୍ରେ ଏମିତି ନସର ପସର ହେଉଥାନ୍ତି ଯେମିତି ବିଶ୍ୱ-ବ୍ରହ୍ମାଣ୍ଡ ଭ୍ରମଣ କରିବାକୁ ଯାଇ ଶ୍ରୀ ଗଣେଷ ଶିବ-ପାର୍ବତୀଙ୍କ ଚତୁଃପାର୍ଶ୍ୱର୍ରେ ପରିକ୍ରମା କରୁଥିଲେ । ଯେଉଁ ସମାଜରେ ଏବଂ ଯେଉଁ ସମାଜ ପାଇଁ ସେ ଆଜି ପ୍ରତିଷ୍ଠିତ, ସେଇ ସମାଜ ପ୍ରତି ତା'ର କର୍ତ୍ତବ୍ୟ ଭୁଲିଯାଇ ନିଜ ସ୍ତ୍ରୀର ପଣତ ତଳେ ରହିଯିବ !

ପ୍ରଶାନ୍ତ ଦଳିତ ପରିବାରରେ ଜନ୍ମ । ପୁଣି ଜେଜେ ଯଦିଓ ସି ଅକ୍ଷର ବିବର୍ଜିତ ସିଏ କୁଆଡେ ଟିପମାରି ବି ମେହନ୍ତରୀ ଦରମା ଉଠାଉଥିଲେ । ସେଥିରୁ ଅଧା ମଦ୍ୟପାନ ଓ ଆଉ ଅଧା କୁଟୁମ୍ବ ପୋଷଣ । ହାକିମଙ୍କ ଚାପରେ ସେ  ଜେଜେଙ୍କୁ ମାତ୍ର ୫ମ ପଢ଼ିବାର ସୁଯୋଗ ଦେଇଥିଲେ । ସେଇ ୫ମ ପାଠରେ ତାଙ୍କୁ ପିଅନ ଚାକିରୀ ମିଳିଗଲା । ଜେଜେ ବସ୍ତିରୁ ବାହାରି ଦପ୍ତର ଗଲାବେଳେ ତାଙ୍କ ପାଖ ପଡ଼ୋଶୀ ସେମିତି ଥିଲେ, ଯେମିତି ଶହେ ବର୍ଷ ଆଗରୁ ଥଲେ । ଜେଜେ ବାପାଙ୍କ ପ୍ରଚେଷ୍ଟାରେ ବାପା ତିନିଥରରେ ହେଲେ ବି ମାଟ୍ରିକ୍ ପାଶ କରିଗଲେ । ହେଲେ ସରକାରଙ୍କ ଦୟା: ଜାତିଗତ ସଂରକ୍ଷଣ ପାଇଁ ସେ ବହୁ ସବର୍ଣ୍ଣଙ୍କୁ ପଛରେ ପକାଇ କିରାଣୀ ଚାକିରୀଟା ପାଇଗଲେ । ଆଉ ସଂରକ୍ଷଣର ସେଇ ଉତ୍ତରାଧିକାରୀ ସୂତ୍ରରେ ପ୍ରଶାନ୍ତ ଆଜି ଅଫିସର ।

ସ୍ମିତାର ବାପା ବି ସେଇ ଅବହେଳିତ ପରିବାର ବର୍ଗଙ୍କ ମଧ୍ୟରୁ ଜଣେ । ହେଲେ ଅଫିସରର ପତ୍ନୀ ହେଲାପରେ ସିଏ ଟିକେ ବେଶୀ ଫୁଲେଇ ହୋଇଯାଇଛି । ତା ଶୈଶବର ଦାରିଦ୍ର୍ୟତା, ମଇଳା ଚିରା ପୋଷାକ, ସ୍କୁଲ୍ ନ ଯାଇ ସ୍କୁଲ୍ ଯାଉଥିବା ପିଲାଙ୍କୁ ଖତେଇ ହେଉ ହେଉ ନାକର ସିଙ୍ଘାଣି ପାଟିରେ ପଶି ଯାଉଥିବାର ଅବସ୍ଥା – ଏସବୁ ଏବେ ସତେ ଯେମିତି ତା' ପୂର୍ବ ଜନ୍ମର ଥିଲା । ଅଫିସର୍ ପତ୍ନୀ  ହେବା ପରେ ସେ ବସ୍ତି ସହ ଆଉ କୌଣସି ସମ୍ପର୍କ ରଖିବାକୁ ଚାହୁଁନି । ପ୍ରଶାନ୍ତକୁ ବି ତାଗିଦ୍ ବସ୍ତିକୁ ନ ଯିବାପାଇଁ ।

 Download Magazine from www.aahwaan.com

ପ୍ରଶାନ୍ତ କିନ୍ତୁ ପତ୍ନୀପ୍ରେମ ପାଇଁ ଗୋଟେ ଅବହେଳିତ ସମାଜ ତଣ୍ଟିରେ ଗୋଡ ରଖି ଊର୍ଦ୍ଧ୍ୱକୁ ଉଠିବାକୁ ଚାହୁଁନି; ସେ ଚାହୁଁଛି ପୂରା ସମାଜଟାକୁ ତା ସାଥୀରେ ନେଇଯିବ । ତେଣୁ ପତ୍ନୀର ଶତ ଆକଟ ସତ୍ତ୍ୱେ ସେ ନିଜ ପଣି ଜେଜେଙ୍କ ଅମଳର ସେଇ ଅସନା ବସ୍ତିକୁ ଯାଏ । ତାର ଦାଦା, ମଉସା, ପିଉସା ଲେଖା ଲୋକ ସବୁ ତାକୁ "ବାବୁ ବାବୁ" ଡାକିଲେ ସେ ବାରଣ କରି କହେ "ପ୍ରଶାନ୍ତ" ଡାକିବାକୁ । ସେମାନଙ୍କ ପିଲାମାନଙ୍କୁ ପାଠ ପଢାନ୍ତୁ ବୋଲି ବୁଝାଏ । ନିଜ ରୋଜଗାରକୁ ମଦମାଂସରେ ନ ସାରି ପିଲାଙ୍କ ପାଠପଢା ତଥା ପରିବାର ପାଇଁ ଖର୍ଚ୍ଚ କରନ୍ତୁ ବୋଲି କହେ । ବସ୍ତିର ମଇଳା ଅସନା ଦୁର୍ଗନ୍ଧମୟ ପରିବେଶ କିପରି ଏକ ସୁସ୍ଥ ସୁନ୍ଦର ପରିବେଶର ରୂପ ନେବ ତା'ର ନକ୍ସା କରେ । ଯେଉଁ ଜାତିଗତ ସଂରକ୍ଷଣବାଦରେ ତା'ର ପରିବାର ଆଜି ଭୂମିରୁ ଭୂମା ଯାଏଁ ପହଞ୍ଚି ପାରିଛି, ତା'ରି ଆଧାରରେ ସେ ସମଗ୍ର ଜାତିକୁ ଭୂମାଷ୍ପର୍ଶ କରିବାର ସୁଯୋଗ କାହିଁକି ନଦେବ ? ସଂରକ୍ଷଣବାଦର ସୁଯୋଗ କେବଳ ଗୋଟିଏ ପରିବାର କାହିଁକି ଉଠାଇ ଚାଲିଥିବ ? ? ତେଣୁ ପ୍ରଶାନ୍ତ ଗୋଟିଏ ସ୍ୱଅବହେଳିତ ସମାଜର ଉତ୍ଥାନ ପାଇଁ ସଂକଳ୍ପ ନେଇଛି ।

ବସ୍ତି ପିଲାଙ୍କ ପାଠପଢାର ଦାୟିତ୍ୱ ସେ ନେଇଛି । ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଯେଉଁମାନଙ୍କ ପ୍ରତ୍ୟକ୍ଷ ସଂଶ୍ଳିଷ୍ଟରେ ସଫଳ ହେବାକୁ ଯାଉଛି, ସେମାନେ ନିଜେ କାହିଁକି ଅସ୍ୱଚ୍ଛ ହୋଇ ରହିଥିବେ ! ଏକ ଶିକ୍ଷିତ ସମାଜ ହିଁ ସ୍ୱଚ୍ଛତାକୁ ଠିକ୍ ଭାବେ ବୁଝିପାରିବ ଓ ନିଜର ଅଧିକାରକୁ ସାବ୍ୟସ୍ତ କରିପାରିବ । ସେଦିନ ହୁଏତ ସେ ନଥବ, ଯେଉଁଦିନ ତାର ଏ ଛୋଟିଆ ଉଦ୍ୟମ ତା'ଜାତିକୁ ଏତେ ଆଗକୁ ନେଇଯାଇଥବ ଯେ ଜାତିଗତ ସଂରକ୍ଷଣବାଦର ବୋଝକୁ ଏ ଜାତି ଆଉ ଉଠାଇବାକୁ ପ୍ରସ୍ତୁତ ନଥିବ ବରଂ ଦାବି କରିବ କେବଳ ସଂରକ୍ଷଣବାଦ ପାଇଁ ଏଇ ଜାତିକୁ ଅସବର୍ଣ୍ଣ ଆକ୍ଷେପ କରାନଯାଉ । ଏ ଜାତି ଏବେ ସବର୍ଣ୍ଣଙ୍କ

Download Magazine from www.aahwaan.com

ସହ ସଂପୂର୍ଣ୍ଣ ସମକକ୍ଷ । ଏ ଜାତି ତତ୍କାଳୀନ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବ ଯେ ସଂରକ୍ଷଣ ଆଢୁଆଳରେ ସମାଜରେ ଏ ସବର୍ଣ୍ଣ-ଅସବର୍ଣ୍ଣ ପ୍ରାଚୀର ସେମାନଙ୍କର ଦରକାର ନାହିଁ । ସରକାର ଏ ପ୍ରାଚୀର ଭଗ୍ନ କରି ଘୋଷଣା କରନ୍ତୁ ସମାଜରେ କୌଣସି ସବର୍ଣ୍ଣ-ଅସବର୍ଣ୍ଣ ଜାତି ନାହିଁ; ଅଛି କେବଳ ମାନବ ଜାତି !

ଯା' ମନରେ ଏତେ ବଡ଼ ଜାତି ପାଇଁ ଏତେ ବଡ଼ ସମାଜ ପାଇଁ ଏତେ ବଡ ପରିବର୍ତ୍ତନର ଯୋଜନା ଅଛି, ସେ କ'ଣ ତା'ର ଏକମାତ୍ର ସ୍ନେହକାଙ୍ଗାଳୀ ପତ୍ନୀଟିକୁ ପରିବର୍ତ୍ତନ କରିପାରିବନି ? ସ୍ମିତାର ମନକୁ ଜିଣିବା ପାଇଁ ସେ ଅଧରରେ ସ୍ମିତହାସ୍ୟଟିଏ ତୋଳି କହିଲା, “ଠିକ୍ ଅଛି, ଆଜି ତମେ ମୋତେ ଖାଇବାକୁ ଦେବନାହିଁ ତ, ତାହାଲେ ଆଜି ମୁଁ ତମକୁ ଖାଇବକୁ ଦେବି ।” ପ୍ରଶାନ୍ତ ଖାଇବା ବାଢ଼ିବାକୁ ଗଲାବେଳେ ସ୍ମିତା କହିଲା, “ଥାଉ ଥାଉ । ଆଉ ଏତେ ପଟେଇବା ଦରକାର ନାହିଁ । ବସ ମୁଁ ଖାଇବାକୁ ବାଢୁଛି ।”

ଦେଉଳପଲ୍ଲୀ , କଳମ୍ବ, ପୋଲସରା, ଗଂଜାମ ।

ପିନ: ୭୬୧୧୦୫, ଓଡ଼ିଶା

ମୋବାଇଲ୍ : ୯୦୪୦୩୨୦୧୮୬

Download Magazine from www.aahwaan.com

# ଫେବୃଆରୀ ୨୦୧୮ ମସିହାର ସଂସ୍କରଣରେ ପ୍ରକାଶିତ ଗଳ୍ପସ୍ପର୍ଦ୍ଧାରେ ସଫଳ ହୋଇଥିବା ପ୍ରତିଯୋଗୀ :



## ପ୍ରଥମ ସ୍ଥାନ :

## ସୁବଳ ମହାପାତ୍ର

## ଦ୍ୱିତୀୟ ସ୍ଥାନ



ବିଜୟିନୀ ପଣ୍ଡା



ସିପ୍ରା ନାମତା



ସରସୀ ଆଚାର୍ଯ୍ୟ

## ତୃତୀୟ ସ୍ଥାନ



ଅରବିନ୍ଦ ଆଚାର୍ଯ୍ୟ



ପ୍ରଶାନ୍ତ କୁମାର ନାଥ



ଦୀପକ ଷଡ଼ଙ୍ଗୀ

Download Magazine from www.aahwaan.com

# ଅପ୍ରେଲ ମାସ ପାଇଁ ଗଳ୍ପ ସ୍ପର୍ଦ୍ଧା

ଆହ୍ୱାନରେ ବିଗତ କିଛି ମାସ ହେବ ଆମେ ଆରମ୍ଭ କରିଛୁ ଏକ ନୂତନ ବିଭାଗ । ପତ୍ରିକାରେ ପ୍ରକାଶନ ଯୋଗ୍ୟ କାହାଣୀ ନିବେଦନ କରାଯାଉଛି କିନ୍ତୁ ସେଥିପାଇଁ ଯେଉଁ ଲେଖା ପଠାଇବାକୁ ହୁଏ ତାହାର ସମ୍ୟକ କଥନ ଆମେ ଏଠାରେ ଦେଇଥାଉ ଏବଂ ତାହାକୁ କାହାଣୀରେ ସ୍ଥାନ ଦେଇ ଗୋଟିଏ କାହାଣୀ ସୃଷ୍ଟି କରିବାକୁ କୁହାଯାଏ । ଆପଣ ମଧ୍ୟ ଚାହିଁଲେ ନିମ୍ନରେ ଦିଆଯାଇଥିବା କାହାଣୀର ଅଂଶକୁ ନେଇ ନିଜେ ଗୋଟିଏ ସୁନ୍ଦର କାହାଣୀ ଲେଖି ଆମ ନିକଟକୁ ପଠାଇ ପାରିବେ । ମନେ ରଖନ୍ତୁ ଆପଣଙ୍କ କାହାଣୀରେ ଆମେ ଦେଇଥିବା କାହାଣୀର ଅଂଶ ନିଶ୍ଚୟ ଭାବରେ ରହିଥିବ ।

"କୁନା କାହିଁ ? ଦେଖାଯାଉନି ?" ସବୁ ଘର ବୁଲିଦେଇ ପଚାରୁଥିଲା ବିନୟ । ଅଫିସରୁ ଫେରିବାପରେ ନିଜର ଏକମାତ୍ର ଗେହ୍ଲା ପୁଅ ସହ କିଛି ସମୟ ନ ଖେଳିଲେ ତାକୁ ଭଲ ଲାଗେନି । ରୋଷେଇ ଘରୁ କହୁଥିଲା ମିନୁ, "ଦେଖୁନ ! ଏଇଠି କୋଉଠି ଖେଳୁଥିବ ? ବାହାରେ ଯାଇ ଦେଖ ।"

କିଛି ସମୟପରେ ବିନୟର ଉଚ୍ଚସ୍ୱରରେ ଘର କମ୍ପି ଉଠୁଥିଲା । "ବାରମ୍ବାର ମନା କରିଲି ପିଲାକୁ ବାହାରକୁ ପଠାଅନି । ସୋସାଇଟିରେ ବାଜେ ପିଲାଙ୍କ ସହିତ ବସି ବାଲି ଖେଳୁଥିଲା । ଏଇୟା ସବୁ ଶିଖୁଛି ତମ ପୁଅ ? ଦେଖ ତା ଦେହ... ବାଲିଧୂଳିରେ ଭର୍ତ୍ତି । ଦେହ ଖରାପ ହେଉ, ମୋତେ କହିବ !"

ରୋଷେଇଘରୁ ବାହାରି ଆସୁ ଆସୁ ମିନୁ କହୁଥିଲା, "ଓହୋ, ପିଲାଟା ଟିକେ ଖେଳିଦେଲେ କଣ ହେଇଗଲା ? ତମେ ଖେଳୁନଥିଲ କି ? ଜନ୍ମରୁ ଏସି ରୁମରେ ବଢ଼ିଥିଲ ନା କଣ ?"

ମନେ ରଖନ୍ତୁ ଏହି ପାରାଗ୍ରାଫଟି ଆପଣଙ୍କ କାହାଣୀରେ ରହିବା ଅନିବାର୍ଯ୍ୟ । ଆପଣ ଏହାକୁ କାହାଣୀରେ ଯେ କୌଣସି ଭାଗରେ ରଖିପାରିବେ । କାହାଣୀ ଆମ ନିକଟକୁ ୨୦୧୮, ଅପ୍ରେଲ ମାସ ତିନି ତାରିଖ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ । ଆମ ଇମେଲ୍ ଠିକଣା : aahwaan@gmail.com

 Download Magazine from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅପ୍ରେଲ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ଅପ୍ରେଲ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Article for APRIL 2018 Edition: YOURNAME (ନିଜ ନାଁ ଲେଖିବେ)

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Download Magazine from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୂନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୂନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com